

ଆଲିଆ ନେଇଛନ୍ତି ୨୫ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-09 ◆FRIDAY ◆03 JULY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୦୯ ◆ଶୁକ୍ରବାର ◆୦୩ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ‘ମିଶନ ଆଗମନ’ର ମହାକାଶ ଯାତ୍ରାରେ ‘ବିକ୍ରମ-୧’

■ ଶ୍ରୀହରିକୋଟା, ୨।୭ (ଏଜେନ୍ସି): ଭାରତର ମହାକାଶ ବିଜ୍ଞାନ କ୍ଷେତ୍ରରେ ଏକ ନୂଆ ଇତିହାସ ରଚିବାକୁ ଯାଉଛି। ଦେଶର ପ୍ରଥମ ସମ୍ପୂର୍ଣ୍ଣ ଘରୋଇ ଜ୍ଞାନକୌଶଳରେ ନିର୍ମିତ କକ୍ଷପଥ ରକେଟ୍ ‘ବିକ୍ରମ-୧’ ନିଜର ପ୍ରଥମ ପରୀକ୍ଷାମୂଳକ ଉଡ଼ାଣ ପାଇଁ ପ୍ରସ୍ତୁତ ହୋଇଛି। ହାଇଦ୍ରାବାଦର ମହାକାଶ ଷ୍ଟାର୍ଟଅପ୍ କମ୍ପାନୀ ‘ସ୍କାଏରୁଟ୍ ଏରୋସ୍ପେସ୍’ ଦ୍ୱାରା ନିର୍ମିତ ଏହି ରକେଟ୍ ଜୁଲାଇ ୧୨ ରୁ ଅଗଷ୍ଟ ୪ ମଧ୍ୟରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ କରାଯିବ। ଏହି ଅଭିଯାନର ନାମ ‘ମିଶନ ଆଗମନ’ ରଖାଯାଇଛି। ଏହି ରକେଟ୍‌ଟି



ସମ୍ପୂର୍ଣ୍ଣ ଭାବେ ଭାରତରେ ପ୍ରସ୍ତୁତ କରାଯାଇଛି। ଏହାର ବାହ୍ୟ ଗଠନ କାର୍ବନ କମ୍ପୋଜିଟ୍‌ରେ ତିଆରି ହୋଇଥିବା ବେଳେ ଏଥିରେ ସଲିଡ୍ ଫ୍ୟୁଏଲ୍ ବୁଷ୍ଟର ଏବଂ ୩ଡି-ପ୍ରିଣ୍ଟେଡ୍ ତରଳ ଇନ୍ଧନ ଇଞ୍ଜିନର ବ୍ୟବହାର କରାଯାଇଛି। ବିଶେଷ କରି ଛୋଟ ଛୋଟ ଉପଗ୍ରହଗୁଡ଼ିକୁ ମହାକାଶକୁ ପଠାଇବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି। ଏହା ପୃଥିବୀର ନିମ୍ନ କକ୍ଷପଥ (ଏଲ୍‌ଇଓ) କୁ ୩୫୦ କିଲୋଗ୍ରାମ ଏବଂ ସୂର୍ଯ୍ୟ-ସମକାଳୀନ କକ୍ଷପଥ (ଏସ୍‌ଏସ୍‌ଓ) କୁ ୨୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନର ଉପଗ୍ରହ ନେଇ ଯାଇପାରିବ। ଏହି ରକେଟ୍‌କୁ ଚଳାଇବା ପାଇଁ କୌଣସି ▶ପୃଷ୍ଠା-୭

## ଡ. ଜଗନ୍ନାଥ ନାୟକ ମିସାଇଲ୍ସ ଓ ଷ୍ଟ୍ରାଟେଜିକ୍ ସିଷ୍ଟମ୍‌ସ ମହାନିର୍ଦ୍ଦେଶକ

■ ଭୁବନେଶ୍ୱର, ୨।୭(ସମିସ): ଓଡ଼ିଶା ପାଇଁ ଆଉ ଏକ ଗୌରବର ମୁହୂର୍ତ୍ତ। ଜଗତସିଂହପୁର ଜିଲ୍ଲା ଅରଖକୁଦ ଗ୍ରାମରେ ଜନ୍ମିତ ବିଶିଷ୍ଟ ବୈଜ୍ଞାନିକ ଡ. ଜଗନ୍ନାଥ ନାୟକ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ରେ ମିସାଇଲ୍ସ ଓ ଷ୍ଟ୍ରାଟେଜିକ୍ ସିଷ୍ଟମ୍‌ସର ମହାନିର୍ଦ୍ଦେଶକ (ଡିଜି) ପଦରେ ଯୋଗ ଦେଇଛନ୍ତି। ଏହାପୂର୍ବରୁ ଡ. ନାୟକ ହାଇଦ୍ରାବାଦସ୍ଥିତ ‘ସେଣ୍ଟର ଫର୍ ହାଇ ଏନର୍ଜି ସିଷ୍ଟମ୍ସ ଆଣ୍ଡ ସାଇନ୍ସ (ସିଏଚ୍‌ଇଏସ୍‌ଏସ୍)’ ର ନିର୍ଦ୍ଦେଶକ ଥିଲେ। ଡିଆର୍‌ଡିଓରେ ତାଙ୍କର ୩୫ ବର୍ଷର ଅଭିଜ୍ଞତା ରହିଥିବାବେଳେ ପ୍ରତିରକ୍ଷା ଓ ଏରୋସ୍ପେସ୍ କ୍ଷେତ୍ରରେ ସ୍ୱଦେଶୀ ଏଭିଓନିକ୍ସ ପ୍ରଯୁକ୍ତିର ବିକାଶରେ ସେ ଉଲ୍ଲେଖନୀୟ



ଡିଆର୍‌ଡିଓର ପ୍ରମୁଖ ପଦବୀରେ ଓଡ଼ିଆ

ଅବଦାନ ରଖିଛନ୍ତି। ସିଏଚ୍‌ଇଏସ୍‌ଏସ୍‌ର ନିର୍ଦ୍ଦେଶକ ଥିବା ସମୟରେ ତାଙ୍କ ନେତୃତ୍ୱରେ ଭାରତର ପ୍ରଥମ ଡାଇରେକ୍ଟେଡ୍ ଏନର୍ଜି ୱେପନ୍ (ଡିଇଡବ୍ଲ୍ୟୁ) ପ୍ରଣାଳୀର ବିକାଶ ଓ ପରୀକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଥିଲା। ସେହିପରି ରିସର୍ଚ୍ଚ ସେଣ୍ଟର ଇମାରତ୍ (ଆର୍‌ସିଆଇ)ରେ କାର୍ଯ୍ୟରତ ଥିବାବେଳେ ଆକାଶ କ୍ଷେପଣାସ୍ତ୍ର ପାଇଁ ସ୍ୱଦେଶୀ ଫାଇବର୍ ଅପ୍ଟିକ୍ ଜାଇରୋସ୍କୋପ୍ (ଏଫ୍‌ଓଜି) ଆଧାରିତ ଗାଇଡେନ୍ସ ସିଷ୍ଟମ୍ ଏବଂ ଆଣ୍ଟି-ଡ୍ରୋନ୍ ପ୍ରଯୁକ୍ତି ବିକାଶରେ ସେ ନେତୃତ୍ୱ ନେଇଥିଲେ। ଡ. ନାୟକଙ୍କ ୧୨୫ରୁ ଅଧିକ ଗବେଷଣା ପ୍ରବନ୍ଧ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରିକାରେ ▶ପୃଷ୍ଠା-୭

### ଆଦାନୀ-ଆଇଏଚ୍‌ସି ନିବେଶ କରିବେ ୧.୧ ଲକ୍ଷ କୋଟି

# ଦେଶର ଆଲୁମିନିୟମ ପେଣ୍ଠ ହେବ ଓଡ଼ିଶା

■ ଭୁବନେଶ୍ୱର, ୨।୭ (ସମିସ): ଓଡ଼ିଶା ହେବ ଦେଶର ଆଲୁମିନିୟମ ପେଣ୍ଠ। ଆଦାନୀ-ଆଇଏଚ୍‌ସି ଯୌଥ ଉଦ୍ୟୋଗ ଓଡ଼ିଶାରେ ୧.୧ ଲକ୍ଷ କୋଟି ଟଙ୍କା ନିବେଶ କରିବ। ଗୁରୁବାର ସ୍ଥାନୀୟ ଲୋକସେବା ଭବନରେ ଏଥିନେଇ ‘ଇପିକଲ୍’ ଓ ୟୁଏଇର ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ (ଆଇଏଚସି ଗ୍ରୁପ୍) ମଧ୍ୟରେ ସ୍ୱାକ୍ଷରିତ ହୋଇଛି ଚୁକ୍ତିନାମା। ଏହି ମେଗା ପ୍ରକଳ୍ପ ଦ୍ୱାରା ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୩୫,୦୦୦ ଏବଂ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୮,୫୦୦ ଲୋକଙ୍କ ନିମନ୍ତେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ଆଧୁନିକ ଓ ସମାବେଶୀ ଓଡ଼ିଶା ଗଠନ କରିବା ପାଇଁ ଆମର ଉଦ୍ୟମ ସଫଳତାର ସହ ଜାରି ରହିଛି। ଓଡ଼ିଶାର ସମ୍ବଳ ଓ ପ୍ରତିଭା ସହ ମଧ୍ୟ-ପ୍ରାଚ୍ୟର ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ଏକ ସମୃଦ୍ଧ ପାର୍ଟନରସିପ୍ ଗଠନ ହେବ ବୋଲି ସେ ଦୃଢ଼ ଆଶା ପ୍ରକଟ କରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ବକ୍ସାଇଟ୍ ଖଣି କାର୍ଯ୍ୟ, ଆଲୁମିନା ରିଫାଇନିଂ,



ଶିଳ୍ପାୟନର ଧାରାକୁ ସୁଦୃଢ଼ କରିବ ଏହି ପ୍ରକଳ୍ପ: ମୁଖ୍ୟମନ୍ତ୍ରୀ

ଆଲୁମିନିୟମ୍ ସ୍ମେଲଟିଂ, କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ ସମେତ ଡାଉନ୍‌ଷ୍ଟ୍ରିମ୍ ଆଲୁମିନିୟମ୍ ଉତ୍ପାଦନ ଓ ଭିତ୍ତିଭୂମିର ବିକାଶ କରାଯିବ। ରାଜ୍ୟର ଖଣିଜ ସମ୍ବଳରୁ କେବଳ ରପ୍ତାନି ନୁହେଁ, ବରଂ ବ୍ୟାପକ ମୂଲ୍ୟ ସଂଯୋଜନ ମାଧ୍ୟମରେ ଶିଳ୍ପାୟନ ଏବଂ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ବିଶ୍ୱସ୍ତରରେ ବର୍ତ୍ତମାନ ‘ଗ୍ରୀନ୍ ମେଟାଲ୍ସ’ ଓ ପରିବେଶ ଉପଯୋଗୀ ଶିଳ୍ପାୟନର ଧାରା ସୃଷ୍ଟି ହୋଇଛି। ଏ ଦିଗରେ ଓଡ଼ିଶା ବର୍ତ୍ତମାନ ଏକ ଅଗ୍ରଣୀ ଭୂମିକା ନେବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଏହି ପ୍ରକଳ୍ପ ଆମର ଏ ଲକ୍ଷ୍ୟ ପୂରଣ କରିବା ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରକଳ୍ପର ସଫଳତା ପାଇଁ ଜମି, ଜଳ, ବିଦ୍ୟୁତ, ଲଜିଷ୍ଟିକ୍ସ ଏବଂ ସରକାରୀ ମଞ୍ଜୁରୀ ଭଳି ସମସ୍ତ ଆନୁଷଙ୍ଗିକ ସୁବିଧା ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ସମନ୍ୱିତ ଏବଂ ସମୟବଦ୍ଧ ଭାବରେ ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ଆଇଏଚସିର ଚିଫ୍ ଷ୍ଟ୍ରାଟେଜିକ୍ ଅଫିସର ପିଟର ଆବ୍ରାମ କହିଥିଲେ ଯେ ଏହା ଭାରତ ଏବଂ ୟୁଏଇ ମଧ୍ୟରେ ଏକ ସୁଦୃଢ଼ ସମ୍ପର୍କର ନୂତନ ଅଧ୍ୟାୟ ସୃଷ୍ଟି କରିବ। ଏହି ଚୁକ୍ତି କେବଳ ଏକ ବ୍ୟବସାୟିକ ନିବେଶ ନୁହେଁ, ବରଂ ଓଡ଼ିଶାର ସ୍ଥାୟୀ ବିକାଶ ପାଇଁ ଏକ ଦୀର୍ଘକାଳୀନ ଭାଗିଦାରୀ। ଆସ୍ଥା, ସମାନ ଚିନ୍ତାଧାରା ଓ ମିଳିତ ଲକ୍ଷ୍ୟ ଆଧାରରେ ଗଠିତ ଏହି ସମ୍ପର୍କ ଆଗାମୀ ଦିନରେ ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି, ଆର୍ଥିକ ସେବା ଏବଂ ଗ୍ରାହକ ସେବା କ୍ଷେତ୍ରରେ ବ୍ୟାପକ ସଫଳତା ଆଣିଦେବ। ଏହି ଅବସରରେ ଆଦାନୀ ପୋର୍ଟସ୍ ଆଣ୍ଡ ଏସଇଜେଡ୍ ଲିମିଟେଡ୍ ମ୍ୟାନେଜିଂ ଡାଇରେକ୍ଟର କରନ୍ ଆଦାନୀ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପ୍ରଚୁର ଖଣିଜ ▶ପୃଷ୍ଠା-୭

## ନ୍ୟାୟିକ ପ୍ରକ୍ରିୟାରେ ଏଆଇ ଅଦୃଶ୍ୟ, ଭୟଙ୍କର: ସୁପ୍ରିମ୍‌କୋର୍ଟ

■ ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଅନିୟନ୍ତ୍ରିତ ବ୍ୟବହାରକୁ ନେଇ ସୁପ୍ରିମକୋର୍ଟ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏକ ମାମଲାରେ ଏଆଇ ଦ୍ୱାରା ପ୍ରସ୍ତୁତ ନକଲି ଓ କାଳ୍ପନିକ ପୂର୍ବ ନଜିର (ପ୍ରେସିଡେଣ୍ଟ) ଉପରେ ଭରସା କରି ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ୍ ଦେଇଥିବା ଏକ ରାୟକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ‘ଏସେଲ୍ ଇନଫ୍ରାପ୍ରୋଜେକ୍ଟସ’ର ଦେବାଳିଆ ମାମଲାରେ ଏନସିଏଲଟି’ର ମୁମ୍ବାଇ ବେଞ୍ଚ ଏଭଳି କେତେକ ଆଇନଗତ ନଜିର ଉପରେ ନିର୍ଭର କରିଥିଲା, ଯାହାର ବାସ୍ତବରେ କୌଣସି ଅସ୍ତିତ୍ୱ ହିଁ ନାହିଁ। ଏହିସବୁ ଭ୍ରମାତ୍ମକ ତଥ୍ୟ ଏଆଇ ଟୁଲ୍ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ଜଷ୍ଟିସ ପି.ଏସ. ନରସିଂହ ଏବଂ ଜଷ୍ଟିସ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଏହି ପ୍ରକ୍ରିୟାକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, “ଆଇନ ଜଗତରେ ଏଆଇ ଦ୍ୱାରା ପ୍ରସ୍ତୁତ ନକଲି ଓ କାଳ୍ପନିକ ତଥ୍ୟର ବ୍ୟବହାର ହେଉଛି ମିଥାଇଲ୍ ଆଇସୋସାଇନେଟ୍ ଗ୍ୟାସ ନିର୍ଗତ ହେବା ପରି। ଏହା ଅଦୃଶ୍ୟ, କପଟପୂର୍ଣ୍ଣ ଏବଂ ବିପଜ୍ଜନକ। ଏହା ଉପରେ ନଜର ପଡ଼ିବା ବେଳକୁ ଏହା କେବଳ ବ୍ୟବସ୍ଥାକୁ ପ୍ରଦୂଷିତ କରିନଥାଏ, ବରଂ ନ୍ୟାୟିକ ନିଷ୍ପତ୍ତିର ମୂଳଦୁଆକୁ ଉଜାଡ଼ି ଦେଇଥାଏ।’ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ନ୍ୟାୟିକ ପ୍ରକ୍ରିୟାକୁ ସହଜ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇପାରେ, କିନ୍ତୁ ପ୍ରତ୍ୟେକ ସ୍ତରରେ ମଣିଷର ସମ୍ପୂର୍ଣ୍ଣ ଓ ଚୂଡ଼ାନ୍ତ ନିୟନ୍ତ୍ରଣ ରହିବା ଆବଶ୍ୟକ। ଏଆଇ ଉପରେ ଅତ୍ୟଧିକ ନିର୍ଭରଶୀଳତା ମଣିଷର ଚିନ୍ତାଧାରା ଓ ବିଚାର ଶକ୍ତିକୁ କ୍ଷତି ପହଞ୍ଚାଉଛି। ଜାମ୍ମୁ ଆଣ୍ଡ କାଶ୍ମୀର ବ୍ୟାଙ୍କ ଲିମିଟେଡ୍ ଦ୍ୱାରା ଦାୟର ହୋଇଥିବା ୮୭.୪୩ କୋଟି ଟଙ୍କାର ଋଣ ଖିଲାପି ମାମଲାରେ ଏନସିଏଲଟି ଏସେଲ୍ ଇନଫ୍ରାପ୍ରୋଜେକ୍ଟସ ବିରୋଧରେ ଦେବାଳିଆ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ ଏନସିଏଲଏଟି ମଧ୍ୟ କାଏମ ରଖିଥିଲା। ଏହି ▶ପୃଷ୍ଠା-୭



### ବଙ୍ଗୋପସାଗରରେ ଲଘୁଚାପ

## ମୌସୁମୀ ସକ୍ରିୟ; ବଢ଼ିଲା ବର୍ଷା

■ ଭୁବନେଶ୍ୱର, ୨।୭ (ସମିସ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ପରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ପ୍ରଥମ ଲଘୁଚାପ। ଗତକାଲିର ଘୂର୍ଣ୍ଣିବଳୟ ପ୍ରଭାବରେ ଗୁରୁବାର ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡିଶା-ପଶ୍ଚିମବଙ୍ଗ ଉପକୂଳରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହ ଜଡ଼ିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୭.୬ କିମି ଉଚ୍ଚତା ଯାଏଁ ବ୍ୟାପିଥିବା ବେଳେ ଏହା ଆଗାମୀ ୨-୩ ଦିନ ମଧ୍ୟରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଲଗାଣ ବର୍ଷା ଆରମ୍ଭ ହୋଇଛି। ମୁଖ୍ୟତଃ ଲଘୁଚାପ ଯୋଗୁଁ ମୌସୁମୀ ସକ୍ରିୟ ହେବା ସହ ବର୍ଷା ପାଇଁ ପାଗ ଅନୁକୂଳ ହୋଇଛି। ଏହି କ୍ରମରେ ବୁଧବାରଠାରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଭଲ ବର୍ଷା ହୋଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏଭଳି ପାଗ ଲାଗି



୪ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ପ୍ରବଳ ବର୍ଷା ଚେତାବନୀ

ରହିବ। ଏହି ସମୟରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସାଙ୍ଗକୁ ଅନେକ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହେବ। ଶୁକ୍ରବାର ଦିନ କୋରାପୁଟ ଓ ମାଲକାନଗିରିରେ ସର୍ବାଧିକ ବର୍ଷା ଆଶଙ୍କା ରହିଥିବା ବେଳେ ଏଠାରେ ପ୍ରବଳରୁ ଅତି ପ୍ରବଳ ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କା ରହିଛି। ▶ପୃଷ୍ଠା-୭

### ରାଜ୍ୟ ବିଜେପିରେ ହଲ୍‌ଚଲ୍

## ଆସିବେନି ଶାହା; ଦିଲ୍ଲୀ ଗଲେ ମୋହନ

■ ଭୁବନେଶ୍ୱର, ୨।୭ (ସମିସ): ରାଜ୍ୟ ବିଜେପିରେ ଅକସ୍ମାତ ଆରମ୍ଭ ହୋଇଛି ହଲଚଲ୍। ଗତ ତିନି ଚାରିଦିନର ଘଟଣାକ୍ରମକୁ ଦେଖିଲେ ବିଜେପିରେ କିଛି ଗୋଟାଏ ହେବାକୁ ଯାଉଛି। ନିଗମ ଓ ବୋର୍ଡ଼ ନିଯୁକ୍ତି, ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ମଝିରେ ମଝିରେ ଚର୍ଚ୍ଚା ହୋଇହୋଇ ଏହି ପ୍ରସଙ୍ଗ ଗୁରୁତ୍ୱ ହରାଇ ସାରିଲାଣି। ଆଶାୟୀଙ୍କ ଆଖିରୁ ପାଣି ମଲାଣି, ଅନେକ ନେତା ନିରାଶ ହୋଇ ନିରବ ହୋଇ ଗଲେଣି; ମାତ୍ର ଏହି ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପିର ଅନ୍ୟତମ ଶୀର୍ଷ ନେତା ଅମିତ୍ ଶାହାଙ୍କ ୪ ତାରିଖରେ ପ୍ରସ୍ତାବିତ ଓଡ଼ିଶା ଗସ୍ତ ବାତିଲ, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅକସ୍ମାତ ଦିଲ୍ଲୀ ଗସ୍ତ ଘଟିବାକୁ ଥିବା ଅନେକ କିଛି ଘଟଣାକୁ ଇଙ୍ଗିତ କରିଛି। ପୁଣି ନିକଟରେ ଦିଲ୍ଲୀରୁ ଫେରିଥିବା ରାଜ୍ୟ ବିଜେପି

**ମନମୋହନଙ୍କୁ ଦିଲ୍ଲୀ ଡକରା, ଚର୍ଚ୍ଚା ବଢ଼ାଇଲା ସୁରେଶଙ୍କ ମନ୍ତବ୍ୟ**

**ଦିଲ୍ଲୀରେ ଏସ୍‌ଆଇଆର୍ ଆଲୋଚନା, ମାସ ଶେଷରେ ନିଗମ ନିଯୁକ୍ତି**

ସଭାପତି ମନମୋହନ ସାମଲଙ୍କୁ ପୁନର୍ବାର ଦିଲ୍ଲୀ ଡ଼କରା ରାଜ୍ୟରେ ସୃଷ୍ଟି କରିଥିବା କଳ୍ପନାଜଳ୍ପନାକୁ ଅଧିକ ବଳ ଦେଇଛି। ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ରାଜ୍ୟ ସଭାପତି ଶ୍ରୀ ସାମଲ ନିକଟରେ ଦିଲ୍ଲୀରୁ ଫେରିଥିଲେ; ମାତ୍ର ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ପହଞ୍ଚୁ ପହଞ୍ଚୁ ପୁଣି ଶ୍ରୀ ସାମଲଙ୍କୁ ଦିଲ୍ଲୀରୁ ଡ଼କରା ଆସିଛି। ସେଠାରେ ଉଭୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ଦଳର ରାଷ୍ଟ୍ରୀୟ ସଭାପତି ନିତିନ ନବୀନ ଓ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହାଙ୍କୁ ଭେଟିବେ ବୋଲି ସୂଚନା ମିଳିଛି।

ଉଭୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟସଭାପତିଙ୍କ ଦିଲ୍ଲୀ ଗସ୍ତ ପୁଣିଥରେ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ନିଯୁକ୍ତି ଚର୍ଚ୍ଚାକୁ ସରଗରମ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ଗତ ୨ ବର୍ଷ ମଧ୍ୟରେ ଅନେକବାର ଦିଲ୍ଲୀ ଗସ୍ତ କରିଛନ୍ତି ଓ ସବୁ ସମୟରେ ରାଜ୍ୟରେ ନିଗମ ନିଯୁକ୍ତି ଚର୍ଚ୍ଚା ହୋଇ ଆସିଛି। ତେବେ ଏଥର ପରିସ୍ଥିତି ସାମାନ୍ୟ ଭିନ୍ନ ରହିଛି। ୨୦ ତାରିଖରେ ସମ୍ଭବତଃ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ ଓ ଏହା ପୂର୍ବରୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି କୁହାଯାଉଛି। ତେଣୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରେ ▶ପୃଷ୍ଠା-୭

### ରାମ ମନ୍ଦିର ଦାନ ଚୋରି

## ବୁଲିବ ବୁଲ୍‌ଡୋଜର

■ ଅଯୋଧ୍ୟା,୨।୭(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଦାନ ପାଣ୍ଠି ଚୋରି ମାମଲାର ମୁଖ୍ୟ ଅଭିଯୁକ୍ତ ଲବକୁଶ ମିଶ୍ରଙ୍କ ସମ୍ପତ୍ତି ଉପରେ ବର୍ତ୍ତମାନ ଯୋଗୀ ସରକାରଙ୍କ ବୁଲଡୋଜର କାର୍ଯ୍ୟାନୁଷ୍ଠାନର ଭୟ ଘନେଇଛି। ଅଯୋଧ୍ୟାର ଶାହାଦତ ଗଞ୍ଜ ଅଞ୍ଚଳରେ ଲବକୁଶଙ୍କ ପତ୍ନୀ ସୁପ୍ରିୟାଙ୍କ ନାମରେ ନିର୍ମାଣାଧୀନ ଥିବା ଏକ ୩ ମହଲା ବିଶିଷ୍ଟ ଆଲିଶାନ କୋଠାକୁ ନେଇ ଅଯୋଧ୍ୟା ବିକାଶ ପ୍ରାଧିକରଣ (ଏଡିଏ) ପକ୍ଷରୁ ଏକ ନୋଟିସ ଜାରି କରାଯାଇଛି। ସାତ ଦିନ ମଧ୍ୟରେ ଉପଯୁକ୍ତ କାଗଜପତ୍ର ସହ ଜବାବ ନରଖିଲେ ଏହି ବେଆଇନ କୋଠାକୁ ଭାଙ୍ଗି ଦିଆଯିବ ବୋଲି ପ୍ରଶାସନ ଚେତାବନୀ ଦେଇଛି। ମାତ୍ର ୨୦,୦୦୦ ଟଙ୍କା ମାସିକ ଦରମା ପାଉଥିବା ଲବକୁଶ ଅକ୍ଟୋବର ୨୦୨୫ ରେ ପ୍ରାୟ ୨୫ ଲକ୍ଷ ଟଙ୍କାରେ ଏହି ଜମି କିଣିଥିଲେ ଏବଂ ଏହା ଉପରେ ପ୍ରାୟ ୯୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ଲିଫ୍ଟ ସୁବିଧା ଥିବା କୋଠା ତିଆରି କରୁଥିଲେ। ଜମି ଓ ନିର୍ମାଣ ମିଶାଇ ଏହି ସମ୍ପତ୍ତିର ମୂଲ୍ୟ ▶ପୃଷ୍ଠା-୭



### ୬ ସପ୍ତାହ ଧରି ହ୍ରାସ ପାଉଛି ଅଶୋଧିତ ତୈଳ

## ତେଲ ଦର କମାଇବାକୁ ସରକାର ଅରାଜି

■ ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ପଶ୍ଚିମ ଏସିଆରେ ପରିବର୍ତ୍ତିତ ସ୍ଥିତି ଯୋଗୁଁ ସମ୍ପ୍ରତି ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ଯଥେଷ୍ଟ ହ୍ରାସ ଘଟିଛି। ଯୁଦ୍ଧ ପୂର୍ବ ସ୍ଥିତିକୁ ଅଶୋଧିତ ତୈଳ ଦର ଫେରିଛି ଓ ବ୍ୟାରେଲ ପାଖାପାଖି ୭୦ ଡ଼ଲାରରେ ପହଞ୍ଚିଛି। ତୈଳ ଦର ହ୍ରାସ ପରେ ପାକିସ୍ତାନ, ଶ୍ରୀଲଙ୍କାରେ ତେଲ ଦର କମିଛି। ଆମେରିକା ରାଷ୍ଟ୍ରପତି ଡ଼ୋନାଲ୍ଡ଼ ଟ୍ରମ୍ପ ମଧ୍ୟ ବିଭିନ୍ନ ଦେଶକୁ ତୈଳ ଦର ହ୍ରାସ ପାଇଁ ଆହ୍ୱାନ ଜଣାଇଛନ୍ତି। କୌତୂହଳର କଥା ହେଉଛି ଭାରତରୁ ପେଟ୍ରୋଲ ଓ ଡ଼ିଜେଲ ଆମଦାନୀ କରୁଥିବା ନେପାଳରେ ତୈଳ ଦର ୧୭% କମି ସାରିଛି। ଦିନକ ତଳେ ଘରୋଇ ତୈଳ କମ୍ପାନୀ ନାୟରା ତେଲ ଦର ୩ ଟଙ୍କାରୁ ୫ ଟଙ୍କା କମାଇଛି।





**ମେ’ ମାସରେ ୪ ଥରରେ ୧୦ ଟଙ୍କା ବଢ଼ିଛି ତୈଳ ଦର**

**ମୂଲ୍ୟ ବଢ଼ାଇନାହୁଁ; କମାଇବୁ କାହିଁକି: ପେଟ୍ରୋଲିୟମ୍ ମନ୍ତ୍ରୀ**

ମାତ୍ର ଦେଶରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀମାନେ ତେଲ ଦର କମାଉ ନାହାନ୍ତି କିମ୍ବା କେନ୍ଦ୍ର ସରକାର ଏ ସମ୍ପର୍କରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରୁନାହାନ୍ତି। ଯୁଦ୍ଧ ଆରମ୍ଭ ପରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡ଼ିଜେଲରେ ଗତ ମେ ମାସରେ ୪ ପର୍ଯ୍ୟାୟରେ ଲିଟର ପିଛା ୧୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ମାତ୍ର ତେଲ ଦର କମିବା ପରେ ପେଟ୍ରୋଲ ଓ ଡ଼ିଜେଲ ମୂଲ୍ୟ କମାଇବାକୁ ସେମାନେ ରାଜି ନୁହନ୍ତି। ଏହି ସମୟରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ପୁରୀଙ୍କ ଅଜବ ଯୁକ୍ତି ଦେଶବାସୀଙ୍କ କଟା ଘା’ରେ ଚୂନ ମାରିବା ପରି ହୋଇଛି। ଶ୍ରୀ ପୁରୀ କହିଛନ୍ତି ଯେ, ଯେତେବେଳେ ଭାରତରେ ତୈଳ ମୂଲ୍ୟ ବୃଦ୍ଧି ପାଇନାହିଁ, ତେବେ ମୂଲ୍ୟ ହ୍ରାସ ବିଷୟରେ କାହିଁକି ଆଲୋଚନା ହେଉଛି।

ଗୁରୁବାର ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ପେଟ୍ରୋଲିୟମ କହିଛନ୍ତି ଯେ ହରମୁଜ୍ ସଙ୍କଟ ସମୟରେ ▶ପୃଷ୍ଠା-୭

# ପଖାଳଖିଆ ଖର୍ଚ୍ଚ ୨ କୋଟି ୩୨ ଲକ୍ଷ

### ଇଭେଣ୍ଟ କମ୍ପାନୀ ନେଇଛି ୮୫ ଲକ୍ଷ ଟଙ୍କା

■ ଭୁବନେଶ୍ୱର, ୨।୭ (ସମିସ): ଗତ ମାର୍ଚ୍ଚ ମାସରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜନ ହୋଇଥିଲା ପଖାଳ ପର୍ବ। ମାତ୍ର ଏବେ ଏହି ପଖାଳ ପର୍ବ ସରକାରଙ୍କ ପାଇଁ ଶିରପୀଡ଼ା ହୋଇଛି। କାର୍ଯ୍ୟକ୍ରମ ଆୟୋଜନ, ମନ୍ତ୍ରୀ ଓ ଅଧିକାରୀଙ୍କ ପଖାଳ ଖିଆ ବାବଦରେ ଖର୍ଚ୍ଚ ହୋଇଥିବା ବିପୁଳ ବ୍ୟୟକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। କୌତୂହଳର କଥା ହେଉଛି ଓଡ଼ିଆ ଲୋକମାନେ ଦୈନନ୍ଦିନ ପଖାଳ ଖାଉଥିବାବେଳେ ଆୟୋଜକ ପର୍ଯ୍ୟଟନ ବିଭାଗ ପଖାଳ ପର୍ବ ପାଳନ ପାଇଁ ଖର୍ଚ୍ଚ କରିଛି ୨ କୋଟି ୩୨ ଲକ୍ଷ ଟଙ୍କା। ଏହି ଅର୍ଥ ରାଜ୍ୟ ତହବିଲ୍‌ରୁ ବ୍ୟୟ ହୋଇଛି। ପୁଣି ପଖାଳ ପର୍ବରେ



▶ ୨.୭ ଲକ୍ଷ ଟଙ୍କାରେ ଆସିଛି କଂସାବାସନ

▶ ମାଟି ବେଲା, ଥାଳି ପାଇଁ ୧.୫ ଲକ୍ଷ ବ୍ୟୟ

▶ ବିମାନ ଭଡ଼ା, ହୋଟେଲ୍ ଖର୍ଚ୍ଚ ୫ ଲକ୍ଷ ଟଙ୍କା

ପଖାଳ ପ୍ରସ୍ତୁତି ପାଇଁ ରାଜ୍ୟ ବାହାରୁ ସେଫ୍ ବା ରୋଷେଇଆମାନଙ୍କୁ ଡ଼କାଯାଇଥିବା ଓ ସେମାନଙ୍କ ବିମାନ ଭଡ଼ା, ହୋଟେଲ ରହଣି ପାଇଁ ପାଞ୍ଚ ଲକ୍ଷ ବ୍ୟୟ କରାଯାଇଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ ଆୟୋଜନ ବାବଦକୁ ଓଡ଼ିଶା ଟୁରିଜମ୍ ଡେଭଲପମେଣ୍ଟ କର୍ପୋରେସନ୍ (ଓଟିଡିସି) କୁ ୧,୫୪,୦୩,୯୪୦ ଟଙ୍କା ପଇଠ କରାଯାଇଛି ଓ ଇଭେଣ୍ଟ ମ୍ୟାନେଜମେଣ୍ଟ ଏଜେନ୍ସି କଲର ପ୍ଲସ୍‌କୁ ୭୭,୮୮,୧୭୭ ଟଙ୍କା ଦିଆଯାଇଛି। ଏପରିକି ପଖାଳ ଦିବସରେ ପାଳନରେ ସୁପରଭିଜନ ଖର୍ଚ୍ଚ ବାବଦରେ ୬.୬ ଲକ୍ଷ ଟଙ୍କା ପଇଠ କରାଯାଇଛି। ପୁଣି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ଫି ବାବଦକୁ ପର୍ଯ୍ୟଟନ ବିଭାଗ ୩୧.୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବାବେଳ ସେଫ୍ (ରୋଷେଇଆ) ମାନଙ୍କ ପାଇଁ ସ୍ମାରକ, ଅନ୍ୟାନ୍ୟ ଫର୍ଚ୍ଚ, ବିମାନ ଭଡ଼ା ଓ ହୋଟେଲ ରହଣି ବାବଦକୁ ମଧ୍ୟ ଲକ୍ଷ ▶ପୃଷ୍ଠା-୭

# ଦ୍ୱିତୀୟ ଦିନରେ ଡାକ୍ତରଙ୍କ ଆନ୍ଦୋଳନ, ରୋଗୀ ସେବା ଠପ୍

- ଆଲୋଚନା କଲା ବିଜେଡିର ସ୍ୱତନ୍ତ୍ର ଟିମ୍
- ସରକାରଙ୍କ ଦରମା ବନ୍ଦ କରାଇବା ନିଷ୍ପତ୍ତିକୁ ବିରୋଧ

ବାଲେଶ୍ୱର, ୨।୭ (ସମିସ): ୧୦ ଦଫା ଦାବି ପୂରଣ ନେଇ ସିଡ଼ିଏମଓ କାର୍ଯ୍ୟାଳୟ ପରିସରରେ ଚାଲିଥିବା ଡାକ୍ତରଙ୍କ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଁଚିଛି। ଡାକ୍ତରଙ୍କ ଆନ୍ଦୋଳନ ନେଇ ରୋଗୀ ସେବା ଏକପ୍ରକାର ଠପ୍ ହୋଇଛି। ଚିକିତ୍ସାଳୟକୁ ଆସି ରୋଗୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ବିଜେଡିର ଏକ ସ୍ୱତନ୍ତ୍ର ଟିମ୍ ଆନ୍ଦୋଳନରତ ଡାକ୍ତରଙ୍କୁ ଭେଟିବା ସହ ସେମାନଙ୍କ ସମସ୍ୟା ଓ ନାନା ବିଷୟ ନେଇ ଆଲୋଚନା କରିଛି। ବିଜୁ ଜନତା ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡିର ଏକ ଟିମ୍ ଆନ୍ଦୋଳନରତ ଡାକ୍ତରଙ୍କୁ ଭେଟି ସେମାନଙ୍କର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛି। ପୂର୍ବତନ ନୀଳଗିରି ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ ନାୟକ, ପୂର୍ବତନ ସଦର ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ସ୍ୱରୂପ କୁମାର ଦାସ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ବଡ଼ ମେଡିକାଲରେ ପହଞ୍ଚି ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନର ରାଜ୍ୟ ସମ୍ପାଦକ ଡା. ସଞ୍ଜୀବ ପ୍ରଧାନ, ଜିଲ୍ଲା ସଭାପତି ଡା. ସରୋଜ ରାଜ, ଜିଲ୍ଲା ସମ୍ପାଦକ ଡା. ଦିଲ୍ଲୀପ ପାତ୍ର ଓ ଉପସ୍ଥିତ ସମସ୍ତ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ଦାବି ପୂରଣ ନେଇ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଥିବା ଜାଣି ଏହାକୁ ନିନ୍ଦା କରିଛନ୍ତି। ବିଜେଡି ସରକାର ସ୍ୱାସ୍ଥ୍ୟସେବା ପାଇଁ ସୁବିଧା ସୁଯୋଗ ଯୋଗାଇଥିବା ବେଳେ ଏ ସରକାର ଡାକ୍ତରଙ୍କ ସମସ୍ୟା ବୁଝିବାରେ ବିଫଳ ହୋଇଥିବା କହିଛନ୍ତି। ଫଳସ୍ୱରୂପ ଦୁଇ ଦିନ ଧରି ରୋଗୀଙ୍କୁ ବଡ଼ ମେଡିକାଲରେ ଚିକିତ୍ସା ପରିବର୍ତ୍ତେ କେବଳ ମେଡିକାଲ କଲେଜ ଓ କଟକ ରେଫର କରାଯାଉଥିବା ଭଳି ଦୟନୀୟ ପରିସ୍ଥିତିକୁ ନିନ୍ଦା କରିଛନ୍ତି। ଏଥିସହ ଘଟଣା ବିଷୟରେ ନବୀନ ନିବାସକୁ ଟିମ୍ ଅବଗତ କରାଇଛି। ପୁନଶ୍ଚ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଉହ୍ଲାଇଥିଲେ ମଧ୍ୟ 'କାର୍ଯ୍ୟ ବନ୍ଦ ତ ଦରମା ବନ୍ଦ' ନେଇ ଡାକ୍ତରଙ୍କୁ ସରକାରଙ୍କ ଚେତାବନୀକୁ ସଂଘ ପକ୍ଷରୁ ନିନ୍ଦା ଓ ବିରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଜେଡିର ଆନ୍ୟନ୍ୟ ନେତୃତ୍ୱଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ସେକ ଆୟୁବ, ସନ୍ଧ୍ୟାରାଣୀ ଜେନା, ସେକ ସାକିର, ଅଶୋକ ଦାସ, ସଞ୍ଜୟ ବେହେରା, ବିଶ୍ୱଜିତ୍ ମହାପାତ୍ର, ଅଶୋକ ଆଦ୍ୟ ପ୍ରମୁଖ ଉପସ୍ଥିତ ରହି ଡାକ୍ତରଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ପ୍ରକାଶ ଥାଉକି, ଦଶ ଦଫା ଦାବି ନେଇ ଓଏମଏସଏ ସଂଘ ପକ୍ଷରୁ ଦୁଇ ଦିନ ଧରି ସାରା ରାଜ୍ୟରେ ଆନ୍ଦୋଳନ ଚାଲିଥିବା ବେଳେ ସମୁଦାୟ ୬ହଜାର ୫ଶହ ଡାକ୍ତର ଆନ୍ଦୋଳନରେ ବସିଛନ୍ତି। ଅନୁରୂପ ବାଲେଶ୍ୱରର ୨୯୫ରୁ ଅଧିକ ଡାକ୍ତର ଦୁଇ ଦିନ ଧରି ସିଡିଏମଓ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ତେବେ ଦାବି ସମ୍ପର୍କରେ ପୂର୍ବରୁ ବାରମ୍ବାର ସରକାର ସହ ଆଲୋଚନା ଓ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ସମସ୍ୟାର ସମାଧାନ ନ ହେବାରୁ ସଂଘ ଏଭଳି ଦୃଢ଼ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛି।

● ବସ୍ତା ହସ୍ପିଟାଲର କରୁଣ ପରିସ୍ଥିତି

## ଶବ ବ୍ୟବଚ୍ଛେଦ ପାଇଁ ସମ୍ପର୍କୀୟ ହୀନସ୍ତା

ବସ୍ତା ବ୍ଲକ, ୨।୭ (ସମିସ): ଡାକ୍ତର ଆନ୍ଦୋଳନରେ ଥିବା ବେଳେ ବସ୍ତା ହସ୍ପିଟାଲ ରେ ଶବ ବ୍ୟବଚ୍ଛେଦକୁ ନେଇ ସମ୍ପର୍କୀୟ ହୀନସ୍ତା ହେବା ଭଳି କରୁଣ ପରିସ୍ଥିତି ଦେଖିବାକୁ ମିଳିଛି। ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ରାଇଢିଙ୍କ ଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜନୈକ ବ୍ୟକ୍ତି ବସ୍ତା ଡାକ୍ତରଖାନାକୁ ଆସିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ମାତ୍ର ରାଜ୍ୟରେ ଡାକ୍ତର ମାନଙ୍କ ଆନ୍ଦୋଳନ ଜାରି ରହିଥିବା ବେଳେ ଚୁକ୍ତିଭିତିକ ଡାକ୍ତରଙ୍କୁ ନେଇ ଚାଲିଛି ରୋଗୀସେବା ଚାଲିଛି। ଯାହା ଫଳରେ ରୋଗୀ ସେବା ପ୍ରଭାବିତ ହୋଇଛି। ଅନ୍ୟ ପକ୍ଷେ ଶବ ବ୍ୟବଚ୍ଛେଦ ପାଇଁ ବସ୍ତାରୁ ବାଲେଶ୍ୱର ସ୍ଥାନାନ୍ତରିତ ପାଇଁ କହୁଥିବାରୁ ସମ୍ପର୍କୀୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ବାଲିଆପାଳ ଥାନା ରାଇଢିଙ୍କ ଗ୍ରାମର ବିଜୟ ଅଣ୍ଡିଆଙ୍କୁ ବିଷାକ୍ତ ସାପ କାମୁଡି ଥିବା ବେଳେ ବସ୍ତା ଡାକ୍ତର ଖାନାରେ ସେ ମୃତ୍ୟୁବରଣ କରିଥିଲେ। ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ସହିତ ଶବ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା ଥିବା ବେଳେ ଚୁକ୍ତିଭିତ୍ତିକ ଡାକ୍ତର ବ୍ୟବଚ୍ଛେଦ ନ କରି ବାଲେଶ୍ୱର ମେଡିକାଲ କଲେଜକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଉଥିବାରୁ ଗରିବ ଅସହାୟ ଲୋକମାନେ ଅଡୁଆ ରେ ପଡୁଥିବା ଦେଖିବାକୁ ମିଳିଛି। କ୍ରମାଗତ ଭାବେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଗତ କାଲି ଠାରୁ ତିନି ଜଣ ମୃତକ ଙ୍କୁ ବାଲେଶ୍ୱର ମେଡିକାଲ କଲେଜକୁ ପଠାଯାଇଛି। ଶବ ବ୍ୟବଚ୍ଛେଦ ପାଇଁ ଲୋକେ ଅଯଥା ଖର୍ଚ୍ଚାନ୍ତ ହେଉଥିବାରୁ ଏଭଳି ପରିସ୍ଥିତିରେ ସମସ୍ୟା ସ୍ୱାଭାବିକ ହେବା ପର୍ଯ୍ୟନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଜାତୀୟ ରାଜପଥ ପାର୍ଶ୍ୱରୁ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର ସଦର, ୨।୭ (ସମିସ): ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରୁ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ଜଣେ ଅଜଣା ମହିଳା ଚିକିତ୍ସା ବେଳେ ପ୍ରାଣ ହରାଇଛନ୍ତି। ତେବେ ମହିଳାଙ୍କ ମୃତ୍ୟୁର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି।ଗତ କାଲି ବିଳମ୍ବିତ ରାତ୍ରି ପ୍ରାୟ ୧:୩୦ ମିନିଟ୍ ସମୟରେ ରୁପ୍ସା ଥାନା ଅଧୀନ ଟ୍ୱିଙ୍କିଲ ଢ଼ାବା ନିକଟ ଜାତୀୟ ରାଜପଥ କଡରେ ଜଣେ ମହିଳା ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ରୁପ୍ସା ପୁଲିସକୁ ଖବର ଦେଇଥିଲେ। ପୁଲିସ ତୁରନ୍ତ ପହଞ୍ଚି ମୁମୂର୍ଷ ଅବସ୍ଥାରେ ଥିବା ମହିଳାଙ୍କୁ ଉଦ୍ଧାର କରି ଫକୀର ମୋହନ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ମହିଳାଙ୍କ ବୟସ ପ୍ରାୟ ୪୫-୫୦ ବର୍ଷ। ତାଙ୍କ ମୁଣ୍ଡ ଓ ମୁହଁରେ ଆଘାତ ଚିହ୍ନ ଥିଲା। ତାଙ୍କ ପାଖରୁ କୌଣସି ପରିଚୟ ପତ୍ର ବା ସାମଗ୍ରୀ ମିଳିନାହିଁ। ଫଳରେ ତାଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ମହିଳା ଜଣକ ସଡକ ଦୁର୍ଘଟଣାର ଶିକାର ହୋଇଛନ୍ତି ନା ତାଙ୍କୁ ଅନ୍ୟ କେହି ଆକ୍ରମଣ କରି ଏଠାରେ ଫିଙ୍ଗି ଦେଇଛନ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ। ରୁପ୍ସା ପୁଲିସ ମୃତଦେହକୁ ବ୍ୟବଚ୍ଛେଦ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

## ଘରୋଇ ମେସ୍‌ରୁ ୪ ଛାତ୍ର ନିଖୋଜ ଅଭିଯୋଗ

ନୀଳଗିରି, ୨।୭ (ସମିସ): ନୀଳଗିରି ବ୍ଲକ ଜାମୁଡିହା ପଞ୍ଚାୟତ ବଡବିଲ୍‌ସ୍ଥିତ ଅକ୍ଷୟ ଆଚାର୍ଯ୍ୟ ହାଇସ୍କୁଲରେ ବାଲେଶ୍ୱର ସଦର ଥାନା ଅଧୀନ ମୁଳାନନଗର ଅଞ୍ଚଳର ସତେନ୍ଦୁ ବେହେରା ନବମ ଶ୍ରେଣୀର ଛାତ୍ର ଓ ଉକ୍ତ ଅଞ୍ଚଳର ରୀତେଶ ବେହେରା ଦଶମ ଶ୍ରେଣୀର ଛାତ୍ର, ମୟୂରଭଞ୍ଜ ଜିଲ୍ଲା ପହଣ୍ଡା ଅଞ୍ଚଳର ହିମାଂସୁ ବେହେରା ଦଶମ ଶ୍ରେଣୀ ସହିତ ଅନ୍ୟ ସ୍କୁଲରେ ପଢୁଥିବା ଜଣେ ଷଷ୍ଠ ଶ୍ରେଣୀର ଛାତ୍ର ଅକ୍ଷୟ ଆଚାର୍ଯ୍ୟ ହାଇସ୍କୁଲ ଠାରୁ କିଛି ଦୁରରେ ଜନୈକ ଲୋକର ଘରୋଇ ମେସ୍‌ରେ ରହି ସମସ୍ତ ଛାତ୍ର ପାଠ ପଢୁଥିଲେ। ବୁଧବାର ରାତ୍ରିରେ କୌଣସି କାରଣରୁ ମେସ୍ ଛାଡ଼ି ପଳାଇଯାଇଥିଲେ। ଘରୋଇ ମେସର ମାଲିକ ଛାତ୍ରମାନଙ୍କ ଅଭିଭାବକ ଙ୍କୁ ଜଣାଇଦେବା ସହ ମେସର ମାଲିକ ଖୋଜାଖୋଜି କରୁଥିଲେ। ଏ ନେଇ ଗୁରୁବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି ଅଭିଭାବକ। ଘରୋଇ ମେସ୍‌ରେ ଅତ୍ୟାଚାର କାରଣରୁ ମେସ୍ ଛାଡ଼ି ପଳାଇଯାଇଥିବା ଅଭିଯୋଗ କରିଥିଲେ ଅଭିଭାବକ ମାନେ। ସିସିଟିଭି ରେ କଏଦ ଛାତ୍ରଙ୍କ ଯିବା ସମୟର ଭିଡିଓ ନେଇ ତଦନ୍ତ ଜାରି ରଖିଛି ନୀଳଗିରି ପୁଲିସ। ଖବର ଲେଖିବା ବେଳକୁ ପରି ସମୁଦ୍ରକୁଳରୁ ଏହି ନିଖୋଜ ୪ ଛାତ୍ରଙ୍କୁ ଏକ ଟେମ୍ପୁ ଚାଳକ ସନ୍ଦେହକରି ସେଠାକାର ପୁଲିସକୁ ଖବର ଦେଇଥିଲା ବେଳେ ପୁରୀ ପୁଲିସ ସେମାନଙ୍କୁ ଅଟକ ରଖିଛି। ପରେ ପରିବାର ବର୍ଗ ଖବର ପାଇ ପୁରୀ ଅଭିମୁଖେ ଯାଇଥିବାର ସୂଚନା ମିଳିଛି।

## ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଚୌଧୁରୀଙ୍କ ପରଲୋକ

ନୀଳଗିରି, ୨।୭ (ସମିସ): ନୀଳଗିରି ର ଜଣେ ରାଜନେତା ତଥା ଆଇନଜୀବୀ ଚିତ୍ତରଞ୍ଜନ ଚୌଧୁରୀଙ୍କ ୭୧ବର୍ଷରେ ପରଲୋକ ହୋଇଯାଇଛି। ଗତ ଦୁଇମାସଧରି ବିଭିନ୍ନ ରୋଗରେ ପୀଡିତହୋଇ ଭୁବନେଶ୍ୱରସ୍ଥ ଉତ୍କଳ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। କିଛିଦିନଧରି ଭେଣ୍ଟିଲେଟରରେ ଥିବାବେଳେ ବୁଧବାର ଜୁଲାଇ ୧ତାରିଖ ବୁଧବାର ନରଣପୁରକୁ ଅଣାଯାଇଥିବା ବେଳେ ରାତ୍ରି ୧୦.୮ ମିନିଟ ସମୟରେ ସେ ଇହଲୀଳା ସମ୍ବରଣ କରିଛନ୍ତି। ୧୯୫୬ ମସିହା ଜାନୁଆରି ୪ତାରିଖ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ନରଣପୁର ଗ୍ରାମର ସମ୍ଭ୍ରାନ୍ତବଂଶୀୟ ତତ୍କାଳୀନ ବିଶିଷ୍ଟ ଆଇନଜ୍ଞ ରାମଚନ୍ଦ୍ର ଚୌଧୁରୀ ଏବଂ ମାତା ହେମଲତା ଚୌଧୁରୀଙ୍କ କୋଳମଣ୍ଡନ କରିଥିବା ଚିତ୍ତରଞ୍ଜନ ଆଇନବିଦ୍ୟାରେ ଅଧ୍ୟୟନକରି ପରବର୍ତ୍ତୀ ସମୟରେ ସରକାରୀ ଓକିଲଭାବରେ ବେଶ ସୁନାମଅର୍ଜନ କରିଥିଲେ। ପରେ ରାଜନୀତିରେ ରୁଚି ରଖିଥିବା ଚିତ୍ତରଞ୍ଜନ କଂଗ୍ରେସଦଳର ନୀଳଗିରି ବ୍ଲକ ଅଧ୍ୟକ୍ଷ ଭାବରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବାରେ ସକ୍ଷମ ହୋଇପାରିଥିଲେ। ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ନୀଳଗିରି କଂଗ୍ରେସଦଳର ବହୁନେତା, ବିଶିଷ୍ଟ ବ୍ୟକ୍ତିବିଶେଷ ନରଣପୁରସ୍ଥ ବାସଭବନରେ ଶେଷଦର୍ଶନ କରିଥିଲେ। ଗୁରୁବାର ସକାଳେ ଏକ ଶୋକାକୁଳ ପରିବେଶରେ ଶହଶହ ସଂଖ୍ୟାରେ ଶୁଭେଚ୍ଛୁ ଓ ଗ୍ରାମବାସୀ ଶବ ଶୋଭାଯାତ୍ରାରେ ଯାଇ ପୈତୃକ ବାଡ଼ିରେ ସଂସ୍କାର କରିଥିଲେ। ସାନପୁଅ ଧନଞ୍ଜୟ ମୁଖାଗ୍ନୀ ଦେଇଥଲେ।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ଡିଜିଟାଲ୍ ସଚେତନତା ଅଭିଯାନର ଶୁଭାରମ୍ଭ



ବାଲେଶ୍ୱର, ୨।୭ (ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ 'ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଡିଜିଟାଲ୍ ଇଣ୍ଡିଆ ଦିବସ ଅବସରରେ 'ଆକ୍ସିଲେରେଟିଙ୍ଗ୍ ଦି ଡିଜିଟାଲ୍ ଜର୍ଣ୍ଣି' (ଡିଜିଟାଲ୍ ଯାତ୍ରାକୁ ତ୍ୱରାନ୍ୱିତ କରିବା) ଶୀର୍ଷକ ମାସବ୍ୟାପୀ ସଚେତନତା ଅଭିଯାନର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଉତ୍ତର ଓଡ଼ିଶାରେ ବିଦ୍ୟୁତ ସେବା କ୍ଷେତ୍ରରେ ଡିଜିଟାଲ୍ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା, କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ଆଣିବା ଏବଂ ଗ୍ରାହକ ଓ କର୍ମଚାରୀ ଉଭୟଙ୍କ ପାଇଁ ସେବା ଅନୁଭୂତିକୁ ଅଧିକ ସୁଦୃଢ଼ କରିବା ଏହି ବ୍ୟାପକ ଅଭିଯାନର ମୂଳ ଲକ୍ଷ୍ୟ। ଏହି ସ୍ୱତନ୍ତ୍ର ଅଭିଯାନକୁ ଟିପିଏନ୍‌ଓଡିଏଲ୍ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଦୁଷ୍ୟନ୍ତ କୁମାର ତ୍ୟାଗୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପରିଚାଳନା ସେବା ମୁଖ୍ୟ ନୀଲେଶ ପୋଟଫୋଡ଼େ, ସିଏଫ୍‌ଓ ସିଲାଦିତ୍ୟ ସେନଗୁପ୍ତା, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ଚିଫ୍ ଇଞ୍ଜିନିୟର ରାଜୀବ କୁମାର ନାୟକ ତଥା ଆଇଟି ଓ ଓଟି ସେବା ମୁଖ୍ୟ ରାଜୀବ କୁମାର ଗୋଏଲଙ୍କ ସମେତ କମ୍ପାନୀର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶୀତଳା ସୀମାନ୍ତ ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବାଲେଶ୍ୱର(ଉତ୍ତର), ୨।୭ (ସମିସ): ଭୋଗରାଇ ବ୍ଲକ ବାଲିମ ପଞ୍ଚାୟତ ଅନ୍ତୋରାଇ ସ୍ଥିତ ଶୀତଳା ସୀମାନ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମାନସ କୁମାର ପ୍ରଧାନ ଓ ଶିକ୍ଷା କର୍ମଚାରୀ ହେମନ୍ତ ଜେନା, ରାଧାବଲ୍ଲଭ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ଜେନା ଅଧ୍ୟକ୍ଷତା କରିଥିଲେ।ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ରବୀନ୍ଦ୍ର ନାଥ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଓଷ୍ଟା ର ଉତ୍ତର ଭୋଗରାଇ ସମ୍ପାଦକ ବ୍ରଜ ଗୋପାଳ ଦାସ ତଥା ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ନାରାୟଣ ପ୍ରମାଣିକ, ପ୍ରାକ୍ତନ ସିଆରସିସି ଶ୍ରୀପତି ଦାସ, ସର୍ବେଶ୍ୱର ବେହେରା, ପ୍ରଶାନ୍ତ କୁମାର ଦାସ, ଦେବସ୍ମିତା ସାହୁ, ମମତା ପଟ୍ଟାୟତ, ମଧୁସୂଦନ ଗୋଛାୟତ, ସୁଶାନ୍ତ ଦେ, ସିଦ୍ଧାର୍ଥ ଜେନା, ଜନାର୍ଦ୍ଦନ ଦେ, ପରିଚାଳନା କମିଟି ସଭ୍ୟ ତପନ ପାତ୍ର, ପ୍ରଦୀପ ଜେନା, ଶ୍ରୀଧର ଧଳ, ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କଳ୍ପତରୁ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଶିକ୍ଷକ ଶ୍ରୀ ପ୍ରଧାନଙ୍କୁ ଏକ ଶୋଭାଯାତ୍ରା ରେ ତାଙ୍କ ଗାଁ ବଡମାଦାରୁଣୀ ଯାଏଁ ଅଣା ଯାଇଥିବା ବେଳେ ସେଠାରେ ତାଙ୍କ ପରିବାର ପକ୍ଷରୁ ମଧ୍ୟ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।

## ଡିଜିଟାଲ୍ ପୋଷ୍ଟର ପ୍ରତିଯୋଗିତାରେ ଉପାସନାଙ୍କ ସଫଳତା



ବାଲେଶ୍ୱର, ୨।୭ (ସମିସ): ଆନ୍ତର୍ଜାତିକ ଜୈବ ବିବିଧତା ଦିବସ ୨୦୨୬ ଉପଲକ୍ଷେ ଦେରାଦୁନ ସ୍ଥିତ ଭାରତୀୟ ବନ୍ୟଜୀବ ସଂସ୍ଥାନର ପରିବେଶ ସୂଚନା, ସଚେତନତା ଓ କ୍ଷମତା ବିକାଶ କାର୍ଯ୍ୟକ୍ରମ କେନ୍ଦ୍ର ପକ୍ଷରୁ ଆୟୋଜିତ ଡିଜିଟାଲ୍ ପୋଷ୍ଟର ପ୍ରତିଯୋଗିତାରେ ଉପାସନା ପଟ୍ଟନାୟକ ସଫଳତା ହାସଲ କରିଛନ୍ତି। ଫକୀରମୋହନ ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତିବିଦ୍ୟା ଏବଂ ଜୈବ-ସୂଚନା ବିଜ୍ଞାନ ବିଭାଗର ଗବେଷିକା ଉପାସନା ପଟ୍ଟନାୟକ ଜାତୀୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରି ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଉଚ୍ଚମାନର ଗବେଷଣା, ନବସୃଜନ ଏବଂ ପରିବେଶ ତଥା ଜୈବ ବିବିଧତା ସଂରକ୍ଷଣ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ପ୍ରଗତିକୁ ପ୍ରତିଫଳିତ କରିଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଗବେଷିକା ଉପାସନା ପଟ୍ଟନାୟକ, ତାଙ୍କ ଗବେଷଣା ନିର୍ଦ୍ଦେଶକ ଡ଼କ୍ଟର ଭରତ ଭୂଷଣ ପଟ୍ଟନାୟକ ଏବଂ ସହ-ଗବେଷଣା ନିର୍ଦ୍ଦେଶକ ଡ଼କ୍ଟର ବିଷ୍ଣୁ ପ୍ରସାଦ ଦାଶଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଭବିଷ୍ୟତ ଗବେଷଣା ଓ ଶିକ୍ଷାଜୀବନ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ୨ ଟ୍ରକ୍ ଧକ୍କା; ଜଣେ ମୃତ, ଜଣେ ଗୁରୁତର

ସୋର, ୨।୭ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ସୋର ହୋଟେଲ ସମ୍ମୁଖରେ ଛିଡା ହୋଇଥିବା ଏକ ଟ୍ରକକୁ ଏକ ଆଇଚର ଟ୍ରକ ଧକା ଦେବା ଫଳରେ ଆଇଚର ଟ୍ରକର ଚାଳକ ମୃତ୍ୟୁବରଣ କରିଥିବା ବେଳେ ହେଲପର ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଆଜି ସକାଳେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ସୋର ହୋଟେଲ ସମ୍ମୁଖରେ ଏକ ଟ୍ରକ ଛିଡା ହୋଇଥିବା ବେଳେ କଲିକତାରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ଆଇଚର ଗାଡିର ଚକା ଫାଟିବାରୁ ଛିଡା ହୋଇଥିବା ଟ୍ରକକୁ ପଛରୁ ଧକା ଦେଇଥିଲା। ଫଳରେ ଗାଡିର ହେଲପର ଓ ଚାଳକ ଟ୍ରକ ମଧ୍ୟରେ ଚାପି ହୋଇ ଗୁରୁତର ଆହତ ହୋଇଥିଲେ। ଖବର ପାଇ ସୋର ପୁଲିସ ଓ ସୋର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ଚାଳକ ପଞ୍ଜାବ ଲୁଧିଆନା ଅଞ୍ଚଳର କୁଲଦୀପ ସିଂହଙ୍କୁ ମୃତ ଘୋଷଣା କରିଥିଲେ। ସେହି ଅଞ୍ଚଳର ହେଲପର ଜଗଦିଶ ସିଂଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ପୁଲିସ ଘଟଣା ସ୍ଥଳରୁ ଦୁଇଟି ଗାଡିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଛି।

## ଟ୍ରେନ୍ ଆଗକୁ ଡେଇଁ ବୃଦ୍ଧଙ୍କ ଆତ୍ମହତ୍ୟା

ସୋର, ୨।୭ (ସମିସ): ଆଜି ସକାଳ ୧୦.୩୦ ମିନିଟ ସମୟରେ ସୋର ରେଳ ଷ୍ଟେସନ ଦକ୍ଷିଣକୁ ଲିଙ୍ଗପଡ଼ା ଗେଟ ପାଖାପାଖି ଡାଉନ୍ ଲାଇନ୍‌ରେ ଆସୁଥିବା ଏକ ମାଲବାହୀ ଟ୍ରେନ ଆଗକୁ ଡେଇଁ ଜଣେ ବୃଦ୍ଧ ଆତ୍ମହତ୍ୟା କରିଥିବା ଦେଖାଯାଇଛି। ବୃଦ୍ଧ ଜଣଙ୍କର ଘର ଖଇରା ବ୍ଲକ ତୁଡ଼ିଗଡ଼ିଆ ଡାଲଙ୍ଗ ଗ୍ରାମର ସୁଦର୍ଶନ ଶତପଥୀ (୮୧) ବୋଲି ଜଣାପଡ଼ିଛି। ଖବର ପାଇ ବାଲେଶ୍ୱର ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଜିଆର୍‌ପି ଘଟଣାର ତଦନ୍ତ ଜାରି ରଖିଛି।

## ବସ୍ତା ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ

ରାଜଘାଟ, ୨।୭ (ସମିସ): ପାଣି ନିଷ୍କାସନ ନାଳ ଜମିକୁ ଜବରଦଖଲ କରି ବେଆଇନ ଭାବେ ରାସ୍ତା ଓ ଘର ନିର୍ମାଣ କରିଥିବା ଅଭିଯୋଗରେ ବୁଧବାର ବସ୍ତା ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତ ଅନ୍ତର୍ଗତ ଗିଲାଯୋଡ଼ି ଗାଁରେ ଥିବା ସରକାରୀ ପାଣି ନିଷ୍କାସନ ନାଳର ପ୍ରାୟ ୧୩ଡିସମିଲ ଅଞ୍ଚଳକୁ ସେହି ଗ୍ରାମର ବାଇଧର ଜେନାଙ୍କ ପୁଅ ପ୍ରଦୀପ ମାଟି ପକାଇ ପୋତି ଦେଇଥିଲେ। ସେହି ଜାଗାରେ ସେ କଂକ୍ରିଟ ରାସ୍ତା, ଗୁହାଳଘର ପକ୍କାଘର ନିର୍ମାଣ କରିଥିଲେ। ନାଳ ବନ୍ଦ ହୋଇଯିବାରୁ ବର୍ଷା ଋତୁରେ ଆଖପାଖ ଗାଁର ପାଣି ବାହାରକୁ ଯାଇ ପାରୁ ନଥିଲା। ଫଳରେ ପ୍ରତିବର୍ଷ ଚାଷ ଜମି ଓ ଘରଦ୍ୱାର ଜଳମଗ୍ନ ହେଉଥିଲା। ଏ ନେଇ ଗ୍ରାମବାସୀ ବାରମ୍ବାର ବସ୍ତା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ। ଜବରଦଖଲକାରୀଙ୍କୁ ଗତ ୧୫ଦିନ ପୂର୍ବରୁ ନିଜେ ସେମାନଙ୍କ ନିର୍ମାଣ ଭାଙ୍ଗିବା ପାଇଁ ତହସିଲ ପକ୍ଷରୁ ନୋଟିସ ଜାରି ହୋଇଥିବା ବେଳେ। ବୁଧବାର ବସ୍ତା ଅତିରିକ୍ତ ତହସିଲଦାର ପିଲ୍ୟୁସକାନ୍ତ ପ୍ରଧାନ, ରାଜସ୍ୱ ନିରୀକ୍ଷକ ମନୋଜ ସେଠି ଓ ସିଂଲା ପୋଲିସର ଏକ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜେସିବି ମେସିନ ସାହାଯ୍ୟରେ ବେଆଇନ ରାସ୍ତାକୁ ଖୋଳି ନାଳାକୁ ପୂର୍ବ ଅବସ୍ଥାକୁ ଫେରାଯାଇଛି। ବସ୍ତା ଅଞ୍ଚଳରେ ଯେଉଁଠି ବି ଏଭଳି ଅଭିଯୋଗ ଆସିବ, ସେଠାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଉକ୍ତ ଉଚ୍ଛେଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା।

## ପାଇକାଳୀଠାରୁ କଲେଜଛକ ପର୍ଯ୍ୟନ୍ତ ଡ୍ରେନ୍ ପାଇଁ ଉଚ୍ଚସ୍ତରୀୟ ପରିଦର୍ଶନ

ସୋର, ୨।୭ (ସମିସ): ସୋର ଉତ୍ତରେଶ୍ୱର ୧୬ ନମ୍ବର ଜାତୀୟ ରାଜପଥ ପଶ୍ଚିମପାର୍ଶ୍ୱରେ ସ୍ଥାୟୀ ଭାବେ ଡ୍ରେନ୍ ନିର୍ମାଣ ପାଇଁ ବିଧାୟକ, ପ୍ରଶାସନ ଓ ପୂର୍ତ୍ତ ବିଭାଗ ତରଫରୁ ଯୁଗ୍ମ ପରିଦର୍ଶନ କରାଯାଇଛି। ଜାତୀୟ ରାଜପଥ ୬ଟିକିଆ ରାସ୍ତା ନିର୍ମାଣ ଶେଷ ହୋଇଥିବା ବେଳେ ଉତ୍ତରେଶ୍ୱର ଠାରୁ କଲେଜଛକ ଜଳ ନିଷ୍କାସନ ଏବେ ବଡ଼ ସମସ୍ୟା ହୋଇ ରହିଥିଲା। ପ୍ରତ୍ୟେକ ବର୍ଷ ବର୍ଷାଦିନ ହେଲେ ଅଧିକାଂଶ ସମୟରେ ଉତ୍ତରେଶ୍ୱର ବଜାର ଜଳମଗ୍ନ ହୋଇ ରହୁଥିବାରୁ ବେଳେ ସାମାନ୍ୟ ବର୍ଷା ଜଳ ଜମାରହି ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହେଉଥିବା ସମ୍ପର୍କରେ ସୋରବାସୀଙ୍କ ତରଫରୁ ଦାବିକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ତରଫରୁ ପାଇକାଳୀଠାରୁ କଲେଜଛକ ପର୍ଯ୍ୟନ୍ତ ଅଢ଼େଇ କିଲୋମିଟର ରାସ୍ତାକୁ ୧୯ କୋଟି ଟଙ୍କାର ଟେଣ୍ଡର କରାଯାଇଛି। ଏହି ଉପଲକ୍ଷେ ଆଜି ସୋର ବିଧାୟକ ମାଧବ ଧଡ଼ା, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ସୁଶ୍ରୀସଙ୍ଗୀତା ସାହୁ, ଜେଇ ଲକ୍ଷ୍ମଣ ମୁର୍ମୁ, ସୋର ତହସିଲଦାର କୃଷ୍ଣଚନ୍ଦ୍ର ସିଂହ, ପୌର କାର୍ଯ୍ୟନିର୍ବାହୀ ଅଧିକରୀ ବିଶ୍ୱରଞ୍ଜନ ପ୍ରଧାନ, ଇଲେକ୍ଟ୍ରିକାଲ ଏସ୍‌ଡିଓ, ଫରେଷ୍ଟ ବିଭାଗ ଅଧିକରୀ ଏବଂ ବ୍ରିଜଗୋପାଳ ଡିଜାଇନିଂ ଇଂଜିନିୟର ପ୍ରମୁଖ ଉପସ୍ଥିତ ରହି ଏହି ରାସ୍ତା ପାଶ୍ୱର୍ ଡ୍ରେନ ନିର୍ମାଣ ପାଇଁ ପରିଦର୍ଶନ କରିଥିଲେ। ଏହି ଡ୍ରେନ୍‌ଟି ୩ ମିଟର ଓସାର ଏବଂ ୩ ମିଟର ଗଭୀର ହେବ ବୋଲି ଜଣାପଡ଼ିଛି।

## ଜିଲ୍ଲା ମହିଳା କଂଗ୍ରେସର ସାଂଗଠନିକ ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୨।୭ (ସମିସ): ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଜିଲ୍ଲା ମହିଳା କଂଗ୍ରେସର ସଭାନେତ୍ରୀ ଆଡଭୋକେଟ୍ ଉର୍ମିଳା ମାଝୀଙ୍କ ଅଧ୍ୟକ୍ଷତାରେ ଶତାଧିକ ମହିଳାଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି। ଉକ୍ତ ସମ୍ମିଳନୀରେ ଅଖିଳ ଭାରତୀୟ ମହିଳା କଂଗ୍ରେସର ସମ୍ପାଦିକା ରୀତା ପଣ୍ଡା ଓ ରାଜ୍ୟ ମହିଳା କଂଗ୍ରେସ ମିଡିଆ ସେଲ୍‌ଫର ଅଧ୍ୟକ୍ଷା ଜୟସ୍ମିତା ମହାନ୍ତି ପ୍ରଭାରୀ ରୂପେ ଯୋଗ ଦେଇଥିଲେ। ୩୩ପ୍ରତିଶତ ମହିଳା ସଂରକ୍ଷଣ ସହ ପଛୁଆ ବର୍ଗ, ଅନୁସୂଚିତ ଜାତି ଓ ଜନଜାତି ମହିଳା ମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଭିତରେ ସାମ୍ବିଧାନିକ ଭାଗ ପ୍ରଦାନ କରିବା ପାଇଁ ଜିଲ୍ଲାର ସମସ୍ତ ମହିଳାଙ୍କୁ ଉଦବୋଧନ ଦେଇଥିଲେ। ଅଖିଳ ଭାରତୀୟ ମହିଳା କଂଗ୍ରେସ ର ସଭାନେତ୍ରୀ ତଥା ରାଜ୍ୟ ମହିଳା କଂଗ୍ରେସ ର ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ତିନି ସୁତ୍ରି ଯୋଜନା ଯଥା ଦସ୍ତଖତ ଅଭିଯାନ, ପୋଷ୍ଟ କାର୍ଡ ମଧ୍ୟମ ଓ ମିସ୍-ଡି କଲ ମଧ୍ୟମ ରେ ଉପୋରୋକ୍ତ ଦାବି କୁ ଗାଁ ଗହଳି ଓ ପଞ୍ଚାୟତସ୍ତରରେ ମହିଳାମାନଙ୍କ ହକ୍କୁ ଉପସ୍ଥାପନ କରିବା ପାଇଁ ଉପସ୍ଥିତ ସମସ୍ତ କଂଗ୍ରେସ ମହିଳା ମାନଙ୍କୁ ଆହ୍ୱାନ ଦେଇଥିଲେ। ଉକ୍ତ ସମ୍ମିଳନୀରେ ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ, ସମ୍ପାଦିକା ପ୍ରତିମା ପଣ୍ଡା, ଜଳେଶ୍ୱର ରୁ ରାଧାରାଣୀ ପାତ୍ର ଓ ସୁମତି ସିଂହ ଓ ଅନ୍ୟମାନଙ୍କ ମଧ୍ୟରେ ଜାନୁ ମୁଖୀ, ଦୀପ୍ତି ହାଁସଦା, ଆଡଭୋକେଟ୍ ସାଇନି ଅକ୍ତର, ଜୟନ୍ତୀ ମାଝୀ, ଟୁନି ମିଶ୍ର ପ୍ରମୁଖ ଶତାଧିକ ମହିଳା ଉପସ୍ଥିତ ଥିଲେ। ରେମୁଣା ମହିଳା କଂଗ୍ରେସର ସଭାନେତ୍ରୀ କୁମୁଦିନୀ ଦାଶ ଧନ୍ୟବାଦ ଦେଇଥିଲେ।

## ଶିବ ମନ୍ଦିରରୁ ଚୋରି ଅଭିଯୋଗ

ସୋର, ୨।୭ (ସମିସ): ସୋର ଅଞ୍ଚଳରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି। ଦିନେ ଦୁଇ ଦିନ ଅନ୍ତରରେ ବିଭିନ୍ନ ସ୍ଥାନରୁ ନିୟମିତ ଭାବେ ଚୋରି ହେଉଥିବା ବେଳେ ପୁଲିସର ହାତ ଖାଲି ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗତକାଲି ବିଳମ୍ବିତ ରାତିରେ ଅନନ୍ତପୁର ଥାନା ପାଖର ପଞ୍ଚାୟତ ଦୁର୍ଗାପୁର ଗ୍ରାମରେ ଥିବା ଶିବ ମନ୍ଦିରରୁ କେହି ଦୁର୍ବୃତ୍ତ ୨୪ କିଲୋ ଓଜନର ପିତଳ ମୂର୍ତ୍ତି ଓ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଥିଲେ। ଆଜି ସକାଳେ ମନ୍ଦିରର ପୂଜକ ମନ୍ଦିର ଖୋଲିବା ପରେ ଏବାବଦରେ ଜାଣି ଗ୍ରାମବାସୀଙ୍କୁ ଅବଗତ କରାଇବା ସହିତ ଅନନ୍ତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଗତ କିଛିମାସ ପୂର୍ବରୁ ଉକ୍ତ ଗ୍ରାମର ଚାରୋଟି ମନ୍ଦିରରୁ ସିରିଜ ଚୋରି ହୋଇଥିବା ବେଳେ ଗତକାଲି ରାତିରେ ପୁନଶ୍ଚ ଚୋରି ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୁଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ସିହିତ ଚୋର ମାନଙ୍କୁ ଧରିବାକୁ ସାଧାରଣରେ ଦାବି ହୋଇଛି।

ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ଚକନାଫଂରାଇ ଗାଁରେ ପହଞ୍ଚିଲା ଭୋଗରାଇ ବ୍ଲକ୍ ପ୍ରଶାସନ

ଚନ୍ଦନେଶ୍ୱର, ୨।୭ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଧୀନ ଶଙ୍ଖାରୀ ପଞ୍ଚାୟତର ଚକନାଫରାଇ ଗ୍ରାମର ଏକ ଦୁଃଖଦ ଘଟଣା ସମଗ୍ର ଅଞ୍ଚଳକୁ ମର୍ମାହତ କରିଛି। ଜୀବିକା ଅନ୍ୱେଷଣରେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିବା ଅବିବାହିତ ଯୁବକ କାର୍ତ୍ତିକ ଚନ୍ଦ୍ର ଜେନା (୩୮)ଙ୍କ ଗତ ଜୁନ୍ ୨୮ ତାରିଖରେ ସେଠାରେ ମୃତ୍ୟୁ ଘଟିଥିବାବେଳେ ଏହି ଖବର ତାଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ଏହି ଘଟଣା ଜଣାପଡ଼ିବା ପରେ ଗୁରୁବାର ଭୋଗରାଇ ପ୍ରଶାସନ ଶୋକସନ୍ତପ୍ତ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ବିଭିନ୍ନ ସରକାରୀ ସହାୟତା ପ୍ରଦାନ କରିଛି। ମୃତ କାର୍ତ୍ତିକଙ୍କ ବୃଦ୍ଧା ମାଆ ବାସନ୍ତୀ ଜେନା (୬୮)ଙ୍କ ଜୀବନ ସଂଘର୍ଷ ଅତ୍ୟନ୍ତ ହୃଦୟ ବିଦାରକ। ପରିବାରର ବଡ଼ ପୁଅ ଗଣେଶ ମାନସିକ ବିକାରଗ୍ରସ୍ତ ହୋଇ ପ୍ରାୟ ତିନି ବର୍ଷ ହେଲା ନିଖୋଜ ଅଛନ୍ତି। ତାଙ୍କ ବୋହୂ ଦୁଇ ନାବାଳକ ସନ୍ତାନଙ୍କୁ ଛାଡ଼ି ଅଲଗା ହୋଇଯାଇଥିବାବେଳେ ଏହି ପରିବାରର ଭରସା ଥିଲେ ସାନପୁଅ କାର୍ତ୍ତିକ। ଦାରିଦ୍ର୍ୟର ଚାପରେ ସେ ରୋଜଗାର ପାଇଁ ହାଇଦ୍ରାବାଦ ଯାଇଥିଲେ। କିନ୍ତୁ ସେଠାରୁ ଘରକୁ ଫେରିଲା କେବଳ ତାଙ୍କ ମୃତ୍ୟୁ ଖବର। ପୁତ୍ର ବିୟୋଗରେ ବାସନ୍ତୀ ଜେନା ଭାଙ୍ଗିପଡ଼ିଥିବାବେଳେ, ଆର୍ଥିକ ଦୁର୍ଦ୍ଦଶା ମଧ୍ୟ ତାଙ୍କ ଦୁଃଖକୁ ଦ୍ୱିଗୁଣିତ କରିଥିଲା। କେୱାଇସି ସମସ୍ୟା ଯୋଗୁଁ ପରିବାରର ରେସନ ଚାଉଳ ବନ୍ଦ ହୋଇଯାଇଥିଲା। ଫଳରେ ଦୈନନ୍ଦିନ ଜୀବନ ଅଧିକ କଷ୍ଟସାଧ ହୋଇପଡ଼ିଥିଲା। ଘଟଣା ସମ୍ପର୍କରେ ଅବଗତ ହେବା ପରେ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ମହାରଣା, ତହସିଲ ସୁପରଭାଇଜର ପ୍ରଦୀପ କୁମାର ଭଞ୍ଜ ଓ ବିଚିତ୍ରପୁର ରାଜସ୍ୱ ନିରୀକ୍ଷକ ବିଷ୍ଣୁପଦ ଗିରି ପ୍ରମୁଖ ମୃତକଙ୍କ ଘରେ ପହଞ୍ଚି ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଇଥିଲେ। ସେମାନେ ରେଡକ୍ରସ ପାଣ୍ଠିରୁ ତୁରନ୍ତ ୨୫ ହଜାର ଟଙ୍କା ନଗଦ ସହାୟତା ପ୍ରଦାନ କରିବା ସହ ବନ୍ଦ ଥିବା ଅନ୍ତ୍ୟୋଦୟ ଯୋଜନାକୁ ପୁନଃ କାର୍ଯ୍ୟକ୍ଷମ କରାଇଥିଲେ। ଏହାସହ ପରିବାରକୁ ନିୟମିତ ୩୫ କେଜି ଚାଉଳ ସହ ଅତିରିକ୍ତ ୫୦ କେଜି ଚାଉଳ ଯୋଗାଇ ଦିଆଯାଇଥିଲା। ବର୍ତ୍ତମାନ ବାସନ୍ତୀ ଜେନା ବାର୍ଦ୍ଧକ୍ୟ ଭତ୍ତା ଏବଂ ଅନ୍ତ୍ୟୋଦୟ ଯୋଜନାର ଚାଉଳକୁ ଆଧାର କରି ନାତି ନାରାୟଣ (୧୭) ଓ ମାନସିକ ବିକାରଗ୍ରସ୍ତ ନାତୁଣୀ ତୁଳସୀ (୧୫)ଙ୍କୁ ନେଇ ଜୀବନ ବିତାଉଛନ୍ତି। ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୟନୀୟ ଥିବାରୁ ସ୍ଥାନୀୟ ଲୋକେ ସରକାର ସେମାନଙ୍କ ସ୍ଥାୟୀ ପୁନର୍ବାସ ଓ ଭବିଷ୍ୟତ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ପରିବାରର ଅବିବାହିତା ଝିଅ ଭବାନୀ (୪୦) ବାହାରେ ଶ୍ରମିକ ଭାବେ କାମ କରି ନିଜ ଜୀବନ ନିର୍ବାହ କରୁଥିଲେ ମଧ୍ୟ, ପରିବାର ପାଇଁ ଏକ ପକ୍କା ଘରର ନିହାତି ଆବଶ୍ୟକତା ଥିବା କଥା ପ୍ରଶାସନିକ ଅଧିକାରୀଙ୍କ ସମ୍ମୁଖରେ ନିବେଦନ କରିଥିଲେ। ଏହାର ଉତ୍ତରରେ ଭୋଗରାଇ ବିଡିଓ ପ୍ରସଙ୍ଗଟିକୁ ପ୍ରକ୍ରିୟା ଅନୁଯାୟୀ ବିଚାର କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ।

## ହୃଦ୍‌ଘାତରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

**ପାଣିକୋଇଲି,୨।୭(ସମିସ):** ପାଣିକୋଇଲିର ଯୁବ ବ୍ୟବସାୟୀ ତଥା ପାଣିକୋଇଲିର ଖୁସି ସେଲୁଲାରର ମାଲିକ ପପୁ ଓରଫ ସନ୍ତୋଷ ପରିଡା (୩୯)ଙ୍କ ଅକାଳ ବିୟୋଗ ଘଟିଛି। ପାଣିକୋଇଲି ଗଣେଶ ବଜାରରେ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ସୁବାସ ପରିଡାଙ୍କ ପୁଅ ପପୁ ଓରଫ ସନ୍ତୋଷ ପରିଡା



ସବୁ ଦିନ ପରି ଦୋକାନ ବନ୍ଦ କରି ଘରେ ଥିଲେ। ଆଜି ସକାଳୁ ହଠାତ୍ ଛାତିର ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କ ହୃଦଘାତରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ପାଣିକୋଇଲିରେ ପହଞ୍ଚିବା ପରେ ବଜାରର ସମସ୍ତ ଦୋକାନୀ ସ୍ତବ୍ଧ ହୋଇଯାଇଥିଲେ। ଫଳରେ ବଜାର ସମସ୍ତ ଦୋକାନ ବନ୍ଦ ରହିଥିଲା। ତାଙ୍କ ମରଶରୀରକୁ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପୈତୃକ ବାସଭବନ ବରୀକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ସବୁଜ ଶକ୍ତି ଉତ୍ପାଦନକୁ ଟାଟା ଷ୍ଟିଲ୍‌ର ଗୁରୁତ୍ୱ

## ଭାସମାନ ସୋଲାର ପ୍ୟାନେଲରୁ ଉତ୍ପାଦନ ହେଉଛି ବିଦ୍ୟୁତ୍

**ଯାଜପୁର,୨।୭(ସମିସ)**

ପ୍ରକୃତିକୁ ରକ୍ଷା କରିବା ପାଇଁ ପ୍ରାକୃତିକ ପରିବେଶର ଆବଶ୍ୟକତା ରହିଛି। ତେଣୁ ଅଧିକ ପ୍ରାକୃତିକ ପରିବେଶ ସହିତ ସମନ୍ୱୟ ରକ୍ଷା କରି ଟାଟା ଷ୍ଟିଲ୍ ସବୁଜ ଶକ୍ତି ଉତ୍ପାଦନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଏହି ପ୍ଲାଣ୍ଟ ପରିସରର ପ୍ରାୟ ୩୩ ପ୍ରତିଶତ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ସବୁଜ ବଳୟରେ ବିକଶିତ କରାଯାଇଛି, ଯାହା ମୂଳ ଶିଳ୍ପ କାର୍ଯ୍ୟକଳାପ ସହ ଜୈବ ବିବିଧତାକୁ ସୁନ୍ଦର ଭାବେ ଯୋଡ଼ିପାରିଛି।

ଏଠାରେ ୮,୨୪,୦୦୦ରୁ ଅଧିକ ଚାରା ରୋପଣ କରାଯିବା ସହ ଅତ୍ୟାଧୁନିକ "ମିୟାୱାକି' ପଦ୍ଧତିକୁ ଆପଣାଯାଇଛି। ଏହା ହେଉଛି ସହରାଞ୍ଚଳ ବନୀକରଣର ଏକ ଅଭିନବ ପ୍ରଣାଳୀ, ଯାହା ପାରମ୍ପରିକ ପଦ୍ଧତି ତୁଳନାରେ ପ୍ରାୟ ୧୦ ଗୁଣ ଶୀଘ୍ର ଅତି ଘଞ୍ଚ ତଥା ସ୍ୱୟଂନିର୍ଭରଶୀଳ ସ୍ଥାନୀୟ ଜଙ୍ଗଲ ସୃଷ୍ଟି କରିଥାଏ । ଏହି ପ୍ରକ୍ରିୟା ଇସ୍ପାତ କାରଖାନା ସହିତ ଏକ ଜୀବନ୍ତ ପରିବେଶ ପ୍ରଣାଳୀକୁ ମଧ୍ୟ ସୁଦୃଢ଼ କରୁଛି। ଟାଟା ପାୱାର ସହିତ



ଏକ ସହଭାଗିତା ମାଧ୍ୟମରେ ଏଠାରେ ଏକ ଗ୍ରୀଡ୍-ସଂଯୁକ୍ତ ସୌର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଯେଉଁଥିରେ ଦ୍ୱିମୁଖୀ ଭିତ୍ତିଭୂମି କୌଶଳ ଆପଣାଯାଇଛି। କାରଖାନାର ଛାତ ଉପରେ ୯.୧୨ ମେଗାୱାଟ୍ ପାୱାରର ରୁଫ୍‌ଟପ୍ ସୋଲାର ଓ ଜଳାଶୟ ଉପରେ ଏକ ଅଭିନବ ୧୦.୧୦ ମେଗାୱାଟ୍ ପାୱାରର ଭାସମାନ ସୌର ପ୍ରକଳ୍ପ (ଫ୍ଲୋଟିଂ ପିଭି)ର ସମନ୍ୱୟ କରାଯାଇଛି। ଏଥିପାଇଁ କୌଣସି ଅତିରିକ୍ତ ଜମିର ଆବଶ୍ୟକତା ପଡ଼ି ନ ଥିବାବେଳେ ଏଥିରୁ ସର୍ବାଧିକ ସ୍ୱଚ୍ଛ ଶକ୍ତି ଉତ୍ପାଦନ କରାଯାଇପାରୁଛି। ସେହିଭଳି ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମନ (କାର୍ବନ ଫୁଟପ୍ରିଣ୍ଟ)କୁ ହ୍ରାସ କରାଯାଉଛି। କର୍ମଚାରୀଙ୍କ ଦୈନନ୍ଦିନ ଯାତାୟାତ ପାଇଁ ଏବେ ୧୯ଟି ଇଲେକ୍ଟ୍ରିକ୍ କାର୍ ଓ ୨୦ଟି ଇଲେକ୍ଟ୍ରିକ୍ ବସ ଚାଲୁଛି। ଏକ ସ୍ୱଚ୍ଛ ଓ ସୁସ୍ଥ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ପ୍ଲାଣ୍ଟ ପରିସରରେ ଏକ ସ୍ୱତନ୍ତ୍ର "ଇଭି ବସ୍ ଚାର୍ଜିଂ ବେ' ମଧ୍ୟ ନିର୍ମାଣ କରାଯାଇଛି। ପ୍ରକୃତ ଦୀର୍ଘସ୍ଥାୟୀତା, ସମ୍ପଦର ସଠିକ୍ ପରିଚାଳନା ମଧ୍ୟରେ ହିଁ ନିହିତ ଥାଏ। ସ୍ମାର୍ଟ ଅପ୍ଟିମାଇଜେସନ ପଦକ୍ଷେପ ମାଧ୍ୟମରେ ଟିଏସକେ ମଧୁର ଜଳ ବ୍ୟବହାରକୁ ପ୍ରାୟ ୪୦ ପ୍ରତିଶତ ହ୍ରାସ କରିବାରେ ବଡ଼ ସଫଳତା ହାସଲ କରିଛି, ଯାହା ସ୍ଥାନୀୟ ପ୍ରାକୃତିକ ସମ୍ପଦ ଉପରେ ପ୍ରଭାବ କୁ ଯଥେଷ୍ଟ କମାଇ ଦେଇଛି। ଏହାବ୍ୟତୀତ ଏହି ପ୍ରକଳ୍ପ "ଜିରୋ ଏଫ୍ଲୁଏଣ୍ଟ ଡିସଚାର୍ଜ' ମଡେଲ ଅଧୀନରେ ପରିଚାଳିତ ହେଉଛି। ଏହାର ସହାୟତା ପାଇଁ ଏକ ବିଶାଳ ୧୦,୫୦୦ ବର୍ଗ ମିଟରର ବର୍ଷା ଜଳ ଅମଳ ଓ ଭୂତଳ ଜଳ ଭରଣ ପୋଖରୀ (ପରକୋଲେସନ ପଣ୍ଡ) ନିର୍ମାଣ କରାଯାଇଛି। ୪୬,୦୦୦ କ୍ୟୁବିକ୍ ମିଟର କ୍ଷମତା ବିଶିଷ୍ଟ ଏହି ସଂରଚନା ଭୂତଳ ଜଳ ସ୍ତରକୁ ବୃଦ୍ଧି କରିବା ସହ ସ୍ଥାନୀୟ ଜୈବ ବିବିଧତା ପାଇଁ ଏକ ସମୃଦ୍ଧ ଆବାସସ୍ଥଳୀ ସୃଷ୍ଟି କରୁଛି। ଏହି ପ୍ରୟାସର ଫଳସ୍ୱରୂପ ଟିଏସକେ ୨୦୨୪ରେ ସମ୍ମାନଜନକ "ରେସପନ୍ସିବଲ ଷ୍ଟିଲ' ସାର୍ଟିଫିକେସନ ହାସଲ କରିଥିଲା। ଯାହା ଏହାର ନୈତିକ ଉତ୍ସ ଓ ଦାୟିତ୍ୱସମ୍ପନ୍ନ ଉତ୍ପାଦନ ପ୍ରଣାଳୀକୁ ପ୍ରମାଣିତ କରୁଛି।

### ହାଇୱା ପଛରେ ହାଇୱା ଧକ୍କା

## ରାସ୍ତାରେ ୫ ଘଣ୍ଟା ଗାଡ଼ି ଯାତାୟାତ ବନ୍ଦ

**ପାଣିକୋଇଲି, ୨।୭(ସମିସ):** ବେଆଇନ ଭାବେ ବାଲି ଚୋରା ଚାଲାଣ ଅବଧି ଜାରି ରହିଛି। ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାବେଳେ ଆଜି ଦୁର୍ଘଟଣା ଘଟିବାରୁ ଏହାର ପ୍ରମାଣ ମିଳିଛି। ମଧ୍ୟରାତ୍ରରୁ କୋରେଇ ପାଣିକୋଇଲି ପୂର୍ତ୍ତ ବିଭାଗ ରାସ୍ତାରେ ଚୋରାରେ ବାଲି ଗାଡ଼ି ଚାଲୁଛି। ଆଜି ପାଣିକୋଇଲି ଥାନା ଅନ୍ତର୍ଗତ ତାଜପୁର ଛକ ନିକଟରେ ହଠାତ୍ ଏକ ବାଲି ଗାଡି ବ୍ରେକ ମାରିବାରୁ ପଛରୁ ଆସୁଥିବା ଅନ୍ୟଏକ ହାଇୱା ତା' ପଛାରେ ଧକ୍କା ହୋଇଥିଲା। ଫଳରେ ହାଇୱାର ଆଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ଗାଡ଼ି ରାସ୍ତା ମଝିରେ ଅଟକି ରହିଥିଲା। ତେବେ ଚାଳକ ଅଳ୍ପକେ ବର୍ତ୍ତିଯାଇ ଗାଡ଼ି ଛାଡି ପଳାଇଥିଲା। ରାସ୍ତା ମଝିରେ ଗାଡ଼ିଟି ଅଟକି ରହିବାରୁ ଦୀର୍ଘ ୫ ଘଣ୍ଟା ଧରି ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଯାତାୟାତ କରୁଥିବା ବସ ଓ ସ୍କୁଲ ଗାଡି ଅନ୍ୟତ୍ର ରାସ୍ତା ଦେଇ ଯିବାକୁ ବାଧ ହୋଇଥିଲେ। ଘଟଣାସ୍ଥଳରେ ପାଣିକୋଇଲି ପୁଲିସ ପହଞ୍ଚି ହାଇଡ୍ରା ଯୋଗେ ଗାଡ଼ିକୁ ସାଇଟ କରିବାରୁ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ପୁଲିସ ଗାଡ଼ିଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

## ପାନୀୟ ଜଳ ଅପେକ୍ଷାରେ ଗ୍ରାମବାସୀ



**ଦାନଗଦୀ/ଟମକା,୨।୭(ସମିସ):** ଦେଉଳକଣ ପଞ୍ଚାୟତର ପ୍ରତି ପରିବାରକୁ ପ୍ରତିଦିନ ଶୁଦ୍ଧ ପାନୀୟଜଳ ଦେବା ପାଇଁ ଜିଲ୍ଲା ନ୍ୟାସ ଖଣିଜ ପାଣ୍ଠି (ଡିଏମ୍‌ଏଫ) ପକ୍ଷରୁ ନିର୍ମଳ ବୁନ୍ଦା ପାଇଲଟ ପ୍ରୋଜେକ୍ଟ ପାଟବାଲି ଗାଁରେ ଆରମ୍ଭ ହୋଇଛି। ଏହା ଦୀର୍ଘ ଏକ ମାସରୁ ଉର୍ଦ୍ଧ୍ୱ ହେବ ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ସ୍ଥାନୀୟ ବିଧାୟକ ତଥା ସମବାୟ, ହସ୍ତତନ୍ତ, ଓ ବୟନ ଶିଳ୍ପ ମନ୍ତ୍ରୀ ଡଃ ପ୍ରଦୀପ ବଳସାମନ୍ତ ଉଦ୍‌ଘାଟନ କରିପାରିନାହାଁନ୍ତି। ଫଳରେ ନିର୍ମଳ ବୁନ୍ଦା କାର୍ଯ୍ୟାଳୟରେ ତାଲା ପଡିଛି। ଏଣେ ପାଟବାଲି, ଅରାସାହି, ବେହେରା ସାହି, ଭାଟି ସାହି, ଚଟୁରିସାହି, ନୂଆ ସାହି, ଡଙ୍ଗାରି ସାହି, ହାଟସାହିର ଲୋକେ ଶୁଦ୍ଧ ପାନୀୟ ଜଳ ପିଇବାରୁ ବଞ୍ଚିତ ହେଉଛନ୍ତି। ବେଦାନ୍ତ କମ୍ପାନୀର କାମ ଆରମ୍ଭ ପାଇଁ ଟିକିଏ ବର୍ଷାରେ ନିକଟସ୍ଥ ଅରାସାହି ଗ୍ରାମର ପ୍ରତ୍ୟେକ କୂଅର ପାଣି ଗୋଳିଆ ହେବାରୁ ବ୍ୟବହାର ଅନୁପଯୋଗୀ ଯୋଗୁଁ ସମସ୍ତେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବେ କେଉଁ ଦିନ ପଞ୍ଚାୟତବାସୀ ବିଶୁଦ୍ଧ ଜଳ ପାଇବେ, ତାକୁ ଗ୍ରାମବାସୀ ଅପେକ୍ଷା କରିଛନ୍ତି।

## ଦଶରଥପୁର ଥାନାରେ ନିଶା ମୁକ୍ତ ଅଭିଯାନ




**ଦଶରଥପୁର, ୨।୭(ସମିସ):** ଦଶରଥପୁର ଥାନା ପରିସରରେ ଆଜି ନିଶା ମୁକ୍ତ ଅଭିଯାନକୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଦଶରଥପୁର ଥାନାଧିକାରୀ ସୁବ୍ରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଅଞ୍ଚଳର ବୃଦ୍ଧିଜୀବୀ ଓ ଯୁବଗୋଷ୍ଠୀ ଯୋଗ ଦେଇଥିଲେ। ସଭାରେ ନିଶା ସେବନର କୁପରିଣାମ, ପରିବାର ଓ ସମାଜ ଉପରେ ଏହାର କ୍ଷତିକାରକ ପ୍ରଭାବ ଉପରେ ଆଲୋଚନା କରାଯାଇଥିଲା। ଯୁବପିଢ଼ି କିପରି ନିଶା କବଳରୁ ଦୂରରେ ରହିବେ ଓ ଏକ ସୁସ୍ଥ ସମାଜ ଗଠନ ଦିଗରେ ସମସ୍ତଙ୍କ ଭୂମିକା କ'ଣ ରହିବା ଉଚିତ୍ ସେ ସମ୍ପର୍କରେ ବକ୍ତାମାନେ ନିଜ ନିଜର ମତ ରଖିଥିଲେ। ଏ ପରିପ୍ରେକ୍ଷୀରେ ଥାନା ଅଧିକାରୀ କହିଥିଲେ, ନିଶା କେବଳ ଜଣେ ବ୍ୟକ୍ତିକୁ ନୁହେଁ, ପୁରା ପରିବାରକୁ ନଷ୍ଟ କରିଦିଏ। ସମାଜକୁ ନିଶା ମୁକ୍ତ କରିବା ପାଇଁ ପୁଲିସ ଓ ଜନସାଧାରଣ ମିଶି ଉଦ୍ୟମ କଲେ ଏହା ସମ୍ଭବ ହୋଇପାରିବ। ଏ ଅବସରରେ ଥାନାର ସମସ୍ତ କର୍ମଚାରୀଙ୍କ ସମେତ କିଛି ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ।

## ମାନପୁର ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଦାନଗଦୀ,୨।୭ (ସମିସ):** ଦାନଗଦୀ ବ୍ଲକ୍‌ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାନପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ସାହୁ, ସହକାରୀ ଶିକ୍ଷୟିତ୍ରୀ ସତ୍ୟଭାମା ରଥଙ୍କୁ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବରିଷ୍ଠ ଶିକ୍ଷାବିତ୍ ଅକ୍ଷୟ ରାଉତଙ୍କ ସଭାପତିତ୍ୱରେ ଟମକା ଅଞ୍ଚଳର ଖ୍ୟାତା ନାମା ଭାଷ୍ୟକାର, ଯୁବ ଶିକ୍ଷାବିତ ବାବାଜୀ ଚରଣ ଜେନାଙ୍କ ମଞ୍ଚ ସଂଯୋଜନାରେ ସଭାକାର୍ଯ୍ୟ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ବିଇଓ ଶୁଭ୍ରାଂଶୁ ପୁହାଣ, ମୁଖ୍ୟବକ୍ତା



ଝାଡେଶ୍ୱର ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟକୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଯୁଗଳ କିଶୋର ହୋତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ପୁହାଣ, ଶିକ୍ଷାବିତ ଅଜୟ କୁମାର ପଣ୍ଡା, ଅକ୍ଷୟ ହୋତା, ସିଆରପି ଧର୍ମେଜୟ ରାଉତ, କମିଟିର ମୁଖ୍ୟ କୁଳମଣି ପୁହାଣ, ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହ ମଞ୍ଜରୀ ହୋତା ଯୋଗଦେଇ ଦୁଇ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ବିଦ୍ୟାଳୟ ପ୍ରତି ଭଲ ପାଇବା, ଛାତ୍ରଛାତ୍ରୀଙ୍କ ପ୍ରତି ଗଭୀର ସ୍ନେହ ଉପରେ କହିଥିଲେ। ଦୀର୍ଘ ୩୭ ବର୍ଷ ମାନପୁର ବିଦ୍ୟାଳୟରେ ପ୍ରଥମରୁ ଶିକ୍ଷକତା କରି ପ୍ରଭାକର ସାର୍ ବିଦାୟ ନେବା ଏକ ଅବିସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟ ତରଫରୁ ବିଭିନ୍ନ ଉପହାର ଦିଆଯାଇଥିବାବେଳେ ଛାତ୍ରଛାତ୍ରୀ, ଶୁଭେଚ୍ଛୁ, ପୁରାତନ ଛାତ୍ର ଦୁଇ ପ୍ରିୟ ଗୁରୁଜୀଙ୍କୁ ଉପହାର ଦେଇଥିଲେ। ଅତିଥିମାନେ ଦୁଇ ବିଦାୟୀ ଶିକ୍ଷକଙ୍କୁ ସମ୍ମାନୀତ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ ବୁଦୁଲି, ସୁକାନ୍ତ ପରିଡ଼ା, ମନବେନ୍ଦ୍ର ମହାନ୍ତ, ରାଜେଶ ବେହେରା, ସତ୍ୟନାରାୟଣ ରଣା, ଲୀଳାବତୀ ହେମ୍ବ୍ରମ୍, ରୀନା ଦେଇ, ତୃପ୍ତି ରାଉତ, ବିଦ୍ୟାଳୟର ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କଣ୍ଟଗୋଳା,୨।୭(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥ ଗୋପୀନାଥଜୀଉ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟମ୍ବଦା ଲେଙ୍କା ଚାକିରିରୁ ଅବସର ଗ୍ରହଣ ପରିପ୍ରେକ୍ଷୀରେ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷକ ମଳୟ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ପ୍ରାଥମିକ ସଙ୍ଘର ପୂର୍ବତନ ମହାସଚିବ ରବିନ୍ଦ୍ରନାଥ ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଇଓ ଅନ୍ନଦା ପ୍ରସାଦ ରଣା, ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଙ୍ଘର ଜିଲ୍ଲା ସମ୍ପାଦକ ବିଜୟ ନାୟକ, ଅବସରପ୍ରାପ୍ତ ଏବିଇଓ ସାବିତ୍ରୀ ସେଠୀ, ପୁଷ୍ପାଞ୍ଜଳି ନାୟକ, ପ୍ରମୋଦ କୁମାର ପଣ୍ଡା, ଏବିଇଓ ନୃସିଂହ ଚରଣ ମହାନ୍ତି, ବରଦା ଭୂଷଣ ମହାପାତ୍ର, ଡେପୁଟି ସେକ୍ରେଟାରୀ ଅମର କୁମାର ଜେନା, ପୂର୍ବତନ ସଭାପତି ରବିନ୍ଦ୍ର କୁମାର ରାୟ, ଅବସରପ୍ରାପ୍ତ ଏସଆଇ ରାଜାରାମ ପଣ୍ଡା, ମଙ୍ଗଳପୁର ସମିତି ସଭ୍ୟା ସରିତା ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁନିତି ରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ବିଦ୍ୟାଳୟରେ ରହି ବିଦ୍ୟାଳୟ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିବା ସହ ଶ୍ରୀମତୀ ଲେଙ୍କା ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ସେ ଜଣେ ଅମାୟିକ, ମିଷ୍ଟଭାଷୀ, ଛାତ୍ର ବତ୍ସଳ ଓ ଅନୁଷ୍ଠାନପ୍ରେମୀ ଶିକ୍ଷୟିତ୍ରୀ ଭାବେ ଅଞ୍ଚଳରେ ବେଶ ସୁନାମ ଅର୍ଜନ କରିପାରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ବିଦ୍ୟାଳୟ ପକ୍ଷରୁ ଶ୍ରୀମତୀ ଲେଙ୍କାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରସିସି ଗୌତମ କୁମାର ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟିର ପ୍ରଶାନ୍ତ ଜେନା, ଲଳିତ ଜେନା, ସୁକାନ୍ତ ନାୟକ, ସୁବାସିନୀ ଜେନା, ଅନୀଲ ରାୟ, ତୁଷାରକାନ୍ତି ମହାପାତ୍ର, ଜନ୍ମେଜୟ ବାରିକ, ସାରଦା ମହାପାତ୍ର, ମଙ୍ଗରାଜ ଧର୍ମେନ୍ଦ୍ର, ନାରାୟଣ ଜେନା, ରାଜକିଶୋର ପଣ୍ଡା, ଆଶା ନାୟକ, ହେମାଙ୍ଗିନୀ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମହାଲକ୍ଷ୍ମୀ ମହାସଂଘ ଅଫିସ ଘରକୁ ନେଇ ବିବାଦ

## ସରପଞ୍ଚଙ୍କୁ ତାଲା ପକାଇଲେ ମହିଳା ମହାସଂଘ

**ଯଖପୁରା,୨।୭(ସମିସ):** ଦାନଗଦୀ ବ୍ଲକ୍ ଅନ୍ତର୍ଗତ ମାଣତିରା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମହାଲକ୍ଷ୍ମୀ ମହାସଂଘର ଶତାଧିକ ମହିଳା ମାନତୀରା ପଞ୍ଚାୟତ ସରପଞ୍ଚ ଓ ପିଇଓଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ତାଲା ପକାଇ ରଖିଥିବା ଦେଖିବାକୁ ମିଳିଛି। ମହାଲକ୍ଷ୍ମୀ ମହାସଂଘ ପଞ୍ଚାୟତ କାର୍ଯ୍ୟାଳୟ ପରିସର ଭିତରେ ଏକ ଗୃହରେ ଅଫିସ କାର୍ଯ୍ୟ କରିଆସୁଥିଲା। ଉକ୍ତ ଗୃହରେ ମହାସଂଘ ୨୦୧୨ରୁ ନିଜର କାର୍ଯ୍ୟାଳୟ କରିଆସୁଛି। ମାତ୍ର ଦିନକୁ ଦିନ ପଞ୍ଚାୟତ କାର୍ଯ୍ୟାଳୟରେ ଅନେକ ଅତିରିକ୍ତ ଗୃହ ହେବା ଦ୍ୱାରା ମହାସଂଘ ଅଫିସ ଘର ସଙ୍କୁଚିତ ଅବସ୍ଥାରେ ରହିଛି। ସେହି ଗୃହ ଏକ ପରିତ୍ୟକ୍ତ ଗୃହ ପାଲଟିଛି। ଯାହା କାର୍ଯ୍ୟାଳୟ ପାଇଁ ଉପଯୁକ୍ତ ନୁହେଁ। ମହାସଂଘକୁ ନୂତନ ଗୃହ ଯୋଗାଇ ଦେବାକୁ ସଂଘ ସରପଞ୍ଚଙ୍କୁ ବାରମ୍ବାର ଅଭିଯୋଗ କରିଛି। ମାତ୍ର ସରପଞ୍ଚ ଏହାକୁ ଭ୍ରୁକ୍ଷେପ କରିନାହାନ୍ତି। ପରେ ମହାସଂଘ ଏହି କଥାକୁ ନେଇ ଦାନଗଦି ବିଡ଼ିଓଙ୍କୁ ଜଣାଇଥିଲେ ବୋଲି ସଂଘ କହିଛି। ବିଡ଼ିଓ ମଧ୍ୟ ସଂଘକୁ ଏକ ଗୃହ ଦେବା ପାଇଁ ସରପଞ୍ଚଙ୍କୁ କହିଥିବା ମହାସଂଘ ଦାବି କରୁଛି। ମାତ୍ର ବିଡ଼ିଓଙ୍କ କଥାକୁ ସରପଞ୍ଚ ଶୁଣି ନ ଥିଲେ ବୋଲି ସଂଘ ଅଭିଯୋଗ କରିଛି। ଫଳରେ ନିଜ ଅଫିସ ଘର ପାଇଁ ସଂଘକୁ ବାରମ୍ବାର ହେବାକୁ ପଡ଼ିଛି। ଫଳରେ ଆଜି ମହାସଂଘର ଶତାଧିକ ମହିଳା ଉତ୍ତ୍ୟକ୍ତ ହୋଇ ସରପଞ୍ଚ ଓ ପିଇଓଙ୍କୁ ତାଙ୍କ କାର୍ଯ୍ୟାଳୟ ଭିତରେ ତାଲା ପକାଇ ରଖିଥିଲେ। ଅନେକ ଘଣ୍ଟା ଧରି ସରପଞ୍ଚ କାର୍ଯ୍ୟାଳୟ ଭିତରେ ବନ୍ଦ ହୋଇ ରହିଥିବା ଦେଖିବାକୁ ମିଳିଥିଲା। ପରେ ଖବର ପାଇ ଯଖପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହାସଂଘ ସମସ୍ୟା ଦୂର କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ସରପଞ୍ଚ ଓ ପିଇଓଙ୍କୁ ଉଦ୍ଧାର କରିଥିଲା।



## ମଧୁପୁର ମହାବିଦ୍ୟାଳୟରେ ଅନିୟମିତତା ଅଭିଯୋଗ

**ଯାଜପୁର,୨।୭(ସମିସ):** ରସୁଲପୁର ବ୍ଲକ କଳଣ ପଞ୍ଚାୟତସ୍ଥ ମଧୁପୁର ମହାବିଦ୍ୟାଳୟ ଏବେ ବିଭିନ୍ନ ଅନିୟମିତା ଅଭିଯୋଗକୁ ନେଇ ବିବାଦ ଘେରରେ ରହିଛି। ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ମହାବିଦ୍ୟାଳୟର ପ୍ରଶାସନିକ ଓ ଶୈକ୍ଷିକ ଅବ୍ୟବସ୍ଥା ବିରୋଧରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଜ୍ଞାନ ଶ୍ରେଣୀରେ ନିୟମିତ ପ୍ରାକ୍ଟିକାଲ କ୍ଲାସ ହେଉ ନ ଥିବାରୁ ଛାତ୍ରଛାତ୍ରୀ ଅସୁବିଧାରେ ପଡୁଛନ୍ତି। ଅତୀତରେ ମହାବିଦ୍ୟାଳୟ ପରିସରରୁ ବିନା ଅନୁମତିରେ ଗଛ କଟା ଓ ପୁରୁଣା ଡେସ୍କ-ବେଞ୍ଚ ବିକ୍ରି ହୋଇଥିବା ଅଭିଯୋଗ ହୋଇଥିଲା। ଏବେ ପ୍ରତିଦିନ ଏଠାରୁ ନୂଆନୂଆ ଅଭିଯୋଗ ଆସୁଛି। ବିନା ବିଜ୍ଞପ୍ତିରେ କର୍ମଚାରୀ ନିଯୁକ୍ତି ଓ ଅନୁପଯୁକ୍ତ ପ୍ରାର୍ଥୀଙ୍କଠାରୁ ଟଙ୍କା ଆଦାୟ କରି ନିଯୁକ୍ତି ଦିଆଯାଉଥିବା ଅଭିଯୋଗ ଆସିଛି। ବିଜ୍ଞାନ ଶ୍ରେଣୀରେ ପ୍ରାକ୍ଟିକାଲ ହେଉ ନ ଥିବାବେଳେ ପରୀକ୍ଷା ବେଳେ ମାର୍କ ଦେବା, ଏକ୍ସଟରନାଲଙ୍କ ପାଇଁ ଖର୍ଚ୍ଚ ଆଳ ଦେଖାଯାଇ ଛାତ୍ରଛାତ୍ରୀଙ୍କଠାରୁ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି।

+୩ ଶ୍ରେଣୀ ପାଇଁ ନାମଲେଖାରେ ବି ଅନିୟମିତା ହୋଇଥିବା ଓ କଲେଜର ଜଣେ ପିଅନ ଚାକିରି କରିଥିବା ବ୍ୟକ୍ତି ସେହି କଲେଜରେ +୩ର ଛାତ୍ର ହେଲେ କେମିତି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ ପଚାରୁଛନ୍ତି। ପରିସର ଭିତରେ ନିୟମିତ ଭାବେ ପ୍ରତି ବୁଧବାରରେ ମଦ, ମାଂସର ଭୋଜି ହେଉଥିବା ମଧ୍ୟ ଆଲୋଚନା ହେଉଛି। ଏ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପଚାରିବାରୁ ସେ କହିଛନ୍ତି, ଆମ କଲେଜର ଜଣେ ଷ୍ଟାଫ୍ ଭୋଜି ଆୟୋଜନ କରିଥିଲେ। ମଦ ସମ୍ପର୍କରେ ଯାହା କୁହାଯାଉଛି, ତାହା ବାହାରର ଅସାମାଜିକ ଲୋକ ପକାଇଥାଇପାରନ୍ତି। ମୁଁ ନିଜେ ଘଟଣାର ତଦନ୍ତ କରି ଏଭଳି କାର୍ଯ୍ୟ ତୁରନ୍ତ ବନ୍ଦ କରିବି ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବି। ଅନ୍ୟ ଅଭିଯୋଗର ମଧ୍ୟ ଯାଞ୍ଚ କରିବି। ତେବେ ଏ ସମସ୍ତ ଅଭିଯୋଗ ଉପରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଏକ ନିରପେକ୍ଷ ତଦନ୍ତ ପାଇଁ ସ୍ଥାନୀୟ ସଚେତନ ଲୋକେ ଦାବି କରୁଛନ୍ତି। ଛାତ୍ରଙ୍କ ଭବିଷ୍ୟତ ଓ ଶିକ୍ଷାନୁଷ୍ଠାନର ଗରିମା ଦୃଷ୍ଟିରୁ ସମସ୍ତ ଅଭିଯୋଗର ସ୍ୱଚ୍ଛ ଯାଞ୍ଚ ଜରୁରୀ ବୋଲି ସେମାନେ କହିଛନ୍ତି।



## ଟାଟା ଷ୍ଟିଲ୍‌ରେ ଅଗ୍ନି ନିରାପତ୍ତା ପ୍ରସ୍ତୁତି ମକ୍‌ଡ୍ରିଲ୍




**ଦାନଗଦି,୨।୭(ସମିସ):** ଅଗ୍ନିକାଣ୍ଡର ମୁକାବିଲା ଏବଂ ଏଥିପାଇଁ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମଙ୍ଗଳବାରଟାଟା ଷ୍ଟିଲ୍‌କଳିଙ୍ଗନଗରରକୋଲ୍ଡ ରୋଲିଂ ମିଲ୍‌ଠାରେ ଏକ ପ୍ଲାଣ୍ଟସ୍ତରୀୟ 'ହାଇଡ୍ରୋଜେନ୍ ନିର୍ଗମନ ଏବଂ ହାଇଡ୍ରୋଜେନ୍ ବଫର୍ ଭେସେଲ୍‌ରେ ଅଗ୍ନିକାଣ୍ଡ' ସଦୃଶ ସ୍ଥିତିକୁ ନେଇ ମକ୍‌ଡ୍ରିଲ୍ ଆୟୋଜିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର ନିର୍ଦ୍ଦେଶାଳୟ ଏବଂ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏହି ମକ୍‌ଡ୍ରିଲ୍ ଆୟୋଜନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରୁଥିବା ଦଳ ଏବଂ ସହଯୋଗୀ ଶିଳ୍ପସଂସ୍ଥା ସମେତ ସମସ୍ତ ପ୍ରମୁଖ ଷ୍ଟେକହୋଲଡେରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା।

ଏହି ମକ୍‌ଡ୍ରିଲ୍‌ରେ ଇଞ୍ଜିନିୟର ଉମେଶ ଚନ୍ଦ୍ର ସୁତାର, କାରଖାନା ଓ ବଏଲର ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ, ଯାଜପୁର ରୋଡ୍ ଡିଭିଜନ, ଇଞ୍ଜିନିୟର ଦେବାଶିଷ ନାୟକ, ସହକାରୀ ନିର୍ଦ୍ଦେଶକ, ଅଶୋକ ବେହେରା, ଯାଜପୁର ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ତାପସ କୁମାର ମନ୍ତ୍ରୀ, ଅଗ୍ନିଶମ ଅଧିକାରୀ, ଯାଜପୁର ରୋଡ୍, ରମେଶ ବେହେରା, ସବ୍-ଇନ୍ସପେକ୍ଟର, କଳିଙ୍ଗନଗର ଥାନା, ଶଙ୍କର ବିଶ୍ୱାସ, ମେକାନିକାଲ୍ ମେଣ୍ଟେନାନ୍ସ ଚିଫ୍, ପଙ୍କଜ ହରିଶ୍ଚନ୍ଦ୍ର ଭୁରେ, ଇଲେକ୍ଟ୍ରିକାଲ୍ ମେଣ୍ଟେନାନ୍ସ ଚିଫ୍, ଟାଟା ଷ୍ଟିଲ୍ କଳିଙ୍ଗନଗରର, କମଳା କାନ୍ତ, ଇଲେକ୍ଟ୍ରିକାଲ୍ ମେଣ୍ଟେନାନ୍ସ (ଷ୍ଟିଲ୍‌ଆଣ୍ଡ ମିଲ୍ସ), ମତ୍ସ୍ୟେନ୍ଦ୍ର ନାଥ ଶୁକ୍ଲା, ଚିଫ୍ ମେକାନିକାଲ୍ ମେଣ୍ଟେନାନ୍ସ (ଷ୍ଟିଲ୍ ଆଣ୍ଡ ମିଲ୍ସ) ଚିଫ୍, ରବି ମାରିକ, କର୍ପୋରେଟ୍ ସର୍ଭିସେସ୍ ଚିଫ୍, ପ୍ରବେଶ ନାରଙ୍ଗ, କୋଲ୍ଡ ରୋଲିଂ ମିଲ୍ ଚିଫ୍ ଏବଂ ବିଳାସ ଗାୟକୱାଡ, ଚିଫ୍ ସେଫ୍ଟି, ଓଡ଼ିଶା, ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ଟାଟା ଷ୍ଟିଲ୍ କଳିଙ୍ଗନଗର, ଜିନ୍ଦଲ ଷ୍ଟେନଲେସ୍, ନୀଳାଚଳ ଇସ୍ପାତ ନିଗମ ଏବଂ ଭିସା ଷ୍ଟିଲ୍‌ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ବୃହତ ମକ୍‌ଡ୍ରିଲ୍‌ର ଲକ୍ଷ୍ୟ ଥିଲା କୋଲ୍ଡ ରୋଲିଂ ମିଲ୍‌ର ହାଇଡ୍ରୋଜେନ୍ ବଫର୍ ଭେସେଲ୍ ଅଞ୍ଚଳରେ ସମ୍ଭାବ୍ୟ ଅଗ୍ନିକାଣ୍ଡର ମୁକାବିଲା କରିବା ପାଇଁ ଦକ୍ଷତା ପରଖିବା। ପ୍ରକୃତରେ ସେଭଳି କୌଣସି ଦୁର୍ଘଟଣା ଘଟିନଥିଲେ ମଧ୍ୟ, ସୁରକ୍ଷା, ଅଗ୍ନିଶମ, ଚିକିତ୍ସା, ସୁରକ୍ଷା (ସିକ୍ୟୁରିଟି) ଏବଂ ଅପରେସନ୍ସ ଭଳି ବିଭିନ୍ନ ଦଳର ପ୍ରସ୍ତୁତି ଯାଞ୍ଚ କରିବା ପାଇଁ ଏକ କୃତ୍ରିମ ପରିବେଶ ସୃଷ୍ଟି କରାଯାଇଥିଲା।

## ଦାନଗଦି ଡାକ୍ତରଖାନା ପରିସରରେ ଗଣେଶ ମୂର୍ତ୍ତି ପ୍ରତିଷ୍ଠା

**ଦାନଗଦୀ, ୨।୭(ସମିସ):** ସ୍ନାନ ପୂର୍ଣ୍ଣିମାରେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଗଣେଶ ମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ଏ ଉପଲକ୍ଷେ ଆୟୋଜିତ ଉତ୍ସବରେ ଡାକ୍ତରଖାନାର ଭାରପ୍ରାପ୍ତ ଅଧିକାରୀ ଡଃ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ସମେତ ଡାକ୍ତରଖାନାର ଅନ୍ୟ ସମସ୍ତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ। ରେଡିଓଗ୍ରାଫର ହରପ୍ରିୟା ଦେବତା ସଂକଳ୍ପ କାର୍ଯ୍ୟ ତୁଲାଇଥିଲେ। ସକାଳୁ ପୂଜାକାର୍ଯ୍ୟ ଆରମ୍ଭ ହୋଇ ଅପରାହ୍ନ ୨ଟା ସମୟରେ ଶେଷ ହୋଇଥିଲା। ଡାକ୍ତରଖାନା ପରିସରରେ ଏଭଳି ଏକ ମୂର୍ତ୍ତି ପ୍ରତିଷ୍ଠା ହେବା ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଲୋକେ ଅତି ଭକ୍ତିର ସହକାରେ ଦର୍ଶନ କରିଥିଲେ। ଡାକ୍ତରଖାନାର ସମସ୍ତ କର୍ମଚାରୀ ଓ ପରିବାର ଲୋକେ ପୂଜା କାର୍ଯ୍ୟରେ ଉପସ୍ଥିତ ରହି ଗଣେଶଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ପରେ ସମସ୍ତେ ମିଶି ପ୍ରସାଦ ସେବନ କରିଥିଲେ।

### ଏସ୍‌ଆଇଆର୍ ପ୍ରକ୍ରିୟାର ସମୀକ୍ଷା କଲେ ଜିଲ୍ଲାପାଳ

## ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

**ଯାଜପୁର,୨।୭(ସମିସ)**

ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଏସଆଇଆର ୨୦୨୬ର ପରିଗଣନା ପର୍ଯ୍ୟାୟର ସଫଳ ସମାପନ, ତଥ୍ୟର ଡିଜିଟାଇଜେସନ୍‌ର ଅଗ୍ରଗତି, ଚିଠା ଭୋଟର ତାଲିକା ପ୍ରକାଶ ପାଇଁ ଚାଲିଥିବା ପ୍ରସ୍ତୁତି ଓ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏସଆଇଆର କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଥିଲା। ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଭୋଟରମାନେ ନିଜ ନାମ ସମ୍ପର୍କିତ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହାପରେ ପ୍ରାପ୍ତ ଦାବି ଓ ଆପତ୍ତିର ଯାଞ୍ଚ ଓ ସମାଧାନ ପ୍ରକ୍ରିୟା ନଭେମ୍ବର ୨ ତାରିଖ ସୁଦ୍ଧା ସମ୍ପନ୍ନ କରାଯିବ



ଏବଂ ନଭେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ଏ ଅବସରରେ ଜିଲ୍ଲାପାଳ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଙ୍କୁ ଚିଠା ଭୋଟର ତାଲିକାର ଯାଞ୍ଚ ଓ ଦାବି-ଆପତ୍ତି ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। କୌଣସି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ ନ ପଡ଼ନ୍ତି ଓ ଭୋଟର ତାଲିକା ସଠିକ୍, ସମାବେଶୀ ଓ ତ୍ରୁଟିମୁକ୍ତ ରହେ, ସେଥିପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅଶୋକ କୁମାର ଦେହୁରୀ, ଡେପୁଟି କଲେକ୍ଟର, ନିର୍ବାଚନ, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ରହି ଏସଆଇଆର୍‌ର ସଫଳ କାର୍ଯ୍ୟକାରିତା, ସମନ୍ୱୟ ଓ ଆଗାମୀ କାର୍ଯ୍ୟସୂଚୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

## ଯଖପୁରା ଥାନାରେ ନିଶାମୁକ୍ତ ଭାରତ ଅଭିଯାନ

**ଦାନଗଦି/ଯଖପୁରା ୨।୭(ସମିସ):** ଓଡିଶା ପୁଲିସ୍ ପକ୍ଷରୁ ସାରା ରାଜ୍ୟରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଚାଲିଥିବାବେଳେ ଯାଜପୁର ଜିଲ୍ଲା ପ୍ରଶାସନର ଆହ୍ୱାନକ୍ରମେ ଯଖପୁରା ପୁଲିସ୍ ଥାନା ପକ୍ଷରୁ ଆଇଆଇସି ପ୍ରମୋଦିନୀ ସାହୁଙ୍କ ତତ୍ତ୍ୱାବଧାନରେ ପୂର୍ବାହ୍ନରେ ଥାନା ପରିସରରେ ଥାନା ଅଞ୍ଚଳର ଜନପ୍ରତିନିଧି, ଯୁବବର୍ଗ, ବୁଦ୍ଧିଜୀବୀ ନିଶାମୁକ୍ତ ଓଡିଶା ଗଠନ ପାଇଁ ମିଳିତ ଶପଥ ପାଠ କରାଇଥିଲେ। ନିଶା ପାଇଁ ସମାଜରେ ଅପରାଧ ବଢ଼ିବା ସହିତ ପରିବାରରେ ଅଶାନ୍ତି ବଢୁଛି। ଏହାର ପ୍ରତିକାର ପାଇଁ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଅନୁରୋଧ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର କୃଷ୍ଣଚନ୍ଦ୍ର ସାମଲ, ପପୁ ମଲ୍ଲିକ, ତୋଫାନ ମଲ୍ଲିକ ଓ ଥାନା ପକ୍ଷରୁ ଏସଆଇ ଚିତ୍ତରଞ୍ଜନ ବଳସାମନ୍ତରାୟ, ଏଏସଆଇ ବସନ୍ତ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତିରେ ଭିଜିଲାନ୍ସ ଟିମ୍‌ର ତଦନ୍ତ

ହାଟଡ଼ିହୀ,୨।୭ (ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକରେ ଭିଜିଲାନ୍ସ ଟିମର ଯାଞ୍ଚ କରାଯାଇଛି । ଗତ ୨୦୨୦-୨୧ ବର୍ଷରେ ଷ୍ଟ୍ରିଟ୍ ଲାଇଟ୍ ଟେଣ୍ଡର ପ୍ରକ୍ରିୟାରେ ହୋଇଥିବା ଦୁର୍ନୀତିକୁ ନେଇ ଚାଲିଛି ଖୋଳତାଡ଼ । ଗୁରୁବାର ପୂର୍ବାହ୍ନରେ ଭିଜିଲାନ୍ସର ୨ ଜଣିଆ ଟିମ୍ ହାଟଡ଼ିହୀ ବ୍ଲକରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ଚଳାଇଛନ୍ତି । ବିରଜା କନ୍ସଷ୍ଟ୍ରୋକ୍ସନ୍ ୧୩ଟି ପଞ୍ଚାୟତରେ ଷ୍ଟ୍ରିଟ୍‌ଲାଇଟ୍ ଲଗାଇଥିବା ବେଳେ ଏହାର ତଦନ୍ତ ଚଳାଇଛନ୍ତି ଭିଜିଲାନ୍ସ ଟିମ୍ । ବ୍ଲକରେ ରେକର୍ଡ଼ପତ୍ର ଯାଞ୍ଚ ପରେ ବିଭିନ୍ନ ପଞ୍ଚାୟତକୁ ଯାଇ ତଦନ୍ତ କରିବେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି ।

## ଓଁକାର ସେବାଶ୍ରମ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ପରଷିଲେ ସରିତା

ଆନନ୍ଦପୁର, ୨।୭ (ସମିସ): ଘଷିପୁରା ବ୍ଲକର ବାମ୍ଫିଡିସ୍ଥିତ ଓଁକାର ସେବାଶ୍ରମରେ କୁନି କୁନି ଛାତ୍ରଛାତ୍ରୀଙ୍କ ମୁହଁରେ ହସ ଫୁଟାଇଛନ୍ତି ପାହାଡ଼ପୁର ଗ୍ରାମର ସମାଜସେବୀ ସରିତା ସାହୁ । ସେବାଶ୍ରମର ପିଲାମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରିବା ସହ ସେମାନଙ୍କ ସହ ସମୟ ବିତାଇ ଉତ୍ସାହିତ କରିଥିଲେ । ଘଷିପୁରା ବ୍ଲକ୍ ମଦନପୁର ପଞ୍ଚାୟତ ଅନ୍ତର୍ଗତ ବାମ୍ଫିଡି ଗୋଡ଼ିସାହିସ୍ଥିତ ଓଁକାର ସେବାଶ୍ରମରେ ଅନୁଷ୍ଠିତ ହୋଇଛି ଏକ ସେବାମୂଳକ କାର୍ଯ୍ୟକ୍ରମ । କାର୍ଯ୍ୟକ୍ରମରେ ମନସ୍ୱିନୀ ସାହୁ, ଲିପା ସାହୁ, ଶ୍ରୀଲିପ୍ସା ସାହୁ, ସୋନି ସାହୁ ଏବଂ ଶ୍ରୀନିବାସ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ସେବାଶ୍ରମର ଟ୍ରଷ୍ଟି ଗୋବର୍ଦ୍ଧନ ବେହେରା ଏହି ମହତ୍ କାର୍ଯ୍ୟ ପାଇଁ ସମାଜସେବିକା ସରିତା ସାହୁ ଓ ତାଙ୍କ ସହଯୋଗୀମାନଙ୍କୁ ସାଧୁବାଦ ଜଣାଇଥିଲେ । ସେପଟେ ସରିତା ସାହୁ କହିଛନ୍ତି, ଅସହାୟ ଓ ଆବଶ୍ୟକତାସମ୍ପନ୍ନ ଲୋକଙ୍କୁ ସାହାଯ୍ୟ କରିବାରେ ସେ ଆତ୍ମସନ୍ତୋଷ ଓ ଆନନ୍ଦ ଅନୁଭବ କରନ୍ତି ।

## ଶିଶୁ ମନ୍ଦିର ଗୁରୁଜୀଙ୍କ ଅବସର ଗ୍ରହଣ



କେନ୍ଦୁଝର, ୨।୭ (ସମିସ): ଜେଇରୋଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡର ଗୁରୁଜୀ ଦୟାନିଧି ରାଉତ ଅବସର ଗ୍ରହଣ କରିଛନ୍ତି । ଏନେଇ ବିଦ୍ୟାଳୟରେ ଆୟୋଜିତ ଏକ ସଭାରେ ପରିଚାଳନା ସମିତିର ସଭାପତି ନିମାଇଁ ଚରଣ ଦାଶ, ସଂପାଦକ ସୁଧାଂଶୁ ଶେଖର ପଣ୍ଡା ଓ ଯୁଗ୍ମ ସଂପାଦକ ଜୟକୃଷ୍ଣ ମହାନ୍ତ ଉପସ୍ଥିତ ରହି ଗୁରୁଜୀଙ୍କୁ ପୁଷ୍ପଗୁଚ୍ଛ ସହିତ ଉପଢୌକନ ପ୍ରଦାନ କରିଥିଲେ । ବିଦ୍ୟାଳୟର ସହପ୍ରଧାନାଚାର୍ଯ୍ୟ ଦେବାଶିଷ ସାମଲ, ପର୍ଯ୍ୟାୟ ପ୍ରମୁଖ ଜଗନ୍ନାଥ ମହାନ୍ତ, ଲମ୍ବୋଦର ମହାନ୍ତ, ଦୟାନିଧି ମହାନ୍ତ ତଥା ଅନ୍ୟାନ୍ୟ ଗୁରୁଜୀଗୁରୁମା ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ଉପସ୍ଥିତ ଥିଲେ ।

## ଆନନ୍ଦପୁର ନଗର ଯୁବମୋର୍ଚ୍ଚା ସଭାପତି ଧବଳେଶ୍ୱର



ଆନନ୍ଦପୁର, ୨।୭ (ସମିସ): ଆନନ୍ଦପୁର ନିର୍ବାଚନମଣ୍ଡଳୀର ଯୁବନେତା ଧବଳେଶ୍ୱର ସାହୁଙ୍କୁ ଆନନ୍ଦପୁର ନଗର ମଣ୍ଡଳର ଯୁବମୋର୍ଚ୍ଚା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ଅନୁମୋଦନକ୍ରମେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରୁଦ୍ରପ୍ରସାଦ ବେହେରା ଏହା ଘୋଷଣା କରିଛନ୍ତି । ବିଗତ ଦିନରେ ଧବଳେଶ୍ୱର ଏବିଭିପି ସହ ଜଡ଼ିତ ରହି ସଂଗଠନ କାର୍ଯ୍ୟ କରୁଥିବାବେଳେ ପୂର୍ବରୁ ଯୁବମୋର୍ଚ୍ଚା ସଭାପତି ମଧ୍ୟ ଥିଲେ । ନିର୍ବାଚନମଣ୍ଡଳୀର ସମସ୍ତ ଯୁବକଙ୍କୁ ସଂଗଠିତ କରି କିଭଳି ସରକାରଙ୍କ ସମସ୍ତ ଯୋଜନା ଆନନ୍ଦପୁର ଜନସାଧାରଣଙ୍କ ପାଖରେ ପହଞ୍ଚିବ ଗୁରୁତ୍ୱ ଦେବେ ବୋଲି ଶ୍ରୀ ସାହୁ କହିଛନ୍ତି ।

## ପତିତପାବନ ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଆନନ୍ଦପୁର, ୨।୭ (ସମିସ): ସାଇଁକୁଳ, ପତିତପାବନ ମହାବିଦ୍ୟାଳୟର +୨ ବିଭାଗର ନୂତନ ଅଧ୍ୟକ୍ଷା ଭାବେ ନିଯୁକ୍ତି ପାଇଥିବା ଚିନ୍ମୟୀ ନାୟକଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ତରିକ ସ୍ୱାଗତ ଓ ଭବ୍ୟ ସମ୍ବର୍ଦ୍ଧନା ଜଣାଯାଇଛି । ତାଙ୍କ ନିଯୁକ୍ତିକୁ ଶିକ୍ଷାକ୍ଷେତ୍ର ପାଇଁ ଏକ ସକାରାତ୍ମକ ପଦକ୍ଷେପ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ମତ ପ୍ରକାଶ କରିଛନ୍ତି । ଶାନ୍ତିନିକେତନର ପ୍ରଫେସର ଡଃ ସନତ ରଥ, ବିଶିଷ୍ଟ ସମାଜସେବୀ ସନ୍ତୋଷ ସ୍ୱାଇଁଙ୍କ ସମେତ ଅଞ୍ଚଳର ବରିଷ୍ଠ ବୁଦ୍ଧିଜୀବୀ ଅନନ୍ତ ଚରଣ ସ୍ୱାଇଁ, ପ୍ରଦୀପ ଚକ୍ର, ମାର୍କଣ୍ଡ ସାମଲ, ଗୋପାଳ ପରିଡ଼ା, ସୁରେଶ ଚକ୍ର, ମୋହନ ଚକ୍ର, ବେଣୁଧର ପରିଡ଼ା, ଗୌରାଙ୍ଗ ବେହେରା ପ୍ରମୁଖ ଚିନ୍ମୟୀ ନାୟକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ଦାୟିତ୍ୱକୁ ଚିନ୍ମୟୀ ନାୟକ ସଫଳତାର ସହ ନିର୍ବାହ କରି ପତିତପାବନ ମହାବିଦ୍ୟାଳୟକୁ ଏକ ଆଦର୍ଶ ଶିକ୍ଷାନୁଷ୍ଠାନରେ ପରିଣତ କରିବା ଦିଗରେ ଉଲ୍ଲେଖନୀୟ ଅବଦାନ ରଖିବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି ।

**ସମଣାରେ ବାଲି ମାଫିଆ ସକ୍ରିୟ**

# ୩ ଦିନରେ ୩ ଶହ ଟ୍ରିପ୍ ବାଲି ଉଠାଣ ଯୋଜନା

ଆନନ୍ଦପୁର, ୨।୭ (ସମିସ)

ଆଉ ମାତ୍ର ଦୁଇଦିନ ଅର୍ଥାତ ଚଳିତ ମାସ ୫ ତାରିଖଠାରୁ ବାଲିଘାଟ ବନ୍ଦ ପାଇଁ ସରକାରୀ ଘୋଷଣା ପରେ ମାଫିଆମାନେ ଚୋରା ବାଲି ଉତ୍ତୋଳନ ଓ ଚାଲାଣ ପାଇଁ ବିଭିନ୍ନ ସ୍ଥାନରେ ଗଦା କରିବା ଲାଗି ରାତିଦିନ ଏକାକାର କରିଥିବା ପରିଲକ୍ଷିତ ହୋଇଛି । ବିନା ଲିଜରେ ସମଣା ଘାଟରୁ ବାଲି ଲୁଟ ହେଉଛି । ମୌସୁମୀ ସମୟରେ ନଦୀରୁ ବାଲି ଉତ୍ତୋଳନ ଲାଗି ନିଷେଧାଦେଶ ଥିଲେ ମଧ୍ୟ ବେଧଡ଼କ ଚାଲି ଲୁଟ୍ ଚାଲିଛି । ହାଟଡିହି ତହସିଲ ଅଧୀନ ସମଣା ଓ ଗୋବିନ୍ଦପୁର ଘାଟରୁ ବେଆଇନ ବାଲି ଉତ୍ତୋଳନ ହେଉଛି । ଗତ ୨୪ରୁ ଖୁଲମଖୁଲା ଏଭଳି ବେଆଇନ କାର୍ଯ୍ୟ ଚାଲିଛି । ୮ ଦିନରେ ଏହି ଘାଟରୁ ବେଆଇନ ଭାବେ ୧୫ ଶହ ଟ୍ରିପରୁ ଅଧିକ ବାଲି ହାଇୱା ଯୋଗେ ବିଭିନ୍ନ ଜିଲ୍ଲା ଓ ରାଜ୍ୟ ବାହାରକୁ ଚାଲାଣ କରାଯାଇଛି । ଲୁଟ ବାଲିର ବଜାର ଦର ୭ କୋଟିରୁ ଅଧିକ ହେବ ବୋଲି ବିଜେପି ନେତା ଯଜ୍ଞପ୍ରସାଦ ସାହୁ କହିଛନ୍ତି । ବୈତରଣୀ ନଦୀରୁ ବାଲି କୁଟ କରିବା ଲାଗି ଗଛ କାଟି ଏକ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରାଯାଇଛି । ୩ଟି ବଡ ବଡ ମେସିନ୍ ମାଧ୍ୟମରେ ଦିନରାତି ବେଆଇନ କାର୍ଯ୍ୟ ହେଉଥିଲେ ମଧ୍ୟ ଖଣି ଅଧିକାରୀ ଓ ଜିଲ୍ଲା ପ୍ରଶାସନ ସବୁ ଜାଣି ମଧ୍ୟ ନିରବଦ୍ରଷ୍ଟା ସାଜିବା ସମସ୍ତଙ୍କୁ ଚକିତ କରିଛି । "ଅପରେସନ ବୈତରଣୀ' ନାମରେ କେନ୍ଦୁଝର ପୁଲିସ ୨ ମାସ ତଳେ ନେଇଥିବା ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି । ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ ଆନନ୍ଦପୁର ଉପଖଣ୍ଡରେ ବାଲି ଲୁଟ ଉପରେ ରୋକ୍ ଲାଗିଥିଲା । ଗତ ୮ ଦିନ ହେବ ବାଲି ଲୁଟ ଘଟଣା ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏହା ଏକ ସୁଚିରିତ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି । ସମଣା ବେଆଇନ ଚାଲି ଘାଟ ନିକଟରେ ଥିବା ଗ୍ରାମର ଏକ କମ୍ୟୁନିଟି ସେଣ୍ଟରକୁ ମାଫିଆମାନେ ନିଜର ଖଟି ଭାବେ ବ୍ୟବହାର କରୁଛନ୍ତି । ଏପରିକି ଏଠାରେ ଗ୍ରାମର ନିରୀହ ଯୁବକଙ୍କୁ ମଦ ଓ ଭୋଜି ଦେଇ ଅଞ୍ଚଳରେ ବିଶୃଙ୍ଖଳା ସୃଷ୍ଟି କରାଇବା ସହ ଗ୍ରାମ୍ୟରାସ୍ତାରେ ବଡ ବଡ ହାଇୱା ଯୋଗେ ବାଲି ପରିବହନ କରାଉଛନ୍ତି । ଅପରପକ୍ଷରେ ବଲାଙ୍ଗିର ଜିଲ୍ଲାରଫେବୃଆରୀମାସ୪ତାରିଖରଟ୍ରାଞ୍ଜିଟ ପାସକୁ ବାଲେଶ୍ୱର ଜିଲ୍ଲାର ଏକ ଯୁବକ ଢାଲ କରି ମୋବାଇଲ ଯୋଗେ ପଠାଏ । ପ୍ରତି ଟ୍ରାଞ୍ଜିଟ ପାସରେ ସରକାରୀ ଲୋଗୋ ଲଗାଇ ଗୋଟା ପ୍ରତି ସେ ୩୦ ଟଙ୍କା ନେଉଥିବା ଶ୍ରୀ ସାହୁ କହିଛନ୍ତି । ଏହି ବେଆଇନ ବାଲିଘାଟକୁ ପ୍ରଶାସନ ବନ୍ଦ ନକଲେ ପୂର୍ବ ଭଳି ବୈତରଣୀ ନଦୀରେ ବାଲି ସତ୍ୟାଗ୍ରହ ଭଳି ଘଟଣାକୁ ଏଡ଼ାଇ ଦିଆଯାଇ ନପାରେ ।



## ବିଇଓ କାର୍ଯ୍ୟାଳୟ ଜରାଜୀର୍ଣ୍ଣ; ମରାମତି ପାଇଁ ଆନ୍ତରିକତା ଅଭାବ



**ଭିତରଟା ଚହଟଚିକ୍କଣ**
**ବାହାର କଂକ୍ରିଟ୍ ଫାଟି ଆଁ**

ହାଟଡ଼ିହୀ,୨।୭ (ସମିସ): ହାଟଡ଼ିହୀ ବ୍ଲକର ବିଭିନ୍ନ ସ୍ଥାନରେ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଥିଲା ବେଳେ ହାଟଡ଼ିହୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ (ବିଇଓ)ଙ୍କ କାର୍ଯ୍ୟାଳୟର ଅବସ୍ଥା କ୍ରମଶଃ ବେହାଲ୍ ଅବସ୍ଥାକୁ ଯାଉଥିବା ଦେଖାଯାଇଛି । କାର୍ଯ୍ୟାଳୟ ଭିତରର ବିଭିନ୍ନ ସ୍ଥାନରେ ମରାମତି ସହ ବିଭିନ୍ନ ସାଜସଜ୍ଜା ଯୋଗୁଁ ରୂପରେଖରେ ବେଶ ଆଦୃତ ପାଇଥିବା ବେଳେ ବାହାର ଅବସ୍ଥା ବେହାଲ ହେବାକୁ ବସିଲାଣି । କାର୍ଯ୍ୟାଳୟ ପରିସର ଘାସଲତାରେ ପୁରିଥିବା ବେଳେ ସଫେଇ ମଧ୍ୟ ହେଉନାହିଁ । କାର୍ଯ୍ୟାଳୟ ନିକଟରେ ଏକ ବିରାଟ ପଳାସ ବଣ ଥିବାରୁ ବିଷଧର ସରୀସୃପଙ୍କ ଭୟ ମଧ୍ୟ ଲାଗିରହୁଛି । କାର୍ଯ୍ୟାଳୟର ବାହାର ଛାତର ଅନେକ ଅଂଶ ଫାଟି ଯାଇଥିବା ବେଳେ ସେଥିରୁ କଂକ୍ରିଟ୍ ଖଣ୍ଡମାନ ଖସୁଥିବା ଦେଖାଯାଇଛି । ଏଥିପ୍ରତି ବିଇଓଙ୍କ ନଜର ନପଡିବା ଅତ୍ୟନ୍ତ ଦୁର୍ଭାଗ୍ୟ ବୋଲି କୁହାଯାଇଛି । କର୍ମଚାରୀଙ୍କ ଉପସ୍ଥିତିରେ ବାହାର ବୁଲା କୁକୁର କାର୍ଯ୍ୟାଳୟ ଭିତରେ ଫ୍ୟାନ୍ ତଳେ ଶୋଇ ଏକପ୍ରକାର କାର୍ଯ୍ୟାଳୟ ଜଗୁଥିବା ଦେଖିବାକୁ ମିଳିଛି । କାର୍ଯ୍ୟାଳୟ ସମ୍ମୁଖ କାନ୍ଥକୁ ଲାଗି ରଖାଯାଇଥିବା ଏକ ପୁରୁଣା ମଡେଲ ମୋଟର ସାଇକଲ କାର୍ଯ୍ୟାଳୟ ଶୋଭା ନଷ୍ଟ କରୁଛି । ତେବେ ଏହାକୁ ଅନ୍ୟତ୍ର କାହିଁକି ରଖାଯାଉନାହିଁ ଏବଂ କାର୍ଯ୍ୟାଳୟ ମରାମତି ଦିଗରେ ତାଙ୍କର ଆନ୍ତରିକତା କାହିଁକି ରହୁନାହିଁ ସେସବୁକୁ ନେଇ ବିଇଓଙ୍କ ସହ ସାକ୍ଷାତରେ ପଚାରିବାକୁ ଯାଇଥିବା ବେଳେ କୌଣସି କାମରେ ବିଇଓ ବାହାରକୁ ଯାଇଥିବା କଥା କାର୍ଯ୍ୟାଳୟରେ ଉପସ୍ଥିତ କର୍ମଚାରୀ କହିଥିଲେ । ଉପଖଣ୍ଡର ଆନନ୍ଦପୁର ଏବଂ ଘସିପୁରା ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ କୌଣସି କାର୍ଯ୍ୟ ନେଇ ହାଟଡ଼ିହୀ ବିଇଓଙ୍କ କାର୍ଯ୍ୟାଳୟକୁ ଆସିଲେ ନାକ ଟେକୁଛନ୍ତି । ଉକ୍ତ ଦୁଇ ବିଇଓଙ୍କ କାର୍ଯ୍ୟାଳୟର ସାଜସଜ୍ଜା ଓ ପରିଷ୍କାର ପରିଚ୍ଛନ୍ନତା ହାଟଡ଼ିହୀ ବିଇଓଙ୍କ କାର୍ଯ୍ୟାଳୟ ପାଇଁ ଉଦାହରଣ ପାଲଟିଥିବା ଅଧିକାଂଶ କହିଛନ୍ତି । ତେବେ, ହାଟଡ଼ିହୀ ବିଇଓଙ୍କ କାର୍ଯ୍ୟାଳୟର ମରାମତି ଏବଂ ସାଜସଜ୍ଜା ଦିଗରେ ଆନ୍ତରିକତା ପ୍ରକାଶ ପାଉନଥିବା ଅଧିକାରୀଙ୍କ ଉପରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରାମବାଣ ସାଜିପାରେ ବୋଲି କିଛି ଶିକ୍ଷକ ମତବ୍ୟକ୍ତ କରିଛନ୍ତି ।

## ନିଜ ଇଚ୍ଛାରେ ରାସ୍ତା ଖୋଳିଦେଲେ ଠିକାଦାର; ଗ୍ରାମବାସୀ ନୟାନ୍ତ



ଆନନ୍ଦପୁର, ୨।୭ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ବେଲବାହାଲୀ ଗ୍ରାମର ସତ୍ୟନାରାୟଣ ସ୍କୁଲ ନିକଟରୁ ଡିହସାହି ରାସ୍ତାକୁ ଜଳଯୋଗାଣ ପାଇପ ବିଛାଉଥିବା ଠିକାସଂସ୍ଥା ଖୋଳି ଦେଇଥିବାରୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗରୁ ଠିକାଦାର କୌଣସି ଅନୁମତି ନନେଇ ଏହି ରାସ୍ତାକୁ ଖୋଳି ଦେଇଥିବା ଅଭିଯୋଗ ହୋଇଛି । ଦୀର୍ଘ ୪ମାସ ହେବ ରାସ୍ତା ଖୋଳି ମରାମତି ନକରି କାଦୁଅ ପଚପଚରେ ଯିବା ଆସିବା କରୁଛନ୍ତି ଲୋକେ । ଏହାକୁ ନେଇ ଗାଁରେ ଦେଖାଦେଇଛି ଅସନ୍ତୋଷ । ସ୍କୁଲ ଛାତ୍ରଛାତ୍ରୀ ହୁଅନ୍ତୁ ଅବା କଲେଜ ଛାତ୍ରଛାତ୍ରୀ ହୁଅନ୍ତୁ ରାତି ପାହିଲେ ଭୋଗୁଛନ୍ତି ଯମ ଯନ୍ତ୍ରଣା । ଘରୁ ବାହାରକୁ ବାହାରି ପାରୁନାହାନ୍ତି ଲୋକେ । ତେବେ ଆଗକୁ ଆସୁଛି ବର୍ଷା ଋତୁ ପ୍ରବଳ ବର୍ଷିବ ବର୍ଷା । ଯଥାଶୀଘ୍ର ଏହାର ସମାଧାନ ନହେଲେ ରାଜ ରାସ୍ତାକୁ ଓହ୍ଲାଇବେ ଜନସାଧାରଣ ଚେତାବନୀ ଦେଇଛନ୍ତି । ଏହି ବିଷୟରେ ଆମେ ସ୍ଥାନୀୟ ସରପଞ୍ଚ ଦୀପ୍ତି ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ମୁଁ ବାରମ୍ବାର ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ମୋ କଥାକୁ ଅଧିକାରୀ ମାନେ କର୍ଣ୍ଣପାତ କରୁନାହାନ୍ତି । ଅନ୍ୟପକ୍ଷରେ ଗ୍ରାମବାସୀ ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ଅଭିଯୋଗ ପରେ କିଛିଦିନ ମଧ୍ୟରେ ରାସ୍ତା ମରାମତି କରାଯିବ ବୋଲି ପ୍ରକାଶ କରିଛନ୍ତି ରାସ୍ତକୁ ଖୋଳିଥିବା ଠିକାଦାର ଦିଲୀପ କୁମାର ଜେନା । ଗ୍ରାମର ବୁଦ୍ଧିଜୀବୀ ମାନେ କହିଛନ୍ତି, ଗ୍ରାମର ପ୍ରତି ଘରକୁ ଘର ପାଣି ଯୋଜନାକୁ ସ୍ୱାଗତ କରୁଛୁ, କିନ୍ତୁ କାମ ପରେ ରାସ୍ତାକୁ ଠିକ୍ ନ କରିବାରୁ ଲୋକମାନେ ବହୁତ ହଇରାଣ ହେଉଛନ୍ତି । ଛାତ୍ରଛାତ୍ରୀମାନେ ପ୍ରତିଦିନ ପାଣି କାଦୁଅରେ ସ୍କୁଲ କଲେଜ ଯାଉଛନ୍ତି । ପ୍ରଶାସନ ଶୀଘ୍ର ଏହାର ସମାଧାନ ନକଲେ ସେମାନେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ।

## ହଷ୍ଟେଲ ଅଧୀକ୍ଷକଙ୍କ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦୁଝର, ୨।୭ (ସମିସ): କେନ୍ଦୁଝର ପିଏମଶ୍ରୀ ଡିଏନ୍ ହାଇସ୍କୁଲଠାରେ ହଷ୍ଟେଲ ଅଧୀକ୍ଷକମାନଙ୍କର ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଆଇଟିଡିଏ କେନ୍ଦୁଝର ଜରିଆରେ ଜିଲ୍ଲା ମଙ୍ଗଳ ବିଭାଗର ସହଭାଗିତାରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନସ୍ଥ ୧୨୦ଟି ହଷ୍ଟେଲର ପ୍ରଧାନ ଶିକ୍ଷକ ତଥା ଅଧୀକ୍ଷକମାନେ ଯୋଗ ଦେଇଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ହଷ୍ଟେଲଗୁଡିକର ମରାମତି ଓ ନୂତନ ଗୃହ ନିର୍ମାଣ ପାଇଁ ତଥ୍ୟକୁ ଅପଲୋଡ କରିବା ବିଷୟରେ ବୁଝାଇଥିଲେ । ପ୍ରଶିକ୍ଷଣ ଶିବିରରେ କେନ୍ଦୁଝର ମଙ୍ଗଳ ବିଭାଗର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂହ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ ସାମନ୍ତ ସିଂହାର, କେନ୍ଦୁଝର ଆଇଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ରବିନ୍ଦ୍ର ନାଏକ, ପିଏମଶ୍ରୀ ଡିଏନ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରବୀର ମହାନ୍ତିଙ୍କ ସମେତ ସମସ୍ତ ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ ଯୋଗ ଦେଇଥିଲେ । ମାଷ୍ଟର ଟ୍ରେନର ଭାବେ ପ୍ରଭାତେନ୍ଦୁ ନାଏକ, ପ୍ରଶାନ୍ତ ଖୁଣ୍ଟିଆ ଯୋଗ ଦେଇଥିଲେ । ପ୍ରଥମ ଦିନରେ କେନ୍ଦୁଝର ଆଇଟିଡିଏ ଅଧୀନସ୍ଥ ୪ଟି ବ୍ଲକ ଯଥା ତେଲକୋଇ, ବାଂଶପାଳ, ପାଟଣା ଓ ସାହାରପଡାର ହଷ୍ଟେଲ ଅଧୀକ୍ଷକ ତଥା ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ । ୩ ତାରିଖ ଘଟଗାଁ, ସଦର, ହରିଚନ୍ଦନପୁର, ଘସିପୁରା, ଆନନ୍ଦପୁର ଏବଂ ହାଟଡିହି ବ୍ଲକର ସମସ୍ତ ହଷ୍ଟେଲ ଅଧୀକ୍ଷକ ତଥା ପ୍ରଧାନଶିକ୍ଷକ ଯୋଗ ଦେବେ ।

## ବୋଦାପଳାଶରେ ସଖୀ ୱାନ୍ ଷ୍ଟପ୍ ସେଣ୍ଟର ପକ୍ଷରୁ ସଚେତନତା

କେନ୍ଦୁଝର, ୨।୭ (ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବୋଦାପଳାଶ ଗ୍ରାମପଞ୍ଚାୟତଠାରେ ସଖୀ ୱାନ୍ ଷ୍ଟପ୍ ସେଣ୍ଟର, କେନ୍ଦୁଝର ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମରେ ପ୍ରଶାସକ ସୁଜତାରାଣୀ ପରିଡ଼ା, କେସ୍ ୱାର୍କର ଜ୍ୟୋତ୍ସ୍ନାରାଣୀ ବେହେରା ଏବଂ ଆଇଟି ଷ୍ଟାଫ୍ ସୁପ୍ରିୟା ମଣ୍ଡଳଙ୍କ ସହ ଜେଣ୍ଡର ସିଆରପି କୋଅର୍ଡିନେଟର ଯୁଶରା କୈସର, ଜେଣ୍ଡର ସିଆରପି ସଦସ୍ୟାଗଣ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ମହିଳା ଓ କନ୍ୟା ସନ୍ତାନଙ୍କ ପ୍ରତି ହେଉଥିବା ଲିଙ୍ଗଗତ ହିଂସା ଏବଂ ଏହାର ପ୍ରତିକାର ସହ ଡାକ୍ତରୀ ସହାୟତା, ପୁଲିସ ସହାୟତା, ଆଇନଗତ ପରାମର୍ଶ, ମନସ୍ତାତ୍ତ୍ୱିକ କାଉନସେଲିଂ ଏବଂ ଜରୁରିକାଳୀନ ଆଶ୍ରୟସ୍ଥଳୀ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା । ହିଂସାର ଶିକାର ହୋଇଥିବା ମହିଳାମାନଙ୍କ ପାଇଁ ସଖୀ ସେଣ୍ଟର ସବୁ ସମୟରେ (୨୪୦୭) ତତ୍ପର ବୋଲି ସୂଚନା ଦିଆଯାଇଥିଲା । ଏହି ଅବସରରେ ମହିଳା ହେଲ୍ପଲାଇନ୍, ଚାଇଲ୍ଡ ହେଲ୍ପଲାଇନ୍ ଏବଂ ସଖୀ ୱାନ୍ ଷ୍ଟପ୍ ସେଣ୍ଟରର ଯୋଗାଯୋଗ ନମ୍ବର ଥିବା ଆଇଇସି ଲିଫଲେଟ୍ ବଣ୍ଟନ କରାଯାଇଥିଲା । ଏହାବ୍ୟତୀତ, ମହିଳା ସଶକ୍ତିକରଣ, ହିଂସା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ମହତ୍ତ୍ୱ ଏବଂ ଜରୁରୀକାଳୀନ ପରିସ୍ଥିତିରେ ପୀଡ଼ିତାଙ୍କୁ ସହାୟତା କରିବାରେ ସାମାଜିକ କର୍ମୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । କାର୍ଯ୍ୟକ୍ରମର ଶେଷ ଭାଗରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।

**ଡାକ୍ତର କାର୍ଯ୍ୟବନ୍ଦର ଦ୍ୱିତୀୟ ଦିନ**

## ଫେରିଲେ ରୋଗୀ; ୭ ଆୟୁଷ ଡାକ୍ତର ଭରସାରେ



ଚମ୍ପୁଆ, ୨।୭ (ସମିସ): ଓଡ଼ିଶା ଡାକ୍ତର ସଂଘର ଆହ୍ୱାନକ୍ରମେ ଚାଲିଥିବା ଅନିର୍ଦ୍ଦିଷ୍ଟ କାର୍ଯ୍ୟବନ୍ଦ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଥିବା ବେଳେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀସେବା ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ବହିର୍ବିଭାଗ (ଓପିଡି) ସେବା ବ୍ୟାହତ ହେବାରୁ ସକାଳୁ ହିଁ ରୋଗୀଙ୍କ ଭିଡ଼ ଜମିଥିଲା । ଅନେକ ରୋଗୀ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ମଧ୍ୟ ଚିକିତ୍ସା ନପାଇ ନିରାଶ ହୋଇ ଘରକୁ ଫେରିଥିଲେ । କାର୍ଯ୍ୟବନ୍ଦର ପ୍ରଭାବ ଏକ ବୃହତ୍ ଅଞ୍ଚଳର ରୋଗୀଙ୍କ ଉପରେ ପଡ଼ିଛି । ପରିସ୍ଥିତିକୁ ସମ୍ଭାଳିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୭ ଜଣ ଆୟୁଷ ଡାକ୍ତରଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ନିୟୋଜିତ କରାଯାଇଛି । ସେମାନେ ସୀମିତ ପରିସରରେ ଚିକିତ୍ସାସେବା ଯୋଗାଇ ଚାଲିଥିଲେ ମଧ୍ୟ ରୋଗୀଙ୍କ ଚାପ ଯୋଗୁଁ ସ୍ୱାସ୍ଥ୍ୟସେବା ସ୍ୱାଭାବିକ ହୋଇପାରିନାହିଁ । ଉଲ୍ଲେଖଯୋଗ୍ୟ ଯେ କାର୍ଯ୍ୟବନ୍ଦର ପ୍ରଥମ ଦିନରୁ ହିଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ସମସ୍ତ ସରକାରୀ ଡାକ୍ତର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଥିବା ସଂଘର ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଡାକ୍ତର ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ୧୦ ଦଫା ଦାବି ପୂରଣ ନହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ।

## ଜିଲ୍ଲାସ୍ତରୀୟ 'ବିକଶିତ ଭାରତ' ଗ୍ରାମୀଣ କାର୍ଯ୍ୟକ୍ରମର ଲୋକାର୍ପଣ



କେନ୍ଦୁଝର, ୨।୭ (ସମିସ)

ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଏବଂ ବିକଶିତ ଗ୍ରାମୀଣ ଭାରତର ସଂକଳ୍ପକୁ ଆଗକୁ ବଢ଼ାଇବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନ୍ଧ୍ରପ୍ରଦେଶରେ 'ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିସନ (ଗ୍ରାମୀଣ)'ର ଲୋକାର୍ପଣ କରିଛନ୍ତି । କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଏହାର ସିଧା ପ୍ରସାରଣ କରାଯାଇଥିବା ବେଳେ କେନ୍ଦୁଝର ଜିଲ୍ଲା ପରିଷଦର ଅଧ୍ୟକ୍ଷା ସାଗରିକା ସାହୁ, ଜିଲ୍ଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଏଚଡି ଧନରାଜ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଂଜୀବ କୁମାର ବେହେରା, ସମସ୍ତ ବିଡିଓଙ୍କ ସମେତ ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ । ନୂତନ ଆଇନ ଅନୁଯାୟୀ, ବାର୍ଷିକ ସରକାରୀ କାର୍ଯ୍ୟ ଗ୍ୟାରେଣ୍ଟିକୁ ୧୦୦ ଦିନରୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି ଏବଂ ଜାତୀୟ ସ୍ତରରେ ଦୈନିକ ସର୍ବନିମ୍ନ ମଜୁରୀ ୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ପ୍ରଶାସନିକ ବିଳମ୍ବକୁ ଏଡ଼ାଇବା ପାଇଁ ଏବେ ମଜୁରୀ ସାପ୍ତାହିକ କିମ୍ବା ପାକ୍ଷିକ (୧୫ ଦିନ) ଆଧାରରେ ସିଧାସଳଖ ପ୍ରଦାନ କରାଯିବ । ସ୍ଥାନୀୟ କୃଷି ଅର୍ଥନୀତିକୁ ସହାୟତା କରିବା ପାଇଁ ଏହି ଯୋଜନାରେ ଫସଲ ଅମଳର ମୁଖ୍ୟ ସମୟରେ ୬୦ ଦିନର ବାଧ୍ୟତାମୂଳକ କାର୍ଯ୍ୟ ବିରତି ବ୍ୟବସ୍ଥା ରଖାଯାଇଛି । ଆର୍ଥିକ ପରିଚାଳନା ଦୃଷ୍ଟିରୁ ଏହା କେନ୍ଦ୍ର ସରକାର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ୬୦:୪୦ ଅନୁପାତର ଆର୍ଥିକ ଭାଗିଦାରୀରେ ପରିଚାଳିତ ହେବ ।

**୭୭ତମ ବନ ମହୋତ୍ସବ**

## ବିଭିନ୍ନ ବନାଞ୍ଚଳରେ ଲାଗିଲା ଚାରା

ଝୁମ୍ପୁରା/ଚମ୍ପୁଆ, ୨।୭ (ସମିସ) ଚମ୍ପୁଆ ବନାଞ୍ଚଳ, କେନ୍ଦୁଝର, ଉଖୁଣ୍ଡା ଫରେଷ୍ଟ ଅନ୍ତର୍ଗତ ଉଖୁଣ୍ଡା ସଂରକ୍ଷିତ ଜଙ୍ଗଲଠାରେ ବନ ବିଭାଗ ପକ୍ଷରୁ ୭୭ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି । ଏଥିରେ ୧୮ ହେକ୍ଟର ଜାଗାରେ ୧୮ ହଜାର ଗଛ ଲଗାଯାଇଛି । ଉଖୁଣ୍ଡା ବନ ଅଧିକାରୀ ପ୍ରଦୀପ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ, ଫରେଷ୍ଟର ସାଗରିକା ବେଚ, ଫୁଲମଣୀ ଦାସ, ସୁବାସଚନ୍ଦ୍ର ନାଏକ, ବାରିଆ ସରପଞ୍ଚ ଅଲେଖ ନାଏକ, ଉଖୁଣ୍ଡା ସମିତିସଭ୍ୟ ଲକ୍ଷ୍ମଣ ରାଉତ, ରମେଶ ମହାନ୍ତ, ସମାଜସେବୀ ନବ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଶତାଧିକ ଲୋକ ଏବଂ ବନ କର୍ମଚାରୀ ସହଯୋଗ କରିଥିଲେ । ଗୋଟିଏ ଲେଖା ନିଜ ବଗିଚାରେ ଲଗାଇବା ପାଇଁ ଗଛ ଦିଆଯାଇଥିଲା ।

ଚମ୍ପୁଆ ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବିଚାର ବିଭାଗ, ବନ ବିଭାଗ ଏବଂ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ୪୦ରୁ ଅଧିକ ବିଭିନ୍ନ ପ୍ରକାରର ମୂଲ୍ୟବାନ ଗଛ ଲଗାଇଥିଲେ । ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ୍ ଆଇନ୍ ସେବା କମିଟିର ଅଧ୍ୟକ୍ଷ ପ୍ରଣୟ ଦାସ, ସବଜଜ୍ ଜିତେନ୍ଦ୍ର ଦାସ, ଏସ୍‌ଡିଜେଏମ୍ ସାଧନଜିତ୍ ପଣ୍ଡା, ଚମ୍ପୁଆ ଓକିଲ ସଂଘ ସଭାପତି ହରେକୃଷ୍ଣ ମିଶ୍ର, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଉପଖଣ୍ଡ ରେଞ୍ଜର ଅକ୍ଷୟ ଛତ୍ରିଆ, ବନପାଳ ଜ୍ୟୋତିରୂପା ପାଣି, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ମୁର୍ମୁ, ଆଇନଜୀବୀ ବିଷ୍ଣୁଚରଣ ରାଠୋ, କମିଟି ସହକାରୀ ଅବଦୁଲ୍ ସୁରଜ୍ ଖାନ୍, ସ୍ୱେଚ୍ଛାସେବୀ ରାମକୃଷ୍ଣ ଜୀତ୍ ହାତରେ ବୃକ୍ଷରୋପଣ କରିବା ସହ ଏହାର ରକ୍ଷଣାବେକ୍ଷଣ ପାଇଁ ସଂକଳ୍ପ ନେଇଥିଲେ ।



## ରେଲୱେ ଠିକା କର୍ମଚାରୀଙ୍କୁ ଚାଷୀ ଶ୍ରମିକ ସଂଘର ସମର୍ଥନ

ଡେରାବିଶ, ୨।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ହରିଦାସପୁର-ପାରାଦୀପ ରେଳପଥରେ ନିୟୋଜିତ ପ୍ରେଟୋଲମ୍ୟାନ୍‌ଙ୍କ ବିଭିନ୍ନ ଦାବି ପୂରଣ କରିବା ପାଇଁ କେନ୍ଦ୍ର ରେଳମନ୍ତ୍ରୀ, ଖୋର୍ଦ୍ଧାସ୍ଥ ଡିଭିଜିନାଲ୍ ରେଲୱେ ମ୍ୟାନେଜର, ପ୍ରିନ୍ସପାଲ୍ ଚିଫ୍ ଇଞ୍ଜିନିୟର, ଠିକାଦାର ଓ କେନ୍ଦ୍ରାପଡ଼ା ପିଡବ୍ଲୁଆଇଙ୍କ ନିକଟକୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ତେବେ ପେଟ୍ରୋଲମ୍ୟାନ୍ ଏକ ଠିକା ସଂସ୍ଥା ମାଧ୍ୟମରେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଥିଲେ ମଧ୍ୟ ରେଲୱେ ପୋର୍ଟାଲରେ ସେମାନଙ୍କ ନାମ ନ ଥିବାବେଳେ ସେମାନଙ୍କୁ ପରିଚୟପତ୍ର ମଧ୍ୟ ପ୍ରଦାନ କରାଯାଇନାହିଁ। ଫଳରେ ଅନ୍‌ଲାଇନ୍ ମାଧ୍ୟମରେ ସେମାନଙ୍କର ପ୍ରକୃତ ଦରମା ଓ ଅନ୍ୟାନ୍ୟ ଦେୟ ସମ୍ବନ୍ଧରେ କିଛି ଜଣାପଡୁନାହିଁ। ଏଥିସହିତ ଶ୍ରମିକଙ୍କ ଇପିଏଫ୍ ପ୍ରତିମାସରେ ନିୟମିତ ଭାବେ ଜମା ହେଉନାହିଁ। ପ୍ରତି ମାସରେ ଶ୍ରମିକଙ୍କ ଦରମାରୁ ଇଏସ୍‌ଆଇସି କାଟି ନିଆଯାଉଥିଲେ ମଧ୍ୟ ସେମାନଙ୍କୁ କୌଣସି ସ୍ୱାସ୍ଥ୍ୟ କାର୍ଡ଼ ପ୍ରଦାନ କରାଯାଇନାହିଁ। ଏପରିକି ଶ୍ରମିକଙ୍କ ଦରମା ମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ମଧ୍ୟ ପ୍ରଦାନ କରାଯାଉନାହିଁ। ରାତି ପାଟ୍ରୋଲିଂ କରୁଥିବା ଓ ଜୀବନ ପ୍ରତି ବିପଦ ଥିବା କାମ କରୁଥିବା ଟ୍ରାକ୍‌ମ୍ୟାନଙ୍କୁ ବିଭାଗୀୟ ଅଧିକାରୀ ଓ ଠିକାଦାର କମ୍ ପାରିଶ୍ରମିକ ଦେଉଥିବା ଶ୍ରମିକମାନେ ପ୍ରକାଶ କରିଛନ୍ତି। ପୂର୍ବରୁ ଶ୍ରମିକମାନେ ଦିନକୁ ୮ ଘଣ୍ଟା କାର୍ଯ୍ୟ ଓ ୧୦ କିଲୋମିଟର ଅବଧି ମଧ୍ୟରେ କାର୍ଯ୍ୟ କରୁଥିଲେ ମଧ୍ୟ ଏବେ ସନ୍ଧ୍ୟା ୬ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟା କାର୍ଯ୍ୟ ଓ ୨୦ କିଲୋମିଟର ଅବଧି ମଧ୍ୟରେ କାର୍ଯ୍ୟ କରିବାକୁ ହେବ ବୋଲି ଠିକାଦାର ନିର୍ଦ୍ଦେଶ ଦେଇଛନ୍ତି। ଶ୍ରମିକଙ୍କ ଏସବୁ ସମସ୍ୟାର ସମାଧାନ ନିମନ୍ତେ ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଠିକାଦାରଙ୍କୁ ଅଭିଯୋଗ କରିବା ପରେ ଠିକାଦାର ଜଣକ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି ତାହା ପୂରଣ କରିନାହାଁନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଯଦି ରେଲୱେ ଠିକା କର୍ମଚାରୀଙ୍କ ଦାବି ପୂରଣ ନ ହୁଏ, ତେବେ ସଂଘ ନେତୃତ୍ୱରେ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଚେତାବନୀ ଦେଇଛନ୍ତି। ଯେଉଁଥିପାଇଁ ଉଭୟ ଠିକାଦାର ଓ ରେଲୱେ ପିଡବ୍ଲୁଆଇ ଦାୟୀ ରହିବେ ବୋଲି ସଂଘ ସମ୍ପାଦକ କୃତ୍ତିବାସ ଦାସ କହିଛନ୍ତି।

### ଦେବୋତ୍ତର କମିଶନରଙ୍କ ରଥଯାତ୍ରା ପ୍ରସ୍ତୁତି ଓ ମନ୍ଦିର ପରିଚାଳନାର ସମୀକ୍ଷା

## ବଳଦେବଜୀଉ ମନ୍ଦିର ପରିଦର୍ଶନ, ଭଣ୍ଡାର ଘରରୁ ରଥଖଳା ପର୍ଯ୍ୟନ୍ତ ତଦାରଖ

କେନ୍ଦ୍ରାପଡ଼ା, ୨।୭ (ସମିସ)

ଓଡ଼ିଶା ରାଜ୍ୟ ଦେବୋତ୍ତର କମିଶନର ସତ୍ୟନାରାୟଣ ଷଡଙ୍ଗୀ ଗୁରୁବାର କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିଦର୍ଶନ କରି ମନ୍ଦିର ପରିଚାଳନା, ରଥଯାତ୍ରା ପ୍ରସ୍ତୁତି ଓ ଦେବୋତ୍ତର ସଂସ୍ଥାର ବିଭିନ୍ନ ପ୍ରଶାସନିକ ଓ ଆର୍ଥିକ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଆଗାମୀ ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ମନ୍ଦିରରେ ପହଞ୍ଚି କମିଶନର ଶ୍ରୀ ଷଡଙ୍ଗୀ ପ୍ରଥମେ ଶ୍ରୀଜୀଉଙ୍କ ପଟି ଠାକୁର ପତିତପାବନଜୀଉଙ୍କ ଦର୍ଶନ କରିଥିଲେ। ପରେ ମହାଲକ୍ଷ୍ମୀ ମନ୍ଦିର, ନବଗ୍ରହ ମନ୍ଦିର ଓ ମନ୍ଦିର ବେଢ଼ାରେ ଥିବା ବିଭିନ୍ନ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏହାପରେ ସେ ମନ୍ଦିର ଭଣ୍ଡାର ଘର ପରିଦର୍ଶନ କରି ଭଣ୍ଡାରର ପରିଚାଳନା ଓ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।



ପରବର୍ତ୍ତୀ ପର୍ଯ୍ୟାୟରେ କମିଶନର ରଥଖଳା ପରିଦର୍ଶନ କରି ଚାଲିଥିବା ରଥ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ମୁଖ୍ୟ ମହାରଣାଙ୍କ ସହ ରଥ ନିର୍ମାଣର ଅଗ୍ରଗତି ନେଇ ଆଲୋଚନା କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ଯାତ୍ରୀ ନିବାସ ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ କମିଶନର ଯୋଗଦେଇ ଦେବୋତ୍ତର ସଂସ୍ଥାର ଆୟବ୍ୟୟ, ଭୂସମ୍ପତ୍ତିର ବିବରଣୀ, ଆର୍ଥିକ ସ୍ଥିତି, ରଥଯାତ୍ରା ପରିଚାଳନା ଓ ବିଭିନ୍ନ ନୀତିକାନ୍ତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ଏହି ବୈଠକରେ ଟ୍ରଷ୍ଟ ବୋର୍ଡ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଟ୍ରଷ୍ଟ ବୋର୍ଡ ସଦସ୍ୟ ପଣ୍ଡିତ ହୃଶୀକେଶ ରଥ, ପୂର୍ବତନ ପୌରାଧ୍ୟକ୍ଷ ଧିରେନ କୁମାର ସାହୁ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲା ଦେବୋତ୍ତର ଇନ୍ସପେକ୍ଟର ହରପ୍ରିୟା ଜେନା, ରଘୁନାଥ ମହାରଣା, କମିଶନର କାର୍ଯ୍ୟାଳୟର ମୁଖ୍ୟ ସହାୟକ ଜ୍ୟୋତି ରଞ୍ଜନ ମହାନ୍ତି ଓ ଟୁକୁ ପତ୍ରୀ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ଅବସରରେ ମହାଜନ ପାଣିଗ୍ରାହୀ (ବିଜେପଣ୍ଡା), ସେବାୟତ ମାନଗୋବିନ୍ଦ କର, ଅନନ୍ତ ଚରଣ କର, ଗୋପାଳକୃଷ୍ଣନ କର, ନୃସିଂହ ମହାପାତ୍ର ଓ ରବୀନ୍ଦ୍ର କର ପ୍ରମୁଖ କମିଶନର ସତ୍ୟନାରାୟଣ ଷଡଙ୍ଗୀଙ୍କୁ ସାକ୍ଷାତ କରି ରଥଯାତ୍ରା ପରିଚାଳନା ସହ ମନ୍ଦିରର ବିଭିନ୍ନ ସମସ୍ୟା ଓ ସେବାୟତଙ୍କ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ କମିଶନର ଶ୍ରୀ ଷଡଙ୍ଗୀ ଚଳିତ ବର୍ଷର ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ସେବାୟତ, ଟ୍ରଷ୍ଟ ବୋର୍ଡ ଓ ପ୍ରଶାସନ ପରସ୍ପର ସହଯୋଗର ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ।

## ତାରାମଣି ସାମନ୍ତରାୟଙ୍କ ପରଲୋକ

ପଟ୍ଟାମୁଣ୍ଡାଇ, ୨।୭ (ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ମହୀୟସୀ ମହିଳା ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ମାତା ଶ୍ରୀରାମପୁର ପଞ୍ଚାୟତର ୫ଥର ସରପଞ୍ଚ ନିର୍ବାଚିତ ହୋଇଥିବା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଉମାନାଥ ସାମନ୍ତରାୟଙ୍କ ଧର୍ମପତ୍ନୀ ତାରାମଣି ସାମନ୍ତରାୟଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ପ୍ରାକ୍ତନ



ସମବାୟ ବ୍ୟାଙ୍କ ପରିଚାଳକ କ୍ଷୀରୋଦ ସାମନ୍ତରାୟ, ରାଉରକେଲା ଷ୍ଟିଲପ୍ଲାଣ୍ଟର ପ୍ରାକ୍ତନ ବରିଷ୍ଠ ଅଧିକାରୀ ନିରୋଦ ସାମନ୍ତରାୟ, ପ୍ରମୋଦ ସାମନ୍ତରାୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରାକ୍ତନ ଅଧୀକ୍ଷଣ ଯନ୍ତ୍ରୀ ସରୋଜ ସାମନ୍ତରାୟ, ପ୍ରସନ୍ନ ସାମନ୍ତରାୟ ଓ ପ୍ରଦ୍ୟୁମ୍ନ ସାମନ୍ତରାୟ ବୋହୂ, ଝିଅଜ୍ୱାଇଁ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପ୍ରାଣ ମହିଳା ଥିଲେ। ଶ୍ରୀରାମପୁରର ବିଭିନ୍ନ ସ୍କୁଲ ଓ ଦେବାଦେବୀ ମନ୍ଦିର ଗଠନରେ ତାଙ୍କର ବଳିଷ୍ଠ ଯୋଗଦାନ ଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଗତ କିଛିଦିନ ଧରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମର ଶରୀର ଶ୍ରୀରାମପୁର ପଞ୍ଚାୟତ ପରିକ୍ରମା କରାଯାଇ ଗାଁ ସ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠପୁତ୍ର କ୍ଷୀରୋଦ ସାମନ୍ତରାୟ ମୁଖାଗ୍ନି ଦେଇଥିଲେ। କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚି ନାୟକ, ପୂର୍ବତନ ବିଧାୟକ ତାପସ ଦାସ, ଡ ସିପ୍ରା ମଲିକ, କିଶୋର ତରାଇ, ଅଂଶୁମାନ ମହାନ୍ତି ଓ ଅଲେଖ କୁମାର ଜେନା, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ରାଜନଗର ଥାନାରେ ନିଶାମୁକ୍ତ ଓଡ଼ିଶା ଅଭିଯାନ

ରାଜନଗର, ୨।୭ (ସମିସ): ନିଶା ସେବନ କରି କିଏ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛି ତ କିଏ ନିଜ ଜନ୍ମକଲା ମାଆଙ୍କୁ ହତ୍ୟା କରୁଛି ଓ ଆଉ କିଏ କୋମଳମତି ଶିଶୁକୁ ଅତ୍ୟାଚାର କରି ହତ୍ୟା କରୁଛି। ମନୁଷ୍ୟ ନିଶା ସେବନ କରିବା ପରେ ହିତାହିତ ଜ୍ଞାନ ହରାଇ ସର୍ବସ୍ୱାନ୍ତ ହେଉଛି। ଯାହାକୁ ରୋକିବା ପାଇଁ ଏବେ ପୁଲିସ ପ୍ରଶାସନ ଜୋରଦାର ପ୍ରୟାସ ଆରମ୍ଭ କରିଛି। ଏ ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ଥାନାରେ ନିଶା ନିବାରଣ ଅଭିଯାନ କାର୍ଯ୍ୟକ୍ରମ ହେଉଥିବାବେଳେ ଆଜି ରାଜନଗର ଥାନାର ଆଇଆଇସି ନରେଶ କୁମାର ସାହୁଙ୍କ ନେତୃତ୍ୱରେ ଅଞ୍ଚଳର ଯୁବବର୍ଗ ଓ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଙ୍କୁ ନେଇ ଥାନା ପରିସରରେ ଏକ ସଭାର



ଆୟୋଜନ କରି କେମିତି ନିଶାଠାରୁ ଛାତ୍ର ଓ ଯୁବଗୋଷ୍ଠୀ ଦୂରେଇ ରହିବେ ଓ ସମାଜର ମଙ୍ଗଳ ହେବ, ତାହା ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ନିଶା ନିବାରଣ ନେଇ ଦୋମୁହାଁ ନୀତିରେ ପୁଲିସକୁ ସାଧାରଣ ଲୋକଙ୍କ ପାଖରେ ବଳି ପକାଇବା ନୀତି ବନ୍ଦ କରି ରାଜ୍ୟରେ ସମ୍ପୂର୍ଣ୍ଣ ଭାବେ ନିଶା କାରବାର କିଭଳି ବନ୍ଦ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ, ନିଶା ସେବନ କରି ପ୍ରାଣ ହରାଉଥିବା ଭେଣ୍ଡିଆ ପୁଅ ମୁହଁରେ ବୃଦ୍ଧ ବାପା ନିଆଁ ଦେବା ବନ୍ଦ ହେବ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷରେ ପୁଲିସର ଏପରି ପ୍ରୟାସକୁ ଯୁବବର୍ଗ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜନଗର ଥାନାର ସମସ୍ତ କର୍ମଚାରୀ ସାମିଲ ଥିଲେ।

## ରାଜକନିକାରେ କୁମ୍ଭୀର ଉପଦ୍ରବ; ଲୋକେ ଆତଙ୍କିତ

ରାଜକନିକା, ୨।୭ (ସମିସ): ନଦୀରେ ଥିବା କୁମ୍ଭୀର ଏବେ ଜନବସତି ମୁହାଁ। କୁମ୍ଭୀରଙ୍କ ପ୍ରଜନନ ସମୟ ଥିବାରୁ ସେମାନେ ଏହି ସମୟରେ ହିଂସ୍ର ହୋଇ



ଉଠିଛନ୍ତି। ନିଜ ନିଜର ସାଥିଙ୍କ ସହ ମିଳିତ ହେବାର ସମୟରେ ସ୍ୱାଭାବିକ ଭାବେ ସେମାନେ ଉଗ୍ର ହେଉଥିବା କୁମ୍ଭୀର ଜଳଭାଗରୁ ଉଠି ଆସି ବିଲ, ହିଡ଼, ନାଳ ଓ ପୋଖରୀକୁ ପଶି ଆସୁଛନ୍ତି। ଫଳରେ ନଦୀକୂଳିଆ ଗାଁରେ ଏବେ କୁମ୍ଭୀର ଉପଦ୍ରବ ନେଇ ଆତଙ୍କ ଖେଳିଯାଇଛି। ଭିତରକନିକା ବନ୍ୟପ୍ରାଣୀ ବିଭାଗର କୁମ୍ଭୀର ପ୍ରଜନନ କେନ୍ଦ୍ରରୁ ବାହାରି ଆସି ନଦୀ ନାଳରେ ନିଜର ବାସସ୍ଥାନ କରିଥିବା ଉଭୟ ମାଈ ଓ ଅଣ୍ଡିରା କୁମ୍ଭୀର ଏବେ ଉତ୍ପାତ ଆରମ୍ଭ କରି ଦେଇଛନ୍ତି। ବନବିଭାଗ ପକ୍ଷରୁ ନଦୀର ଗାଧୁଆ ତୁଠରେ କରାଯାଇଥିବା ତାର ଜାଲିର ବ୍ୟାରିକେଟରେ ଜାଲି ଖସିଯିବା, ଖୁଣ୍ଟ ଉପୁଡିଯିବା ଦ୍ୱାରା ସେସବୁ ଗାଧୁଆ ତୁଠ ଭିତରକୁ କୁମ୍ଭୀର ପଶି ଆସୁଥିବାରୁ ଜୟକୁଣ୍ଡା, ବଣିଆ, ପାଣ୍ଡରକୋଲି, ଗଙ୍ଗାଧରପ୍ରସାଦଡିଆ, ସିକୋ, ବରୁଣାଡ଼ିହା ବରାଡିଆ, ଉପୁଳାଇ, କନପୁର, ଗହମପାଳ ଆଦି ଗାଁରେ ଛନକା ଖେଳିଯାଇଛି। ବନ ବିଭାଗ ପକ୍ଷରୁ କେବଳ ସତର୍କତା ସମ୍ବଳିତ ବ୍ୟାନର ଲଗାଇ କାମ ସାରି ଦେଇଥିବାବେଳେ ଏବେ ମଣିଷ କୁମ୍ଭୀରର ମୁହାଁମୁହିଁ ଅବସ୍ଥା ଅତି ସମ୍ବେଦନଶୀଳ ହେବାରେ ଲାଗିଛି।

## ବନ ବିଭାଗ ପକ୍ଷରୁ ବନ ମହୋତ୍ସବ

ରାଜକନିକା, ୨।୭ (ସମିସ): ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବୃକ୍ଷରୋପଣକୁ ଉତ୍ସାହିତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ବନ ମହୋତ୍ସବ କରାଯାଇ ବ୍ୟାପକ ଗଛ ଚାରା ବଣ୍ଟନ କରାଯାଉଛି। ଚଳିତ ବର୍ଷ ଜାରି ରହିଥିବା ବନ ମହୋତ୍ସବ ସପ୍ତାହରେ ରାଜକନିକା ବ୍ଲକର କୋଇଲିପୁରଠାରେ ଏହି ଅଞ୍ଚଳର ବିଭିନ୍ନ ଗ୍ରାମର ଜନଗଣଙ୍କୁ ଡକାଇ ବୃକ୍ଷ ରୋପଣ ପାଇଁ ଉତ୍ସାହିତ କରିବା ସହ ଚାରା ବଣ୍ଟନ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ରାଜନଗର ଲୁଣା ଜଙ୍ଗଲ (ବନ୍ୟପ୍ରାଣୀ) ବନାଞ୍ଚଳ ଓ



କନିକା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଏକ ଅସ୍ଥାୟୀ ଚାରା ବଣ୍ଟନ କେନ୍ଦ୍ର ଜରିଆରେ ସଚେତନତା ସୃଷ୍ଟି କରି ଚାରା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବନବିଭାଗ କର୍ମଚାରୀ ଉପସ୍ଥିତ ଥିବାବେଳେ ଖୋଲା ସେକ୍ସନ ଫରେଷ୍ଟର ସଞ୍ଜୀବ କୁମାର ଦାସ, ଫରେଷ୍ଟ ଗାର୍ଡ ସନ୍ଧ୍ୟାରାଣୀ ମଲ୍ଲିକ, ବିଭୂତି ତରାଇ, ଶରତ ବେହେରା, ବନଜ ରାଉତ ପ୍ରମୁଖ ପରିବେଶ ସୁରକ୍ଷାରେ ବୃକ୍ଷରୋପଣର ଉପକାରିତା ନେଇ ସଚେତନ କରାଇଥିଲେ।

## କନିକା ରେଞ୍ଜରେ ବନ ସପ୍ତାହ



ରାଜନଗର, ୨।୭ (ସମିସ): ରାଜନଗର ବନଖଣ୍ଡ ଅନ୍ତର୍ଗତ କନିକା ବନାଞ୍ଚଳରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏସିଏଫ୍ ମାନସ କୁମାର ଦାସ ସବୁଜ ପତାକା ପ୍ରଦର୍ଶନ କରି ସବୁଜ ରଥ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କନିକା ରେଞ୍ଜ୍ ଅଧୀନସ୍ଥ ରଗଡ଼ାପାଟିଆ ନର୍ସରୀ, କୋଇଲିପୁର ନର୍ସରୀ, ପଟ୍ଟାପାରିଆ ନର୍ସରୀ ମାନଙ୍କରେ ଚାରା ବିତରଣ କରାଯାଇଛି। ସବୁଜ ରଥ ଜରିଆରେ ବିଭିନ୍ନ ଗ୍ରାମରେ ଘରେ ଘରେ ପ୍ରଚାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନପାଳ ପ୍ରଶାନ୍ତ କୁମାର ସିଂ, ନବୀନ କୁମାର ମଲ୍ଲିକ ଓ ସଞ୍ଜୀବ କୁମାର ଦାସ, ବନରକ୍ଷୀ ବବୁଲ୍ କୁମାର ପରିଡ଼ା, କଳ୍ପତରୁ ସେଠୀ, ଗୋରାଚାନ୍ଦ ସିଂ, ସନ୍ଧ୍ୟାରାଣୀ ମଲ୍ଲିକ, ରଶ୍ମି ରଞ୍ଜନ ବେହେରା, ବନ୍ଦିତା ବିଶ୍ୱାଳ ଓ ଗାୟତ୍ରୀ ତିର୍କୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପରେ ଲୋକମାନଙ୍କୁ ଚାରା ବଣ୍ଟନ କରାଯାଇଥିଲା। ଏହା ସହ ବୃକ୍ଷର ମାହାତ୍ମ୍ୟ ବିଷୟରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା।

### ● କଣ୍ଟପଡ଼ା ପଞ୍ଚାୟତ ହାଟ ପୋଖରୀରେ ଦୁର୍ବୃତ୍ତଙ୍କ ବିଷ ପ୍ରୟୋଗ

## ମରିଗଲେ ୧୦ କ୍ୱିଣ୍ଟାଲ ମାଛ, ମହିଳା ଗୋଷ୍ଠୀ ହତାଶ

ରାଜକନିକା, ୨।୭ (ସମିସ): ଦିନକୁ ଦିନ ବଢ଼ିଚାଲିଛି ଅସାମାଜିକ କାର୍ଯ୍ୟକଳାପ। ରାଜକନିକା ସଦରର କଣ୍ଟପଡ଼ା ହାଟ ପୋଖରୀରେ କେହି ଦୁର୍ବୃତ୍ତ ବିଷ ପକାଇ ଦେବାରୁ ୧୦ କ୍ୱିଣ୍ଟାଲ ମାଛ ମରିଯାଇଛନ୍ତି। ସ୍ଥାନୀୟ ବଡ଼ାଗର ଗାଁର ରାଧାକୃଷ୍ଣ ଏସଏଚଜି ୧୮ ହଜାର ଟଙ୍କା ଦେଇ ୫ ବର୍ଷ ପାଇଁ ନିଲାମ ନେଇଥିବା ଏହି ପୋଖରୀରେ ଏକଲକ୍ଷ ଟଙ୍କାର ମାଛ ଜାଆଁଳ ଛାଡିଥିବାବେଳେ ପ୍ରତି ମାଛର ଓଜନ ପ୍ରାୟ ୮ ଶହ ଗ୍ରାମରୁ ଆରମ୍ଭ କରି ଦୁଇ କେଜି ଓଜନର ହୋଇଥିଲେ। ସରକାରୀ ଭାବେ ନିଲାମ





ନେଇ ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହେବାକୁ ପ୍ରୟାସ କରୁଥିବାବେଳେ ଦୁର୍ବୃତ୍ତଙ୍କ ଏଭଳି କାରନାମା ସେମାନଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି। ବଢ଼ିଥିବା ମାଛକୁ ଧରି ବିକ୍ରି କରିବା ପାଇଁ ଯୋଜନା କରିଥିବା ମହିଳା ଗୋଷ୍ଠୀଙ୍କ ଆଶାକୁ ଧୂଳିସାତ କରିଥିବା ଏଭଳି ହୀନ ଉଦ୍ୟମର ଖୋଳତାଡ଼ କରିବା ପାଇଁ ଗୋଷ୍ଠୀ ପକ୍ଷରୁ ରାଜକନିକା ଥାନାରେ ଏତଲା ହୋଇଥିବାବେଳେ ପୁଲିସ ପକ୍ଷରୁ ଏ ନେଇ ତଦନ୍ତ ଜାରି ରହିଛି।

## ବିବି ମଡେଲ ହାଇସ୍କୁଲରେ ବିଦାୟ ସମ୍ବର୍ଦ୍ଧନା ସଭା

ଡେରାବିଶ, ୨।୭ (ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳୀସ୍ଥ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଶ୍ୱବିଜୟ ଦାସ ଓ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ରଥ ପଦୋନ୍ନତି ପାଇ ପ୍ରଧାନଶିକ୍ଷକ ଭାବେ ଏଠାରୁ ବଦଳି ହୋଇଯିବା ପରେ ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିସହିତ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ସତ୍ୟବ୍ରତ ପତିଙ୍କ ବଦଳି ଓ ଅବସର ନେଉଥିବା ପାଚିକା ବିଦ୍ୟୁଲତା ଜେନାଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏ ଉପଲକ୍ଷେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟର ପୂର୍ବତନ ତଥା



ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ଦାସ ମୁଖ୍ୟଅତିଥି ଓ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଆରତୀବାଳା ରଥ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ବରିଷ୍ଠ ଶିକ୍ଷୟିତ୍ରୀ କନକଲତା ରାଉତ, ପୂର୍ବତନ ସିଆରସିସି ଅଭିରାମ ମିଶ୍ର ଓ ସିଆରସିସି ବିଶ୍ୱଜିତ ମୁଦୁଲି, ଅବସରପ୍ରାପ୍ତ ଶିକ୍ଷକ ମନୋଜ ପଟ୍ଟନାୟକ ଯୋଗ ଦେଇଥିଲେ। ଶିକ୍ଷକ କିଶୋର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ମମତା ମହାନ୍ତି, ଶିକ୍ଷକ ହିମାଂଶୁ ଶେଖର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପୀନାଥ ଦାସ ପ୍ରମୁଖ ବିଦାୟୀ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ କାର୍ଯ୍ୟଶୈଳୀ, ଦକ୍ଷତା ଓ ସମୟାନୁବର୍ତ୍ତିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ ବିଦ୍ୟାଳୟ ତରଫରୁ ବିଦାୟୀ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଉତରୀୟ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦାୟୀ ଶିକ୍ଷକ ଶ୍ରୀ ଦାସ ଓ ଶିକ୍ଷୟିତ୍ରୀ ଶ୍ରୀମତୀ ରଥ ସେମାନଙ୍କ ସମ୍ବର୍ଦ୍ଧନାର ପ୍ରତିକ୍ରିୟାରେ ଏହି ବିଦ୍ୟାଳୟରୁ ଚାକିରୀ ଆରମ୍ଭ ଓ ସହକର୍ମୀମାନଙ୍କ ସ୍ନେହ ଶ୍ରଦ୍ଧା ଚିରଦିନ ମନେରହିବ ବୋଲି କହିଥିଲେ। ଶେଷରେ ଆଲୋକ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ବିଶ୍ୱଜିତ୍ ଦାଶ, ସଦାଶିବ ସାହୁ, ପବିତ୍ର ଚନ୍ଦ୍ର ଦାସ, ବ୍ରଜେନ୍ଦୁ କର, ଅନିତା ପଣ୍ଡା, ପ୍ରଜ୍ଞା ପରିମିତା ମିଶ୍ର, ସୁଚିସ୍ମିତା ତ୍ରିପାଠୀ, ସିମା ମଲିକ, ତବସୁମ ବେଗମ୍, କର୍ମଚାରୀ ମଳୟ କୁମାର ରଥ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଦ୍ୱିତୀୟ ଦିନରେ ଡାକ୍ତରଙ୍କ ଆନ୍ଦୋଳନ

## ଅଚଳ ହେଲା ଓପିଡି, ସେବା ନ ପାଇ ଫେରିଲେ ରୋଗୀ

କେନ୍ଦ୍ରାପଡ଼ା, ୨।୭ (ସମିସ)

ବିଭିନ୍ନ ଦାବି ନେଇ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମସା)ର ଆହ୍ୱାନକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲାର ସରକାରୀ ଡାକ୍ତରଙ୍କ ଅନିର୍ଦ୍ଦିଷ୍ଟକାଳୀନ ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡାକ୍ତରମାନେ ଧାରଣାରେ ବସିଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମଗ୍ର ଜିଲ୍ଲାର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଓପିଡି ସେବା ପ୍ରାୟ ଅଚଳ ହୋଇପଡ଼ିଛି। ସକାଳୁ ଚିକିତ୍ସା ପାଇଁ ଆସିଥିବା ଶହ ଶହ ରୋଗୀ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ ମଧ୍ୟ ନିୟମିତ ଡାକ୍ତରଙ୍କ ସେବା ପାଇ ନ ଥିଲେ। କେବଳ ଆୟୁଷ ଡାକ୍ତର ସୀମିତ ପରିସରରେ କିଛି ରୋଗୀଙ୍କୁ ଚିକିତ୍ସା କରିଥିଲେ। ଅନେକ ରୋଗୀ ନିରାଶ ହୋଇ ଘରକୁ ଫେରିଯାଇଥିବାବେଳେ କିଛି ରୋଗୀ ବାଧ୍ୟ ହୋଇ ବେସରକାରୀ ଚିକିତ୍ସାଳୟର ଦ୍ୱାରସ୍ଥ ହୋଇଥିଲେ। ଫଳରେ ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ବ୍ୟାପକ ପ୍ରଭାବ ପଡ଼ିଛି। ଓମସାର ରାଜ୍ୟ ସଭାପତି ଡାକ୍ତର କିଶୋର ମିଶ୍ର, ରାଜ୍ୟ ସମ୍ପାଦକ ଡା. ସଞ୍ଜୀବ ପ୍ରଧାନ, ଭୁବନେଶ୍ୱରର ଡା. ଆଶିଷ ଦୀକ୍ଷିତ, ଅତିରିକ୍ତ ନିର୍ଦ୍ଦେଶକ ଡା. ଅମରେଶ ମିଶ୍ର, ଡା. ନାରାୟଣ ରାଉତ, କ୍ଷେତ୍ରମୋହନ କାଣ୍ଡ, ପ୍ରଭାତ ରଥ, ଜଗତସିଂହପୁରର ଡା. ସରୋଜ ଜେନା, କେନ୍ଦ୍ରାପଡ଼ାର ଡା. ସଚ୍ଚିଦାନନ୍ଦ ମିଶ୍ର, ଅନୁଗୋଳର ଡା. ମଦନ ମୋହନ ପ୍ରଧାନ, ନୟାଗଡ଼ର ଡା. ପ୍ରଦୀପ ପାଇକରାୟ, ପୁରୀର ଡା. ଶୁଭେନ୍ଦୁ ମହାନ୍ତି ଏବଂ କଟକର ଡା. ମାନସ ପାଣିଙ୍କ ରଣନୀତିରେ ଆନ୍ଦୋଳନ ଜାରି ରହିଛି। ଜିଲ୍ଲାର ସମସ୍ତ ସରକାରୀ ଡାକ୍ତର ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଓମସା ଶାଖା ସଭାପତି ଡା. ଗୌରାଙ୍ଗ ଚରଣ ଗିରିଙ୍କ ନେତୃତ୍ୱରେ ଜିଲ୍ଲା ଶାଖା ସମ୍ପାଦକ ଡା. ନିରଞ୍ଜନ କର, ଓମସାର ରାଜ୍ୟ ଯୁଗ୍ମ ସମ୍ପାଦକ ଡା. ସଞ୍ଜୀବ କୁମାର ସେଠୀ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ସଚିଦାନନ୍ଦ ମିଶ୍ର, ଡା. ନମିତା ପଟ୍ଟନାୟକ, ଡା. ନିରାକାର ପରିଡ଼ା, ଡା. ଅଜୟ କୁମାର ସାହୁ, ଡା. ବିରେନ୍ଦ୍ର କୁମାର ଦାସ, ଡା. ଅଶ୍ୱିନୀ କୁମାର ପରିଡ଼ା, ଡା. ସୋନାଲିକା ରାଉତ ଓ ଡା. ଦେବୀ ପ୍ରସାଦ ସାହୁଙ୍କ ସମେତ ଜିଲ୍ଲାର ଶତାଧିକ ଡାକ୍ତର ଧାରଣାରେ ସାମିଲ ହୋଇଥିଲେ। ଓମସାର ରାଜ୍ୟ ସଭାପତି ଡାକ୍ତର କିଶୋର ମିଶ୍ର କହିଛନ୍ତି, ସରକାର ସେମାନଙ୍କ ସମସ୍ତ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଏହି ଅନିର୍ଦ୍ଦିଷ୍ଟକାଳୀନ ଆନ୍ଦୋଳନ ଜାରି ରହିବ। ଅନ୍ୟପଟେ ଲଗାତର ଦ୍ୱିତୀୟ ଦିନ ଧରି ଓପିଡି ସେବା ବନ୍ଦ ରହିବାରୁ ସାଧାରଣ ରୋଗୀ ସର୍ବାଧିକ ହଇରାଣ ହେଉଥିବା ଦେଖିବାକୁ ମିଳିଛି।

## ବିବି ମଡେଲ ହାଇସ୍କୁଲର ପ୍ରତିଷ୍ଠା ଦିବସ

ଡେରାବିଶ, ୨।୭ (ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳୀସ୍ଥ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶଙ୍କ ସମେତ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବିଜୟ କୁମାର ଦାସ, ଆରତୀବାଳା ରଥ, ବିଶ୍ୱବିଜୟ ଦାସ, ସନ୍ଧ୍ୟାରାଣୀ ରଥ, କନକଲତା ରାଉତ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ବିଦ୍ୟାଳୟ ପରିସରରେ ଥିବା ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ପଣ୍ଡିତ ବନମାଳୀ ବ୍ରହ୍ମଚାରୀ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ



ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅଞ୍ଚଳରେ ଉଚ୍ଚଶିକ୍ଷା ପାଇଁ ହାଇସ୍କୁଲ ନ ଥିବାରୁ ବହୁ ମେଧାବୀ ଛାତ୍ର ପାଠପଢ଼ା ଅଧାରୁ ବନ୍ଦ କରି ଦେଉଥିବାବେଳେ ସେତେବେଳେ ଦୋହଳୀରେ ମଧ୍ୟଇଂରାଜୀ ବିଦ୍ୟାଳୟ ନିର୍ମାଣ ନିମନ୍ତେ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷକ ଗୌରବ ପଣ୍ଡିତ ବନମାଳୀ ବ୍ରହ୍ମଚାରୀ ଦୋହଳୀରେ ଏକ ଉଚ୍ଚବିଦ୍ୟାଳୟର ସ୍ୱପ୍ନ ଦେଖିଥିଲେ। ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରି ୧୯୪୫ ଜୁଲାଇ ୧ ତାରିଖରେ ଏଠାରେ ଦୋହଳୀ ମଡେଲ ହାଇସ୍କୁଲ ପ୍ରତିଷ୍ଠା କରାଇଥିଲେ। ବିଦ୍ୟାଳୟର ଶିକ୍ଷକ ଓ ପରିଚାଳନା କମିଟି ସମ୍ପାଦକ ରହି ଏହି ବିଦ୍ୟାଳୟରେ ଉନ୍ନତ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ଉତ୍ତମ ଶିକ୍ଷକ ନିଯୁକ୍ତି କରିଥିଲେ। ଏହି ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ସମାଜରେ ପ୍ରତିଷ୍ଠା ଅର୍ଜନ କରି ଆଦର୍ଶ ବିଦ୍ୟାଳୟ ନାମର ସାର୍ଥକତା ଆଣି ପାରିଛନ୍ତି। ପରବର୍ତ୍ତୀ ସମୟରେ ପଣ୍ଡିତ ବନମାଳୀ ବ୍ରହ୍ମଚାରୀଙ୍କ ପରଲୋକ ପରେ ବିଦ୍ୟାଳୟର ନାମ ପରିବର୍ତ୍ତନ କରାଯାଇ ବନମାଳୀ ବ୍ରହ୍ମାଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ରଖାଯାଇଥିବା ଶିକ୍ଷକମାନେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ବ୍ରଜେନ୍ଦୁ କର, ପବିତ୍ର ଚନ୍ଦ୍ର ଦାସ, ଆଲୋକ ଜେନା, କିଶୋର କୁମାର ମହାନ୍ତି, କର୍ମଚାରୀ ମଳୟ କୁମାର ରଥ ପ୍ରମୁଖ ପରିଚାଳନା କରିଥିଲେ।





## ୬ ଲେନ୍ ରାସ୍ତା ଭୁଶୁଡ଼ିବା ଘଟଣା

# ଲୋକଙ୍କ ଅର୍ଥ ଖର୍ଚ୍ଚ ଓ ସୁରକ୍ଷା ପ୍ରତି ଚରମ ଅବହେଳା



**କଟକ,୨।୭(ସମିସ)**

ଛହଟା ଛକରୁ ମଧୁସେତୁ ପର୍ଯ୍ୟନ୍ତ ନିର୍ମିତ ୬ ଲେନ୍ ରାସ୍ତାର ଏକାଧିକ ସ୍ଥାନରେ ରାସ୍ତା ଭୁଶୁଡ଼ି ପଡ଼ିବା ଘଟଣାକୁ କଟକ ସହରବାସୀଙ୍କ ସୁରକ୍ଷା ଓ ସରକାରୀ ଅର୍ଥର ଅପଚୟ ସହ ଜଡିତ ଏକ ଗୁରୁତର ପ୍ରସଙ୍ଗ ବୋଲି କହିଛନ୍ତି କଟକ ମହାନଗର ନିଗମର ମେୟର ସୁବାସ ସିଂହ। ଘଟଣା ସମ୍ପର୍କରେ ଖବର ପାଇବା ପରେ ମେୟର ଶ୍ରୀ ସିଂହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିବା ସହ ସ୍ଥାନୀୟ କର୍ପୋରେଟର ଏବଂ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ପରିଦର୍ଶନ ପରେ ମେୟର ଶ୍ରୀ ସିଂହ କହିଥିଲେ ଯେ ରାସ୍ତା ନିର୍ମାଣରେ ନିମ୍ନମାନର କାର୍ଯ୍ୟ (ଲୋ ଗ୍ରେଡ୍ ୱର୍କ) ହୋଇଥିବାର ପ୍ରାଥମିକ ସନ୍ଦେହ ସୃଷ୍ଟି ହେଉଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏଭଳି ଗୁରୁତ୍ୱପୂର୍ଣ୍ଣ ସଡ଼କ ଅଳ୍ପ ସମୟ ମଧ୍ୟରେ ଭୁଶୁଡ଼ି ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଚିନ୍ତାଜନକ। ଏହା ସରକାରୀ ଅର୍ଥର ସଠିକ୍ ବିନିଯୋଗ ଓ କାର୍ଯ୍ୟର ଗୁଣବତ୍ତା ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି। ମେୟର ଅଧୁରି ଅଭିଯୋଗ କରି କହିଥିଲେ ଯେ ରାସ୍ତା ନିର୍ମାଣ ସମୟରେ ଆର୍ ଆଣ୍ଡ ବି ବିଭାଗର ତଦାରଖ ଓ ସୁପରଭିଜନରେ ଗୁରୁତର ଅବହେଳା ପରିଲକ୍ଷିତ ହୋଇଛି। ଯଦି ସଠିକ୍ ଭାବେ ତଦାରଖ କରାଯାଇଥାନ୍ତା, ତେବେ ଏଭଳି ଅବସ୍ଥା ସୃଷ୍ଟି ହୋଇନଥାନ୍ତା। ଏହି ଘଟଣା ପଛରେ ଥିବା ସମସ୍ତ ତ୍ରୁଟି ଓ ଦାୟିତ୍ୱକୁ ଚିହ୍ନଟ କରାଯିବା ଆବଶ୍ୟକ। ସେ ଦାବି କରିଛନ୍ତି ଯେ ଘଟଣାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଯାଇ ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତା, ନିମ୍ନମାନର କାର୍ଯ୍ୟ ଏବଂ ତଦାରଖରେ ହୋଇଥିବା ଅବହେଳାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ଲୋକଙ୍କ ସମ୍ମୁଖକୁ ଅଣାଯାଉ। ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଘଟଣା ସହ ସମ୍ପୃକ୍ତ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବା ଆବଶ୍ୟକ, ଯାହାଦ୍ୱାରା ତଦନ୍ତ ପ୍ରକ୍ରିୟା ନିରପେକ୍ଷ ଓ ସ୍ୱଚ୍ଛ ଭାବେ ସମ୍ପନ୍ନ ହୋଇପାରିବ। ଦୋଷୀ ଅଧିକାରୀ ଓ ସଂସ୍ଥା ବିରୋଧରେ କଠୋର ପ୍ରଶାସନିକ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସହରର ବିକାଶମୂଳକ ପ୍ରକଳ୍ପଗୁଡ଼ିକରେ କୌଣସି ପ୍ରକାରର ନିମ୍ନମାନର କାର୍ଯ୍ୟ କିମ୍ବା ଦୁର୍ନୀତିକୁ କଦାପି ବରଦାସ୍ତ କରାଯିବ ନାହିଁ। ଜନସାଧାରଣଙ୍କ ଅର୍ଥରେ ନିର୍ମିତ ପ୍ରତ୍ୟେକ ପ୍ରକଳ୍ପରେ ଗୁଣାତ୍ମକ ମାନ ବଜାୟ ରଖିବା ସହ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସେ ପୁଣିଥରେ ଦାବି କରିଛନ୍ତି। ଏହି ପରିଦର୍ଶନ ସମୟରେ ସ୍ଥାନୀୟ କର୍ପୋରେଟର ପୁଷ୍ପିତା ମହାନ୍ତି, ଅକ୍ଷୟ ମହାନ୍ତି, ଯୁବନେତା ସକିଲ ଅଖତର, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

### ବାରବାଟୀ-କଟକ ବିଧାୟିକାଙ୍କ ଅନୁଧ୍ୟାନ

## ଅଧିକାରୀ ଓ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



**କଟକ,୨।୭(ସମିସ):** କଟକ ସହରର ଚହଟା ଭୁଆଶୁଣୀ ମୁଖ୍ୟ ରାସ୍ତା ଓ ନୂତନ ୬ ଲେନ୍ ବିଶିଷ୍ଟ ବିଶାଳ ରାସ୍ତାର ଗାର୍ଡୱାଲ୍ ହଠାତ୍ ଧସିଯାଇଛି। ଏହି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଖବର ପାଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ସେ ସେଠାରେ ଭୁଶୁଡ଼ି ପଡ଼ିଥିବା ଗାର୍ଡୱାଲ୍ ଏବଂ ଧସିଯାଇଥିବା ରାସ୍ତାର କ୍ଷୟକ୍ଷତି ଅନୁଧ୍ୟାନ କରିବା ସହ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥାର ଚରମ ଅବହେଳାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ସର୍ବସାଧାରଣଙ୍କ ସୁରକ୍ଷା ସହିତ ଜଡ଼ିତ ଏହିଭଳି ଏକ ବୃହତ ପ୍ରକଳ୍ପରେ କିଭଳି ଏବଂ କେଉଁ ପରିସ୍ଥିତିରେ ଏଭଳି ମାରାତ୍ମକ ତ୍ରୁଟି ରହିଲା, ତାହାକୁ ନେଇ ବିଧାୟିକା ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସମଗ୍ର ଘଟଣା ତଥା ନିର୍ମାଣର ମାନ ଯାଞ୍ଚ କରିବା ଏବଂ ଏଥିପାଇଁ ଦାୟୀ ଥିବା ଅଧିକାରୀ ଓ ନିର୍ମାଣକାରୀ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

### ହାଇକୋର୍ଟରେ କଟକ ସହରର ସମସ୍ୟା

## ସିଡିଏ ରାସ୍ତା ଦବିବା ଘଟଣାରେ ତଦନ୍ତ ନିର୍ଦ୍ଦେଶ

**କଟକ, ୨।୭(ସମିସ):** କଟକ ସହରର ବିଭିନ୍ନ ନାଗରିକ ସମସ୍ୟା ଏବଂ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଆଜି କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଜଷ୍ଟିସ କେ.ଆର. ମହାପାତ୍ର ଏବଂ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ସହରର ରାସ୍ତାଘାଟ, ଡ୍ରେନେଜ୍, ସ୍ୱାସ୍ଥ୍ୟ ଏବଂ ଆବର୍ଜନା ପରିବହନ ଭଳି ଏକାଧିକ ସମସ୍ୟାର ଶୁଣାଣି କରିଛନ୍ତି। ସିଡିଏ ସେକ୍ଟର-୯ ରାସ୍ତା ଦବିବା ଘଟଣାର ମିଳିତ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସିଡିଏ ସେକ୍ଟର-୯ ଅଞ୍ଚଳରେ ମାଟି ଧସିଯିବା କାରଣରୁ କଂକ୍ରିଟ୍ ରାସ୍ତା ତଳେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବା ନେଇ କୋର୍ଟଙ୍କୁ ଅବଗତ କରାଯାଇଥିଲା। ଏହାକୁ ଗମ୍ଭୀରତାର ସହ ନେଇ ସିଏମସି କମିଶନର କିରଣଦୀପ କୌର, ଅତିରିକ୍ତ ଜିଲ୍ଲାପାଳ ଏବଂ ଆର ଆଣ୍ଡ ବି ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଘଟଣାସ୍ଥଳ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଏଥିସହିତ ସେହି ରାସ୍ତାରେ ଭାରୀ ଯାନବାହନ ଚଳାଚଳ ତୁରନ୍ତ ବନ୍ଦ କରିବାକୁ ଏବଂ ଆସନ୍ତା ଜୁଲାଇ ୯ ସୁଦ୍ଧା ଏହାର ଅଗ୍ରଗତି ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

### ଆବର୍ଜନା ପରିବହନ ପାଇଁ ସମୟ ନିର୍ଦ୍ଧାରଣ

ପେଟାନାଳ ସଫେଇ ଏବଂ ସହରର ଅନ୍ୟାନ୍ୟ ସ୍ଥାନରୁ ଆବର୍ଜନା ପରିବହନ ସମୟରେ ଜନସାଧାରଣ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ହାଇକୋର୍ଟ ବାର୍ ଆସୋସିଏସନ ସଭାପତି ଦର୍ଶାଇଥିଲେ। ଏହାକୁ ଦୃଷ୍ଟିରେ ରଖି ସହରରେ ଆବର୍ଜନା ସଫେଇ ଏବଂ ପରିବହନ କାର୍ଯ୍ୟ ସକାଳ ୯ଟା ସୁଦ୍ଧା ଶେଷ କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ କେବଳ ମଧ୍ୟାହ୍ନ ୧୧:୩୦ରୁ ଅପରାହ୍ନ ୪ଟା ମଧ୍ୟରେ ହିଁ ଆବର୍ଜନା ଗାଡ଼ି ଚାଲିପାରିବ। ଓଦା ଆବର୍ଜନା କିମ୍ବା କାଦୁଅ ପରିବହନ ସମୟରେ ଯେପରି ରାସ୍ତା ଖରାପ ନହୁଏ, ସେଥିପାଇଁ ବିଶେଷଜ୍ଞଙ୍କ ମତାମତ ନେବାକୁ ସିଏମସିକୁ ନିର୍ଦ୍ଦେଶ ଦିଆଯାଇଛି।

### ଜଗତପୁର ପ୍ରାକୃତିକ ନାଳରୁ ହେବ ଉଚ୍ଛେଦ

ଜଗତପୁର ବୈକୁଣ୍ଠ ବିହାର ଅଞ୍ଚଳରେ ଥିବା ପ୍ରାକୃତିକ ନାଳ (ଯୋଡ଼ା)ରୁ କିଛି ଜବରଦଖଲ ହଟାଯାଇଥିବା ନେଇ ସିଏମସି ପକ୍ଷରୁ କୋର୍ଟଙ୍କୁ ଜଣାଯାଇଛି। ତେବେ ଜଣେ ଜମି ମାଲିକଙ୍କ ଦ୍ୱାରା ନିର୍ମିତ ଏକ ବଡ଼ ପାଚେରି କାରଣରୁ ନାଳ ନିର୍ମାଣ ବାଧାପ୍ରାପ୍ତ ହେଉଛି। ଉକ୍ତ ବ୍ୟକ୍ତିଙ୍କୁ ଜବରଦଖଲ ହଟାଇବା ପାଇଁ ୭ ଦିନ ସମୟ ଦିଆଯାଇଛି। ଏହାପରେ ୩ ମାସ ମଧ୍ୟରେ ଡ୍ରେନେଜ କାର୍ଯ୍ୟ ଶେଷ କରି ଜୁଲାଇ ୩୦ ସୁଦ୍ଧା ରିପୋର୍ଟ ଦେବାକୁ କୋର୍ଟ କହିଛନ୍ତି।

### କଟକ ମ୍ୟୁନିସିପାଲିଟିକୁ ୧୫୦ ବର୍ଷ

## କାର୍ଯ୍ୟାଳୟ ସମ୍ମୁଖରେ ଯୁବ ଜନତା କଂଗ୍ରେସର ଅଭିନବ ବିକ୍ଷୋଭ



**କଟକ,୨।୭(ସମିସ):** କଟକ ମ୍ୟୁନିସିପାଲିଟି କର୍ପୋରେସନ (ସିଏମସି) ଗଠନର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସହରରେ ଏକ ନିଆରା ପ୍ରତିବାଦ ଦେଖିବାକୁ ମିଳିଛି। ସିଏମସିର ଏହି ସ୍ମରଣୀୟ ଐତିହାସିକ ଦିବସକୁ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଭୁଲିଯାଇଥିବା ବେଳେ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ଯୁବ ସଂଗଠନ 'ଓଡ଼ିଶା ଜନତା ଯୁବ କଂଗ୍ରେସ' ପକ୍ଷରୁ ଏହାକୁ ଅଭିନବ ଢଙ୍ଗରେ ପାଳନ କରାଯାଇଛି। ରାଜ୍ୟ ଯୁବ ସଭାପତି ଆର୍ଯ୍ୟବୀର ଲେଙ୍କାଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ କର୍ମକର୍ତ୍ତା ସିଏମସି କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିଛନ୍ତି। ସେଠାରେ କେକ୍ କଟାଯିବା ସହ ଉପସ୍ଥିତ ଲୋକଙ୍କ ମଧ୍ୟରେ ମିଠା ବଣ୍ଟନ କରାଯାଇଛି। ରାଜ୍ୟ ଓଡ଼ିଶା ଜନତା କଂଗ୍ରେସ ସାଧାରଣ ସଂପାଦକ ଶୁଭେନ୍ଦୁ ମଲ୍ଲିକ, କୃଷକ ସେଲ୍ ଅଧ୍ୟକ୍ଷ ସଂଗ୍ରାମ ମାଝୀ, ସୁରଜିତ ସାହୁ, ସନ୍ତୋଷ ପାତ୍ର, ସେକ ଗୁଲାମ୍ମହିଉଦ୍ଦିନ, ସୋନକ ଶୁଭାଶିଷ ସାମଲ, ଅଜୟ ଗୋଛାୟତ, ଦିଲ୍ଲୀପ ନାୟକ, ହରେକୃଷ୍ଣ ବେହେରା, ରୀନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସହରରେ ୬୦ ପ୍ରତିଶତ ଘରୋଇ ହସ୍ପିଟାଲ୍ ବେଆଇନ୍

# ନା ହେଉଛି ଯାଞ୍ଚ ନା କାର୍ଯ୍ୟାନୁଷ୍ଠାନ

**କଟକ,୨।୭(ସମିସ):** ରାଜ୍ୟ ତଥା ରାଜ୍ୟ ବାହାରୁ ଦୈନିକ ଶହ ଶହ ରୋଗୀ ସ୍ୱାସ୍ଥ୍ୟସେବା ପାଇବା ଆଶାରେ କଟକ ସହରକୁ ଆସନ୍ତି। ହେଲେ ସେମାନେ ସେବା ପାଇବା ପରିବର୍ତ୍ତେ ଏଠାରେ ଖୋଲାଖୋଲି ଲୁଟ୍‌ର ଶିକାର ହେଉଛନ୍ତି। କଟକ ସହରରେ ମାଳ ମାଳ ବେଆଇନ୍ ଘରୋଇ ହସ୍ପିଟାଲ୍, ନର୍ସିଂହୋମ, ପାଥୋଲ୍ୟାବ୍ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍ ଖୋଲାଯାଇଛି। ଅସାଧୁ ମାଲିକ ଓ ଅଣଡାକ୍ତରମାନେ ରୋଗୀଙ୍କ ଜୀବନ ସହିତ ଖେଳୁଥିବା ବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ନା କରାଯାଉଛି ଚଢ଼ଉ, ନା କରାଯାଉଛି ସିଲ୍। ମୁଖ୍ୟତଃ ମଙ୍ଗଳାବାଗ, ରାଣୀହାଟ, କଲେଜଛକ, ମହାନଦୀବିହାର, ସିଡିଏ ଭଳି ସହରର ବିଭିନ୍ନ ସ୍ଥାନରେ ଘରୋଇ ମେଡିକାଲ ସଂସ୍ଥା ଖୋଲି ସାଧାରଣ ଲୋକଙ୍କୁ ଲୁଟ୍ କରାଯାଉଛି। ସହରରେ ୬୦ପ୍ରତିଶତ ଘରୋଇ ହସ୍ପିଟାଲ୍, ପାଥୋଲୋଜି ସେଣ୍ଟର୍, ଡାଇଗ୍ନୋଷ୍ଟିକ୍ ସେଣ୍ଟର୍ ଓ ପାଥୋ ଲ୍ୟାବ୍ ଗୁଡ଼ିକର ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ କିମ୍ବା ସ୍ୱାସ୍ଥ୍ୟ ବିଭାଗର ଗାଇଡ୍ ଲାଇନ୍‌କୁ ପାଳନ କରାଯାଉ ନାହିଁ। ଯାହାଫଳରେ ବିଭିନ୍ନ ସମୟରେ ଅଘଟଣ ଘଟି ଅକାଳରେ ରୋଗୀଙ୍କ ଜୀବନ ଯାଉଛି। ସହରର ପ୍ରାୟ ଅଧିକାଂଶ ଘରୋଇ ହସ୍ପିଟାଲ୍‌ର ବିଲ୍ଡିଂ ପ୍ଲାନ୍, ଫାୟାର ପ୍ରମାଣ ପତ୍ର ଓ ଆବଶ୍ୟକୀୟ ସରକାରୀ ଅନୁମତି କାଗଜପତ୍ର ନଥିବା ଯୋଗୁଁ ଜିଲ୍ଲା ପ୍ରଶାସନ ଓ ସିଡିଏମଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହେଉଛି। ଦୈନିକ ଶହ ଶହ ରୋଗୀ ଏହି ସବୁ ହସ୍ପିଟାଲ୍‌କୁ ଆସି ହଇରାଣ ହେଉଥିବା ଦେଖିବାକୁ ମିଳୁଛି। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବା ହେତୁ ପରିସ୍ଥିତି ଉଦ୍‌ବେଗଜନକ ହେବାରେ ଲାଗିଛି। ଆବଶ୍ୟକୀୟ ଭିତ୍ତିଭୂମିର ଅଭାବ, ଆବଶ୍ୟକୀୟ ଡାକ୍ତର ନିଯୁକ୍ତ ନହେବା ଭଳି ବେନିୟମ ଭାବେ ଘରୋଇ ହସ୍ପିଟାଲ୍ ଗୁଡ଼ିକ ଖୋଲା ଯାଇଛି। ଏହା ଉପରେ ଚଢଉ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଉଠିଛି।

- ବେଆଇନ ନର୍ସିଂହୋମ୍, ପାଥୋଲ୍ୟାବ୍ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍ କରୁଛନ୍ତି ଖୋଲାଖୋଲି ଲୁଟ୍
- ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ପୁଲିସ ସାଜିଛି ନିରବଦ୍ରଷ୍ଟା

ପ୍ରାପ୍ତ ସୂଚନା ଅନୁସାରେ, କଟକ ମହାନଗର ନିଗମ ତଥା ସହରାଞ୍ଚଳରେ ପ୍ରାୟ ୩୧୫ଟି ଶଯ୍ୟା ସୁବିଧା ଥିବା(ବେଡେଡ୍) ଘରୋଇ ହସ୍ପିଟାଲ୍ ରହିଛି। ତନ୍ମଧ୍ୟରୁ ୮୫ଟି ଗ୍ରାମାଞ୍ଚଳରେ ରହିଛି। ତେବେ ସମୁଦାୟ ୪୦୦ଟି ଘରୋଇ ହସ୍ପିଟାଲ୍ ଏବେ କାର୍ଯ୍ୟକ୍ଷମ ରହିଛି। ସେହିପରି ସହରରରେ ୩୦୫ଟି ଘରୋଇ ପାଥୋଲୋଜି ସେଣ୍ଟର୍, ଡାଇଗ୍ନୋଷ୍ଟିକ୍ ସେଣ୍ଟର ଓ ଲ୍ୟାବ୍ ରହିଛି। ଗ୍ରାମାଞ୍ଚଳରେ ୭୫ଟି ଏଭଳି ସଂସ୍ଥା ରହିଛି। ଏହି ଘରୋଇ ମେଡିକାଲ୍ ସଂସ୍ଥା ମଧ୍ୟରୁ ୬୦ପ୍ରତିଶତ ସଂସ୍ଥାର ଆବଶ୍ୟକୀୟ କାଗଜପତ୍ର ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଅଣଡାକ୍ତରମାନେ ଦଲାଲ୍ ସାଜି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଗାଇଡ୍ ଲାଇନ୍‌କୁ ଅବମାନନା କରି ସାଧାରଣ ରୋଗୀଙ୍କ ଜୀବନ ସହ ଖେଳ ଖେଳୁଥିବା ଦେଖିବାକୁ ମିଳୁଛି। ଏଠାରେ ସୂଚନାଯୋଗ୍ୟ, ଗତ ବର୍ଷ ରାଣୀହାଟ କେନାଲ୍ ରୋଡ୍‌ସ୍ଥିତ ଚାଣକ୍ୟ ହସ୍ପିଟାଲକୁ ସିଲ୍ କରାଯାଇଥିଲା। ଜାତୀୟ ମାନବଧିକାର କମିଶନଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ହସ୍ପିଟାଲରେ ଚଢ଼ଉ କରାଯାଇଥିଲା। ହସ୍ପିଟାଲରେ ବିନା ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମେତ ବିନା ପଞ୍ଜିକରଣରେ ହସ୍ପିଟାଲ ୯ବର୍ଷ ହେବ ଚାଲୁଥିବା ଜଣାପଡ଼ିଥିଲା। ଜାତୀୟ ମାନବଧିକାର କମିଶନର ହସ୍ତକ୍ଷେପ କରିନଥିଲେ, ଏହି ଘରୋଇ ହସ୍ପିଟାଲ୍ ସାଧାରଣ ରୋଗୀଙ୍କୁ ହଇରାଣ କରି ଥାଆନ୍ତା। ଏହି ପରି ଭାବେ ସହରର ଏକାଧିକ ଘରୋଇ ହସ୍ପିଟାଲ୍ ସରକାରୀ ନିୟମକୁ ଅବମାନନା କରି ଲକ୍ଷାଧିକ ଟଙ୍କା ଲୁଟିବା ସହିତ ରୋଗୀଙ୍କ ଜୀବନ ସହିତ ଖେଳ ଖେଳୁଛନ୍ତି। ବିଡମ୍ବନାର ବିଷୟ ଗତ ୮ମାସରୁ ଅଧିକ ସମୟ ହେବ ସହରରେ ଆଦୌ ଚଢ଼ଉ କରାଯାଇ ନାହିଁ। ଯାହାଫଳରେ ପୁଣି ଥରେ ବେଆଇନ୍ ଘରୋଇ ହସ୍ପିଟାଲ୍, ପାଥୋଲୋଜି ସେଣ୍ଟର୍, ଡାଇଗ୍ନୋଷ୍ଟିକ୍ ସେଣ୍ଟର୍ ଓ ପାଥୋ ଲ୍ୟାବ୍ ମାଲିକ ସକ୍ରିୟ ହୋଇ ଉଠିଛନ୍ତି। ଚଢ଼ଉର ଭୟ ରହୁନଥିବାରୁ ସେମାନେ ଦୈନିକ ରୋଗୀ ଏବଂ ରୋଗୀ ସମ୍ପର୍କୀୟଙ୍କୁ ଲୁଟ୍ କରୁଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଏବଂ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ଉଠିଛି।




## ଗଣଶିକ୍ଷା ମନ୍ତ୍ରୀଙ୍କ ବିରୋଧରେ ସିପିଆଇ ବିକ୍ଷୋଭ

**କଟକ,୨।୭(ସମିସ):** ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରଣୟନ କରି ରାଜ୍ୟ ସରକାର କମୋଳମତି ବାଳକ ବାଳିକାଙ୍କ ଭବିଷ୍ୟତ ସହିତ ଖେଳ ଖେଳୁଛନ୍ତି। ତାଙ୍କ ଦ୍ୱାରା ପାଠ୍ୟ ପୁସ୍ତକରେ ନିୟୁଟନଙ୍କୁ ପାଇଲଟ ଦର୍ଶାଇବା ସହିତ ଇଂରାଜୀ ବହିରେ ଓଡ଼ିଆ ଲୋକ ସଙ୍ଗୀତ, ସାହିତ୍ୟ ବହିରେ ରାଜସ୍ଥାନ ସିନେମା ଗୀତ ସ୍ଥାନ ଦେବା ନିନ୍ଦନୀୟ। ଏହାକୁ ସଂଶୋଧନ କରି ପଢ଼ାଇବାକୁ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହା ଅସମ୍ଭବ। ଏଣୁ ଏହା ବିରୋଧରେ ସିପିଆଇ ପକ୍ଷରୁ ମୂତରିଫା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଉଦୟ କେଶରୀ ବର୍ମା ଥାନାରେ ଏକ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପ୍ରଦାନ ସମୟରେ ସିପିଆଇ ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ସୁନାକର ବରାଳ ସିପିଆଇ ନେତା ଜୟ ସିଂହ, ରଶ୍ମି ତ୍ରିପାଠୀ, ଶେଖ୍ ରିଜିଅନ, ସେଖ୍ ସଗିର,ପୁରୁଷୋତ୍ତମ ସାହୁ, ଶେଖ୍ କରିମ୍, ଉଷାରାଣୀ ସ୍ୱାଇଁ, ଝିଲ୍ଲୀ ବିଶୋଇ ଓ ପରମାନନ୍ଦ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ବୋଲି ଉଦୟ କେଶରୀ ବର୍ମା ସୂଚନା ଦେଇଛନ୍ତି।

## ବଙ୍ଗାଳିସାହି କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ



**କଟକ,୨।୭(ସମିସ):** ମହାନଗର ନିଗମ ଅନ୍ତର୍ଗତ ୨୮ ନମ୍ବର ୱାର୍ଡର ବଙ୍ଗାଳିସାହି ପୂଜା କମିଟି ପରିସରରେ ଏକ ନୂତନ ଗୋଷ୍ଠୀ ଗୃହ (କମ୍ୟୁନିଟି ସେଣ୍ଟର) ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବିଧାୟିକାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଅନୁଦାନରେ ଏହି ଜନହିତକର ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ସ୍ଥାନୀୟ ଅଞ୍ଚଳର ବିକାଶ ତଥା ସାମାଜିକ କାର୍ଯ୍ୟକ୍ରମ ଆୟୋଜନ ଦିଗରେ ଏହି ଗୋଷ୍ଠୀ ଗୃହ ପ୍ରମୁଖ ଭୂମିକା ଗ୍ରହଣ କରିବ। ଶୁଭାରମ୍ଭ ସମୟରେ ବିଧାୟିକାଙ୍କ ସହ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଓ ବଙ୍ଗାଳି ସାହି ପୂଜା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ। କର୍ପୋରେଟର ବାନଲତା ପ୍ରଧାନ, ଜ୍ୟୋତି ରଞ୍ଜନ ଘୋଷ, ଲକ୍ଷ୍ମୀପ୍ରକାଶ ମହାପାତ୍ର, ଦେବୀ ପ୍ରସନ୍ନ ମହାପାତ୍ର,ଅମ୍ବିକା ଦାସ, ମାନିଆ ଭାଇ, ମିର୍ ମୁଜାଫର୍ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

### ଏବେ ବି ବହୁ ପଡ଼ିକାର୍ଡଧାରୀ ଅଧିକ ୫ କିଲୋ ଚାଉଳରୁ ବଞ୍ଚିତ

## ଟ୍ରାନ୍ସପୋର୍ଟ ସଂସ୍ଥାର ଯୋଗାଣ ବିଳମ୍ବ ସହ ରିଟେଲର୍ କେନ୍ଦ୍ରରେ ମେସିନ୍ ସମସ୍ୟା

**କଟକ, ୨।୭(ସମିସ)**

ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା (ସିଏମ୍‌ଏୱାଇ)ରେ ଏପର୍ଯ୍ୟନ୍ତ ସମସ୍ତ ହିତାଧିକାରୀଙ୍କୁ ମୁଣ୍ଡ ପିଛା ଅଧିକ ୫ କିଲୋ ଚାଉଳ ମିଳିପାରିନାହିଁ। ପୂର୍ବରୁ ଧାର୍ଯ୍ୟ ମୁଣ୍ଡ ପିଛା ୫ କିଲୋ ହିସାବରେ ଗତ ଏପ୍ରିଲରୁ ଜୁନ ପର୍ଯ୍ୟନ୍ତ ୩ମାସର ଚାଉଳ ଆସିଥିଲା। ପରବର୍ତ୍ତୀ ସମୟରେ ଏହି ତିନି ମାସର ଅତିରିକ୍ତ ୫ କିଲୋ ଲେଖାଏଁ ମୁଣ୍ଡ ପିଛା ଚାଉଳକୁ ଉପରୋକ୍ତ ଯୋଜନାରେ ଦେବା ପାଇଁ ଗତ ଜୁନ ୧୨ରୁ ଶୁଭାରମ୍ଭ କରାଯାଇଥିଲା। ହେଲେ ଏବେ ସୁଦ୍ଧା ବି ଯୋଗାଣ ବିଭାଗ ହିତାଧିକାରୀଙ୍କୁ ସିଏସ୍‌ଏୟାଇ କାର୍ଡ ଯୋଗାଣ ସହ ଚାଉଳ ଦେଇପାରି ନଥିବା ଜଣାପଡିଛି। ବିଶେଷକରି ଟ୍ରାନ୍ସପୋର୍ଟ ଠିକାଦାରଙ୍କ ପକ୍ଷରୁ ଏହି ଚାଉଳ ଯୋଗାଣରେ ବିଳମ୍ବ ଘଟୁଥିବା ଓ ରିଟେଲର କେନ୍ଦ୍ରରେ ପିଓଏସ ମେସିନ ସମସ୍ୟା ପାଇଁ ଏଭଳି ସ୍ଥିତି ଉପୁଜୁଥିବାର କହନ୍ତି ଖୁଚୁରା ବିକ୍ରେତା। କିଛି ଡିଲର ଅଳ୍ପ ସଂଖ୍ୟକ କାର୍ଡ ସହ ଚାଉଳ ଆଣି ହିତାଧିକାରୀଙ୍କୁ ଦେଇଥିବା ବେଳେ ଆଉ କିଛି ଡିଲରଙ୍କୁ ସେମାନଙ୍କ କୋଟା ଅନୁଯାୟୀ କାର୍ଡ ମିଳିନାହିଁ।

ସୂଚନାନୁସାରେ, ଜିଲ୍ଲାରେ ଖାଦ୍ୟ ସୁରକ୍ଷା ଯୋଜନାରେ ୪ଲକ୍ଷ ୪୮ ହଜାର କାର୍ଡ ରହିଛି। ପ୍ରତି ମାସରେ ୫୫ ହଜାର କ୍ୱିଣ୍ଟାଲ ଚାଉଳ ଯୋଗାଣ କରାଯାଉଥିବା ବେଳେ ଏବେ ଏହାର ଦୁଇ ଗୁଣା ଚାଉଳ ଦିଆଯାଉଛି। ଟ୍ରାନ୍ସପୋର୍ଟ ଠିକାଦାରମାନେ ଜିପିଏସ ଡିଭାଇସଯୁକ୍ତ ଗାଡିରେ ଯୋଗାଣ ବିଭାଗରୁ ଡିଲର ପଏଣ୍ଟକୁ ଚାଉଳ ଯୋଗାଣ କରିବା ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ସେମାନେ ପୂର୍ବରୁ ଅଧିକ ସଂଖ୍ୟକ ଗାଡିରେ ପରିବହନ କରୁଥିବା ବେଳେ ଏବେ ଜିପିଏସ ଡିଭାଇସ ଥିବା ଗାଡି ଚାହିଦାନୁସାରେ ପରିବହନରେ ଲଗାଇପାରୁନାହାନ୍ତି। ଫଳରେ ସାମଗ୍ରୀ ଯୋଗାଣରେ ବିଳମ୍ବ ଘଟୁଛି। ସେହିଭଳି ଡିଲରମାନଙ୍କୁ ଦିଆଯାଇଥିବା ପିଓଏସ ମେସିନ ପୂର୍ବରୁ ୨ଜି ନେଟୱର୍କଯୁକ୍ତ ଥିବା ବେଳେ ଏହାକୁ ୪ଜି ନେଟୱର୍କରେ ପରିଣତ କରାଯାଇଥିଲେ ବି ମେସିନରେ ସବୁ ବେଳେ ନେଟୱର୍କ ସମସ୍ୟା ଲାଗି ରହୁଛି। ଯେଉଁଥିପାଇଁ ଖାଉଟିଙ୍କ ଆଙ୍ଗୁଳି ଛାପ ସ୍କାନିଂ ଠିକ ଢଙ୍ଗରେ ହୋଇପାରୁ ନଥିବାରୁ ଅଧିକ ବିଳମ୍ବ ହେଉଥିବା କୁହାଯାଇଛି। ଏଭଳିସ୍ଥିତିରେ ବହୁ ସ୍ଥାନରେ ଖାଉଟି ଓ ଖୁଚୁରା ବିକ୍ରେତାଙ୍କ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବାର ଦେଖିବାକୁ ମିଳୁଛି। ସେହିଭଳି ନୂଆ କାର୍ଡ ମିଳି ନଥିବାରୁ ବହୁ ଡିଲରଙ୍କ ନିକଟରେ ଚାଉଳ ମହଜୁଦ ଥିଲେ ବି ତାହାକୁ ବିତରଣ କରିପାରୁନାହାନ୍ତି। ନୂଆ ଯୋଜନାରେ ଆବଶ୍ୟକ ସଂଖ୍ୟକ ସିଏସ୍‌ଏୟାଇ କାର୍ଡ ଯୋଗାଣ ବିଭାଗ ଦେଇପାରିନାହିଁ। ତେବେ ଅଧିକ ୫ କେଜି ଚାଉଳ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ପଡି କାର୍ଡଧାରୀ ନୂଆ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ଦେବାକୁ କୁହାଯାଇଛି। ହିତାଧିକାରୀମାନେ ଏଥିପାଇଁ ବାରମ୍ବାର ଡିଲରଙ୍କ ନିକଟକୁ ଆସି ନିରାଶରେ ଫେରୁଥିବା ଜଣାପଡିଛି। ଜୁଲାଇ ଆରମ୍ଭ ହୋଇଯାଇଥିବା ବେଳେ ବକେୟା ୩ ମାସର ଅତିରିକ୍ତ ଚାଉଳ କେବେ ମିଳିବ ସେନେଇ ଚିନ୍ତାରେ ପଡିଛନ୍ତି ହିତାଧିକାରୀ।

## ଟ୍ରାଫିକ୍ ହୋମଗାର୍ଡଙ୍କୁ ଆକ୍ରମଣ; ଦୁଇ ଗିରଫ

**କଟକ, ୨।୭(ସମିସ):** କଟକ ଜଗତପୁର ଗୋଲେଇଛକରେ ଟ୍ରାଫିକ୍ ଡ୍ୟୁଟିରେ ନିୟୋଜିତ ଥିବା ଜଣେ ହୋମଗାର୍ଡଙ୍କୁ ଦୁଇ ଯୁବକ ମରଣାନ୍ତକ ଭାବେ ଆକ୍ରମଣ କରିଥିବା ଘଟଣା ଘଟିଛି। ଆକ୍ରମଣରେ ହୋମଗାର୍ଡ ଦୁର୍ଗାମାଧବ ପଦାରବିନ୍ଦ ସ୍ୱାଇଁ ଆହତ ହୋଇଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ଜଗତପୁର ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦ୍ରୁତ ପଦକ୍ଷେପ ନେଇ ଆକ୍ରମଣରେ ସମ୍ପୃକ୍ତ ଦୁଇ ଯୁବକଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ସିଂହପଡ଼ା ଗ୍ରାମର ଅଲୋକ ବେହୁରିଆ ଓ ଦୀପକ କୁମାର ବେହୁରିଆ। ଆକ୍ରମଣର କାରଣ ସମ୍ପର୍କରେ ପୁଲିସ ତଦନ୍ତ ଜାରି ରଖିଥିବା ବେଳେ, ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଉଛି। ଘଟଣା ପରେ ଜଗତପୁର ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା।

### ସିଡିଏରୁ ଲକ୍ଷାଧିକ ଟଙ୍କା ଚୋରି ଘଟଣା

## ଚୋର ଗିରଫ; ୭୦ ହଜାର ଟଙ୍କା ଜବତ




**କଟକ,୨।୭(ସମିସ):** ମର୍କତନଗର ଥାନା ପୁଲିସ ସହରର ସୁରକ୍ଷିତ ଅଞ୍ଚଳ କୁହାଯାଉଥିବା ସିଡିଏ ସେକ୍ଟର-୬ ଅଞ୍ଚଳରେ ଘଟିଥିବା ଏକ ଚୋରି ମାମଲାର ପର୍ଦ୍ଦାଫାସ କରିଛି। ଏହି ଘଟଣାରେ ଅଭିଯୁକ୍ତକୁ ଗିରଫ କରିବା ସହ ତା'ଠାରୁ ନଗଦ ୭୮ ହଜାର ଟଙ୍କା ଏବଂ ଏକ ଦାମୀ ମୋବାଇଲ୍ ଫୋନ୍ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ବାଲିଘାଟ କାଠଯୋଡ଼ି ବିହାର ଅଞ୍ଚଳର ବି. ମଧୁ। ପୁଲିସ ସୂଚନା ଅନୁଯାୟୀ, ସିଡିଏ ସେକ୍ଟର-୬ରେ ଭଡ଼ାଘର ନେଇ ରହୁଥିବା ପିଲୁ ସାମଲ ଗତ ଜୁଲାଇ ୧ ତାରିଖରେ ଘରେ ନଥିବା ସମୟରେ ତାଙ୍କ ବାସଭବନରୁ କେହି ଦୁର୍ବୃତ୍ତ ସୁଯୋଗ ଦେଖି ପ୍ରାୟ ୨ ଲକ୍ଷ ୧୦ ହଜାର ଟଙ୍କା ଚୋରି କରି ନେଇଥିବା ନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମାର୍କତନଗର ପୁଲିସ କେସ୍ ନମ୍ବର ୨୧୮/୨୦୨୬, ବିଏନଏସ ଧାରା ୩୦୫(ବ) ଅନୁସାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମର୍କତନଗର ଥାନା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାର ତଦନ୍ତକାରୀ ଅଫିସର ଏକ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳ ପରିଦର୍ଶନ କରି ପ୍ରମାଣ ସଂଗ୍ରହ କରିଥିଲେ। ଟେକ୍ନିକାଲ୍ ଏବଂ ଗୋପନୀୟ ସୂତ୍ର ସହାୟତାରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରି ଶେଷରେ ଅଭିଯୁକ୍ତ ବି. ମଧୁକୁ କାବୁ କରିବାରେ ସଫଳ ହୋଇଥିଲା। ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଲୁଚାଇବାକୁ ଚେଷ୍ଟା କରିଥିଲା ଅଭିଯୁକ୍ତ ମଧୁ। ପଚରାଉଚରା ସମୟରେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିବା ସହ ଚୋରି ଟଙ୍କାର ଏକ ବଡ଼ ଅଂଶ ନିଜ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ଦେଇଥିବା କଥା ସ୍ୱୀକାର କରିଛି। ଚୋରି ଟଙ୍କାର ପ୍ରମାଣ ନଷ୍ଟ କରିବା ଓ ଏହାକୁ ବୈଧ ରୂପ ଦେବା ପାଇଁ ସେ ଏଭଳି ଚାଲାକି କରିଥିବା ବେଳେ ବାକି ଟଙ୍କା ନିଜର ବ୍ୟକ୍ତିଗତ ଖର୍ଚ୍ଚରେ ଉଡ଼ାଇ ଦେଇଥିବା ଜଣାପଡ଼ିଛି।

## ସ୍ୱାସ୍ଥ୍ୟସେବାର ଅଚଳାବସ୍ଥା ଦୂର ପାଇଁ ସରକାର ତୁରନ୍ତ ବ୍ୟବସ୍ଥା କରନ୍ତୁ: ସିପିଏମ୍

ଜଳେଶ୍ୱର, ୨୭ (ସମିସ): ଓଡ଼ିଶା ମେଡିକାଲ ସର୍ଭିସ ଏସୋସିଏସନ ଓ ସରକାରଙ୍କ ଜିଦ୍‌ଖୋର୍‌ଙ୍କ ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ଓ ଅଚଳାବସ୍ଥା ସୃଷ୍ଟି ହୋଇଛି। ଡାକ୍ତର ମାନେ ଚିକିତ୍ସା ବର୍ଜନ ଡାକରା ଦେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସବୁଠାରେ ଚିକିତ୍ସା ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ରୋଗୀମାନେ ଚିକିତ୍ସିତ ହୋଇ ନ ପାରି ହନ୍ତସନ୍ତ ହେଉଛନ୍ତି। ଗୁରୁତର ରୋଗୀଙ୍କ ଜୀବନ ବିପନ୍ନ ହେବାକୁ ବସିଛି। ମାତ୍ର ସରକାର ଆଲୋଚନା ମାଧ୍ୟମରେ ଡାକ୍ତରମାନଙ୍କର ଦାବିଗୁଡ଼ିକ ଉପରେ ବିଚାର ନ କରି ଏସମା ଲଗାଇବାକୁ ଧମକ ଦେଉଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ସରକାରୀ ସ୍ୱାସ୍ଥ୍ୟସେବା ଉପରେ ନିର୍ଭର କରୁଥିବା ଲୋକମାନେ ଏହି ସମସ୍ୟାର ତୁରନ୍ତ ସମାଧାନ ଚାହୁଁଥିବା ବେଳେ ସରକାରଙ୍କ ଘରୋଇ ହସପିଟାଲ ପ୍ରତି ସାଧାରଣ ଲୋକଙ୍କ ବୁଝିବା ବାହାରେ ବୋଲି ସିପିଆଇ(ଏମ) ପାର୍ଟି ତରଫରୁ ଅଭିଯୋଗ କରାଯାଇଛି। ଏଭଳି ଜନବିରୋଧୀ ନୀତିରୁ ସରକାର ନିବୃତ ରହି ତୁରନ୍ତ ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାରୀ ଡାକ୍ତରଖାନାରେ ଲୋକେ କିପରି ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପ୍ରତି ଯତ୍ନବାନ ହେବାପାଇଁ ସିପିଏମ ତରଫରୁ ଦାବି କରାଯାଇଛି। ସିପିଏମ ଜଳେଶ୍ୱର ଆଞ୍ଚଳିକ କମିଟିର ସମ୍ପାଦକ ଅକ୍ଷୟ ମିଶ୍ର, ବାମପନ୍ଥୀ ନେତା ଦିଲ୍ଲୀପ କୁମାର ଗିରି, ଦିବ୍ୟମାନ ଆଚାର୍ଯ୍ୟ, ରବୀନ୍ଦ୍ର ବାରିକ, ପଲ୍ଲୁ ଦାସ, ପୂର୍ବତନ ସରପଞ୍ଚ ଦିଲ୍ଲୀପ ପରିଡ଼ା ପ୍ରମୁଖ ଏକ ପ୍ରେସ ବିବୃତିରେ ଦାବୀ କରିଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଲୋକମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ଶ୍ରୀପାଟ ଶ୍ରୀଜଗନ୍ନାଥଙ୍କ ରଥ ଓ ବାହୁଡ଼ା ଯାତ୍ରା ପ୍ରସ୍ତୁତି ବୈଠକ

ବାଲିଆପାଳ, ୨୭ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିଆପାଳ ପୂର୍ବବିଭାଗ ଡାକବଙ୍ଗଳାରେ ବୁଧବାର ସନ୍ଧ୍ୟାରେ ବାଲିଆପାଳର ପ୍ରସିଦ୍ଧ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ୪୭ତମ ରଥଯାତ୍ରା ପ୍ରସ୍ତୁତି ବୈଠକ ମନ୍ଦିର ପରିଚାଳନା କମିଟିର ସଭାପତି ବ୍ରଜକିଶୋର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବସ୍ତା ବିଧାୟିକା ସୁବାସିନୀ ଜେନା, ବାଲିଆପାଳ ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ବାଲିଆପାଳ ଥାନା ଏଏସଆଇ ପ୍ରଦୋଷ କୁମାର ମଲ୍ଲିକ, ଏ ଏସ ଆଇ ପ୍ରେମ କୁମାର ବାହିନୀପତି, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ସୁପର ଭାଇଜର ରମାନାଥ କର, ବାଲିଆପାଳ ବିଦ୍ୟୁତ କାର୍ଯ୍ୟାଳୟର ଜେଇ ସୁଶାନ୍ତ ସାହୁ, ବାଲିଆପାଳ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ବିଜନ ନାୟକ ପ୍ରମୁଖ ଯୋଗ ଦେଇ ଚଳିତ ବର୍ଷର ରଥଯାତ୍ରାରେ ନିଜ ନିଜ ବିଭାଗ ପକ୍ଷରୁ ସବୁ ପ୍ରକାରର ସାହାଯ୍ୟ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ। ମହାପ୍ରଭୁଙ୍କ ରଥ ଯାତ୍ରା ସହିତ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ସାର୍ବଜନୀନ ଦର୍ଶନ ପାଇଁ ବାଲିଆପାଳ ପୁରୁଣା ବସଷ୍ଟାଣ୍ଡସ୍ଥ ଦୁର୍ଗାମଣ୍ଡପରେ ପୂର୍ବ ବର୍ଷ ପରି ମହାପ୍ରଭୁଙ୍କୁ ବିରାଜମାନ କରାଯିବାର ସିଦ୍ଧାନ୍ତ ନିଆଯାଇଥିଲା। ଚଳିତ ବର୍ଷ ରଥଯାତ୍ରା ଓ ବାହୁଡ଼ା ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ହେବାକଥା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବୈଠକ ପ୍ରାରମ୍ଭରେ ମନ୍ଦିରର ବଡ଼ ପଣ୍ଡା ବିଷ୍ଣୁ ଦାସ ପାଠୀ ବେଦ ପାଠ କରିଥିବାବେଳେ ମନ୍ଦିର କମିଟିର ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ମଧୁପୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁରଲୀ ମୋହନ ସାହୁ, ବାଲିଆପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ମଧୁସୂଦନ ସାହୁ, ଙ୍କ ସୁଶାନ୍ତ ଚକ୍ରବର୍ତ୍ତୀ, ମଧୁପୁରା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଲମ୍ବୋଦର ମାହାନା, ଗୋବିନ୍ଦ ଚନ୍ଦ୍ର ଦାସ, ଜଗନ୍ନାଥ ବାରିକ, ଅରୁଣ ପାତ୍ର, ଡ. ସୁଶାନ୍ତ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ, ଭାସ୍କର ଚନ୍ଦ୍ର ସାହୁ, ପ୍ରବୀର ସି, ପ୍ରିୟନାଥ ସେଠୀ, କାଳିଚରଣ ଦେ, ରଘୁନାଥ ପାତ୍ରଙ୍କ ସହିତ ବହୁ ବ୍ୟକ୍ତି ବୈଠକରେ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ। ସୁଶାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ବଣିଆଡିହା ପଞ୍ଚାୟତ କଂଗ୍ରେସର ସାଂଗଠନିକ ବୈଠକ



ଲଙ୍ଗଳେଶ୍ୱର, ୨୭ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡିହା ପଞ୍ଚାୟତ ସାଂଗଠନିକ ବୈଠକ ଗତ ୭ତାରିଖ ସନ୍ଧ୍ୟାରେ ବଣିଆଡିହା ନିମାଇଁ ଚରଣ ରାଉଳଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ବସ୍ତା ନିର୍ବାଚନ ମଣ୍ଡଳୀ ନେତା ତଥା ବାଲିଆପାଳ ପଞ୍ଚାୟତ ସମିତିର ପୂର୍ବତନ ଚେୟାରମେନ ବିଜନ କୁମାର ନାୟକ ବୈଠକ ରେ ଯୋଗଦେଇ ସଂଗଠନକୁ କିଭଳି ମଜବୁତ କରାଯିବ ସେ ବାବଦରେ ଆଲୋଚନା କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ମାନେ ବିପୁଳ ବିଜୟ ପାଇଁ ରଣ କୌଶଳ ପ୍ରସ୍ତୁତ କରାଯାଇଥିଲା। ବୈଠକ ରେ କମଳାକାନ୍ତ ଦାସ ନୂତନ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଉପସଭାପତି ଭାବେ ପ୍ରଶାନ୍ତ କୁମାର ଜେନା, ପର୍ଶୁରାମ ଜେନା, ଅମୂଲ୍ୟ ପଟ୍ଟନାୟକ, ପ୍ରଦୀପ ଜେନା ନିର୍ବାଚିତ ହୋଇଥିଲେ। ଏଥିରେ ରାୟପୁର ବୋଥ ସଭାପତି ଭାବେ ପିତାମ୍ବର ଜେନା, ସମ୍ପାଦକ ରତ୍ନାକର ଜେନା, ଭଞ୍ଜେଶ୍ୱର ବୁଥ ସଭାପତି ପ୍ରତାପ ସାମନ୍ତ, ସମ୍ପାଦକ ସୁଶାନ୍ତ ମହାନ୍ତି, ଗଞ୍ଜା ବୋଥ ପାଇଁ ସଭାପତି ରତ୍ନାକର ବାରିକ, ସମ୍ପାଦକ ଶୁକଦେବ ଗାଣ ଓ ବଣିଆଡିହା ବୋଥ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ସତ୍ୟରଞ୍ଜନ ଦାସ ନିର୍ବାଚିତ ହେଲେ। ବୈଠକରେ ସ୍ଥାନୀୟ ସରପଞ୍ଚ କାଳୀ ଚରଣ ଜେନା, ଯୁବ ନେତା ଜଗତ ଜୀବନ ଦାସ ଯୋଗଦେଇ ସଂଗଠନ ଅଭିବୃଦ୍ଧି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଇ ସଂଗଠକ ସୁଦୃଢ଼ କରିବାପାଇଁ ଉପଦେଷ୍ଟା ଭାବେ ମନୋରଞ୍ଜନ ପାତ୍ର, ରଘୁନାଥ ସାମଲ, ପୂର୍ଣ୍ଣଚନ୍ଦ୍ର ଦଳାଇ, ଭୂପେନ୍ଦ୍ର ପାତ୍ର, ବିଭୂତି ଦାସ, ରତ୍ନାକର ପଟ୍ଟାୟତ ନିର୍ବାଚିତ ହୋଇଥିଲେ।

### ଦୁଇ ବିଭାଗ ମଧ୍ୟରେ ରହୁନି ସମନ୍ୱୟ, ପାଣିରେ ପଡୁଛି କୋଟି କୋଟି

# ମାଟି ତଳେ ପୋତି ହେଉଛି ପାଇପ୍, ନଷ୍ଟ ହେଉଛି ରାସ୍ତା

ବାଲେଶ୍ୱର ସଦର, ୨୭ (ହରିଶଙ୍କର ପାଣି)



ବାଲେଶ୍ୱର ଜିଲ୍ଲାରେ ଦୁଇ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ କୋଟି କୋଟି ଟଙ୍କାର ସରକାରୀ ପ୍ରକଳ୍ପ ନଷ୍ଟ ହେବାରେ ଲାଗିଛି। ୨୦୨୩ରେ ଗ୍ରାମ ବିଭାଗ ୧୬ ନମ୍ବର ଜାତୀୟ ରାଜପଥର ନଳବାହାର ଠାରୁ ବରଡିହା ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ହୋଇଥିଲା। କିନ୍ତୁ ଏହି କାମ ଆରମ୍ଭ ହେବା ପୂର୍ବରୁ ଜଳ ଓ ପରିମଳ ବିଭାଗ ପକ୍ଷରୁ ପୁରୁଣା ରାସ୍ତା ପାର୍ଶ୍ୱରେ ପାଣି ପାଇପ୍ ବିଛା କାର୍ଯ୍ୟ ସାରି ଦିଆଯାଇଥିଲା। ଫଳରେ ନୂତନ କଂକ୍ରିଟ୍ ରାସ୍ତା ତଳେ ଠିକ୍ ୩ ଫୁଟ୍ ଭିତରେ ଏବେ ପାଇପ୍ ଲାଇନ୍ ରହିଯାଇଛି। ପାଇପ୍ ଫାଟିଲେ ମୁଖ୍ୟ ରାସ୍ତାକୁ ଭାଙ୍ଗି ମରାମତି କରିବାକୁ ପଡୁଛି, ଯାହା ଫଳରେ ନୂଆ ରାସ୍ତା ଜାଗା ଜାଗାରେ ଭାଙ୍ଗି ନଷ୍ଟ ହେଉଛି ଏବଂ ଜନସାଧାରଣ ନିତିଦିନ ହଇରାଣ ହେଉଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭ କୋଟି ଟଙ୍କାରେ ୨୦୨୩ରେ ନଳବାହାର ଠାରୁ ବରଡିହା ପର୍ଯ୍ୟନ୍ତ ୧୬ ନମ୍ବର ଜାତୀୟ ରାଜପଥ ସଂଲଗ୍ନ ଜଉ ରାସ୍ତାର ସମ୍ପ୍ରସାରଣ ଓ କଂକ୍ରିଟ କାମ ହୋଇଥିଲା। ହେଲେ ଏହି କାମ ଆରମ୍ଭ ହେବା ପୂର୍ବରୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆରଡବ୍ଲ୍ୟୁଏସ୍‌ଏସ୍) ପକ୍ଷରୁ ପୁରୁଣା ରାସ୍ତା କଡ଼ରେ ପାଇପ୍ ବିଛା କାର୍ଯ୍ୟ କରାଯାଇଥିଲା। ଦୁଇ ବିଭାଗ ମଧ୍ୟରେ କୌଣସି ସମନ୍ୱୟ ନଥିବାରୁ ଆରଡି ରାସ୍ତା କାମ କଲାବେଳେ ସେହି ପାଇପ୍ ଲାଇନ୍ ଉପରେ ହିଁ ନୂଆ କଂକ୍ରିଟ୍ ରାସ୍ତା ନିର୍ମାଣ କରିଦେଲା। ଫଳସ୍ୱରୂପ ଏବେ ଯେତେବେଳେ କୌଣସି ସ୍ଥାନରେ ପାଇପ୍ ଫାଟୁଛି ବା ଲିକେଜ୍ ହେଉଛି, ଆରଡବ୍ଲ୍ୟୁଏସ୍‌ଏସ ବିଭାଗର ଠିକାଦାର କୋଟି ଟଙ୍କା ବ୍ୟୟରେ ନିର୍ମିତ ମୁଖ୍ୟ ରାସ୍ତାର କଂକ୍ରିଟ୍ ତାଡ଼ି ପାଇପ୍ ମରାମତି କରୁଛନ୍ତି। ମରାମତି ପରେ ସେହି ରାସ୍ତାକୁ ଠିକ୍ ଭାବେ ପୁନଃ ନିର୍ମାଣ କରାଯାଉନାହିଁ। ଫଳରେ ରାସ୍ତା ଉପରେ ବଡ଼ ବଡ଼ ଗାତ ସୃଷ୍ଟି ହେଉଛି। ଏଭଳି ଚିତ୍ର ଏକାଧିକ ସ୍ଥାନରେ ଦେଖିବାକୁ ମିଳୁଛି। ବିଶେଷ କରି ବସ୍ତା ବ୍ଲକ ଦୁଧାହଂସା ପଞ୍ଚାୟତ ଓ ସଦର ବ୍ଲକ ଅଧୀନସ୍ଥ ଶ୍ରୀରାମପୁର ପଞ୍ଚାୟତରେ।ଉଭୟ ପଞ୍ଚାୟତରେ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏକାଧିକ ସ୍ଥାନରେ ପାଇପ୍ ଫାଟି ପାଣି ଅପଚୟ ହେଉଥିବା ବେଳେ ଲୋକେ ସଠିକ୍ ଭାବେ ପାଣି ପାଇପାରୁନାହାନ୍ତି କିମ୍ବା ବିଭାଗୀୟ ଅଧିକାରୀ ମାନେ ସବୁ ଜାଗାରେ କଂକ୍ରିଟ କାଟି ପାରୁନାହାନ୍ତି। ଯାହା ଫଳରେ ଉଭୟ ବିଭାଗର କୋଟି କୋଟି ଟଙ୍କାର ପ୍ରକଳ୍ପ ଫଳପ୍ରଦ ହୋଇପାରୁନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, 'ନୂଆ ରାସ୍ତା ହେଲା ବୋଲି ଆମେ ଖୁସି ହୋଇଥିଲୁ। ହେଲେ କିଛିଦିନ ଭିତରେ ରାସ୍ତା ପୁରୁଣାଠାରୁ ଖରାପ ହୋଇଗଲାଣି। ପ୍ରତିଦିନ ଗାଡ଼ି ମଟର ଖରାପ ହେଉଛି, ଦୁର୍ଘଟଣା ଘଟୁଛି।' ସବୁଠାରୁ ପରିତାପର ବିଷୟ ହେଲା, ଆରଡବ୍ଲ୍ୟୁଏସ୍‌ଏସ ବିଭାଗର ଠିକାଦାରମାନେ ମନ ଇଚ୍ଛା ରାସ୍ତା ତାଡ଼ି କାମ ସାରି ଚାଲିଯାଉଛନ୍ତି। ରାସ୍ତା ମରାମତି ଦାୟିତ୍ୱ କାହାର, ତାହା କେହି ବୁଝୁନାହାନ୍ତି। ଏ ସମ୍ପର୍କରେ ଆରଡବ୍ଲ୍ୟୁଡି ବିଭାଗର ଅଧିକାରୀମାନେ ସମ୍ପୂର୍ଣ୍ଣ ନିରବ। ରାସ୍ତା ନଷ୍ଟ ହେଉଥିବା ଦେଖି ମଧ୍ୟ ସେମାନେ ନା ଆରଡବ୍ଲ୍ୟୁଏସ୍‌ଏସ ବିଭାଗକୁ ଚିଠି ଲେଖୁଛନ୍ତି ନା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ପାଇପ୍ ପାଇଁ ରାସ୍ତା ଖୋଳିଲେ ମାସ ମାସ ଧରି ଗାତ ପଡ଼ି ରହୁଛି। ବର୍ଷା ହେଲେ ପାଣି ଜମୁଛି। ଦୁଇ ଚକିଆ ଗାଡ଼ି ନେଇ ଯିବା ମୁସ୍କିଲ୍। ପିଲାଛୁଆ ପଡ଼ି ଆହତ ହେଉଛନ୍ତି। ହଳଦୀପାଳ ବଜାର ମଝିରେ ଆଜକୁ ଦେଢ଼ ବର୍ଷ ହେବ ଜଣେ ଠିକାଦାର ପାଣି ପାଇପ କାମ ପାଇଁ ଏହି ରାସ୍ତାକୁ ଖୋଳିଥିଲେ। କାମ ସରିଯାଇଥିଲା ବି ଏହି ଅଧ ତଡ଼ା ଯାଇଥିବା ରାସ୍ତା ସେମିତି ପଡ଼ି ରହିଛି। ଏହି ପଞ୍ଚାୟତର ଏକାଧିକ ସ୍ଥାନରେ ଏଭଳି ଅବସ୍ଥା। ମାତ୍ର ଉଭୟ ବିଭାଗର ଅଧିକାରୀମାନେ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଘଟଣା ସମ୍ପର୍କରେ ଜଳ ଓ ପରିମଳ ବିଭାଗର ସଦର ନିର୍ବାହୀଯନ୍ତ୍ରୀ ରୋଜାଲିନ ବେହେରାଙ୍କୁ ପଚାରିବାରୁ ସେ ଏହାକୁ ମରାମତି କରିଦିଆଯିବ ବୋଲି କହିଛନ୍ତି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରାଙ୍କୁ ପଚାରିବାରୁ ଏହା ଏକ ଗମ୍ଭୀର ସମସ୍ୟା ପାଲଟିଛି। ଜଳ ଓ ପରିମଳ ବିଭାଗର ମନମୁଖୀ କାର୍ଯ୍ୟକଳାପ ପାଇଁ ସରକାରଙ୍କର ରାଜସ୍ୱ ହାନି ହେଉଛି। ସେମାନେ ଆମ ସହିତ କୌଣସି ସମନ୍ୱୟ ରଖିନାହାନ୍ତି ବୋଲି କହିଛନ୍ତି। ସରକାର ଗୋଟିଏ ପଟେ ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ସମନ୍ୱୟ ଅଭାବରୁ ସେହି ଟଙ୍କା ପାଣିରେ ପଡୁଛି। ଗୋଟିଏ ପ୍ରକଳ୍ପ ପାଇଁ ଦୁଇ ଥର ଖର୍ଚ୍ଚ ହେଉଛି - ପ୍ରଥମେ ରାସ୍ତା ତିଆରିରେ, ପୁଣି ତାକୁ ଭାଙ୍ଗି ମରାମତି କରିବାରେ। ଏହି ଅପବ୍ୟୟ ପାଇଁ ଦାୟୀ କିଏ ତାହା ସ୍ଥିର କରି ଦୋଷୀ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ।

## ନିଶାମୁକ୍ତ ଓଡ଼ିଶା ଅଭିଯାନ

ବାଲେଶ୍ୱର, ୨୭ (ସମିସ): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ରୂପସା ପୁଲିସ ଓ ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ନିଶାମୁକ୍ତ ଓଡ଼ିଶା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ରୂପସା ଥାନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରୂପସା ଥାନା ଭାରପ୍ରାପ୍ତ ଅଧିକାରୀ ସୌମ୍ୟଚିତ ମିଶ୍ର ଆନୁଷ୍ଠାନିକ ଭାବେ




ଉଦଘାଟନ କରିଥିଲେ। ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶା ସେବନ କିଭଳି ଜୀବନହାନିର କାରଣ ହୋଇଥାଏ ଏବଂ ପରିବାର ମଧ୍ୟରେ ଅଶାନ୍ତି ସୃଷ୍ଟି କରିଥାଏ ସେ ସମ୍ପର୍କରେ ଆଲୋକପାତ କରିବା ସହ ନିଶାଠାରୁ ସମସ୍ତଙ୍କୁ ଦୂରେଇ ରହିବାକୁ ପରାମର୍ଶ ପ୍ରଦାନ କରିଥିଲେ। ରୂପସା ପୁଲିସ ସମିତିର ସଦସ୍ୟ ନାରାୟଣ ନାୟକ, ଅନ୍ତର୍ଯ୍ୟାମୀ ବେହେରା, କୈଳାଶ ନାୟକ, ଦେବାଶିଷ ମହାପାତ୍ର, ଅଭିରାମ ମହାନ୍ତି, ଦେବବ୍ରତ ବିଶ୍ୱାଳ ଓ ମାୟାଧର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରୂପସା ପୋଲିସ ସମେତ ବୀଣାପାଣି ଗିରି, ସୋହମ ସାହୁ, ସାଇ ସୁମନ ରାଉତ, ଲକ୍ଷ୍ମୀ ହାଁସଦା, ସୁନୀଲ କୁମାର ବାରିକ୍, ପ୍ରିୟବ୍ରତ ମୁର୍ମୁ, ଶାନ୍ତନୁ ବେହେରା, ଦୀପକ କୁମାର ପାତ୍ର, ସୁଧାଂଶୁ ଗିରି ଓ ରଣଜିତ୍ ତପସ୍ୱୀ ପ୍ରମୁଖ ପରିଚାଳନା କରିଥିଲେ। ପୁଲିସ ଏଏସଆଇ ବବି ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**ଔପଦା:** ଔପଦା ଥାନା ପରିସରରେ 'ନିଶାମୁକ୍ତ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ବ୍ୟାପକ ସଫଳତା ସହ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ପ୍ରମୋଦ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏଏସଆଇ କାଦରା ସୋରେନ, ସୁହାଗି ହସଦା ଓ ଥାନାର ସମସ୍ତ କର୍ମଚାରୀ ସଚାରୁରୂପେ ପରିଚାଳନା କରିଥିଲେ। ଏଥିରେ ଜନପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ବ୍ଲକ ଅଧ୍ୟକ୍ଷା ବିସିବିସ୍ୱା ପାତ୍ର, ତଳକିଆ ସରପଞ୍ଚ ଦିପ୍ତିରାଣୀ ନାୟକ, ଗଡ଼ସାହି ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି ରାଏରାମଚନ୍ଦ୍ରପୁରସରପଞ୍ଚ ମନସ୍ମିତା ପଣ୍ଡା, ଫତେପୁର ସରପଞ୍ଚ ଜୟଶ୍ରୀ ମାଝୀ, ତଳକିଆ ସମିତିସଭ୍ୟା ଉଷାରାଣୀ ନାଇକି ସମେତ ଔପଦା ଜୁନିୟର କଲେଜର ଛାତ୍ରଛାତ୍ରୀ ଏବଂ ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀସମୂହ ଅଂଶ ଗ୍ରହଣ କରିଥିଲେ।

**ଜଳେଶ୍ୱର:** ଜଳେଶ୍ୱର ଥାନା ପକ୍ଷରୁ ରାଜ୍ୟସ୍ତରୀୟ ନିଶା ନିବାରଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନିଶାମୁକ୍ତ ଅଭିଯାନ ଶପଥ ପାଠ ସଭାରେ ଆଇଆଇସି ଅଶୋକ କୁମାର ବାରିକ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ, ସମିତି ସଭ୍ୟ, ଜନସାଧାରଣ, ଯୁବପିଢ଼ି ଏବଂ ପୁଲିସ କର୍ମଚାରୀମାନେ ଉପସ୍ଥିତ ହୋଇ ନିଶାମୁକ୍ତ ସମାଜ ଗଠନ ଲାଗି ଶପଥ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସଆଇ ବନିତା ନାୟକ, ଏଏସଆଇ ଲମ୍ବୋଦର ମୁର୍ମୁ, ଧିରେନ୍ଦ୍ର ସାମଲଙ୍କ ସହ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

## ଅଳିଆଉଠା ଗାଡ଼ିରେ ଘୋଡ଼ାଯାଉନି ପାଲ

ଜଳେଶ୍ୱର, ୨୭ (ସମିସ): ଜଳେଶ୍ୱର ପୌରାଞ୍ଚଳର ବିଭିନ୍ନ ୱାର୍ଡରୁ ଉଠାଯାଉଥିବା ଅଳିଆ ଆବର୍ଜନାକୁ ଗାଡ଼ିରେ ନେବାବେଳେ ଏହା ଉପରେ ପାଲଢାଙ୍କି ନିଆଯିବା କଥା। ହେଲେ ପୌରପାଳିକା କାଁଭାଁ ଏହି ନିୟମ ପାଳନ କରୁଛି। ଅଧିକାଂଶ ଦିନ ସେମିତି ଖୋଲାମେଲାରେ ଅଳିଆ ଆବର୍ଜନାକୁ ନିଆଯାଉଛି। ଫଳରେ ଏହି ଆବର୍ଜନା ପବନରେ ଉଡ଼ି ରାସ୍ତା ଉପରେ ପଡୁଥିବା



ବେଳେ ବାହାରୁଥିବା ଦୁର୍ଗନ୍ଧ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଗାଡ଼ି ପାଖଦେଇ ଗଲେ ଲୋକେ ମୁହଁରେ ହାତଦେଇ ଯାଉଥିବା ଦେଖିବାକୁ ମିଳୁଛି। ଏପରି ଖୋଲାମେଲାରେ ଅଳିଆ ନିଆଯିବା ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ପୌରପାଳିକା ଏ ନେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ସିମୁଳିଆ, ୨୭ (ସମିସ): କାଳନ୍ଦୀ ଚରଣ ଉଚ୍ଚ ବିଦ୍ୟାଳୟର ସହକାରୀ ବରିଷ୍ଠ ଶିକ୍ଷକ ଭାଗିରଥି ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏହି ସଭରେ ହେଡମାଷ୍ଟର ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ନୀଳମାଧବ ପଣ୍ଡା, କମଳାକାନ୍ତ ପତି, ପ୍ରସନ୍ନ କୁମାର ଧଳ, ଉତ୍ତମ କୁମାର ଲେଙ୍କା, ଭଗବାନ ବାରିକ, ସୁକାନ୍ତ ନାୟକ, ସୁରେଶ ଦାସ, ସନାତନ ସଙ୍ଖୁଆ ଉପସ୍ଥିତ ଥିଲେ। ସଭା ଭଙ୍ଗ ପରେ ସୁସଜିତ ଗାଡ଼ିରେ ଶୋଭାଯାତ୍ରା କରି ଗ୍ରାମବାସୀ ଓ ଆଲୁମନି କମିଟିର ସଦସ୍ୟମାନେ ତାଙ୍କୁ ବାସଭବନରେ ଛାଡ଼ିଥିଲେ।

## ନିଶା ବେପାରୀଙ୍କୁ ୧୦ବର୍ଷ ଜେଲ୍

ଜଳେଶ୍ୱର, ୨୭ (ସମିସ): ୨୦୨୧ ମସିହାରେ ବ୍ରାଉନ ସୁଗର ସହିତ ଧରାପଡ଼ି ଜେଲରେ ଥିବା ଜଳେଶ୍ୱର ଅଞ୍ଚଳର ନିଶା ବେପାରୀଙ୍କୁ ୧୦ବର୍ଷର ଜେଲଦଣ୍ଡ ଶୁଣାଇଲେ ଜଳେଶ୍ୱର ସ୍ପେଶାଲ କୋର୍ଟ। ଗତ ୨୦୨୧ମସିହା ମାର୍ଚ୍ଚ ୯ ତାରିଖରେ ଜଳେଶ୍ୱର ଥାନା ଲକ୍ଷ୍ମଣନାଥ ରୋଡସ୍ଥିତ ଏକ ଗ୍ୟାରେଜ ନିକଟରୁ ଜଳେଶ୍ୱର ପୌରାଞ୍ଚଳର ଝାଡେଶ୍ୱରପୁର ଗ୍ରାମର ସେକ ମଙ୍ଗଲୁ ଓରଫ ସେକ କେଫାତ ହୁସେନଙ୍କ ପୁଅ ସେକ ମୋନାଫ ହୁସେନ(୨୮)କୁ ସ୍ପେଶାଲ ଟାସ୍କ ଫୋର୍ସ(ଏସଟିଏଫ) ବ୍ରାଉନ ସୁଗାର ସହତ ଗିରଫ କରିଥିଲା। ଚଢ଼ଉ ସମୟରେ ମୋନାଫ ନିକଟରୁ ଏକ ପଲିଥିନ ପ୍ୟାକେଟରେ ୧୫୩୦ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ ହୋଇଥିଲା। ଏଥିନେଇ ଏସଟିଏଫ୍ ଇନ୍ସପେକ୍ଟର ସରିତା ବେଉରିଆଙ୍କ ଲିଖିତ ଅଭିଯୋଗ ଆଧାରରେ କେଶ ନଂ ୯/୨୧ ମୂଳେ ୨୧(ସି)/୨୯ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହି କେଶରେ ତଦନ୍ତ ଭାର ଇନ୍ସପେକ୍ଟର ସୁନିତା ପ୍ରଧାନ ନେଇଥିବା ବେଳେ ମୋଟ ୧୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇ ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ବିଚାରପତି ଅଜୟ କୁମାର ପ୍ରଧାନ ଏହି ମାମଲାର ଚୂଡାନ୍ତ ରାୟରେ ସେକ ମୋନାଫଙ୍କୁ ଦୋଷୀ ସାବସ୍ତ କରିବା ସହିତ ୧୦ବର୍ଷର କାରାଦଣ୍ଡ ଶୁଣାଇବା ସହ ଏକ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଏକ ଲକ୍ଷ ଟଙ୍କା ଅନାଦେୟ ବାବଦ ଅଧିକ ଏକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ କୁହାଯାଇଛି। ସରକାରଙ୍କ ପକ୍ଷରୁ ଏପିପି ଦିପ୍ତୀ ହାସଁଦା ଏହି ମାମଲା ପରିଚାଳନା କରିଥିଲେ।

### ● ସରକାରୀ ଅନୁଦାନ ଖର୍ଚ୍ଚ କରିବାରେ ବିଫଳ ଜଳେଶ୍ୱର ବ୍ଲକ ପ୍ରଶାସନ

## ୪ ଆର୍ଥିକ ବର୍ଷରେ ଖର୍ଚ୍ଚ ହୋଇପାରିନି ୨୫ କୋଟି

ଜଳେଶ୍ୱର ବ୍ଲକ, ୨୭ (ସମିସ): ଚଳିତ ଆର୍ଥିକ ବର୍ଷକୁ ମିଶାଇ ଗତ ୪ଟି ଆର୍ଥିକ ବର୍ଷରେ ଭିତ୍ତିଭୂମି ବିକାଶ ପାଇଁ ଯୋଜନା ହୋଇଥିବା ୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜଳେଶ୍ୱର ବ୍ଲକ ପ୍ରଶାସନ ଖର୍ଚ୍ଚ କରିପାରିନି। ଖର୍ଚ୍ଚ ହୋଇ ପାରିନଥିବା ଟଙ୍କା ମଧ୍ୟରେ ସର୍ବାଧିକ ମନରେଗା ଅନୁଦାନ ରହିଛି। ସୂଚନା ଅନୁଯାୟୀ ୨୦୨୨-୨୩, ୨୦୨୩-୨୪, ୨୦୨୪-୨୫, ୨୦୨୫-୨୬ ଓ ୨୦୨୬-୨୦୨୭ ଆର୍ଥିକ ବର୍ଷରେ ଜଳେଶ୍ୱର ବ୍ଲକର ୩୫ଟି ଯାକ ପଞ୍ଚାୟତର ଭିତ୍ତିଭୂମି ବିକାଶକୁ ପ୍ରାଧାନ୍ୟ ଦିଆଯାଇ ଶତାଧିକ ଲୋକାଭିମୁଖୀ ପ୍ରକଳ୍ପର ଯୋଜନା ହୋଇଥିଲା। ଏସବୁ ଯୋଜନା ମଧ୍ୟରୁ ସିଂହଭାଗ ମନରେଗା ଯୋଜନା ଅନ୍ତର୍ଗତ ଥିଲା।ଡ୍ରେନ୍, ବନ୍ୟା ମୁକାବିଲା ଓ କ୍ଷୟକ୍ଷତି ଭରଣା, ପାଠାଗାର, ମୋ ଉପକାରୀ ବଗିଚା, ଗୋଷ୍ଠୀ ଶୌଚାଳୟ ଆଦି ଯୋଜନାଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଇଥିଲେ ମଧ୍ୟ ଟଙ୍କା ଖର୍ଚ୍ଚ ହେଉନାହିଁ। ଆଗାମୀ ଦିନରେ କିପରି ଟଙ୍କା ଖର୍ଚ୍ଚ ହେବ ସେ ଦିଗରେ ଯୋଜନାବଦ୍ଧ ଉଦ୍ୟମ ମଧ୍ୟ ହେଉନାହିଁ। ଏସବୁ ଟଙ୍କା ଖର୍ଚ୍ଚ ପାଇଁ ପଞ୍ଚାୟତରାଜ ପ୍ରତିନିଧି, ପିଇଓ ଓ ବ୍ଲକ ପ୍ରଶାସନ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି ପୂର୍ବରୁ ମଧ୍ୟ ୨୦୧୯ ମସିହାରେ ବାଲେଶ୍ୱର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଜଳେଶ୍ୱର ନିର୍ବାଚନମଣ୍ଡଳୀର ଏକ ଉପାନ୍ତ ଜଙ୍ଗଲ ଭରା ଆଦିବାସୀ ଅଧ୍ୟୁଷିତ ରାଇବାଣିଆ ଅଞ୍ଚଳ ବିକାଶ ଆଗକୁ ନେବାକୁ ତାଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାରେ ରୁର୍ବନ ଯୋଜନାରେ ୧୦୩ କୋଟି ଟଙ୍କା କେନ୍ଦ୍ର ସରକାର ଅର୍ଥମଞ୍ଜୁର କରିଥିବା ସତ୍ତ୍ୱେ ଜଳେଶ୍ୱର ବ୍ଲକ ପ୍ରଶାସନ ଅବହେଳା ଯୋଗୁଁ ୯୦ ପ୍ରତିଶତ ଟଙ୍କା କାର୍ଯ୍ୟ ନ ହୋଇ ଅର୍ଥ ଫେରିଯିବା ସାଧାରଣରେ ବ୍ଲକ ପ୍ରଶାସନର କାର୍ଯ୍ୟ କରିବାର ଦକ୍ଷତା ଉପରେ ପ୍ରଶ୍ନବାଚି ସୃଷ୍ଟି କରିଛି।

# ସରକାରୀ ଧାନ ବିହନ ପ୍ରତି ଚାଷୀ ବିମୁଖ

ଜଳେଶ୍ୱର, ୨୭ (ସମିସ)

ମୌସୁମୀ ବର୍ଷା ବିଳମ୍ବ ଯୋଗୁଁ ଉତ୍ତର ବାଲେଶ୍ୱର ଅଞ୍ଚଳରେ ପ୍ରାରମ୍ଭିକ କୃଷି କାର୍ଯ୍ୟ ପଛେଇ ଯାଇଛି। ଚାଷୀକୁଳ ତଳି ଲାଗି ତତ୍ପର ହେଉଥିବା ବେଳେ ଉତ୍କୃଷ୍ଟ ସରକାରୀ ବିହନ ଯୋଗାଣ ଆଶାନୁରୂପ ହେଉନାହିଁ। ଜଳେଶ୍ୱର ବ୍ଲକରେ ୧୯ ହଜାର ୮ ଶହ ୫୫ ହେକ୍ଟର ଜମିରେ ଖରିଫ ଧାନ ଚାଷ ଲକ୍ଷ୍ୟ ରଖାଯାଇଛି। ଏହାକୁ ଲକ୍ଷ୍ୟ ରଖି ୧୮ ଜଣ ଡିଲର ଙ୍କ ଦ୍ୱାରା ସରକାରୀ ଧାନ ବିହନ ଯୋଗାଇବାର ବ୍ୟବସ୍ଥା ରହିଛି।୨୦କେଜି ବିହନ ବସ୍ତା କୁ ୮ ଶହ ୨୫ ଟଙ୍କା ମୂଲ୍ୟ ଧାର୍ଯ୍ୟ ଥିବା ବେଳେ ଚାଷୀ ଙ୍କ ଖାତାକୁ ୧୬୫ ଟଙ୍କା ରିହାତି ଆସିବାର ନିୟମ ରହିଛି। କଳା ଚମ୍ପା, ସ୍ୱର୍ଣ୍ଣ ସମୃଦ୍ଧି, ସିଆର ୩୧୦, ଆର ଏନ ଆର-୧୧୨୪, ୧୨୧୦, ତରଙ୍ଗିନୀ, ପୂଜା, ପ୍ରତୀକ୍ଷା, ସହଭାଗୀ, ସିଆର୧୦୧୦, ଏମ ଟି ୟୁ ୭୦୧୯ ଇତ୍ୟାଦି ଧାନ ବିହନକୁ ସରକାରୀ ରିହାତି ଦରରେ ଯୋଗାଇ ଦେଉଛନ୍ତି। ପ୍ରାୟ ୫୦ପ୍ରତିଶତ ସରକାରୀ ବିହନ ବିକ୍ରୟ ହୋଇଥିବା ବେଳେ ଯୋଗାଣ ସମ୍ପର୍କରେ କୃଷି ମିତ୍ରଙ୍କ ଜରିଆରେ ଚାଷୀମାନଙ୍କୁ ଅବଗତ କରାଯାଇଛି। ଏହା ସହିତ ମାଟିର ଉର୍ବରତା ରଖା ଲାଗି ଧଣିଚା ମଞ୍ଜିକୁ ସବୁଜ ସାର ଭାବେ ବ୍ୟବହାର କରିବାକୁ ମାଗଣା ଦିଆଯାଉଛି। କୀଟନାଶକ ଔଷଧ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ମଧ୍ୟ ରହିଛି। କିନ୍ତୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିହନ ଉପରେ ଚାଷୀର ସମ୍ପୂର୍ଣ୍ଣ ଭରସା ନାହିଁ। କାରଣ ବିଗତ ଦିନରେ ଧାନ ଗଜା ନହେବା, ଫଳନ ଅଧିକ ନହେବା ଇତ୍ୟାଦି ସମସ୍ୟା ଯୋଗୁଁ ଚାଷୀ ଓଡ଼ିଶା ସରକାରଙ୍କ ବିହନ ପ୍ରତି ବିମୁଖ ଅଛନ୍ତି। ତାହାର କାରଣ ଅନେକ ଥିବା ବେଳେ ପଶ୍ଚିମବଙ୍ଗ ଓ କମ୍ପାନୀର ଅଧିକ ଅମଳକ୍ଷମ ବିହନ ଉପରେ ଚାଷୀ ଅଧିକ ଭରସା କରୁଛନ୍ତି। ଜଳେଶ୍ୱର ଅଞ୍ଚଳରେ ଥିବା ଦୋକାନ, ହାଟ, ଛକ, ବଜାର ରେ ବିଭିନ୍ନ ରାଷ୍ଟ୍ରାୟାତ କମ୍ପାନୀ ପ୍ରସ୍ତୁତ ଧାନ ବିହନ ପ୍ୟାକେଟ୍ ରାଜୁତି କରୁଛି। ସେହି ବିହନକୁ ଅଧିକ ମୂଲ୍ୟରେ କିଣି ଅଧିକ ଅମଳ ପାଇବାକୁ ଚାଷୀ ଆଶା ରଖିଛି। ବିକ୍ରୟ ହେଉଥିବା ବିହନ ମଧ୍ୟରେ ନୁଜିଭିଡୁ ସିଡସ କମ୍ପାନୀର, ଏନପି ୭୦୭୫ ଅଧିକ ଚାହିଦା ରହିଛି। ଏହି ୬ କେଜିଆ ବିହନ ବସ୍ତାକୁ ୬୬୦ ଟଙ୍କାରେ କ୍ରୟ କରି ଚାଷୀ ଖର୍ଚ୍ଚାନ୍ତ ହେଉଛି। ଏହାଛଡ଼ା ଏହି କମ୍ପାନୀରେ ୮ଟି କିସମ ମଧ୍ୟରୁ, ୭୦୬୧ (ଇନ୍ଦ୍ରାଣୀ) ଏନପି ୪୨୩ (କନକ) ୭୦୨୯ (ସ୍ୱର୍ଣ୍ଣ ମୁଖୀ) ମଧ୍ୟ ବହୁଳ ବିକ୍ରୟ ହେଉଛି। ମଙ୍ଗଳ ମୂର୍ତ୍ତି କମ୍ପାନୀର ୭୦୨୯ (ସ୍ୱର୍ଣ୍ଣ) ବିହନକୁ ମଧ୍ୟ କୃଷକ ପସନ୍ଦ କରୁଛନ୍ତି। ଜିଏମ ଏସ କମ୍ପାନୀରେ ବିବ୧୧, କଳା ଚମ୍ପା, ସ୍ୱର୍ଣ୍ଣ ପ୍ଲାସ, ଅନେକେ ବିହନ ଅଧିକ ମୂଲ୍ୟରେ ମିଳୁଛି। ସରକାରୀ ବିହନ ପରିବର୍ତ୍ତେ କୋମ୍ପାନୀ ଧାନ କିଣା ଚାଷୀ ଖର୍ଚ୍ଚାନ୍ତ ମଧ୍ୟ ହେଉଛି। କିନ୍ତୁ ଏହି କୋମ୍ପାନୀ ବିହନ ଚାଷ କଲେ କୌଣସି କାରଣ ବଶତଃ ଫସଲ ଅମଳରେ ବ୍ୟତିକ୍ରମ ହେଲେ ସରକାର କ୍ଷତିପୂରଣ ଦେବେ କି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି ଯେଉଁ କମ୍ପାନୀର ବିହନ କୁ ଚାଷୀ କିଣୁଛି, ସେହି କମ୍ପାନୀର ସାର, କୀଟନାଶକ ବ୍ୟବହାର ନକଲେ ଫସଲ ପ୍ରଭାବିତ ହେବାର ଆଶଙ୍କା ରହିଛି। ଯାହା ଫଳରେ ରାଷ୍ଟ୍ରାୟତ କମ୍ପାନୀ ଦ୍ୱାରା ପରୋକ୍ଷରେ ଚାଷୀ ଅଧିକ ମୂଲ୍ୟରେ କିଣି ଶୋଷିତ ହେଉଛି। ତେଣୁ ସରକାରୀ ବିହନ ବ୍ୟବହାର କରିବା ସହିତ ସମସ୍ତ ରିହାତି ଏବଂ ସୁବିଧା ସୁଯୋଗକୁ ହାତେଇବା ପାଇଁ ବିଭାଗୀୟ ସଚେତନତା ଆବଶ୍ୟକତା ରହିଛି।

## ପିଇବା ପାଣିର ସମସ୍ୟା ନେଇ ସରପଞ୍ଚଙ୍କ ସାମ୍ବାଦିକ ସମ୍ମିଳନୀ

ଲଙ୍ଗଳେଶ୍ୱର, ୨୭ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ଅନ୍ତର୍ଗତ କୁଣ୍ଡୁଳି ଗ୍ରାମରେ ପାନୀୟଜଳର ସମସ୍ୟା ନେଇ ପଞ୍ଚାୟତର ସରପଞ୍ଚ ଜୟନ୍ତ କୁମାର ଦାସ ଆଜି ପଞ୍ଚାୟତ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ପାଣି ସମସ୍ୟା ନେଇ ସୂଚନା ଦେଇଛନ୍ତି। ୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ସରପଞ୍ଚ ଶ୍ରୀ ଦାସ କୁଣ୍ଡୁଳି ପଞ୍ଚାୟତ ର ପାଣି ସମସ୍ୟା କୁ ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ, ସରପଞ୍ଚ



ନିର୍ବାଚିତ ହେବା ପରେ ସର୍ବ ପ୍ରଥମେ କୁଣ୍ଡଳି ଗ୍ରାମର ପାନୀୟଜଳ ସମସ୍ୟା ଦୂରୀକରଣ ନିମନ୍ତେ ପ୍ରଶାସନ ସହିତ ପରାମର୍ଶ କରି ଏକ ନୂତନ ୱାଟର ସୋର୍ସ ସ୍ଥାପନ କରି ପାନୀୟଜଳ ଯୋଗାଇ ଥିଲେ। ସମସ୍ତ ପରିବାର କୁ ସୁଚାରୁରୂପେ ଜଳ ଯୋଗାବା ପାଇଁ ପ୍ରତ୍ୟେକ ଛକ ଏବଂ ସାହି ମାନଙ୍କରେ ଟ୍ୟାପ ବସାଇ ପାଣି ଯୋଗାଇ ଦିଆଯାଉଥିଲା। ମାତ୍ର ଉକ୍ତ ଗ୍ରାମର ଦୁଇଜଣ ପ୍ରଭାବ ଶାଳୀ ବ୍ୟକ୍ତି ନିଜ ଘରକୁ ବେଆଇନ ଭାବେ ପାଣି ସଂଯୋଗ କରିନେବାରୁ ଗ୍ରାମରେ ପାନୀୟଜଳର ସମସ୍ୟା ଦେଖା ଦେଇଛି। ଏ ନେଇ ସରପଞ୍ଚ ଶ୍ରୀ ଦାସ ବେଆଇନ ଜଳ ସଂଯୋଗକୁ ନେଇ ବାଲିଆପାଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇ ଥିଲେ ବି କୌଣସି ସୁଫଳ ମିଳିନାହିଁ। ରାଜନୈତିକ ଉଦ୍ଦେଶ୍ୟ ରଖି ସରପଞ୍ଚଙ୍କୁ ବଦନାମ କରାଯାଉଛି ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କୈଳାସ ମଲ୍ଲିକ, ଦୁର୍ଯ୍ୟୋଧନ ମହାନ୍ତି, ଜଳନ୍ଧର ମଲ୍ଲିକ, ସୁଶାନ୍ତ ବେହେରା, ଭଗୀରଥ ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ, ଦେବେନ୍ଦ୍ର ମଣ୍ଡଳ, ପିତାମ୍ବର ରାଉଳ, ବାବୁଲା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କନଷ୍ଟେବଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଢେଙ୍କାନାଳ, ୨।୭(ସମିସ): ସଦର ଥାନା ଦାଣ୍ଡିମାଳ ପାସେଞ୍ଜର ହଲ୍ଟ ନିକଟ ଏକ ଲିମ୍ବ ଗଛରେ ଜଣେ ଏପିଆର କନଷ୍ଟେବଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ କନଷ୍ଟେବଳ ହେଲେ ବିକ୍ରମ କୁମାର ଭୋଇ (୩୦)। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। କାମାକ୍ଷାନଗର ଉପଖଣ୍ଡ ତୁମୁସିଙ୍ଗା ଥାନା ଗୋଦରବିଲି ଗ୍ରାମର ବିକ୍ରମ ୨୦୨୩ରେ ପୁଲିସ ବିଭାଗରେ ଚାକିରି କରିଥିଲେ।

## ବର୍ଷାରେ ଓଦା ହୋଇ ମୋବାଇଲ ନଷ୍ଟ

ଭୁବନ, ୨।୭(ସମିସ): ଭୁବନ ଏନ୍ଏସି ଦ୍ୱାରା କାର୍ଯ୍ୟାଳୟକୁ ଲାଗି ରହିଛି ୪୦ଟି ଦୋକାନ ଘର। ଚୁକ୍ତି ଅନୁଯାୟୀ ଏକ ଲକ୍ଷ ଟଙ୍କା ଅମାନତ ଜମା କରି ଦୋକାନ ଦେଇଛନ୍ତି ବେରୋଜଗାର ଯୁବକ। ତେବେ ଏନ୍ଏସି ପକ୍ଷରୁ ଏହି ଦୋକାନ ଘରର ପୂର୍ବ ଦିଗରେ ଗାଡ଼ି ଷ୍ଟାଣ୍ଡ ପାଇଁ କାନ୍ଥ ଖୋଳି ଛାତ ପକାଯାଇଛି। ଫଳରେ ଦୋକାନ ଘରକୁ ପାଣି ସୋକ୍ କରୁଛି। ଦୋକାନ ଘର ନମ୍ବର ୮ରେ ମୋବାଇଲ ଦୋକାନ କରିଥିବା ଯୁବକଙ୍କର ପ୍ରାୟ ଏକ ଲକ୍ଷ ଟଙ୍କାର ମୋବାଇଲ ଓଦା ହୋଇ ନଷ୍ଟ ହୋଇଛି।

## ସାପ କାମୁଡ଼ାରେ ଶିକ୍ଷୟିତ୍ରୀ ଗୁରୁତର

ଭୁବନ, ୨।୭(ସମିସ): ଭୁବନ ବ୍ଲକ ପଳାସପିଠିଆ ପଞ୍ଚାୟତ ରାଜ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଝରଣା ସାହୁ ସାପ କାମୁଡ଼ାରେ ଗୁରୁତର ଅସୁସ୍ଥ ହୋଇଛନ୍ତି। ପ୍ରତିଦିନ ପରି ଗୁରୁବାର ସେ ବିଦ୍ୟାଳୟ ଯିବା ପାଇଁ ଘରୁ ବାହାରୁଥିବା ସମୟରେ କୌଣସି ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଆବଶ୍ୟକ ଚିକିତ୍ସା ସହ ୧୬ଟି ଆଣ୍ଟି ଭେନମ୍ ଇଞ୍ଜେକ୍ସନ ପ୍ରଦାନ କରାଯାଇଥିଲା। ତଥାପି ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

## ଯୁବକଙ୍କ ପାଦରେ ଚଢ଼ିଗଲା ଟାଟା ଏସିଇ

ଭୁବନ, ୨।୭(ସମିସ): ଘରୁ ରାଗିକରି ଆସି ରାସ୍ତା ପାର୍ଶ୍ୱ ଏକ କ୍ୟାବିନ ନିକଟରେ ଶୋଇଥିବା ବେଳେ ଯୁବକଙ୍କ ପାଦରେ ଟାଟା ଏସିଇ ଚଢ଼ିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ୫୩ନଂ ଜାତୀୟ ରାଜପଥ ଭୁବନ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଆହତ ଯୁବକ ହେଲେ ପର୍ଜଙ୍ଗ ଥାନା କଙ୍କିଳି ଗ୍ରାମ ଜରିତଲାର ସନାତନ ମହାନ୍ତିଙ୍କ ପୁଅ ପ୍ରାଣବନ୍ଧୁ ମହାନ୍ତି। ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଢେଙ୍କାନାଳ ଜିଲ୍ଲା ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

## ଆଇନସେବା ପ୍ରାଧିକରଣ ପକ୍ଷରୁ ଚାରାରୋପଣ

ଢେଙ୍କାନାଳ, ୨।୭(ସମିସ): ରାଜ୍ୟ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ଢେଙ୍କାନାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ଅଦାଲତର ବିଚାରପତି, କର୍ମଚାରୀ, ପ୍ୟାନେଲ ଆଇନଜୀବୀ, ପାରା ଲିଗାଲ ଭଲ୍ୟୁଣ୍ଟରଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହିଷାପାଟଠାରେ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଣବ କୁମାର ରାଉତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପରିବେଶ ସନ୍ତୁଳନ ନିମନ୍ତେ ଚାରା ରୋପଣ ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜଜ୍ ତଥା ପୋକ୍ସୋ ଜଜ୍ ସୁଶୀଲ କୁମାର ସାହୁ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଛାୟାକାନ୍ତ ଦାଶ, ବରିଷ୍ଠ ଦେୱାନୀ ବିଚାରପତି ଜୀବନ କୁମାର ପଟ୍ଟନାୟକ, ସିଭିଲକୋର୍ଟ ରେଜିଷ୍ଟ୍ରାର ସସ୍ମିତା ନାୟକ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର, ବରିଷ୍ଠ ଦେୱାନୀ ଅଦାଲତ ଏଲଆରଓଏଲଟିଭି ବିଚାରପତି ବିଜୟ କୁମାର ଦାସ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ସାନ୍ତା ସାମଲ, ଅତିରିକ୍ତ ଦେୱାନୀ ବିଚାରପତି ଅରିଜିତ ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ହୃଷୀକେଶ ଖେମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। ଢେଙ୍କାନାଳ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ରେଞ୍ଜ ଅଫିସର ଉତ୍ସବ ଚନ୍ଦ୍ର ପ୍ରଧାନ, ଫରେଷ୍ଟର ଶରତ ଚନ୍ଦ୍ର ମଲ୍ଲ ଓ ବିକ୍ରମ କେଶରୀ ସେଠୀ ପ୍ରମୁଖ ଉପସ୍ଥିତ ରହି ବନ ବିଭାଗ ପକ୍ଷରୁ ସମସ୍ତ ସହାୟତା ପ୍ରଦାନ କରିଥିଲେ।

## ହିନ୍ଦୋଳ ବନବିଭାଗ ପକ୍ଷରୁ ବନମହୋତ୍ସବ



ହିନ୍ଦୋଳ, ୨।୭(ସମିସ): ହିନ୍ଦୋଳ ବନ ବିଭାଗ ପକ୍ଷରୁ ବନମହୋତ୍ସବ ସପ୍ତାହ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରେଞ୍ଜର ତ୍ରିଲୋଚନ ଦେହୁରୀଙ୍କ ନେତୃତ୍ୱରେ ବାବନ୍ଧ ବିଟ୍ ବମ୍ପା ସେକ୍ସନରେ ଚାରାରୋପଣ କରାଯାଇଛି। ମୁଖ୍ୟଅତିଥି ଭାବେ ହିନ୍ଦୋଳ ତହସିଲଦାର ଦିଲୀପ ସେଠୀ ଯୋଗଦେଇ ଚାରାରୋପଣ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ସୁଶାନ୍ତ ସାହୁ, ଫ୍ଲାଇଂ ଗାର୍ଡ ସୁନୀଲ ନାଏକ, ସୁଧାଂଶୁ ନାୟକଙ୍କ ସମେତ ହାତୀ ସ୍କ୍ୱାଡ୍ ଓ ବାବନ୍ଧ ଗ୍ରାମବାସୀ ସହଯୋଗ କରିଥିଲେ।

### ବ୍ରାହ୍ମଣୀ ନଦୀର ମଧୁର ଜଳ ପାଲଟିଛି ଚିତ୍ରା କଇଁଛଙ୍କ ସୁରକ୍ଷିତ ଆଶ୍ରୟସ୍ଥଳୀ

# ୬ ପ୍ରଜାତିର କଇଁଛଙ୍କ ବଂଶବିସ୍ତାର

ଢେଙ୍କାନାଳ, ୨।୭(ସମିସ)

ଢେଙ୍କାନାଳ ଜିଲ୍ଲାଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ମଧୁର ଜଳ ଚିତ୍ରା କଇଁଛଙ୍କ ପାଇଁ ପାଲଟିଛି ସୁରକ୍ଷିତ ଆଶ୍ରୟସ୍ଥଳୀ। ଏଠାରେ ୬ ପ୍ରଜାତିର କଇଁଛ ସୁରକ୍ଷିତ ଭାବେ ବସବାସ କରିବା ସହ ଅଣ୍ଡାଦାନଠାରୁ ଛୁଆ ଫୁଟିବା ପର୍ଯ୍ୟନ୍ତ ବାସ କରନ୍ତି। ସେମାନଙ୍କୁ କଡ଼ାକଡ଼ି ସୁରକ୍ଷା ଦେବା ନିମନ୍ତେ ଦାବି କରାଯାଇଛି।

ବ୍ରାହ୍ମଣୀ ନଦୀ ଅନୁଗୋଳ ଜିଲ୍ଲା ସମଲଠାରେ ଢେଙ୍କାନାଳ ଜିଲ୍ଲାର ପରଜଙ୍ଗଠାରେ ପ୍ରବେଶ କରିବା ସହ ଭୁବନଠାରେ ଶେଷ ହୋଇଛି। ପରଜଙ୍ଗ ଓଡ଼ାପଡ଼ା, ସଦର ଓ ଗଁଦିଆ ବ୍ଲକ ଦେଇ ପ୍ରବାହିତ ହୋଇଛି। ଏହି ନଦୀ କୂଳରେ ବିସ୍ତୀର୍ଣ୍ଣ ପଠା ରହିଥିବାବେଳେ ଏହା କଇଁଛଙ୍କ ପାଇଁ ସୁରକ୍ଷିତ ଆଶ୍ରୟ ସ୍ଥଳୀ ପାଲଟିଛି। ନଦୀ କୂଳରେ ୬ ପ୍ରଜାତିର କଇଁଛ ଅଣ୍ଡାଦେବା ସହ ତାହାକୁ ସୁରକ୍ଷିତ ରଖିବା ଏବଂ ସେଥିରୁ ଛୁଆ ବାହାରିବା ପାର୍ଯ୍ୟନ୍ତ ଏହି ନଦୀକୂଳରେ ରହିଥାନ୍ତି। ଜଣାପଡ଼ିଛି ଯେ ମୟୂରଚୁଳିଆ, କୁଶାଙ୍ଗୀ, ଅମୁହାଁ, ଦେଉଳି, ଚାଭେରୀ ଏବଂ କାମୁଡ଼ା କଇଁଛ ରହିଥାନ୍ତି। ଏହି କଇଁଛଙ୍କ ମଧ୍ୟରୁ କୁସାଙ୍ଗର କଇଁଛ ଅକ୍ଟୋବର ମାସରେ ଅଣ୍ଡାଦେବା ସହ ୪୦ରୁ ୭୦ ଦିନ ପର୍ଯ୍ୟନ୍ତ ଅଣ୍ଡାରୁ ଛୁଆ ବାହାରିବାକୁ ସମୟ ଲାଗିଥାଏ। ସେହିପରି ଅମୁହାଁ ବର୍ଷାଦିନେ, ଦେଉଳି ନଭେମ୍ବରରୁ ମାର୍ଚ୍ଚ ମଧ୍ୟରେ, କାମୁଡ଼ା ମୌସୁମୀ ଋତୁରେ ଅଣ୍ଡା ଦେଇଥାନ୍ତି। କଇଁଛମାନେ ଅଣ୍ଡାଦେବାକୁ ବିସ୍ତୀର୍ଣ୍ଣ ନଦୀପଠାକୁ ଆଶ୍ରୟ ଭାବେ ନେଇଥିବା ବେଳେ ବାଲି ଖୋଳି ତା' ଭିତରେ ଅଣ୍ଡା ଦେଇଥାନ୍ତି। କିନ୍ତୁ ଅଣ୍ଡାକୁ ଖାଇବା ପାଇଁ କୁକୁର, ଶିଆଳ, ବିଲୁଆମାନେ ଜଗି ରହିଥିବା ବେଳେ ଚିଲ, କାଉମାନେ ମଧ୍ୟ ରହିଥାନ୍ତି। ସେହିପରି କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବାଲି ଆଡ଼େଇ କଇଁଛ ଅଣ୍ଡା ନେଇଯାଆନ୍ତି। ସୁରକ୍ଷିତ ଭାବେ ଅଣ୍ଡାରୁ ଛୁଆ ଫୁଟିବା ପାଇଁ ନଦୀ କୂଳରେ ଥିବା ବିଭିନ୍ନ ଗ୍ରାମରେ କମିଟି ଗଠନ କରାଯାଇଛି। ସଦର ବ୍ଲକ ବଣସିଂହ ସହିତ କାମାକ୍ଷାନଗର ଜିରାଳ ଏବଂ ଅନ୍ୟ ଗ୍ରାମରେ ମଧ୍ୟ ଅଣ୍ଡା ଏବଂ କଇଁଛକୁ ସୁରକ୍ଷା ପ୍ରଦାନ ନିମନ୍ତେ କମିଟି ଗଠନ କରାଯାଇଛି। କଇଁଛଙ୍କ ସୁରକ୍ଷା ପାଇଁ ବନ ବିଭାଗ ବିସ୍ତୃତ ଭାବେ ଗାଇଡଲାଇନ ପ୍ରସ୍ତୁତ କରିଛି।






### ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି

ସୂଚନା ଅନୁସାରେ, ସମସ୍ତ ପ୍ରକାର କଇଁଛ ସେମାନଙ୍କର ଅଣ୍ଡା ତଥା ଛୁଆ ଓଡ଼ିଶା ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁସାରେ ସୁରକ୍ଷିତ ଅଟନ୍ତି। ସେମାନେ ଅନୁସୂଚନା ୧ ଅନ୍ତର୍ଗତ ହୋଇଥିବା ବେଳେ ସେମାନଙ୍କୁ ବିନା ଅନୁମତିରେ ଧରିବା ବା ଶିକାର କରିବା ଧାରା ୯ ଅନୁସାରେ ୩ ବର୍ଷରୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ସହ ୧୦ହଜାର ଟଙ୍କାରୁ ଅଧିକ ଜରିମାନା କରାଯିବା ନିୟମ ରହିଛି। ବ୍ରାହ୍ମଣୀ ନଦୀ ପଠା ବର୍ତ୍ତମାନ ମଧୁରଜଳ କଇଁଛଙ୍କ ପ୍ରାକୃତିକ ପ୍ରଜନନ ସ୍ଥଳୀ ପାଲଟିଛି। ସାଧାରଣତଃ କଇଁଛମାନଙ୍କ ପାଇଁ ପ୍ରାକୃତିକ ପରିବେଶ ବେଶ୍ ଆବଶ୍ୟକ। ବାୟୋ ଇଣ୍ଡିକେସନ ଅନୁସାରେ କଇଁଛମାନେ ମଧୁର ଜଳର ପ୍ରାକୃତିକ ଜୈବ ମାର୍ଗଦର୍ଶକ ଭାବେ ରହୁଥିବା ବେଳେ ଜଳ ମଧ୍ୟରେ ପ୍ରବେଶ କରୁଥିବା ଆବର୍ଜନା ଖାଇ ଜଳକୁ ପ୍ରଦୂଷଣମୁକ୍ତ କରିଥାନ୍ତି। ସେହିପରି କଇଁଛ ଏକ ଧର୍ମୀୟ ସଙ୍କେତ ଭାବେ ପରିଚିତ ଥିବା ବେଳେ କଇଁଛଙ୍କୁ ଭଗବାନ ବିଷ୍ଣୁଙ୍କ କଚ୍ଛପ ଅବତାର ଭାବେ ହିନ୍ଦୁଙ୍କ ମଧ୍ୟରେ ମାନ୍ୟତା ରହିଛି। କଇଁଛମାନେ ସରଳ, ନିରୀହ ଜଳଚର ହୋଇଥିବା ବେଳେ ମଣିଷର କୌଣସି କ୍ଷତି କରି ନ ଥାନ୍ତି। ବର୍ତ୍ତମାନ ଢେଙ୍କାନାଳ ଜିଲ୍ଲା ଭୁବନ ଏବଂ ଷଡ଼ଙ୍ଗୀ ରେଞ୍ଜ ରାଙ୍କିଆ ଫରେଷ୍ଟ ସେକ୍ସନ ଜିରାଳ ସେକ୍ସନ ଅଧୀନରେ ଥିବା ବ୍ରାହ୍ମଣୀ ନଦୀପଠା କଇଁଛଙ୍କ ପ୍ରଜନନର ଭୂସ୍ୱର୍ଗ ପାଲଟିଥିବା ବେଳେ ସେମାନଙ୍କୁ ସୁରକ୍ଷାଦେବା ଆମର କର୍ତ୍ତବ୍ୟ ବୋଲି ବନବିଭାଗ ସଚେତନ କରିଛି। ଏପରିସ୍ଥଳେ କଇଁଛ ଅଣ୍ଡାଦାନ କରୁଥିବା ନଦୀ ଶଯ୍ୟାରେ ବାଲି ଉଠାଣ ବନ୍ଦ କରିବା, କଇଁଛ ପ୍ରଜନନ କେନ୍ଦ୍ରରୁ ମାଛ ନ ଧରିବା ବା ସତର୍କତାର ସହିତ ଜାଲ ପକାଇବା, ଜାଲରେ ଲାଗୁଥିବା କଇଁଛଙ୍କୁ ଯତ୍ନର ସହ ନଦୀ ଜଳରେ ଛାଡ଼ିଦେବା ସହ କଇଁଛ ଅଣ୍ଡା ସଂଗ୍ରହ କରୁଥିବା ଏବଂ ଶିକାର କରୁଥିବା ଲୋକଙ୍କୁ ଏଥିରୁ ନିବୃତ୍ତ କରିବା ଓ ସେମାନଙ୍କୁ ଧରିବା ଏବଂ ସେମାନଙ୍କ ସମ୍ପର୍କରେ ସ୍ଥାନୀୟ ବନବିଭାଗକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ନଦୀ ଶଯ୍ୟାକୁ ଅନିଷ୍ଟକାରୀ ଆବର୍ଜନାରୁ ମୁକ୍ତ କରିବା ସହ ଅଣ୍ଡାରୁ ଛୁଆ ବାହାରିବା ସମୟରେ ଜଳଧାରଠାରୁ ଦୂରରେ ରହୁଥିବା ଛୁଆମାନଙ୍କୁ ଯତ୍ନର ସହ ସଂଗ୍ରହ କରି ପାଣିରେ ଛାଡ଼ିବାକୁ ନିବେଦନ କରାଯାଇଛି। ଏହା ସହିତ ବନବିଭାଗ ମଧ ଏଥିପ୍ରତି ଦୃଷ୍ଟି ଦେଉଥିବା ଜଣାପଡ଼ିଛି।

କଇଁଛମାନଙ୍କୁ ସୁରକ୍ଷା ଦେବାପାଇଁ କାମାକ୍ଷାନଗର ବ୍ଲକ ରାଙ୍କିଆଠାରୁ ବୁଢ଼ୀବିଲି ପର୍ଯ୍ୟନ୍ତ ରହିଥିବା ବିସ୍ତୀର୍ଣ୍ଣ ବାଲିପଠା କଇଁଛଙ୍କ ଅଣ୍ଡାଦେବା ସ୍ଥଳୀ ଭାବେ ପରିଚିତ ଥିବା ବେଳେ ରାଙ୍କିଆ, ମହିମା, ଦିଘି, ବେଢ଼ାପାଳ, ବାଲିପଡ଼ା, ଭୈରପୁର ଆଦି ୬ ଗ୍ରାମବାସୀ ଏବଂ ଗ୍ରାମର ଯୁବକ ସଙ୍ଘର କର୍ମକର୍ତ୍ତା ଦୀର୍ଘଦିନ ଧରି ସେମାନଙ୍କୁ ସୁରକ୍ଷା ଦେଉଥିବା ଜଣାପଡ଼ିଛି। କଇଁଛଙ୍କ ସୁରକ୍ଷା ସହ ଅଣ୍ଡାକୁ ସୁରକ୍ଷା ଦେବା, ବନ୍ୟଜନ୍ତୁ ଏବଂ ଶିକାରୀଙ୍କଠାରୁ ମଧ୍ୟ ସୁରକ୍ଷା ଦେବାରେ ଗ୍ରାମବାସୀ ଓ ଯୁବକସଙ୍ଘ କର୍ମକର୍ତ୍ତାଙ୍କ କାର୍ଯ୍ୟ ପ୍ରଶଂସନୀୟ। କଇଁଛମାନଙ୍କୁ ସୁରକ୍ଷିତ ଭାବେ ପ୍ରଜନନ ପାଇଁ ଜିପିଏସ ମାଧ୍ୟମରେ ଟ୍ରାକିଂ କରାଯାଉଛି। ଏହି ଅଞ୍ଚଳରେ ୫୨ରୁ ଅଧିକ ମତ୍ସ୍ୟଜୀବୀ ପରିବାର ରହୁଥିବା ବେଳେ ସେମାନଙ୍କୁ ମାଛ ମାରିବାକୁ ବାରଣ କରାଯାଉଛି। ସେହିପରି ଡିନାମାଇଟ ବିସ୍ଫୋରଣ ଦ୍ୱାରା ମାଛ ମାରିବା ଦ୍ୱାରା କଇଁଛମାନଙ୍କ ପ୍ରଜନନ ହ୍ରାସ ପାଇଥାଏ। ଏହାକୁ ନେଇ ବନଖଣ୍ଡ ଅଧିକାରୀଙ୍କ କହିବା ଅନୁସାରେ କଇଁଛମାନଙ୍କ ୧ଶହ ବସା ଚିହ୍ନଟ ହୋଇଥିବା ବେଳେ ଦୀର୍ଘ ୪ମାସ ଧରି ସ୍କ୍ୱାଡ ଗଠନ କରାଯାଇ କଇଁଛଙ୍କୁ ସୁରକ୍ଷା ପ୍ରଦାନ କରାଯାଉଛି। ଏଭଳି ପ୍ରାୟ ୨ ହଜାରରୁ ଅଧିକ କଇଁଛ ଅଣ୍ଡା ଦେଇ ବଂଶବିସ୍ତାର କରି ବ୍ରହ୍ମଣୀ ଜଳକୁ ଏବେ ଯାଉଥିବା ଦେଖାଦେଇଛି। ଉକ୍ତ ଅଞ୍ଚଳରେ ରାଜାରାଜୁଡ଼ା ଅମଳରୁ କଇଁଛମାନଙ୍କ ଚଳପ୍ରଚଳ ସହ ବଂଶବିସ୍ତାର କରୁଥିବା ଜଣାପଡ଼ିଛି। ଏହି କଇଁଛମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରି ଏଠାରେ ମାଛଧରା ଏବଂ ଚଳପ୍ରଚଳ ଉପରେ ବନବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ସବୁଠାରୁ କ୍ଷୋଭର ବିଷୟ ଯେ ବନ ବିଭାଗ ୬ ମାସ ଏହାର ସୁରକ୍ଷା ପ୍ରଦାନ କରୁଥିବା ବେଳେ ଆଉ ୬ ମାସ ସୁରକ୍ଷା ବ୍ୟବସ୍ଥାରେ ଅବହେଳା ପ୍ରଦର୍ଶନ ଯୋଗୁଁ ଏଠାରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି ଚିତ୍ରା କଇଁଛ କେବଳ ଢେଙ୍କାନାଳ ଜିଲ୍ଲାରେ ପରିଲକ୍ଷିତ ହୋଇଥିବା ଜଣାପଡ଼ିଛି।

## ପାନୀୟ ଜଳ ସମସ୍ୟା ନେଇ ପିଏଚଡି କାର୍ଯ୍ୟାଳୟ ଘେରଉ



ଢେଙ୍କାନାଳ, ୨।୭(ସମିସ): ସ୍ଥାନୀୟ ୫ନଂ ୱାର୍ଡ ଅନ୍ତର୍ଗତ ଅମଲାପଡ଼ା ଚାନ୍ଦମାରି ସାହିରେ ପାନୀୟ ଜଳ ସମସ୍ୟା ନେଇ ଶତାଧିକ ମହିଳା ପୁରୁଷ ପିଏଚଡି କାର୍ଯ୍ୟାଳୟ ଘେରଉ କରିଛନ୍ତି। ଢେଙ୍କାନାଳ ସହରରେ ପାନୀୟ ଜଳ ଯୋଗାଣରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ଅନ୍ୟପଟେ ଗତ ୪ ଦିନ ଧରି ଅମଲାପଡ଼ା ଚାନ୍ଦମାରି ସାହିରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏ ନେଇ ଲୋକେ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଥିଲେ। ବିଜୁଳି ସମସ୍ୟା ଦର୍ଶାଇ ସହକାରୀ ଯନ୍ତ୍ରୀ ନିଜ ଦାୟିତ୍ୱ ସାରି ଦେଇଥିଲେ। ଏହାର ପ୍ରତିବାଦରେ ଗୁରୁବାର ପୂର୍ବାହ୍ନରେ ଲୋକେ ଗରା ବାଲଟି ଧରି କାର୍ଯ୍ୟାଳୟ ଘେରଉ କରିଥିଲେ। ସୂଚନାଯୋଗ୍ୟ, ୫ନଂ ୱାର୍ଡରେ ପାଇପ ଯୋଗେ ପାନୀୟ ଜଳ କିମ୍ବା ନଳକୂପ ନ ଥିବାରୁ ଲୋକେ ଦୀର୍ଘ ବର୍ଷ ଧରି ସମସ୍ୟାରେ ସମ୍ମୁଖୀନ ହୋଇଆସୁଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜଳ ଯୋଗାଣ ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ ଦାବି ହୋଇଛି।

## ଗଁଦିଆରେ ବନ ମହୋତ୍ସବ ପାଳିତ

ଗଁଦିଆ, ୨।୭(ସମିସ): ଗଁଦିଆ ତାଲୁକ ଆଇନ ସେବା କମିଟି ତଥା ଷଡ଼ଙ୍ଗୀ ଓ କପିଳାସ ରେଞ୍ଜ ବନ ବିଭାଗର ଆନୁକୂଲ୍ୟରେ ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ ନିର୍ମାଣାଧୀନ ନୂତନ କୋର୍ଟ ଓ ଅନ୍ନପୂର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ଉକ୍ତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଞ୍ଜୁ ସାହୁ ଯୋଗଦାନ କରି ପ୍ରଥମେ ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବୃକ୍ଷ ରୋପଣର ମହତ୍ତ୍ୱ ଉପରେ ନିଜର ମତ ପ୍ରଦାନ କରି ତାହା କିପରି ଆମର ସାମାଜିକ ଜୀବନ କ୍ଷେତ୍ରରେ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନିର୍ବାହ ବହନ କରିଥାଏ। ତାହା ଉପରେ ଉପସ୍ଥିତ ସମସ୍ତ ଛାତ୍ରୀ ଛାତ୍ର ମାନଙ୍କୁ ଅତି ସୁନ୍ଦର ଭାବେ ବୁଝାଇବା ସହିତ ବୃକ୍ଷ ରୋପଣରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନିର୍ମାଣଧୀନ ନୂତନ କୋର୍ଟ ପରିସରରେ ବୃକ୍ଷ ରୋପଣ କରିଥିଲେ। ମୁଖ୍ୟ ଅତିଥି ଅନ୍ନପୂର ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଯୋଗଦାନ କରି ବୃକ୍ଷ ରୋପଣ କରିବା ସହିତ ଉପସ୍ଥିତ ଛୋଟ ଛୋଟ ପିଲାମାନଙ୍କୁ ଗଛ ଲଗାଇବା କାହିଁକି ଗଛ ସବୁ ଆମର କି ଉପକାରରେ ଆସେ ତାହା ବୁଝାଇବା ସହିତ ଲଗାଯାଉଥିବା ଉକ୍ତ ବୃକ୍ଷ ଗୁଡ଼ିକର ବିଶେଷ ଭାବେ ଯତ୍ନ ନେବାକୁ ପିଲା ମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ତାଲୁକ ଆଇନ ସେବା କମିଟିର ସଦସ୍ୟା ସୁଶ୍ରୀ ଗୀତାଞ୍ଜଳି ସ୍ୱାଇଁ ପରିଚାଳନା କରିଥିବା ବେଳେ ଷଡ଼ଙ୍ଗୀ ଓ କପିଳାସ ବନଖଣ୍ଡର ବନ କର୍ମଚାରୀ, ଦୁଇ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହିତ କ୍ୟାଡର ଏପିପି ଶାଶ୍ୱତ କୁମାର ଜେନା, ଗଁଦିଆ କୋର୍ଟର ପ୍ୟାନେଲ ଆଇନଜୀବୀ ଆର୍ଶୀବାଦ ସାହୁ, ସରକାରୀ ଓକିଲ ଜୟକୃଷ୍ଣ ସାହୁ, ଗଁଦିଆ କୋର୍ଟର ନାଜିର ସୂର୍ଯ୍ୟ ପ୍ରକାଶ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଯୋଗଦାନ କରିଥିଲେ।


## ଅସରାଏ ବର୍ଷାରେ ବୁଡ଼ିଗଲା ଚଲାପଥ




ଭୁବନ, ୨।୭(ସମିସ): ଭୁବନ ଏନଏସି ଏକ ନମ୍ବର ୱାର୍ଡ ସ୍ଥିତ ୟୁକୋ ବ୍ୟାଙ୍କକୁ ଯୋଗାଯୋଗ କରୁଥିବା ଚଲାପଥରେ ଆଣ୍ଠୁଏ ପାଣି। ବ୍ୟାଙ୍କ ଏକ ଜରୁରୀକାଳୀନ ସେବା। ତେବେ ଏହି ସେବା ଲାଗି ଆସୁଥିବା ଗ୍ରାହକ ବ୍ୟାଙ୍କ ଭିତରକୁ ଯିବା ପୂର୍ବରୁ ପାଣି କାଦୁଅରେ ପଶି ଘାଣ୍ଟି ହେଉଛନ୍ତି। ଏକ ନମ୍ବର ୱାର୍ଡ ଭିତରକୁ ପ୍ରବେଶପଥ ଆରମ୍ଭରୁ ଏଭଳି କଦର୍ଯ୍ୟ ଅବସ୍ଥା ବର୍ଷତମାମ ରହୁଛି। ଏବେ ବର୍ଷା ସମୟ, ତେଣୁ ଏହି ରାସ୍ତାର ଦୁରବସ୍ଥା ହେତୁ ବ୍ୟାଙ୍କ ଗ୍ରାହକ ଓ ସ୍ଥାନୀୟ ବାସିନ୍ଦା ଯାତାୟାତ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୁବନ ଏନ୍ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି ହୋଇଛି।

## ପାଚିକା ସହାୟକା ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ଭୁବନ, ୨।୭(ସମିସ): ଭୁବନ ବ୍ଲକ ଡମଶାଳ ଆଶ୍ରମ ସ୍କୁଲରେ ପାଚିକା ସହାୟିକା ନିଯୁକ୍ତିରେ ଅନିୟମିତତା ହୋଇଥିବା ଭୁବନ ବିଇଓଙ୍କୁ ଅଭିଯୋଗ କରାଯାଇଛି। ଏହି ପଦବୀ ନିମନ୍ତେ ୪ଜଣ ଆବେଦନ କରିଥିବା ବେଳେ ନିର୍ଦ୍ଧାରିତ ସମୟସୀମା ପରେ ଆବେଦନ କରିଥିବା ଜଣେ ମହିଳାଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ଅସନ୍ତୋଷ ଦେଖାଦେଇଛି। ମାଲୁଆଗୋଡ଼ା ଗ୍ରାମର ପାରାଲିସିସ ରୋଗରେ ପୀଡ଼ିତ ଜଣେ ବ୍ୟକ୍ତିଙ୍କ ଅସହାୟ ପତ୍ନୀ ଏହି ନିଯୁକ୍ତି ପାଇବା ପାଇଁ ହକଦାର ଥିବା ଦର୍ଶାଇ ଅଭିଯୋଗ ହୋଇଥିବା ବେଳେ ଜଣେ ଆର୍ଥିକ ସ୍ୱଚ୍ଛଳ ଥିବା ବିଧବା ମହିଳାଙ୍କୁ ଚୟନ କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଆବେଦନକାରୀମାନେ ଅଭିଯୋଗ କରିଛନ୍ତି। ଏନେଇ ତଦନ୍ତ କରାଯିବ ବୋଲି ବିଇଓ କହିଛନ୍ତି।



### ଷଡ଼ଙ୍ଗୀ ବଜାରକୁ ଗେଣ୍ଡାଳିଆଙ୍କ ଆଗମନ


# ବାର୍ଡ ୱାଚ୍ ଟାୱାର ନିର୍ମାଣ ଦାବି

ଗଁଦିଆ, ୨।୭(ସମିସ)



ଗଁଦିଆ ବ୍ଲକ ଷଡ଼ଙ୍ଗୀ ବଜାରକୁ ଗେଣ୍ଡାଳିଆଙ୍କ ପୁନଃ ଆଗମନ ପରେ ଅଞ୍ଚଳବାସୀ ଖୁସି ଜାହିର କରିଛନ୍ତି। ଦୀର୍ଘବର୍ଷ ବର୍ଷ ଧରି ଗେଣ୍ଡାଳିଆ ଦଳ ଦୂର ଜଙ୍ଗଲ ନିକଟ କୌଣସି ବୃକ୍ଷରେ ବାସ ନ କରି କୋଳାହଳମୟ ବଜାର ଉପରେ ଥିବା ବର ଓ ଆମ୍ବଗଛରେ ବସାବାନ୍ଧି ରହିଆସିଛନ୍ତି। ଚଳିତବର୍ଷ ସେମାନଙ୍କ ଆଗମନ ପ୍ରାୟ ଏକ ମାସ ବିଳମ୍ବ ହୋଇଥିବାବେଳେ ଜୁଲାଇ ପ୍ରଥମ ସପ୍ତାହରେ ଗେଣ୍ଡାଳିଆମାନେ ଏଠାକୁ ଆସି ଫେରିଥାନ୍ତି। କଅଁଳିଆ ଚାକୁଣ୍ଡା ଗଛର ଡାଳପତ୍ର, ଭାଙ୍ଗି ଆଣି ବସା ବାନ୍ଧୁଛନ୍ତି। ସବୁ ବସାରେ ସ୍ତ୍ରୀ ପୁରୁଷ ଯୋଡ଼ି ଯୋଡ଼ି ପକ୍ଷୀ ଏକାଠି ଦେଖିବାକୁ ମିଳିଛି। ଏମାନେ ଏଠାରେ ରହି ଡିମ୍ବ ଫୁଟାଇ ଛୁଆ ଉଡ଼ିବା ସକ୍ଷମ ହେଲେ ପୁଣି ନଭେମ୍ବର ଓ ଡିସେମ୍ବର ବେଳକୁ ଫେରିବା ଆରମ୍ଭ କରିଥାନ୍ତି। ଲୋକଙ୍କ ଭଲପାଇବା ସେମାନଙ୍କୁ ସୁରକ୍ଷିତ ରଖିଥିବାରୁ ସେମାନେ ନିକାଞ୍ଚନ ସ୍ଥାନ ବଦଳରେ ଢେଙ୍କାନାଳ-ମନ୍ଦାର ମୁଖ୍ୟସଡ଼କ ଉପରେ ହିଁ ବସବାସ କରୁଛନ୍ତି। ପକ୍ଷୀ ଶିକାର ଏଠାରେ କଡ଼ାକଡ଼ି ଭାବେ ନିଷେଧ କରାଯାଇଛି। ପର୍ଯ୍ୟବେକ୍ଷଣ କେନ୍ଦ୍ର କିମ୍ବା ବାର୍ଡ ୱାଚ୍ ଟାୱାର ଏଠାରେ ନିର୍ମିତ ହୋଇପାରୁନାହିଁ। ରାସ୍ତାକଡ଼ ବୃକ୍ଷ ସମେତ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଥିବା ବୃକ୍ଷରେ ମଧ୍ୟ ଗେଣ୍ଡାଳିଆ ଦଳ ଅବସ୍ଥାନ କରିଛନ୍ତି। ଷଡ଼ଙ୍ଗୀ ରେଞ୍ଜ୍ କାର୍ଯ୍ୟାଳୟ ଷଡ଼ଙ୍ଗୀ ବଜାରରେ ଥାଇ ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଯୋଜନା ଏଠାରେ ନାହିଁ। ବ୍ରାହ୍ମଣୀ ନଦୀର ବିସ୍ତୃତ ବାଲୁକା ଶଯ୍ୟା ଓ ଷଡ଼ଙ୍ଗୀ ବଜାରରେ ସ୍ୱାଦିଷ୍ଟ ଛେନା, ଖୁଆ ଓ ଚିନି ଦ୍ୱାରା ପ୍ରସ୍ତୁତ ଛେନା ମଗଜି ଖାଇବା ସହ ଗେଣ୍ଡାଳିଆଙ୍କୁ ମାତ୍ର ୧୫ରୁ ୨୦ ଫୁଟ ଉଚ୍ଚତାରେ ଦେଖିବାର ସୁବିଧା ପର୍ଯ୍ୟଟକମାନେ ପାଇପାରିବେ। ଏଠାରେ ପରିବେଶ ପର୍ଯ୍ୟଟନର, ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ଓ ବନ ବିଭାଗ ତତ୍ପରତା ପ୍ରକାଶ କରିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## କପିଳାସ-ଟାଙ୍ଗୀ ରାସ୍ତାର ଢୋଲପଥରଠାରେ ଯାତାୟାତ ଠପ୍



ଗଁଦିଆ, ୨।୭(ସମିସ): ଢେଙ୍କାନାଳ ଜିଲ୍ଲା କପିଳାସ-ଟାଙ୍ଗୀ ରାସ୍ତାର ଢୋଲପଥର ନିକଟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। କିଛିଦିନ ହେବ ଲଗାଣ ବର୍ଷା ଯୋଗୁଁ ରାସ୍ତା ଉପରେ ପ୍ରାୟ ୨ ଫୁଟ ପାଣି ପ୍ରବାହିତ ହେଉଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମଟର ସହ ଶତାଧିକ ବାଟୋଇ ଓ ଯାତ୍ରୀ ଘଣ୍ଟା ଘଣ୍ଟା ଧରି ଅଟକି ରହି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ମୌସୁମୀ ଋତୁରେ କିମ୍ବା ଲଗାଣ ବର୍ଷା ହେଲେ ଏହି ସ୍ଥାନରେ ଏପରି ସ୍ଥିତି ଉପୁଜିଥାଏ। ଏଠାରେ ସ୍ଥାୟୀ ଉଚ୍ଚ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି କରି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ପ୍ରଶାସନିକ ଉଦାସୀନତା ଯୋଗୁଁ ଆଜି ପୁଣି ଥରେ

### ବାଟୋଇ ହନ୍ତସନ୍ତ

ହଜାର ହଜାର ଜନସାଧାରଣ ଦୁର୍ଦ୍ଦଶାର ଶିକାର ହୋଇଛନ୍ତି। ଏହି ରାସ୍ତା ଦେଇ କଟକ ଓ ଟାଙ୍ଗୀ ଆଡୁ ଭୁବନ, ଯାଜପୁର, ଢେଙ୍କାନାଳ ଏବଂ କାମାକ୍ଷାନଗର ଅଞ୍ଚଳକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଯାତ୍ରୀ ଓ ମାଲବାହୀ ଗାଡ଼ି ଯାତାୟାତ କରିଥାଏ। ମାତ୍ର ଢୋଲପଥରଠାରେ ଯୋଗାଯୋଗ ପ୍ରାୟତଃ ବିଚ୍ଛିନ୍ନ ହୋଇଥିବାରୁ ଜରୁରୀକାଳୀନ ସେବା ସହ ଦୈନନ୍ଦିନ ଜୀବନଯାତ୍ରା ଗମ୍ଭୀର ଭାବେ ପ୍ରଭାବିତ ହୋଇଛି। ତୁରନ୍ତ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ସ୍ଥିତି ଆହୁରି ସଙ୍ଗୀନ ହେବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

# ନିଯୁକ୍ତି ଦାବିରେ କଣିହାଁ କୋଇଲା ଖଣି ଅଚଳ

କଣିହାଁ,୨।୭(ସମିସ):



ଏମସିଏଲ କଣିହାଁ ଓପନକାଷ୍ଟ ପ୍ରକଳ୍ପ (ଓସିପି)ରେ ନୂତନ ଠିକାସଂସ୍ଥା ଏ ଆଣ୍ଡ ଏ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ମାଟି ଖନନ, ଉତ୍ତୋଳନ ଓ ପରିବହନ ଏବଂ ଭିଏଫପିଏଲ ଦ୍ୱାରା କୋଇଲା ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ପୁରୁଣା ଠିକା ସଂସ୍ଥାରେ କାର୍ଯ୍ୟରତ ୫୫୦ ଠିକା ଶ୍ରମିକଙ୍କ ମଧ୍ୟରୁ ମାତ୍ର ୨୧୬ ଜଣଙ୍କୁ ନୂତନ କମ୍ପାନୀରେ ନିଯୁକ୍ତି ମିଳିଥିବାରୁ ଅବଶିଷ୍ଟ ଶ୍ରମିକ ଓ ଜମିହରା ପରିବାରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ବୁଧବାର ସକାଳେ ଶତାଧିକ ଠିକା ଶ୍ରମିକ, ଜମିହରା ପରିବାରର ସଦସ୍ୟ ଓ ମହିଳା ଆନ୍ଦୋଳନରେ ସାମିଲ ହୋଇଥିଲେ। ଫଳରେ କୋଇଲା ଉତ୍ତୋଳନ ଓ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯିବା ସହ ଖଣି ପରିସରରେ ଶହ ଶହ ହାଇୱା ଓ ଅନ୍ୟ ଯାନବାହାନ ଅଟକି ରହିଥିଲା। ଆନ୍ଦୋଳନସ୍ଥଳରେ କଣିହାଁ କ୍ଷେତ୍ରର ମହାପ୍ରବନ୍ଧକ ନରେଶ ସିଂ କହିଥିଲେ ଯେ ନିଯୁକ୍ତି ପାଇଥିବା ୨୧୬ ଜଣଙ୍କ ମଧ୍ୟରୁ ୧୯୬ ଜଣ ଅଧିଗ୍ରହୀତ ଜମିହରା ଓ ପାରିପାର୍ଶ୍ୱିକ ଅଞ୍ଚଳର କ୍ଷତିଗ୍ରସ୍ତ ପରିବାରର ସଦସ୍ୟ ଏବଂ ଅବଶିଷ୍ଟ ୨୦ ଜଣ ପୂର୍ବରୁ କାର୍ଯ୍ୟରତ ଶ୍ରମିକ ଓ କମ୍ପାନୀର ନିଜସ୍ୱ କର୍ମଚାରୀ। ବର୍ତ୍ତମାନ ପର୍ଯ୍ୟାପ୍ତ ସାଇଡିଂ ନ ଥିବାରୁ ସମସ୍ତଙ୍କୁ ଏକକାଳୀନ ନିଯୁକ୍ତି ଦେବା ସମ୍ଭବ ହୋଇନାହିଁ। ନୂତନ ସାଇଡିଂ କାର୍ଯ୍ୟକ୍ଷମ ହେବା ପରେ ପର୍ଯ୍ୟାୟକ୍ରମେ ଅବଶିଷ୍ଟ ଯୋଗ୍ୟ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ଦିଆଯିବ। ତେବେ ଏହି ପ୍ରସ୍ତାବରେ ଆନ୍ଦୋଳନକାରୀ ସନ୍ତୁଷ୍ଟ ହୋଇ ନ ଥିଲେ। ସମସ୍ତ ଯୋଗ୍ୟ କ୍ଷତିଗ୍ରସ୍ତ ଓ ପୁରୁଣା ଠିକା ଶ୍ରମିକଙ୍କୁ ଥଇଥାନ କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ସ୍ପଷ୍ଟ କରିଥିଲେ। ଖବର ପାଇ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହିତ ସମାଧାନ ପାଇଁ ପ୍ରଶାସନ ଓ ଏମସିଏଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସମାଧାନୀ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ବିଧାୟକ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ରାଜେନ୍ଦ୍ର ପ୍ରସାଦ ସିଂ, ବିଜେପି ନେତା ବିରଞ୍ଚିନାରାୟଣ ସାହୁ, ଏସଡିପିଓ କୈଳାସ ଚନ୍ଦ୍ର ସେଠୀ, ତହସିଲଦାର ପ୍ରଣବ କୁମାର ସାହୁ, କଣିହାଁ କ୍ଷେତ୍ର ମହାପ୍ରବନ୍ଧକ ନରେଶ ସିଂ, ପ୍ରକଳ୍ପ ଅଧିକାରୀ, କଣିହାଁ ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇ, ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି ଓ ଆଞ୍ଚଳିକ କ୍ଷତିଗ୍ରସ୍ତ ଜମିହରା ସର୍ବଦଳୀୟ କମିଟିର ପଦାଧିକାରୀ ଉପସ୍ଥିତ ଥିଲେ। ବୈଠକରେ ୧୨ ଖଣ୍ଡ ମୌଜାର ଜମିହରା ପରିବାରଙ୍କୁ

## ସମାଧାନ ବୈଠକରେ ଜମିହରାଙ୍କୁ ପ୍ରାଥମିକତା

ନିଯୁକ୍ତିରେ ପ୍ରାଥମିକତା, ପାରିପାର୍ଶ୍ୱିକ ଅଞ୍ଚଳର ଡ୍ରାଇଭର, ହେଲପର ଓ ସୁପରଭାଇଜରଙ୍କୁ ପର୍ଯ୍ୟାୟକ୍ରମେ ଥଇଥାନ, ସୁରକ୍ଷା କର୍ମଚାରୀଙ୍କ ପାଇଁ ସ୍କ୍ରିନିଂ କମିଟି ଗଠନ ଏବଂ ସ୍ଥାନୀୟ ଯୁବକଙ୍କୁ ଅଗ୍ରାଧିକାର ଦେବାକୁ ନିଷ୍ପତ୍ତି ହୋଇଛି। ନୂତନ ସାଇଡିଂ କାର୍ଯ୍ୟକ୍ଷମ ହେବା ସହ ଅବଶିଷ୍ଟ ଯୋଗ୍ୟ କ୍ଷତିଗ୍ରସ୍ତଙ୍କୁ ପର୍ଯ୍ୟାୟକ୍ରମେ ନିଯୁକ୍ତି ଦେବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ବୈଠକ ପରେ ପ୍ରଶାସନ ପକ୍ଷରୁ ଆଲୋଚନା ସକାରାତ୍ମକ ଦିଗକୁ ଯାଇଥିବା କୁହାଯାଇଥିବା ବେଳେ, ଆନ୍ଦୋଳନକାରୀମାନେ ସମସ୍ତ ଯୋଗ୍ୟ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ମିଳିବା ପର୍ଯ୍ୟନ୍ତ ଅଟଳ ରହିବେ ବୋଲି ସ୍ପଷ୍ଟ କରିଛନ୍ତି।

# ପଞ୍ଚାୟତ ଉନ୍ନୟନ ସମ୍ପର୍କିତ ତାଲିମ



କିଶୋରନଗର,୨।୭(ସମିସ): କିଶୋରନଗର ବ୍ଲକ ସଭାଗୃହରେ ପଞ୍ଚାୟତ ଉନ୍ନୟନ ଯୋଜନା ପ୍ରସ୍ତୁତି ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ଶୁଭକାନ୍ତ ନାଏକ, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ସିପି ଧନେଶ୍ୱର ସାହୁ, ଜିପିଡିଓ ସୁରେଶ ଚନ୍ଦ୍ର ସାହୁ ସରପଞ୍ଚ, ସମିତି ସଭ୍ୟ, ପିଇଓମାନଙ୍କୁ ପଞ୍ଚାୟତଗୁଡ଼ିକରେ ବିଭିନ୍ନ ଉନ୍ନୟନ ମୂଳକ କାମ ପାଇଁ ଯୋଜନା ପ୍ରସ୍ତୁତି କିପରି କରାଯିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ।

# ସମବାୟ ବ୍ୟାଙ୍କ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଅନୁଗୋଳ,୨।୭(ସମିସ): ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଓ ନିଖିଳ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘ, ଅନୁଗୋଳ ଶାଖା ତରଫରୁ ବ୍ୟାଙ୍କର ଏଜିଏମ୍ ବାଣୀ ସିହ୍ନାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପରିଡ଼ା, ବରିଷ୍ଠ କର୍ମଚାରୀ ତଥା ୟୁନିୟନର ଉପସଭାନେତ୍ରୀ ବିନୋଦିନୀ ସିଂହ, ପ୍ରଶାନ୍ତ କୁମାର ସିଂହସାମନ୍ତ, ଶଙ୍କର ମାଝୀ, ରୁଦ୍ରମୋହନ ମିଶ୍ର, ସଞ୍ଜିତ କୁମାର ମିଶ୍ର, ସଚଳା ସାହୁ, ଜୀବନାନନ୍ଦ ହୋତା ପ୍ରମୁଖ ଯୋଗଦେଇ ଏଜିଏମ୍ ସିହ୍ନାଙ୍କ ଚାକିରି ଜୀବନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନିଜ ବିଦାୟୀ ଅଭିଭାଷଣରେ ଏଜିଏମ୍ ସିହ୍ନା ଚାକିରି ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ଶେଷରେ ତାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ଏବଂ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅନୁଗୋଳରୁ ନକଲି ପୁଲିସ ଗିରଫ

- ଏସ୍‌ପି ଅଫିସ୍ ସମ୍ମୁଖରୁ ମାଡ଼ିବସିଲା ଟାଉନ୍ ଥାନା ପୁଲିସ



ଅନୁଗୋଳ,୨।୭(ସମିସ): ଅନୁଗୋଳ ସହରରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଅନୁଦୋଶ ଏସ୍‌ପି ଅଫିସ୍ ସମ୍ମୁଖରୁ ଜଣେ ନକଲି ପୁଲିସ କର୍ମଚାରୀଙ୍କୁ ଗିରଫ କରିଛି ଟାଉନ୍ ଥାନା ପୁଲିସ। ଗିରଫ ଯୁବକ ଜଣକ ଛେଣ୍ଡିପଦା ଅଞ୍ଚଳର ରବି ନାରାୟଣ ବେହେରା ବୋଲି ସୂଚନା ମିଳିଛି।

ଗୁରୁବାର ଅପରାହ୍ନରେ ରବିନାରାୟଣ ପୁଲିସ କନଷ୍ଟେବଲ ପୋଷାକ ପିନ୍ଧି, ନେମ୍ ପ୍ଲେଟ୍ ଓ ବ୍ୟାଜ୍ ଲଗାଇ ଏସ୍‌ପି ଅଫିସ୍ ଆଗରେ ସନ୍ଦେହଜନକ ଭାବେ ବୁଲୁଥିଲେ। ତାଙ୍କ ହାବଭାବ ଏବଂ ଗତିବିଧି ଦେଖି ସେଠାରେ ନିୟୋଜିତ ଟାଉନ ଥାନା ପୁଲିସର ସନ୍ଦେହ ହୋଇଥିଲା। ପରେ ପୁଲିସ ତାଙ୍କୁ କାବୁ କରି ପଚରାଉଚରା କରିବା ସହ ଖାନତଲାସୀ କରିଥିଲା। ଯାଞ୍ଚ ସମୟରେ ରବିନାରାୟଣଙ୍କ ନିକଟରୁ ଓଡ଼ିଶା ପୁଲିସ ସିକ୍ୟୁରିଟିର ଏକ ନକଲି ନିଯୁକ୍ତିପତ୍ର ଜବତ କରାଯାଇଛି। ସେ ପୁଲିସ ପୋଷାକର ଅପବ୍ୟବହାର କରି କୌଣସି ଆପରାଧିକ କାର୍ଯ୍ୟ ବା ଠକେଇ ଉଦ୍ଦେଶ୍ୟରେ ସେଠାକୁ ଆସିଥିଲେ କି ନାହିଁ, ସେ ନେଇ ପୁଲିସ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଠାକୁରଗଡ଼ ଥାନାରେ 'ନିଶାମୁକ୍ତ ଓଡ଼ିଶା ଅଭିଯାନ' କାର୍ଯ୍ୟକ୍ରମ



କିଶୋରନଗର,୨।୭(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ଥାନା ପରିସରରେ ଓଡ଼ିଶା ପୁଲିସ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ଏବଂ ବିପଥଗାମୀ ଯୁବପିଢ଼ିଙ୍କୁ ସଠିକ୍ ମାର୍ଗକୁ ଆଣିବା ଲକ୍ଷ୍ୟରେ ଏହି ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମାଜରେ ବଢ଼ି ଚାଲିଥିବା ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ସହ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବହାଦୁର ଖୁରାନିଆ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦେଇ ଏହି ଅଭିଯାନ ସମ୍ପର୍କରେ ସ୍ୱତନ୍ତ୍ର ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

ନିଶାମୁକ୍ତ ସମାଜ ଗଠନ କେବଳ ପୁଲିସର ଦାୟିତ୍ୱ ନୁହେଁ, ଏଥିରେ ଜନସାଧାରଣ ବିଶେଷ କରି ଯୁବପିଢ଼ିଙ୍କ ସହଭାଗିତା ଏକାନ୍ତ ଜରୁରୀ। ଆଗାମୀ ଦିନରେ ଅଞ୍ଚଳର ବିଭିନ୍ନ ସ୍କୁଲ, କଲେଜ ଏବଂ ସାମାଜିକ ସ୍ତରରେ ଏହି ଅଭିଯାନକୁ ଆହୁରି ବ୍ୟାପକ ଓ କ୍ରିୟାଶୀଳ କରାଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଠାକୁରଗଡ଼ ଥାନା ଅଧିକାରୀ ଶ୍ୟାମଲାଲ ଓରାମ, ଏସ୍‌ଆଇ ମନୋଜ କୁମାର ବେହେରା, ଏଏସଆଇ ଯଶୋବନ୍ତ ନାୟକ, କେଶବ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଚଳର ସୁଜିତ କୁମାର ଦେହୁରୀ, ମନୋଜ ରାଉତ, ଶତ୍ରୁଘ୍ନ ସାହୁ, ଧନଞ୍ଜୟ ନାୟକ, ଚୌଧୁରୀ ସାଏ, ହେମନ୍ତ କୁମାର ଖୁଣ୍ଟିଆ, ଅନାମ ସ୍ୱାଇଁ ପ୍ରମୁଖଙ୍କ ସମେତ ଲକ୍ଷ୍ମୀ ବଜାର, ଗଣେଶ ବଜାର ଓ ଦୁର୍ଗା ବଜାରର ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଧୋକୁଟା ସ୍କୁଲରେ ବନମହୋତ୍ସବ ସପ୍ତାହ ପାଳିତ

# ଚାରାରୋପଣ କରି ଯତ୍ନ ନେବାକୁ ପରାମର୍ଶ

ଅନୁଗୋଳ,୨।୭(ସମିସ): ଅନୁଗୋଳ ବ୍ଲକ ଧୋକୁଟା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ସଚେତନତା ସଭା, ଚାରାରୋପଣ ଏବଂ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ପ୍ରିୟମ୍ବଦା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ, ସ୍ଥାନୀୟ ସରପଞ୍ଚ ସତ୍ୟାନନ୍ଦ ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ଈଶ୍ୱର ଚନ୍ଦ୍ର ଦେହୁରୀ, ଇକୋ କ୍ଲବ ଶିକ୍ଷୟିତ୍ରୀ ସ୍ୱାଗତିକା ରାଉତ ଏବଂ ସହକାରୀ ଶିକ୍ଷକ ଶରତ ଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନେ ନିଜ ବାଡ଼ି ବଗିଚାରେ ଚାରାରୋପଣ କରି ତାହାର ଯତ୍ନ ନେବାକୁ ଅତିଥି ପରାମର୍ଶ ଦେଇଥିଲେ। ସ୍କୁଲ ପରିସରରେ ଓଉ, ପେସ୍ତାବାଦାମ, ଅଁଳା ଚାରା ରୋପଣ




## ଛାତ୍ରଛାତ୍ରୀଙ୍କୁ ଫଳଚାରା ବଣ୍ଟନ

କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ପିଜୁଳି, ଅଁଳା, ଡାଳିମ୍ବ, ଆତ ପ୍ରଭୃତି ଚାରା ବଣ୍ଟନ କରାଯାଇଥିଲା। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତି ସଂଯୋଜକ ପ୍ରିୟବ୍ରତ ବେହେରାଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କିଶୋରନଗର,୨।୭(ସମିସ): କିଶୋରନଗର ବ୍ଲକ ହିମିତିରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ଶତପଥୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ମନୋଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃପାସିନ୍ଧୁ ପ୍ରଧାନ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରୋତ୍ତମ ସାହୁ, ସମ୍ମାନିତ ଅତିଥି ଭାବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସସ୍ମିତା ମାଝୀ, ଶିକ୍ଷକ କିଶୋରଚନ୍ଦ୍ର ବିଶ୍ୱାଳ, ସେନା ଅଧିକାରୀ ଅଶୋକ ସାହୁ, ବିଜୟ କୁମାର ପ୍ରଧାନ, ହରିବନ୍ଧୁ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରବୀର ପ୍ରଧାନ, ସେବା ସମବାୟ ସମିତି ସଭାପତି ବବ୍ରୁବାହାନ ବେହେରା, ଗୋକୁଳାନନ୍ଦ ସାହୁ, ଶିକ୍ଷକ କୁଳମଣି ରଣା, ଶିକ୍ଷକ ଜୟଦ୍ରଥ ଭୋଇ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶତପଥୀ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶତପଥୀଙ୍କୁ ଉପଢୌକନ, ମାନପତ୍ର ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ରୋଟାରୀ ରୟାଲ ପକ୍ଷରୁ ଡାକ୍ତର ଏବଂ ସିଏ ଦିବସ




ଅନୁଗୋଳ,୨।୭(ସମିସ): ରୋଟାରୀ କ୍ଲବ ଅନୁଗୋଳ ରୟାଲ ପକ୍ଷରୁ ବୁଧବାର ଡାକ୍ତର ଦିବସ ଏବଂ ସିଏ ଦିବସ ପାଳନ କରାଯାଇଛି। କ୍ଲବ ସଭାପତି ରୋଟାରିଆନ ବାଣୀ ଦେବଙ୍କ ନେତୃତ୍ୱରେ ସରକାରୀ ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ଶିଶୁରୋଗ ବିଶେଷଜ୍ଞ ଡା. ବିନୟ କୁମାର ନାଥ ଏବଂ ସିଏ ନେହା ଅଗ୍ରୱାଲଙ୍କୁ ମାନପତ୍ର, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସମ୍ପାଦକ ରୋଟାରିଆନ ଡା. ବିଶ୍ୱଜିତ୍ ସାମଲ, ଡା. ମାଇକେଲ୍ ଜନ, ମୁରାରୀଲାଲ ଅଗ୍ରୱାଲ, ମିଲନ କୁମାର ଅଗ୍ରୱାଲ, ମଧୁ ଗୁପ୍ତା, ନୀହାର ରଞ୍ଜନ ପ୍ରସାଦ, କିରଣ ଅଗ୍ରୱାଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ କ୍ଲବ ତରଫରୁ ଦିଶା ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିଲା।

# ବ୍ୟାପୁଛି ଭାଇରାଲ ଜ୍ୱର

ତାଳଚେର,୨।୭(ସମିସ): ଋତୁ ପରିବର୍ତ୍ତନ ହେଉଥିବା ବେଳେ ଏବେ ଲୋକଙ୍କ ସ୍ୱାସ୍ଥ୍ୟ ମଧ୍ୟ ଖରାପ ହେଉଛି। ପିଲାଠାରୁ ବୁଢ଼ାଯାଏଁ ଯାହାକୁ ଦେଖିବ ଜ୍ୱର, ଥଣ୍ଡା, କାଶରେ ଆକ୍ରାନ୍ତ। ଅଞ୍ଚଳର ମେଡିକାଲଗୁଡ଼ିକରେ ଲୋକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। କିଏ ଔଷଧ ଆଣି ଘରେ ଚିକିତ୍ସିତ ହେଉଛି ତ ଆଉ କିଏ ମେଡିକାଲରେ ଆଡ୍‌ମିଟ୍ ହେବାକୁ ପଡୁଛି। ତାଳଚେର ଏକ ଶିଳ୍ପବହୁଳ ଅଞ୍ଚଳ ହୋଇଥିବା ବେଳେ ଏଠାରେ କୋଇଲା ଖଣି ସାଙ୍ଗକୁ କଳକାରଖାନା ଗଢ଼ି ଉଠିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଲୋକଙ୍କ ମୌଳିକ ସୁବିଧାକୁ ପ୍ରଥମେ ପ୍ରାଧାନ୍ୟ ଦେବା କଥା। କିନ୍ତୁ ଏଗୁଡ଼ିକୁ ପ୍ରାଧାନ୍ୟ ଦିଆ ନ ଯାଇ ତାଳଚେର ଲୋକଙ୍କ ଜମିବାଡ଼ି, ଘରଦ୍ୱାର ସବୁ ଖଣିଖଦାନରେ ଲୀନ ହୋଇଚାଲିଛି। ଏପରି କାରଣରୁ ଲୋକେ ରୋଗଗ୍ରସ୍ତ ହେବାରେ ଲାଗିଛନ୍ତି ବୋଲି କୁହାଯାଉଛି। ଆଜକୁ ପ୍ରାୟ ୫ବର୍ଷ ହେବ ତାଳଚେରରେ ଏକ ମେଡିକାଲ କଲେଜ ନିର୍ମିତ ହୋଇଥିଲେ ହେଁ ଏହାର କାର୍ଯ୍ୟକାରୀ ଏବେସୁଦ୍ଧା ହୋଇପାରି ନାହିଁ। ଯାହାକି ତାଳଚେର ଲୋକଙ୍କ ପାଇଁ ଏକ ଅଭିଶାପ ସଦୃଶ ହୋଇଛି।

# ଆଷାଢ଼ରେ ନଦୀ ଶୁଖିଲା: ଚିନ୍ତାରେ ଚାଷୀ

ତାଳଚେର,୨।୭(ସମିସ): ଆଷାଢ଼ ମାସରେ ଶୁଖିଲା ପଡ଼ିଛି ପ୍ରାୟ ସବୁ ନଦୀ, ନାଳ, କେନାଲ। ଫଳରେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ରଥଯାତ୍ରା ପୂର୍ବରୁ ଚାଷୀମାନେ ରୁଆ, ବିହିଡ଼ା ସାରିଥାନ୍ତି। ପୂର୍ବରୁ ଆଷାଢ଼ ମାସରେ ପାଣିପାଗ ଅନୁକୂଳ ରହୁଥିବା ବେଳେ ପ୍ରାୟ ୧୫ରୁ ୨୦ବର୍ଷ ହେବ ଆଉ ସେହି ପରିସ୍ଥିତି ଦେଖିବାକୁ ମିଳୁନାହିଁ। ତାଳଚେର ଅଞ୍ଚଳରେ ଗଢ଼ିଉଠିଥିବା ମାଳମାଳ ଶିଳ୍ପ, କାରଖାନା ଯୋଗୁଁ ଜଙ୍ଗଲ ଜମି ପଦା କରିବା, ପାଣିମାହାରା ବିଲୁପ୍ତ କରିଦେବା ଯୋଗୁଁ ଆଜି ଏଭଳି ପରିସ୍ଥିତ ଉପୁଜୁଛି ବୋଲି ପରିବେଶବିତ ମତପ୍ରକାଶ କରୁଛନ୍ତି। ଆଷାଢ଼ ମାସରେ ନଦୀ ପାଣି ଦୁଇକୂଳ ଖାଉଥିବା ବେଳେ ବର୍ତ୍ତମାନ ସମୟରେ ବ୍ରାହ୍ମଣୀ ନଦୀକୁ ଅବଲୋକନ କଲେ କେବଳ ବାଲି ହିଁ ବାଲି ଦେଖାଯାଉଛି। କେନାଲ କଥା ପଚାରେ କିଏ? ଆଜକୁ ପ୍ରାୟ ୨ମାସ ହେବ ଜଣେ ଠିକାଦାର ଧରମପୁର ପଞ୍ଚାୟତ ଜନ୍ଦାବାହାଲଠାରେ କୌଣସି କାର୍ଯ୍ୟପାଇଁ ପାଣି ଅଟକାଇ ଦେଇଥିବାରୁ ସେହି ଅଞ୍ଚଳର କେନାଲ ଉପରେ ନିର୍ଭର କରୁଥିବା ଛୋଟବଡ଼ ଚାଷୀ ମୁଣ୍ଡରେ ହାତଦେବା ସହିତ ଉକ୍ତ କେନାଲ ଉଭୟ ପାଶ୍ୱର୍ରେ ଥିବା ବସ୍ତିବାସିନ୍ଦା ନାହିଁ ନ ଥିବା ହଇରାଣ ହେଉଛନ୍ତି। ଦୁଇଦିନ ହେବ ତାଳଚେର ଅଞ୍ଚଳରେ ହାଲୁକା ବର୍ଷା ଯୋଗୁଁ ଚାଷୀ ଚାଷକାର୍ଯ୍ୟ ପାଇଁ ଅଣ୍ଟା ଭିଡ଼ିଥିଲେ ମଧ୍ୟ ବିଲରେ ପର୍ଯ୍ୟାପ୍ତ ପାଣି ନ ଥିବାରୁ ନିରାଶ ହୋଇଛନ୍ତି। ଅନ୍ୟପଟେ ପୂର୍ବତନ ପାଲଲହଡ଼ା ବିଧାୟକ ହ୍ୟୁମାନ ରାଇଟ କମିଶନଙ୍କ ନିକଟରେ ଏକ ମକଦ୍ଦମା ରୁଜୁ କରିଥିଲେ। ତୁରନ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ଗ୍ରାମାଞ୍ଚଳରେ ବୃକ୍ଷରୋପଣ ସହ ବଡ଼ବଡ଼ ପୋଖରୀ ନିର୍ମାଣ କରିବାକୁ କମିଶନ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଏହାକୁ ଅନୁଧ୍ୟାନ କରି ପୋଖରୀ ସହ ବୃକ୍ଷରୋପଣ କରି ସବୁଜ ବଳୟ ସୃଷ୍ଟିକରି ପୂର୍ବ ଅବସ୍ଥା ଫେରିବା ଆଣିବାକୁ ଦାବି ହୋଇଛି।

# ଅନୁଗୋଳରେ ୭୮ତମ ସିଏ ପ୍ରତିଷ୍ଠା ଦିବସ ପାଳିତ




ଅନୁଗୋଳ,୨।୭(ସମିସ):

ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ)ର ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ଅଧୀନ ଅନୁଗୋଳ ସିପିଇ ଷ୍ଟଡି ଚାପ୍ଟର ପକ୍ଷରୁ ୭୮ତମ ସିଏ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଅନୁଗୋଳ ଚାପ୍ଟରର ଆବାହକ ସୁଶାନ୍ତ କୁମାର ଖଟୁଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ସରକାରଙ୍କ ବ୍ୟବସାୟଭିତ୍ତିକ ବିଭିନ୍ନ ନୀତି ଉପରେ ଆଲୋଚନା କରାଯାଇଥିଲା। ଏହିଦିନ ଦେଶର ଅର୍ଥନୀତି, ବ୍ୟବସାୟ ଏବଂ ଆର୍ଥିକ ଶୃଙ୍ଖଳାକୁ ସୁଦୃଢ଼ କରିବାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ଅବଦାନକୁ ସମ୍ମାନ ପ୍ରଦାନ କରାଯାଏ ବୋଲି ମୁରାରୀଲାଲ ଅଗ୍ରୱାଲ ମତ ରଖିଥିଲେ।

ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସିଏ) କେବଳ ହିସାବରକ୍ଷକ ନୁହେଁ; ସେ ଆର୍ଥିକ ପରାମର୍ଶଦାତା, କର ବିଶେଷଜ୍ଞ, ଅଡିଟର ଏବଂ ସ୍ୱଚ୍ଛ ଓ ଦାୟିତ୍ୱଶୀଳ ଆର୍ଥିକ ପରିଚାଳନାର ମୁଖ୍ୟ ସହଯୋଗୀ। ସେମାନଙ୍କ ସତ୍ୟନିଷ୍ଠା, ଦକ୍ଷତା ଏବଂ ନିଷ୍ଠା ଦେଶର ଆର୍ଥିକ ବିକାଶକୁ ଶକ୍ତିଶାଳୀ କରିବାରେ ସହାୟକ ହୁଏ ବୋଲି ମୁଖ୍ୟ ସଞ୍ଚାଳକ ରାଜେଶ କୁମାର ସରାଫ ମତବ୍ୟକ୍ତ କରିଥିଲେ। ସିଏଙ୍କ ଅବଦାନ ସମାଜ ଓ ଦେଶ ପାଇଁ ସଦା ପ୍ରେରଣାଦାୟକ ବୋଲି ସନ୍ତୋଷ କୁମାର ଦେହୁରୀ ମତବ୍ୟକ୍ତ ରଖିଥିଲେ। ଏହି ଉତ୍ସବରେ ୩୫ ଜଣ ସିଏ ଉପସ୍ଥିତ ଥିଲେ। ଦୀପକ ରଥ ଧନ୍ୟବାଦ ଜ୍ଞାପନ କରିଥିଲେ।

## ରୋଟାରୀ ରୟାଲର ରକ୍ତଦାନ ଶିବିର

# ୫୪ ୟୁନିଟ ରକ୍ତ ସଂଗୃହୀତ

ଅନୁଗୋଳ,୨।୭(ସମିସ): ରୋଟାରୀ କ୍ଲବ ଅନୁଗୋଳ ରୟାଲ ଏବଂ ଆଇଏମ୍ଏ ଅନୁଗୋଳ ଶାଖା ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କ୍ଲବର ନୂତନ ସଭାପତି ରୋଟାରିଆନ ବାଣୀ ଦେବଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମଦନ ମୋହନ ପ୍ରଧାନ ଉଦଘାଟନ କରିଥିଲେ। ବର୍ତ୍ତମାନ ରକ୍ତର ଘୋର ଅଭାବ ଦୃଷ୍ଟିରୁ କ୍ଲବ ତରଫରୁ ଏହି ମହତ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗକୁ ଆହୁରି ଶିବିର କରାଯିବାକୁ ସମ୍ପାଦକ ଡା. ବିଶ୍ୱଜିତ୍ ସାମଲ ଅନୁରୋଧ କରିଥିଲେ। କ୍ଲବ ସଭାପତି ବାଣୀ ଦେବ ଏବଂ ସମ୍ପାଦକ ଡା. ସାମଲ ରକ୍ତଦାନ କରିଥଲେ। କ୍ଲବ ତରଫରୁ ଡା. ରଶ୍ମିତା ଭଞ୍ଜଦେଓ, ଡା. ବିଚ୍ଛନ୍ଦ ପ୍ରଧାନ, ମଧୁସୂଦନ ଶର୍ମା, ଡା. ଶଶାଙ୍କ ଶେଖର ସାହୁ, ରାଜେଶ ସରଲିଆ, ମଧୁ ଗୁପ୍ତା, ନୀହାର ରଞ୍ଜନ ପ୍ରସାଦ, ଡା. ମାଇକେଲ୍ ଜନ, ମୁରାରୀଲାଲ ଅଗ୍ରୱାଲା, ଅମ୍ବିକା ପ୍ରସାଦ ସାହୁ, ଡ. ଦେବାଶିଷ ପ୍ରଧାନ, ଡା. କୁମାର ସୌମ୍ୟକାନ୍ତ ବିଶୋଇ, ଅନିଲ ଗୁପ୍ତା, କୈଳାସ ଅଗ୍ରୱାଲ, ଅଶୋକ ମାଣ୍ଡୋଠିଆ, କହ୍ନେୟା ଚୌଧୁରୀ, ମମତା ଲୋଧା, କିରଣ ଅଗ୍ରୱାଲ, ଆରତୀ ସରଲିଆ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୫୪ ୟୁନିଟ ରକ୍ତ ସଂଗୃହୀତ ହୋଇଛି। କ୍ଲବ ସଦସ୍ୟ ମିଲନ କୁମାର ଅଗ୍ରୱାଲା ଧନ୍ୟବାଦ ଅର୍ପଣ କରିଥିଲେ।



# ଭୁବନେଶ୍ୱର ସିଟି



## ବର୍ଷା ଆଳ | ଗ୍ରାହକଙ୍କୁ ଭୁଆଁ ବୁଲାଉଛନ୍ତି ପରିବା ବେପାରୀ

ଭୁବନେଶ୍ୱର, ୨।୭(ସମିସ): ବର୍ଷା ଯୋଗୁଁ ପରିବା ଦର ବୃଦ୍ଧି ହେଉଛି। ଏପଟେ ପେଟ୍ରୋଲ, ଡିଜେଲ ଦର ବି ବୃଦ୍ଧି ପାଉଥିବାରୁ ଟ୍ରାନ୍ସପୋର୍ଟ ବାବଦକୁ ଅଧିକ ଖର୍ଚ୍ଚ ହେଉଛି। ଯେତିକି ଦର ଦେଇ ପରିବା କିଣା ହେଉଛି ଦି'ପଇସା ଲାଭ ନରଖିଲେ ଖୁଚୁରା ବ୍ୟବସାୟୀଙ୍କ ଲାଭ କ'ଣ? ଏଭଳି ଅନେକ ଆଳ ଦେଖାଇ ଗ୍ରାହକଙ୍କୁ ଲୁଟୁଛନ୍ତି ଉଠା ବ୍ୟବସାୟୀ। ୟୁନିଟ୍-୧ ପରିବା ହାଟରେ ବାଇଗଣ କିଲୋ

**■ ମନଇଚ୍ଛା ବଢ଼ାଉଛନ୍ତି ପରିବା ଦର**

**■ ୧ନମ୍ବର ହାଟରେ ଯାହାକୁ ଯେତେ**

ପିଛା ୨୦ଟଙ୍କାରେ ବିକ୍ରି ହେଉଥିବା ବେଳେ ସହରର ଅନ୍ୟ ସ୍ଥାନରେ ଖୁଚୁରା ବ୍ୟବସାୟୀମାନେ ୬୦ଟଙ୍କାରେ ବିକ୍ରି କରୁଛନ୍ତି। କିଲୋପିଛା ୪୦ଟଙ୍କା ବର୍ଦ୍ଧିତ ଦରରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଅଧିକାଂଶ ପରିବା ଦର ୬୦ ତଳକୁ ଖସୁନଥିବା ବେଳେ କିଣା ଦର କିଲୋ ପିଛା ୬୦ରୁ ୬୫ ଟଙ୍କା ପଡୁଥିବା କହୁଛନ୍ତି ଖୁଚୁରା ବ୍ୟବସାୟୀ। ଫଳରେ ଗ୍ରାହକମାନେ କିଲୋ ଜାଗାରେ ଅଧାକିଲୋ କିମ୍ବା ୨୫୦ ଗ୍ରାମ ନେଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ଚଳିତ ସପ୍ତାହରେ ପ୍ରାୟ ୩ଦିନ ହେବ ବର୍ଷା ଲାଗି ରହିଛି। ସକାଳୁ ଉଠୁଉଠୁ ବର୍ଷାରେ ପରିବା କିଣିବାକୁ ଗଲାବେଳେକୁ ଦର ଶୁଣି ଗ୍ରାହକ ହେଉଛନ୍ତି କାବା। ସପ୍ତାହ ତଳେ ଆଳୁ ଦର କିଲୋ ପିଛା ୨୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଆଜି ସକାଳେ କେଉଁଠି ୨୫ଟଙ୍କା ତ କେଉଁଠି ୩୦ ଟଙ୍କାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ସେହିପରି ପିଆଜ କିଲୋ ୩୦ରୁ ୪୦ଟଙ୍କାରେ ପହଞ୍ଚିଥିବା ବେଳେ ଅଦା କିଲୋ ୩ଶହରୁ ୩୨୦ଟଙ୍କା, ରସୁଣ କିଲୋ ମଧ୍ୟ ୨ଶହ ଟଙ୍କା ଟପିଥିବା ଦେଖିବାକୁ ମିଳିଛି। ସେହିପରି ଯେଉଁ ପରିବା ଛୁଇଁଲେ ତାହାର ଦାମ୍ ୬୦ ଟଙ୍କା ତଳକୁ ନାହିଁ। ଭେଣ୍ଡି କିଲୋ ୬୦, କଖାରୁ ୪୦, କ୍ୟାପସିକମ୍ ୧୨୦, ଗାଜର ୬୦, ବିନସ୍ ୧୪୦, କାକୁଡ଼ି ୬୦, ଜହ୍ନି ୬୦, କାଙ୍କଡ଼ ୬୦, ବାଇଗଣ ୬୦, ଧଣିଆ ବିଡ଼ା ୪୦, ପୁଦିନା ବିଡ଼ା ୪୦ ଟଙ୍କାରେ ପହଞ୍ଚିଛି। ସେହିପରି କୋଶିଳା, କଳମ, ଖଡ଼ା, ଲେଉଟିଆ ଆଦି ଶାଗର ଦର ମଧ୍ୟ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଏନେଇ ୟୁନିଟ୍-୧ କଞ୍ଚା ପରିବା ସଂଘର ସମ୍ପାଦକ କବିରାଜ ସ୍ୱାଇଁ କହିଛନ୍ତି, ପରିବା ଦରରେ କୌଣସି ବୃଦ୍ଧି ଘଟିନାହିଁ। ୧ନମ୍ବର ହାଟରେ ଅଧିକାଂଶ ପରିବା କିଲୋ୨୦ରୁ ୩୦ ଟଙ୍କାରେ ଯାହାକୁ ଯେତେ। କିନ୍ତୁ କିଛି ଖୁଚୁରା ବ୍ୟବସାୟୀମାନେ ଲାଭବାନ ହେବାକୁ ମନଇଚ୍ଛା ଦର ବୃଦ୍ଧି କରୁଛନ୍ତି। ତେବେ ଆଳୁ, ପିଆଜ, ରସୁଣ, ଅଦା ଦର ସମ୍ୟକ୍ ବୃଦ୍ଧି ଘଟିଛି। କାରଣ କିଛିଦିନ ପରେ ନୂଆ ଆଳୁ ପିଆଜ ବାହାରିବ। ଇନ୍ଦୋରରେ ମଧ୍ୟ ପିଆଜ ସରିଆସିଲାଣି। ଏହାସହ ଅଦା, ରସୁଣ ରାଜସ୍ଥାନ ଓ ମଧ୍ୟପ୍ରଦେଶରୁ ଆମଦାନୀ ହେଉଥିବା ବେଳେ ସେଠାରେ ଦର ବୃଦ୍ଧି ପାଇଥିବାରୁ ଏପଟେ ବୃଦ୍ଧି ପାଇଛି। ତେବେ ୧ନମ୍ବର ହାଟରେ ଆଳୁର ବର୍ଦ୍ଧିତ ଦର କିଲୋ ପିଛା ସର୍ବାଧିକ ୭ଟଙ୍କା ରୁ ଅଧିକ ବୃଦ୍ଧି ନକରିବାକୁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ତ୍ରିକୋଣୀୟ ପ୍ରେମ ସମ୍ପର୍କକୁ ନେଇ ବୁଲିଲା ଖଣ୍ଡା

ଭୁବନେଶ୍ୱର, ୨।୭ (ସମିସ): ତ୍ରିକୋଣୀୟ ପ୍ରେମ ସମ୍ପର୍କକୁ ନେଇ ରାଜଧାନୀରେ ପୁଣି ବୁଲିଲା ଖଣ୍ଡା। ଚନ୍ଦ୍ରଶେଖରପୁର ଥାନା ନିଳାଦ୍ରୀବିହାର ବୁଦ୍ଧପାର୍କରେ ନିକଟରେ ଦିନ ଦିପହରେ ଦୁଇ ଗୋଷ୍ଠୀର କିଛି ଯୁବକ ଖଣ୍ଡା, ତଲୱାର ସମେତ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ବୁଲାଇଛନ୍ତି। ଯାହା ଦୃଶ୍ୟ ସିସିଟିଭିରେ କଏଦ ହୋଇଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକେ ଆତଙ୍କିତ ଥିଲା ବେଳେ ପୁଲିସ ସିସିଟିଭି ଫୁଟେଜ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

ପୁଲିସ ସୂଚନା ମୁତାବକ, ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ଦୁଇ ଯୁବକ ପ୍ରେମ କରୁଥିଲେ। ଏହାକୁ ନେଇ ପ୍ରତ୍ୟେକ ଯୁବକ ନିଜ ସହଯୋଗୀଙ୍କ ସହ ମିଶି ଅନ୍ୟ ଗୋଷ୍ଠୀକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ତେବେ ଗୋଟିଏ ଗୋଷ୍ଠୀର ଜଣେ ଯୁବକକୁ ଧମକ ଚମକ ଦେବା ପରେ ଅନ୍ୟ ଏକ ଗୋଷ୍ଠୀର ଯୁବକମାନେ ଉତ୍ତ୍ୟକ୍ତ ହୋଇ ଉଠିଥିଲେ। ଶେଷରେ ମାରଣାଅସ୍ତ୍ର ପ୍ରଦର୍ଶନ କରି ନିଜ ଶକ୍ତି ପ୍ରଦର୍ଶନ କରିଥିଲେ।

## କାର୍ ବିକିବାକୁ ନେଇ ଡାକ୍ତରାଣୀଙ୍କୁ ଚୂନ



ଭୁବନେଶ୍ୱର, ୨।୭ (ସମିସ): କାର୍ ବିକ୍ରି ଆଳରେ ଡାକ୍ତରାଣୀଙ୍କୁ ଠକିଥିବା ଧୂର୍ତ୍ତକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଚକେଇସିଆଣୀର ସୌମ୍ୟରଞ୍ଜନ ମହାପାତ୍ର (୩୬)।

ପୁଲିସ ସୂଚନାନୁସାରେ, ଡାକ୍ତରାଣୀ ପ୍ରସ୍ମିତା ତେଜସ୍ୱିନୀ ତାଙ୍କ କାର ବିକ୍ରି କରିବା ପାଇଁ ଅଭିଯୁକ୍ତ ସୌମ୍ୟ ସହ ଯୋଗାଯୋଗ କରିଥିଲେ। ସେ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିଦେବ ବୋଲି ପ୍ରତିଶ୍ରୁତି ଦେବାରୁ ପ୍ରସ୍ମିତା ଗାଡ଼ିଟି ତାଙ୍କ ଜିମାରେ ଦେଇଥିଲେ। କିନ୍ତୁ ସୌମ୍ୟ ଗାଡ଼ିଟିକୁ ବିକ୍ରି ନକରି ନିଜ ବ୍ୟକ୍ତିଗତ କାମରେ ବ୍ୟବହାର କରୁଥିବା ବେଳେ ଏକ ସଡ଼କ ଦୁର୍ଘଟଣାରେ ଗାଡ଼ିଟି କ୍ଷତିଗ୍ରସ୍ତ ହୋଇଥିଲା। ପରେ ପ୍ରସ୍ମିତାଙ୍କୁ କିଛି ନଜଣାଇ ଗାଡ଼ିଟିକୁ ଇନ୍ସ୍ୟୁରାନ୍ସ କ୍ଲେମ୍ ମାଧ୍ୟମରେ ମରାମତି କରିବା ପାଇଁ ଗ୍ୟାଲାକ୍ସି ଅଟୋମୋବାଇଲ ଗ୍ୟାରେଜକୁ ପଠାଇଦେଇଥିଲେ। ଗାଡ଼ିର ମାଲିକାନା ପରିବର୍ତ୍ତନ କରିବାକୁ ଓଟିପି ଆବଶ୍ୟକ ବୋଲି ମିଛ କହି ପ୍ରସ୍ମିତାଙ୍କ ମୋବାଇଲକୁ ଆସିଥିବା ଓଟିପି ନେଇଥିଲା। ତେବେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ଗ୍ୟାରେଜରେ ମରାମତି ହେଉଥିବା ପ୍ରସ୍ମିତା ଜାଣିବାକୁ ପାଇଥିଲେ। ସୌମ୍ୟ ପଚାରିବାରୁ ସେ ସଠିକ୍ ତଥ୍ୟ ଦେବା ପରିବର୍ତ୍ତେ ଫୋନ୍ ବନ୍ଦ କରି ଫେରାର ହୋଇ ଯାଇଥିଲା। ଏନେଇ ପ୍ରସ୍ମିତା ମଞ୍ଚେଶ୍ୱର ଥାନାରେ ଏତଲା ଦେବାପରେ ପୁଲିସ ଗ୍ୟାରେଜରୁ କାର୍‌ଟିକୁ ଜବତ କରାଯାଇଥିଲା। ଗୁରୁବାର ସୌମ୍ୟକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ଏପରି ଅନେକ ଲୋକଙ୍କୁ ଠକିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି।

## ଧଉଳି ଥାନା ପକ୍ଷରୁ ନିଶାମୁକ୍ତ ଅଭିଯାନ



ଧଉଳି, ୨।୭(ସମିସ): ଯୁବଶକ୍ତି ହେଉଛି ସମସ୍ତ ଜାତିର ଶକ୍ତି ଓ ସମ୍ପଦ। ଯୁବକମାନେ ସୁସ୍ଥ ସମାଜ ଓ ଦେଶ ବିକାଶର ପ୍ରମୁଖ ସାରଥୀ। ତେଣୁ ଯୁବକଯୁବତୀ ମାନେ ନିଶାମୁକ୍ତ ଭାରତ ଅଭିଯାନ ସାମିଲ ହେବା ଅତ୍ୟାବଶ୍ୟକ। ଦେଶର ଏହି ଆହ୍ୱାନକୁ ସ୍ୱାଗତ ଜଣାଇ ଧଉଳି ଥାନା ପକ୍ଷରୁ 'ନିଶାମୁକ୍ତ ଭାରତ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସ୍ମୃତି ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ସମାଜ, ପରିବାର ଓ ବନ୍ଧୁମାନଙ୍କୁ ନୁହେଁ ନିଜକୁ ମଧ୍ୟ ନିଶାମୁକ୍ତ ରଖିବାପାଇଁ ଶତଚେଷ୍ଟା କରିବା। ଏବଂ ପରିବର୍ତ୍ତନ ନିଜ ଠାରୁ ଆରମ୍ଭ କଲେ ହିଁ ନିଶାମୁକ୍ତ ସମାଜର ସୁଧାର ଆସିବ ବୋଲି ଥାନା ଅଧିକାରୀ ଉପସ୍ଥିତ ଯୁବସମାଜକୁ କହିଥିଲେ। ନିଶାମୁକ୍ତ ସମାଜ ଗଠନ ନିମନ୍ତେ ସମସ୍ତେ ଶପଥ ନେଇଥିଲେ। ଏଥିରେ ଥାନା ଏସ. ଆଇ ମନ୍ମଥ ବେହେରା, ପ୍ରବୀର କୁମାର ଲେଙ୍କା, ବିଭୁ ନାରାୟଣ ସାହୁ, ଜ୍ୟୋତ୍ସ୍ନା ପଟ୍ଟନାୟକ ସମେତ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

## ବୁଢ଼ି ମୋ ପୋଷେ କୁଟୁମ୍ବ



## ସୋଆ ଆଇବିସିଏସ୍ ପକ୍ଷରୁ 'ଏଆଇ-ସକ୍ଷମ ଶିଳ୍ପ ୫.୦ ମ୍ୟାନେଜମେଣ୍ଟ'

ଭୁବନେଶ୍ୱର, ୨।୭(ସମିସ): ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଫ୍ୟାକଲ୍ଟି ଅଫ୍ ବିଜ୍‌ନେସ୍ ଆଣ୍ଡ କମ୍ପ୍ୟୁଟର ସାଇନସେସ୍(ଆଇବିସିଏସ୍) ପକ୍ଷରୁ ଶିକ୍ଷାଦାନ କ୍ଷେତ୍ରରେ ଉତ୍କର୍ଷତା, ଗବେଷଣା କ୍ଷମତା ଏବଂ ଶୈକ୍ଷିକ ନେତୃତ୍ୱକୁ ପୁନଃ




ପରିଭାଷିତ କରିବା ଉପରେ ଏକ ୫ ଦିନିଆ ଫ୍ୟାକଲ୍ଟି ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। 'ଏଆଇ-ଏନାବଲଡ୍ ଇଣ୍ଡଷ୍ଟ୍ରି ୫.୦ ମ୍ୟାନେଜମେଣ୍ଟ ଏଜୁକେସନ: ରିଡିଫାଇନିଙ୍ଗ୍ ଟିଚିଙ୍ଗ୍ ଏକ୍ସିଲେନସ୍, ରିସର୍ଚ୍ଚ କ୍ୟାପାବିଲିଟି ଆଣ୍ଡ ଏକାଡେମିକ ଲିଡରସିପ୍' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ସୋଆ ଉପକୁଳପତି ପ୍ରଫେସର ପି. କେ. ପାତ୍ର, ଟିସିଏସ୍‌ର ଗ୍ରୋଥ୍ ମାର୍କେଟ୍-କ୍ଲାଉଡ୍ ଇନଫ୍ରାଷ୍ଟଚର ୟୁନିଟ୍‌ର ଆପ୍ଲିକେସନ୍ ମଡର୍ଣ୍ଣାଇଜେସନ୍ ଆଣ୍ଡ ଡିଜିଟାଲ୍ ଟ୍ରାନ୍ସଫର୍ମେଶନ୍ ଡେଲିଭରି ହେଡ୍ ଡ. ଶ୍ରୀକାନ୍ତ କୁମାର ମହାପାତ୍ର, ସୋଆ ଆଇବିସିଏସ୍‌ର ଡିନ୍ ପ୍ରଫେସର ଡ. ଅୟଶକାନ୍ତ ମହାନ୍ତି, ଆସୋସିଏଟ୍ ଡିନ୍ ପ୍ରଫେସର ଡ. ମନୋରଞ୍ଜନ ଦାଶ, ପ୍ରଫେସର ଡ. ବନ୍ଦନା ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କୃତ୍ରିମ ବୁଦ୍ଧିମତା ଉପରେ ଶିଳ୍ପ ୫.୦, ଡିଜିଟାଲ୍ ପରିବର୍ତ୍ତନ, ଏଆଇ ବ୍ୟବହାର ଦ୍ୱାରା ଶିକ୍ଷାଦାନ, ଗବେଷଣା, ଏଚ୍‌ଆର ଆନାଲିଟିକ୍ସ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ହୋଇଥିବା ମ୍ୟାନେଜମେଣ୍ଟ ଶିକ୍ଷା ଉପରେ ଅତିଥି ମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଆଇବିସିଏସ୍‌ର ପ୍ରଫେସର ଡ. ବନ୍ଦନା ନାୟକ ଏବଂ ଡ. ଅମରେଶ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ।

## ଅଗଷ୍ଟ ୧୬ରେ ଇଷ୍ଟକୋଷ୍ଟ ରେଲୱେ ପୋର୍ଟର୍ସ ୟୁନିୟନ୍ କେନ୍ଦ୍ରୀୟ ସମ୍ମିଳନୀ

ଭୁବନେଶ୍ୱର, ୨।୭(ସମିସ): ଇଷ୍ଟକୋଷ୍ଟ ରେଲୱେ ପୋର୍ଟର୍ସ୍ ୟୁନିୟନ୍‌ର କେନ୍ଦ୍ର କମିଟି ବୈଠକ ଗୁରୁବାର ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟରେ ସଂଘର କାର୍ଯ୍ୟକାରୀ କମିଟି ସଭାପତି ସୁରଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ଯୋଗଦେଇ ବିଜେପି ସରକାର ଶ୍ରମିକ ସ୍ୱାର୍ଥ ବିରୋଧରେ ଯାଇ ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ସମେତ ଶ୍ରମିକଙ୍କ ଅଧିକାର ହ୍ରାସ ପ୍ରତି ଉଦ୍‌ବେଗ ପ୍ରକାଶ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଶିବ ବେହେରା ବିବରଣୀ ଉପସ୍ଥାପନ କରିଥିଲେ। ଆସନ୍ତା ଅଗଷ୍ଟ ମାସ ୧୬ ତାରିଖରେ କଟକଠାରେ କେନ୍ଦ୍ରୀୟ ସମ୍ମିଳନୀ ସଂଗଠିତ କରିବାକୁ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବୈଠକରେ ଏନ୍ ସୁବାସ ପାତ୍ର, ପଞ୍ଚାନନ ସାହୁ, ଉମାକାନ୍ତ ବେହେରା, ଆଦି ନାରାୟଣ ରେଡ୍ଡୀ, ବ୍ରଜମୋହନ ପ୍ରଧାନ, ସୁଶାନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ଡ. ଆଶିଷ ରାଉତରାୟ



ଭୁବନେଶ୍ୱର, ୨।୭(ସମିସ): ଜଗତସିଂହପୁର ଜିଲ୍ଲାର ପ୍ରଖ୍ୟାତ ପାଣିପାଗ ବୈଜ୍ଞାନିକ ଡ଼. ଆଶିଷ ରାଉତରାୟଙ୍କୁ ଏସ୍‌ସିଆଇ ର୍‌ୟାଙ୍କ୍ ଗ୍ଲୋବାଲ୍ ରେଜିଷ୍ଟ୍ରୀ ୨୦୨୫ରେ ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ସ୍ଥାନ ମିଳିଛି। ସେ ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ମଧ୍ୟ ଅବଧି ପାଣିପାଗ ପୂର୍ବାନୁମାନ କେନ୍ଦ୍ରର ବୈଜ୍ଞାନିକ ଭାବେ କାର୍ଯ୍ୟରତ ଅଛନ୍ତି। ସଂଖ୍ୟାକ ପାଣିପାଗ ପୂର୍ବାନୁମାନ, ଘୂର୍ଣ୍ଣିଝଡ଼ ଓ ଭୟାବହ ପାଣିପାଗ ପୂର୍ବାନୁମାନ କ୍ଷେତ୍ରରେ ଡ଼. ରାଉତରାୟଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ସେ ୧୦୦ରୁ ଅଧିକ ଗବେଷଣା ପ୍ରବନ୍ଧ ପ୍ରକାଶ କରିବା ସହ ଭାରତର ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥାକୁ ଅଧିକ ସଠିକ୍ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। ଓଡ଼ିଶା ଜଗତସିଂହପୁରର ମୂଳ ବାସିନ୍ଦା ଡ଼. ରାଉତରାୟ ଓଡ଼ିଶାରେ ସ୍କୁଲ ଶିକ୍ଷା ପରେ ପରବର୍ତ୍ତୀ ସମୟରେ ଦିଲ୍ଲୀରୁ ପିଏଚ୍‌ଡି ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ଓଡ଼ିଶା ଏବଂ ଭାରତ ପାଇଁ ଗର୍ବର ବିଷୟ।

## କେଏଲଏଫ ବୁକ୍ ଆୱାର୍ଡସ୍ ପାଇଁ ଇଂରାଜୀ ସର୍ଟଲିଷ୍ଟ ଘୋଷିତ

ଭୁବନେଶ୍ୱର, ୨।୭ (ସମିସ): କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ ପକ୍ଷରୁ ୫ଟି ବର୍ଗ- ଫିକ୍ସନ, ନନ୍ ଫିକ୍ସନ, କବିତା, ଅନୁବାଦ ଓ ଡେବ୍ୟୁରେ କେଏଲଏଫ ବୁକ ଆୱାର୍ଡସ୍ ପାଇଁ ଇଂରାଜୀ ସର୍ଟଲିଷ୍ଟ ବା ମନୋନିତ ତାଲିକାର ଘୋଷଣା କରାଯାଇଛି। ଅରୁନ୍ଧତୀ ରୟ, ଜିତ ଥ୍ୟାୟିଲ, ରୁଚିର ଯୋଶି, ବାନୁ ରଫିକ, ସୌମିୟ ଅଶୋକ, ସାମ ଡାଲ୍‌ରିମ୍ପଲ, ମଣି ରାଓ, ଜେନିଫର ରବର୍ଟସନ ଓ ଦୀପା ଭାସ୍ଥିଙ୍କ ଭଳି ପ୍ରତିଷ୍ଠିତ ଲେଖକମାନଙ୍କ ପୁସ୍ତକଗୁଡିକୁ କଳିଙ୍ଗ ସାହିତ୍ୟ ମହୋତ୍ସବ ପୁସ୍ତକ ସମ୍ମାନ ପାଇଁ ସର୍ଟଲିଷ୍ଟ କରାଯାଇଛି। ବିଜେତାଙ୍କ ନାମ ଆସନ୍ତା ସେପ୍ଟେମ୍ବର ମାସରେ ଘୋଷଣା କରାଯିବ। ଆସନ୍ତା ଅକ୍ଟୋବର ୩ ଓ ୪ ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ ଅନୁଷ୍ଠିତ ହେବାକୁ ଥିବା କେଏଲଏଫ ଇନ୍ଦ୍ରପ୍ରସ୍ଥର ଉଦ୍‌ଘାଟନୀ ସମ୍ମିଳନୀରେ ବିଜେତାଙ୍କୁ ସମ୍ମାନିତ କରାଯିବ। ଏସମ୍ପର୍କରେ କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ରଶ୍ମୀ ରଞ୍ଜନ ପରିଡ଼ା କହିଛନ୍ତି କେଏଲଏଫ ବୁକ୍ ଆୱାର୍ଡସ୍ ପରମ୍ପରାକୁ ଆହ୍ୱାନ ଦେଉଥିବା ସ୍ମୃତିକୁ ସଂରକ୍ଷିତ ରଖିଥିବା ଓ ଆଲୋଚନାର ନୂତନ ସମ୍ଭାବନାକୁ ଉନ୍ମୁକ୍ତ କରୁଥିବା ପୁସ୍ତକଗୁଡିକୁ ସ୍ୱୀକୃତି ପ୍ରଦାନ କରିଥାଏ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାଲିଅନ୍ତା, ୨।୭(ସମିସ): ରାଜଧାନୀ ଉପକଣ୍ଠ ପୁରୋହିତପୁର ଗ୍ରାମପଞ୍ଚାୟତ ଅଧୀନ ଝିଣ୍ଟିଶାସନ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ନବାଗତ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତ୍ ପ୍ରଭା ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ପୁରୋହିତପୁର ସରପଞ୍ଚ ଭଗବାନ ବେହେରା ଝିଣ୍ଟିସାଶନ ପଞ୍ଚାୟତ ସରପଞ୍ଚ ଅଜିତ୍ କୁମାର ପାତ୍ର, ମୋ ସ୍କୁଲ ସଭାପତି ଜନ୍ମେଜୟ ସ୍ୱାଇଁ, ମୋ ସ୍କୁଲ ଆଡପଟର ବିଜୟ କୁମାର ନାୟକ, ପୂର୍ବତନ ସରପଞ୍ଚ ରବିନାରାୟଣ ପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ପଞ୍ଚାନନ ସାହୁ ଏସ ଏମସି ସଦସ୍ୟ ସୁରେନ୍ଦ୍ର ନାୟକ, କାର୍ତ୍ତିକ ସ୍ୱାଇଁ, ଅନ୍ୟାନ୍ୟ ଏସ ଏମ ସି ସଦସ୍ୟ, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସଞ୍ଚା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

## ନାହାନ୍ତି ଶ୍ରୀଲିଙ୍ଗରାଜଙ୍କ କାର୍ଯ୍ୟାଧିକାରୀ

ଧଉଳି, ୨।୭(ସମିସ): ଶ୍ରୀଲିଙ୍ଗରାଜଙ୍କ ଯେଉଁ କାର୍ଯ୍ୟାଳୟ ଅଛି, ସେଥିରେ ଦୀର୍ଘ ବର୍ଷ ଧରି କାର୍ଯ୍ୟାଧିକାରୀ ନାହାନ୍ତି। ତେଣୁ ମନ୍ଦିରର କୌଣସି ସମସ୍ୟା ସୃଷ୍ଟି ହେଲେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଠାକୁର। ଲିଙ୍ଗରାଜ ମହାପ୍ରଭୁ ଉପବାସରେ ରହୁଛନ୍ତି।

ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଯେଉଁ ପୋଲିସମାନେ ଅଛନ୍ତି,




ସେମାନେ ସୁରକ୍ଷିତ ନୁହଁନ୍ତି। ସେମାନଙ୍କର ସ୍ୱତନ୍ତ୍ର ଅଫିସ୍ ଗୃହ ନଥିବାରୁ ବର୍ଷା, ଖରା, କାକର, ମଶା ଡାଉଁଶ ଇତ୍ୟାଦିରେ ଦିନ ବିତାଉଛନ୍ତି। ମହାପ୍ରଭୁଙ୍କର ସୂଚନା କେନ୍ଦ୍ର ନଥିବାରୁ ଭକ୍ତମାନେ କୌଣସି ନୀତି ନିୟମ ଜାଣିବାର ସୁଯୋଗ ପାଉନାହାନ୍ତି। ଲୋକଙ୍କ ମନରେ ଭକ୍ତିଭାବ ଜାଗ୍ରତ କରାଉଥିବା ଜଣାଣ ଭଜନ ଦୀର୍ଘ ଦିନ ଧରି ମନ୍ଦିରରେ ଆଉ ବାଜୁ ନାହିଁ। ଅନେକ ମନ୍ଦିରରୁ ପାଣି ଗଳୁଛି।ରୋଷଘର ପାଖରେ ଥିବା ନୃସିଂହଙ୍କ ମନ୍ଦିରରେ ଯେଉଁ ଟିଣ ଛପର ଥିଲା ସେଥିରୁ ପାଣି ଗଳୁଛି।ଆସନ୍ତା ଅଗଷ୍ଟ ୩ ତାରିଖରୁ ବୋଲବମ୍ କାର୍ଯ୍ୟ ଆରମ୍ଭ।ଭଜନ ମଣ୍ଡପ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା କାଉଡ଼ିଆ ସେଥିରେ ବିଶ୍ରାମ ନେଉଥିଲେ। ବର୍ତ୍ତମାନ ମନ୍ଦିର ପାଖରେ ସେପରି ସ୍ଥାୟୀ ବିଶ୍ରାମ ଗୃହ ନାହିଁ। ଲିଙ୍ଗରାଜ ମନ୍ଦିରରେ ଥିବା ୪୨ ଗୋଟି ସି ସି କ୍ୟାମେରା ରୁ ୩୨ ଟି ଅଚଳ।ରୋଷଘର ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରାଗଲା ନାହିଁ। ଲିଙ୍ଗରାଜ ମନ୍ଦିର ଚଟାଣରେ ଯେଉଁ ଧଳା ରଙ୍ଗ ଦିଆଯାଇଥିଲା, ବର୍ତ୍ତମାନ ବର୍ଷା ଦ୍ୱାରା ଗୋଡ ଖସି ଭକ୍ତ ପଡ଼ୁଛନ୍ତି।

ଲିଙ୍ଗରାଜ ମହାପ୍ରଭୁଙ୍କ ସମସ୍ୟାର ସମାଧାନ ନିମନ୍ତେ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର ଥରକୁ ଥର ଅବଗତ କରାଇଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ କରାଯାଇନାହିଁ।ସେଥି ନିମନ୍ତେ ମନ୍ଦିର କାର୍ଯ୍ୟାଳୟ ଏବଂ ହିନ୍ଦୁ ଦେବୋତ୍ତର ବିଭାଗର ସହକାରୀ ହିନ୍ଦୁ ଦେବୋତ୍ତର ଅଧିକାରୀଙ୍କ ସହିତ ଶ୍ରୀ ମିଶ୍ର ଓ ଅଶୋକ କୁମାର ମହାରଣା, ଗିରିଜା ଶଙ୍କର ମହାପାତ୍ର, ପ୍ରଦୀପ କୁମାର ରାୟ, ହୃଷୀକେଶ ବେହେରା, ସୌଦାମିନୀ ସାମଲ, ବିପିନି ବିହାରୀ ରାଉତରାୟ, ସତ୍ୟନାରାୟଣ ମିଶ୍ର ତଥା ଉଲ୍ଲାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଆଲୋଚନା କରିଥିଲେ। ସହକାରୀ ହିନ୍ଦୁ ଦେବୋତ୍ତର କମିଶନର ଏହାର ସମାଧାନ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ।

## ପଟିଆ ଷ୍ଟେସନ ରାସ୍ତାରେ ମାଳମାଳ ଖାଲଖମା

ନନ୍ଦନକାନନ, ୨।୭(ସମିସ): ପଟିଆ ଷ୍ଟେସନ ରୋଡରେ ଗଣି ହେଉନି ଏତେ ଗର୍ତ୍ତ ଏତେ ଖାଲ। ଯାହା ପାଇଁ ଦୈନନ୍ଦିନ ଏହି ରାସ୍ତାରେ ବହୁ ଦୁର୍ଘଟଣା ଘଟୁଛି। ଲୋକେ ପଡ଼ି ଗୁରୁତର ଖଣ୍ଡିଆଖାବରା ହେବା ସହ ଶରୀର ମୁଣ୍ଡ, ଛାତିରେ ଗୁରୁତର ଆଘାତ ହେଉଥିବା ବେଳେ ହାତଗୋଡ ଭାଙ୍ଗୁଛି। ମୁହଁ ଦେହ ଆଞ୍ଚୁଡ଼ି ହୋଇ ଛିଣ୍ଡିଛାଣ୍ଡି ଯାଉଛି। ବହୁଦିନ ହେବ ଏହି ରାସ୍ତାରେ ଖାଲଖମା ଗୁଡିକ ହୋଇଥିଲା ବେଳେ ଏଥିପ୍ରତି ପ୍ରଶାସନର ଦାୟିତ୍ୱହୀନତା ପାଇଁ ଜନସାଧାରଣରେ ଅସନ୍ତୋଷ ଆକ୍ରୋଶ ବଢ଼ୁଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱରର ପଟିଆ ଷ୍ଟେସନ ରାସ୍ତା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଜୀବିକାର ସଂଯୋଗ କରୁଥିବା ଏକ ମୁଖ୍ୟରାସ୍ତା ପାଲଟିଛି। ତେବେ ଏହି ରାସ୍ତା ପାଇଁ ପ୍ରଶାସନର ବେପରୁଆ ମନଭାବ ଯୋଗୁଁ ଏହା ଏବେ ଖାଲଖମାରେ ପରିଣତ ହୋଇଗଲାଣି। ରାସ୍ତାରେ ପିଚୁ ଖୋଲି ହୋଇ ବାଇଗଣ କିଆରୀ ମାଲ ସିଆର ଭଳି ହୋଇଗଲାଣି। ଚିପ୍ସ ଗୋଡ଼ି ରାସ୍ତା ସାରା ବିଛାଡି ହୋଇ ପଡ଼ି ରହୁଛି। ଖାଲଖମା ତ ଏତେ ହେଇଗଲାଣି ଯେ ଗଣିଲେ ଗଣି ହେଉନି। ସେଥିରେ ପୁଣି ଏହି



ବର୍ଷା ଦିନରେ ପାଣି ଜମିବାରୁ ରାସ୍ତାରେ ଖାଲ ଗୁଡିକ ଦେଖା ନ ଯିବାରୁ ଲୋକେ ଗଲାବେଳେ ଖାଲରେ ଗାଡି ଚକ ପଡ଼ି ବହୁ ଦୁର୍ଘଟଣାର ଶିକାର ହେଉଛନ୍ତି। ଦୁଇ ପାର୍ଶ୍ୱରେ ପଡ଼ିଥିବା ପେଭର ବ୍ଲକ ତାଡିହୋଇ ରାସ୍ତାକୁ ଆହୁରି ବିପଦ ସଂକୁଳ କରିଛି। ଡ୍ରେନ ଉପରେ ପଡ଼ିଥିବା ଟାଇଲ ଗୁଡା ଭାଙ୍ଗିରୁଜି କୁଆଡେ ହଜିଗଲାଣି। ଲୋକେ ତା ଉପରେ ଚାଲି ଗଲା ବେଳେ ଝୁଣ୍ଟି ପଡୁଛନ୍ତି। ଏହାର ତୁରନ୍ତ ପ୍ରତିକାର କରିବାକୁ ଜନପ୍ରତିନିଧି ଓ ପ୍ରଶାସନକୁ ଜନସାଧାରଣ ଦାବି ଜଣାଇଛନ୍ତି।



# ଭୁବନେଶ୍ୱର ସିଟି

## ନିରବ ଦ୍ରଷ୍ଟା ବିଏମ୍‌ସି
# କଳିଙ୍ଗନଗର କେ-୪ରେ ଷ୍ଟ୍ରିଟ୍‌ଲାଇଟ୍ ଅଚଳ

ଭୁବନେଶ୍ୱର, ୨।୭(ସମିସ): ରାଜଧାନୀର ୨୩ ନମ୍ବର ୱାର୍ଡ ଅନ୍ତର୍ଗତ କଳିଙ୍ଗନଗର କେ୪ ଅଞ୍ଚଳରେ ଗତ ୭ ଦିନ ଧରି ଷ୍ଟ୍ରିଟ୍ ଲାଇଟ୍ ଅଚଳ ରହିଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ନୀଳକଣ୍ଠେଶ୍ୱର ମନ୍ଦିରଠାରୁ ଆମ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ସମସ୍ତ ଷ୍ଟ୍ରିଟ୍ ଲାଇଟ୍ ବନ୍ଦ ରହିଥିବାବେଳେ କଲୋନୀ ଭିତରେ ପ୍ରାୟ ୨୦ଟି ଷ୍ଟ୍ରିଟ୍ ଲାଇଟ୍ ମଧ୍ୟ ଜଳୁନାହିଁ। ଫଳରେ ସନ୍ଧ୍ୟା ପରେ ସମଗ୍ର ଅଞ୍ଚଳ ଅନ୍ଧାରରେ ବୁଡ଼ି ରହୁଛି।

ଏହି ଅଞ୍ଚରେ ପ୍ରାୟ ୫ ହଜାର ଲୋକ ବସବାସ କରୁଛନ୍ତି। ଏଥିସହିତ ଏହି ଅଞ୍ଚଳର ରାସ୍ତା ସମ୍ ହସ୍ପିଟାଲକୁ ସଂଯୋଗ ରହିଛି। ଅନେକ ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ ହୋଇଥିବାରୁ ଲାଇଟ୍ ଅଚଳ ହେବା ଦ୍ୱାରା ରାତି ହେଲେ ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଶେଷ କରି ଗାଡ଼ି ଆଗକୁ ଗାଇ ଓ କୁକୁର ଆସିଯିବାରୁ ଅଧିକାଂଶ ଲୋକ ବଡ଼ ବଡ଼ ଦୁର୍ଘଟଣାକୁ ସାମ୍ନା କରୁଛନ୍ତି।

ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ ଅନ୍ଧାର ଯୋଗୁଁ ଚୋରି, ଲୁଟ୍ ଓ ଅସାମାଜିକ ବ୍ୟକ୍ତିଙ୍କ ଆତଙ୍କ ବଢୁଛି। ଏଥିସହିତ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଏନେଇ ବିଏମସିର ଦାୟିତ୍ୱରେ ଥିବା ସମ୍ପୃକ୍ତ ଅଧିକାରୀ ମାରାଣ୍ଡି ବାବୁ ଏବଂ ସୂତାର ବାବାଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ହୋଇନାହିଁ। ଏହି ବାବଦର ମେୟରଙ୍କୁ ମଧ୍ୟ ମେସେଜ୍ ମାଧ୍ୟମରେ ଅବଗତ କରାଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରିଛନ୍ତି।

କଳିଙ୍ଗନଗର କେ୪ ଆବାସିକ ସଂଘର ସଭାପତି ମହେଶ୍ୱର ସାହୁ କହିଛନ୍ତି ଦୀର୍ଘ ଦିନ ଧରି ସମସ୍ୟା ଲାଗି ରହିଥିବାରୁ ଅଞ୍ଚଳବାସୀ ଭୟ ଓ ଅସୁରକ୍ଷିତ ପରିବେଶ ମଧ୍ୟରେ ଜୀବନଯାପନ କରୁଛନ୍ତି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ଅଚଳ ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକର ମରାମତି କରିବା ସହ ଅଞ୍ଚଳରେ ଆଲୋକ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ସେ ଦାବି କରିଛନ୍ତି।

## ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର

ଭୁବନେଶ୍ୱର, ୨।୭(ସମିସ): ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ମିଳିତ ଆନୁକୂଲ୍ୟରେ ୨୧୭ତମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରି ଡା. ଅଶୋକ କୁମାର ମହାପାତ୍ର କହିଥିଲେ ଯେ ଆଜିକାଲି ମଣିଷ ପାଇଁ କେବଳ ଶାରୀରିକ ସ୍ୱାସ୍ଥ୍ୟ ଯଥେଷ୍ଟ ନୁହେଁ, ଆଧାତ୍ମିକ ସ୍ୱାସ୍ଥ୍ୟ ଏକାନ୍ତ ଜରୁରୀ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ରାଜବୈଦ୍ୟ ଡା. ଗୋପାଳ ଚନ୍ଦ୍ର ନନ୍ଦ ଯୋଗର ବିଭିନ୍ନ ମୁଦ୍ରା ପ୍ରଦର୍ଶନ କରି ପ୍ରତ୍ୟେକ ଯୋଗର ଉପାଦେୟତା ସମ୍ପର୍କରେରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପରିଚୟ ପ୍ରଦାନ କରିଥିଲେ ସମ୍ପାଦକ ପୀତବାସ ରାଉତରାୟ ଓ ଧନ୍ୟବାଦ ଦେଇଥିଲେ ଆବାହକ ରମାକାନ୍ତ ମିଶ୍ର।

## ରଙ୍ଗମଞ୍ଚରେ 'ବାଘ' ଦେଖିଲେ ଦର୍ଶକ



ଭୁବନେଶ୍ୱର, ୨।୭(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଭଞ୍ଜ କଳାମଣ୍ଡପରେ ଆୟୋଜିତ ନାଟ୍ୟ ଧାରା କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ଗୁରୁବାର କଳା ଓ କଳାକାର, ବ୍ରହ୍ମପୁର ନାଟ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାର ନାଟକ ବାଘ ମଞ୍ଚସ୍ଥ ହୋଇଛି। ଏହି ନାଟକରେ ଲିଙ୍ଗରାଜ ନାହାକ ଏବଂ ନିର୍ଦ୍ଦେଶନାରେ ନାଟ୍ୟ ପ୍ରଦୀପ ମଦନ ମିଶ୍ର ଏବଂ ଚିଣ୍ଟୁ ମହାପାତ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଓଡ଼ିଶା ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ନାଟ୍ୟକାର ଲିଙ୍ଗରାଜ ନାହାକ ଏବଂ ସଙ୍ଗୀତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ତଥା ନାଟ୍ୟକାର ଡା. ମାୟା ଦାସ ଉପସ୍ଥିତ ରହିଥିଲେ। ଶେଷରେ ସଂଘର ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଟାରୀ କ୍ଲବ ମିଡୋଜ ପକ୍ଷରୁ ଡାକ୍ତର ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ



ଭୁବନେଶ୍ୱର, ୨।୭(ସମିସ): ରୋଟାରୀ କ୍ଲବ, ଭୁବନେଶ୍ୱର ମିଡୋଜ ପକ୍ଷରୁ ଡାକ୍ତର ଦିବସ ଓ ଚାଟାର୍ଡ଼ ଆକାଉଣ୍ଟାଣ୍ଟ ଦିବସ ସହରର ଏକ ତାରକା ହୋଟେଲରେ ପାଳିତ ହୋଇଯାଇଛି। ଏଥିରେ ସମୁଦାୟ ୧୫ ଜଣ ଡାକ୍ତର ଏବଂ ୫ ଜଣ ଚାଟାର୍ଡ଼ ଆକାଉଣ୍ଟାଣ୍ଟଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରୋଟାରୀର ପ୍ରାକ୍ତନ ପ୍ରାନ୍ତଃପାଳ ରୋଟାରୀଆନ ଜୟଶ୍ରୀ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ଶିବ ନାରାୟଣ ମହାପାତ୍ର ଯୋଗଦାନ କରିଥିଲେ। ଏହି ଉତ୍ସବକୁ ରୋଟାରୀ କ୍ଲବର ସଭାପତି ରୋଟାରୀଆନ୍ ବିକାଶ ଗରାବଡୁ ପରିଚାଳନା କରିଥିଲେ। ଏଥିରେ ତାଙ୍କୁ ସମ୍ପାଦକ ଦୀପକ କୁମାର ଜେନା ସହଯୋଗ କରିଥିଲେ। ପ୍ରୋଜେକ୍ଟ ଚେୟାର କାର୍ଯ୍ୟକ୍ରମ ସଞ୍ଚାଳକ ଅନୁଶ୍ରୀ ଶୁକ୍ଲା ଉପସ୍ଥିତ ଥିଲେ। ପୂର୍ବତନ ସଭାପତି ସୁରଜ କୁମାର ରାଜ ମଞ୍ଚପରିଚାଳନା କରିଥିଲେ।

## ଆଦର୍ଶ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନନ୍ଦନକାନନ, ୨।୭(ସମିସ): ଉତ୍ତର ଭୁବନେଶ୍ୱର କେନ୍ଦୁପାଟଣା ଉତ୍କଳମଣୀ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ଜୟନ୍ତୀ ମିଶ୍ରଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ମାନସ ମନସ୍ୱିନୀ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଶିକ୍ଷୟିତ୍ରୀ ନିରୂପମା ପ୍ରହରାଜ, ସମ୍ମାନିତ ଅତିଥି ଭାବେ ସମାଜ ସେବୀ ନିରଞ୍ଜନ ପରିଡ଼ା, ସଂଗ୍ରାମ ମହାପାତ୍ର, ରାଜେନ୍ଦ୍ର ଦାସ, ରୋହିତ୍ ରାଉତ ଯୋଗ ଦେଇଥିଲେ। ବିଦ୍ୟାଳୟ ଓ ଚିତ୍ରସେନସ୍ମୃତି କମିଟି ପକ୍ଷରୁ ମାନପତ୍ର ଏବଂ ଉପଢୌକନ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ସ୍ୱାମୀ ଦେବାନନ୍ଦ ଶିଶୁ ମନ୍ଦିରରେ ବନ ମହୋତ୍ସବ



ଭୁବନେଶ୍ୱର, ୨।୭(ସମିସ): ଛତାବର ସ୍ଥିତ ସ୍ୱାମୀ ଦେବାନନ୍ଦ ଶିଶୁ ମନ୍ଦିର ଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଛତାବର ଗ୍ରାମର ସଭାପତି ସତ୍ୟବାଦୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କାନ୍ତି ବେହେରା ପିଲାମାନଙ୍କୁ ନିଜ ନିଜ ବାଡ଼ିରେ କିପରି ଗଛ ଲଗାଇ ତାହାର ଯତ୍ନ ନେବେ ଏବଂ ନିଜର ତଥା ନିଜର ବାପା, ମା, ଭାଇ ଓ ଭଉଣୀଙ୍କ ଜନ୍ମ ଦିନରେ ଗଛଟିଏ ଉପହାର ଦେବା ନିମନ୍ତେ ସମସ୍ତଙ୍କୁ ନିବେଦନ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଁଳା, ଡାଳିମ୍ବ, ବେଲ, ବରକୋଳି, ଲେମ୍ବୁ, କାଇଁଥ, ଶାଳ, ଶାଗୁଆନ, ଆତ, ପଣସ, ଜମ୍ବୁ, ପିଜୁଳି, ଅମୃତଭଣ୍ଡା, ସଜନା, ଆକାସିଆ ଇତ୍ୟାଦି ଚାରା ନଗର ବନଖଣ୍ଡର ଭୁବନେଶ୍ୱର ବନାଞ୍ଚଳ ତରଫରୁ ମାଗଣା ବଣ୍ଟନ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ଶେଷରେ ବନପାଳ ସମୀର କୁମାର ବେହେରା ଓ ମମତା ଗୁରୁମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୨।୭(ସମିସ): କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ୨୦ତମ ପ୍ରତିଷ୍ଠା ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଯୋଗଦେଇ କହଛନ୍ତି ଜ୍ଞାନ ଜଣେ ବ୍ୟକ୍ତିକୁ ବିନମ୍ର କରିଥାଏ। ବିନମ୍ରତା, ଦକ୍ଷତା ହାସଲ କରିବାରେ ସାହାଯ୍ୟ କରେ ଏବଂ ଦକ୍ଷତା, ସଫଳତା ଏବଂ ଖୁସି ପାଇବା ପାଇଁ ପଥ ପ୍ରଶସ୍ତ କରିଥାଏ ବୋଲି ସେ କହିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଅସାଧାରଣ ଦୃଷ୍ଟିକୋଣର ଉଦାହରଣ ଦେଇ ପ୍ରଫେସର ସିଂହ କହିଲେ, ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନ ପାଇଁ ସବୁଠାରୁ ଶକ୍ତିଶାଳୀ ଉପକରଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ ସଭାପତି ଶାଶ୍ୱତୀ ବଳ, ସ୍କୁଲର ଅଧ୍ୟକ୍ଷ ଡ.ସଞ୍ଜୟ ସୁଆର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରେଣୀରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ଓ ଉତ୍କର୍ଷ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା।

## ସିଜିୟୁର ଅଟଳ ଇନ୍‌କ୍ୟୁବେସନ୍ ସେଣ୍ଟର ପକ୍ଷରୁ ଇନଭେଷ୍ଟର ମିଟ୍




ଭୁବନେଶ୍ୱର, ୨।୭(ସମିସ): ସିଜିୟୁର ଅଟଳ ଇନ୍‌କ୍ୟୁବେସନ୍ ସେଣ୍ଟର ପକ୍ଷରୁ ଆୟୋଜିତ ଡ୍ରିଟୁସି ଆକ୍ସେଲେରେସନ୍ ପ୍ରୋଗ୍ରାମ୍‌ର ଡେମୋ ଡେ ଏବଂ ଇନ୍‌ଭେଷ୍ଟର ମିଟ୍ ସମାପ୍ତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତର ପ୍ରତିଶ୍ରୁତିଶିଳ ଷ୍ଟାର୍ଟଅପ୍‌ମାନଙ୍କ ସହ ଦେଶର ନିବେଶ ପରିବେଶର ପ୍ରତିନିଧିତ୍ୱ କରୁଥିବା ତିନିଜଣ ପ୍ରମୁଖ ନିବେଶକ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀ ଷ୍ଟାର୍ଟଅପ୍‌ମାନେ ସେମାନଙ୍କର ବ୍ୟବସାୟିକ ଧାରଣା ଉପସ୍ଥାପନ କରିବା ସହ ନିବେଶକମାନଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହା ମାଧ୍ୟମରେ ୧୬ କୋଟିରୁ ଅଧିକ ସମ୍ଭାବ୍ୟ ପାଣ୍ଠି ନିବେଶର ସୁଯୋଗ ସୃଷ୍ଟି ହୋଇଛି ଓ ନିବେଶ ପାଇଁ ପ୍ରସ୍ତୁତ ଷ୍ଟାର୍ଟଅପ୍‌ମାନଙ୍କୁ ଅଗ୍ରଣୀ ନିବେଶକଙ୍କ ସହ ଯୋଡ଼ିବାରେ ଏହି କାର୍ଯ୍ୟକ୍ରମ ଏକ ପ୍ରଭାବଶାଳୀ ମଞ୍ଚ ସାବ୍ୟସ୍ତ ହୋଇଥିବା ସହ ଓଡ଼ିଶାର ଦ୍ରୁତ ଅଭିବୃଦ୍ଧିଶୀଳ ଷ୍ଟାର୍ଟଅପ୍ ପରିବେଶକୁ ଆହୁରି ସୁଦୃଢ଼ କରିଛି। ଏହି ଡ୍ରିଟୁସି ଆକ୍ସେଲେରେସନ୍ ପ୍ରୋଗ୍ରାମ୍ ଷ୍ଟାର୍ଟଅପ୍ ଓଡ଼ିଶାର ଆର୍ଥିକ ସହଯୋଗରେ ଏବଂ ଅଟଳ ଇନୋଭେସନ୍ ମିଶନ୍ ନୀତି ଆୟୋଗର ବ୍ରାଣ୍ଡ ସମର୍ଥନରେ ପରିଚାଳିତ ହୋଇଥିଲା।

## ବୀରେନ୍ଦ୍ର ପାଣିଙ୍କ 'ନେଓ ଅର୍ବାନ୍ ଅବତାର' ଉଦ୍‌ଘାଟିତ

ଭୁବନେଶ୍ୱର, ୨।୭(ସମିସ): ଭାରତୀୟ କଳାକାର ବୀରେନ୍ଦ୍ର ପାଣିଙ୍କ ୧୬ତମ ଏକକ ପ୍ରଦର୍ଶନୀ କଳା ପ୍ରଦର୍ଶନୀ ନେଓ-ଅର୍ବାନ ଅବତାର:ଏ ମିଃଥୋପଇସିସ ଅଫ ଦ କଣ୍ଟେମ୍ପରାରୀ ଟାଇମସ୍-୨ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟର ଆର୍ଟ ଗ୍ୟାଲେରୀ, କମଳାଦେବୀ କମ୍ପ୍ଲେକ୍ସ ନୂଆଦିଲ୍ଲୀଠାରେ ଉଦଘାଟିତ ହୋଇଯାଇଛି। ପୁରୁଷୋତ୍ତମ ପବ୍ଲିକ୍ ଟ୍ରଷ୍ଟ, ନୂଆଦିଲ୍ଲୀ ସହିତ ମିଳିତ ଭାବରେ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସେଣ୍ଟର ଆର୍ଟ ଗ୍ୟାଲେରୀ ଦ୍ୱାରା ଆୟୋଜିତ ୧୪ ଜୁଲାଇ ଚାଲିବାକୁ ଥିବା ଏହି ପ୍ରଦର୍ଶନୀ କୁ ପ୍ରଫେସର ପାରୁଲ ଡେଭ ମୁଖାର୍ଜୀ, ଡ. ରାଜଶ୍ରୀ ବିଶ୍ୱାଳ, ବିଶିଷ୍ଟ



କଳାକାର ପଦ୍ମଭୂଷଣ ଜତୀନ ଦାସ, ପୂର୍ବତନ କୂଟନୀତିଜ୍ଞ ଅମରେନ୍ଦ୍ର ଖଟୁଆ, କଳା ପରାମର୍ଶଦାତା କ୍ୟୁରେଟର୍ ସୁଷମା ବହଲ, ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାରୋନ ଲୋୱେନ ପ୍ରମୁଖ ଉଦ୍‌ଘାଟନ କରିଛନ୍ତି। ବୀରେନ୍ଦ୍ର ପାଣିଙ୍କ ଏହି ଏକକ କଳା ପ୍ରଦର୍ଶନୀ ତାଙ୍କର ୩୫ବର୍ଷର କଳା ଯାତ୍ରାର ଏକ ସଂକ୍ଷିପ୍ତ ପ୍ରକାଶନ। ଏହି କଳା ପ୍ରଦର୍ଶନୀରେ ୮୦ଟି ଚିତ୍ର କଳା, ପ୍ରିଣ୍ଟର ସଂଗ୍ରହ ରହିଛି। ଏଥିରେ ନେଓ ଅର୍ବାନ୍ ଅବତାର ସିରିଜ୍, ସ୍ୟାଙ୍ଗ୍ୱିନ୍ ଷ୍ଟୋରୀ ସିରିଜ୍ ଏବଂ ଅନ୍ୟାନ୍ୟ ପେଣ୍ଟିଂ ଆଦି ରହିଛି। ବୀରେନ୍ଦ୍ର ପାଣି ପ୍ରସିଦ୍ଧ କଳା ପ୍ରତିଷ୍ଠାନ କଳା ଭବନ, ଶାନ୍ତିନିକେତନ ଏବଂ ଭଦୋଦରାର ଏମଏସ ବିଶ୍ୱବିଦ୍ୟାଳୟରୁ ତାଙ୍କର କଳା ଶିକ୍ଷା ଗ୍ରହଣ କରିଛନ୍ତି। ଶେଷରେ ପୁରୁଷୋତ୍ତମ ପବ୍ଲିକ୍ ଟ୍ରଷ୍ଟର ରାଧିକା ଧୂମାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଏଜି ଆମ୍ବୁଲାନ୍ସ ଅଂଶୁଘାତ ସେବା ଶିବିର ଉଦ୍‌ଯାପିତ




ଭୁବନେଶ୍ୱର: ୨।୭(ସମିସ): ରାଜ୍ୟରେ ଖରା କମିବା ଏବଂ ମୌସୁମୀ ସକ୍ରିୟ ହେବା ପରେ ଏଜି ଆମ୍ବୁଲାନ୍ସ ଡିଭିଜନ ଆନୁକୂଲ୍ୟରେ ଓ ରାଜ୍ୟ ଓମ୍‌ଫେଡ ସଂସ୍ଥା, ୟୁକୋ ବ୍ୟାଙ୍କ ଏବଂ ଏଜି କୋଅପେରେଟିଭ ସୋସାଇଟି ସହଯୋଗରେ ଏଜି ଛକ ଠାରେ ଖୋଲା ଯାଇଥିବା ଅଂଶୁଘାତ ସେବା ଶିବିର ଗୁରୁବାର ଅନୁଷ୍ଠାନିକ ଭାବେ ଉଦଯାପିତ ହୋଇଯାଇଛି। ଏହି ଶିବିରକୁ ଗତ ମେ ମାସ ୧୫ ତାରିଖରେ ଏଜି କଲ୍ୟାଣ ବିଭାଗର ଅଧିକାରୀ ଶାରଦା ପ୍ରସନ୍ନ ମହାପାତ୍ର ଓ ଫୁଲବାଣୀ ସରକାରୀ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ଼ ଅଭିପ୍ସା ବଳ ଉଦଘାଟନ କରିଥିଲେ। ଖରାର ପ୍ରକୋପ ଥିଲାବେଳେ ଦୀର୍ଘ ଦେଢ଼ ମାସ ଏଜି ଡିଭିଜନ ପକ୍ଷରୁ ପଥଚାରୀ ମାନଙ୍କୁ ଲେମ୍ବୁ, ଦହି ଓ ଓ ଆରଏସ ପାଣି ବଣ୍ଟନ ସହ ଅଂଶୁଘାତ ରୋଗୀଙ୍କୁ ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଯୋଗାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଏଜି ଡିଭିଜନର ସହକାରୀ ଆୟୁକ୍ତ ପୁରୁଷୋତ୍ତମ ବଳ ଓ ଲେଖକ ମନୋଜ କୁମାର ତ୍ରିପାଠୀ ଅଂଶୁଘାତ ଶିବିର ନିକଟରେ ଅବସର ଗ୍ରହଣ କରିଥିବା ଏଜି କାର୍ଯ୍ୟାଳୟର ଲେଖା ଅଧିକାରୀ ଆନନ୍ଦ ଭଟ୍ଟ ଓ ଅଂଶୁଘାତ ଶିବିରରେ ସେବା ପ୍ରଦାନ କରିଥିବା ଭିକାରି ଚରଣ ସାହୁ, ଅଭିଳାଷ ବଳ, ପ୍ରସନ୍ନ କୁମାର ଦାସ, ରାକେଶ ନାୟକ, ବାବୁଲା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଶିବିରକୁ ସହକାରୀ ଲେଖା ଅଧିକାରୀ ଦୁର୍ଗା ଶଙ୍କର ପରିଡ଼ା, ରାଜେଶ ସିଂହ, ଶିବନାଥ ମହାପାତ୍ର, ବାସୁଦେବ ଜେନା ପରିଚାଳନା କରିଥିଲେ।

## ମଧୁବାବୁଙ୍କୁ ଭାରତରତ୍ନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ସହାୟତା ଲୋଡ଼ିଲା ଉତ୍କଳ ସମ୍ମିଳନୀ



ଭୁବନେଶ୍ୱର, ୨।୭ (ସମିସ):ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ୍ୟ କର୍ଣ୍ଣଧାର, ଓଡିଆ ଅସ୍ମିତାର ପ୍ରତିକ, ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭାରତରତ୍ନ ପ୍ରଦାନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହାୟତା ଲୋଡିଛି ଉତ୍କଳ ସମ୍ମିଳନୀ। ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ମଧୁବାବୁଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ପାଇଁ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ ଯେ, ଉତ୍କଳ ସମ୍ମିଳନୀର ପ୍ରସ୍ତବ କ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାରଙ୍କ ଗୃହ ବିଭାଗକୁ ସୁପାରିସ କରି ସାରିଛନ୍ତି। ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା, ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ଓ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

## ରୋଟାରୀ ପ୍ରାନ୍ତପାଳ ଭାବେ ଅନିଲ୍ ସାମଲ ଅଧିଷ୍ଠିତ




ଭୁବନେଶ୍ୱର, ୨।୭(ସମିସ):୨୦୨୬-୨୭ ନୂତନ ରୋଟାରୀ ବର୍ଷ ପାଇଁ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅନିଲ୍ କୁମାର ସାମଲ୍ ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ଭାବେ ଅଧିଷ୍ଠିତ ହୋଇଛନ୍ତି। ଅନୁଷ୍ଠାନିକ ଭାବେ ପୂର୍ବତନ ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରି ଶ୍ରୀ ସାମଲ ଆଗାମୀ ବର୍ଷ ପାଇଁ ପ୍ରମୁଖ ସେବା ଲକ୍ଷ୍ୟର ଘୋଷଣା କରିଛନ୍ତି। ସହର ଉପକଣ୍ଠ, ବସ୍ତି ଓ ଗ୍ରାମାଞ୍ଚଳରେ ସୋଲାର ଲାଇଟ୍ ସ୍ଥାପନ, ବିଦ୍ୟାଳୟ, ଡାକ୍ତରଖାନା, ବସ୍ ଟର୍ମିନାଲ୍ ସହ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନରେ କୁଲର୍-କମ୍-ପ୍ୟୁରିଫାୟର ସ୍ଥାପନ, ବିଦ୍ୟାଳୟ ଏବଂ ସାର୍ବଜନୀନ ସ୍ଥାନରେ ଶୌଚାଳୟ ନିର୍ମାଣ, ରାସ୍ତାକଡ଼ ବ୍ୟବସାୟୀଙ୍କ ପାଇଁ ଭେଣ୍ଡିଂ କାର୍ଟ, ଜଳ ସଂରକ୍ଷଣ ପାଇଁ ସହରାଞ୍ଚଳରେ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା ସହ ଗ୍ରାମାଞ୍ଚଳରେ ଚେକ୍ ଡ୍ୟାମ୍ କିମ୍ବା ଜଳାଶୟ ନିର୍ମାଣ, କିଶୋରୀ ଏବଂ କାର୍ଯ୍ୟରତ ମହିଳା ଛାତ୍ରାବାସଗୁଡ଼ିକରେ ସାନିଟାରୀ ନ୍ୟାପକିନ୍ ଭେଣ୍ଡିଂ ମେସିନ୍, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ, କିଶୋରୀ ମାନଙ୍କୁ ସର୍ଭାଇକାଲ୍ କ୍ୟାନ୍ସର ନିରୋଧ ଟିକା ପ୍ରଦାନ କରିବାକୁ ଲକ୍ଷ୍ୟ ରହିଛି।

ସେହିପରି ଆପୋଲୋ ଓ ଉତ୍କଳ ହସ୍ପିଟାଲ ସହ ବନ୍ଧନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, କ୍ୟାନ୍ସର ସଚେତନତା ଶିବିରମାନ ଆୟୋଜନ ହେବ। ଏହି ଅବସରରେ ମୌଳିକ ଶିକ୍ଷା ଓ ସାକ୍ଷରତା କ୍ଷେତ୍ରରେ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ ସହ ଡିଜିଟାଲ୍ ଶିକ୍ଷା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଅଧିଷ୍ଠାନ ଉତ୍ସବରେ ରୋଟାରୀ ଜିଲ୍ଲାର ପ୍ରଥମ ମହିଳା ସୁବ୍ରତା ସାମଲ, ପ୍ରାକ୍ତନ ପ୍ରଥମ ମହିଳା ମଧୁମିତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କୋଷାଧ୍ୟକ୍ଷ ପ୍ରସନ୍ନ ଲେଙ୍କା ସଂଯୋଜନା କରିଥିବା ବେଳେ ସମରେନ୍ଦ୍ର ପରିଜା ଓ ମିଡ଼ିଆ ସେଲ୍‌ଫ ଅଧ୍ୟକ୍ଷ ବିଭୂତି ଭୂଷଣ କର ପରିଚାଳନା କରିଥିଲେ।

# ୬୪ ବର୍ଷରେ ବି ଅଟକିନି ହାତ

ଭୁବନେଶ୍ୱର, ୨।୭(ସମିସ): ବଢେଇ କୁଳ ଭାବ ଆଉ ଭକ୍ତିର ସହକାରେ ଲାଗିଛନ୍ତି ରଥଗଢ଼ା କାମରେ। ନିର୍ଦ୍ଧାରିତ ସମୟ ପୂର୍ବରୁ କିଭଳି ରଥକାମ ସରିବ ଏବଂ ଶ୍ରୀଜୀଉମାନେ ରଥାରୁଢ଼ ହୋଇ ଘୋଷଯାତ୍ରାରେ ବାହାରିବେ। ସେଥିପାଇଁ ନିଜକୁ ସମର୍ପି ଦେଇ ରଥ ତିଆରିରେ ନିମଗ୍ନ କାରିଗର। ପିଢ଼ି

**ରଥ ତିଆରିରେ ନିମଗ୍ନ ବାବୁଲି ମହାରଣା**



ପରେ ପିଢ଼ି ଏଇ ସେବାରେ, ଏଇ ବୃତ୍ତିରେ ଲିପ୍ତ ରହିଛନ୍ତି। ଯେଉଁ ରଥରେ ବସି ଦାରୁଦିଅଁ ଭକ୍ତଙ୍କୁ ଦିଅନ୍ତି ଦର୍ଶନ। ତେବେ ସେ କୁହନ୍ତି ତାଙ୍କରି ନିର୍ଦ୍ଦେଶରେ ଆଉ ଆଶୀର୍ବାଦ ଯୋଗୁଁ ଏ କାର୍ଯ୍ୟ ସହଜ ହେଉଛି। ଦିନ ଗଡ଼ିବା ସହ ରଥ ଗଢ଼ା ମଧ୍ୟ ଆଗେଇ ଚାଲିଛି। କାମରେ ନିମଗ୍ନ କାରିଗର ଗଢ଼ି ଚାଲିଛି ଭାବର ରଥ।

ଏପରି ଜଣେ କାରିଗର ହେଉଛନ୍ତି ୬୪ ବର୍ଷୀୟ ବାବୁଲି ମହାରଣା। ବର୍ତ୍ତମାନ ସେ ୟୁନିଟ୍ ୧ରେ ଥିବା ଲକ୍ଷ୍ମୀ ନୃସିଂହ ମନ୍ଦିରଠାରେ ରଥ ତିଆରି କାର୍ଯ୍ୟ କରୁଛନ୍ତି। ସେଇ ନିକଟରେ ତାଙ୍କ ଘର। ରଥ ଗଢ଼ା କାମକୁ ନିଜ ଜୀବିକା କରି ତାଙ୍କୁ ଆନନ୍ଦ ମିଳେ ବୋଲି କୁହନ୍ତି। ନିଜକୁ ଠାକୁରଙ୍କ ପାଖରେ ସମର୍ପି ଦେଇ ପ୍ରତିବର୍ଷ ରଥ କାମ ଆରମ୍ଭ କରିଥାନ୍ତି। ପ୍ରାପ୍ୟ ଯେତିକି ମିଳୁ ନା କାହିଁକି ସେ କେବେ ରଥ କାମରେ ହେଳା କରିନାହାନ୍ତି। ନିଜ ଅନୁଭୂତିରୁ ସିଏ କୁହନ୍ତି ପୂର୍ବ ଅପେକ୍ଷା ଏହି କାମ ପାଇଁ ଏବେ ଆଉ କାରିଗରଙ୍କୁ ଦେଖିବାକୁ ମିଳୁନାହିଁ। ଅଳ୍ପ ବହୁତେ କାଁ ଭାଁ ପରିଲକ୍ଷିତ ହେଉଛନ୍ତି। ତାଙ୍କ ବାପା, ଦାଦା, ଭାଇଙ୍କ ପରେ ସିଏ ଏବଂ ତାଙ୍କ ପୁଅ ଶ୍ରୀକାନ୍ତ ମହାରଣା ଏହି ରଥ ଗଢ଼ା କାମ କରୁଛନ୍ତି। ପ୍ରତିବର୍ଷ ଏହି କାମକୁ ସେ ଚାହିଁ ରହିଥାନ୍ତି। ପ୍ରଭୁଙ୍କ ପାଇଁ ରଥ ଗଢ଼ା କାର୍ଯ୍ୟ ତାଙ୍କୁ ଖୁସି ଦେଇଥାଏ ବୋଲି କହିଥିଲେ। ଏହି କାମରେ ଦିନକୁ ପାଖାପାଖି କାମ ଏବଂ ଲୋକ ସଂଖ୍ୟା ଅନୁଯାୟୀ ପ୍ରାପ୍ୟ ମିଳିଥାଏ। ବର୍ତ୍ତମାନ ସମୟରେ ଦୁଇ ବେଳା କାମ କରି ତାଙ୍କୁ ହଜାରେ ଟଙ୍କା ମିଳୁଛି। ରଥ ଗଢ଼ା କାମ ବର୍ଷରେ ଥରେ ମିଳିଥାଏ ତେଣୁ ଅନ୍ୟ ସମୟରେ ଅଲଗା କାମ ଖୋଜିବାକୁ ପଡ଼ିଥାଏ। ସେ ମଧ୍ୟ ଅନ୍ୟ ସମୟରେ ଫର୍ଣ୍ଣିଚର ଆଦି ତିଆରି କରି ରୋଜଗାର କରିଥାନ୍ତି। ବର୍ତ୍ତମାନର ପିଢ଼ି ଏହି କାର୍ଯ୍ୟ ପାଇଁ ସେତେ ଇଚ୍ଛୁକ ନୁହନ୍ତି ତେଣୁ ନୂଆ କାରିଗର ଏହି କ୍ଷେତ୍ରରେ ଆସୁ ନାହାନ୍ତି।

# ଇତିହାସର ମୂକସାକ୍ଷୀ ହରିପୁର ଗଡ଼ ଏବେ ଚାରଣ ଭୂମି

## ସରକାର ପ୍ରତିଶ୍ରୁତି ରକ୍ଷାରେ ବିଫଳ; ବର୍ଷିଲେ ଲେଖାଶ୍ରୀ

ବାରିପଦା/ବଡ଼ସାହି, ୨।୭(ସମିସ): ମୟୂରଭଞ୍ଜ ଗଡ଼ଜାତର ପୂର୍ବତନ ରାଜଧାନୀ ହରିପୁର ଗଡ଼ ପ୍ରତ୍ନତାତ୍ତ୍ୱିକ ବିଭାଗର ଉପେକ୍ଷା ଓ ରକ୍ଷଣାବେକ୍ଷଣ ଅଭାବରେ ଏବେ ଗୋରୁ, ଛେଳି ଓ ମେଣ୍ଢାଙ୍କ ଚାରଣ ଭୂମିରେ ପରିଣତ ହୋଇଛି। ଏକଦା ରାଜ ପରିବାରର ଗୌରବମୟ ଇତିହାସର ସାକ୍ଷୀ ଥିବା ଏହି ଗଡ଼ ବର୍ତ୍ତମାନ ଜରାଜୀର୍ଣ୍ଣ ହୋଇପଡ଼ିଛି। ୧୩୨୨ ଶକାବ୍ଦରେ ନିର୍ମିତ ଏହି ଗଡ଼ ବଡ଼ସାହିରୁ ୧୦ କିମି ପଶ୍ଚିମ ଓ ବାରିପଦାରୁ ୨୭ କିମି ଦକ୍ଷିଣରେ ଅବସ୍ଥିତ। ମହାରାଜା ହରିହର ଭଞ୍ଜଙ୍କ ନାମାନୁସାରେ ହରିହରଗଡ଼ ନାମରେ ପରିଚିତ ଥିଲା। ପରେ ମୋଗଲ ଆକ୍ରମଣ ପରେ ରାଜଧାନୀ ବାରିପଦାକୁ ସ୍ଥାନାନ୍ତରିତ ହୋଇଥିଲା। ତେବେ ଏହାର ପୁନରୁଦ୍ଧାର ବା ସଂରକ୍ଷଣ ଅଭାବ ପାଇଁ ଏବେ ଐତିହ୍ୟ ସ୍ମୃତି ଧ୍ୱଂସ ମୁହଁରେ। ତେବେ ଏହି ଗଡ଼ର ପୁନରୁଦ୍ଧାର ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ପାଳନ କରି ନ ଥିବାରୁ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କଡ଼ା ସମାଲୋଚନା କରିଛନ୍ତି।

୨୦୧୯ ଜାନୁଆରୀ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରିପଦା ଗସ୍ତରେ ୪୫୦୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସହ ହରିପୁର ଗଡ଼ର ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ ୪୦ ଲକ୍ଷ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ତତ୍କାଳୀନ ରାଜ୍ୟପାଳ ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ ଉପସ୍ଥିତ ଥିଲେ। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜାତୀୟ ପର୍ଯ୍ୟଟନ ସ୍ଥଳୀ ହେବ, ଅଞ୍ଚଳର ଉନ୍ନତି ହେବ ଓ ରୋଜଗାର ସୃଷ୍ଟି ହେବ ବୋଲି ଆଶା ପ୍ରକାଶ ପାଇଥିଲା। ହରିହର ପୀଠ, ଦେବକୁଣ୍ଡ, ଲୁଲୁଙ୍ଗ, ସୀତାକୁଣ୍ଡ ଆଦି ଆଖପାଖ ପର୍ଯ୍ୟଟନ ସ୍ଥଳୀ ସହ ଏହା ସଂଯୁକ୍ତ ହୋଇ ପର୍ଯ୍ୟଟକଙ୍କ ଆକର୍ଷଣ ବଢ଼ାଇବ ବୋଲି କୁହାଯାଇଥିଲା।



କିନ୍ତୁ ୬ ବର୍ଷ ପରେ ମଧ୍ୟ ଗଡ଼ର ସ୍ଥିତି ଯେମିତିକୁ ସେମିତି ରହିଛି। ପ୍ରତ୍ନତାତ୍ତ୍ୱିକ ବିଭାଗ କାଗଜ ପତ୍ରରେ ପ୍ରକଳ୍ପ ରହିଥିବାବେଳେ ସର୍ଭେ ଓ ପୁନରୁଦ୍ଧାର କାର୍ଯ୍ୟ ଶୂନ୍ୟ। ଗଡ଼ର ମୁଖ୍ୟଦ୍ୱାର ଓ ଚତୁଃପାର୍ଶ୍ୱର ଧ୍ୱଂସାବଶେଷ ଦୃଶ୍ୟମାନ ହେଉଛି। ରସିକରାୟ ମନ୍ଦିର, ରାଧାମୋହନ ଓ ଜଗନ୍ନାଥ ମନ୍ଦିର ରହିଥିବାବେଳେ ରାଧାମୋହନ ପୂରା ଭଙ୍ଗା ପଡ଼ିଛି। ଗଡ଼ ଏବେ ମଦ୍ୟପାନ ଓ ଆବର୍ଜନା କୁଣ୍ଡରେ ପରିଣତ ହୋଇଛି। ଏ ନେଇ ଗୁରୁବାର ଗଡ଼ ଗସ୍ତରେ ବିଜେଡି ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାର ଓ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସହ ଦଳୀୟ ନେତା ଗଡ଼ ପରିଦର୍ଶନ କରି ସରକାରଙ୍କ ପ୍ରତିଶ୍ରୁତି ବିଫଳତାର ସମାଲୋଚନା କରିଛନ୍ତି। ସମସ୍ତେ ପ୍ରତ୍ନତାତ୍ତ୍ୱିକ ଓ ପର୍ଯ୍ୟଟନ ବିଭାଗକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ତପନ କୁମାର ପତି, ଯୁବ ସଭାପତି ନିହାର ରଞ୍ଜନ ମହାପାତ୍ର, ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ଜିଲ୍ଲା ପରିଷଦ ସୁବାସିନୀ ନାଏକ, ମହିଳା ସଭାପତି ଲକ୍ଷ୍ମୀ ସିଂ, ଯୁବନେତା ରାକେଶ ମହାପାତ୍ର, ବରିଷ୍ଠ ନେତା ଜ୍ୟୋତିକାନ୍ତ ସାମଲ, ସୁଶାନ୍ତ ବଳ, ରାଜ୍ୟ ଛାତ୍ର ସମ୍ପାଦକ ଚିତ୍ତେଶ୍ୱର ବେହେରା, ଛାତ୍ର ଆବାହକ ଦୀପକ ସାହୁଙ୍କ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

● ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବି

## ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



ବାରିପଦା, ୨।୭(ସମିସ): ଭାରତ ମୁକ୍ତି ମୋର୍ଚ୍ଚା ଏବଂ ସହଯୋଗୀ ସଂଗଠନ ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ସଭାପତି କାମେଶ୍ୱର ହେମ୍ବ୍ରମ ଓ ବୈଦ୍ୟନାଥ ସିଂଙ୍କ ନେତୃତ୍ୱରେ ବୁଧବାର ରାଜ୍ୟ ସରକାରଙ୍କ ସର୍କାରୀ ପାଠ୍ୟପୁସ୍ତକ ଶ୍ରେଣୀ ୧ରୁ ୮ମ ଶ୍ରେଣୀରେ ଥିବା ୨, ୧୪୮ ରୁ ଉର୍ଦ୍ଧ୍ୱ ଗମ୍ଭୀର ଭୁଲ୍ ଓ ବିବୃତ୍ତି ବିରୋଧରେ ରାଜ୍ୟ ସରକାରଙ୍କ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ପୁରୁଣା ପାଠ୍ୟପୁସ୍ତକକୁ ପଢ଼ାଇବା ନିମନ୍ତେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଏବଂ ନୂଆ ଶିକ୍ଷାନୀତି-୨୦୨୦ର ପ୍ରତ୍ୟାହାର, କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ଘୋଷଣାର ପୂର୍ଣ୍ଣ କାର୍ଯ୍ୟକାରିତା ଓ ଖାଲି ପଡ଼ିଥିବା ଶିକ୍ଷକ ପଦ ପୂରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କୁ ଭାରତ ମୁକ୍ତି ମୋର୍ଚ୍ଚା ଏବଂ ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ହୋଇଥିବା ଇତିହାସ, ଭୂଗୋଳ, ବିଜ୍ଞାନ ଏବଂ ସାଂସ୍କୃତିକ ତଥ୍ୟରେ ଗମ୍ଭୀର ବିକୃତି ରହିଛି, ଯାହା ଓଡ଼ିଶାର ଐତିହ୍ୟକୁ ବିକୃତ କରୁଛି ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଯେଉଁ ଓଡ଼ିଆ ଅସ୍ମିତାକୁ ନେଇ ବିଜେପି ସରକାର ଡିଣ୍ଡିମ ପିଟୁଥିଲା ତାହା ଓଡ଼ିଶା ତଥା ବାହାର ରାଜ୍ୟର ଅନେକ ଗାଥାକୁ ଓ ଭାଷାକୁ ଉଲ୍ଲେଖ କରି ଓଡ଼ିଶାକୁ ମୋର ଦେଶ ବୋଲି ଅଭିହିତ କରିଛନ୍ତି। ତେଣୁ ଉକ୍ତ ଶିକ୍ଷା ଦିଗରେ ସରକାରୀସ୍ତରରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମନ ଭିତରେ ବୈଜ୍ଞାନିକ ଭାବନାର ବିକାଶ ହୋଇପାରିବ ନାହିଁ। ତେଣୁ ଭବିଷ୍ୟତର ପାଠ୍ୟପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟାକୁ ସ୍ୱଚ୍ଛ, ବୈଜ୍ଞାନିକ, ସଠିକ୍ ଏବଂ ଓଡ଼ିଶାର ବିବିଧ ସାମାଜିକ, ସାଂସ୍କୃତିକ, ଆର୍ଥିକ, ରାଜନୈତିକ, ଧାର୍ମିକ, ଐତିହାସିକ ପ୍ରତିନିଧିତ୍ୱ କରୁଥିବା ବିଷୟ ପ୍ରତି ଯେପରି ଅଣଦେଖା ନ ହୋଇ ସଠିକ୍ ରୂପେ ପ୍ରକାଶ ହୁଏ ସେଥିନିମନ୍ତେ ସମସ୍ତ ମୂଳନିବାସୀ ସଂଗଠିତ ହୋଇଥିଲେ। ଅଲ୍ ଓଡ଼ିଶା ପନତ ପାରଗାନା ବାଲକରାମ ବାସ୍କେ, ବୈଦ୍ୟନାଥ ସିଂ, ସୀମନ୍ତ ହେମ୍ବ୍ରମ, ଭାଗିରଥୀ ସୋରେନ, ସୁନାରାମ ମୁର୍ମୁ, ଶାନ୍ତିଲତା ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଗାପୁର ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ

ମାଣତ୍ରୀ, ୨।୭(ସମିସ): ବୁଧବାର ଦୁର୍ଗାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରୋଜ କୁମାର ମହାନ୍ତ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳନର ମୂଳ ଲକ୍ଷ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଦ୍ୟୁତ୍ ସୁରକ୍ଷା ଜନିତ ସଚେତନତା ମନୋଭାବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଷ୍ଟି କରାଇଥିଲେ। ପ୍ରତିବର୍ଷ ଜୁନ୍ ୨୬ରୁ ଜୁଲାଇ ୨ ମଧ୍ୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳନ କରାଯାଏ। ବିଜ୍ଞାନୀ ମାଇକେଲ୍ ଫାରାଡେ କିପରି ବିଦ୍ୟୁତ୍ ଶକ୍ତିର ଉଦ୍ଭାବନ ଏବଂ ତା'ର ଉପକାରିତା ଏବଂ ଅପକାରିତା ବିଷୟରେ ଆଲୋଚନା କରାଯାଇଥିଲ। ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀମାନେ ମଧ୍ୟ ବିଦ୍ୟୁତ୍‌ରୁ କିପରି ସୁରକ୍ଷିତ ରହିପାରିବେ ସେ ବିଷୟରେ ସଚେତନ କରାଇଥିଲେ ଏବଂ ବିଜ୍ଞାନକୁ କିପରି ଗଠନମୂଳକ କାର୍ଯ୍ୟରେ ଲଗାଇବା ତାହା ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ଏହି ଦିବସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଲୋଗାନ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଥମରେ ସପ୍ତମ ଶ୍ରେଣୀ ଛାତ୍ରୀ ଜିଜ୍ଞାସା ମହାରଣା, ଦ୍ୱିତୀୟରେ ଦଶମ ଶ୍ରେଣୀର ରିଶିରାଜ୍ ବାରିକ ଏବଂ ତୃତୀୟରେ ଅଷ୍ଟମ ଶ୍ରେଣୀର ଛାତ୍ର ସୁଶିଲ ମହାନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଚେତନା ଓ ନବ ଆବିଷ୍କାର ପ୍ରତି ଉତ୍ସାହ ସୃଷ୍ଟି କରିଥିଲା। ଶକ୍ତି କ୍ଲବ୍ ଶିକ୍ଷୟିତ୍ରୀ କଳ୍ପନା ହେମ୍ବ୍ରମ, ଚାନ୍ଦମୁଖୀ ହାଁସଦା, ଭାଗ୍ୟଲକ୍ଷ୍ମୀ ଦାସ, ଆର୍ଯ୍ୟଲକ୍ଷ୍ମୀ ପଢ଼ିଆରୀ, ଜୟନ୍ତୀମଣି ପରିଡ଼ା, ଶିକ୍ଷକ ଚନ୍ଦ୍ରମୋହନ ମହାନ୍ତ, ସତ୍ୟପ୍ରକାଶ ଦାସ, କଳା ଶିକ୍ଷକ ମଧୁସୂଦନ ମହାନ୍ତ, କୁଞ୍ଜଲତା ମହାନ୍ତ, ଅଣ ଶିକ୍ଷା କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଶକ୍ତି କ୍ଲବ୍ ଶିକ୍ଷୟିତ୍ରୀ କଳ୍ପନା ହେମ୍ବ୍ରମ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟୁତ୍ ସୁରକ୍ଷା ସଚେତନତାର ଶପଥପାଠ କରିଥିଲେ।

## ରେଡି ଭଲ୍ୟୁଣ୍ଟର ଦ୍ୱାରା ଡାକ୍ତର ଦିବସ

ରାଇରଙ୍ଗପୁର, ୨।୭(ସମିସ): ସ୍ୱେଚ୍ଛାସେବୀ ସଂଗଠନ 'ରେଡି ଭଲ୍ୟୁଣ୍ଟର' ଦ୍ୱାରା ଏକ ବାର୍ତ୍ତାମୂଳକ ବିଶ୍ୱ ଡାକ୍ତର ଦିବସ ପାଳିତ ହୋଇଯାଇଛି। ରେଡି ଭଲ୍ୟୁଣ୍ଟର ଡାଇରେକ୍ଟର ବିଜୟ କୁମାର ରାମଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରେଡି ଭଲ୍ୟୁଣ୍ଟର ପ୍ରେସିଡେଣ୍ଟ ପ୍ରୀତି ରାଜ୍ ଏବଂ ଉପସଭାପତି ତୋପାଇ ବେହେରା ପରିଚାଳନା କରିଥିଲେ। ରାଇରଙ୍ଗପୁର ହସ୍ପିଟାଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆନ୍ଦୋଳନରେ ଥିବା ସମସ୍ତ ଡାକ୍ତରମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଉପଖଣ୍ଡର ସମସ୍ତ ଡାକ୍ତରଙ୍କ ସହିତ ରେଡି ଭଲ୍ୟୁଣ୍ଟର ସମ୍ପାଦକ ସୁଭଦ୍ରା ବାରିକ, ସମିତା ବେହେରା, ବିଶାଲ, ରାଜଶ୍ରୀ ରାମ, ନମିତା ବିନ୍ଧାଣୀ, ରୀତିକା, ଆକାଶ, ନିଶା ଏବଂ ଅନ୍ୟାନ୍ୟ ଭଲ୍ୟୁଣ୍ଟରମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ। ବିଜୟ ରାମ ସମସ୍ତ ଡାକ୍ତରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କିଟ୍ କେୟାର୍ ପକ୍ଷରୁ ଯୋଗ ଶିକ୍ଷା ଉପରେ ତର୍କ ପ୍ରତିଯୋଗିତା



ବାରିପଦା, ୨।୭(ସମିସ): ସ୍ଥାନୀୟ ଏକ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭୁବନେଶ୍ୱର କିଟ୍ କେୟାର ତରଫରୁ ସମସ୍ତଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ସମ୍ପ୍ରତି ଜେନ୍‌ଜିଙ୍କ ଜୀବନଧାରଣ ପ୍ରକ୍ରିୟାରେ ଯୋଗାଭ୍ୟାସର ପ୍ରଭାବ ଆକଳନ କରିବା ପାଇଁ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। 'ପୂର୍ବରୁ ପାଠ୍ୟକ୍ରମରେ ଯୋଗ ଶିକ୍ଷା ବାଧ୍ୟତାମୂଳକ ବିଷୟ ନ ଥିବାବେଳେ, ବର୍ତ୍ତମାନର ଜେନ୍‌ଜି ପିଢ଼ିର ଶାରୀରିକ, ମାନସିକ ଓ ନୈତିକ ବିକାଶକୁ ଦୃଷ୍ଟିରେ ରଖି ଏହାକୁ ବାଧ୍ୟତାମୂଳକ ବିଷୟ ଭାବେ ପାଠ୍ୟକ୍ରମରେ ସାମିଲ୍ କରାଯିବା ଉଚିତ୍ କି ?' ବିଷୟ ଉପରେ ଆଧାରିତ ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ୩୫ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିବାବେଳେ ସମୁଦାୟ ୧୩୫ ଜଣ ଶିକ୍ଷାର୍ଥୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ସୀମାଶ୍ରୀ ଦତ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାର ପ୍ରାରମ୍ଭରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ସନ୍ଧ୍ୟା ପ୍ରାର୍ଥନା, ଓଡ଼ିଆ ଭାଗବତ ଓ ଗୀତା ଆବୃତ୍ତି ପରେ ବିଦ୍ୟାଳୟର ନିର୍ଦ୍ଦେଶକ ସବ୍ୟସାଚୀ ଦତ୍ତ ସ୍ୱାଗତ ଅଭିଭାଷଣ ରଖିଥିଲେ। ମୁଖ୍ୟଅତିଥି ରୂପେ ବାରିପଦା ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ବନଜା ମହାନ୍ତି, ସମ୍ମାନିତ ଅତିଥି ଭାବରେ ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର ଉପସ୍ଥିତ ରହି ଶିକ୍ଷାର୍ଥୀମାନଙ୍କୁ ସମ୍ପ୍ରତି କୃତ୍ରିମ ବୁଦ୍ଧିମତାର ବହୁଳ ପ୍ରଭାବ ଯୁଗରେ ସେମାନଙ୍କ ଜୀବନଶୈଳୀରେ ହେଉଥିବା ପରିବର୍ତ୍ତନ, ଅସ୍ଥିରତା ଓ ଅବସାଦକୁ ନିୟନ୍ତ୍ରଣ କରି ଏକ ସମନ୍ୱିତ ଓ ସନ୍ତୁଳିତ ଜୀବନଯାପନ କରିବା ଦିଗରେ ଯୋଗାଭ୍ୟାସର ଗୁରୁତ୍ୱ ସମ୍ପର୍କରେ ସଚେତନତାମୂଳକ ଅଭିବ୍ୟକ୍ତି ରଖିଥିଲେ। ପରେ ଶିକ୍ଷାର୍ଥୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଦ୍ୱାଦଶ ଶ୍ରେଣୀର ଶିବାଶିଷ ମହାନ୍ତ ୧ମ, ଅକ୍ଷୟ ରୂପ ୨ୟ ଏବଂ ଏକାଦଶ ଶ୍ରେଣୀର ଦୀପିକା ମୁର୍ମୁ ୩ୟ ସ୍ଥାନ ଅଧିକାର କରି କିଟ୍ କେୟାର ତରଫରୁ ପ୍ରତିଷ୍ଠାତା ନିର୍ଦ୍ଦେଶକ ଅଚ୍ୟୁତ ସାମନ୍ତଙ୍କ ଅତି ପ୍ରିୟ ରେନୋଲ୍ଡ କଲମ ସହ ଆକର୍ଷଣୀୟ ଉପହାର ଗ୍ରହଣ କରିଥିଲେ। ଶେଷରେ କିଟ୍ କେୟାରର ଛାତ୍ର ମଙ୍ଗଳ ଅଧିକାରୀ ଡ. ରାଜେନ୍ଦ୍ର କୁମାର ଦାସ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପରିବର୍ତ୍ତନର ସାକ୍ଷୀ ହୋଇରହିଛି 'ଅନାମ ଗଛ'

■ ସମୟ ବଦଳିଛି କିନ୍ତୁ ପରିଚୟ ପାଇନି
■ ଗଛ ସମ୍ପର୍କରେ ଜାଣିବାକୁ ଯୁବପିଢ଼ିଙ୍କ ଆଗ୍ରହ

ମୋରଡ଼ା, ୨।୭(ସମିସ): ଆଜିର ଏହି ବ୍ୟସ୍ତବହୁଳ ଜୀବନରେ ଯେଉଁଠି କଂକ୍ରିଟ ଜଙ୍ଗଲ ବଢୁଛି, ସେଠି ପ୍ରକୃତିର ଏକ ଜୀବନ୍ତ ଉଦାହରଣ ହୋଇ ଠିଆ ହୋଇଛି ଚିତ୍ରଡ଼ା ବସ୍‌ଷ୍ଟାଣ୍ଡରେ ମହାଦେବଙ୍କ ମନ୍ଦିର ନିକଟରେ ଥିବା ଶତାବ୍ଦୀ ପୁରୁଣା 'ଅନାମ ଗଛ'। ଲୋକଙ୍କ କହିବା ଅନୁସାରେ, ଏହି ଗଛଟିକୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଚିହ୍ନିପାରି ନାହାନ୍ତି, ତେଣୁ ଗଛଟିକୁ 'ଅନାମ ଗଛ' ବୋଲି ସମସ୍ତେ କୁହନ୍ତି। ପୂର୍ବରୁ ବିଭିନ୍ନ ପରିବେଶବିତ୍ ଆସି ଦେଖି ଯାଇଥିଲେ ମଧ୍ୟ କେହି ଗଛଟିର ନାମ କହିପାରି ନାହାନ୍ତି। ପ୍ରାୟ ୧୦୦ ବର୍ଷରୁ ଅଧିକ ଦିନ ଧରି ଅନେକ ଲୋକଙ୍କୁ ଛାଇ ଦେଇ ଆସୁଥିବା ଏହି ଗଛ ଏବେ ସ୍ଥାନୀୟ ଅଞ୍ଚଳର ଏକ ପରିଚିତ ଲ୍ୟାଣ୍ଡମାର୍କ ପାଲଟିଛି। ମାଟି ସହ ଜଡ଼ିତ ଏକ ଜୀବନ୍ତ ଇତିହାସ ସମୟ ବଦଳିଛି, ଲୋକ ବଦଳିଛନ୍ତି, କିନ୍ତୁ ଠିଆ ହୋଇରହିଛି ଏହି ବିଶାଳ 'ଅନାମ ଗଛ'। ପ୍ରାୟ ଶହେ ବର୍ଷ ଧରି ଏଠାକାର ସାହିବାସିନ୍ଦା ଓ ଆଖପାଖ ଅଞ୍ଚଳର ଲୋକଙ୍କୁ ଛାଇ ଓ ଶାନ୍ତି ପ୍ରଦାନ କରି ଆସୁଛି। ପ୍ରାକୃତିକ ଦୁର୍ବିପାକ (ବନ୍ୟା, ବାତ୍ୟା) କେତେ ଯେ, ତାକୁ ସମ୍ମୁଖୀନ ହେବାକୁ ପଡ଼ିଛି ତା'ର ହିସାବ ନାହିଁ। ତଥାପି, ସେ କେବେ ଭାଙ୍ଗି ପଡ଼ିନି। ଆଜି ବି ସେଇ ସମାନ ଭାବରେ ଲୋକଙ୍କୁ ଛାଇ ସହିତ ଶାନ୍ତି ଓ ଆଶ୍ରୟ ଦେଇ ଆସୁଛି। ଖରାଦିନରେ ଏହି ଗଛ ତଳେ ଅନେକ ପଥଚାରୀ ବିଶ୍ରାମ ନେଉଥିବାବେଳେ, ଅନେକ ଗ୍ରାମବାସୀଙ୍କ ପାଇଁ ଏହା ଏକ ମିଳନସ୍ଥଳୀ ଭାବେ ମଧ୍ୟ ପରିଚିତ। ଗଛର ବିଶାଳ ଛାଇ ଓ ପ୍ରାକୃତିକ ପରିବେଶ ଏହାକୁ ଅଞ୍ଚଳର ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। କେବଳ ଗଛ ଛାଇ ନୁହେଁ, ଏହି ଗଛ ସହ ଜଡ଼ିତ ରହିଛି ଅନେକ ସ୍ମୃତି ଓ ଭାବନା ଏଠାକାର ପୁରୁଣା ପିଢ଼ିରୁ ଆରମ୍ଭ କରି ନୂଆ ପିଢ଼ି ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଏହି ଗଛଟି ବିଷୟରେ ଜାଣିବା ପାଇଁ ଏକ ଅଲଗା ସ୍ଥାନ ରହିଛି। ଅନେକଙ୍କ ପାଇଁ ଏହା ଏକ ସାଧାରଣ ଗଛ ନୁହେଁ, ବରଂ ଏକ ଆଶ୍ରୟସ୍ଥଳୀ ଭଳି ଦେଖିବାକୁ ମିଳୁଛି।



● ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ

## ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

ମୋରଡ଼ା, ୨।୭(ସମିସ): ମୋରଡ଼ା ବ୍ଲକ ଅନ୍ତର୍ଗତ ଧଡ଼ାସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମଲ୍ଲିକ୍ ଓ ଶକ୍ତି କ୍ଲବ୍ ଶିକ୍ଷୟିତ୍ରୀ ରଞ୍ଜିତା ବେହେରାଙ୍କ ଅଧ୍ୟକ୍ଷତାରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ-୨୦୨୬ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଟିଲକା ହାଁସଦା, ମୁଖ୍ୟବକ୍ତା ବିଜ୍ଞାନ ଶିକ୍ଷକ କମଳାକାନ୍ତ ଜେନା, ସମ୍ମାନିତ ଅତିଥି ସମାଜସେବୀ ପିତାମ୍ବର ଦାସ ଯୋଗଦେଇ ବିଦ୍ୟୁତ୍‌ର ସୁରକ୍ଷିତ ବ୍ୟବହାର ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗ୍ରାମରେ ଏକ ସଚେତନତା ରାଲି ଆୟୋଜିତ ହେବା ସହିତ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପ୍ରବନ୍ଧ, କୁଇଜ୍, ତର୍କ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଶିକ୍ଷକ ଆନନ୍ଦ ଚରଣ ହାଁସଦା ଅତିଥି ପରିଚୟ ଏବଂ ଶିକ୍ଷକ ଅନୀଲ୍ କୁମାର ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ରଞ୍ଜନ କର, ଡମ୍ବୁରୁଧର ସିଂ, ଶିକ୍ଷୟିତ୍ରୀ ଯାଜ୍ଞସେନୀ ନାୟକ, ସଂଯୁକ୍ତା ନାୟକ, ଅନୁପମା ବାଗ, ସୁକାନ୍ତି ମାର୍ଣ୍ଡି, ରାଣୀ ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ନିଶାମୁକ୍ତ ଓଡ଼ିଶା ଅଭିଯାନ ଓ ଗଣଶପଥ କାର୍ଯ୍ୟକ୍ରମ

କୁଆମରା, ୨।୭(ସମିସ): ଖୁଣ୍ଟା ଥାନାରେ ବୁଧବାର ଆମ ପୁଲିସ ସମିତି ବୈଠକ ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି, ଥାନା ଏଏସ୍‌ଆଇ ରତିକାନ୍ତ ଦାସ, ସବ୍ୟସାଚୀ ସାମଲ, ଏସ୍‌ଆଇ ଲିଲି ବେହେରା ଓ ଗୋପବନ୍ଧୁ ନଗର ପ୍ରେସ୍ କ୍ଲବ୍‌ର ସଭାପତି ନିମାଇଁ ପ୍ରସାଦ ଦାଶ ଯୋଗଦେଇ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ କିପରି ସୁସମ୍ପର୍କ ଓ ସମନ୍ୱୟ ରକ୍ଷା ହୋଇପାରିବ ସେ ଉପରେ ଆଲୋଚନା ହୋଇଥିଲା। ବାଇକ୍ ଦୁର୍ଘଟଣା ବୃଦ୍ଧି, ବେଆଇନ ନିଶା କାରବାରକୁ ରୋକିବା, ଜନସାଧାରଣଙ୍କୁ ସୁରକ୍ଷା ଦେବା, ବାଲ୍ୟ ବିବାହ ଓ ନାବାଳିକା ଅପହରଣକୁ ରୋକିବା ଦିଗରେ ଆଲୋଚନା ହେବା ସହ ପୁଲିସକୁ ସହଯୋଗ ପାଇଁ ନିବେଦନ କରିଥିଲେ। ଡେଙ୍ଗାମ ସରପଞ୍ଚ ନବକିଶୋର ମୁର୍ମୁ ବେଆଇନ ଦେଶୀ ମଦକୁ ବନ୍ଦ କରିବାକୁ ଦାବି କରିଥିଲେ। ସାମ୍ବାଦିକ ରଞ୍ଜନ କୁମାର ମଡୁଆଳ ଜନସାଧାରଣଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଥିଲେ। ଏଥିସହ ନିଶାମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମରେ ରାଜ୍ୟ ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଆଭାସୀ ମାଧ୍ୟମରେ ନିଶାର ବ୍ୟାପକ କ୍ଷତି ଉପରେ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ନିଶାଠାରୁ ଦୂରେଇ ରହିବା ଓ ନିଶାକୁ ବର୍ଜନ କରିବା ନେଇ ଶପଥପାଠ କରାଯାଇଥିଲା। ବୈଠକରେ ଗୋପବନ୍ଧୁ ନଗର ଓ ଖୁଣ୍ଟା ବ୍ଲକର ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ପଞ୍ଚାୟତ ପ୍ରତିନିଧିମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ।



**ବେତନଟୀ:** ସମଗ୍ର ରାଜ୍ୟବ୍ୟାପୀ ନିଶାମୁକ୍ତ ଅଭିଯାନ ସପ୍ତାହ ପାଳନ ଅବସରରେ ବେତନଟୀ ପୁଲିସ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନାର ଇନ୍‌ଚାର୍ଜ ଅଫିସର କ୍ରିଷ୍ଣା ପିଙ୍ଗୁଆ ଅଧ୍ୟକ୍ଷତା କରିଥିଲେ ଏବଂ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ଏସ୍‌ଡିପିଓ ମିନତି ବିଶ୍ୱାଳ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର କର୍ମକର୍ତ୍ତାଙ୍କ ସହ ବେତନଟୀର ସାମ୍ବାଦିକ ସଂଘଗୁଡ଼ିକର ପ୍ରତିନିଧିଗଣ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ବାର୍ତ୍ତା ପ୍ରସାରଣ କରାଯାଇଥିଲା। ସେଥିରେ ଗଞ୍ଜେଇ ଚୋରାଚାଲାଣ, ବ୍ୟାପକ ଚୋରା ମଦ କାରବାର ଉପରେ ସରକାରୀ ଅଙ୍କୁଶ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ବର୍ତ୍ତମାନ ପିଢ଼ିର ଯୁବସମାଜ ପଥଭ୍ରଷ୍ଟ ନ ହେବାକୁ ସମସ୍ତେ ବିଶେଷଭାବେ ବରିଷ୍ଠମାନଙ୍କର ଭୂମିକା ନେଇ ଥାନା ଭାରପ୍ରାପ୍ତ ଅଧିକାରୀ ବ୍ୟକ୍ତବ୍ୟ ରଖିଥିଲେ। ଦିନକୁ ଦିନ ବେତନଟୀରେ ଅପରାଧ ଓ ଦୁଷ୍କର୍ମ ବୃଦ୍ଧି ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏତଦ୍ ବ୍ୟତୀତ ସ୍ଥାନୀୟ ସମସ୍ୟା ଚଣ୍ଡୀ ଛକରେ ଅବିଳମ୍ବେ ଉଜ୍ୱଳ ଆଲୋକ ଓ ସିସିଟିଭି କ୍ୟାମେରା ଲଗାଇବା ପାଇଁ ସମସ୍ତେ ଦାବି ଜଣାଇଥିଲେ।

**ରାସଗୋବିନ୍ଦପୁର:** ରାଜ୍ୟବ୍ୟାପୀ 'ନିଶାମୁକ୍ତ ଓଡ଼ିଶା ଅଭିଯାନ' ଅନ୍ତର୍ଗତ ଷ୍ଟେଟ୍ ଲେଭେଲ୍ ପ୍ରି-ଟ୍ରାଏଲ୍ ଡ୍ରଗ୍ ଡିସ୍ପୋଜାଲ୍ ପ୍ରୋଗ୍ରାମ ଏବଂ ମାସ୍ ଆଣ୍ଟି-ଡ୍ରଗ୍ ପ୍ଲେଜ୍ ସେରିମୋନି ଅବସରରେ ରାସଗୋବିନ୍ଦପୁର ପୁଲିସ ପକ୍ଷରୁ ଏକ ସଚେତନତା ଓ ଗଣଶପଥ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାସଗୋବିନ୍ଦପୁର ଥାନାର ଭାରପ୍ରାପ୍ତ ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବରିଷ୍ଠ ସମାଜସେବୀମାନେ ଉପସ୍ଥିତ ରହି ନିଶା ବିରୋଧୀ ଶପଥ ଗ୍ରହଣ କରିଥିଲେ। ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ। କାର୍ଯ୍ୟକ୍ରମରେ ବାର୍ତ୍ତା ମାଧ୍ୟମରେ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରାଯିବା ସହ ଯୁବପିଢ଼ିକୁ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ଜୀବନଶୈଳୀ ଅବଲମ୍ବନ କରିବାକୁ ଆହ୍ୱାନ ଜଣାଯାଇଥିଲା। ଏହି ଅବସରରେ ଭାରପ୍ରାପ୍ତ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ କହିଥିଲେ ଯେ, ନିଶାମୁକ୍ତ ସମାଜ ଗଠନ ପାଇଁ ପୁଲିସ, ପ୍ରଶାସନ, ପଞ୍ଚାୟତ ପ୍ରତିନିଧି ଓ ସାଧାରଣ ଲୋକଙ୍କ ସାମୂହିକ ସହଯୋଗ ଅତ୍ୟନ୍ତ ଆବଶ୍ୟକ। ଏପରି ସଚେତନତା କାର୍ଯ୍ୟକ୍ରମ ସମାଜରୁ ନିଶାଦ୍ରବ୍ୟର କୁପ୍ରଭାବକୁ ଦୂର କରି ଏକ ସୁସ୍ଥ, ସଶକ୍ତ ଓ ନିଶାମୁକ୍ତ ଓଡ଼ିଶା ଗଠନରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଥିଲେ।

**କରଞ୍ଜିଆ:** ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟବ୍ୟାପୀ ଭାବେ ଚାଲିଥିବା 'ନିଶାମୁକ୍ତ ଓଡ଼ିଶା' ଅଭିଯାନ ଅନ୍ତର୍ଗତ ବିଚାରାଧୀନ ଜବତ ନିଶାଦ୍ରବ୍ୟ ଧ୍ୱଂସକରଣ କାର୍ଯ୍ୟକ୍ରମ ଏବଂ ସାମୂହିକ ନିଶା ବିରୋଧୀ ଶପଥ ଗ୍ରହଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବୁଧବାର କରଞ୍ଜିଆ ଥାନା ପରିସରରେ ଏକ ସଚେତନତାମୂଳକ ବୈଠକ ଅନୁଷ୍ଠିତ ହୋଇଛି। ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଏବଂ କରଞ୍ଜିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିଲା। ବୈଠକରେ କରଞ୍ଜିଆ ଥାନାର ସମସ୍ତ ପୁଲିସ କର୍ମଚାରୀ ଉପସ୍ଥିତ ରହି ନିଶା ସେବନର କୁପ୍ରଭାବ, ନିଶା କାରବାରକୁ ରୋକିବା ପାଇଁ ଗ୍ରହଣୀୟ ପଦକ୍ଷେପ, ଯୁବପିଢ଼ିଙ୍କୁ ନିଶାମୁକ୍ତ ରଖିବା ଏବଂ ସମାଜରେ ସଚେତନତା ସୃଷ୍ଟି କରିବା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ନିଶା ବିରୋଧରେ ସାମୂହିକ ଶପଥ ଗ୍ରହଣ କରିଥିଲେ। ନିଶାମୁକ୍ତ ସମାଜ ଗଠନ, ଯୁବପିଢ଼ିଙ୍କୁ ସୁସ୍ଥ ଜୀବନଶୈଳୀ ପ୍ରତି ପ୍ରେରିତ କରିବା ଏବଂ ନିଶା କାରବାର ବିରୋଧରେ କଠୋର ପଦକ୍ଷେପ ଜାରି ରଖିବାକୁ ଏହି କାର୍ଯ୍ୟକ୍ରମରେ ଦୃଢ଼ ସଂକଳ୍ପ ନିଆଯାଇଥିଲା।

**ବୈଶିଙ୍ଗା:** ବୈଶିଙ୍ଗା ଥାନା ପରିସରରେ ନିଶାମୁକ୍ତ ଓଡ଼ିଶା ଅଭିଯାନ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବୈଶିଙ୍ଗା ଥାନା ସବଇନ୍ସପେକ୍ଟର ସରୋଜ ଜେନା, ଇତିଶ୍ରୀ ସାହୁ, ଏଏସଆଇ ସପନ ବିଶ୍ୱାଳ, ଗୋବିନ୍ଦ ଟୁଡୁଙ୍କ ସମେତ ପୁଲିସ ସମିତିର ସଦସ୍ୟ, ବୁଦ୍ଧିଜୀବୀ, ଜନପ୍ରତିନିଧି, ସାମ୍ବାଦିକ, ଶିକ୍ଷକ, ସାମାଜିକ କର୍ମୀ ଏବଂ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଭର୍ଚୁଆଲ ବାର୍ତ୍ତାରେ ଡିଜିପି କହିଥିଲେ, ନିଶା କାରବାର ଓ ନିଶାସେବନ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ପୁଲିସ ଏକାକୀ ଏହି ଲଢ଼େଇରେ ସଫଳ ହୋଇପାରିବ ନାହିଁ; ସମାଜର ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ସକ୍ରିୟ ସହଯୋଗ ଅତ୍ୟନ୍ତ ଜରୁରୀ। ଯୁବପିଢ଼ିକୁ ନିଶାମୁକ୍ତ ରଖିବା, ମହିଳା ଓ ଶିଶୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ସାଇବର ଅପରାଧ ସମ୍ପର୍କରେ ସଚେତନତା ବୃଦ୍ଧି ଏବଂ ସଡ଼କ ସୁରକ୍ଷା ପ୍ରତି ସମସ୍ତଙ୍କୁ ସଚେତନ ରହିବାକୁ ସେ ଆହ୍ୱାନ ଦେଇଥିଲେ।

**ମହୁଲଡିହା:** (୧୦୫) : ରାଜ୍ୟରେ ନିଶାମୁକ୍ତ ଅଭିଯାନ ରାଜ୍ୟ ପୋଲିସ ପକ୍ଷରୁ ଆରମ୍ଭ ହୋଇଛି। ଏ ଅବସରରେ ଠାକୁରମୁଣ୍ଡା ଥାନା ପରିସରରେ ଏକ ସଚେତନତାମ୍ଭକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟକୁ ନିଶାମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ୧ ତାରିଖ ନିଶାମୁକ୍ତ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହ ରାଇରଙ୍ଗପୁର ପୁଲିସ ଜିଲ୍ଲାର ଠାକୁରମୁଣ୍ଡା ଥାନା ମଧ୍ୟ ଯୋଡ଼ି ହୋଇଥିଲା। ନିଶା ସେବନ ଯୋଗୁଁ ଯୁବପିଢ଼ି ବିପଥଗାମୀ ହେଉଥିବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଏହାର କୁପ୍ରଭାବ ପଡୁଥିବାରୁ ସମାଜର ସମସ୍ତ ବର୍ଗଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ଆହ୍ୱାନ କରାଯାଇଥିଲା। ଠାକୁରମୁଣ୍ଡା ଥାନା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଥାନା ଅଧୀନରେ ଥିବା ସମାଜସେବୀ, ସାମ୍ବାଦିକ ଓ ବରିଷ୍ଠ ନାଗରିକ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପରେ ମତ ରଖିଥିଲେ। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଏସଆଇ ରିତାରାଣୀ ଦାସ, ଏଏସଆଇ ଅମରେଶ ବାରିକ, ଅବକାରୀ ଥାନା ଏଏସଆଇ ଲକ୍ଷ୍ମଣ ନାୟକଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।



## ଡାକ୍ତରଙ୍କ ଧର୍ମଘଟ; ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ



ପଦ୍ମପୁର,୨।୭(ସମିସ): ଜୁଲାଇ ୧ରେ ଡାକ୍ତର ଦିବସରେ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନର ନିର୍ଦ୍ଦେଶ କ୍ରମେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ବୁଧବାରଠାରୁ ଆରମ୍ଭ ହୋଇଛି । ୧୦ଦଫା ନେଇ ୬ ମାସ ତଳୁ କେବଳ ଦିନକୁ ୧ ଘଣ୍ଟା କାମବନ୍ଦ ଆନ୍ଦୋଳନ କରି ପ୍ରତିବାଦ କରୁଥିବାବେଳେ ଦାବି ପୂରଣ ନହେବାରୁ ବୁଧବାର ପୁଣି ସମ୍ପୂର୍ଣ୍ଣ ଆନ୍ଦୋଳନ କରିଛନ୍ତି । ଫଳରେ ବର୍ତ୍ତମାନ ମେଡିକାଲର ସମସ୍ତ ସେବା ବୁଧବାରଠାରୁ ଠପ୍ ହୋଇଯାଇଛି । ଗରିବ ଲୋକେ ହଇରାଣ ହେଉଥିବାବେଳେ ଜରୁରୀକାଳୀନ ସେବା ପାଇଁ କେବଳ ବେସରକାରୀ ମେଡିକାଲ ହିଁ ଭରସା ପାଲଟିଛି । କେବଳ ଆୟୁସ ଡାକ୍ତର ରୋଗୀସେବା କରୁଥିବା ଦେଖିବାକୁ ମିଳିଛି ।

## ଲାୟନ୍ସ କ୍ଲବ ପକ୍ଷରୁ ଡାକ୍ତର ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ

● ଆଠ ଡାକ୍ତର ଓ ଆଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମ୍ମାନିତ




ବରଗଡ଼,୨।୭(ସମିସ): ରାଜ ପାଥୋ କ୍ଲିନିକ୍‌ଠାରେ ଲାୟନ୍ସ କ୍ଲବ୍ ପକ୍ଷରୁ ଡାକ୍ତର ଦିବସ ପାଳିତ ହୋଇଯାଇଅଛି । ଏହି ଉପଲକ୍ଷେ ୮ ଜଣ ଡାକ୍ତର ଓ ୮ ଜଣ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଡାକ୍ତର ସ୍ୱାଧୀନ ଶର୍ମା, ଡାକ୍ତର ନିହାର ରଞ୍ଜନ ନାଏକ, ସାମ୍ବାଦିକ କିଶନ ଲାଲ ଅଗ୍ରୱାଲ ଡାକ୍ତରଙ୍କ କର୍ତ୍ତବ୍ୟ ଓ ସେମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ସେହିପରି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନବୀନ ଲାଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ କର୍ତ୍ତବ୍ୟ ଉପରେ ସମ୍ୟକ ଧାରଣା ଦେଇଥିଲେ । ସମ୍ବର୍ଦ୍ଧନା ଉତ୍ସବରେ ସଭାପତି ଅଭୟ କୁମାର ଭୋଇ, ସଂପାଦକ ବିନୟ ଲାଠ, ଡାକ୍ତର ପ୍ରବୀଣ ଅଗ୍ରୱାଲ, ଡାକ୍ତର ନିହାର ରଞ୍ଜନ ନାଏକ, ମନୋଜ ମହାପାତ୍ର, ଅମରଜିତ୍ ସିଂ, କିଶନ ଲାଲ ଅଗ୍ରୱାଲ, ବିକାଶ ଅଗ୍ରୱାଲ, ରାଜ କିଶୋର ପାଣିଗ୍ରାହୀ, ପ୍ରଦୀପ ତୟାଲ, ଲଳିତ ଅଗ୍ରୱାଲ, କହ୍ନେଇୟାଲାଲ ଅଗ୍ରୱାଲ, ଇନ୍ଦ୍ରଜିତ ସିଂ, ପ୍ରିତେଶ ଷଡ଼ଙ୍ଗୀ ଆଦି ଯୋଗ ଦେଇ ନିଜ ନିଜ ମତାମତ ଉପସ୍ଥାପିତ କରିଥିଲେ । ଶେଷରେ ସମ୍ପାଦକ ବିନୟ ଲାଠ ଧନ୍ୟବାଦ ଅର୍ପଣ କରିଥିଲେ ।

● ଅବଧି ବଢ଼ିଲା, ଟୋକନ ନାହିଁ

## ଏବେ ବି ମଣ୍ଡିରେ ପଡ଼ିଛି ଲକ୍ଷ ଲକ୍ଷ ବସ୍ତା ଧାନ

ବରଗଡ଼,୨।୭(ସମିସ): ରବି ଧାନ ସଂଗ୍ରହ ଅବଧି ରାଜ୍ୟ ସରକାର ନିଜର ଅପାରଗତା ଢାଙ୍କିବା ପାଇଁ ଆହୁରି ୩ ଦିନ ବୃଦ୍ଧି କରିଛନ୍ତି । ରବି ଧାନ କିଣା ଯାଉଥିବା ଜିଲ୍ଲାମାନଙ୍କରେ ଯେମିତି ସମସ୍ତ ଯୋଗ୍ୟ ଚାଷୀ ତାଙ୍କର କଷ୍ଟ ଉପାର୍ଜିତ ଧାନ ମଣ୍ଡି ଜରିଆରେ ସରକାରୀ ମୂଲ୍ୟରେ ବିକ୍ରି କରିପାରିବେ ସେ ଦିଗରେ କ୍ରୟ ସଂସ୍ଥାମାନଙ୍କୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଧାନ କିଣିବାକୁ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ମଣ୍ଡିରେ ମାସ ମାସ ଧାନ ପଡିରହୁଛି ସରକାରଙ୍କ ନଜର ନାହିଁ । ବରଗଡ଼ ଜିଲ୍ଲାରେ ବିଭିନ୍ନ ମଣ୍ଡିରେ ୫ ଲକ୍ଷ ପ୍ୟାକେଟ୍‌ରୁ ଅଧିକ କିଣା ଯାଇଥିବା ଧାନ ମଣ୍ଡିରେ ପଡ଼ିରହିଛି । ଏହାର ଅର୍ଥ ସରକାରୀ ବ୍ୟବସ୍ଥା କେତେ ଜଟିଳ ଏବଂ କେତେ ନିରୁତ୍ସାହନକ ଅନୁମାନ କରାଯାଇପାରେ । ଜିଲ୍ଲାରେ ୫ ହଜାର କୃଷକ ଆଦୌ ଟୋକନ ପାଇନାହାନ୍ତି । ସଂଯୁକ୍ତ କୃଷକ ସଂଗଠନ ୫ ଦିନ ହେବ ଧାରଣାରେ ବସିଛି; କିନ୍ତୁ ବରଗଡ଼ ଜିଲ୍ଲାର ଧାନ କିଣା ପୋର୍ଟାଲ ବନ୍ଦ ହୋଇଗଲାଣି । ସମୟ ସୀମା ବୃଦ୍ଧି କାହା ପାଇଁ କରାଗଲା । ଜିଲ୍ଲାରେ ଗତବର୍ଷ ତୁଳନାରେ ୧୦ ହଜାର ଚାଷୀ ଅଧିକ ଧାନ ବିକ୍ରି କରିଛନ୍ତି ସତ କିନ୍ତୁ ଧାନର ପରିମାଣ ୫,୩୬,୬୩୨ କ୍ୟୁଣ୍ଟାଲ କମ ସଂଗ୍ରହ ହୋଇଛି । ଗତବର୍ଷ ୯୦,୬୪୩ ଜଣ ଚାଷୀ ୬୨,୬୩ , ୯ ୯୪ କ୍ୟୁଣ୍ଟାଲ ଧାନ ବିକ୍ରି କରିଥିଲେ । ଅର୍ଥ ଗୋଟିଏ ଚାଷୀ ସାଧାରଣତଃ ୬୯ କ୍ୟୁଣ୍ଟାଲ ଧାନ ବିକ୍ରି କରିଥିଲେ । ହେଲେ ଚଳିତ ବର୍ଷ ୧,୦୫,୪୯୪ ଜଣ ଚାଷୀ ପଞ୍ଜିକୃତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧,୦୦,୪୦୨ ଟୋକନ ପାଇଛନ୍ତି ଏବଂ ୯୯,୯୯୮ ଜଣ ଧାନ ୫୮,୨୭,୩୬୨ କ୍ୟୁଣ୍ଟାଲ ବିକ୍ରି କରିଛନ୍ତି । ହାରାହାରି ଗୋଟିଏ ଚାଷୀଠାରୁ ୫୮ କ୍ୟୁଣ୍ଟାଲ ଧାନ ସଂଗ୍ରହ ହୋଇଛି । ଅର୍ଥ ଜମି ତୁଳନାରେ ଟୋକନ କମ ଦିଆଯାଇଛି । ସେଥିପାଇଁ ଚାଷୀ ସଂଗଠନ ତରଫରୁ ବାରମ୍ବାର ଆନ୍ଦୋଳନ କରିଛନ୍ତି । ଏବେ ବି ଜିଲ୍ଲାର ବିଭିନ୍ନ ମଣ୍ଡି ଗୁଡ଼ିକରେ ଧାନ ସବୁ ପଡ଼ି ରହିଛି ।



ତେଲଙ୍ଗାନାରେ ଓଡ଼ିଆ ଶ୍ରମିକ ନିଖୋଜ ଘଟଣା

# ଗଛରୁ ମିଳିଲା ଝୁଲନ୍ତା ମୃତଦେହ; ହତ୍ୟା ଅଭିଯୋଗ

ବରଗଡ଼/ପାଇକମାଳ,୨।୭(ସମିସ):

ତେଲଙ୍ଗାନାରେ ନିଖୋଜ ବରଗଡ଼ ଜିଲ୍ଲାର ଜଣେ ଓଡ଼ିଆ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ମିଳିଛି । ମୃତକ ହେଲେ ପାଇକମାଳ ଥାନା ଅନ୍ତର୍ଗତ ଜର୍ଜଗଡ଼ ଗ୍ରାମର ଚୂଡ଼ାମଣି ବରିହା(୪୦) । କିଛିଦିନ ହେବ ସେ ନିଖୋଜ ଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିବାବେଳେ ଗୁରୁବାର ତାଙ୍କ ମୃତଦେହ ଚିହ୍ନଟ ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସ୍ୱାମୀଙ୍କୁ ହତ୍ୟା କରି ଟାଙ୍ଗି ଦିଆଯାଇଥିବା ସ୍ତ୍ରୀ ଅଭିଯୋଗ କରିଛନ୍ତି ।

ସୂଚନା ଅନୁଯାୟୀ, ଚୂଡ଼ାମଣି ପ୍ରାୟ ୬ ମାସ ପୂର୍ବେ ସାଙ୍ଗଙ୍କ ସହ ତେଲଙ୍ଗାନାର କରିମନଗର ଜିଲ୍ଲା ମାକଦମପଲ୍ଲୀ ଅଞ୍ଚଳକୁ କାମ କରିବାକୁ ଯାଇଥିଲେ । ହଠାତ୍ ତାଙ୍କ ସହ ପରିବାରର ଯୋଗାଯୋଗ ହୋଇ ପାରିନଥିଲା । ପରେ ସେ ନିଖୋଜ ଥିବା ପରିବାର ଲୋକେ ଅଭିଯୋଗ କରିଥିଲେ । ଏନେଇ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପରେ ବରଗଡ଼ ଜିଲ୍ଲା ଶ୍ରମ ବିଭାଗ ସକ୍ରିୟ ହୋଇଥିଲା । ଗୁରୁବାର ଜିଲ୍ଲା ଶ୍ରମ ଅଧିକାରୀ ଜର୍ଜଗଡ଼ ଗ୍ରାମରେ ଚୂଡ଼ାମଣିଙ୍କ ଘରେ ପହଞ୍ଚି ତେଲଙ୍ଗାନାରେ ଉଦ୍ଧାର ହୋଇଥିବା ଏକ ମୃତଦେହର ଫଟୋ ଓ ଅନ୍ୟାନ୍ୟ ପ୍ରମାଣ ପରିବାର ସଦସ୍ୟଙ୍କୁ ଦେଖାଇଥିଲେ । ପରିବାର ଲୋକେ ତାହା ଚୂଡ଼ାମଣିଙ୍କର ବୋଲି ନିଶ୍ଚିତ କରିଥିଲେ । ଜଣାପଡ଼ିଛି ଯେ, କରିମନଗର ଗ୍ରାମୀଣ ମଣ୍ଡଳ ଅନ୍ତର୍ଗତ ଇରୁକୁଲ୍ଲା ଗ୍ରାମ ନିକଟ ଏକ ଆମ୍ବ ଗଛରୁ ଝୁଲନ୍ତା ଅବସ୍ଥାରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ସ୍ଥାନୀୟ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କରୀମନଗର ସରକାରୀ ଡାକ୍ତରଖାନାକୁ ପଠାଇଥିଲା । ପରବର୍ତ୍ତୀ ସମୟରେ ଫଟୋ ଓ ଅନ୍ୟାନ୍ୟ ପରିଚୟ ତଥ୍ୟ ଆଧାରରେ ଏହା ଚୂଡ଼ାମଣି ବରିହାଙ୍କ ମୃତଦେହ ବୋଲି ସ୍ପଷ୍ଟ ହୋଇଥିଲା । ଅନ୍ୟପକ୍ଷରେ ମୃତକଙ୍କ ସ୍ତ୍ରୀ ଲଳିତା ବରିହା ତାଙ୍କ ସ୍ୱାମୀଙ୍କୁ ହତ୍ୟା କରି ଟାଙ୍ଗି ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି । ଏହାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ସେ ଦାବି କରିଛନ୍ତି । ଦୋଷୀଙ୍କୁ ଚିହ୍ନଟ କରି କଠୋର ଦଣ୍ଡ ପ୍ରଦାନ କରିବା ସହ ପରିବାରକୁ ନ୍ୟାୟ ଦେବା ପାଇଁ ସେ ସରକାରଙ୍କୁ ଗୁହାରି କରିଛନ୍ତି ।

## ଅମ୍ବାଭୋନାରେ ବଢୁଛି ଚୋରି, ଲୁଟ୍ ଓ ଅସାମାଜିକ କାର୍ଯ୍ୟକଳାପ

ଅମ୍ବାଭୋନା,୨।୭(ସମିସ): ବରଗଡ଼ ଜିଲ୍ଲାର ଅମ୍ବାଭୋନା ଅଞ୍ଚଳରେ ସମ୍ପ୍ରତି ଚୋରି, ଲୁଟ୍, ରାହାଜାନୀ ଓ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ବଢ଼ି ଚାଲିଛି । ଲଗାତାର ଏଭଳି ଘଟଣା ଘଟୁଥିବାରୁ ପୁଲିସର କାର୍ଯ୍ୟଶୈଳୀ ଉପରେ ସ୍ଥାନୀୟ ବୁଦ୍ଧିଜୀବୀ, ବ୍ୟବସାୟୀ ଏବଂ ସାଧାରଣ ଲୋକ ପ୍ରଶ୍ନ ଉଠାଇଛନ୍ତି । ଅଞ୍ଚଳରେ ନିୟମିତ ପୁଲିସ ପେଟ୍ରୋଲିଂ, ଅପରାଧୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଏବଂ ଆଇନ-ଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଦାବି ହେଉଛି ।




ଅଭିଯୋଗ ଅନୁସାରେ, ଗତ କିଛି ସପ୍ତାହ ମଧ୍ୟରେ ସମରଧରା ଲଖନପୁର ରାସ୍ତାରେ ଲଗାତର ଲୁଟ୍ ଘଟଣା ଘଟୁଛି । ପ୍ରଥମେ କର୍ଲା ଗ୍ରାମର କୃପାସିନ୍ଧୁ ମିଶ୍ରଙ୍କୁ ଦୁର୍ବୃତ୍ତମାନେ ଅଟକାଇ ମନିପର୍ସ ଓ ମୋବାଇଲ ଫୋନ୍ ଲୁଟି ନେଇଥିଲେ । ଘଟଣା ଘଟିବାର କିଛି ସମୟ ପରେ ମୁଣ୍ଡକଟି ଗ୍ରାମର ବୃନ୍ଦାବନ ବେହେରାଙ୍କଠାରୁ ମଧ୍ୟ ମୋବାଇଲ ଲୁଟ୍ ହୋଇଥିଲା । ଏହାର ଦୁଇ ଦିନ ପରେ ପ୍ରକାଶପୁର ମୁଖ୍ୟ ରାସ୍ତାରେ ଦର୍ଲିପାଲି ଗ୍ରାମର ବୃନ୍ଦାବନ ବେହେରା ବାଇକ୍‌ରେ ବସି ଫୋନରେ କଥା ହେଉଥିବାବେଳେ ୩ ଜଣ ଅଚିହ୍ନା ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ମୋବାଇଲ ଛଡ଼ାଇ ଫେରାର ହୋଇଯାଇଥିଲେ । ପୁଣି ଦୁଇରୁ ତିନି ଦିନ ପରେ ସନ୍ଧ୍ୟାରେ ଲଖନପୁର ଗ୍ରାମର ଯୁଧିଷ୍ଠିର ସାହୁଙ୍କ ଉପରେ ମଧ୍ୟ ଦୁର୍ବୃତ୍ତମାନେ ଆକ୍ରମଣ ଉଦ୍ୟମ କରିଥିଲେ । ମାତ୍ର କିଛି ଲୋକ ସେଠାରେ ପହଞ୍ଚିଯିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ । ସମରଧରାରୁ ଲଖନପୁର ପର୍ଯ୍ୟନ୍ତ ରାସ୍ତାର ଅଧିକାଂଶ ଅଂଶ ଘଞ୍ଚ ଜଙ୍ଗଲ ଦେଇ ଯାଇଥିବାରୁ ସନ୍ଧ୍ୟା ପରେ ଏହି ରାସ୍ତାରେ ଯାତାୟାତ କରିବାକୁ ଲୋକମାନେ ଭୟ କରୁଛନ୍ତି । ପ୍ରତିଦିନ ଶହ ଶହ ଲୋକ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ବେଳେ ଲଗାତର ଲୁଟ୍ ଘଟଣା ପରେ ଭୟର ବାତାବରଣ ଦେଖାଦେଇଛି ।

ବର୍ତ୍ତମାନ ବର୍ଷା ଋତୁରେ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ ବାରବଖରା ଜଳପ୍ରପାତକୁ ଓଡ଼ିଶା ଓ ଛତିଶଗଡ଼ ସମେତ ବିଭିନ୍ନ ସ୍ଥାନରୁ ଶହ ଶହ ପର୍ଯ୍ୟଟକ ଆସୁଛନ୍ତି । ଏଭଳି ପରିସ୍ଥିତିରେ ପର୍ଯ୍ୟଟକଙ୍କ ସୁରକ୍ଷା ସହ ସ୍ଥାନୀୟ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ସମରଧରାଲଖନପୁର ରାସ୍ତାରେ ନିୟମିତ ପୁଲିସ ପେଟ୍ରୋଲିଂ ଜୋର୍‌ଦାର କରିବାକୁ ଦାବି ହେଉଛି । ଅନ୍ୟପଟେ, ଅମ୍ବାଭୋନାର ସାପ୍ତାହିକ ବଜାରରେ ପ୍ରାୟ ପ୍ରତ୍ୟେକ ବଜାର ଦିନ ମୋବାଇଲ ଚୋରି ହେଉଛି । ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ଚୋରମାନଙ୍କୁ ଧରିବାରେ ପୁଲିସ ଫେଲ୍ ମାରିଛି । ଯାହାକୁ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଉଛି । ଏହାସହ ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଓଡ଼ିଶାରୁ ଛତିଶଗଡ଼ ଅଭିମୁଖେ ଗଞ୍ଜେଇ ଚୋରାଚାଲାଣ ମଧ୍ୟ ବାରମ୍ବାର ହେଉଛି । ସ୍ଥାନୀୟ ମହଲର ଦାବି ଅନୁଯାୟୀ, ଅନେକ ସମୟରେ ଛତିଶଗଡ଼ ପୁଲିସ ଚୋରାଚାଲାଣକାରୀଙ୍କୁ ଧରିବାରେ ସଫଳ ହେଉଥିବା ବେଳେ ସୀମାନ୍ତ ଅଞ୍ଚଳରେ ଅଧିକ ସତର୍କତା ହେବାର ଆବଶ୍ୟକତା ରହିଛି । ଏହି ସମସ୍ତ ଘଟଣା ପରେ ଅମ୍ବାଭୋନା ଅଞ୍ଚଳବାସୀଙ୍କ ମଧ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ଚିନ୍ତା ବଢ଼ିଛି । ଅଞ୍ଚଳରେ ପୁଲିସ ପେଟ୍ରୋଲିଂ, ସମ୍ବେଦନଶୀଳ ସ୍ଥାନରେ ନାକା ଚେକିଂ, ଲୁଟେରା ଓ ଚୋରଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଏବଂ ସାଧାରଣ ଲୋକଙ୍କୁ ସୁରକ୍ଷା ପାଇଁ ତୁରନ୍ତ ବରଗଡ଼ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି ।

● ପୁଲିସର ଢିଲା ପାଟ୍ରୋଲିଂକୁ ଦାୟୀ କଲେ ଅଞ୍ଚଳବାସୀ
● ବ୍ଲକିଂ, ଚେକିଂ ସହ ସ୍ୱତନ୍ତ୍ର ଡ୍ରାଇଭ୍ ପାଇଁ ଏସ୍‌ପିଙ୍କୁ ନିବେଦନ

## ପଦ୍ମପୁର ପିଏଚ୍‌ଡି ପକ୍ଷରୁ ଦୂଷିତ ପାଣି ଯୋଗାଣ ଅଭିଯୋଗ




ପଦ୍ମପୁର,୨।୭(ସମିସ): ପଦ୍ମପୁର ସହରରେ ପାଇପ ଲାଇନ ଯୋଗେ ପିଇବା ପାଣି ଯୋଗାଣ ବନ୍ଦ ଥିଲା । କିନ୍ତୁ ପ୍ରାୟ ସପ୍ତାହେ ହେବ ପାଇପ ଯୋଗେ ପାଣି ଯୋଗାଣ ହେଉଥିବାବେଳେ ଆବର୍ଜନା ପାଣି ଭଳି ଗନ୍ଧ ହେଉଛି । ସେହିଭଳି ବରଗଡ଼ ରୋଡ ପାଇପ ଲାଇନରୁ ଯେଉଁ ଜଳ ଯୋଗାଣ ହେଉଛି ଅତ୍ୟନ୍ତ ଗୋଳିଆ ପାଣି ଆସୁଥିବା ପଡାବାସିନ୍ଦା ଅଭିଯୋଗ କରିଛନ୍ତି । ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ କବିତା ବିଶ୍ୱାସଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ଥିବା ଜଣାପଡିଛି । ଶୀଘ୍ର ଲୋକଙ୍କୁ ବିଶୁଦ୍ଧ ଜଳ ଯୋଗାଇ ଦେବାକୁ ଦାବି ହେଉଛି ।

● ମହିଳା ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ଅସଦାଚରଣ

## ଲାଇବ୍ରେରିଆନ୍‌ଙ୍କୁ ବହିଷ୍କାର କଲେ ଉପଜିଲ୍ଲାପାଳ

ପଦ୍ମପୁର,୨।୭(ସମିସ): ପଦ୍ମପୁର ମହିଳା ମହାବିଦ୍ୟାଳୟର ବହୁଚର୍ଚ୍ଚିତ ଲାଇବ୍ରେରିଆନ ସ୍ମୀତ ମହାନ୍ତିଙ୍କୁ ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ ନିଲମ୍ବିତ କରିଛନ୍ତି । ଏ ନେଇ ପଦ୍ମପୁର ଉପଜିଲ୍ଲାପାଳ ତଥା ପରିଚାଳନା କମିଟିର ଅଧ୍ୟକ୍ଷ କହିଛନ୍ତି ଯେ, ଗତ ୨୨ ତାରିଖରେ ଆଭ୍ୟନ୍ତରୀଣ କମିଟି ଉପଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟରେ କାର୍ଯ୍ୟରତ ଶ୍ରୀ ମହାନ୍ତି ଝିଅ ମାନଙ୍କୁ ଅସଦାଚରଣ କରୁଥିବା ସହ ଜଣେ ଝିଅ ସହିତ ଚାଟିଂ କରୁଥିଲେ । ଏପରିକି ମହିଳା ମହାବିଦ୍ୟାଳୟର ବିଭିନ୍ନ ସ୍ଥାନର ଭିଡିଓ କରି ତାହାକୁ ନେଇ ବ୍ଲାକ୍‌ମେଲିଂ କରୁଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ଅଧ୍ୟାପିକା, ଛାତ୍ରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା ଓ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଥିଲା ।

## ଦଧିବାମନଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ




ଭଟଲି,୨।୭(ସମିସ): ପଶ୍ଚିମ ଓଡିଶା ଶ୍ରୀକ୍ଷେତ୍ର ରୂପେ ପରିଚିତ ଶ୍ରୀ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ଭଟଲିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଜୁଲାଇ ୧୪ରେ ନେତ୍ରୋତ୍ସବ, ୧୫ରେ ନବଯୌବନ ଦର୍ଶନ, ୧୬ରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଏବଂ ୨୪ରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ । ସେହିପରି ଚଳିତବର୍ଷ ଦ୍ୱିତୀୟ ଥର ଏଠାରେ ସୁନାବେଶ ଅନୁଷ୍ଠିତ ହେବ ଓ ୨୬ରେ ଅଧରପଣା ସହିତ ସେହିଦିନ ଶ୍ରୀଜୀଉଙ୍କ ନିଳାଦ୍ରୀ ବିଜେ ହେବ ବୋଲି ଉପଜିଲ୍ଲାପାଳ ଶ୍ରୀ ପାଣ୍ଡେ ସୂଚନା ଦେଇଥିଲେ ।

ତହସିଲଦାର ରାମକୃଷ୍ଣ ମିଶ୍ର ବୈଠକରେ ଯୋଗ ଦେଇଥିବା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ରଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାଲାଗି ବଢେଇ ମାନଙ୍କୁ ଅନୁରୋଧ କରାଯାଇଥିଲା । ଭଟଲି ଗ୍ରାମ ପଞ୍ଚାୟତ ଏବଂ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବଡ଼ଦାଣ୍ଡ ରାସ୍ତା ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦୃଷ୍ଟି ଗୋଚର କରିବା ସହିତ ମାଉସୀ ମାଁ ମନ୍ଦିର ପରିସରରେ ନିଶା କାରବାରକୁ ରୋକିବା ଦିଗରେ ଧ୍ୟାନ ଦେବାକୁ ଆଲୋଚନା କରାଯାଇଥିଲା । ପାର୍କିଂ ସ୍ଥାନରେ ବିଦ୍ୟୁତ ବ୍ୟବସ୍ଥାକୁ ବିଶେଷ ଦୃଷ୍ଟି ଦେବାକୁ ରଥଯାତ୍ରା ପରିଚାଳନା କମିଟିକୁ ଦାୟିତ୍ୱ ଦିଆଯାଇଥିଲା । ନବଦିନାଇକ ନବଗୁଞ୍ଜର ରଥଯାତ୍ରା ପାଇଁ ସାଂସ୍କୃତିକ ଦଳ ପଠାଇବାକୁ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀଙ୍କୁ ଜଣାଇବା, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା, ଶାନ୍ତି ଶୃଙ୍ଖଳା ରକ୍ଷା ତଥା ଯାନବାହନ ଚଳାଚଳର ସୁବନ୍ଦୋବସ୍ତ ପାଇଁ ପୋଲିସ ବିଭାଗକୁ ଅବଗତ କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଆରଓ ସନତ ପାଢ଼ୀ, ଏସଡିପିଓ ପଦାରବିନ୍ଦ ତ୍ରିପାଠୀ, ଭଟଲି ଥାନାଧିକାରୀ ବିଭୁତି ଭୁଷଣ ଦଳେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଜିତ ହାଁସଦା ପ୍ରମୁଖ ମଞ୍ଚାସୀନ ଥିଲେ । ମନ୍ଦିର ପୂଜକ ଗୌରଚନ୍ଦ୍ର ରଥ, ରଥଯାତ୍ରା ପରିଚାଳନା କମିଟିର ସଦସ୍ୟ, ମନ୍ଦିର ଟ୍ରଷ୍ଟ ବୋର୍ଡ ନୂତନ ମ୍ୟାନେଜିଂ ଟ୍ରଷ୍ଟି ମୋତିଲାଲ ବନଛୋର ତଥା ସଦସ୍ୟ ମାନେ, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ପଧାନ, ପିଇଓ ଭୁବନେଶ୍ୱର ପଧାନ, ବରିଷ୍ଠ ନାଗରିକ ସଂଘ ସଭାପତି ଜଗଦୀଶ ସାହୁ, ବନପାଳ କଂଗ୍ରେସ ସୁନା ତଥା ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବରଗଡ଼,୨।୭(ସମିସ): ବରଗଡ଼ ବ୍ଲକ ଗୋବିନ୍ଦପୁର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଳୟ ରଞ୍ଜନ ବାରିକ ଓ ସହକାରୀ ଶିକ୍ଷକ ସନାତନ ଖମାରୀଙ୍କୁ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସ୍ଥାନୀୟ ଓଏଭି ଅଧ୍ୟକ୍ଷ କେଦାର ନାଥ ଚୌଧୁରୀ, ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ସୀମାନ୍ତ ବିଶି, ପୂର୍ବତନ ଅଧ୍ୟକ୍ଷ ନିତ୍ୟାନନ୍ଦ ନାଏକ, ଆନନ୍ଦ ସାହୁ, ଯୀଶୁକୃଷ୍ଣ ଦାଶ, ଅଶୋକ ସାହୁ, ଗୁରୁଦେବ ସାହୁ, ଶେଷଦେବ ସାହୁ, ରୋହିତ ଭୋଇ, ବ୍ୟାସ ଦେବ ଦାସ, ରଞ୍ଜନ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଝିଲିମିଣ୍ଡା ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା



ଅତାବିରା,୨।୭(ସମିସ): ଅତାବିରା ବ୍ଲକ ଝିଲିମିଣ୍ଡା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିର ଭୋଇଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡାଏଟ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ ବାରିକ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି କଷ୍ଟ ସାହୁ, ପୂର୍ବତନ ସରପଞ୍ଚ ତଥା ପୂର୍ବତନ ପରିଚାଳନା କମିଟିର ସଦସ୍ୟ ମକରଧ୍ୱଜ ଭୁଏ, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଧର୍ମରାଜ ପ୍ରଧାନ, ପୂର୍ବତନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ପ୍ରଧାନ, ଅନ୍ତର୍ଯ୍ୟାମୀ ପ୍ରଧାନ, ଦୟାନିଧି ନାୟକ, ଦିଲୀପ ମେହେର, ମୀନତି ନନ୍ଦ, ଶିବାଜୀ ବିଶି ପ୍ରମୁଖ ଯୋଗ ଦେଇଥିଲେ ।

## ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ବରଗଡ଼,୨।୭(ସମିସ): ବରଗଡ଼ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କୁ ମଙ୍ଗଳବାର ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଉଦ୍ୟାନ କୃଷି ବିଭାଗକୁ ଗୌରବ ଓ ଯଶରେ ବିମଣ୍ଡିତ କରି ଅନନ୍ୟ କର୍ମକୁଶଳତା ଓ ନିଃସ୍ୱାର୍ଥପର ସେବାର ନିଛକ ଉଦାହରଣ ପାଲଟିଛନ୍ତି । ଯାହା ଆଲୋକବର୍ତ୍ତିକା ସାଜି ଅନ୍ୟମାନଙ୍କୁ ନିରନ୍ତର ପଥ ପ୍ରଦର୍ଶନ କରିବ ବୋଲି ଅତିଥିମାନେ କହିଥିଲେ । ସେ ସରକାରଙ୍କ ନିର୍ଦ୍ଧାରିତ ନିୟମାନୁସାରେ ଉଚ୍ଚସ୍ତରକୁ ପଦୋନ୍ନତି ପାଇ ମାଲକାନଗିରି ଜିଲ୍ଲାକୁ ବଦଳି ହୋଇ ଯାଉଛନ୍ତି ।



# ଦେୱାନପାଲି ଅଙ୍ଗନବାଡ଼ି କେନ୍ଦ୍ରରୁ ଖୋଲିଲା ତାଲା

ଝାରବନ୍ଧ,୨।୭(ସମିସ):

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ଦେୱାନପାଲି ଅଙ୍ଗନବାଡ଼ି କେନ୍ଦ୍ରରେ ପାଚିକାଙ୍କ ପ୍ରତି କଥିତ ଜାତିଗତ ଭେଦଭାବ, ତାଙ୍କ ହାତରେ ପ୍ରସ୍ତୁତ ଖାଦ୍ୟ, ଅଣ୍ଡା ଓ ଛତୁଆ ଗ୍ରହଣକୁ ବିରୋଧ ଏବଂ କେନ୍ଦ୍ରରେ ତାଲା ପକାଯିବା ଘଟଣା ସମ୍ପର୍କରେ ଗୁରୁବାର 'ସକାଳ' ଖବରକାଗଜରେ ଖବର ପ୍ରକାଶ ପରେ ପ୍ରଶାସନ ତତ୍ପରତା ପ୍ରକାଶ ପାଇଛି । ଗୁରୁବାର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତି ଓ ଲକ୍ଷେଘର ଗଣ୍ଡା ସମାଜର ହସ୍ତକ୍ଷେପରେ ଗ୍ରାମରେ ଆଲୋଚନା ସହ ଅଙ୍ଗନବାଡ଼ି କେନ୍ଦ୍ରର ତାଲା ଖୋଲାଯାଇଛି ।




ଘୁଷୁରାମୁଣ୍ଡା ପରେ ଦେୱାନପାଲିରେ ଜାତିଗତ ଭେଦଭାବ ଅଭିଯୋଗ
ପାଚିକାଙ୍କ ହାତରୁ ରନ୍ଧାଖାଦ୍ୟ, ଅଣ୍ଡା, ଛତୁଆ ବର୍ଜନ
କେନ୍ଦ୍ରରେ ତାଲା, ସିଡିପିଓଙ୍କୁ ଅଭିଯୋଗ କଲେ କର୍ମୀ

ସୂଚନାଯୋଗ୍ୟ ଯେ, ଦଳିତ ସମ୍ପ୍ରଦାୟର ପଦ୍ମିନୀ ଜଗତ ପାଚିକା ଭାବେ ନିଯୁକ୍ତି ପାଇବା ପରେ କେତେକ ବ୍ୟକ୍ତି ତାଙ୍କ ହାତରେ ପ୍ରସ୍ତୁତ ଖାଦ୍ୟ, ଅଣ୍ଡା ଓ ଛତୁଆ ଗ୍ରହଣ ନ କରିବାକୁ ପ୍ରଚାର କରୁଥିବା, ଅଭିଭାବକଙ୍କୁ ଶିଶୁମାନଙ୍କୁ କେନ୍ଦ୍ରକୁ ନ ପଠାଇବାକୁ କହୁଥିବା ଏବଂ ପାଚିକାଙ୍କୁ ଚାକିରି ଛାଡ଼ିବାକୁ ଚାପ ପକାଯାଉଥିବା ଅଭିଯୋଗ ହୋଇଥିଲା । ପରବର୍ତ୍ତୀ ସମୟରେ କେନ୍ଦ୍ରରେ ତାଲା ପକାଇ ଦିଆଯାଇଥିଲା । ଏନେଇ 'ସକାଳ'ରେ ଖବର ପ୍ରକାଶ ପରେ ଝାରବନ୍ଧ ଥାନା ଅଧିକାରୀ ସଞ୍ଜୟ କୁମାର ପରିଡା, ତହସିଲଦାର ଅଲେଖ ଘୁଟା, ସିଡିପିଓ ସୁଷମା ପଟେଲ, ସୁପରଭାଇଜର ହିରାବତୀ ଭୋଇ, ଡବ୍ଲୁଇଓ ସୁନିଲ ଭୁଏଙ୍କ ସମେତ ପ୍ରଶାସନିକ ଟିମ୍ ଗ୍ରାମରେ ପହଞ୍ଚିଥିଲେ । ସେହିପରି ଭଇସାଦର୍ହା ଗ୍ରାମପଞ୍ଚାୟତ ସମିତି ସଭ୍ୟ ନିର୍ମଳ ଗହୀର, ଲକ୍ଷେଘର ଗଣ୍ଡା ସମାଜ ଝାରବନ୍ଧ ବ୍ଲକ ସଭାପତି ଭୋଜରାଜ ବାଗ, ବ୍ଲକ ସମ୍ପାଦକ ରସିକ କୁମ୍ଭାର, ବିନୋଦ ବିହାରୀ ବାଗ, ସାମନ୍ତ ଶେଖର ମୁନା, ଅଙ୍ଗନବାଡ଼ି କର୍ମୀ ସବିତା ସେଠ, ପାଚିକା ପଦ୍ମିନୀ ଜଗତ, ଅଭିଭାବକ ଓ ଗ୍ରାମର ବହୁ ଭଦ୍ରବ୍ୟକ୍ତି ଆଲୋଚନାରେ ସାମିଲ ହୋଇଥିଲେ ।

ଆଲୋଚନା ପରେ ପାଚିକାଙ୍କ ହାତରେ ପ୍ରସ୍ତୁତ ଖାଦ୍ୟ, ଅଣ୍ଡା ଓ ଛତୁଆ ଗ୍ରହଣ କରିବାକୁ ସମସ୍ତେ ସହମତି ପ୍ରକାଶ କରିଥିବା ଜଣାପଡ଼ିଛି । ପରେ ଯେଉଁ ମହିଳା ତାଲା ପକାଇଥିଲେ, ସେ ତାଲା ଖୋଲିବା ପରେ ପାଚିକା କେନ୍ଦ୍ରର ତାଲା ଖୋଲି କାର୍ଯ୍ୟ ସ୍ୱାଭାବିକ ଭାବେ ଆରମ୍ଭ କରିଥିଲେ । ଅନ୍ୟପକ୍ଷରେ, ଏହି ଘଟଣାକୁ ନେଇ ପାଚିକା ପଦ୍ମିନୀ ଜଗତ ଲକ୍ଷେଘର ଗଣ୍ଡା ସମାଜ ସହିତ ଝାରବନ୍ଧ ଥାନାରେ ଅଭିଯୋଗ କରିଛନ୍ତି । ଘଟଣାର ତଦନ୍ତ ଜାରି ଥିବାବେଳେ ବୈଠକରେ ହୋଇଥିବା ସହମତିକୁ ଗ୍ରାମବାସୀ କେତେଦୂର ପାଳନ କରୁଛନ୍ତି ଏବଂ ଭବିଷ୍ୟତରେ ପରିସ୍ଥିତି କିପରି ରହୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି । ଲକ୍ଷେଘର ଗଣ୍ଡା ସମାଜର ସଭାପତି ଭୋଜରାଜ ବାଗ କହିଛନ୍ତି, ଭବିଷ୍ୟତରେ ଯଦି ପୁଣି ଏପରି ଜାତିଗତ ଭେଦଭାବର ଘଟଣା ଘଟେ ତେବେ ସମାଜ ପକ୍ଷରୁ ଆଇନସମ୍ମତ ଓ ଦୃଢ଼ ପ୍ରତିବାଦ କରାଯିବ ।

ସକାଳ ପ୍ରଭାବ

# ଆମ୍ବୁଲାନ୍ସକୁ ଧକ୍କା ଦେଲା ପିକ୍‌ଅପ୍; ଅଳ୍ପକେ ବର୍ତ୍ତିଲେ ଶିଶୁ

**ଲହୁଣୀପଡ଼ା, ୨।୭ (ସମିସ):** ଲହୁଣୀପଡ଼ା ଥାନା ଅନ୍ତର୍ଗତ ଲହୁଣୀପଡ଼ା ଗାନ୍ଧୀଛକ ନିକଟରେ ବୁଧବାର ୧୦୮ ଆମ୍ବୁଲାନ୍ସକୁ ଏକ ପିକ୍‌ଅପ୍ ପଛପଟୁ ଧକ୍କା ଦେଇଛି। ଆମ୍ବୁଲାନ୍ସର ପଛ ଲାଇଟ୍ ସହ ବମ୍ପର ଭାଙ୍ଗି ଯାଇଥିବା ବେଳେ ପଛରେ ବସିଥିବା ଶିଶୁ ରୋଗୀ ସହ ମା' ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଲହୁଣୀପଡ଼ା ବ୍ଲକ କଜଳା ଗ୍ରାମର ୧ ବର୍ଷର ଶିଶୁ ରୋଗୀ ରିତିକା ତନ୍ତି ଓ ମା' ଉଲ୍ଲାସୀ ତନ୍ତୀ ୧୦୮ ଆମ୍ବୁଲାନ୍ସ (ଓଡି୦୨ଡିଏ-୮୭୯୫)ରେ ବଣାଇଁ ଡାକ୍ତରଖାନାକୁ ଯାଉଥିଲେ। ଗାନ୍ଧୀଛକ ନିକଟରେ ଦ୍ରୁତଗତିରେ ଏକ ପିକ୍‌ଅପ୍ (ଓଡି୧୪ଏଏଚ୍-୬୬୧୪) ଆସି ଆମ୍ବୁଲାନ୍ସର ପଛରେ ଧକ୍କା ଦେବାରୁ ପଛ ଲାଇଟ ସହ ବମ୍ପର ଭାଙ୍ଗିଯାଇଥିଲା। ମାତ୍ର ଭିତରେ ବସିଥିବା ଶିଶୁ ରୋଗୀ ସହ ମା' ଅଳ୍ପକେ ବର୍ତ୍ତି ଯାଇଥିଲେ। ପିକଅପ୍ ମାଲିକ ଘଟଣା ସ୍ଥଳରେ ପହଞ୍ଚି ଭାଙ୍ଗିଥିବା ଜିନିଷ ଲଗାଇ ଦେବାର ପ୍ରତିଶ୍ରୁତି ଦେଇ ପିକ୍‌ଅପ୍ ନେଇ ପଳାଇଥିବା ବେଳେ ଆମ୍ବୁଲାନ୍ସ ଚାଳକ ରୋଗୀକୁ ଡାକ୍ତରଖାନାରେ ଛାଡି ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଦୁଇ ଥାନାରେ 'ଆମ ପୁଲିସ' ସମିତି ବୈଠକ

**ଲହୁଣୀପଡ଼ା, ୨।୭ (ସମିସ):** ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ କେବଲାଙ୍ଗ ଏବଂ ଚାନ୍ଦିପୋଷ ପୁଲିସ ପକ୍ଷରୁ ଆମ ପୁଲିସ ସମିତି ବୈଠକ ସୋମବାର କେବଲାଙ୍ଗ ଥାନା ଏବଂ ମଙ୍ଗଳବାର ଚାନ୍ଦିପୋଷ ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି। କେବଲାଙ୍ଗ ଥାନା ଅଧିକାରୀ ଅଶୋକ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କେବଲାଙ୍ଗ ଥାନା ଅନ୍ତର୍ଗତ ୮ ଗୋଟି ପଞ୍ଚାୟତର ସରପଞ୍ଚ ସମିତିଙ୍କ ସହ ସମସ୍ତ ବର୍ଗର ଧାର୍ମିକ ଅନୁଷ୍ଠାନ ଗୁଡ଼ିକର ମୁଖ୍ୟ, ସମସ୍ତ ଏସ୍‌ଏଚ୍‌ଜି ମହିଳା ସମିତିର କାର୍ଯକର୍ତ୍ତା, ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ସମାଜସେବୀ ପ୍ରମୁଖ ଯୋଗ ଦେଇଥିଲେ।

ସେହିଭଳି ଚାନ୍ଦିପୋଷ ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ବତୀ ଭୂଷଣ ମାହାନ୍ତିଙ୍କ ପରିଚାଳନାରେ ଚାନ୍ଦିପୋଷ ଥାନା ଅଧିନରେ ଆସୁଥିବା ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ତଥା ଅଞ୍ଚଳର ସମାଜସେବୀମାନେ ଉପସ୍ଥିତ ଥିଲେ।। ଏଥିରେ ସ୍ଥାନୀୟ ସମସ୍ୟା, ପୁଲିସ ଓ ଜନସମ୍ପର୍କ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ୨ ଥାନାର ସମସ୍ତ ପୁଲିସ ଅଧିକାରୀ ଏବଂ କର୍ମଚାରୀଙ୍କ ମିଳିତ ସହଯୋଗରେ ବୈଠକ ଅନୁଷ୍ଠିତ ହୋଇଥିଲା।

# ବିଦ୍ୟାଳୟରେ ବିଦ୍ୟୁତ ସୁରକ୍ଷା ସପ୍ତାହ




**କୁତ୍ରା, ୨।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରା ସ୍ଥିତ ସର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାନୀୟ ବିଦ୍ୟୁତ ବିଭାଗ ଓ ବିଦ୍ୟାଳୟର ଏନର୍ଜି କ୍ଲବର ମିଳିତ ସହଯୋଗରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଦ୍ୟୁତ୍‌ର ସୁରକ୍ଷିତ ବ୍ୟବହାର ଏବଂ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

ପ୍ରଧାନଶିକ୍ଷକ ଡଃ ଅମରେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ କୁତ୍ରା ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନୀତ ଅତିଥି ଭାବରେ ନିର୍ବାହୀ ଯନ୍ତ୍ରୀ ଜଗବନ୍ଧୁ ଦାସ, ବିଦ୍ୟୁତ ସୁରକ୍ଷା ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ଦାସ ଓ କୁତ୍ରା ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ସାହେବ ରାଜା ପ୍ରମୁଖ ଯୋଗଦେଇ ଥିଲେ। ଅତିଥିମାନେ ବିଦ୍ୟୁତ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଦ୍ୟୁତ ସୁରକ୍ଷା ସମ୍ବନ୍ଧୀୟ ଏକ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହା ପରେ ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ସ୍ଥାନୀୟ ଅଞ୍ଚଳରେ ଏକ ଶୋଭାଯାତ୍ରା କରି ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଏନର୍ଜି କ୍ଲବ ଇନଚାର୍ଜ ଶିକ୍ଷକ ହରେକୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାକାର୍ଯ୍ୟକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ପରିଚାଳନା କରିଥିଲେ।

# ବିପଦକୁ ଡାକୁଛି ରାସ୍ତା କଡ଼ ଶୁଖିଲା ଆମ୍ବଗଛ



**ବଣାଇଁ, ୨।୭ (ସମିସ):** ବଣାଇଁଗଡ଼ ବ୍ଲକ ଅନ୍ତର୍ଗତ ଜକେଇକଳା ଗ୍ରାମ ପଞ୍ଚାୟତର ବଡ଼ପୋଷ ଗ୍ରାମର ଗଉନ୍ତିଆ ସାହି ନିକଟସ୍ଥ ମୁଖ୍ୟ ରାସ୍ତା କଡ଼ରେ ଏକ ବଡ଼ ଶୁଖିଲା ଆମ୍ବଗଛ ଦୀର୍ଘଦିନ ଧରି ଦଣ୍ଡାୟମାନ ଅବସ୍ଥାରେ ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ଓ ଭୟର ପରିବେଶ ସୃଷ୍ଟି ହୋଇଛି। ଯେକୌଣସି ସମୟରେ ଗଛଟି ଭାଙ୍ଗି ପଡ଼ି ବଡ଼ ଅଘଟଣ ଘଟାଇପାରେ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଛୋଟ ଓ ବଡ଼ ଯାନବାହନ ଯାତାୟାତ କରୁଥିବା ବେଳେ ପଥଚାରୀ, ସ୍କୁଲ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଲୋକମାନଙ୍କର ମଧ୍ୟ ନିୟମିତ ଯିବାଆସିବା ହୋଇଥାଏ। ବର୍ଷା ଓ ପବନ ସମୟରେ ଗଛଟି ଭାଙ୍ଗି ପଡ଼ିବାର ଆଶଙ୍କା ଅଧିକ ଥିବାରୁ ଏହା ଜନସାଧାରଣଙ୍କ ପାଇଁ ବିପଦର କାରଣ ପାଲଟିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୀର୍ଘ ଦିନ ଧରି ଗଛଟି ଶୁଖିଲା ଅବସ୍ଥାରେ ରହିଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ଏପର୍ଯ୍ୟନ୍ତ ଏହାକୁ ହଟାଇବା କିମ୍ବା ଆବଶ୍ୟକ ପଦକ୍ଷେପ ନେଇନାହାନ୍ତି। ଫଳରେ ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ ଦୁର୍ଘଟଣା ଘଟିପାରେ। ବନ ବିଭାଗ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ଗଛଟିକୁ ହଟାଇବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ଛେଣ୍ଡ କଲୋନୀ ସମସ୍ୟା ନେଇ ନାଗରିକ ମଞ୍ଚର ବୈଠକ

# ଅସମ୍ପୂର୍ଣ୍ଣ ସ୍ୱେରେଜ୍ କାମ ଆରମ୍ଭ କରିବାକୁ ଦାବି

**ରାଉରକେଲା, ୨।୭ (ସମିସ)**



ଛେଣ୍ଡ ନାଗରିକ ମଞ୍ଚ ତରଫରୁ ଆବାହକ ଜୟନ୍ତ କୁମାର ମିଶ୍ର ଏବଂ ମୁଖପାତ୍ର ବିଜୟ କୁମାର ବରାଳଙ୍କ ମିଳିତ ଉଦ୍ୟମରେ କଲୋନୀର ପ୍ରମୁଖ ସମସ୍ୟା ଏବଂ ତାର ନିରାକରଣ ଉପରେ ଆଲୋଚନା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କଲୋନୀ ମଞ୍ଚର ସଭ୍ୟ ତଥା ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ନିଜର ଗୁରୁତ୍ୱପୂର୍ଣ୍ଣ ମତ ପ୍ରକାଶ କରିଥିଲେ। ଏହି ଅବସରରେ କଲୋନୀରେ ଅସମ୍ପୂର୍ଣ୍ଣ ସ୍ୱେରେଜ କାମ ଆରମ୍ଭ କରିବା, ଘରୋଇ ରନ୍ଧନ ଗ୍ୟାସ ଲାଇନ ଇସିଆର ବ୍ଲକ ଏବଂ ଅନ୍ୟ ଆଡେ ଘରକୁ ପାଇପ ବିଛା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ଦୂରଗାମୀ ବସ୍ ଛେଣ୍ଡ କଲୋନୀ ଦେଇ ଯାତାୟାତ କରିବା ଏବଂ ଛେଣ୍ଡ ରିଙ୍ଗରୋଡ ସ୍ଥିତ ବସ୍‌ଷ୍ଟାଣ୍ଡକୁ ଯଥେଷ୍ଟ ଭାବେ ସମ୍ପ୍ରସାରଣ କରାଯିବା, ଓଡ଼ିଶାର ସମସ୍ତ ମହାନଗର ନିଗମ ପରି ରାଉରକେଲା ମହାନଗର ନିଗମରେ ବିନା ଅର୍ଥରେ ଆବର୍ଜନା ସଂଗ୍ରହ ଆଦି ଉପରେ ଦାବି କରାଯାଇଥିଲା।

ସେହିଭଳି ଛେଣ୍ଡ କଲୋନୀର ଅନେକ ଭିତର ରାସ୍ତା ଏବଂ ନାଳ ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ମରାମତି ଓ ନିର୍ମାଣ କରାଯିବା, ନୂତନ ଖୋଲା ଯାଇଥିବା ପ୍ଲାନେଟୋରିୟମ ଓ ସାଇନ୍ସ ପାର୍କ ପରିଦର୍ଶନ ପାଇଁ ଛେଣ୍ଡବାସୀଙ୍କୁ ଆଧାର କାର୍ଡ ଜରିଆରେ ମାତ୍ର ପାଞ୍ଚ ଟଙ୍କା ଅଦାୟ କରାଯିବା, ଛେଣ୍ଡ ସାପ୍ତାହିକ ହାଟରେ ମହାନଗର ନିଗମ ତରଫରୁ ଏକ ଆହାର କେନ୍ଦ୍ର ଖୋଲାଯିବା ଆଦି ପାଇଁ ଆରଏମସି କମିଶନରଙ୍କୁ ଅନୁରୋଧ କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା। ମଞ୍ଚର ବରିଷ୍ଠ ସଦସ୍ୟ ଇଂ ଅଭୟ କୁମାର ଦାସ, ଇଂ ଅଜିତ ମୋହନ ପୂଜାରୀ, କଳାକାର ପ୍ରଶାନ୍ତ ପତି, ବରିଷ୍ଠ ଆଇନଜୀବୀ ଆର୍ତ୍ତ

**କଲୋନୀ ଦେଇ ଦୂରଗାମୀ ବସ୍‌ଚଳାଚଳ ପାଇଁ ଆଲୋଚନା**

ଚନ୍ଦ୍ର ମହରଣା, ସମାଜସେବୀ ଭବାନୀ କବି, ଡି ଏନ୍ ତ୍ରିପାଠୀ, ଗଦାଧର ରଥ, ପର୍ଶୁରାମ ସାହୁ, ବ୍ରଜ କିଶୋର ପାଣି, ଅକ୍ଷୟ ନାୟକ ଓ ରଞ୍ଜନ କୁମାର ସାମଲଙ୍କୁ ନେଇ ଏକ ୧୧ ଜଣିଆ କୋର୍ କମିଟି ଗଠନ କରାଯାଇ ଏହି ଦାୟିତ୍ୱ ଦିଆଯାଇଥିଲା। ପରିଶେଷରେ ନାଗରିକ ମଞ୍ଚର ଯୁବ ସଭ୍ୟ କାବୁଲି ପ୍ରତିହାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଝାଡ଼ଖଣ୍ଡ ଯୁବକଙ୍କୁ ଅପହରଣ, ଲୁଟ୍ ପରେ ହତ୍ୟା

## ଲୁଟ୍ ଗାଡ଼ିରେ ଫେରାର ବେଳେ ଦୁର୍ଘଟଣା; ଜଣେ ଅପହରଣକାରୀ ମୃତ

**ରାଉରକେଲା, ୨।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ଭଷ୍ମା ଥାନା ଅଞ୍ଚଳରେ ଝାଡ଼ଖଣ୍ଡର ଜଣେ ଯୁବକଙ୍କୁ ୩ ଦୁର୍ବୃତ୍ତ ଅପହରଣ କରି ଲୁଟ୍ ପରେ ଛୁରି ଭୂସି ହତ୍ୟା କରିଛନ୍ତି। ଶବ ଫିଙ୍ଗି ମୃତକଙ୍କ କାର୍ ନେଇ ଫେରାର ବେଳେ ଦୁର୍ଘଟଣାରେ ଜଣେ ଦୁର୍ବୃତ୍ତଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି।

ଏ ନେଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ସୂଚନା ଦେଇ କହିଛନ୍ତି ଯେ, ତଲସରା ଅଞ୍ଚଳର ଅନମୋଲ ମଲ୍ଲିକ ଓ ତାଙ୍କ ବନ୍ଧୁ ଝାଡ଼ଖଣ୍ଡର ରାଞ୍ଚି ଜିଲ୍ଲାର ଚେଙ୍ଗାଡା ଗ୍ରାମର ଶିବଧନ ଲୋହାର ସହ ମିଶି ଗତ ଜୁନ୍ ୨୮ ସନ୍ଧ୍ୟାରେ ଜଣେ ରୋଗୀଙ୍କୁ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ଏହାପରେ ଅନ୍‌ମୋଲ ସ୍କର୍ପିଓ ଏବଂ ଶିବଧନ ମାରୁତି ଆଲ୍‌ଟୋରେ ତଲସରା ଫେରୁଥିଲେ। ରାତି ପ୍ରାୟ ୧୨ଟା ବେଳେ ସବଡେଗା ଓ ତଲସରା ଛକ ମଧ୍ୟରେ ତିନି ଜଣ ଦୁର୍ବୃତ୍ତ ୨ଟି ଗାଡ଼ିକୁ ପିଛା କରିଥିଲେ। ଅନ୍‌ମୋଲ ଖସି ପଳାଇଥିବା ବେଳେ ଶିବଧନଙ୍କ ଆଲ୍‌ଟୋ କାର୍‌କୁ ଅଟକାଇ ତାଙ୍କୁ ଗାଡ଼ିରୁ ଘୋଷାଡ଼ି ଆଣି ପର୍ସ ଓ ମୋବାଇଲ ଫୋନ୍ ଲୁଟି ନେବା ସହ ଛୁରୀ ଭୂସି ନିର୍ମମ ଭାବେ ହତ୍ୟା କରିଥିଲେ।

ଏହାପରେ ଦୁର୍ବୃତ୍ତମାନେ ଶବକୁ ଶିବଧନଙ୍କ କାର୍‌ରେ ନେଇ ଡୁଡୁକା ରେଳ ଓଭରବ୍ରିଜ୍ ନିକଟରେ ଫିଙ୍ଗି ଭେଡ଼ାବାହାଲ ଆଡ଼କୁ ଫେରାର ହେଉଥିଲେ। କିନ୍ତୁ ଜୁନ୍ ୨୯ ଭୋର୍‌ରେ ଭଷ୍ମା ଥାନା ଅନ୍ତର୍ଗତ ଖମାରବାହାଲ କୋଇଲା କରିଡର ରାସ୍ତାରେ କାର୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଭଷ୍ମା ପୁଲିସ ପହଞ୍ଚି ଆହତମାନଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏହି ଦୁର୍ଘଟଣାରେ ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ଶୁଭେନ୍ଦୁ ଶେଖର ମାଝୀ (୨୦)ଙ୍କ ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ଅଭିଯୁକ୍ତ ହେମଗିର ଥାନା ଅନ୍ତର୍ଗତ ଡୁଡୁକା ଗ୍ରାମର ଭୂମେଶ୍ୱର ବେହେରା (୧୯) ଗୁରୁତର ହୋଇଥିଲେ। ସାମାନ୍ୟ ଆହତ ଜଣେ ନାବାଳକକୁ ପୁଲିସ ହେପାଜତକୁ ନେଇଥିଲା।



ଘଟଣାରେ ପ୍ରଥମେ ଭଷ୍ମା ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଥିଲା। ଅନ୍ୟପକ୍ଷରେ ଶିବଧନ ଘରେ ନ ପହଞ୍ଚିବାରୁ ଅନମୋଲ ତଲସରା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା ଯେ, ଶିବଧନଙ୍କୁ ହତ୍ୟା ପରେ ତାଙ୍କ କାର୍ ନେଇ ଫେରାର ବେଳେ ଅଭିଯୁକ୍ତ ଦୁର୍ଘଟଣାର ଶିକାର ହୋଇଛନ୍ତି। ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

ମୃତ ଅଭିଯୁକ୍ତ ଶୁଭେନ୍ଦୁଙ୍କ ଭଉଣୀ ଅଙ୍କିତାଙ୍କ ଏତଲା କ୍ରମେ ଭଷ୍ମା ପୁଲିସ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ଏସ୍‌ପି ଶ୍ରୀମତୀ କୌର କହିଛନ୍ତି।

# ବଣାଇଁରେ କୋର୍ଟ ଫି' ଓ ଷ୍ଟାମ୍ପ ପେପର ଅଭାବ

**ବଣାଇଁ, ୨।୭ (ସମିସ):** ବଣାଇଁ ଉପଖଣ୍ଡରେ ଗତ କିଛି ସପ୍ତାହ ଧରି ଏକ ଟଙ୍କା ଓ ଦୁଇ ଟଙ୍କା ମୂଲ୍ୟର କୋର୍ଟ-ଫି' ଷ୍ଟାମ୍ପ ସହ ୧୦ ଟଙ୍କିଆ ନନ୍-ଜୁଡିସିଆଲ୍ ଷ୍ଟାମ୍ପ ପେପରର ଘୋର ଅଭାବ ଦେଖାଦେଇଛି। ବଣାଇଁ ସବ୍-ଟ୍ରେଜେରୀରେ ଦୀର୍ଘଦିନ ଧରି ଏହା ଉପଲବ୍ଧ ହେଉ ନ ଥିବାରୁ ଉପଖଣ୍ଡର ବିଭିନ୍ନ ପ୍ରଶାସନିକ ଓ ଆଇନଗତ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଛି।

**ପ୍ରଶାସନିକ ଓ ଆଇନଗତ କାର୍ଯ୍ୟ ବାଧାପ୍ରାପ୍ତ**

ସ୍ଥାନୀୟ ଆଇନଜୀବୀମାନଙ୍କ କହିବାନୁସାରେ, ରେଭିନ୍ୟୁ କାର୍ଯ୍ୟାଳୟ, ରେଜିଷ୍ଟ୍ରି ଅଫିସ ଏବଂ ଉପଖଣ୍ଡୀୟ ଅଦାଲତରେ ବିଭିନ୍ନ ମାମଲାର ଫାଇଲିଂ ଓ ଅନ୍ୟାନ୍ୟ କାର୍ଯ୍ୟ ପ୍ରାୟ ଅଚଳ ହୋଇପଡ଼ିଛି। ଆବଶ୍ୟକ କୋର୍ଟ-ଫି ଷ୍ଟାମ୍ପ ଓ ଷ୍ଟାମ୍ପ ପେପର ସଂଗ୍ରହ ପାଇଁ ସାଧାରଣ ଲୋକ ପ୍ରାୟ ୬୦ କିଲୋମିଟର ଦୂରରେ ଥିବା ରାଉରକେଲାକୁ ଯିବାକୁ ବାଧ ହେଉଛନ୍ତି। ଫଳରେ ସମୟ ନଷ୍ଟ ସହ ଅର୍ଥ ବ୍ୟୟ ହେଉଛି।




ଅନ୍ୟପକ୍ଷରେ, ୧୦ ଟଙ୍କିଆ ନନ୍-ଜୁଡିସିଆଲ୍ ଷ୍ଟାମ୍ପ ପେପର ପ୍ରାୟ ଛଅରୁ ସାତ ମାସ ହେଲା ମିଳୁ ନଥିବାରୁ ଅନେକ ଲୋକ ବାଧ ହୋଇ ଅଧିକ ମୂଲ୍ୟର ଷ୍ଟାମ୍ପ ପେପର କ୍ରୟ କରି ସତ୍ୟପାଠ ଓ ଅନ୍ୟାନ୍ୟ ଦଲିଲ ପ୍ରସ୍ତୁତ କରୁଛନ୍ତି। ଏହା ସାଧାରଣ ଜନତାଙ୍କ ଉପରେ ଅନାବଶ୍ୟକ ଆର୍ଥିକ ବୋଝ ବଢ଼ାଇବା ସହ ସରକାରୀ ସେବା ପ୍ରାପ୍ତିରେ ବାଧା ସୃଷ୍ଟି କରୁଛି।

ଏହି ଗୁରୁତର ପରିସ୍ଥିତିକୁ ନେଇ ବଣାଇଁ ବାର୍ ଆସୋସିଏସନ୍ ଗଭୀର ଉଦବେଗ ପ୍ରକାଶ କରିଛି। ଆସୋସିଏସନ୍ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାପାଳ ଏବଂ ଜିଲ୍ଲା ଟ୍ରେଜେରୀର ମୁଖ୍ୟଙ୍କୁ ଏକ ପତ୍ର ପ୍ରେରଣ କରାଯାଇ ତତ୍କାଳ ବଣାଇଁ ସବ୍-ଟ୍ରେଜାରୀରେ କୋର୍ଟ-ଫି ଷ୍ଟାମ୍ପ ଓ କମ୍ ମୂଲ୍ୟର ନନ୍-ଜୁଡିସିଆଲ୍ ଷ୍ଟାମ୍ପ ପେପରର ପର୍ଯ୍ୟାପ୍ତ ଯୋଗାଣ ସୁନିଶ୍ଚିତ କରିବାକୁ ଦାବି କରାଯାଇଛି।

ଏହାସହ ଦୀର୍ଘ ସମୟ ଧରି ଏଭଳି ଅଭାବ ଦେଖାଦେବାର ପ୍ରକୃତ କାରଣର ତଦନ୍ତ କରି ଭବିଷ୍ୟତରେ ଯେପରି ଏପରି ସମସ୍ୟାର ପୁନରାବୃତ୍ତି ନ ହୁଏ, ସେଥିପାଇଁ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ପ୍ରଶାସନଙ୍କୁ ଆହ୍ୱାନ କରାଯାଇଛି। ସାଧାରଣ ଲୋକଙ୍କ ସୁବିଧା ଦୃଷ୍ଟିରୁ ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ସବୁ ମହଲରୁ ଦାବି ଜୋର୍ ଧରିଛି।

# ୩ରେ ଖୋଲାଯିବ ମନ୍ଦିରା ଡ୍ୟାମ୍ ସ୍ପିଲୱେ ଗେଟ୍

**ରାଉରକେଲା, ୨।୭ (ସମିସ):** ଚଳିତ ବର୍ଷର ମୌସୁମୀ ଋତୁ ପାଇଁ ମନ୍ଦିରା ଡ୍ୟାମର ସ୍ପିଲୱେ ଗେଟ୍ ପ୍ରଥମ ଥର ପାଇଁ ଜୁଲାଇ ୩ ତାରିଖ (ଶୁକ୍ରବାର) ସନ୍ଧ୍ୟାରେ ଖୋଲାଯିବ। ଜଳ ନିଷ୍କାସନ ହେବା ଫଳରେ ନିମ୍ନ ଅଞ୍ଚଳରେ ଶଙ୍ଖ ଏବଂ ବ୍ରାହ୍ମଣୀ ନଦୀର ଜଳସ୍ତର ସାମାନ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏଥି ନିମନ୍ତେ ନଦୀର ଆଖପାଖ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସତର୍କ ରହିବାକୁ ଏବଂ ନଦୀ ଭିତରେ କୌଣସି କାର୍ଯ୍ୟକଳାପ ନକରିବାକୁ ଅନୁରୋଧ କରାଯାଇଛି।

# ରାଉରକେଲା ରେଲୱେ କଲୋନୀରୁ ୨୦ ଗ୍ରାମ ହେରୋଇନ ଜବତ; ଜଣେ ଗିରଫ

**ରାଉରକେଲା, ୨।୭ (ସମିସ):** ରାଉରକେଲା ପୁଲିସ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ରେଳୱେ କଲୋନୀର ବଡ଼ପାର୍କ ନିକଟରୁ ଜଣେ ଯୁବକଙ୍କୁ ୨୦ ଗ୍ରାମ ହେରୋଇନ ରଖିବା ଓ ଚୋରା ଚାଲାଣ ଅଭିଯୋଗରେ ଗିରଫ କରିଛି।

ପୁଲିସ ସୂଚନା ଅନୁଯାୟୀ, ନିୟମିତ ପାଟ୍ରୋଲିଂବେଳେ ସୂଚନା ପାଇ ପୁଲିସ ଉକ୍ତ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ୨୦ ଗ୍ରାମ ହେରୋଇନ ସହ ଏକ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମଧ ଏନ୍‌ଡିପିଏସ୍ ଆଇନରେ ଏକ ମାମଲା ରହିଥିବା ପୁଲିସ କହିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ଦୁର୍ଘଟଣାରେ ଫୁଟ୍‌ବଲ୍ ଖେଳାଳି ସୋନାରାମଙ୍କ ମୃତ୍ୟୁ

**ରାଉରକେଲା, ୨।୭ (ସମିସ):** ସ୍ପୋର୍ଟ୍ସ କ୍ଲବ ସଦସ୍ୟ ଓ ଅବସରପ୍ରାପ୍ତ ଓଏସ୍‌ଏପି ଯବାନ ସୋନାରାମ ସୋରେନଙ୍କର ଗତକାଲି ଝାଡ଼ଖଣ୍ଡ ମନୋହରପୁର ରାସ୍ତାରେ ଏକ ସଡ଼କ ଦୁର୍ଘଟଣାର ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା।



ଏକାଧାରାରେ ଜଣେ ବିଶିଷ୍ଟ ଫୁଟବଲ ଖେଳାଳି ଓ ଜଣେ ଦକ୍ଷ ପ୍ରଶିକ୍ଷକ ସୋନାରାମଙ୍କର ବେଶ୍ ଖ୍ୟାତି ରହିଥିଲେ। ନିସ୍ୱାର୍ଥପର ଭାବେ ଜୀବନବ୍ୟାପି ତାଙ୍କର ମହାନ ଅବଦାନ ଫୁଟବଲ ଜଗତରେ ଚିରସ୍ମରଣୀୟ ହୋଇ ରହିଥିବ ବୋଲି କ୍ରୀଡା ପ୍ରେମୀମାନେ ମତ ପ୍ରକାଶ କରିଛନ୍ତି।

# ଆର୍‌ଏସ୍‌ପି ସମ୍ପ୍ରସାରଣ ପାଇଁ ସ୍ଥାନାନ୍ତରିତ ପରିବାରଙ୍କୁ ୨୦.୭୨ କୋଟିରୁ ଅଧିକ ଟଙ୍କା ପ୍ରଦାନ

## ୧୭୫ ଜଣ ବ୍ୟକ୍ତିଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି



**ରାଉରକେଲା, ୨।୭ (ସମିସ)**

ରାଉରକେଲା ଇସ୍ପାତ କାରଖାନା ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଗତ ଜୁନ୍ ୩୦ ତାରିଖ ସୁଦ୍ଧା ୫୦୩ଟି ପ୍ରଭାବିତ ପରିବାରକୁ କ୍ଷତିପୂରଣ ବାବଦରେ ୨୦.୭୨ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ଆର୍ଥିକ ସହାୟତା ବ୍ୟତୀତ, କାରଖାନା ଚୁକ୍ତିଭିତ୍ତିକ ସଂସ୍ଥାଗୁଡ଼ିକ ମାଧ୍ୟମରେ ଏହି ପରିବାରର ୧୭୫ ଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ମଧ୍ୟ ପ୍ରଦାନ କରିଛି, ଯାହା ସେମାନଙ୍କୁ ଆୟର ଏକ ସ୍ଥିର ମାଧ୍ୟମ ଯୋଗାଇ ଦେଇଛି। ପ୍ରତ୍ୟେକ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ମାସିକ ପ୍ରାରମ୍ଭିକ ଦରମା ୨୨, ୫୦୦ ଟଙ୍କା ମିଳୁଛି, ଏହା ସହିତ ସମସ୍ତ ପ୍ରଯୁଜ୍ୟ ବୈଧାନିକ ଲାଭ ଏବଂ ଚିକିତ୍ସା ସୁବିଧା ମଧ୍ୟ ପ୍ରଦାନ କରାଯାଉଛି।

ଉଲ୍ଲେଖଯୋଗ୍ୟ ଯେ, ଏକ ସହଜ ସ୍ଥାନାନ୍ତରଣ ସୁନିଶ୍ଚିତ କରିବା ପାଇଁ, ପୂର୍ବରୁ ୩୦୦ ଟି କୁଟୀରରେ ରହୁଥିବା ପରିବାରଗୁଡ଼ିକୁ ସଫଳତାର ସହ ଅସ୍ଥାୟୀ ସ୍ଥାନାନ୍ତରଣ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଛି। ଏଥି ସହିତ, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଦେଓଗାଁ ନିକଟରେ ଏକ ପ୍ରମୁଖ ସ୍ଥାନକୁ ସମ୍ପୂର୍ଣ୍ଣ ସୁବିଧାଯୁକ୍ତ ଆବାସିକ ପ୍ଲଟ୍ ଭାବରେ ବିକଶିତ କରାଯାଉଛି। ଏହି ସ୍ଥାନଗୁଡ଼ିକରେ ସଡ଼କ ସଂଯୋଗୀକରଣ, ଜଳ ନିଷ୍କାସନ, ବିଦ୍ୟୁତ ଏବଂ ଜଳ ଯୋଗାଣ ସହିତ ବ୍ୟାପକ ଭିତ୍ତିଭୂମି ଉପଲବ୍ଧ ହେବ ଏବଂ ସେମାନଙ୍କର ସ୍ଥାୟୀ ଘର ନିର୍ମାଣ ପାଇଁ ପରେ ଏହା ପରିବାରଗୁଡ଼ିକୁ ହସ୍ତାନ୍ତର କରାଯିବ।

# ଆର୍‌ଏସ୍‌ପି ହଟ୍ ଷ୍ଟ୍ରିପ୍ ମିଲ୍-୨ ଦ୍ୱାରା ରେକର୍ଡ ମାସିକ କଏଲ୍ ରୋଲିଂ




**ରାଉରକେଲା, ୨।୭ (ସମିସ):** ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍-୨, ବିଗତ ଜୁନ୍ ମାସକୁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ସହ ସମାପ୍ତ କରିଛି। ଯାହା ଏହାର କାର୍ଯ୍ୟ ଦକ୍ଷତାର ରେକର୍ଡକୁ ଅଧିକ ମଜବୁତ କରିଛି। ଆଲୋଚ୍ୟ ମାସରେ, ହଟ୍ ଷ୍ଟ୍ରିପ୍ ମିଲ୍-୨, ସମୁଦାୟ ୧୦, ୭୫୯ଟି ଏଚ୍‌ଆର୍ କଏଲ୍ ରୋଲିଂ କରିଛି। ଯାହା ଗତବର୍ଷ ଅକ୍ଟୋବରରେ ହାସଲ ହୋଇଥିବା ଏହାର ପୂର୍ବ ସର୍ବଶ୍ରେଷ୍ଠ ରେକର୍ଡ ୧୦, ୭୧୩ଟି ଏଚ୍‌ଆର୍ କଏଲକୁ ଅତିକ୍ରମ କରିଯାଇଛି। ରୋଲିଂ ହୋଇଥିବା କଏଲ୍ ସଂଖ୍ୟା ଦୃଷ୍ଟିରୁ ଏହା ମିଲ୍‌ର ଏପର୍ଯ୍ୟନ୍ତର ସର୍ବଶ୍ରେଷ୍ଠ ମାସିକ ପ୍ରଦର୍ଶନ।

ଅନ୍ୟ ଏକ ଉଲ୍ଲେଖନୀୟ ସଫଳତା କ୍ରମରେ, ସିଟ୍ ସିଅରିଂ ଲାଇନ୍ ମଧ୍ୟ ଏଚ୍‌ଆର୍ ପ୍ଲେଟ୍ ଉତ୍ପାଦନରେ ଏହାର ସର୍ବଶ୍ରେଷ୍ଠ ଜୁନ୍ ପ୍ରଦର୍ଶନ ରେକର୍ଡ କରିଛି।

ଏହି ସଫଳତା ପାଇଁ ହଟ୍ ଷ୍ଟ୍ରିପ୍ ମିଲ୍-୨ର ସମଗ୍ର ଟିମ୍ ଓ ନେତୃତ୍ୱ ସମେତ ଅନ୍ୟ ସମସ୍ତ ସହଯୋଗୀ ବିଭାଗକୁ ଅଭିନନ୍ଦନ ଜଣାଇ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା କହିଛନ୍ତି ଯେ, ଏହି ମିଲ୍‌ର କାର୍ଯ୍ୟଦକ୍ଷତା ସିଧାସଳଖ ଭାବେ କାରଖାନାର ସମୃଦ୍ଧି ସହ ଜଡ଼ିତ। ଚଳିତ ବର୍ଷ ୩୦ ଲକ୍ଷ ଟନ୍ ଉତ୍ପାଦନ ଲକ୍ଷ୍ୟ ହାସଲ କରିବାକୁ ସମସ୍ତେ ସର୍ବଶ୍ରେଷ୍ଠ ପ୍ରୟାସ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ପ୍ରଡକ୍ସନ୍ ପ୍ଲାନିଂ ଆଣ୍ଡ କଣ୍ଟ୍ରୋଲ୍, ରୋଲ୍ ସପ୍, କମ୍ପ୍ୟୁଟର ଆଣ୍ଡ ଇନଫର୍ମେସନ ଟେକ୍ନୋଲୋଜି, ଇନଷ୍ଟ୍ରୁମେଣ୍ଟେସନ, ସେଣ୍ଟ୍ରାଲାଇଜ୍ଡ ମେକାନିକାଲ୍ (ମେଣ୍ଟେନାନ୍ସ), ସେଣ୍ଟ୍ରାଲାଇଜ୍ଡ ଇଲେକ୍ଟ୍ରିକାଲ୍ (ମେଣ୍ଟେନାନ୍ସ), ଡିଜାଇନ, ଟ୍ରାଫିକ, ଏନର୍ଜି ମ୍ୟାନେଜମେଣ୍ଟ, ମ୍ୟାଟେରିଆଲ୍ସ ମ୍ୟାନେଜମେଣ୍ଟ, ୱାଟର ମ୍ୟାନେଜମେଣ୍ଟ, ରିସର୍ଚ୍ଚ ଆଣ୍ଡ କଣ୍ଟ୍ରୋଲ୍ ଲ୍ୟାବ୍, କଣ୍ଟ୍ରାକ୍ଟ ସେଲ୍‌ଫ (କାରଖାନା), ଷ୍ଟିଲ୍ ମେଲ୍ଟିଂ ସପ୍ ଏବଂ ରିଫ୍ରାକ୍ଟରୀ ଇଞ୍ଜିନିୟରିଂ ବିଭାଗର ସକ୍ରିୟ ସହଯୋଗ ସହିତ ସମଗ୍ର ହଟ୍ ଷ୍ଟ୍ରିପ୍ ମିଲ୍ ଗୋଷ୍ଠୀର ଅକୁଣ୍ଠ ପ୍ରୟାସ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି।

# ଓମ୍‌ସା ଧର୍ମଘଟ ଜାରି, ଭିମସାର୍‌ରେ ବଢୁଛି ରୋଗୀଙ୍କ ଭିଡ଼

## ଦାବିପୂରଣ ପାଇଁ ହସ୍ତକ୍ଷେପ କରିବାକୁ ଚିଠି ଲେଖିଲା ଜେଡିଏ

**ସମ୍ବଲପୁର, ୨।୭ (ସମିସ)**

ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ୍ (ଓମ୍‌ସା)ର ଚାଲିଥିବା ଧର୍ମଘଟ ଯୋଗୁଁ ଭିମସାର୍‌ରେ ରୋଗୀ ମାନଙ୍କ ଅଭୂତପୂର୍ବ ଭିଡ଼ ପ୍ରବଳ ଚାପ ସୃଷ୍ଟି କରୁଛି। ଏଭଳି ସ୍ଥିତିରେ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆୟୁକ୍ତ ତଥା ସଚିବଙ୍କୁ ଭିମ୍‌ସାର ଜୁନିଅର ଡକ୍ଟର୍ସ ଆସୋସିଏସନ୍ (ଜେଡିଏ) ପକ୍ଷରୁ ଆଜି ପତ୍ର ଲେଖାଯାଇଛି। ଭିମ୍‌ସାର ଉନ୍ନତ ତଥା ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ସକାଶେ ଥିବାବେଳେ ସାଧାରଣ ଛୋଟମୋଟ ରୋଗର ରୋଗୀଙ୍କ ଭିଡ଼ ସମ୍ପୂର୍ଣ୍ଣ ଭାବେ ସ୍ଥିତିକୁ ଦୋହଲାଇ ଦେଇଛି ବୋଲି ଜେଡିଏ ସଭାପତି ଡାକ୍ତର ମଳୟ ରଞ୍ଜନ ମଲ୍ଲିକ ଓ ସାଧାରଣ ସମ୍ପାଦକ ଡାକ୍ତର ଦେବଦତ୍ତ ପଣ୍ଡା ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରିଛନ୍ତି।

ଜେଡିଏର ପତ୍ର ଅନୁଯାୟୀ, ଓମ୍‌ସାର ଧର୍ମଘଟ ବୁର୍ଲା ଭିମ୍‌ସାରରେ ଏକ ଅଭୂତପୂର୍ବ ସଙ୍କଟ ସୃଷ୍ଟି କରିଛି। ଗତ ୪୮ ଘଣ୍ଟା ମଧ୍ୟରେ, ପାର୍ଶ୍ୱସ୍ଥ ହସ୍ପିଟାଲଗୁଡ଼ିକରୁ ଅଣ-ଜରୁରୀକାଳୀନ ଏବଂ ନିୟମିତ ରେଫରାଲ୍‌ର ଏକ ଅପ୍ରତ୍ୟାଶିତ ରୋଗୀଙ୍କ ଭିଡ଼ କାର୍ଯ୍ୟକ୍ଷମତାକୁ ନଷ୍ଟ କରିଛି। ଏକ ପ୍ରିମିୟର୍ ଟର୍ସିଆରୀ ଚିକିତ୍ସା ପ୍ରତିଷ୍ଠାନ ଭାବରେ, ଭିମ୍‌ସାର ଉନ୍ନତ, ଜୀବନ ରକ୍ଷାକାରୀ ହସ୍ତକ୍ଷେପ ପାଇଁ ଡିଜାଇନ୍ କରାଯାଇଛି। ତଥାପି, ଛୋଟମୋଟ ରୋଗର ଅତ୍ୟଧିକ ଚାପ ଯୋଗୁଁ ପ୍ରକୃତରେ ବିଶେଷଜ୍ଞ ଚିକିତ୍ସା ଆବଶ୍ୟକ କରୁଥିବା ଗୁରୁତର ରୋଗୀମାନେ ସମୟୋଚିତ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଡାକ୍ତର ଏବଂ ଡାକ୍ତରୀ କର୍ମଚାରୀମାନେ ବିଶ୍ରାମ ବିନା ନିରନ୍ତର ଭାବରେ କାର୍ଯ୍ୟ କରୁଛନ୍ତି। ଡାକ୍ତର, ପିଜି ରେସିଡେଣ୍ଟ ଡାକ୍ତର, ମେଡିକାଲ କର୍ମଚାରୀଙ୍କ ମଧ୍ୟରେ ଗୁରୁତର ଶାରୀରିକ ଏବଂ ମାନସିକ କ୍ଳାନ୍ତି ଦେଖାଦେଇଛି। ଯଦି ଏହି ପରିସ୍ଥିତି ଜାରି ରହେ, ତେବେ ଏହା ଆଗାମୀ ୪୮ ଘଣ୍ଟା ମଧ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଣକୁ ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ କରିବ। ଏହା ରୋଗୀଙ୍କ ପାଇଁ ଉପଯୁକ୍ତ ଚିକିତ୍ସାର ଗୁଣବତ୍ତା ଏବଂ ପରିମାଣ ଉଭୟକୁ କ୍ଷତି ପହଞ୍ଚାଇବ ବୋଲି ଭିମ୍‌ସାର ଜେଡିଏ ପକ୍ଷରୁ କୁହାଯାଇଛି। ସ୍ୱାସ୍ଥ୍ୟ ଆୟୁକ୍ତଙ୍କୁ ଜେଡିଏର ପତ୍ରସଂଖ୍ୟା ୨୫୬ ତା ୨-୭-୨୦୨୬ରେ ଉଲ୍ଲେଖ କରାଯାଇଛି ଯେ, ଏହା ଭିମ୍‌ସାର ପାଇଁ ଏକ ଐତିହାସିକ ଜରୁରୀକାଳୀନ ପରିସ୍ଥିତି। ଓମ୍‌ସାର ନ୍ୟାର୍ଯ୍ୟ ଦାବିକୁ ଜେଡିଏ ସମର୍ଥନ କରି ଗୁରୁବାରଠାରୁ ଡ୍ୟୁଟିରେ ଥିବା ସମସ୍ତେ କଳା ବ୍ୟାଚ୍ ପିନ୍ଧିଛନ୍ତି। ଏହି ପ୍ରସଙ୍ଗରେ ଓଡ଼ିଶା ସରକାର ତୁରନ୍ତ ହସ୍ତକ୍ଷେପ କରି ସମାଧାନ କରିବାକୁ ଜେଡିଏ ଅନୁରୋଧ କରିଛି। ଏହାଦ୍ୱାରା ଅଚଳାବସ୍ଥା ସ୍ୱାଭାବିକ ଅବସ୍ଥାକୁ ଫେରି ଆସିପାରିବ ବୋଲି ଆଶାପ୍ରକାଶ କରାଯାଇଛି।




# ଡିପିଏସ୍ ଶାସନରେ 'ରୁବାରୁ ୨୦୨୬'



**ସମ୍ବଲପୁର, ୨।୭ (ସମିସ) :** ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍), ଶାସନ ଆନୁକୂଲ୍ୟରେ ଜାତୀୟ ଡାକ୍ତର ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର 'ରୁବାରୁ ୨୦୨୬' - 'ଚିକିତ୍ସକମାନଙ୍କୁ ସମ୍ମାନ, ଭବିଷ୍ୟତ ପାଇଁ ପ୍ରେରଣା' ଆୟୋଜିତ ହୋଇଯାଇଛି। ଡାକ୍ତରମାନଙ୍କର ନିଃସ୍ୱାର୍ଥପର ସେବା ପ୍ରତି କୃତଜ୍ଞତା ଜଣାଇବା ଏବଂ ଛାତ୍ରଛାତ୍ରୀମାନଙ୍କୁ ଚିକିତ୍ସା ବିଜ୍ଞାନ ଭଳି ଏକ ମହତ୍ ବୃତ୍ତିକୁ ଆପଣେଇବା ପାଇଁ ପ୍ରେରଣା ଯୋଗାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ବିକ୍ରମାଦିତ୍ୟ ପାଢ଼ୀ, ଭିମ୍‌ସାରର ଶଲ୍ୟ ବିଶେଷଜ୍ଞ ଡାକ୍ତର ପ୍ରମୋଦ ପୁରୋହିତ, ଆନାସ୍ଥେସିଓଲୋଜିଷ୍ଟ ଏବଂ କ୍ରିଟିକାଲ କେୟାର ବିଶେଷଜ୍ଞ ଡାକ୍ତର ସଂସ୍କୃତି ପୁରୋହିତ ଅତିଥି ଭାବେ ଯୋଗଦେଇ ସେମାନଙ୍କ ପ୍ରେରଣାଦାୟୀ ଜୀବନଯାତ୍ରା, ମୂଲ୍ୟବାନ ଅନୁଭୂତି ଏବଂ ଚିକିତ୍ସା ବିଜ୍ଞାନ ବିଷୟରେ ଅବଗତ କରିଥିଲେ। ବିଦ୍ୟାଳୟ ଅଧକ୍ଷା ସୁଜାତା ଲେଙ୍କା ସମାଜରେ ଡାକ୍ତରମାନଙ୍କର ଅମୂଲ୍ୟ ଭୂମିକା ସମ୍ପର୍କରେ ଆଲୋକପାତ କରିବାସହ ଛାତ୍ରଛାତ୍ରୀମାନଙ୍କୁ ସହାନୁଭୂତି, ଉତ୍ସର୍ଗୀକୃତ ମନୋଭାବ ଏବଂ ସେବା ମନୋଭାବ ବଜାୟ ରଖିବାକୁ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ, ଜ୍ଞାନ ଏବଂ ସାଧୁତା ସହ ମାନବ ଜାତିର ସେବା କରିବା ହିଁ ପ୍ରକୃତ ସଫଳତା। ସେବା ମନୋଭାବ, ଦୟାଳୁ ହୃଦୟ ଏବଂ ଆଗାମୀ ପିଢ଼ିର ଅସୀମ ସମ୍ଭାବନାକୁ ପାଳନ କରିବାରେ 'ରୁବାରୁ ୨୦୨୬' ଏକ ସ୍ମରଣୀୟ ଉତ୍ସବ ଭାବେ ପାଳିତ ହୋଇଯାଇଛି।

# ନାବାଳିକାଙ୍କୁ ଦୁର୍ବ୍ୟବହାର, ଅଭିଯୁକ୍ତକୁ ବର୍ଷେ ଜେଲ୍

**ସମ୍ବଲପୁର, ୨।୭ (ସମିସ) :** ସମ୍ବଲପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ସୌମ୍ୟକ ପାତ୍ର ସମ୍ବଲପୁର ସହରରେ ଜଣେ ନାବାଳିକାକୁ ଦୁର୍ବ୍ୟବହାର ଅଭିଯୋଗର ଶୁଣାଣି କରି ଅଭିଯୁକ୍ତ ମହମ୍ମଦ ଜମାଲକୁ ଦୋଷୀ ସାବ୍ୟସ୍ତ କରିବାସହ ୧ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଦୁଇ ମାସ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ସମସ୍ତ ଜରିମାନା ଅର୍ଥ ପୀଡ଼ିତାଙ୍କୁ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସେକ୍ୟୁଟର (ପିପି) ପ୍ରସନ୍ନ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

ଘଟଣାଟି ସମ୍ବଲପୁର ଟାଉନ ଥାନା ଅଞ୍ଚଳରେ ଘଟିଥିଲା। ୨୦୨୪ ମସିହା ଏପ୍ରିଲ ୧୪ ତାରିଖ ରାତି ପ୍ରାୟ ୮ଟା ସମୟରେ ଧନୁପାଲି ଥାନା ଅଧୀନ ସୋନାପାଲି ରାଜାନଗର ବାସିନ୍ଦା ମହମ୍ମଦ ଜମାଲ (୨୯) ଟାଉନ ଥାନା ଅଞ୍ଚଳରେ ଥିବା ପୀଡ଼ିତାଙ୍କ ଭଡ଼ାଘରକୁ ଯାଇ ସେଠାରେ ସେ ନିଜକୁ ଲଣ୍ଡ୍ରିବାଲା (ଧୋବା) ବୋଲି ପରିଚୟ ଦେଇ କବାଟ ବାଡ଼େଇ ଡାକିଥିଲେ। କବାଟ ଖୋଲିବାପରେ ନାବାଳିକାଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ଏଥିରେ ଭୟଭୀତ ହୋଇ ପୀଡ଼ିତା ଜଣକ କବାଟ ବନ୍ଦ କରିଦେଇଥିଲେ ଏବଂ ପରଦିନ ନିଜ ବାପାଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ଏହାପରେ ପୀଡ଼ିତାଙ୍କ ବାପା ଟାଉନ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ଟାଉନ ଥାନାରେ ମାମଲା ରୁଜୁକରି ପୁଲିସ ଘଟଣାର ତଦନ୍ତ କରିଥିଲା। ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ସମ୍ବଲପୁର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ସୌମ୍ୟକ ପାତ୍ର ୧୭ ଜଣଙ୍କ ସାକ୍ଷ୍ୟ ବୟାନ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ସେକ୍ସନ ୧୨ ପୋକ୍‌ସୋ ଆକ୍ଟରେ ୧ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି।

# ବେଦାନ୍ତ ଆଲୁମିନିୟମର ସ୍ୱାସ୍ଥ୍ୟ ସେବାରେ ୭ ଲକ୍ଷରୁ ଅଧିକ ଲୋକ ଉପକୃତ

**ସମ୍ବଲପୁର, ୨।୭ (ସମିସ):** ଜାତୀୟ ଡାକ୍ତର ଦିବସ ଅବସରରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ 'ବେଦାନ୍ତ ଆଲୁମିନିୟମ' ଗ୍ରାମୀଣ ଭାରତରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସମ୍ମାନିତ କରିଛି। କମ୍ପାନୀ ନିଜର ବ୍ୟାପକ ସାମାଜିକ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା ଓ ଛତିଶଗଡ଼ର ୭ ଲକ୍ଷରୁ ଅଧିକ ଲୋକଙ୍କୁ ଡାକ୍ତରଖାନା, ମୋବାଇଲ୍ ହେଲ୍‌ଥ ୟୁନିଟ୍ ଏବଂ ରୋଗ ନିରୂପଣ କେନ୍ଦ୍ର ଜରିଆରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛି। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, ଲୋକମାନଙ୍କ ଜୀବନଧାରଣର ମାନ ବୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷାରେ ଡାକ୍ତରମାନଙ୍କର ଭୂମିକା ଅତୁଳନୀୟ। ବେଦାନ୍ତ ଆଲୁମିନିୟମ ଗ୍ରାମୀଣ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଡାକ୍ତରମାନଙ୍କ ଏହି ମହତ ପ୍ରୟାସରେ ନିରନ୍ତର ସହଯୋଗ କରିଆସୁଛି। ଆର୍ଥିକ ବର୍ଷ ୨୦୨୬ରେ ବେଦାନ୍ତର ମୋବାଇଲ୍ ହେଲ୍‌ଥ ୟୁନିଟ୍ ଦ୍ୱାରା ୧୮, ୦୦୦ରୁ ଅଧିକ ଲୋକଙ୍କୁ ସେମାନଙ୍କ ଘର ଦ୍ୱାରରେ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଛି। ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ୨.୮ ଲକ୍ଷରୁ ଅଧିକ ଲୋକଙ୍କୁ ସଚେତନ କରାଯାଇଛି। କମ୍ପାନୀ ସହାୟତାରେ ପରିଚାଳିତ ଜିଲ୍ଲା ହସ୍ପିଟାଲ୍ ମାଧ୍ୟମରେ ୧.୧୭ ଲକ୍ଷରୁ ଅଧିକ ରୋଗୀ ଉପକୃତ ହୋଇଛନ୍ତି। ବେଦାନ୍ତ ଲାଞ୍ଜିଗଡ଼ର ପ୍ରମୁଖ କାର୍ଯ୍ୟକ୍ରମ 'ପ୍ରକଳ୍ପ ଆରୋଗ୍ୟ' ଅଧୀନରେ ଲାଞ୍ଜିଗଡ଼ ସ୍ଥିତ ବେଦାନ୍ତ ହସ୍ପିଟାଲ୍, ସ୍ୱାସ୍ଥ୍ୟ ଶିବିର ଏବଂ ମାତୃ ଓ ଶିଶୁ ମଙ୍ଗଳ କାର୍ଯ୍ୟକ୍ରମ ଜରିଆରେ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାର ୬୫ରୁ ଅଧିକ ଗ୍ରାମର ପ୍ରାୟ ୧.୩୦ ଲକ୍ଷ ଲୋକ ଉପକୃତ ହେଉଛନ୍ତି। ଗତ ବର୍ଷ ବେଦାନ୍ତ ଆଲୁମିନିୟମ ମାଇନ୍ସ ପକ୍ଷରୁ ୩, ୫୦୦ରୁ ଅଧିକ ସ୍ୱାସ୍ଥ୍ୟ ଶିବିର କରାଯାଇ ୧୮ଟି ଗ୍ରାମର ୩୬, ୦୦୦ରୁ ଅଧିକ ଲୋକଙ୍କୁ ମାଗଣା ପରାମର୍ଶ ଓ ଔଷଧ ଦିଆଯାଇଛି। ସେହିପରି ସିଜିମାଲି ସ୍ଥିତ ମୋବାଇଲ୍ ହେଲ୍‌ଥ ୟୁନିଟ୍ ଏପ୍ରିଲ ୨୦୨୫ରୁ ଜୁନ୍ ୨୦୨୬ ମଧ୍ୟରେ ୭୫୩ଟି ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ୨୦, ୮୦୦ରୁ ଅଧିକ ଲୋକଙ୍କୁ ଚିକିତ୍ସା ଯୋଗାଇ ଦେଇଛି। କୋରବା ସ୍ଥିତ ବାଲ୍‌କୋ ହସ୍ପିଟାଲ୍ ବାର୍ଷିକ ୨.୨ ଲକ୍ଷରୁ ଅଧିକ ରୋଗୀଙ୍କୁ ମଲ୍ଟି-ସ୍ପେଶାଲିଟି ଚିକିତ୍ସା ଯୋଗାଉଛି। ସରକାରୀ ପ୍ରତିଷ୍ଠାନ, ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହ ମିଶି ବେଦାନ୍ତ ଆଲୁମିନିୟମ ଆଗାମୀ ଦିନରେ ମଧ୍ୟ ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ ନିଜର ପ୍ରୟାସ ଜାରି ରଖିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



# ମନ୍ଦିରରୁ ଚୋରି, ୪ ଗିରଫ

**ସମ୍ବଲପୁର, ୨।୭ (ସମିସ):** ଠେଲକୋଲି ଥାନା ଧରୋପାନି ଗାଁର ଶିବମନ୍ଦିରରୁ ଚୋରି ଅଭିଯୋଗରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧରୋପାନିର ଅମନ ଜଗତ(୨୫), ଅରୁଣ ଧୁରୁଆ(୨୨), କଣ୍ଟାପଡ଼ାର ଜଗନ୍ନାଥ କିଶାନ(୨୭) ଓ ବିଜୟ ନାଏକ(୨୨)। ସୂଚନାଅନୁସାରେ ମନ୍ଦିରର ପୂଜକ ଗତ ୧୮/୧୯ ତାରିଖ ଦିନ ମନ୍ଦିରରୁ ଚୋରି ହୋଇଥିବା ନେଇ ଆଜି ଅଭିଯୋଗ କରିଥିଲେ। ପୁଲିସ ଗିରଫ ପରେ ସେମାନଙ୍କ ନିକଟରୁ ଚୋରି ଟୁଲୁ ପମ୍ପ, କେମିକାଲ ମିକ୍ସଚର, ଲାଇଟ, ବିଦ୍ୟୁତ ତାର ଓ ଏକ ଗ୍ୟାସ ସିଲିଣ୍ଡର ଜବତ କରିଛି।

# ଦ୍ୱିତୀୟ ଦିନରେ ଡାକ୍ତରଙ୍କ ଆନ୍ଦୋଳନ

**କୁଚିଣ୍ଡା, ୨।୭ (ସମିସ):** ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ (ଓଏମଏସଏ) ପକ୍ଷରୁ ଡାକ୍ତରମାନଙ୍କ ଆନ୍ଦୋଳନର ପ୍ରଭାବ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଓ ବାମରା ବ୍ଲକରେ ମଧ୍ୟ ଦେଖିବାକୁ ମିଳିଛି। ଆନ୍ଦୋଳନ ଯୋଗୁଁ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା ସମେତ କୁଟୁରାଚୁଆଁ, କୁସୁମୀ, କୁନ୍ତୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବାମରା ବ୍ଲକ ଅଧୀନରେ ଥିବା ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଗଡ଼ପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କେଶେଇବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ମହୁଲପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ବ୍ଲକର ସମସ୍ତ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ଚିକିତ୍ସା ସେବା ପ୍ରଭାବିତ ହୋଇଥିଲା। ଡାକ୍ତରମାନେ ଆନ୍ଦୋଳନରେ ସାମିଲ ହେବାରୁ ଓପିଡି, ନିୟମିତ ଚିକିତ୍ସା, ବିଭିନ୍ନ ପରୀକ୍ଷା ଓ ଅନ୍ୟାନ୍ୟ ସେବା ବନ୍ଦ ରହିଥିଲା।

# ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ

**ସମ୍ବଲପୁର, ୨।୭ (ସମିସ):** ଯୁଯୁମୁରା ବ୍ଲକ ଅଧୀନ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଜୟନ୍ତପୁରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତ କୁମାରୀ ମାହାନାଙ୍କ ସଭାପତିତ୍ୱରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ତଥା ସମ୍ବଲପୁରର ଜିଲ୍ଲା ମୁଖ୍ୟ ନିରୀକ୍ଷକ ଇଂ ଗଣନାଥ ଦାସ, ନିର୍ବାହୀ ଯନ୍ତ୍ରୀ ସମିତ୍ କିରଣ କିଶନ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଏକ୍କା ଅତିଥି ଭାବରେ ଯୋଗଦେଇଥିଲେ। ପିଲା ତଥା ଅଭିଭାବକ ମାନଙ୍କୁ ସଚେତନତା ପତ୍ର ବଣ୍ଟା ଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଶ୍ରୀରୂପା ନାୟକ ସଭା ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିବା ବେଳେ ଶିକ୍ଷୟିତ୍ରୀ ପୂଜା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



**ସମ୍ବଲପୁର, ୨।୭ (ସମିସ):** ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ ଉପବିଭାଗ ଅଧିକାରୀ ପ୍ରହଲ୍ଲାଦ ରୋହିଦାସ ଦୀର୍ଘ ୩୭ ବର୍ଷ ଚାକିରିରୁ ମଙ୍ଗଳବାର ଅବସର ନେଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ଅଧ୍ୟକ୍ଷତାରେ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅତିରିକ୍ତ ଶିକ୍ଷା ଅଧିକାରୀ ଉଜାଗର ପଧାନ, ଅତିରିକ୍ତ ଶିକ୍ଷାଅଧିକାରୀ ସତ୍ୟବ୍ରତ ସାହୁ, ଜିଲ୍ଲା ଶିକ୍ଷାଅଧିକାରୀ ସୁନ୍ଦରଗଡ଼ ମୁରଲି ବେହେରା ପାର୍ଥ ସାରଥୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଡିପିଏସ୍‌ରେ ଜାତୀୟ ଡାକ୍ତର ଦିବସ

**ସମ୍ବଲପୁର, ୨।୭ (ସମିସ):** ଶାସନ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ୍)ରେ ଜାତୀୟ ଡାକ୍ତର ଦିବସ ଅବସରରେ 'ରୁବାରୁ ଚିକିତ୍ସକମାନଙ୍କୁ ସମ୍ମାନ, ଭବିଷ୍ୟତ ପାଇଁ ପ୍ରେରଣା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଡାକ୍ତର ବିକ୍ରମାଦିତ୍ୟ ପାଢ଼ୀ, ଡାକ୍ତର ପ୍ରମୋଦ ପୁରୋହିତ, ଡାକ୍ତର ସଂସ୍କୃତି ପୁରୋହିତ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ଆଗ୍ରହର ସହ ଡାକ୍ତରମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ବିଦ୍ୟାଳୟର ଅଧକ୍ଷା ସୁଜାତା ଲେଙ୍କା ଡାକ୍ତରଙ୍କ ଅମୂଲ୍ୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।




# ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ

**ରେଢ଼ାଖୋଲ, ୨।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ବାରବାଙ୍କ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟୁତ୍ ବିଭାଗ ସମ୍ବଲପୁର ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ଗଣନାଥ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟୁତ୍ ସୁରକ୍ଷା ସମ୍ପର୍କରେ ଦୈନନ୍ଦିନ ଜୀବନରେ ସତର୍କତା ଅବଲମ୍ବନ କରିବା ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟୁତ୍ ବିଭାଗର ସସ୍ମିତା ଏକ୍କା, ସମିତ୍ କିରଣ କିଶାନ ଏବଂ ବିଦ୍ୟାଳୟର ପୂର୍ବତନ ବରିଷ୍ଠ ଶିକ୍ଷକ ଶତ୍ରୁଘ୍ନ ସ୍ୱାଇଁ ଯୋଗଦେଇ ବିଦ୍ୟୁତ୍ ଦୁର୍ଘଟଣାରୁ ନିଜକୁ ଓ ସମାଜକୁ ସୁରକ୍ଷିତ ରଖିବା ପାଇଁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ପ୍ରଧାନ ସଭାରେ ସଭାପତିତ୍ୱ କରି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ପଞ୍ଚସଖା ଶିକ୍ଷା ସେତୁର ସଭାପତି ରଞ୍ଜିତ ନାଏକ ମଧ୍ୟ ଉପସ୍ଥିତ ରହି ବିଦ୍ୟାଳୟର ଏଭଳି ସଚେତନତା ମୂଳକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

## ରେଢ଼ାଖୋଲ ଉପକାରାଗାରରେ ଅଜବ ଦୃଶ୍ୟ

# ପଇଡ଼ ଭିତରେ ମଦ କାରବାର

**ରେଢ଼ାଖୋଲ, ୨।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଜେଲ ୱାଡର ଦିଲୀପ ଦାସ ଜେଲ ଭିତରେ ଥିବା ବିଭିନ୍ନ ଅଭିଯୁକ୍ତ ଓ ଅପରାଧୀ ମାନଙ୍କ ସହ ମଦ ପିଇ ବୁଲୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ତା ସହିତ ରେଢ଼ାଖୋଲ ଉପ କାରାଗାର ପଇଡ଼ ମଧ୍ୟରେ ମଦ ଚାଲାଣ କରିବା ଅଭିଯୋଗ ହେଉଛି। ଜେଲ ୱାର୍ଡର ଶ୍ରୀଦାସ ଜେଲରେ ଥିବା ଅଖିଳାନନ୍ଦ ମିଶ୍ର, ସୁନୀଲ ଶଙ୍କର ସମେତ ଅନ୍ୟ ଅପରାଧୀଙ୍କ ସହ ସୁସମ୍ପର୍କ ରଖିଥିଲେ। ଅପରାଧୀମାନେ ଜାମିନରେ ଜେଲରୁ ବାହାରିବା ପରେ ୱାଡର ଦିଲୀପ ଦାସ ତାଙ୍କ ସାଙ୍ଗରେ ମଦପିଇ ରାସ୍ତାରେ ବୁଲୁଥିବା ଭିଡିଓ ଏବେ ଭାଇରଲ ହେବାରେ ଲାଗିଛି। ପ୍ରକାଶ ଯେ, ଅପରାଧୀ ଅଖିଳାନନ୍ଦ ମିଶ୍ର ଓ ସୁନୀଲ ଶଙ୍କର ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ରେଢ଼ାଖୋଲ ଉପ କାରାଗାରରେ ଅଭିଯୁକ୍ତ ଭାବରେ ରହିଥିଲେ। ଏହି ଘଟଣାରେ ରେଢ଼ାଖୋଲ ଜେଲ ଅଧିକାରୀ ଲକ୍ଷ୍ମୀଧର ମୁର୍ମୁ ଜେଲ ଭିତରେ ମିଳୁଥିବା ବିଭିନ୍ନ ସୁବିଧା କୁ ନେଇ ଖଣ୍ଡନ କରିଥିବା ବେଳେ ମଦ ପିଇ ବୁଲିବା ଘଟଣା ବିଷୟରେ ମୁଁ ଅବଗତ ନାହିଁ କହି ପ୍ରତିକ୍ରିୟା ରଖିଥିଲେ।

# ନୂଆବହି ଆସିବା ଯାଏ ପୁରୁଣା ବହି ପଢ଼ାଇବାକୁ ଦାବି

**ସମ୍ବଲପୁର, ୨।୭ (ସମିସ) :** ବିଜ୍ଞାନସମ୍ମତ ପାଠ୍ୟକ୍ରମ ଭିତ୍ତିକ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ଯାଏଁ ଗତବର୍ଷ ବହିରେ ଶିକ୍ଷାଦାନ ପାଇଁ ନୋଟିସ୍ ଜାରି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଅଲ୍ ଇଣ୍ଡିଆ ଡେମୋକ୍ରେଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ୍ (ଏଆଇଡିଏସଓ) ସମ୍ବଲପୁର ଶାଖା ପକ୍ଷରୁ ଦାବି କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ଯାଏଁ ଗତବର୍ଷ ବହିରେ ଶିକ୍ଷାଦାନ ପାଇଁ ନୋଟିସ୍ ଜାରିକରିବା, ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ପ୍ରସ୍ତୁତ ଅବୈଜ୍ଞାନିକ ପାଠ୍ୟକ୍ରମ ଓ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା, ଗଣଶିକ୍ଷା ମନ୍ତ୍ରୀ ସମେତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ଇଂରାଜୀ ଭାଷାକୁ ଇଚ୍ଛାଧୀନ ନୁହେଁ ବାଧ୍ୟତାମୂଳକ କରିବା, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ଆଦି ରହିଛି। ସରକାର ତୁରନ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ଛାତ୍ରଛାତ୍ରୀମାନଙ୍କୁ ନୂତନ ପାଠ୍ୟପୁସ୍ତକ ପ୍ରଦାନ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଏଆଇଡିଏସଓ ପକ୍ଷରୁ ଚେତାବନୀ ଦିଆଯାଇଛି। ବିପତ୍ରରେ ଉଲ୍ଲେଖ ଅନୁଯାୟୀ, ଚଳିତବର୍ଷ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପାଯାଇଥିବା ସମସ୍ତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ରହିଛି। ଫଳରେ ରାଜ୍ୟର ଛାତ୍ର, ଶିକ୍ଷକ, ଅଭିଭାବକ ଓ ଶିକ୍ଷାପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅତ୍ୟନ୍ତ ବେପରୁଆ ଭାବେ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି, ଯେଉଁ ୨୬୦୦ରୁ ଅଧିକ ଭୁଲ ବାହାରିଛି ସେଗୁଡ଼ିକ ମୁଖ୍ୟତଃ ତଥ୍ୟଭିତ୍ତିକ। ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀକୁ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ କେବଳ ତଥ୍ୟଗତ ଭାବେ ଭୁଲ ଶିକ୍ଷା ପାଇବେ ନାହିଁ, ଆହୁରି ମଧ୍ୟ ବିକୃତ ଶିକ୍ଷା ପାଇବେ। ଏହି ଭୁଲ ଶିକ୍ଷା ଗ୍ରହଣ କରି ରାଜ୍ୟର ଲକ୍ଷଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହେବ। ଏହି ପାଠ୍ୟପୁସ୍ତକ ପରିବର୍ତ୍ତନ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ପାଇଁ ଏକ ଷଡ଼ଯନ୍ତ୍ର ଏବଂ ବିଜ୍ଞାନସମ୍ମତ ଶିକ୍ଷାଠାରୁ ଭବିଷ୍ୟତ ପିଢ଼ିକୁ ଦୂରେଇ ରଖିବା ପାଇଁ ଏକ ହୀନଚକ୍ରାନ୍ତ ବୋଲି ଏଆଇଡିଏସଓ ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରତିନିଧି ଦଳରେ ଏଆଇଡିଏସ୍‌ଓର ରାଜ୍ୟ ଉପସଭାପତି ସୁନୀଲ କୁମାର ଭୋଇ, ରାଜ୍ୟ କମିଟି ସଭ୍ୟ ଯତୀନ ବାନରା, ବୁଦୁନୀ ବାନରା ପ୍ରମୁଖ ସାମିଲ ଥିଲେ।




# ବଲାରଙ୍ଗା ଉଚ୍ଚ ବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ

**ସମ୍ବଲପୁର, ୨।୭ (ସମିସ) :** ମାନେଶ୍ୱର ବ୍ଲକର ବଲାରଙ୍ଗା ଉଚ୍ଚ ବିଦ୍ୟାଳୟରେ ଜୁନ୍ ୨୬ ତାରିଖରୁ ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ବିଦ୍ୟାଳୟର ଏନର୍ଜି କ୍ଲବ ଦ୍ୱାରା ପାଳନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଗୋଲାବନ୍ଧ ବିଦ୍ୟୁତ୍ କାର୍ଯ୍ୟାଳୟର ଜୁନିଅର ଇଞ୍ଜିନିୟର ସୁବ୍ରତ ଦାସ ଓ ସୁରକ୍ଷା ଇନ୍ସପେକ୍ଟର ସୀମନ୍ତ ସୌମ୍ୟ ପ୍ରଧାନ ବିଶେଷ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟୁତ୍‌ର ସଦ୍‌ବ୍ୟବହାର, ବିଦ୍ୟୁତ୍ ବ୍ୟବହାରରେ ସାବଧାନତା ଆଦି ବିଭିନ୍ନ ବିଷୟରେଅବଗତ କରିଥିଲେ। ବଡେମୁରା କ୍ଲଷ୍ଟର୍‌ର ସିଆରସିସି ମନୋରଞ୍ଜନ ମେହେର ବିଦ୍ୟୁତ୍‌ର ଚାହିଦା ଓ ତା'ର ସଂରକ୍ଷଣ ବିଷୟରେ ବୁଝାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟୁତ୍ ସୁରକ୍ଷା ତଥା ସଂରକ୍ଷଣ ପାଇଁ ଶପଥପାଠ କରାଇଥିଲେ। ଅତିଥି ଶ୍ରୀ ପ୍ରଧାନ ପିପିଟି ମାଧ୍ୟମରେ ବିଦ୍ୟୁତ୍‌ଜନିତ ଦୁର୍ଘଟଣା, ଏହାର ବ୍ୟବହାରର ସଠିକ୍ ଉପାୟ ଓ ଅସୁବିଧା ହେଲେ ଟୋଲ୍ ଫ୍ରି ନମ୍ବର ଯୋଗାଯୋଗ ବିଷୟରେ ଜଣାଇଥିଲେ। ଏହାପରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ଏକ ସଚେତନତା ରାଲି ସୂର୍ଡ଼ା ଗ୍ରାମ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମକୁ ଏନର୍ଜି କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ ଲୋକେଶ ପ୍ରଧାନ ଓ ଗଙ୍ଗାଧର ପ୍ରଧାନ ପରିଚାଳନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ମିଲି ରାଉତ, ଜ୍ୟୋତି ରାଉତ, ସ୍ୱାଗତିକା ପଣ୍ଡା, ଦିଲୀପ ସାହୁ, ଅନ୍ନପୂର୍ଣ୍ଣା ମିର୍ଦ୍ଧା, ନମ୍ରତା ବେହେରା, ବିଜୟ ପୋଡ଼, ପୂର୍ଣ୍ଣିମା ଭୋଇ ପ୍ରମୁଖ ସହଯୋଗ କରିଥିଲେ।



# କୃଷକ, ଶ୍ରମିକ ଓ କେନ୍ଦୁପତ୍ର ତୋଳାଳିଙ୍କ ସମସ୍ୟା ନେଇ ନବୀନଙ୍କ ସହ ଆଲୋଚନା

**ସମ୍ବଲପୁର, ୨।୭ (ସମିସ)**

ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ବିଭିନ୍ନ ଜିଲ୍ଲାରୁ ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ଓଡ଼ିଶା ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି କୃଷକ, ଶ୍ରମିକ ଏବଂ କେନ୍ଦୁପତ୍ର ତୋଳାଳି ଓ ସିଜିନାଲ କର୍ମଚାରୀଙ୍କ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହ ବିଧାନସଭାରେ ସାମୂହିକ ସ୍ୱାର୍ଥର ସ୍ୱରକୁ ବିଧାନସଭା ଉତ୍‌ଥାପନ ପାଇଁ ଅନୁରୋଧ କରିଥିଲେ। ଆଲୋଚନାରେ ରାଜ୍ୟର କୃଷକମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ, କୃଷିକ୍ଷେତ୍ରର ସାର ଅଭାବ, ଶ୍ରମିକଙ୍କ ଅଧିକାର ଓ କଲ୍ୟାଣମୂଳକ ପଦକ୍ଷେପ ସହ କେନ୍ଦୁପତ୍ର ତୋଳାଳି ଓ ସିଜିନାଲ କର୍ମଚାରୀଙ୍କ ଦୀର୍ଘଦିନର ଦାବି ଉପରେ ଗୁରୁତ୍ୱର ସହ ଆଲୋଚନା ହୋଇଥିଲା। ବିଶେଷକରି କେନ୍ଦୁପତ୍ର କ୍ରୟ ଦର ବୃଦ୍ଧି, ବକେୟା ବୋନସ ପ୍ରଦାନ, ସିଜିନାଲ କର୍ମଚାରୀଙ୍କ ମଜୁରୀ ସଂଶୋଧନ ଏବଂ କେନ୍ଦୁପତ୍ର ଶ୍ରମିକଙ୍କ ସାମଗ୍ରିକ କଲ୍ୟାଣ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରାଯାଇ ପ୍ରତିନିଧି ଦଳ ପକ୍ଷରୁ ଶ୍ରୀ ପଟ୍ଟନାୟକଙ୍କୁ ଅନୁରୋଧ କରାଯାଇଥିଲା ଯେ, କୃଷକ, ଶ୍ରମିକ ଓ କେନ୍ଦୁପତ୍ର ତୋଳାଳୀଙ୍କ ସ୍ୱାର୍ଥ ସହ ଜଡ଼ିତ ଏହି ସମସ୍ୟାଗୁଡ଼ିକୁ ବିରୋଧୀ ଦଳ ପକ୍ଷରୁ ବିଧାନସଭା ଓ ସାଧାରଣ ଜନଜୀବନରେ ପ୍ରମୁଖତାର ସହ ଉପସ୍ଥାପନ କରାଯାଉ, ଯାହାଦ୍ୱାରା ସରକାର ଏହି ପ୍ରସଙ୍ଗରେ ଗୁରୁତର ସହ ଶୀଘ୍ର ପଦକ୍ଷେପ ଗ୍ରହଣ କରିବେ। ଶ୍ରୀ ପଟ୍ଟନାୟକ ପ୍ରତିନିଧି ଦଳର ମତାମତ ଓ ପ୍ରସ୍ତାବକୁ ଗୁରୁତ୍ୱର ସହ ଶୁଣିବା ସହ କୃଷକ, ଶ୍ରମିକ ଏବଂ କେନ୍ଦୁପତ୍ର ତୋଳାଳୀଙ୍କ ସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗରେ ଦଳ ପକ୍ଷରୁ ଆବଶ୍ୟକ ସହଯୋଗ ଓ ସମର୍ଥନ ଜାରି ରହିବ ବୋଲି ମତପ୍ରକାଶ କରିଥିଲେ।



ବିଜେଡି ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଶ୍ରମିକ ନେତା ଗୋକୁଳ ମେହେର, ହିଣ୍ଡାଲକୋ ଶ୍ରମିକ ସଂଘ ସଭାପତି ମହମ୍ମଦ ମୁର୍ତ୍ତୁଜା, ପାଟଣାଗଡ଼ କେନ୍ଦୁପତ୍ର ଶ୍ରମିକ ନେତା ଶିବାନନ୍ଦ ପରିଛା, ରେଢ଼ାଖୋଲ କେନ୍ଦୁପତ୍ର ନେତା କିଶୋର ପ୍ରଧାନ, ବଲାଙ୍ଗିର ଚାଷୀ ନେତା ରାଜୁ ମେହେର, ଅନୁଗୁଳ ବରିଷ୍ଠ ଶ୍ରମିକ ନେତା ରତ୍ନାକର ପ୍ରଧାନ, ଦେବଗଡ଼ ପୂର୍ବତନ ଉପାଧ୍ୟକ୍ଷ ଭୂପେନ୍ଦ୍ର ପ୍ରସାଦ ନାୟକ, ଯୁବ ବିଜେଡି ରାଜ୍ୟ ଉପସଭାପତି ମିଳନ ହୋତା, ଛାତ୍ର ନେତା ଦେବଜ୍ୟୋତି ପଟ୍ଟନାୟକ, ଅଶୋକ ମାଝୀ, ସନ୍ଦୀପ ମିଶ୍ର, ଚିତ୍ରସେନ ନାୟକ, ବିକାଶ ପ୍ରଧାନ ସହ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

■ ଆଜି ସରିବ ରବି ଧାନ ସଂଗ୍ରହ ଅବଧି

# ଗୋଟିଏ ବସ୍ତା ଚାଷୀ ପାଖରେ ରହିବାକୁ ଦିଆଯିବନି: ସାଂସଦ

**ଭବାନୀପାଟଣା, ୨|୭(ସମିସ):** କଳାହାଣ୍ଡି ଜିଲ୍ଲାରେ ଚଳିତବର୍ଷ ମଣ୍ଡିରେ ରବି ଧାନ ବିକ୍ରିକୁ ନେଇ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏବେ ଖରିଫ ଚାଷ ପାଇଁ ପ୍ରସ୍ତୁତି ହେଉଥିବା ଚାଷୀ ମଣ୍ଡିରୁ କେବେ ଧାନ ଉଠିବ ସେହି ଚିନ୍ତାରେ ପଡ଼ିଛନ୍ତି। ମଣ୍ଡିକୁ ଧାନ ଆସୁଛି, କିନ୍ତୁ ଧାନ ଉଠାଇବା ପାଇଁ ମିଲର୍ସ ଆସୁ ନାହାନ୍ତି। ଯାହାଫଳରେ ମଣ୍ଡି ଗୁଡିକରେ ହଜାର ହଜାର କ୍ୱିଣ୍ଟାଲ ଧାନ ଏବେ ବି ବିକ୍ରି ନ ହୋଇ ପଡ଼ିରହିଛି। ମଙ୍ଗଳବାର ଠାରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଥିବାବେଳେ ବୁଧବାର ସକାଳୁ ଏହାର ପରିମାଣ ସ୍ୱରୂପ ଧାନ ଗଜା ହେବାକୁ ବସିଲାଣି। ଯାହାକୁ ନେଇ ଜିଲ୍ଲାର ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ବୁଧବାର ସୁଦ୍ଧା ଜିଲାର ୫୭ ହଜାର ୪୩୮ ଜଣ ଚାଷୀ ୩୬ ଲକ୍ଷ ୮୯ ହଜାର ୯୬୮ କ୍ୱିଣ୍ଟାଲ ଧାନ ମଧ୍ୟରୁ ଲକ୍ଷ ଲକ୍ଷ କ୍ୱିଣ୍ଟାଲ ଧାନ କାଗଜ କଲମରେ ବିକ୍ରି କରି ସାରିଥିବା ଜଣାପଡ଼ିଛି। ତେବେ ଧାନ ମନ୍ଦିର ପଡ଼ିଛି। କେବଳ ବୁଧବାର ଦିନ ୨୪୦୮ ଜଣ ଚାଷୀ ୧ ଲକ୍ଷ ୯୪ ହଜାର କ୍ୱିଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମେ ଜୁନ୍ ୩୦ରେ ମଣ୍ଡି ଶେଷ ହେବ ବୋଲି କୁହାଯାଇଥିବାବେଳେ ଏବେ ପୁଣି ଜୁଲାଇ ୩କୁ ବୃଦ୍ଧି ହୋଇଛି ସତ କିନ୍ତୁ ମଣ୍ଡିରେ କେବେ ଉଠିବ ଚାଷୀ ତାର ପ୍ରାପ୍ୟ କେମିତି ପାଇବ ତାହା ଅନିଶ୍ଚିତତା ଭିତରେ ରହିଛି। କଳାହାଣ୍ଡି ସାଂସଦ ମାଳବିକା ଦେବୀ ଆକ୍ସନ ମୁଡରେ ଅଛନ୍ତି। ଗୋଟିଏ ବି ଧାନ ବସ୍ତା ଚାଷୀ ପାଖରେ ୩ ତାରିଖ ସୁଦ୍ଧା ରହିବାକୁ ଦିଆଯିବ ନାହିଁ। ଆସନ୍ତା ୧୫ଦିନ ପର୍ଯ୍ୟନ୍ତ ମଣ୍ଡି ରୁ ଧାନ ଉଠିବ କି ନାହିଁ ଚାଷୀ ସନ୍ଦେହରେ କାଳ କାଟୁଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ୩ ତାରିଖ ସୁଦ୍ଧା ଜିଲ୍ଲାର ସମସ୍ତ ମଣ୍ଡିର ଧାନ ଉଠାଣ କରାଯିବ ଓ ଯେଉଁ ମିଲର୍ସ ମାନେ ଧାନ ଉଠାଣ କରିବାରେ ଅବହେଳା କରିବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ମିଲ୍ ସିଲ୍ କରାଯିବ ବୋଲି ଲୋକସଭା ସାଂସଦ ମାଳବିକା ଦେବୀ ପ୍ରକାଶ କରିଛନ୍ତି। କେସିଙ୍ଗା ତହସିଲଦାର ମଧ୍ୟ ଅମାଠ ଠାରେ ଏକ ମିଲ ସିଲ୍ କରି କହିଛନ୍ତି ଜେନ୍ୟୁନ ଚାଷୀଙ୍କ ଠାରୁ ମିଲର୍ସ ଧାନ ଉଠାଇବାକୁ ବାଧ୍ୟ।

**କାଗଜ କଲମରେ ଚାଲିଛି ବିକ୍ରି: ମଣ୍ଡିରେ ପଡ଼ିଛି ଲକ୍ଷ ଲକ୍ଷ କ୍ୱିଣ୍ଟାଲ**

# ନୂତନ ଖାଉଟି କାର୍ଡ ବଣ୍ଟନରେ ୫୦ ଟଙ୍କା ଆଦାୟ ଅଭିଯୋଗ

## ବିରିକୋଟ ଓ ବଡ଼ଛତ୍ରଙ୍ଗ ପଞ୍ଚାୟତରେ ତୀବ୍ର ଅସନ୍ତୋଷ

**ଥୁଆମୂଳରାମପୁର, ୨|୭ (ସମିସ)**



କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅଧୀନ ବିରିକୋଟ ଓ ବଡ଼ଛତ୍ରଙ୍ଗ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ନୂତନ ଖାଉଟିକାର୍ଡ ବଣ୍ଟନକୁ କେନ୍ଦ୍ରକରି ବିବାଦ ଦେଖାଦେଇଛି। ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ନିଶୁଳ୍କରେ ପ୍ରଦାନ କରାଯାଉଥିବା ଏହି ଖାଉଟି କାର୍ଡ ପାଇଁ ପ୍ରତ୍ୟେକ ହିତାଧିକାରୀଙ୍କଠାରୁ ୫୦ ଟଙ୍କା ଲେଖାଏଁ ଆଦାୟ କରାଯାଉଥିବା ଅଭିଯୋଗ ସାମ୍ନାକୁ ଆସିଥିବାରୁ ଦୁଇ ପଞ୍ଚାୟତରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସ୍ଥାନୀୟଲୋକ ଦାବି କରିଛନ୍ତି। ଅଭିଯୋଗ ଅନୁସାରେ, କାର୍ଡବଣ୍ଟନ ସମୟରେ ଦାୟିତ୍ୱରେ ଥିବା ଯୋଗାଣ ସହାୟକ ପ୍ରତି କାର୍ଡ ପିଛା ୫୦ ଟଙ୍କା ନେଉଛନ୍ତି। ଗରିବ ଓ ଅସହାୟ ପରିବାରମାନେ ସରକାରୀ ସୁବିଧାରୁ ବଞ୍ଚିତ ହେବାର ଭୟରେ ବାଧ୍ୟ ହୋଇ ଏହି ଟଙ୍କା ପ୍ରଦାନ କରୁଥିବା କହିଛନ୍ତି। କେତେକ ହିତାଧିକାରୀଙ୍କ ଅଭିଯୋଗ ରହିଛି ଯେ, ଟଙ୍କା ନଦେଲେ କାର୍ଡ ବଣ୍ଟନରେ ବିଳମ୍ବ କରାଯାଉଛି। ଫଳରେ ଗରିବ ଲୋକମାନେ ଅସୁବିଧାରେ ପଡୁଥିବା ସହ ସରକାରୀ ଯୋଜନାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ଘଟଣାକୁ ନେଇ ଦୁଇ ପଞ୍ଚାୟତରେ ଅସନ୍ତୋଷ ଦିନକୁ ଦିନ ବଢୁଥିବା ବେଳେ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ମଧ୍ୟ ଉଦବେଗ ପ୍ରକାଶ କରିଛନ୍ତି। ଏପରି ଘଟଣା ଉପରେ ତୁରନ୍ତ ଅଙ୍କୁଶ ଲଗାଇବା ସହ ସମ୍ପୂର୍ଣ୍ଣ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ସରକାରୀ ନିୟମ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି ହିତାଧିକାରୀଙ୍କଠାରୁ ଆଦାୟ ହୋଇଥିବା ଟଙ୍କା ଫେରସ୍ତ କରିବାକୁ ମଧ୍ୟ ଦାବି ଉଠିଛି। ଏହି ଅଭିଯୋଗ ସମ୍ପର୍କରେ ଥୁଆମୂଳ ରାମପୁର ବ୍ଲକ ଯୋଗାଣ ଅଧିକାରୀ ବିଭୁରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘଟଣା ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରିବା ପରେ ସ୍ୱଷ୍ଟ ମତ ଦେବେ। ତେବେ ଅଭିଯୋଗର ସତ୍ୟତା ପ୍ରମାଣିତ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ସରକାରୀ ନିୟମ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବାବେଳେ ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ଏହାର ନିରପେକ୍ଷ ତଦନ୍ତ କରି ପ୍ରକୃତ ସତ୍ୟସାମ୍ନାକୁ ଆଣିବା ସହ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବେ ବୋଲି ସାଧାରଣଲୋକ ଆଶା ପ୍ରକାଶ କରୁଛନ୍ତି।

## ଡୋକରୀଦର ଝରଣା ନିକଟରୁ ମୃତଦେହ ଉଦ୍ଧାର

**କୋକସରା, ୨|୭(ସମିସ):** କୋକସରା ବ୍ଲକ ଖଲିଗଡ଼ ପାଦଦେଶରେ ଥିବା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରାର ଡୋକରୀଦର ଝରଣା ନିକଟରେ ଗୁରୁବାର ଏକ ଅଜଣା ମୃତଦେହ ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଦେଖିବା ପରେଆମପାଣି ଥାନା ପୁଲିସକୁ ଏ ସମ୍ପର୍କରେ ଖବର ଦିଆଯାଇଥିଲା। ତେବେ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଆମପାଣି ଥାନା ପୁଲିସ ସହ ଯୋଗାଯୋଗ କରିବାରୁ, ବର୍ତ୍ତମାନ ପର୍ଯ୍ୟନ୍ତ ଏ ସମ୍ପର୍କରେ କୌଣସି ଅଭିଯୋଗ ଆସି ନଥିବା ପୁଲିସ ସୂଚନା ଦେଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ନଥିବାରୁ ମୃତକଙ୍କ ପରିଚୟ କିମ୍ବା ମୃତ୍ୟୁରକାରଣ ସମ୍ପର୍କରେ କୌଣସି ସ୍ୱଷ୍ଟ ସୂଚନା ମିଳିପାରି ନାହିଁ।

## ଟ୍ରକ୍ ଚାପାରେ ବାଇକ୍ ଆରୋହୀ ମୃତ

**ନୂଆପଡ଼ା, ୨|୭(ସମିସ):** ନୂଆପଡ଼ା ଜିଲ୍ଲା ୩୫୩ ନମ୍ବର ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏନେଇ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ମୃତକ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ଆର୍ଥିକ ସହଯୋଗ, ଜିଲ୍ଲା କୋର୍ଟ ସମ୍ମୁଖରେ ଟ୍ରାଫିକ ସିଗ୍ନାଲ ବ୍ୟବସ୍ଥା, ପାଇଁ ଦାବି କରିଥିଲେ। ମୃତକ ପରିବାରଙ୍କୁ ରେଡ୍ କ୍ରସ୍‌ରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିବାବେଳେ ଓକିଲ ସଂଘ ଦାବି ସତ୍ତ୍ୱେ ସହାୟତା ରାଶିକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ଜିଲ୍ଲା ଓକିଲ ସଂଘ ସଭାପତି କ୍ଷିତିଶ ଅଶୋକ ବୋଧନକରଙ୍କ ନେତୃତ୍ୱରେ ଉପସଭାପତି ପ୍ରକାଶ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ମୁରଲୀଧର ପଣ୍ଡା ସମେତ ଅନେକ ଉପସ୍ଥିତ ଥିଲେ।

## ଜୁଆ ଅଡ୍ଡାରେ ଚଢ଼ଉ; କାର୍ ସହ ନଗଦ ଟଙ୍କା ଜବତ

**ମ.ରାମପୁର, ୨|୭(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅଧୀନ ଗଜବାହାଲ ସ୍ଥିତ ବାଲାଜୀ ରାଇସ୍‌ମିଲରେ ଚାଲିଥିଲା ଜୁଆଖେଳ। ଆଜି କୌଣସି ସୂତ୍ରରୁ ଖବରପାଇ କେସିଙ୍ଗା ଏସଡିପି ଓ ସନ୍ଦୀପ ମାଝୀଙ୍କ ନିର୍ଦ୍ଦେଶରେ ମ.ରାମପୁର ପୁଲିସ ବାଲାଜୀ ରାଇସ୍ ମିଲରେ ଚଢ଼ଉ କରିଥିଲା। ରାଇସ ମିଲ୍‌ରେ ଜୁଆ ଖେଳୁଥିବା ସମୟରେ ମିଲ ମାଲିକ ଶଙ୍କରଲାଲ ଅଗ୍ରୱାଲ, ତୁଷୁରାର ବିନୋଦ ଜୈନ, ଜଗଦମ୍ବା ରାଇସ୍ ମିଲ ମାଲିକ ସୁନିଲ କେଡିଆ, ଯୋରାଡବରାର ଦୁଇଜଣ ପ୍ରଦୀପ କୁମାର ସାହୁ ଓ ପ୍ରକାଶଙ୍କୁ ପୁଲିସ କାବୁ କରିଥିଲା। ଚଢ଼ଉ ବେଳେ ସେମାନଙ୍କ ଠାରୁ ୬୪୩୯୦ ଟଙ୍କା, ଏକ କାର୍, ୭ ପ୍ୟାକେଟ ତାସ ଜବତ କରିଛି ପୁଲିସ। ପରେ ସେମାନଙ୍କୁ ମ.ରାମପୁର ଥାନାକୁ ଆଣି ପଚରାଉଚରା କରିଥିଲା। ଏନେଇ ଥାନାରେ ମାମଲା ରୁଜୁ ହୋଇଛି। ପରେ ସେମାନଙ୍କୁ ଧାରା ୩୫ବି ଏନଏସ (ନୋଟିସ) ରେ ଥାନାରୁ ଛାଡିଥିବା ବେଳେ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସଂଯୁକ୍ତା ପ୍ରଧାନ ସୂଚନା ଦେଇଛନ୍ତି।

## ଡାକ୍ତରଙ୍କ ଆନ୍ଦୋଳନ; କଳାହାଣ୍ଡିରେ ସ୍ୱାସ୍ଥ୍ୟ ସେବା ଠପ୍

**ଭବାନୀପାଟଣା, ୨|୭(ସମିସ):** ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ (ଓମସା)ର କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ରାଜ୍ୟ ସମେତ କଳାହାଣ୍ଡି ଜିଲ୍ଲାର ସମସ୍ତ ସରକାରୀ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଓମ୍‌ସା ଆକ୍ସନ କମିଟିର ଆହ୍ୱାନ କ୍ରମେ ତଥା କଳାହାଣ୍ଡି ଆସୋସିଏସନର ସଭାପତି ଡା. ନିହାରେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ସରକାରୀ ଚିକିତ୍ସାଳୟର ଡାକ୍ତରମାନେ ୧୦ ଦଫା ଦାବି ନେଇ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ।

## ଆର୍‌ଆଇଙ୍କ ଅବସର ଗ୍ରହଣ

**କେସିଙ୍ଗା, ୨|୭(ସମିସ):** ଦୀର୍ଘଦିନର ଅଭିଜ୍ଞତା ସାଙ୍ଗକୁ କେସିଙ୍ଗା ସହରର ସମସ୍ତ ସମସ୍ୟା ବୁଝାସୁଝା କରୁଥିବା କେସିଙ୍ଗା ଏନ୍‌ଏସିର ଆରଆଇ ଆକୁଳ ନାଏକ ଚାକିରିରୁ ଅବସର ନେଇଛନ୍ତି। ତାଙ୍କର ଏନ୍ ଏ ସି ର ଟ୍ୟାକ୍ସ ଆଦାୟ ଦାଇତ୍ୱ ଥିଲେ ମଧ୍ୟ ସହରକୁ ସଫା ସୁତୁରାର ଦାୟିତ୍ୱ ମଧ୍ୟ ନେଇଥିଲେ। ଏଥିପାଇଁ କେସିଙ୍ଗା ଏନ୍‌ଏସି ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ନଗରପାଳ ନୃପରାଜ ଯାଦବଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଯନ୍ତ୍ରୀ ନାରାୟଣ ମହାରଣା, ଶ୍ରୀନିବାସ ପଟ୍ଟନାୟକ, ଗଦାଧର ସିଂଦେଓ ଙ୍କ ସମେତ ସମସ୍ତ ୱାର୍ଡ କାଉନସିଲର ଓ ଅନ୍ୟାନ୍ୟ ଏନ୍‌ଏସି କର୍ମଚାରୀ ଉପସ୍ଥିତ ଥିଲେ।

## ଦ୍ୱିତୀୟ ଦିନରେ ଡାକ୍ତରଙ୍କ ଆନ୍ଦୋଳନ




**ନୂଆପଡ଼ା, ୨|୭(ସମିସ):** ଦ୍ୱିତୀୟ ଦିନରେ ଡାକ୍ତରଙ୍କ ଆନ୍ଦୋଳନ। ୧୦ ଦଫା ଦାବି ନେଇ ଜିଲ୍ଲାବ୍ୟାପି କରିଛନ୍ତି ଆନ୍ଦୋଳନ। ନୂଆପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ନୂଆପଡ଼ା ସ୍ୱାସ୍ଥ୍ୟ ସେବା ଠପ୍ ହୋଇଛି। ଅଞ୍ଚଳ ର ରୋଗୀମାନେ ପ୍ରଭାବିତ ହୋଇ ଚିକିତ୍ସା ସେବା ବାଧା ସୃଷ୍ଟି ହୋଇଛି। ଜିଲ୍ଲାର ପ୍ରାୟ ସବୁ ହସ୍ପିଟାଲରେ ଓପିଡି ସେବା, ଜରୁରୀକାଳୀନ ରୋଗୀ ସେବା, ଆଭ୍ୟନ୍ତରୀଣ ରୋଗୀ ସେବା ଗଭୀର ଭାବେ ପ୍ରଭାବିତ ହୋଇଛି। ନୂଆପଡ଼ା ଜିଲ୍ଲାରେ ୧୦୦ରୁ ଊର୍ଦ୍ଧ୍ୱ ଡାକ୍ତରମାନେ ଏହି ଆନ୍ଦୋଳନରେ ସାମିଲ ଥିବା ଯୋଗୁଁ ସ୍ୱାସ୍ଥ ସେବା ପ୍ରଭାବ ଦେଖା ଦେଇଛି। ଡା.ଉମାକାନ୍ତ ମେହେର, ସ୍ୱତିରେଖା ନାୟକ, ମହେନ୍ଦ୍ର ମାଝୀ, ସଂକଳ୍ପ ଦାସ, ପ୍ରିୟରଞ୍ଜନ ସାହୁ ପ୍ରଦୀପ କଆଁର, ଆକାଂକ୍ଷା ଭୋଇ, ଜ୍ଞାନଦେବ ମେହେର, ସ୍ୱତା ମେହେରେ, ମୋନିକା ସାହୁ ସଙ୍କିତ୍ ପଟ୍ଟନାୟକ, ଇସ୍ମିତ୍ ତଥାଗତ ସୁନାନି ତୁଳାମରାମ ନାୟକ ପ୍ରମୁଖ ଆନ୍ଦୋଳନ କରିଥିଲେ।

## ମାଁ ତାରିଣୀ ମନ୍ଦିର ନିର୍ମାଣର ଭୂମି ପୂଜନ

**ଗୋଲାମୁଣ୍ଡା, ୨|୭ (ସମିସ):** ଗୋଲାମୁଣ୍ଡା ବ୍ଲକ ଅଧୀନ ଡୁଡୁକେଲ ଗାଁରେ ମାଁ ତାରିଣୀଙ୍କ ମନ୍ଦିରନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ମାନସିକ ଅନୁଯାୟୀ ଏହି ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ମିଳିତ ସହଯୋଗରେ ଏହି ମନ୍ଦିରଟି ସମ୍ପୂର୍ଣ୍ଣ ହେବ ବୋଲି ଜଣାପଡ଼ିଛି। ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ କର୍ତ୍ତା ଭାବରେ ଯୋଗଦେଇ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭବ ସିନ୍ଧୁ ମଙ୍ଗରାଜ, ଟେକଚାନ୍ଦ ଛତ୍ରିଆ, ଜୟ ମହାନନ୍ଦ, ସାଧୁରାମ ବାଗର୍ତ୍ତି, ଧନୀରାମ ଭାଟି, ଯୋଗୀ ବାଗର୍ତ୍ତି, ପବନ ମହାନନ୍ଦ, ଦେବାର୍ଚ୍ଚନ ବଗର୍ତ୍ତି, ବୈଶାଖୁ କେତକୀ, ଅନନ୍ତ ତାଣ୍ଡି, ଜୟନ୍ତ ସିଂ, ପ୍ରମୋଦ ପ୍ରଧାନ, ଗଣେଶ ସାହୁ, ଦୁରୁଦକ୍ଷ ପୁଟେଲ, ମନୋଜ ଅଗ୍ରୱାଲ, ଶ୍ୟାମସୁନ୍ଦର ଅଗ୍ରୱାଲ, ବସନ୍ତ ଚଲାନ, ଉପେନ୍ଦ୍ର ସିପକା ଏବଂ ଗଙ୍ଗା ବିଷ୍ଣୁ ମୁଣ୍ଡ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**କୋକସରା, ୨|୭(ସମିସ):** କୋକସରା ବ୍ଲକ ସଦରମହକୁମା ସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡା ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବୁଧବାର ବିଦ୍ୟାଳୟ ପରିସରରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମ ଅଧିବେଶନରେ ପୂର୍ବତନ ବିଧାୟକ ମୌଷଧି ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ରାଜ୍ୟ ଓମ୍‌ଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ଅବସରପ୍ରାପ୍ତ ଡାକ୍ତର କେଶବ ଲାଲ ବାଗ, ନେଗୀଗୁଡା ପ୍ରଧାନ ଶିକ୍ଷକ ଯୁବରାଜ ଜାଲ, ବିଜମାର ପ୍ରଧାନ ଶିକ୍ଷକ ଖଗେଶ୍ୱର ମାଝୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ଦାସ, ଲଡୁଗାଁ କଲେଜ ଅଧ୍ୟକ୍ଷ ନିହାରକାନ୍ତ ପଣ୍ଡା, କୋକସରା କଲେଜ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଦିତୀୟ ଅଧୀବେଶରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ସୁବ୍ରତ କୁମାର ବେହେରା, ରଏନଗୁଡା ହାଇ ସ୍କୁଲର ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ, ତ୍ରିଭୁବନ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।

## ଚିଲିଚିଲାରେ ରାସ୍ତା ପାଲଟିଛି ନର୍ଦ୍ଦମା, ମରାମତି କେବେ?



**ଧର୍ମଗଡ଼, ୨|୭(ସମିସ):** ସରକାର ଓ ପ୍ରଶାସନ ପକ୍ଷରୁ ବିକାଶର ଧାରା ଓଡ଼ିଶା ସାରା ବୋଲି ଦାବି କରାଯାଉଥିବା ବେଳେ, ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡ ଠାରୁ ମାତ୍ର ୪ କିଲୋମିଟର ଦୂରରେ ଥିବା ଚିଲିଚିଲା ଗ୍ରାମର ଲୋକେ ଆଜି ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦଶାପୂର୍ଣ୍ଣ ପରିବେଶରେ ଜୀବନ ବିତାଉଛନ୍ତି। ବିଶେଷକରି ଗ୍ରାମର ଚତୁର୍ପାଶ୍ୱ ରାସ୍ତାର ଅବସ୍ଥା ଏତେ ଶୋଚନୀୟ ଯେ, ଏହା ଏବେ ଯାତାୟାତ ପାଇଁ ବିପଦପୂର୍ଣ୍ଣ ପାଲଟିଛି। ରାସ୍ତାରେ ସବୁଆଡ଼େ କାଦୁଅ ଓ ପଙ୍କ ଜମି ରହିଥିବା ବେଳେ ବିଭିନ୍ନ ଘରରୁ ନିଷ୍କାସିତ ଅଳିଆ ଓ ନର୍ଦ୍ଦମା ପାଣି ସିଧାସଳଖ ରାସ୍ତାଉପରେ ଜମି ରହୁଛି। ଫଳରେ ସମଗ୍ର ରାସ୍ତା ନର୍ଦ୍ଦମାରେ ପରିଣତ ହୋଇଥିବାରୁ ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଓ ଦୁଇଚକିଆ ଯାନ ଚାଳକମାନେ ପ୍ରତିଦିନ ଅତ୍ୟନ୍ତ ବିପଦପୂର୍ଣ୍ଣ ପରିସ୍ଥିତିରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ସ୍ଥାୟୀ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଘରୋଇ ବ୍ୟବହୃତ ମଇଳା ପାଣି ରାସ୍ତା ଉପରେ ଜମି ରହୁଛି। ସାମାନ୍ୟ ବର୍ଷା ହେଲେ ରାସ୍ତାର ଅବସ୍ଥା ଆହୁରି ଦୟନୀୟ ହୋଇପଡ଼େ। ବର୍ଷା ଋତୁ ଆରମ୍ଭ ହୋଇନଥିବା ସତ୍ତ୍ୱେ ଏଭଳି ପରିସ୍ଥିତି ଦେଖାଦେଇଥିବାରୁ ଆଗାମୀ ଦିନରେ ସ୍ଥିତି ଆହୁରି ସଙ୍କଟଜନକ ହେବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଗ୍ରାମବାସୀ ଉକ୍ତରାସ୍ତାର ତୁରନ୍ତ ମରାମତି, ସ୍ଥାୟୀ ଡ୍ରେନେଜ ବ୍ୟବସ୍ଥା ନିର୍ମାଣ ଓ ଜମି ରହୁଥିବା ନର୍ଦ୍ଦମା ପାଣିର ସଠିକ୍ ନିଷ୍କାସନ ପାଇଁ ପ୍ରଶାସନ ଶୀଘ୍ର ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି।

## ଲାଞ୍ଜିଗଡ଼ରେ ରଥଯାତ୍ରା ପ୍ରସ୍ତୁତି ବୈଠକ

**ଲାଞ୍ଜିଗଡ଼, ୨|୭(ସମିସ):** ଲାଞ୍ଜିଗଡ଼ଠାରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରାକୁ ସୁରୁଖୁରୁରେ ଏବଂ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ହରିହର ସାଂସ୍କୃତିକ ସେବା ସମିତି ପକ୍ଷରୁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ହରିହର ସାଂସ୍କୃତିକ ସେବା ସମିତି ସଭାପତି ରାଜେନ୍ଦ୍ର ପ୍ରତାପ ସିଂଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସେବା ସମିତିର ସମ୍ପାଦକ କାମରାଜ ଦଳବେହେରା, କୋଷାଧ୍ୟକ୍ଷ ଚନ୍ଦ୍ରଧ୍ୱଜ ପେଶନିଆ, ଲାଞ୍ଜିଗଡ଼ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ମନୋଜ ମହାପାତ୍ର, ଦୁର୍ଗା ମାଧବ ରଥ, ନିରଞ୍ଜନ ଆଚାର୍ଯ୍ୟ, ସୁବାସ ମହାପାତ୍ର, ବିନୋଦ ଗୌଡ଼, ଶ୍ରୀମୁଖ ଅଗସ୍ତି, ଲକ୍ଷ୍ମୀଧର ଚଣ୍ଡୀ, ସନାତନ ନାୟକ, କାର୍ତ୍ତିକ ଓଡ଼ିଆ, ରାଘବ ଗହୀର, ଟୁନା ମହାରଥା, ସୁରେସ ଅଗ୍ରୱାଲ, ସତ୍ୟନାରାୟଣ ନାୟକ, ସୁବାଷ ଅଗ୍ରୱାଲ, ଲାଞ୍ଜିଗଡ଼ ଯୁବକ ସଙ୍ଘର କର୍ମକର୍ତ୍ତା ସମେତ ଲାଞ୍ଜିଗଡ଼ର ଅଞ୍ଚଳବାସୀ ବହୁସଂଖ୍ୟାରେ ଉପସ୍ଥିତ ଥିଲେ। ବୈଠକରେ ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ଆଦିର ସମସ୍ତ ନୀତିକାନ୍ତି ଯେପରି ସମୟାନୁବର୍ତ୍ତୀ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା।

## ପୁରୁଣାପଡ଼ା ଠାକୁରାଣୀଙ୍କ ସେବାରେ ଅବହେଳା ଅଭିଯୋଗ

**ଭବାନୀପାଟଣା, ୨|୭(ସମିସ):** ଭବାନୀପାଟଣା ସହର ପୁରୁଣା ପଡ଼ାସ୍ଥିତ ମାଁ ଠାକୁରାଣୀଙ୍କ ଦାନ ଓ ବାର୍ଷିକ ଆଦାୟ ଟଙ୍କା ହଡ଼ପ ଅଭିଯୋଗ କରିଛନ୍ତି କିଛି ଭକ୍ତ। ମାଆଙ୍କ ବାର୍ଷିକ ଉତ୍ସବ, ବଡ଼ ଚୈତ୍ର ପର୍ବ ଓ ଅନ୍ୟାନ୍ୟ ପୂଜା ପାଇଁ ସଂଗ୍ରହ ହୋଇଥିବା ଅର୍ଥ ଏବଂ ଦୁଇଟି ଦୋକାନର ଆୟବ୍ୟୟର ହିସାବ ଜାଣିବା ପ୍ରତ୍ୟେକ ସଦସ୍ୟଙ୍କର ଅଧିକାର। ଦୁଇଟି ଦୋକାନ ଭଡ଼ାବାବଦରେ ବାର୍ଷିକ ୪୮ ହଜାର ବାହାରୁଛି। ତାପରେ ଭକ୍ତ ମାନଙ୍କ ଦାନ ପୂର୍ଣ୍ଣ ଅଲଗା। କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ, ବାର୍ଷିକ ଉତ୍ସବରେ ମାଁଙ୍କ ମନ୍ଦିରରେ ରଙ୍ଗ ଦିଆଯାଇପାରୁ ନାହିଁ। ବୈଠକରେ ହିସାବ ମାଗିବା କ୍ଷଣି କିଛି ଦାୟିତ୍ୱବାନ ବ୍ୟକ୍ତି ସଠିକ୍ ଉତ୍ତର ନଦେଇ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରି ବୈଠକ ଛାଡ଼ି ଚାଲିଯାଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିମାନେ ନିଜର ଭୁଲ୍ ସ୍ୱୀକାର କରି ଆଗାମୀ ବୈଠକରେ ସମସ୍ତଙ୍କ ସମ୍ମୁଖରେ ସ୍ୱଷ୍ଟ ଓ ସଠିକ୍ ହିସାବ ଉପସ୍ଥାପନ କରିବେ ଏବଂ ନିଜର ସମ୍ମାନ ରକ୍ଷା ନ କଲେ ଭକ୍ତଗଣ ଆଇନର ସହାୟତା ନେବେ ବୋଲି ପ୍ରକାଶ କରିଛନ୍ତି।

## ଆବାସ କାର୍ଯ୍ୟାଦେଶ ବଣ୍ଟନ ଓ ସଫେଇ କର୍ମଚାରୀଙ୍କୁ କିଟ୍ ପ୍ରଦାନ

**ଖଡ଼ିଆଳ, ୨|୭ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତଅଞ୍ଚଳ ପରିଷଦ (ଏନଏସି) ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୧୮୫ ଯୋଗ୍ୟ ହିତାଧିକାରୀମାନଙ୍କୁ ଘର ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ ସହ ସଫେଇ କର୍ମଚାରୀ ମାନଙ୍କୁ ସଫେଇ କିଟ୍ ବଣ୍ଟନ କାର୍ଯ୍ୟକ୍ରମ ଖଡ଼ିଆଳ ନୂତନ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା, ଉପାଧ୍ୟକ୍ଷା ଶକୁନ୍ତଳା ରାଉତ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନକେତନ ମହାରଣା ଉପସ୍ଥିତ ରହି କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଏନ୍‌ଏସିର ସମସ୍ତ କାଉନ୍‌ସିଲରଙ୍କ ସହ ସିଏଲଟିସି ଶାଶ୍ୱତ କୁମାର ସାହା, ସିଓ ସଂଯୁକ୍ତା ପଣ୍ଡା, ଟ୍ୟାକ୍ସ ଦରୋଗା ଇଜାର ତାଣ୍ଡି, ସାନିଟେସନ ଏକ୍ସପର୍ଟ ଅମିତ ସାମଲ ପ୍ରମୁଖ ସହଯୋଗ କରିଥିଲେ।

### ଟାର୍ଗେଟ ଅଭାବରୁ ତାତିଲେ ଅନ୍ନଦାତା

## ମୋଟେର ମଣ୍ଡି ସାମ୍ନାରେ ଚାଷୀଙ୍କ ରାସ୍ତାରୋକ



**କୋକସରା, ୨|୭(ସମିସ)**

ଦିନକ ପରେ ରବି ଋତୁ ଧାନ ମଣ୍ଡି ପ୍ରକ୍ରିୟା ବନ୍ଦ ହେବାକୁ ଜଣାପଡ଼ିଥିବା ବେଳେ, ଟାର୍ଗେଟ ଅଭାବ ଏବେ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ଏଭଳି ଏକ ସଂକଟଜନକ ସ୍ଥିତି କୋକସରା ବ୍ଲକ ମୋଟେର ଧାନ ମଣ୍ଡିରେ ଦେଖିବାକୁ ମିଳିଛି। ଆବଶ୍ୟକ ଟାର୍ଗେଟ ପୂରଣ ଦାବିକରି ଗୁରୁବାର ଶତାଧିକ ଚାଷୀ ମଣ୍ଡିସାମ୍ନାରେ ବ୍ୟାପକ ଆନ୍ଦୋଳନ କରିବା ସହ ରାଜପଥ ଅବରୋଧ କରିଥିଲେ। ସୂଚନା ଅନୁଯାୟୀ, ଚଳିତ ରବିଋତୁରେ ମୋଟେର ମଣ୍ଡିରେ ଧାନ ବିକ୍ରି ପାଇଁ ୮୨୪ ଜଣ ଚାଷୀ ଟୋକନ ପାଇଥିଲେ। ସେଥିମଧ୍ୟରୁ ପ୍ରାୟ ୬୯୪ ଜଣ ଚାଷୀଙ୍କ ଧାନ ଉଠାଣ ସରିଥିବା ବେଳେ, ଏବେ ମଧ୍ୟ ପାଖାପାଖି ୧୩୦ ଜଣ ଚାଷୀଙ୍କ ପ୍ରାୟ ୬, ୫୦୦ କୁଇଣ୍ଟାଲ ଧାନ ମଣ୍ଡିରେ ପଡ଼ି ରହିଛି। ଅପରପକ୍ଷରେ ମଣ୍ଡିରେ ମାତ୍ର ୨, ୦୦୦ କୁଇଣ୍ଟାଲ ଧାନର ଟାର୍ଗେଟ ଉପଲବ୍ଧ ଥିବା ଜାଣିବା ପରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଣେ ମଣ୍ଡି ଅବଧି ଶେଷ ହେବାକୁ ମାତ୍ର ଦିନେ ବାକି ଥିବାରୁ ଟୋକନ ରଦ୍ଦ ହେବା ଭୟରେ ଚାଷୀମାନେ ଏକତ୍ରିତ ହୋଇ ମୋଟେର ମଣ୍ଡି ସାମ୍ନାରେ ମୁଖିଗୁଡା-ଭବାନୀପାଟଣା ରାଜପଥକୁ ଅବରୋଧ କରିଥିଲେ। ଫଳରେ ଦୀର୍ଘ ୨ଘଣ୍ଟା ଧରି ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା ଏବଂ ସାଧାରଣ ଯାତ୍ରୀମାନେ ଚରମ ହଇରାଣ ହରକତ ହୋଇଥିଲେ। ରାସ୍ତା ଅବରୋଧ ଖବର ପାଇ କୋକସରା ଅତିରିକ୍ତ ତହସିଲଦାର ମୋହନଚରଣ ଜେନା ଏବଂ ମୋଟେର ମଣ୍ଡିର ଧାନ କ୍ରୟ ଅଧିକାରୀ ତୁରନ୍ତ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଚାଷୀଙ୍କ ଦାବି ମୁତାବକ ସମସ୍ତ ଧାନ ଉଠାଣ ପାଇଁ ଅତିରିକ୍ତ ଟାର୍ଗେଟ ଆସି ସାରିଛି ବୋଲି ପ୍ରଶାସନିକ ସ୍ତରରେ ଦୃଢ଼ ପ୍ରତିଶ୍ରୁତି ମିଳିବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ ଓ ଯାତାୟତ ସ୍ୱାଭାବିକ ହୋଇଥିଲା।

## ତାଇୱାନରେ ବାଲୁକା କଳାପ୍ରଦର୍ଶନୀରେ ଭାରତରୁ ପ୍ରତିନିଧିତ୍ୱ କରିବେ ଓମ୍ ପ୍ରକାଶ

**କର୍ଲାମୁଣ୍ଡା, ୨|୭(ସମିସ):** ଆସନ୍ତା ୪ରୁ ୧୦ ଜୁଲାଇ ପର୍ଯ୍ୟନ୍ତ ତାଇୱାନରେ ଅନୁଷ୍ଠିତ ହେବାକୁ ଥିବା ଟଙ୍ଗସାଇଓ ବାଲୁକା ଭାସ୍କର୍ଯ୍ୟ କଳା ପ୍ରଦର୍ଶନରେ ଭାଗନେବା ପାଇଁ ପୁଣିଥରେ ନିମନ୍ତ୍ରିତ ହୋଇଛନ୍ତି କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡଙ୍ଗରମୁଣ୍ଡା ଗ୍ରାମର ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ। ଶ୍ରୀ ସାହୁଙ୍କ ସ୍ୱତନ୍ତ୍ର ଶୈଳୀ ପାଇଁ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ବାଲୁକା କଳା ଆବୃତ ଲାଭ କରୁଛି। ନିକଟ ଅତୀତରେ ଭାରତୀୟ ଦୂତବାସ ଆନୁକୂଲ୍ୟରେ ଋଷିଆର ଏଲିସ୍ତାଠାରେ ଅନୁଷ୍ଠିତ ଭାରତ ଉତ୍ସବରେ ସେ ବୁଦ୍ଧଙ୍କର ବାଲୁକା ପ୍ରତିମୂର୍ତ୍ତି ନିର୍ମାଣ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଗତବର୍ଷ ତାଇୱାନରେ ଅନୁଷ୍ଠିତ ଉକ୍ତ ବାଲୁକା କଳା ପ୍ରଦର୍ଶନରେ ମଧ୍ୟ ଓଡ଼ିଶାର ଜନଜାତି ଉପରେ ଆଧାରିତ ତାଙ୍କର ବାଲୁକା କଳାର ନିଖୁଣ ପ୍ରଦର୍ଶନ ପାଇଁ ପୁଣିଥରେ ସେ ନିମନ୍ତ୍ରିତ ହୋଇଛନ୍ତି। ଏଥିରେ ସେ ପଶ୍ଚିମ ଓଡ଼ିଶାର ନୂଆଁଖାଇ ଉପରେ କଳା ପ୍ରଦର୍ଶନ କରିବେ ବୋଲି ସୂଚନା ଦେଇଛନ୍ତି। ଉକ୍ତ ପ୍ରତିଯୋଗୀତାରେ ଭାରତରୁ ଶ୍ରୀ ସାହୁଙ୍କ ସମେତ ତାଇୱାନ, ଚାଇନା, ଇଟାଲୀ, କାନାଡା, ଜାପାନ, ନେଦରଲାଣ୍ଡ, ଅଷ୍ଟ୍ରେଲିଆ, ସାଉଥ କୋରିଆ ଏଭଳି ୯ଟି ଦେଶରୁ ଶିଳ୍ପୀ ଭାଗ ନେବେ ବୋଲି ସୂଚନା ମିଳିଛି।



### ପୀତବାସ ପଣ୍ଡା ହତ୍ୟା ମାମଲା

# ଅଭିଯୁକ୍ତ ମଦନଙ୍କୁ ଏସ୍‌ସିବି ସ୍ଥାନାନ୍ତର ନେଇ ହାଇଡ୍ରାମା

ବ୍ରହ୍ମପୁର,୨।୭ (ସମିସ)



ବହୁ ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ମୋହନ ଦଳେଇଙ୍କୁ କଟକ ଏସସିବିକୁ ସ୍ଥାନାନ୍ତର ନେଇ ଏମକେସିଜି ହସ୍ପିଟାଲରେ ହାଇଡ୍ରାମା ଦେଖିବାକୁ ମିଳିଛି। ମଦନଙ୍କୁ ତରବରିଆ ଭାବେ ବ୍ରହ୍ମପୁରରୁ କଟକକୁ ସ୍ଥାନାନ୍ତର କରିବାକୁ ଯାଇ ଖୋଦ୍ ପୁଲିସ ଓ ମେଡିକାଲ କର୍ତ୍ତୃପକ୍ଷ ହରଡଘଣାରେ ପଡିଛନ୍ତି। ପୂର୍ବ ଯୋଜନା ମୁତାବକ ବୈଦ୍ୟନାଥପୁର ଥାନା ଓ ଟାଉନ ଥାନା ପୁଲିସ ପକ୍ଷରୁ ଆବଶ୍ୟକ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା। ସକାଳେ ମଦନଙ୍କୁ ୱାର୍ଡରୁ ଡିସଚାର୍ଜ କରାଯାଇଥିବା ବେଳେ ତାଙ୍କୁ କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଦେଖିବାକୁ ମିଳିଥିଲା। ତେବେ ସବୁ ପ୍ରସ୍ତୁତି ସତ୍ତ୍ୱେ ଉଭୟ ପୁଲିସ ଓ ମେଡିକାଲ କର୍ତ୍ତୃପକ୍ଷ ମଦନଙ୍କୁ କଟକ ସ୍ଥାନାନ୍ତର କରିବାରେ ବିଫଳ ହୋଇଥିବା ଜଣାପଡିଛି। ମଦନଙ୍କ ଚିକିତ୍ସା ତଥା ଅସ୍ତ୍ରୋପଚାରକୁ ନେଇ ଉଭୟ ହାଇକୋର୍ଟ ଓ ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ମାମଲା ବିଚାରାଧିନ ଥିବା ବେଳେ ମଦନଙ୍କୁ ବ୍ରହ୍ମପୁରରୁ କଟକକୁ ସ୍ଥାନାନ୍ତର କରିବାରେ ସମସ୍ୟା ଉପୁଜିଥିଲା। ପ୍ରକାଶ ଯୋଗ୍ୟ ଯେ' ପିତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଆଇନଜୀବୀ ମଦନ ମୋହନ ଦଳେଇଙ୍କୁ ଆଜି ତରବରିଆ ଭାବେ ଏମକେସିଜିରୁ କଟକ ଏସସିବିକୁ ସ୍ଥାନାନ୍ତର ପାଇଁ କରାଯାଇଥିଲା ଯୋଜନା। ଏଥିପାଇଁ ମଦନଙ୍କୁ ମେଡିକାଲରୁ ଡିସଚାର୍ଜ କରାଯିବା ସହିତ ତାଙ୍କୁ ସ୍ଥାନାନ୍ତର ପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ପରବର୍ତ୍ତି ସମୟରେ ଦୁଇଜଣ ଇନ୍ସପେକ୍ଟର ଓ ସୁରକ୍ଷାକର୍ମୀଙ୍କ ସହିତ ଏମକେସିଜି ମେଡିକାଲରେ ପହଞ୍ଚିଥିଲେ ପୁଲିସ। ଅସ୍ତ୍ରୋପଚାର ପାଇଁ ପୂର୍ବରୁ ସହମତି ପ୍ରକାଶ କରିଥିବା ଅଭିଯୁକ୍ତ ମଦନ ଦଳେଇ ଆଜି ମଧ୍ୟ କଟକ ଯାଇ ଅସ୍ତ୍ରୋପଚାର ପାଇଁ ସହମତି ପ୍ରକାଶ କରିବା ସହ ସହଯୋଗ କରିଥିଲେ।

ତେବେ ମଦନଙ୍କୁ ବ୍ରହ୍ମପୁରରୁ ଅନ୍ୟତ୍ର ଯେଉଁଠି ତାଙ୍କର ଅସ୍ତ୍ରୋପଚାର ହୋଇପାରିବ ସେଠାକୁ ନେବା ପୂର୍ବରୁ କେତେକ ଆବଶ୍ୟକତା ପୂରଣ କରିବା ନେଇ କୋର୍ଟଙ୍କ ନିର୍ଦ୍ଦେଶ ରହିଥିବା ଜଣାପଡିଛି। ଯାହାକୁ ଅବମାନନା କରି ପୁଲିସ ଓ ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ ତରବରିଆ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଉଦ୍ୟମ କରୁଥିବା ଜାଣି ପ୍ରତିବାଦ କରିଥିଲେ ଅଭିଯୁକ୍ତ ମଦନ ଦଳେଇ।

ମଦନଙ୍କୁ ସ୍ଥାନାନ୍ତର ପୂର୍ବରୁ ତାଙ୍କ ପରିବାର ସଦସ୍ୟଙ୍କୁ ଜଣାଇବା ଓ ସେମାନଙ୍କ ଉପସ୍ଥିତିରେ ତାଙ୍କୁ ସ୍ଥାନାନ୍ତର କରିବା ଜରୁରୀ ଥିଲା। ଏହାକୁ କାର୍ଯ୍ୟକାରୀ କରିବାକୁ ଯାଇ ଟାଉନ ଥାନା ପୁଲିସ ମଦନଙ୍କ ବିଜିପୁର ସ୍ଥିତ ଘରକୁ ଯାଇ ସେଠାରେ ତାଙ୍କ ପତ୍ନୀଙ୍କ ଅନୁପସ୍ଥିତିରେ ତାଙ୍କ ଭାଣିଜୀଙ୍କ ଠାରୁ କାଗଜରେ ଦସ୍ତଖତ ନେଇଥିବା ଜଣାପଡିଛି। ପରେ ପୁଲିସ ଉକ୍ତ କାଗଜ ବଳରେ ମଦନଙ୍କୁ ଏଠାରୁ କଟକ ସ୍ଥାନାନ୍ତର କରିବାକୁ ଚେଷ୍ଟା କରିଥିଲା। ଯାହାକୁ ମଦନ ଜେଲ କର୍ତ୍ତୃପକ୍ଷଙ୍କ ସମେତ କୋର୍ଟଙ୍କ ନିର୍ଦ୍ଦେଶର ଖୋଲାଖୋଲି ଉଲଂଘନ ବୋଲି ପ୍ରତିବାଦ କରିଥିଲେ। ତେବେ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ମଦନଙ୍କୁ ଯେଉଁଠିକୁ ସ୍ଥାନାନ୍ତର କରାଯିବ ସେଠାରେ ତାଙ୍କର ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ବ୍ୟବସ୍ଥା ଓ ଯନ୍ତ୍ରପାତି ଥିବା ଜରୁରୀ। ଏନେଇ ସମ୍ପୃକ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ସହମତି ପ୍ରକାଶ କରିବା ମଧ୍ୟ ଜରୁରୀ। ତେବେ କଟକ ଏସସିବି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସେଭଳି କୌଣସି ସ୍ୱୀକାରୋକ୍ତି ବା ସହମତି ପତ୍ର ନଥିବାରୁ ତାଙ୍କୁ ଯୋଜନାବଦ୍ଧ ଭାବେ ଏଠାରୁ ସ୍ଥାନାନ୍ତର କରାଯାଉଥିବା ଅଭିଯୋଗ କରି ସେ ସ୍ଥାନାନ୍ତରକୁ ବିରୋଧ କରିଥିଲେ। ପରେ ପୁଲିସ, ଜେଲ କର୍ତ୍ତୃପକ୍ଷ, ଉଭୟ ମେଡିକାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଭାସି ମାଧ୍ୟମରେ ଆଲୋଚନା ହୋଇଥିବା ଜଣାପଡିଛି। କୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ବ୍ୟାବସ୍ଥାର ଉପଲବ୍ଧିକୁ ନେଇ ଏସସିବି ମେଡିକାଲ କର୍ତ୍ତୃପକ୍ଷଙ୍କ ଠାରୁ ସହମତି ପତ୍ର ମିଳିବା ପର୍ଯ୍ୟନ୍ତ ମଦନଙ୍କ କଟକ ସ୍ଥାନାନ୍ତର ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଥିବା ଜଣାପଡିଛି।

- **ଅସ୍ତ୍ରୋପଚାର ଓ ସ୍ଥାନାନ୍ତର ପାଇଁ ମଦନଙ୍କ ସହମତି ସତ୍ତ୍ୱେ କୋର୍ଟ ଅବମାନନା ଅଭିଯୋଗ**
- **୧୩ରେ ହାଇକୋର୍ଟରେ ମଦନଙ୍କ ଆନ୍ତରୀଣ ଜାମିନ ଆବେଦନ ଶୁଣାଣି**

■ ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟାକାଣ୍ଡ ଘଟଣା

## ରଞ୍ଜନ ଓ ସରୋଜଙ୍କୁ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ୍



ବ୍ରହ୍ମପୁର,୨।୭ (ସମିସ): ଗୋପାଳପୁର ପୁଲିସ ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତ ରଞ୍ଜନ ମଲ୍ଲିକ ଓ ସରୋଜ ପଣ୍ଡାଙ୍କୁ ରିମାଣ୍ଡରେ ଆଣିୱାର ଆଜି ଦ୍ୱିତୀୟ ଦିନ। ଆଜି ସକାଳୁ ଦୁଇ ଅଭିଯୁକ୍ତକୁ ଗୋପାଳପୁର ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସଦର ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା, ଗୋପାଳପୁର ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଦୁଇ ଅଭିଯୁକ୍ତ ରଞ୍ଜନ ମଲ୍ଲିକ ଓ ସରୋଜ ପଣ୍ଡାଙ୍କୁ କ୍ରାଇମ ସ୍ପଟ ଭାବିନାରାୟଣପୁର ବଣ ଗାଁ ଭଲିବଲ କୋର୍ଟ ଏବଂ ମାଣ୍ଡିଆପଲ୍ଲୀ ରାସ୍ତା ଛକରୁ ଅପହରଣ କରିଥିବା ସ୍ଥାନରେ ପହଂଚି କ୍ରାଇମ ସିନ ରିକ୍ରିଏସନ କରାଯାଇଥିଲା। ଅପହରଣ ଦିନ ସୁଧୀର ପାତ୍ରଙ୍କୁ ଭଲିବଲ କୋର୍ଟ ଠାରୁ ଅପହରଣ ପର୍ଯ୍ୟନ୍ତ ପରେ ବୁଗୁଡ଼ା ରାମପାଦ ଠାରେ ମାଡ଼ ମାରିବା ଓ ଫାଙ୍କା ଗୁଳି ଫୁଟାଇବା ଓ ହତ୍ୟା ପରେ ସୋରଡ଼ା ଜଙ୍ଗଲରେ ମୃତ ଦେହ ଫିଙ୍ଗିବା ପର୍ଯ୍ୟନ୍ତ ଡେମୋ ଦେଖାଇଥିଲେ। ଆଜି ଗୋପାଳପୁର ପୁଲିସ ଓ ତଦନ୍ତକାରୀ ଅଧିକାରୀ ସଦର ଏସଡ଼ିପିଓ ଦୁଇ ଅଭିଯୁକ୍ତଙ୍କୁ ଆଣି ପ୍ରଥମେ ସୁଧୀର ପାତ୍ର ଅପହରଣ ସ୍ପଟରୁ କିପରି ଭାବେ ସୁଧୀରଙ୍କୁ ଅପହରଣ କରି ବ୍ୟବହାର ହୋଇଥିବା ବୋଲରୋ ଗାଡ଼ିରେ ସୁମିତ ଓ ଗୋଲୁ ବନ୍ଧୁକ ଧରି ଅପହରଣ କରିଥିବା ଅଭିଯୁକ୍ତ ସୋରଜ ଡେମୋ ଦେଖାଇଥିଲେ। ସେହି ସମୟରେ ସୋରଜ ସୁଧୀରଙ୍କୁ ଭଲିବଲ କୋର୍ଟରୁ ପିଛା କରି ଆସିଥିଲେ। ସମ୍ପୂର୍ଣ୍ଣ ତଥ୍ୟ କାଲୁ ପ୍ରଧାନ ଦେଉଥିବା କହିଥିଲେ। ପରେ ଅନ୍ୟ ଅଭିଯୁକ୍ତ ରଞ୍ଜନ ମଲ୍ଲିକଙ୍କୁ ପୁଲିସ ଭଲିବଲ କୋର୍ଟ ପାଖକୁ ନେଇଥିଲା। ସେଠାରେ ରଞ୍ଜନ ସୁଧୀର ପାତ୍ରଙ୍କୁ ଚିହ୍ନି ପିଛା କରି ଆସିଥିଲା। ପୂର୍ବରୁ କାଲୁ ପ୍ରଧାନ ସହ ଆସି ସୁଧୀରଙ୍କୁ ଦେଖିଥିବା ନେଇ ପୁଲିସ ଓ ସାକ୍ଷୀ ଉପସ୍ଥିରେ ଘଟଣା ବିଷୟ କହିଥିଲା। ରାମପାଦ ଠାରେ ସୁଧୀରଙ୍କୁ ମାଡ଼ ମାରି ଗାଳି ଗୁଲଜ ଓ ପରିବାରକୁ ଧମକ ଦେଇଥିବା ରଞ୍ଜନର ସ୍ୱରକୁ ସଂଗ୍ରହ କରି ଫରେନିସ୍କ ଲେବରୋଟରୀକୁ ପଠାଇ ସତ୍ୟାସତ୍ୟ ଅନୁସନ୍ଧାନ କରାଯିବ ବୋଲି ପୁଲିସ କହିଛି।

## ବନ ମହୋତ୍ସବ ସପ୍ତାହ ଅବସରରେ ଚାରାରୋପଣ

ବ୍ରହ୍ମପୁର,୨।୭ (ସମିସ)




ଲାଞ୍ଜିପଲ୍ଲୀ ଯାତ୍ରା ପଡିଆରେ କର୍ପୋରେଟର ସ୍ୱର୍ଣ୍ଣଲତା ସାବତଙ୍କ ଅଧ୍ୟକ୍ଷତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଭଗବାନ ଗନ୍ତାୟତ, ଭାଗିରଥୀ ମହାରଣା, ସୁଶାନ୍ତ ସାବତ, ମୁକୁନ୍ଦ ଗୌଡ଼, ଜଗନ୍ନାଥ ସାବତ, ଦୁର୍ଗା ମାଧବ ସାବତ, କୈଳାଶ ପଟ୍ଟନାୟକଙ୍କ ଉପସ୍ଥିତ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ସେହିପରି ବ୍ରଜାନଗର ଉନ୍ନୟନ ପରିଷଦ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ପ୍ରଫେସର ରାମ ରଞ୍ଜନ ପଣ୍ଡାଙ୍କ ଜନ୍ମ ଦିନ ଉପଲକ୍ଷେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମନୁଷ୍ୟର ଅବିବେକୀ ଓ ସ୍ୱାର୍ଥପର ଆଚରଣ ଏବଂ କାର୍ଯ୍ୟକଳାପ ଫଳରେ ଜଳବାୟୁ ଓ ପରିବେଶର ଯେଉଁ ଦ୍ରୁତ ଅବକ୍ଷୟ ଘଟି ଚାଲିଛି। ଏଥିରେ ସୁଧାର ଆଣିବା ନିମନ୍ତେ ବ୍ୟାପକ ବୃକ୍ଷରୋପଣ କରିବା ହିଁ ଏକମାତ୍ର ବିକଳ୍ପ ବୋଲି ଶ୍ରୀ ପଣ୍ଡା କହିଥିଲେ। କାର୍ଯ୍ୟକ୍ରମରେ ମା ପାଇଁ ଗଛଟିଏ, ଗଛ ଏବଂ ପରିବେଶ ଆଗ ଓ ଆଉ ସବୁ ପଛ ଏହିଭଳି ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି ସହ ଅଁଳା, ପିଜୁଳି ଓ କଦମ୍ବ ଭଳି ବହୁ ଚାରା ରୋପଣ କରାଯାଇଥିଲା। ତାହାର ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ଟ୍ରୀ ଗାର୍ଡ ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରଜନଗର ଉନ୍ନୟନ ପରିଷଦର କାର୍ଯ୍ୟକାରୀ ସଭାପତି ପବିତ୍ର ମିଶ୍ର, ଯୁଗ୍ମ ସମ୍ପାଦକ ଟି. ସୁଦେଶ ପାତ୍ର, ସଂଗଠନ ସମ୍ପାଦକ ଶ୍ରୀକାନ୍ତ ପଢିହାରୀ, କୋଷାଧ୍ୟକ୍ଷ ଏମ୍. ଲାବଣ୍ୟ ପାତ୍ର ଓ ଉପଦେଷ୍ଟା ଗରୀବ ବନ୍ଧୁ ପାଣିଗ୍ରାହୀ, ଯୋଗୀନ୍ଦ୍ର ବକ୍ସି, ଦୁର୍ଗା ମାଧବ ପାଢ଼ୀ, ହାରୀ ପ୍ରାମୁଖ ଉପସ୍ଥିତ ଥିଲେ।

## ଚଳିତବର୍ଷ ୩୬ ଲକ୍ଷ ଚାରାରୋପଣ, କୋଟିଏ ଗଛ ବଣ୍ଟନ ଲକ୍ଷ୍ୟ

ବ୍ରହ୍ମପୁର,୨।୭ (ସମିସ)

ଚଳିତବର୍ଷ ବନ ମଣ୍ଡଳରେ ମୋଟ ୩୬ଲକ୍ଷ ୫୫ ହଜାର ୩୬୫ଟି ଗଛ ବନ ବିଭାଗ ପକ୍ଷରୁ ରୋପଣ କରାଯିବ। ଏ ନେଇ ବ୍ରହ୍ମପୁର ବନ ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ(ଆର୍‌ସିସିଏଫ୍) ବିଶ୍ୱନାଥ ଏନ୍‌ଙ୍କ ଦ୍ୱାରା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ରୋପଣ ପାଇଁ ବୌଦ୍ଧ ବନଖଣ୍ଡରେ ୪ଲକ୍ଷ ୧୮ ହଜାର, ଫୁଲବାଣୀରେ ୪ଲକ୍ଷ ୯୪ହଜାର, ବାଲିଗୁଡ଼ାରେ ୫ଲକ୍ଷ ୫୮ ହଜାର, ପାରଳାଖେମୁଣ୍ଡି ସ୍ତରେ ୪ଲକ୍ଷ ୧୮ ହଜାର, ବ୍ରହ୍ମପୁରରେ ୧ ଲକ୍ଷ ୬୮ ହଜାର, ଦକ୍ଷିଣ ଘୁମୁସରରେ ୩ ଲକ୍ଷ ୧୧ ହଜାର ଓ ଉତ୍ତର ଘୁମୁସରରେ ୪ ଲକ୍ଷ ୬୬ ହଜାର ଗଛ ଚାରା ପ୍ରସ୍ତୁତ ରହିଛି। ସେହିପରି ଲୋକଙ୍କ ମଧ୍ୟରେ ବଣ୍ଟନ ପାଇଁ ବୌଦ୍ଧ ବନଖଣ୍ଡରେ ୧୯ ଲକ୍ଷ ୫୫ ହଜାର, ଫୁଲବାଣୀରେ ୧୧ଲକ୍ଷ, ବାଲିଗୁଡ଼ାରେ ୧୬ ଲକ୍ଷ, ପାରଳାଖେମୁଣ୍ଡିରେ ୧୨ ଲକ୍ଷ ୪୫ ହଜାର, ବ୍ରହ୍ମପୁରରେ ଲକ୍ଷ ୪୫ ହଜାର, ଦକ୍ଷିଣ ଘୁମୁସରରେ ୧୬ ଲକ୍ଷ ୬୦ ହଜାର ଓ ଉତ୍ତର ଘୁମୁସରରେ ୧୮ ଲକ୍ଷ ଗଛ ଚାରା ସୃଷ୍ଟି କରାଯାଇଛି।

ସେହିପରି ଚଳିତବର୍ଷ ପ୍ରଥମ କରି ବନ ମଣ୍ଡଳରେ ବାଉଁଶ ବଣ ସୃଷ୍ଟି କରିବାକୁ ବିଭାଗ ନିଷ୍ପତ୍ତି ନେଇଛି। ଏଥର ୭ଟି ବନଖଣ୍ଡରେ ୧୧୦ ହେକ୍ଟର ଜମିର ବାଉଁଶ ଜଙ୍ଗଲ ତିଆରି କରାଯିବ। ଗତ ବର୍ଷ ବନ ମଣ୍ଡଳରେ ୧୭ ଲକ୍ଷ ତାଳ ଗଛ ରୋପଣ କରାଯାଇଥିଲା। ଚଳିତ ଥର ମଧ୍ୟ ତାଳ ଗଛ ଲଗାଯିବାକୁ ଯୋଜନା କରାଯାଇଛି। ଗତବର୍ଷ ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ ପକ୍ଷରୁ ହୋଇଥିବା ସର୍ଭେ ରିପୋର୍ଟ ତଥ୍ୟ ଅନୁଯାୟୀ ବନମଣ୍ଡଳ ସମେତ ସାରା ରାଜ୍ୟରେ ଗ୍ରୀନ କର୍ଭର ବୃଦ୍ଧି ପାଇଛି। ଆଗାମୀ ଦିନରେ ପରିବେଶର ସୁରକ୍ଷା ପାଇଁ ସଭିଏଁ ଆଗକୁ ଆସି ମିଳିମିଶି ବୃକ୍ଷ ରୋପଣ କରିବା ବୋଲି ଆର୍‌ସିସିଏଫ୍ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଡିଏଫ୍‌ଓ ସନି ଖୋଖର ମଞ୍ଚାସିନ ଥିବା ବେଳେ ଚଳିତ ବର୍ଷ "ଏକ ପେଡ୍ ମାଆ କେ ନାମ-୩.୦' ଆରମ୍ଭ ହେଉଛି। ଏଥିରେ ସଭିଏଁ ସାମିଲ ହୋଇ ଗଛ ଲଗାଇବା ସହ ତାହାର ଯତ୍ନ ନେବାକୁ ଆହ୍ୱାନ କରିଥିଲେ।

## ହତ୍ୟା ଉଦ୍ୟମ କରିଥିବା ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୨/୭ (ସମିସ): ଏକ ହତ୍ୟା ଉଦ୍ୟମ ଘଟଣା ଘଟାଇ ଫେରାର ଥିବା ଅଭିଯୁକ୍ତଙ୍କୁ ବଡବଜାର ଥାନା ପୋଲିସ କାବୁ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ପାଣ୍ଡବ ନଗର ର ବିଜୟ ହାତି ଓରଫ ବିଜୟ ବେହେରା (୩୬)। ମାମଲା ନଂ ୩୧୫/୨୬ ରେ ତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଲକ୍ଷ୍ମୀ ନୃସିଂହ ସାହି ୮ମ ଲାଇନରେ ରହିଥିବା ଆନନ୍ଦ ରାଓ ଓ ଉକ୍ତ ଅଭିଯୁକ୍ତ ମଧ୍ୟରେ ବନ୍ଧୁତା ରହିଥିଲା। ହେଲେ ଘଟଣାର କିଛି ଦିନ ପୂର୍ବରୁ କୌଣସି କାରଣକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ ଶତ୍ରୁତା ହୋଇଥିଲା। ଆନନ୍ଦ ରାଓ ଗତ ମଇ ୧୫ ତାରିଖ ରାତ୍ର ମେଣ୍ଟୁ ଛକ ଦେଇ ଘରକୁ ଫେରୁଥିଲେ। ରାସ୍ତାରେ ବିଜୟ ବେହେରା ତାଙ୍କୁ ଅଟକାଇ ଝଗଡା କରିଥିଲେ। ଆନନ୍ଦ ଏହାର ପ୍ରତିବାଦ କରିଥିଲେ। ପରେ ବିଜୟ ଏକ କାଠ ଫଳିଆରେ ଅନନ୍ଦଙ୍କ ମୁଣ୍ଡ ଉପରେ ଆକ୍ରମଣ କରିଥିଲେ। ଯାହାଫଳରେ ତାଙ୍କ ମୁଣ୍ଡ ଫାଟି ରକ୍ତ ବାହାରିଥିଲା। ସ୍ଥାନୀୟ ଲୋକ ସେଠାକୁ ଆସିଯିବା ଦେଖି ବିଜୟ ସେଠାରୁ ଚମ୍ପଟ ମାରିଥିଲେ। ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲ ରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେଇ ଫେରିବା ପରେ ଆନନ୍ଦ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରିଥିଲା। ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ବୁଧବାର ରାତ୍ର ସେ ତାଙ୍କ ଘରେ ଥିବା ପୋଲିସ ଜାଣିବାକୁ ପାଇ ସେଠାରେ ଚଢଉ କରି ତାଙ୍କୁ ଗିରଫ କରିଥିଲା।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା



ବ୍ରହ୍ମପୁର,୨।୭ (ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବରାଜ ସ୍ୱାଇଁ ପୌରୋହିତ୍ୟ ଅନୁଷ୍ଠିତ ସଭାରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପ୍ରାକ୍ତନ ମୁଖ୍ୟ ଡ. କୁଳମଣି ଓଝା ଓ ପ୍ରାକ୍ତନ ଶାରୀରିକ ଶିକ୍ଷା ଶିକ୍ଷକ ଗୌରୀଶଙ୍କର ପାତ୍ରଙ୍କୁ ମହାବିଦ୍ୟାଳୟ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ଅଶୀତିପର ବର୍ଷୀୟାନ୍ ସାହିତ୍ୟିକ ଡ. କୈଳାସ ଚନ୍ଦ୍ର ତ୍ରିପାଠୀ ଓ ମହାବିଦ୍ୟାଳୟର ପ୍ରାଶାସନିକ ଉପଦେଷ୍ଟା କୃଷ୍ଣଚନ୍ଦ୍ର ବେହେରା ଆମନ୍ତ୍ରିତ ଅତିଥି ରୂପେ ଯୋଗଦେଇ ଡ. ଓଝାଙ୍କ ବହୁମୁଖୀ ପ୍ରତିଭା ଓ ଶ୍ରୀ ପାତ୍ରଙ୍କ କ୍ରୀଡ଼ା ନୈପୁଣ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ରବୀନ୍ଦ୍ର କୁମାର ପଣ୍ଡା ଓ ଇଂରାଜୀ ବିଭାଗ ମୁଖ୍ୟ ଡ. ଆନନ୍ଦ ସେଠୀ ପ୍ରାକ୍ତନ ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ମୁଖ୍ୟ ଡ. ଓଝା ଓ ବିଦାୟୀ ପିଇଟି. ଶ୍ରୀ ପାତ୍ରଙ୍କ ମହନୀୟ କାର୍ଯ୍ୟାବଳୀ ବର୍ଣ୍ଣନା କରିବା ସହ ପ୍ରଶସ୍ତିପତ୍ର ପାଠ କରିଥିଲେ। ଶେଷରେ ଡ. ରବୀନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୀ ବିଭାଗ ମୁଖ୍ୟ ଗଙ୍ଗାଧର ବେହେରା, ଡ. ସୁଶାନ୍ତ କୁମାର ପରିଡ଼ା, ଡ. ସୁଧାନନ୍ଦ ମହାରଣା, ଡ. ଶିବାନୀ ମିଶ୍ର, ଡ. ରବୀନ୍ଦ୍ର କୁମାର ପଣ୍ଡା, ଡ. ସୁଶାନ୍ତ କୁମାର ବୀରୋ, ଡ. ଅଚ୍ୟୁତ ବିଶ୍ୱାଳ, ଡ. ବନଲତା ସାହୁ, ଶଙ୍କର ପ୍ରସାଦ ମହାପାତ୍ର, ଡ. ଚିତ୍ତରଞ୍ଜନ ମହାନ୍ତି ଓ ଡ. ଅଶ୍ୱିନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ପେନ୍‌କାକ ସିଲଟ ଚାମ୍ପିଅନ୍‌ସିପ୍ ପ୍ରତିଯୋଗିତା: ଗଞ୍ଜାମ ଖେଳାଳିଙ୍କୁ ୩ ପଦକ

ବ୍ରହ୍ମପୁର,୨।୭ (ସମିସ): ପଶ୍ଚିମ ଭାରତର ମହାରାଷ୍ଟ୍ର ରାଜ୍ୟର ନାଶିକ ଠାରେ ଚଉଦତମ ନାସନାଲ ସିଙ୍ଗା, ମକାନ, ପ୍ରିଟିନ, ପ୍ରିଜୁନିଅର ଓ ଜୁନିଅର ପେନକାକ ସିଲଟ ଚାମ୍ପିଅନସିପ୍ ପ୍ରତିଯୋଗିତା ହୋଇଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ପ୍ରତିଯୋଗିତା ଜୁନ ୨୫ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ



ହୋଇଥିଲା। ପ୍ରତିଯୋଗିତାରେ ଗଞ୍ଜାମ ପେନକାକ ସିଲଟ ସଂଘ ଖେଳାଳି ଉଲ୍ଲେଖନୀୟ ପ୍ରଦର୍ଶନ କରି ୧ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ହାସଲ କରି ବ୍ରହ୍ମପୁର ଓ ଗଞ୍ଜାମ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ପ୍ରିଟିନ ବାଳିକା ବର୍ଗ ସୋଲୋରେ ସ୍ନେହାଞ୍ଜଳି ସାହୁ ସ୍ୱର୍ଣ୍ଣ ପଦକ, ଜୁନିଅର ବାଳିକା ବର୍ଗ ଟେଣ୍ଡିଂରେ ଅର୍ପିତା ଗୌଡ଼ ରୌପ୍ୟ ପଦକ ଓ ପ୍ରିଜୁନିଅର ବାଳକ ବର୍ଗ ଗାଣ୍ଡା(ଡବଲ ବିଭାଗ)ରେ ମାରୁତି ପ୍ରସାଦ ସମନ୍ତରାୟ ଓ ସାଇ କ୍ରିଷ୍ଣା ପାଣିଗ୍ରାହୀ ରୌପ୍ୟ ପଦକ ହାସଲ କରିଥିଲେ। ଗଞ୍ଜାମ ପେନକାକ ସିଲଟ ସଂଘର ଖେଳାଳିଙ୍କ ଏହି ସଫଳତା ଜିଲ୍ଲାର କ୍ରୀଡା କ୍ଷେତ୍ର ପାଇଁ ଏକ ବଡ ସଫଳତା ଭାବେ ବିବେଚନା କରାଯାଇଛି। ଏହି ସଫଳତା ପାଇଁ ଗଞ୍ଜାମ ପେନକାକ ସିଲଟ ସଂଘର ସଭାପତି ରବି କୁମାର ସାହୁ, ଉପସଭାପତି ଭୁଗୁରାମ ପଣ୍ଡା, ଟେକ୍ନିକାଲ ଡିରେକଟର ଡାନି ସ୍ନେହାଂଶୁ ବିଷୋୟୀ ଓ ଜେନେରାଲ ସେକ୍ରେଟାରୀ ଶ୍ରୀଧର ସାହୁ କୃତି ଖେଳାଳୀଙ୍କୁ ସମ୍ବର୍ଦ୍ଧନା କରାଯାଇଛି।

## ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ବିଦ୍ୟାଳୟରେ ଭିତ୍ତିଭୂମିର ଉନ୍ନତିକରଣ

ବ୍ରହ୍ମପୁର,୨।୭ (ସମିସ)

ଗୋପାଳପୁର ବନ୍ଦରର କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) କାର୍ଯ୍ୟକ୍ରମ ଅଧୀନରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଛତ୍ରପୁର ବ୍ଲକର ସର୍ବାଧିକ ସଂଖ୍ୟକ




ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ସାନ ଆର୍ଯ୍ୟପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ, ସ୍ୱଚ୍ଛ ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ଶିକ୍ଷା ପରିବେଶ ସୃଷ୍ଟି ଲକ୍ଷ୍ୟରେ ବିଭିନ୍ନ ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟକ୍ରମ ଲୋକାର୍ପଣ କରାଯାଇଛି। ଆଦାନୀ ଫାଉଣ୍ଡେସନ ପକ୍ଷରୁ ବିଦ୍ୟାଳୟର ଖେଳ ପଡ଼ିଆର ବିକାଶ, ଛାତ୍ରୀମାନଙ୍କ ପାଇଁ ଦୁଇଟି ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ, ହାତ ଧୋଇବା ବ୍ୟବସ୍ଥା, ବିଦ୍ୟାଳୟ କୋଠାର ଫାଟ ମରାମତି ଓ ରଙ୍ଗକାମ ଆଦି କରାଯାଇଛି। ଏହାସହ ବିଦ୍ୟାଳୟରେ ଡିଜିଟାଲ ଶିକ୍ଷାକୁ ପ୍ରୋତ୍ସାହନ ଦେବା ପାଇଁ ୭୫ ଇଞ୍ଚ ବିଶିଷ୍ଟ ଏକ ଏଲଇଡି ଇଣ୍ଟରଆକ୍ଟିଭ ପ୍ୟାନେଲ ସ୍ଥାପନ କରାଯାଇଛି। ଚଳିତବର୍ଷ ବିଶ୍ୱ ପରିବେଶ ଦିବସ ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ମଧ୍ୟ କରାଯାଇଥିଲା। ସ୍ୱତନ୍ତ୍ର ଲୋକାର୍ପଣ ଉତ୍ସବରେ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀଣୀ ସୁଚିତ୍ରା ପାଣିଗ୍ରାହୀ, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା ଏବଂ ଗୋପାଳପୁର ବନ୍ଦରର ବିଜନେସ ହେଡ ପ୍ରଶାନ୍ତ ପାତ୍ର ମିଳିତ ଭାବେ ଏହି ଭିତ୍ତିଭୂମିଗୁଡିକର ଶୁଭ ଉଦଘାଟନ କରିଥିଲେ। ସଭାକୁ ସମ୍ବୋଧିତ କରି ବ୍ଲକ ଶିକ୍ଷା ଅଧିକାରୀ ସୁଚିତ୍ରା ପାଣିଗ୍ରାହୀ ଆଦାନୀ ଫାଉଣ୍ଡେସନର ଏହି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏ ଅବସରରେ ଗୋପାଳପୁର ବନ୍ଦରର ବିଜନେସ ହେଡ ପ୍ରଶାନ୍ତ ପାତ୍ର କହିଥିଲେ ଯେ, ଆଦାନୀ ଫାଉଣ୍ଡେସନ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଏବଂ ସମୁଦାୟ ବିକାଶ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ

ବ୍ରହ୍ମପୁର,୨।୭ (ସମିସ): ଗଞ୍ଜାମ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ତଥା ଗିରିରୋଡ଼ ଛକ ନିକଟରେ ରହୁଥିବା ନିବାସୀ ରାଜୀବ ପଟ୍ଟନାୟକ (୬୮)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ରାଜୀବ ହେଉଛନ୍ତି ଆଇନଜୀବୀ ଦୀପକ ପଟ୍ଟନାୟକଙ୍କ ବଡ଼ ଭାଇ। ଗୁରୁବାର ସକାଳ ସାଢେ ୧୦ଟା ତାଙ୍କର ମୃତ୍ୟୁ ଘଟିଥିଲା। ବିଜିପୁର ସ୍ମଶାନରେ ତାଙ୍କ ଶେଷକୃତି ସମ୍ପନ୍ନ ହୋଇଥିବା ଜଣାପଡିଛି । ଆସନ୍ତା କାଲି ଗଞ୍ଜାମ ଓକିଲ ସଂଘରେ ଶୋକସଭା ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ




ବ୍ରହ୍ମପୁର,୨।୭ (ସମିସ): ସରସ୍ୱତୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗରର ବରିଷ୍ଠ ଆଚାର୍ଯ୍ୟ ଦିନବନ୍ଧୁ ମହାପାତ୍ର ତାଙ୍କ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଶ୍ରୀ ମହାପାତ୍ରଙ୍କୁ ସମ୍ମାନ ଜଣାଇ ଅନୁଷ୍ଠାନ ତରଫରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ଏ ଅବସରରେ ମହାପାତ୍ରଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ଅବଶିଷ୍ଟ ଜୀବନ ନିରାମୟ ତଥା ଶାନ୍ତିପୂର୍ଣ୍ଣ ହେଉ ବୋଲି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ କାମନା କରିଥିଲେ। ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ ମହାପାତ୍ରଙ୍କ ସହଯୋଗୀ ମନୋବୃତ୍ତି, ସହକର୍ମୀଙ୍କ ସହ ଭାତୃଭାବ ସମ୍ପନ୍ନ ବ୍ୟବହାର ତଥା ଅନୁଷ୍ଠାନ ପ୍ରତି ତାଙ୍କର ଅନୁରାଗକୁ ଉଚ୍ଚପ୍ରଶଂସ କରି ଏକ ଭାବପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ ତଥା ଅନ୍ୟାନ୍ୟ ସଦସ୍ୟ ସଦସ୍ୟା ଶ୍ରୀ ମହାପାତ୍ରଙ୍କ କର୍ମନିଷ୍ଠତାର ଭୂୟସୀ ପ୍ରଶଂସା କରିଥିଲେ।

### ସ୍ୱାଭାବିକରୁ କମ୍ ବର୍ଷା, ଜୁଲାଇ ଆରମ୍ଭ ବି ନିରାଶାଜନକ

# ପାଣି ଖୋଜୁଛି ଜଳଭଣ୍ଡାର; ଅନିଶ୍ଚିତତାରେ ଖରିଫ ଚାଷ

ବ୍ରହ୍ମପୁର,୨।୭ (ସମିସ)

ଗଞ୍ଜାମ ଜିଲ୍ଲାରେ ମୌସୁମୀ ଆସିଛି, କିନ୍ତୁ ବର୍ଷା ନାହିଁ। ଆକାଶରେ ମେଘ ଆସୁଛି, ଯାଉଛି; ଚାଷ ଜମିକୁ ଭିଜାଇବା ଭଳି ବର୍ଷା ହେଉନାହିଁ। ଜୁନ୍ ମାସ ଶେଷ ହୋଇଥିଲେ ମଧ୍ୟ ଜିଲ୍ଲାରେ ସ୍ୱାଭାବିକଠାରୁ ବହୁତ କମ୍ ବର୍ଷା ରେକର୍ଡ ହୋଇଛି। ଫଳରେ ଖରିଫ ଚାଷ ଅନିଶ୍ଚିତତା ଘେରକୁ ଚାଲିଯାଇଛି। ଧାନ ତଳି ଶୁଖିବାକୁ ବସିଥିବା ବେଳେ ଚାରା ରୋପଣ ବିଳମ୍ବିତ ହେଉଛି। ଅନ୍ୟପଟେ ଜଳଭଣ୍ଡାର ଓ ପୋଖରୀରେ ଆଶାନୁରୂପ ପାଣି ନ ଜମିବାରୁ କେବଳ ଚଳିତ ଖରିଫ ନୁହେଁ, ଆଗାମୀ ରବି ଚାଷ ଉପରେ ମଧ୍ୟ ସଙ୍କଟର କଳାବାଦଲ ଘନେଇବାରେ ଲାଗିଛି। ଜିଲ୍ଲାର ବର୍ଷା ପରିସଂଖ୍ୟାନ ଚିନ୍ତାକୁ ଆହୁରି ବଢ଼ାଇଛି। ଜୁନ୍ ମାସରେ ଗଞ୍ଜାମରେ ମାତ୍ର ୯୬.୯୧ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷା ପରିମାଣ ତୁଳନାରେ ଏହା ୫୭.୪୫ ମିଲିମିଟର କମ୍। ସମଗ୍ର ମାସରେ ପ୍ରାୟ ୧୦ଦିନ ବର୍ଷା ହୋଇଥିଲେ ମଧ୍ୟ ତାହା ଅସମାନ ରହିଛି। କୃଷି କାର୍ଯ୍ୟ ପାଇଁ ଆବଶ୍ୟକ କ୍ରମାଗତ ବର୍ଷା ନ ହେବାରୁ ଜମିରେ ଆର୍ଦ୍ରତା ସୃଷ୍ଟି ହୋଇପାରିନାହିଁ। ସାଧାରଣତଃ ଜୁନ୍ ଶେଷ ସୁଦ୍ଧା ଜିଲ୍ଲାର ବହୁ ଅଞ୍ଚଳରେ ଧାନ ଚାରା ରୋପଣ କାମ ଜୋରଦାର ହୋଇଥାଏ। କିନ୍ତୁ ଚଳିତବର୍ଷ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ଅନେକ ବ୍ଲକରେ ଚାଷୀମାନେ ତଳି ପ୍ରସ୍ତୁତ କରିଥିଲେ ମଧ୍ୟ ଜମିରେ ପାଣି ନ ଥିବାରୁ ଚାରା ରୋପଣ କରିପାରୁନାହାନ୍ତି। ଜୁଲାଇ ମାସରେ ସାଧାରଣତଃ ୨୩୬.୮ ମିଲିମିଟର ବର୍ଷା ହେବା କଥା। ହେଲେ ମାସର ପ୍ରଥମ ଦିନରେ ମଧ୍ୟ ବର୍ଷାରେ ବଡ଼ ଧରଣର ସୁଧାର ଦେଖିବାକୁ ମିଳିନାହିଁ। ବୁଧବାର ଛତ୍ରପୁରରେ ୧.୨ ମିମି, ଗଞ୍ଜାମରେ ୧.୪ ମିମି, ବୁଗୁଡ଼ାରେ ୨ ମିମି, ଆସିକାରେ ୦.୪ ମିମି ଓ ସୋରଡ଼ାରେ ୫ ମିମି ବର୍ଷା ହୋଇଥିଲା। ଅନ୍ୟପଟେ ଖଲ୍ଲିକୋଟରେ ୩୯.୨ ମିମି ଓ ଜଗନ୍ନାଥପ୍ରସାଦରେ ୩୮.୬ ମିମି ବର୍ଷା ହୋଇଥିଲେ ମଧ୍ୟ ଏହା ସମଗ୍ର ଜିଲ୍ଲାର ଚାଷ ପରିସ୍ଥିତି ବଦଳାଇବାକୁ ପର୍ଯ୍ୟାପ୍ତ ନୁହେଁ। ବର୍ଷା ଅଭାବ ଜିଲ୍ଲାର ବିଭିନ୍ନ ଜଳଭଣ୍ଡାର, ପୋଖରୀ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉପରେ ପ୍ରଭାବ ପକାଇଛି। ଜୁନ୍ ଶେଷ ସୁଦ୍ଧା ଜଳାଶୟ ଗୁଡ଼ିକରେ ଯେତିକି ପାଣି ସଂରକ୍ଷଣ ହେବା କଥା, ତାହା ହୋଇନାହିଁ। ଯଦି ଜୁଲାଇରେ ବ୍ୟାପକ ବର୍ଷା ନ ହୁଏ, ତେବେ ସେଚନ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ସହ ପାନୀୟ ଜଳ ସମସ୍ୟା ମଧ୍ୟ ଉପୁଜିପାରେ। ଆଗାମୀ ୧୦ରୁ ୧୫ ଦିନ ମଧ୍ୟରେ ମୌସୁମୀ ସକ୍ରିୟ ହୋଇ ବ୍ୟାପକ ବର୍ଷା ନ ହେଲେ ଗଞ୍ଜାମରେ ଖରିଫ ଚାଷ ଗୁରୁତର ପ୍ରଭାବିତ ହେବା ସହ ଏହାର ପ୍ରଭାବ ଚାଷୀଙ୍କ ଆୟ, ଜିଲ୍ଲାର କୃଷି ଅର୍ଥନୀତି ଓ ଖାଦ୍ୟ ଉତ୍ପାଦନ ଉପରେ ମଧ୍ୟ ପଡ଼ିବ।

# ଶ୍ରୀକ୍ଷେତ୍ର ସିଟି

୨/୭/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧,୭୪,୨୦୧/- ସୁନା: ୦୦.୨୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





# ପାର୍କିଂ ଆଳରେ ଶ୍ରୀସେତୁ ସୌନ୍ଦର୍ଯ୍ୟକୁ ନଷ୍ଟ କରିଦେଲେ







**ସରକାରଙ୍କ ଭୟ ନା ଅସହିଷ୍ଣୁତା?**

ପୁରୀ,୨।୭ (ସମିସ)

ରଥଯାତ୍ରା ଲାଗି ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ତେଣୁ ପୁରୀ ସହରରେ ଭିଡ଼ ନିୟନ୍ତ୍ରଣ ଓ ଯାତାୟାତକୁ ସୁଗମ କରିବା ଉପରେ ପ୍ରଶାସନ ବିଶେଷ ନଜର ଦେଇ ପ୍ରସ୍ତୁତି ଚଳାଇଛି। ବିଶେଷକରି ଏହି ସମୟରେ ଟ୍ରାଫିକ୍ ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା ଲାଗି ଅନେକ ନୂଆ ପଦକ୍ଷେପ ନିଆଯିବା ସହିତ ଅନେକ ଅସ୍ଥାୟୀ ପାର୍କିଂ ପ୍ରସ୍ତୁତ ଲାଗି ନିଷ୍ପତ୍ତି ହୋଇଛି। ଏହି ଅସ୍ଥାୟୀ ପାର୍କିଂ ସ୍ଥଳଗୁଡ଼ିକର କାମ ବି ଚାଲିଛି। ଏହା ନିଶ୍ଚିତ ଭଲ ପଦକ୍ଷେପ। କିନ୍ତୁ ପାର୍କିଂସ୍ଥଳ ଆଳରେ ଶ୍ରୀସେତୁର ସୌନ୍ଦର୍ଯ୍ୟକୁ ନଷ୍ଟ କରି ଦିଆଯାଇଥିବା ଭଳି ସଙ୍ଗୀନ ଅଭିଯୋଗ ଉଠାଇଛି ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଏହା ସରକାରଙ୍କ ଭୟ ନା ଅସହିଷ୍ଣୁତା ତାକୁ ନେଇ ଆପ୍ ଉଦ୍‌ବେଗ ପ୍ରକାଶ କରିଥିବାବେଳେ ଏହାକୁ ନେଇ ଚର୍ଚ୍ଚା ଚାଲିଛି।

ପ୍ରତିବର୍ଷ ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଉଛି। ବିଶେଷକରି ଭକ୍ତଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଏବଂ ଟ୍ରାଫିକ୍ ପରିଚାଳନା ସର୍ବଦା ପୁଲିସ ଏବଂ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଥାଏ। ଏଥର ଏକାଧିକ ଜାଗାରେ ଅସ୍ଥାୟୀ ପାର୍କିଂ କରାଯାଉଛି। କିନ୍ତୁ ଶ୍ରୀସେତୁ ନିକଟରେ ଥିବା ଏକ ସୌନ୍ଦର୍ଯ୍ୟକରଣ ଜାଗାକୁ ପାର୍କିଂ ଲାଗି ଚିହ୍ନଟ କରାଯାଇ ଏହାର କାମ ଚାଲିଛି। ହେଲେ ଏହାକୁ ନେଇ ଆପତ୍ତି ଉଠାଇଛନ୍ତି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି। ସେ କହିଛନ୍ତି, ବିଜେପି ସରକାର ରାଜ୍ୟରେ ୨ ବର୍ଷରୁ ଅଧିକ ସମୟ ଶାସନ କଲାଣି। ପୁରୀରେ ଗାଣ୍ଡୁଆଏ ମାଟି କେଉଁଠି ପଡ଼ିଲା ନାହିଁ। ପୂର୍ବ ସରକାରଙ୍କ ପକ୍ଷରୁ ଏଠାରେ ଅନେକ ବଡ଼ ବଡ଼ ପ୍ରକଳ୍ପ ତିଆରି କରାଯାଇଥିଲା। ସରକାର ପରିବର୍ତ୍ତନ ପରେ ଅଧପନ୍ତରିଆ ପ୍ରକଳ୍ପ କାର୍ଯ୍ୟ ବି ଠପ୍ ପଡ଼ିଯାଇଛି। ବିଜେଡି ସରକାରଙ୍କ ପୁରୀ ତଥା ରାଜ୍ୟ ପାଇଁ ଏକ ମେଗା ପ୍ରକଳ୍ପ ଥିଲା ଶ୍ରୀ ସେତୁ। ରାଜ୍ୟର ଏହା ପ୍ରଥମ ଟ୍ରମ୍ପେଟ୍ ବ୍ରିଜ୍ ଭାବେ ସମସ୍ତଙ୍କ ଆକର୍ଷଣ ପାଲଟିଥିଲା। ଏହି ସେତୁ ନିକଟରେ ଏକ ଗୋଲାକୃତି ଜାଗାକୁ ଆକର୍ଷଣୀୟ ଭାବେ ବିକଶିତ କରାଯାଇଥିଲା। ଏଥିରେ ଘାଷ ଗାଲିଚାଠାରୁ ଆରମ୍ଭ କରି ଚତୁଃପାଶ୍ୱର୍କୁ ବେଶ୍ ଭଲ ଭାବେ ପ୍ରସ୍ତୁତ କରାଯାଇଥିଲା। ଏହା ମଝିରେ ଏକ ଶଙ୍ଖର ଚିତ୍ର ବି ରହିଥିଲା। ଯେଉଁମାନେ ଶ୍ରୀସେତୁ ଦେଇ ଯାଉଥିଲେ ଏହାକୁ ବେଶ୍ ପସନ୍ଦ କରୁଥିଲେ। କିନ୍ତୁ ରଥଯାତ୍ରା ଲାଗି ଅସ୍ଥାୟୀ ପାର୍କିଂ ଆଳରେ ଏହି ଜାଗାର ସୌନ୍ଦର୍ଯ୍ୟକୁ ନଷ୍ଟ କରି ଦିଆଯାଇଛି। ଏଥିରେ ଜେସିବି, ଟ୍ରାକ୍ଟର ପଶି ଏହାକୁ ନଷ୍ଟ କରିଦେଇଛନ୍ତି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି।

ସେ କହିଛନ୍ତି, ଶ୍ରୀସେତୁ କଡ଼ରେ ପାର୍କିଂ ଭଳି ବିକଶିତ କରାଯାଇଥିବା ଜାଗାଟି ପ୍ରାୟ ସମସ୍ତଙ୍କୁ ଭଲ ଲାଗୁଥିଲା। ହେଲେ ରଥଯାତ୍ରା ପାର୍କିଂ ଆଳରେ ଏହାକୁ ନଷ୍ଟ କରି ଦିଆଯାଇଛି। ଯଦି ସେଠାରେ ଶଙ୍ଖ ଚିତ୍ର ଥିଲା ବିଜେପି ଚାହିଁଥିଲେ ସେଠାରେ ପଦ୍ମ ଚିତ୍ର କରି ଏହାକୁ ଆହୁରି ଅଧିକ ଆକର୍ଷଣୀୟ କରିପାରିଥା'ନ୍ତା। କିନ୍ତୁ ତାହା ନ କରି ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେବେ କେତେଦୂର ଯୁକ୍ତିସଙ୍ଗତ ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୀବ। ସେହିପରି ପ୍ରସ୍ତୁତ କରାଯାଉଥିବା ଅସ୍ଥାୟୀ ପାର୍କିଂସ୍ଥଳର ସ୍ଥିତିକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

ସଞ୍ଜୀବ କହିଛନ୍ତି, ଗତ ମାସ ୨୩ ତାରିଖରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟ ବିଭାଗୀୟ ମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏସ୍ଇ, ଆର୍ ଆଣ୍ଡ ବି, ପୁରୀ ଦାବି କରିଥିଲେ ଯେ, ପାର୍କିଂ କାର୍ଯ୍ୟ ୭୦ ପ୍ରତିଶତରୁ ଅଧିକ ସମ୍ପୂର୍ଣ୍ଣ ହୋଇସାରିଛି। ମାତ୍ର ଗ୍ରାଉଣ୍ଡ ରିପୋର୍ଟ ସମ୍ପୂର୍ଣ୍ଣ ଓଲଟା। ସାମାନ୍ୟ ବର୍ଷାରେ ସମ୍ପୂର୍ଣ୍ଣ ପାର୍କିଂସ୍ଥଳ କାଦୁଅ ପାଣିରେ ଭରିଯାଇଛି। ଯଦି ସତରେ ୭୦ ପ୍ରତିଶତ ଇଞ୍ଜିନିୟରିଂ କାର୍ଯ୍ୟ ସରିଥା'ନ୍ତା, ତେବେ ସାମାନ୍ୟ ବର୍ଷାରେ ସ୍ଥଳ ଏଭଳି ନଷ୍ଟ ହୋଇ ନ ଥାନ୍ତା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏହି ନିମ୍ନମାନର କାର୍ଯ୍ୟ ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ ଗୁରୁତର ଟ୍ରାଫିକ୍ ବିପଦ ସମସ୍ୟା ସୃଷ୍ଟି କରିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି।

## ରଥଖଳାରୁ... ରଥ ଉପରକୁ ଉଠିଲା ଦୁଆର ବେଢ଼ା



ପୁରୀ,୨।୭ (ସମିସ): ରଥ ନିର୍ମାଣ ପ୍ରାୟ ସରିଗଲାଣି। ଗୁରୁବାର ତିନିରଥ ଉପରକୁ ଦୁଆର ବେଢ଼ା ଉଠିଛି। ପରମ୍ପରା ପ୍ରକାରେ ଭୋଇ ସେବକମାନେ ପୂର୍ବାହ୍ଣରେ ରଥ ଚାଳି ଭାଙ୍ଗି ସେଥିରୁ ବାହାରିଥିବା ବାଉଁଶରେ ତେଣ୍ଟିଆ ପ୍ରସ୍ତୁତ କରି ସେଥିରେ ଦୁଆର ବେଢ଼ା ରଥ ଉପରକୁ ଉଠାଇଥିଲେ। ଆଗ ଆଣି, ପଛ ଆଣି ଏବଂ ରଥ ଦୁଇ ପାର୍ଶ୍ୱର ଦୁଆର ବେଢ଼ାକୁ ବାଉଁଶ ତେଣ୍ଟିଆ ସହାୟତାରେ ଉଠାଇ ନାଟ ଗୋଡ଼ ସହ ସଂଯୋଗ ପୂର୍ବକ ରଥରେ ଦଉଡ଼ି ଦ୍ୱାରା ବାନ୍ଧେଣୀ କାର୍ଯ୍ୟ ଶେଷ କରିଛନ୍ତି। ଶୁକ୍ରବାର ଦୁଆର ବେଢ଼ାକୁ ମଜଭୁତ ରଖିବା ପାଇଁ ଏହାର ଉପରି ଭାଗ ଚନ୍ଦ୍ରଶାଳୀରେ ଧ୍ୱଜ ବତା ସଂଯୋଗ କରାଯାଇ ମଝି ଭୂଇଁରେ କଣ୍ଟା ବସି ଫିଟିଙ୍ଗ୍ କାର୍ଯ୍ୟ ଶେଷ ହେବ। ରୂପକାର ସେବକମାନେ ତିନିରଥର ବାକିଥିବା ପଟା ଗୁଜରେ ନର ବିରାଳ, ସିଂହ ବିରାଳ ଚିତ୍ର ଖୋଦେଇ ସହ ପ୍ରଭା ପଟାରେ ବାକି ରହିଯାଇଥିବା ରୂପ ଖୋଦେଇର ପଲିସ୍ କାର୍ଯ୍ୟ ଶେଷ କରିଛନ୍ତି। ଚିତ୍ରକାର ସେବକମାନେ ତିନିରଥର ପାର୍ଶ୍ୱ ଦେବଦେବୀ, କଳସ, ହଂସ ପଟା, କନ୍ୟା ପଟା, ଠେକରା ବାଡ଼ ଇତ୍ୟାଦିର ରଙ୍ଗ କାର୍ଯ୍ୟ ଶେଷ ପରେ ତିନିରଥର ବାହ୍ୟ ଅଂଶଗୁଡ଼ିକୁ ରଙ୍ଗ ଦେଉଛନ୍ତି। ସାରଥୀ ଏବଂ ଘୋଡ଼ାରେ ମଧ ରଙ୍ଗ ଦିଆ ଚାଲିଛି। କମାର ସେବକମାନେ ତିନିରଥର ଦୁଆର ବେଢ଼ା ପାଇଁ ଧ୍ୱଜ ବତା କଣ୍ଟା ସହ ବ୍ରେକ୍ ପୁଲି ପାଇଁ ଲୁହା କଡ଼ା ନିର୍ମାଣ ଶେଷ କରିଛନ୍ତି। ପାହି ମହାରଣାମାନେ ଅଣସର ପାଇଁ କାଠ ନିର୍ମିତ ସରଞ୍ଜାମ ଯୋଗାଇଦେବା ସହ ରଥଯାତ୍ରା ପାଇଁ ଆବଶ୍ୟକ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି। ସେହିପରି ଦରଜୀ ସେବକମାନେ ମିଶି ରଥ କନା କଟିଙ୍ଗ୍ ପୂର୍ବରୁ ଅନୁକୂଳ ପୂଜା ପୂର୍ବକ ମହାର୍ଦ୍ଧ ରଖି ନଡ଼ିଆ ବାଢ଼େଇ ରଥ କନା କଟିଙ୍ଗ୍ କାର୍ଯ୍ୟ ଶେଷ କରିଛନ୍ତି। ଶୁକ୍ରବାରଠାରୁ ରଥ କନା ଯୋଡ଼ଣି ସହ ଲେସ୍ ପକା କାର୍ଯ୍ୟ ଆରମ୍ଭ ହେବ।

## ରଥ କନା କାମ ଆରମ୍ଭ



ପୁରୀ,୨।୭ (ସମିସ): ଆସନ୍ତା ୧୬ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା। ଏଥିପାଇଁ ପ୍ରସ୍ତୁତି ଆଗେଇ ଚାଲିଛି। ରଥଖଳାରେ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଆରମ୍ଭ ହୋଇଛି ରଥ କନା କାମ। ରଥ ଉପରେ କନା ଛାଉଣୀ କରାଯିବ। ତେଣୁ ଦରଜୀ ସେବକଙ୍କ ଦ୍ୱାରା ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ କନା କାମ ଆରମ୍ଭ ହୋଇଛି।

**ତିନିରଥରେ ଲାଗିବ ୧,୨୫୦ ମିଟର କନା**

ଗୁରୁବାର ଧୂପ, ଦୀପ, ମାଳ, ମାହାର୍ଦ୍ଧ ରଖି ପୂଜାର୍ଚ୍ଚନା କରାଯାଇ ଅନୁକୂଳ ହୋଇଛି। ପ୍ରକାଶ ମହାପାତ୍ରଙ୍କ ନେତୃତ୍ୱରେ ଦରଜୀ ତିନିରଥର କନା ପ୍ରସ୍ତୁତିରେ ନିୟୋଜିତ ରହିଛନ୍ତି। ପ୍ରଥମେ ବଳଭଦ୍ରଙ୍କ ରଥକନା କଟା ଯାଇ କାମକରାଯାଉଛି। ମୋଟ ୧.୫୪୨ ମିଟର କନା କାମ ହେବ। ଏଥିମଧ୍ୟରୁ ତିନିରଥରେ ୧,୨୫୦ ମିଟର କନା ଲାଗିବ। ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଓ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ୪୨୫ ମିଟର ଲେଖାଏଁ ଏବଂ ମା' ସୁଭଦ୍ରାଙ୍କ ଦେବଦଳନ ରଥରେ ୪୦୦ ମିଟର କନା ବ୍ୟବହୃତ ହେବ। ନନ୍ଦିଘୋଷ ରଥରେ ନାଲି ଓ ହଳଦିଆ ରଙ୍ଗର କନା, ତାଳଧ୍ୱଜ ରଥରେ ନାଲି ଓ ସବୁଜ ଏବଂ ଦର୍ପଦଳନ ରଥରେ ନାଲି ଓ କଳା କନା ବ୍ୟବହାର କରାଯିବ। ସେହିପରି ଅନ୍ୟ କନାରେ ଗୁଣ୍ଡିଚା ଘର ଚାନ୍ଦୁଆ, ରଥ ଘେର, ଗିଲାପ ଆଦି ପ୍ରସ୍ତୁତ କରାଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ଏଥିପାଇଁ ଆବଶ୍ୟକ କନା ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଦେଇଛି। ରଥଯାତ୍ରାର ଗୋଟିଏ ଦିନ ପୂର୍ବରୁ କନା କାମ ଶେଷ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀଜୀଉଙ୍କ ଚକା ଅପସର ପାଇଁ ଦରଜୀ ସେବକମାନେ ସ୍ୱତନ୍ତ୍ର ତକିଆ ମଧ ତିଆରି କରିଥା'ନ୍ତି।

## ଅଣସର ସମୟରେ ନିଷିଦ୍ଧ ନିୟମ

# ଦଇତାପତିଙ୍କ ଘରକୁ ଆସନ୍ତି ନାହିଁ ବନ୍ଧୁବାନ୍ଧବ

ପୁରୀ,୨।୭ (ସମିସ)

ଦେବସ୍ନାନ ପୂର୍ଣ୍ଣିମାରେ ପ୍ରତ୍ୟକ୍ଷ ସ୍ନାନ କରି ଜ୍ୱରରେ ପଡ଼ିଛନ୍ତି ବିଶ୍ୱନିୟନ୍ତା। ଅଣସର ଘରେ ଚାଲିଛି ଗୁପ୍ତ ସେବା। ବେଶ୍ ନିଷ୍ଠା ଓ ଏକାଗ୍ରତାର ସହ ଗୋଷ୍ଠୀଗତ ଭାବେ ସେବା କରୁଛନ୍ତି ଦଇତାପତି। ତେବେ ଏହି ସମୟରେ ଦଇତାପତି ପରିବାରର କେତେକ ନିଷିଦ୍ଧ ନିୟମ ରହିଛି। ଅଣସର ସମୟରେ ଦଇତାପତି ପରିବାରର ବିବାହିତ ଝିଅମାନେ ବାପଘରକୁ ଆସନ୍ତି ନାହିଁ। ଠାକୁର ଅଣସରରେ ଥିବାବେଳେ ଏଭଳି କିଛି ନିୟମ ପାଳନ କରନ୍ତି ଦଇତାପତି ପରିବାର।

ଏ ସମ୍ପର୍କରେ ଦଇତାପତି ସେବକ କୁହନ୍ତି, ଅଣସରରେ ପ୍ରତ୍ୟେକ ଦଇତାପତି ପରିବାର ଶୁଦ୍ଧପୂତ ଭାବେ ରୁହନ୍ତି। ପବିତ୍ର ସ୍ନାନ ପୂର୍ଣ୍ଣିମା ପୂର୍ବରୁ ଘର, ପୋଷାକପତ୍ର ଇତ୍ୟାଦି ସଫା କରାଯାଏ। ରୋଷେଇ ଘର, ଠାକୁର ଘର ଭଲ ଭାବେ ଧୂଆ ହୋଇ ଧଉଳାଯାଏ। ସ୍ନାନ ପୂର୍ଣ୍ଣିମା ଦିନ ସ୍ନାନ ଜଳ ଆସିବା ପରେ ବଡ଼ବଡ଼ିଆଙ୍କୁ ଲାଗି କରାଯାଏ। ଏହି ସ୍ନାନ ଜଳ ମାଟି ହାଣ୍ଡିରେ ପଡ଼ିବା ପରେ ହବିଷ୍ୟାନ୍ନ ପ୍ରସ୍ତୁତ ହୁଏ। ଦଇତାପତି ପରିବାରର ସ୍ତ୍ରୀ ଲୋକମାନେ ପାଟଶାଢ଼ି ପରିଧାନ କରି କାଠ ଚୁଲିରେ ହବିଷ୍ୟାନ୍ନ ତିଆରି କରିଥା'ନ୍ତି। ବର୍ତ୍ତମାନ ସମସ୍ତଙ୍କ ଘରେ କାଠ ଚୁଲି ନ ଥିଲେ ବି ଅଧିକାଂଶ ପରିବାର କାଠ ଚୁଲିରେ ହବିଷ୍ୟାନ୍ନ ପ୍ରସ୍ତୁତ କରନ୍ତି। ଯାହାର କାଠ ଚୁଲି ନାହିଁ ସେମାନେ ନୂଆ ଗ୍ୟାସ୍ ଚୁଲାରେ ହବିଷ୍ୟାନ୍ନ ତିଆରି କରନ୍ତି। ଶ୍ରୀମନ୍ଦିରରେ ଯେଉଁଭଳି ପାରମ୍ପରିକ ଭାବେ ବିଭିନ୍ନ ପରିବା ପଡ଼ି ଡାଲମା ଏବଂ ଅନ୍ନ ତିଆରି ହୁଏ ସେହିପରି ଡାଲମା, ଅନ୍ନ ପ୍ରତ୍ୟେକ ପରିବାରରେ ହୁଏ। ଯିଏ ଯେଉଁଆଡ଼େ ଯାଇଥା'ନ୍ତି ସୂର୍ଯ୍ୟାସ୍ତ ପୂର୍ବରୁ ଫେରି ହବିଷ୍ୟାନ୍ନ ସେବନ କରନ୍ତି। ଦଇତାପତି ପରିବାରର ସମସ୍ତ ସଦସ୍ୟ ଅର୍ଥାତ୍ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଦିନକୁ ଗୋଟିଏଥର ହବିଷ୍ୟାନ୍ନ ଖାଆନ୍ତି। କେହି ବାହାରେ କିଛି ବି ଖାଦ୍ୟ ଗ୍ରହଣ କରନ୍ତି ନାହିଁ କି ପାଣି ମଧ ପିଅନ୍ତି ନାହିଁ।

କୌଣସି ପରିବାରରେ ଯଦି କେହି ବାହାରେ ଚାକିରି କରୁଥିବେ ତେବେ ଅଣସର ଲାଗି ଛୁଟି ଆଣି ଘରକୁ ଆସନ୍ତି। ଶୁଦ୍ଧପୂତ ଭାବେ ପରିବାର ସଦସ୍ୟଙ୍କ ସହ ରହି ସମସ୍ତ ନୀତି ନିୟମ ପାଳନ କରିଥା'ନ୍ତି। ତେବେ ଏହି ସମୟରେ ବିବାହିତ ଝିଅମାନେ ବାପଘରକୁ ଆସନ୍ତିନାହିଁ। ସେହିପରି ବନ୍ଧୁବାନ୍ଧବ ମଧ ଆସି ନ ଥା'ନ୍ତି। ଭିକାରୀଙ୍କୁ ବି ଭିକ୍ଷା ଦିଆଯାଇ ନ ଥାଏ। ଅଣସରରେ ମହାପ୍ରଭୁ ଖଟ, ପଲଙ୍କ, ଗଦି, ମାଣ୍ଡି କିଛି ବି ବ୍ୟବହାର କରୁ ନ ଥିବାରୁ ଦଇତା ପରିବାରରେ ମଧ ଏହା ବ୍ୟବହାର ହୋଇ ନ ଥାଏ। ମୋଟାମୋଟି ସମସ୍ତେ ବିଳାସ ବ୍ୟସନରୁ ଦୂରେଇ ରହିବାକୁ ଚେଷ୍ଟା କରିଥା'ନ୍ତି। ଏପରିକି ଏହି ସମୟରେ ଦଇତାପତି ପରିବାର ସଦସ୍ୟମାନେ ସୁନା ଅଳଙ୍କାର ପ୍ରାୟ ପିନ୍ଧନ୍ତି ନାହିଁ।

## ■ ଜିଲ୍ଲା ପ୍ରଶାସନର କଡ଼ା ଚେତାବନୀ

# ମାଗଣା ଭୋଜନ ନାଁରେ ଅର୍ଥ ସଂଗ୍ରହ ଅପିଲ ହଟାନ୍ତୁ

ପୁରୀ,୨।୭ (ସମିସ): ପବିତ୍ର ରଥଯାତ୍ରା ସମୟରେ ମାଗଣା ଭୋଜନ ବଣ୍ଟନ ପାଇଁ ସାମାଜିକ ଗଣମାଧ୍ୟମରେ ଅର୍ଥ ସଂଗ୍ରହ କରୁଥିବା ସଂଗଠନମାନଙ୍କୁ ଜିଲ୍ଲା ପ୍ରଶାସନ କଡ଼ା ଚେତାବନୀ ଦେଇଛି। ଏଭଳି ଅପିଲ୍‌କୁ ତୁରନ୍ତ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନର ଦୃଷ୍ଟିକୁ ଆସିଛି ଯେ, କେତେକ ସଂଗଠନ ଫେସ୍‌ବୁକ, ଏକ୍ସ, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଚ୍ୟାନେଲ, ହ୍ୱାଟ୍ସଆପ୍, ହ୍ୱାଟ୍ସଆପ୍ ଷ୍ଟାଟ୍‌ସ ମାଧ୍ୟମରେ ରଥଯାତ୍ରା ସମୟରେ ଭକ୍ତଙ୍କୁ ମାଗଣା ଖାଦ୍ୟ ବାଣ୍ଟିବା ନାଁରେ ଆର୍ଥିକ ସହାୟତା ଲୋଡୁଛନ୍ତି। ସମସ୍ତ ସ୍ୱେଚ୍ଛାସେବୀ ସଂଗଠନ (ଏନ୍‌ଜିଓ) ସହ ହୋଇଥିବା ସଚେତନତା ବୈଠକରେ ପ୍ରଶାସନ ପକ୍ଷରୁ ଏପରି ଭାବେ ଅର୍ଥ ସଂଗ୍ରହକୁ କଡ଼ା ଭାବେ ବାରଣ କରାଯାଇଥିଲା। ଏହା ସତ୍ତ୍ୱେ କିଛି ସଂଗଠନ ନିୟମ ଉଲ୍ଲଂଘନ କରି ଅନ୍‌ଲାଇନ୍‌ରେ ଅପିଲ୍ ଜାରି ରଖିଛନ୍ତି। ସମ୍ପୃକ୍ତ ସଂଗଠନମାନଙ୍କର ପୋଷ୍ଟର ସ୍କ୍ରିନ୍‌ସଟ୍ ସହ ପ୍ରମାଣ ଜିଲ୍ଲା ପ୍ରଶାସନ ନିଜ ପାଖରେ ରଖିଛି। ତେଣୁ ଯେଉଁ ସଂଗଠନମାନେ ସାମାଜିକ ଗଣମାଧ୍ୟମରେ ଅର୍ଥ ସଂଗ୍ରହ ପାଇଁ ମେସେଜ୍/ଅପିଲ୍ ଦେଇଛନ୍ତି ସେମାନଙ୍କୁ ତୁରନ୍ତ ସେହି ସମସ୍ତ ପୋଷ୍ଟ, ଭିଡିଓ, ମେସେଜ୍ ଓ ଷ୍ଟାଟସ୍ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନ ସ୍ପଷ୍ଟ କରିଛି ଯେ, ରଥଯାତ୍ରା ସମୟରେ ଶୃଙ୍ଖଳା, ଆଇନ ବ୍ୟବସ୍ଥା ଓ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନର ବିନା ଅନୁମତିରେ କୌଣସି ପ୍ରକାର ଅର୍ଥ ସଂଗ୍ରହ ସମ୍ପୂର୍ଣ୍ଣ ନିଷିଦ୍ଧ। ଏହି ନିର୍ଦ୍ଦେଶ ପାଳନ ନ କଲେ ସମ୍ପୃକ୍ତ ସଂଗଠନ ବିରୋଧରେ ନିୟମ ଅନୁଯାୟୀ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଖେଳନା ପିସ୍ତଲ ଦେଖାଇ ଦାଦାବଟି ଆଦାୟ, ଯୁବକ ଗିରଫ

ପୁରୀ,୨।୭ (ସମିସ): ଜାତୀୟ ରାଜପଥ ୩୧୬ରେ ଖେଳନା ପିସ୍ତଲ ଦେଖାଇ ଗାଡ଼ି ଓ ଦୋକାନୀଙ୍କଠୁ ଦାଦାବଟି ଆଦାୟ କରୁଥିବା ଜଣେ ଯୁବକକୁ ବାସେଳିସାହି ପୁଲିସ ଗିରଫ କରିଛି। ବୁଧବାର ରାତି ସାଢ଼େ ୮ଟାରେ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଖବର ପାଇଥିଲେ ଯେ, ଖଜା ଫ୍ୟାକ୍ଟ୍ରି ନିକଟରେ ହିମାଳୟ ପାତ୍ର (୩୩) ନାମକ ବ୍ୟକ୍ତି ପିସ୍ତଲ ଦେଖାଇ ଦାଦାବଟି ମାଗୁଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲା ଓ ପୁଲିସକୁ ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ବହୁ କଷ୍ଟରେ ତାକୁ କାବୁ କରାଯାଇଥିଲା। ତା' ନିକଟରୁ ଗୋଟିଏ ଖେଳନା ପିସ୍ତଲ, ୫୦୦ ଟଙ୍କା ଓ ବୁଲେଟ୍ ବାଇକ୍ ଜବତ ହୋଇଛି। ଅଭିଯୁକ୍ତ ବିରୋଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।

## ତତ୍ପରତା ଦେଖାଇଲେ ଖାଦ୍ୟ ନିରାପତ୍ତା ଅଧିକାରୀ | ୩୯୧ ୟୁନିଟ୍ ଯାଞ୍ଚ; ୪୧୫ କେଜି ବିଷାକ୍ତ ଖାଦ୍ୟ ନଷ୍ଟ

ପୁରୀ,୨।୭ (ସମିସ): ରଥଯାତ୍ରାକୁ ଦୃଷ୍ଟିରେ ରଖି ଖାଦ୍ୟ ପ୍ରତିଷ୍ଠାନ, ରାସ୍ତାକଡ଼ ଖାଦ୍ୟ ଦୋକାନ ଓ ଉତ୍ପାଦନ ୟୁନିଟ୍ ଉପରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଛି। ଲକ୍ଷ ଲକ୍ଷ ଭକ୍ତଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବିଭାଗ ତତ୍ପର ହୋଇଛି। ସ୍ନାନ ପୂର୍ଣ୍ଣିମାରୁ ସମ୍ପୂର୍ଣ୍ଣ ଜିଲ୍ଲା ପାଇଁ ୪ଟି ଖାଦ୍ୟ ସୁରକ୍ଷା ଟିମ୍ ଗଠନ କରିଛି। ଏହି ଟିମ୍‌ଗୁଡ଼ିକ ମହାନଗର ନିଗମ ଓ ମହାନଗର ନିଗମ ବାହାର ସମସ୍ତ ଅଞ୍ଚଳରେ ଚଢ଼ଉ କରୁଛନ୍ତି। ଜିଲ୍ଲାର ପାଣି ଉତ୍ପାଦନ ୟୁନିଟ୍ ଉପରେ ଫୋକସ୍ କରାଯାଉଛି। ୯ଟି ପ୍ୟାକେଜ୍ ଡ୍ରିଙ୍କିଙ୍ଗ୍ ୱାଟର ଓ ୧ଟି ବରଫ ନମୁନା ସଂଗ୍ରହ କରି ରାଜ୍ୟ ଖାଦ୍ୟ ପରୀକ୍ଷା ପ୍ରୟୋଗଶାଳା (ଏସ୍ଏଫ୍‌ଟିଏଲ୍), ଭୁବନେଶ୍ୱରକୁ ପରୀକ୍ଷା ପାଇଁ ପଠାଯାଇଛି। ସତ୍ୟବାଦୀ, କାଦୁଆ, ପଟ୍ଟନାଇକିଆ, ସିଟି ରୋଡ୍, ବାଲୁଖଣ୍ଡ, ପେଣ୍ଠକଟା, ବଡ଼ଦାଣ୍ଡ, କୋଣାର୍କ, ଗୋପ, ନିମାପଡ଼ା, ବ୍ରହ୍ମଗିରି, ସାତପଡ଼ା ଆଦି ଅଞ୍ଚଳର ଖାଦ୍ୟ ପ୍ରତିଷ୍ଠାନ ଯାଞ୍ଚ କରାଯାଇଛି। ବୁଧବାର ସୁଦ୍ଧା ମୋଟ୍ ୩୯୧ଟି ୟୁନିଟ୍ ଯାଞ୍ଚ ହୋଇଛି। ୧୩ଟିକୁ ନୋଟିସ୍ ଜାରି ହୋଇଛି। ଭୁଲ୍ ଲେବେଲିଂ, ଅସ୍ୱାସ୍ଥ୍ୟକର ପରିବେଶ ଓ ଖାଇବା ପାଇଁ ଅନୁପଯୁକ୍ତ ୪୧୫ କେଜି ବିଷାକ୍ତ ଖାଦ୍ୟ ସାମଗ୍ରୀ, ୮୨୫ ଲିଟର ପ୍ୟାକେଜ୍ ଡ୍ରିଙ୍କିଙ୍ଗ୍ ୱାଟର ଓ ୨୦ ଲିଟର ସଫ୍ଟ ଡ୍ରିଙ୍କ୍ ନଷ୍ଟ କରାଯାଇଛି। ଖାଦ୍ୟ ସୁରକ୍ଷା ଓ ମାନକ ଅଧିନିୟମ-୨୦୦୬ ଅନୁଯାୟୀ ନିୟମ ଉଲ୍ଲଂଘନକାରୀ ଖାଦ୍ୟ ବ୍ୟବସାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



## ୧୮ରେ ଶ୍ରୀମନ୍ଦିରର ବୈଷୟିକ ଯାଞ୍ଚ

ପୁରୀ,୨।୭ (ସମିସ)

ପ୍ରତିବର୍ଷ ରଥଯାତ୍ରା ସମୟରେ ଶ୍ରୀମନ୍ଦିରର ବୈଷୟିକ ଯାଞ୍ଚ କରାଯାଇଥାଏ। ଚଳିତ ବର୍ଷ ଆସନ୍ତା ୧୮ ତାରିଖରେ ଶ୍ରୀମନ୍ଦିରର ଯାଞ୍ଚ କରିବ ଯୁଗ୍ମ ବୈଷୟିକ କମିଟି। ଏଏସ୍ଆଇ ଓ ଶ୍ରୀମନ୍ଦିର ବୈଷୟିକ କମିଟିର ସଦସ୍ୟମାନେ ମିଶି ଏହି ଯୁଗ୍ମ ଯାଞ୍ଚ କରିବେ। ପ୍ରତିବର୍ଷ ରଥଯାତ୍ରା ସମୟରେ ଶ୍ରୀମନ୍ଦିର ଗର୍ଭ ଗୃହ, କାନ୍ଥ, ରତ୍ନବେଦୀ ସହ ବିଭିନ୍ନ ମନ୍ଦିରଗୁଡ଼ିକର ମଧ ଯାଞ୍ଚ କରାଯାଇଥାଏ। ଶ୍ରୀମନ୍ଦିର ଗର୍ଭଗୃହର କାନ୍ଥର କଳା ଆସ୍ତରଣର କେମିକାଲ ୱାସ୍ ସହ କୀର୍ତ୍ତିରାଜିର ସୁରକ୍ଷା ଯାଞ୍ଚ କରାଯିବ। ରଥଯାତ୍ରା ସମୟରେ ମହାପ୍ରଭୁ ଗୁଣ୍ଡିଚା ମନ୍ଦିରରେ ଥିବାବେଳେ ଏହି ଯାଞ୍ଚ ମଧ ସୁବିଧା ହୋଇଥାଏ। ତେବେ ଯାଞ୍ଚ ଶେଷ ହେବା ପରେ ଏଏସ୍ଆଇ, ଶ୍ରୀମନ୍ଦିର ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ବୈଠକରେ ବୈଷୟିକ ଯାଞ୍ଚ ରିପୋର୍ଟକୁ ଆଧାର କରି ମନ୍ଦିରର ସଂରକ୍ଷଣ, ମରାମତି ଏବଂ ପରବର୍ତ୍ତୀ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରାଯିବ। ଶ୍ରୀମନ୍ଦିରର ଐତିହ୍ୟ ଓ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏହି ବୈଷୟିକ ଯାଞ୍ଚ କରାଯାଉଥିବା ବେଳେ ଏହାର ରିପୋର୍ଟ ଆଧାରରେ ଭବିଷ୍ୟତର ସଂରକ୍ଷଣ କାର୍ଯ୍ୟ ନିର୍ଦ୍ଧାରଣ ହେବ ବୋଲି ସୂଚନା ମିଳିଛି।

## ୯୩ ଦିନରେ ପ୍ରତିବାଦ ପଦଯାତ୍ରା



ପୁରୀ,୨।୭ (ସମିସ): ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି ପୁରୀବାସୀ। ପ୍ରାୟ ବର୍ଷେ ହେବ ଏଭଳି ଦାବି କରାଯାଉଥିଲେ ମଧ ପ୍ରଶାସନ କି ସରକାର କେହି ଶୁଣୁନାହାନ୍ତି। ହେଲେ ସେମାନଙ୍କ ହକ୍ ହାସଲ ଦିଗରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ଗୁରୁବାର ଏହି ପଦଯାତ୍ରା ୯୩ ଦିନରେ ପହଞ୍ଚିଛି। ହକ୍ ହାସଲ ପାଇଁ ଥକି ପଡ଼ିନାହାନ୍ତି। ସନ୍ଧ୍ୟାରେ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ମନୋରଞ୍ଜନ ରଣସିଂହ, ମମତା ସ୍ୱାଇଁ, ମମତା ଦାସ, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ମିନତି ସାହୁ, ଶିବ ସୁନ୍ଦର ମିଶ୍ର, ଜାଦବାନନ୍ଦ ରାୟ, ପ୍ରକାଶ ଚନ୍ଦ୍ର ନାୟକ, ଲିଙ୍ଗରାଜ ସାହୁ, ପ୍ରଫୁଲ୍ଲ ସାହୁ, ବିଶ୍ୱନାଥ ମିଶ୍ର, ଶିବପ୍ରସାଦ ସାହୁ, କିଶୋର ଚନ୍ଦ୍ର ଦାସ, ନୃସିଂହ ନାଥ ନାୟକ, ସୁବାସ ପଟ୍ଟନାୟକ, ସନ୍ତୋଷ ସେନାପତି, ପତିତପାବନ ସାମନ୍ତରାୟ, ରାମ ଚନ୍ଦ୍ର ମହାନ୍ତି, ଶିମ୍ରନ ସାହୁ, ବୈଶାଳୀ ପ୍ରଧାନ, ରିତିକା ପ୍ରଧାନ, ବର୍ଷା ସାହୁ ପ୍ରମୁଖ ସାମିଲ୍ ଥିଲେ।

## ପୁଲିସ-ଛତିଶା ନିଯୋଗ ସମନ୍ୱୟ ବୈଠକ

# ସଫଳ ଓ ଶାନ୍ତିପୂର୍ଣ୍ଣ ରଥଯାତ୍ରା ପାଇଁ ସହଯୋଗ ଲୋଡ଼ିଲେ ଏସ୍‌ପି

ପୁରୀ,୨।୭ (ସମିସ)

ଆସନ୍ତା ୧୬ ତାରିଖରେ ପବିତ୍ର ରଥଯାତ୍ରା। ମହାପ୍ରଭୁଙ୍କ ଏହି ମହାନ ଯାତ୍ରାକୁ ସୁରକ୍ଷିତ, ଶୃଙ୍ଖଳିତ ଏବଂ ସୁଚାରୁ ଭାବେ ସମ୍ପନ୍ନ କରିବା ନେଇ ଗୁରୁବାର ପୁରୀ ପୁଲିସ ଓ ଛତିଶା ନିଯୋଗ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ୍ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରଥଯାତ୍ରା ସମୟରେ ଭକ୍ତମାନଙ୍କ ସୁବିଧା, ସୁରକ୍ଷା ଓ ସୁଚାରୁ ଦର୍ଶନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା। ବିଶେଷକରି ବଡ଼ଦାଣ୍ଡରେ ଭିଡ଼ ନିୟନ୍ତ୍ରଣ, ଦର୍ଶନ ବ୍ୟବସ୍ଥା, ଟ୍ରାଫିକ୍ ନିୟନ୍ତ୍ରଣ ଓ ସେବାୟତମାନଙ୍କ ସହ ସୁଚାରୁ ସମନ୍ୱୟ ନେଇ ଆଲୋଚନା ହୋଇଥିଲା। ବୈଠକରେ ଛତିଶାନିଯୋଗ ନାୟକ ଜନାର୍ଦ୍ଦନ ପଟ୍ଟଯୋଶୀ ମହାପାତ୍ର ରଥଯାତ୍ରା ସମୟରେ ସେବାୟତମାନଙ୍କ ଭୂମିକା, ପାରମ୍ପରିକ ନୀତିକାନ୍ତି ଓ ଭକ୍ତମାନଙ୍କ ଦର୍ଶନ ସୁବିଧା ବିଷୟରେ ମତ ରଖିଥିଲେ। ସେ ପୁଲିସ ସହ ସମ୍ପୂର୍ଣ୍ଣ ସହଯୋଗ ଓ ସମନ୍ୱୟର ଆଶ୍ୱାସନା ଦେଇଥିଲେ। ଏସ୍‌ପି ଶ୍ରୀ ସିଂ କହିଥିଲେ ଯେ, ରଥଯାତ୍ରା ସମୟରେ ପୁରୀରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ସେମାନଙ୍କ ସୁରକ୍ଷା, ସୁବିଧା ଏବଂ କିପରି ଭଲଭାବେ ଦର୍ଶନ କରିବେ ତାହା ପୁଲିସର ପ୍ରାଥମିକତା। ରଥଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜଭୁତ କରାଯିବା ସହିତ ଭିଡ଼ ନିୟନ୍ତ୍ରଣ, ଆପଦକାଳୀନ ସେବା, ଟ୍ରାଫିକ୍ ପରିଚାଳନା ଓ ଜନସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ରଥଯାତ୍ରାକୁ ସଫଳ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ ଏସ୍‌ପି।




ବୈଠକରେ ପୁରୀ ପୁଲିସର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ସମସ୍ତେ ମିଳିତ ଭାବେ ରଥଯାତ୍ରାକୁ ଶୃଙ୍ଖଳିତ, ସୁରକ୍ଷିତ ଓ ସଫଳ କରିବା ପାଇଁ ସମନ୍ୱିତ ପ୍ରୟାସ ଜାରି ରଖିବାକୁ ସଙ୍କଳ୍ପବଦ୍ଧ ହୋଇଥିଲେ। ପୁଲିସ ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତିକୁ ସୁଚାରୁ ଭାବରେ ଆଗେଇ ନେଉଛି। ଏହି ବିଶ୍ୱପ୍ରସିଦ୍ଧ ପର୍ବକୁ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବାକୁ ପ୍ରତିବଦ୍ଧ ବୋଲି କହିଛି।

# ୨ୟ ଦିନରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ; ରୋଗୀ ହନ୍ତସନ୍ତ

ଭଦ୍ରକ,୨।୭ (ସମିସ)

ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ(ଓମ୍‌ସା)ର ଆହ୍ୱାନ କ୍ରମେ ବିଭିନ୍ନ ଦାବି ଏବଂ ଡାକ୍ତରମାନଙ୍କ ସୁରକ୍ଷା ପ୍ରସଙ୍ଗକୁ ନେଇ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପେରିଫେରି ଚିକିତ୍ସାଳୟର ଡାକ୍ତରମାନଙ୍କ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଗୁରୁବାର ୨ୟ ଦିନରେ ପହଞ୍ଚିଛି। ଏହାର ପ୍ରଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବାହ୍ୟ ରୋଗୀ ବିଭାଗ (ଓପିଡି) ସମେତ ଅତ୍ୟାବଶ୍ୟକ ନ ଥିବା ବିଭିନ୍ନ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଫଳରେ ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସିଥିବା ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇ ନ ପାରି ନିରାଶ ହୋଇ ଫେରିଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପଟେ କେତେକ ରୋଗୀ ସରକାରଙ୍କ ବିଫଳତାକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆମ୍ବୁଲାନ୍ସରେ ଆସୁଥିବା ଗୁରୁତର ରୋଗୀଙ୍କୁ ହିଁ ଚିକିତ୍ସା କରାଯାଉଛି। ଅନ୍ୟ ରୋଗୀଙ୍କ ଚିକିତ୍ସାକୁ ଆଦୌ ଗୁରୁତ୍ୱ ଦିଆଯାଉନି। ଡାକ୍ତରମାନେ ଜରୁରୀକାଳୀନ ସେବା, ଆପାତ୍‌କାଳୀନ ଚିକିତ୍ସା ଓ ଗୁରୁତର ରୋଗୀଙ୍କ ଚିକିତ୍ସା ପୂର୍ବଭଳି ଜାରି ରଖିଛନ୍ତି। ତେବେ ଓପିଡି, ନିର୍ଦ୍ଧାରିତ ଅସ୍ତ୍ରୋପଚାର ଓ ଅନ୍ୟାନ୍ୟ ନିୟମିତ ସେବା ବନ୍ଦ ରହିଥିବାରୁ ସାଧାରଣ ରୋଗୀମାନେ ଅଧିକ ହଇରାଣର ସମ୍ମୁଖୀନ ହୋଇଛନ୍ତି।

ରାଜ୍ୟବ୍ୟାପୀ ଓମ୍‌ସା ଆହ୍ୱାନରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ, ସରକାର ଶୀଘ୍ର ସମସ୍ୟାର ସମାଧାନ କରି ସ୍ୱାସ୍ଥ୍ୟସେବାକୁ ସ୍ୱାଭାବିକ କରିବାକୁ ସାଧାରଣରେ ଦାବି ହୋଇଛି। ଭଦ୍ରକ ଜିଲ୍ଲା ଓମ୍‌ସା ସଭାପତି ବରିଷ୍ଠ ଡାକ୍ତର ସୁଧୀରଞ୍ଜନ ନାୟକ ଓ ସମ୍ପାଦକ ଡା. ଅମିତାଭ ଜେନା ଏହି ଅନ୍ଦୋଲୋନର ନେତୃତ୍ୱ ନେଉଥିବାବେଳେ ଆନ୍ଦୋଳନରେ ଶହେରୁ ଅଧିକ ସରକାରୀ ଡାକ୍ତର ସାମିଲ୍ ଅଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ୫୦ ପ୍ରତିଶତରୁ କମ୍ ଡାକ୍ତର ଅଛନ୍ତି। ତେଣୁ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ସମୟରେ ଡାକ୍ତରମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ କେତେକ ସ୍ଥାନରେ ରୋଗୀଙ୍କ ସମ୍ପର୍କୀୟମାନେ ମଧ୍ୟ ଡାକ୍ତରଙ୍କ ଉପରେ ମରଣାନ୍ତକ ଆକ୍ରମଣ କରୁଛନ୍ତି। ଯାହାକୁ ନେଇ ଡାକ୍ତରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ସୁରକ୍ଷା ସମେତ ଅନ୍ୟାନ୍ୟ ଦାବି ନେଇ ଡାକ୍ତରମାନେ ଅନ୍ଦୋଳନକୁ ଓହ୍ଲାଇଛନ୍ତି। ଡାକ୍ତରଙ୍କ ଆନ୍ଦୋଳନ ପାଇଁ ଭଦ୍ରକରେ ଶବ ବ୍ୟବଚ୍ଛେଦ ସ୍ୱାଭାବିକ ଭାବେ ହୋଇପାରୁ ନ ଥିବାବେଳେ ଠିକା ଡାକ୍ତରମାନେ ଏହା କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଓଟି(ଅପରେସନ ଥିଏଟର) ଓ ମାଇନର ଓଟି ବନ୍ଦ ଥିବାରୁ ଗୁରୁତର ରୋଗୀଙ୍କ କୌଣସି ଅପରେସନ କରାଯାଇ ପାରୁନି। ସେହିଭଳି ସବୁ ବିଶେଷଜ୍ଞ(ସ୍ପେଶାଲିଷ୍ଟ) ଡାକ୍ତରମାନେ ଆନ୍ଦୋଳନରେ ସାମିଲ୍ ଥିବାରୁ ରୋଗୀମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ବିଶେଷ କରି ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ଆସନ୍ନ ପ୍ରସବା ମହିଳାମାନଙ୍କ ଅସ୍ତ୍ରୋପଚାର(ସିଏସ୍) ବନ୍ଦ ରହିଥିବାରୁ ସେମାନେ ବିଶେଷ ଦୁର୍ଦ୍ଦଶା ଭୋଗୁଥିବା ଦେଖିବାକୁ ମିଳିଛି। ଡାକ୍ତରଙ୍କ ଏହି ଆନ୍ଦୋଳନ ଯୋଗୁଁ ୨ଦିନରେ ୬୦ରୁ ଅଧିକ ଗୁରୁତର ରୋଗୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲକୁ ରେଫର୍ କରାଯାଇଥିବା ସୂଚନା ମିଳିଛି। ସେହିଭଳି ପେରିଫେରିରେ ଥିବା ୭ଟି ସିଏଚ୍‌ସି, ୫୪ଟି ପିଏଚ୍‌ସି ଓ ଅନ୍ୟାନ୍ୟ ହସ୍ପିଟାଲକୁ ମିଶାଇ ସମଗ୍ର ଜିଲ୍ଲାରେ ୬୦ରୁ ଊର୍ଦ୍ଧ୍ୱ ସରକାରୀ ଡାକ୍ତରଖାନା ଡାକ୍ତରଙ୍କ ଆନ୍ଦୋଳନ ଯୋଗୁଁ ପ୍ରଭାବିତ ହୋଇଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ ପ୍ରହରାଜଙ୍କ ସୂଚନାନୁଯାୟୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୬ଜଣ ଆଡ୍‌ମିନିଷ୍ଟ୍ରେଟିଭ୍ ଅଧିକାରୀ ଦାୟିତ୍ୱରେ ଥିବା ବରିଷ୍ଠ ଡାକ୍ତର, ୭ଜଣ ଠିକା ଡାକ୍ତର ଓ ୨୫ଜଣ ଆୟୁଷ ଡାକ୍ତରଙ୍କୁ ରୋଗୀସେବାରେ ନିୟୁକ୍ତ କରାଯାଇଛି। ଠିକା ଡାକ୍ତରମାନେ ରୋଗୀ ସେବା ସହ ଶବ ବ୍ୟବଚ୍ଛେଦ କରୁଥିବା ଜଣାଯାଇଛି। ଅନ୍ୟପକ୍ଷରେ ସରକାରୀ ଡାକ୍ତରଙ୍କ ଆନ୍ଦୋଳନ ଯୋଗୁଁ ଘରୋଇ ହସ୍ପିଟାଲମୁହାଁ ହୋଇ ରୋଗୀମାନେ ଅଯଥା ଖର୍ଚ୍ଚାନ୍ତ ହେବାକୁ ବାଧ ହେଉଛନ୍ତି। ଏହି ପରିସ୍ଥିତି ଅଧିକ ଦିନ ଲାଗିରହିଲେ ପରିସ୍ଥିତି ଅଣାୟତ ହେବ ବୋଲି ବୁଦ୍ଧଜୀବୀ ମହଲ ମତବ୍ୟକ୍ତ କରିଛନ୍ତି।



- ସବୁ ପ୍ରକାର ଅପରେସନ୍ ବନ୍ଦ
- ଅଧିକାରୀ, ଠିକା ଡାକ୍ତର ଓ ଆୟୂଷଙ୍କ ହାତରେ ସ୍ୱାସ୍ଥ୍ୟସେବା
- ୨ଦିନରେ ୬୦ରୁ ଅଧିକ ରୋଗୀ ରେଫର୍

## ବ୍ରାଉନ୍‌ସୁଗର ଜବତ; ୨ ଗିରଫ



ଭଦ୍ରକ,୨।୭ (ସମିସ): ଭଦ୍ରକ ବସ୍‌ଷ୍ଟାଣ୍ଡରେ ଗୁରୁବାର ପୂର୍ବାହ୍ଣରେ ଟାଉନ ଥାନା ପୁଲିସ ବ୍ରାଉନ୍‌ସୁଗର ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ବସ୍‌ଷ୍ଟାଣ୍ଡରେ ୨ଜଣ ଯୁବକଙ୍କଠାରୁ ପୁଲିସ ୮.୨୫ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ସହ ୩ ହଜାର ଟଙ୍କା ଓ ଏକ ବାଇକ୍ ଜବତ କରିଛି। ଗିରଫ ଯୁବକଦ୍ୱୟ ହେଲେ ଚନ୍ଦନ ବଜାର ଅଞ୍ଚଳର ରିଙ୍କୁ ସାହା(୨୩) ଓ ଯାଜପୁର ଜିଲ୍ଲା ଛତିଆ ଅଞ୍ଚଳର ରଞ୍ଜନ କୁମାର ଷେଣ୍ଢ଼(୨୮)। ଏହି ୨ ଜଣଙ୍କୁ ପୁଲିସ ଗିରଫ୍ କରି କୋର୍ଟ ଚାଲାଣ କରିଛି।

## ପିଇଓଙ୍କ ବିରୋଧରେ ଜିଲ୍ଲପାଳଙ୍କୁ ଦାବିପତ୍ର

ବାରିକପୁର,୨।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ (ପିଇଓ)ଙ୍କ ବିରୋଧରେ ଜିଲ୍ଲାପାଳ, ପିଡି ଓ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପିଇଓ ଜଣକ ଏଠାରେ ପ୍ରାୟ ଦେଢ଼ ବର୍ଷ ହେବ ନିଯୁକ୍ତି ପାଇଥିବାବେଳେ କୌଣସି ଉନ୍ନୟନମୂଳକ କାର୍ଯ୍ୟକୁ ସଠିକ୍ ଢଙ୍ଗରେ କରୁ ନ ଥିବା ଅଭିଯୋଗ ହୋଇଛି। କୌଣସି ବିଷୟକୁ ନେଇ ତାଙ୍କ ସହିତ ଆଲୋଚନା କଲେ ସେ ବିରକ୍ତି ପ୍ରକାଶ କରୁଛନ୍ତି। ମାସକୁ ୫ରୁ ୬ ଥର ମାତ୍ର ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଛନ୍ତି। ସରକାରଙ୍କ ଯୋଜନାକୁ ସଠିକ୍ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। କିଛି କୁଚକ୍ରୀ ଗୋଷ୍ଠୀଙ୍କ ପ୍ରରୋଚନାରେ ସେ ପରିଚାଳିତ ହେଉଥିବା ଅଭିଯୋଗକାରୀମାନେ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତେଣୁ ଏହା ଉପରେ ବିଭାଗୀୟ ତଦନ୍ତ ହେବା ସହିତ ପଞ୍ଚାୟତ ସୁପରିଚାଳନା ପାଇଁ ବିଧିବଦ୍ଧ ବ୍ୟବସ୍ଥା କରିବାକୁ ପରମାନନ୍ଦ ସାମଲ, ଅଜୟ ରାଉତ, ସୁଦର୍ଶନ ସେଠୀ, ବାସୁଦେବ ପରିଡ଼ା, ପ୍ରିତିଶ କୁମାର ସାମଲ, ଦେବାଶିଷ ପଣ୍ଡା, ଲକ୍ଷ୍ମଣ ଦାସ, ସିପୁନ ଦାସ, ମନୋରଞ୍ଜନ ମହାନ୍ତି, ଆକାଶ ସେଠୀ, ପୂର୍ଣ୍ଣଚନ୍ଦ୍ର ଦାସ, ସରୋଜ ଦାସ, ଭାରତୀ ଦାସ, ମିନତୀ ଦାସ, ପର୍ଶୁରାମ ପଲେଇ, ଶ୍ୟାମସୁନ୍ଦର ଜେନା, ଅଲେଖ ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ ପିଇଓଙ୍କ ମତାମତ ମିଳିପାରିନାହିଁ।

## ଶ୍ରୀଜଗନ୍ନାଥ କଥାମୃତ ପ୍ରବଚନ

ବାରିକପୁର,୨।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାଜେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଅଗେଇବେହେରା ଗ୍ରାମ ଶନିମନ୍ଦିର ପରିସରରେ ଶ୍ରୀଜଗନ୍ନାଥ କଥାମୃତ ପ୍ରବଚନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶଙ୍କର୍ଷଣ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ୫ ଦିନିଆ କାର୍ଯ୍ୟକ୍ରମରେ ମୈଥିଳି ଦାସ ମହାରାଜ ବ୍ୟାସ ଓ କରୁଣାକର ପଣ୍ଡା ଆଚାର୍ଯ୍ୟ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ବସନ୍ତ ପଣ୍ଡା ପ୍ରବଚନ ଦେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ସମ୍ପଦ ପଣ୍ଡା ଓ ଗ୍ରାମବାସୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ● ମେଗା ପ୍ରକଳ୍ପ ପାଇପ୍ ଫାଟି ଟୋଲ୍ ପ୍ଲାଜା ଜଳାର୍ଣ୍ଣବ

## ଶୋଷ ମେଣ୍ଟଉଛି କମ୍; ଯନ୍ତ୍ରଣା ଦେଉଛି ଅଧିକ

ବାରିକପୁର,୨।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ବୈତରଣୀ କୂଳରେ ନିର୍ମିତ ମେଗା ପାନୀୟଜଳ ପ୍ରକଳ୍ପ ଶୋଷ ମେଣ୍ଟାଇବା ପରିବର୍ତ୍ତେ ଲୋକମାନଙ୍କୁ ଅଧିକ ଯନ୍ତ୍ରଣା ଦେଉଛି। କେତେବେଳେ ପାଇପ୍ ଫାଟି ଗାଁ, ସାହି ରାସ୍ତା ଓ ଦୋକାନ ଗୃହ ପାଣିରେ ବୁଡ଼ି ଯାଉଛି ତ ପୁଣି କେତେବେଳେ ଚାଷଜମି କ୍ଷତିଗ୍ରସ୍ତ ହେଉଛି। ବିଭିନ୍ନ ସ୍ଥାନରେ ଏଭଳି ଅବସ୍ଥା ପୂର୍ବରୁ ଅନେକ ଥର ଘଟିଛି। କହିବାକୁ ଗଲେ ମେଗା ପ୍ରକଳ୍ପ ଲୋକଙ୍କ ଶୋଷ କମ୍ ମେଣ୍ଟାଉଛି, ଯନ୍ତ୍ରଣା ଅଧିକ ଦେଉଛି।

ସୂଚନା ମୁତାବକ, ଏବେ ଛତାବର ଟୋଲ୍ ପ୍ଲାଜା ନିକଟରେ ପଡ଼ିଥିବା ଜଳଯୋଗାଣ ପାଇପ୍‌ରୁ ଅନବରତ ପାଣି ନିର୍ଗତ ହେଉଛି। ପାଖାପାଖି ଦୁଇ ମାସ ହେବ ପାଇପ୍ ଲାଇନ୍‌ରେ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବାବେଳେ କେହି ଏହାକୁ ମରାମତି କରୁନାହାନ୍ତି। ଏବେ ଧୀରେଧୀରେ ମାତ୍ରାଧିକ ପାଣି ଲିକ୍ ଯୋଗୁଁ ଟୋଲ୍ କାର୍ଯ୍ୟାଳୟ ଚତୁଃପାର୍ଶ୍ୱ ଜଳାର୍ଣ୍ଣବ ହେଉଛି। ବର୍ଷା ଜଳ ସହିତ ପାଇପ୍ ଲାଇନ୍ ପାଣି ମିଶିବା ପରେ ସ୍ଥାନଟି ଦୀର୍ଘ ସମୟ ଯାଏଁ ଜଳପୂର୍ଣ୍ଣ ହୋଇ ରହୁଛି। କର୍ମଚାରୀମାନେ କାର୍ଯ୍ୟାଳୟ ମଧ୍ୟକୁ ପ୍ରବେଶ କରିବା କଷ୍ଟକର ହେଉଛି। ଚାରିପାଖ ପରିବେଶ ଦୁର୍ଗନ୍ଧମୟ ହେଉଛି। ଏନେଇ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ଏଯାଏଁ ପାଇପ୍ ଲାଇନ୍ ମରାମତି ହୋଇ ନ ଥିବା ଅଭିଯୋଗ ହୋଇଛି। ଜିଲ୍ଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଅଧୀନରେ ମେଗା ପ୍ରକଳ୍ପ ରହିଥିବାବେଳେ ପରିଚାଳନା ଦାୟିତ୍ୱରେ ଥିବା ଯନ୍ତ୍ରୀମାନେ ଏହା ଉପରେ ଦୃଷ୍ଟି ନ ଦେବା ପରିତାପର ବିଷୟ ପାଲଟିଛି। କିଛିଦିନ ପୂର୍ବେ ଛତାବର ବଳୀଘାଇ ପୂର୍ତ୍ତ ରାସ୍ତାର ଭୂତିଆ ନିକଟରେ ମଧ୍ୟ ପାଇପ୍ ଲାଇନ୍ ଫାଟି ଡ୍ରେନେଜ୍ ନାଳ ପରିପୂର୍ଣ୍ଣ ହୋଇଥିଲା। ଟୋଲ ପ୍ଲାଜା ଜଳ ନିର୍ଗତ ସମସ୍ୟା ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀଙ୍କ ମତାମତ ନେବାରୁ ଖୁବ୍‌ଶୀଘ୍ର ନିର୍ମାଣକାରୀ ସଂସ୍ଥା ଏହାକୁ ମରାମତି କରିବ ବୋଲି କହିଛନ୍ତି।



## 'ବିକଶିତ ଭାରତ ଜୀ-ରାମ୍ ଜୀ' ୧୨୫ ଦିନିଆ ନିଯୁକ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ




ଭଦ୍ରକ,୨।୭ (ସମିସ): କେନ୍ଦ୍ର ସରକାରଙ୍କ 'ବିକଶିତ ଭାରତ ଜୀ-ରାମ୍ ଜୀ' ୧୨୫ ଦିନିଆ ନିଶ୍ଚିତ ଶ୍ରମଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରାମୀଣ ରୋଜଗାର ସୃଷ୍ଟି, ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ପ୍ରଯୁକ୍ତିଭିତ୍ତିକ ବିକାଶ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଭଦ୍ରକ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ ଏବଂ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଯୋଗଦେଇ କେନ୍ଦ୍ର ସରକାରଙ୍କ ୧୨୫ ଦିନିଆ କାର୍ଯ୍ୟ ଯୋଜନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ବେରୋଜଗାରଙ୍କ ପାଇଁ ଶ୍ରମଭିତ୍ତିକ ନିଯୁକ୍ତି ସୁଯୋଗ, ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା, ପ୍ରଯୁକ୍ତି ବିଦ୍ୟା ସଶକ୍ତୀକରଣ, ଗ୍ରାମୀଣ ମୌଳିକ ଭିତ୍ତିଭୂମିର ସୁଦୃଢ଼ୀକରଣ, ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ, ପିଏମ୍ ଗତିଶକ୍ତି ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମ ଭଳି ବିଭିନ୍ନ କର୍ମଭିତ୍ତିକ ଯୋଜନାର ସଫଳ ରୂପାୟଣ ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଜିଲ୍ଲା ପ୍ରଶାସନର ଅଧିକାରୀ, ଲୋକ ପ୍ରତିନିଧି, ସରପଞ୍ଚ ଓ ବିଭିନ୍ନ ବର୍ଗର ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଅବସରରେ 'ବିକଶିତ ଭାରତ ଜୀ-ରାମ୍ ଜୀ' ୧୨୫ ଦିନିଆ ନିଯୁକ୍ତି ଯୋଜନା ସମ୍ପର୍କିତ ଏକ ସଚେତନତାମୂଳକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଏହା ମାଧ୍ୟମରେ ଯୋଜନାର ଲକ୍ଷ୍ୟ, ସୁବିଧା ଏବଂ ଗ୍ରାମାଞ୍ଚଳରେ ରୋଜଗାର ସୃଷ୍ଟିରେ ଏହାର ଭୂମିକା ସମ୍ପର୍କରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୨।୭ (ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ତିହିଡ଼ିସ୍ଥିତ ଦହପାଣିଆ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. କାଳୀପଦ ଦାସ ମଞ୍ଚ ସଞ୍ଚାଳନା କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ, ତିହିଡ଼ି ବ୍ଲକ୍ ସମ୍ପ୍ରସାରଣ ଅଧିକାରିଣୀ ସୌମ୍ୟା ସୁଚରିତା ମହାନ୍ତି, ସାମାଜିକ କର୍ମୀ ରାମଚନ୍ଦ୍ର ନାୟକ, ପ୍ରତିପକ୍ଷ ଅଧିବକ୍ତା ବହ୍ନିଶିଖା ବିଶ୍ୱାଳ ତଥା ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୌନ ଉତ୍ପୀଡ଼ନ ସୁରକ୍ଷା (ପୋକ୍ଷ) ଆଇନ ଏବଂ ଏହାର ବିଭିନ୍ନ ବ୍ୟବସ୍ଥା ଏବଂ ଏସ୍‌ସି-ଏସ୍‌ଟିଙ୍କ ନିମନ୍ତେ ଥିବା ଯୋଜନା ଆଇନ ଉପରେ ପିଲାମାନଙ୍କୁ ସଚେତନ କରାଇବା। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଯୌନ ଉତ୍ପୀଡ଼ନ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଆନୁଷ୍ଠାନିକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ସହିତ ପରିଚିତ କରାଏ ଏବଂ ଏକ ସ୍ୱଚ୍ଛ ଅଭିଯୋଗ ପ୍ରଣାଳୀ ପ୍ରତିଷ୍ଠା କରେ, ଯାହା ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ଦେବା ସହିତ ସମସ୍ତ ଆଇନଗତ ଆବଶ୍ୟକତାକୁ ପୂରଣ କରିଥାଏ। ଆଜିକାଲି ଛାତ୍ରଛାତ୍ରୀମାନେ ମୋବାଇଲର ସଦୁପଯୋଗଠାରୁ ଦୁରୂପଯୋଗ ବହୁତ କରୁଛନ୍ତି। ଉପସ୍ଥିତ ଅତିଥିଗଣ ପିଲାମାନଙ୍କୁ କହିଥିଲେ ଯେ, ସମାଜରେ ଭଲ ମଣିଷ ହେବା ପାଇଁ ହେଲେ ମୋବାଇଲରୁ ଭଲ ଶିକ୍ଷା ଗ୍ରହଣ କରନ୍ତୁ। ପରିଶେଷରେ ବନ ମହୋତ୍ସବ ସପ୍ତାହ ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




### ୧୩ ଦିନରେ ଧାରଣା ଜାରି

## ଠିକାଦାର ସଂଘ ସହିତ ଅଧୀକ୍ଷଣ ଯନ୍ତ୍ରୀଙ୍କ ଆଲୋଚନା



ଭଣ୍ଡାରିପୋଖରୀ/ବାରିକପୁର,୨।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଭଦ୍ରକ ଜିଲ୍ଲା ଠିକାଦାର ସଂଘ ୧୩ ଦିନ ହେବ ଧାରଣା ଦେଉଛି। ସୂଚନା ମୁତାବକ, ଜଳସମ୍ପଦ ବିଭାଗ ପକ୍ଷରୁ ୩୫ଟି କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିଲା। ସମସ୍ତ ଠିକାଦାର ସିଡ୍ୟୁଲ୍ ମୂଲ୍ୟ ଅନୁଯାୟୀ ଟେଣ୍ଡର ପକାଇବେ ବୋଲି ସଂଘ ନିଷ୍ପତ୍ତି ନେଇଥିଲା। ଯେହେତୁ ସରକାର ଚଳିତ ବର୍ଷ ତ୍ରୁଟିଯୁକ୍ତ ଟେଣ୍ଡର ନୀତି ପ୍ରଣୟନ କରିଛନ୍ତି, ତେଣୁ ରାଜ୍ୟ ଠିକାଦାର ସଂଘ ଏହାକୁ ତୀବ୍ର ବିରୋଧ କରିଛି। ରାଜ୍ୟ ସଂଘ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଠିକାଦାର ସଂଘ ପୂର୍ବରୁ ଏକ ବୈଠକ ଡାକିଥିଲା। ଉକ୍ତ ବୈଠକରେ ଜିଲ୍ଲାର ସମସ୍ତ ଠିକାଦାର ଉପସ୍ଥିତ ରହି ସିଡ୍ୟୁଲ୍ ମୂଲ୍ୟରେ ଟେଣ୍ଡର ପକାଇବାକୁ ସହମତି ପ୍ରକାଶ କରିଥିଲେ। ପ୍ରଥମେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଯେଉଁ ଟେଣ୍ଡର ଆହ୍ୱାନ ହୋଇଥିଲା ଏଥିରେ ଜିଲ୍ଲା ସଂଘ ନିଷ୍ପତ୍ତି ଅନୁଯାୟୀ ଠିକାଦାରମାନେ ଅଂଶ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଡକାଯାଇଥିବା ଟେଣ୍ଡରରେ କେନ୍ଦ୍ରାପଡ଼ା ଜିଲ୍ଲାର ଦୁଇଜଣ ଠିକାଦାର ସଂଘ ନିଷ୍ପତ୍ତିକୁ ଅମାନ୍ୟ କରିଥିଲେ। ସେମାନେ ଲେସ୍‌ରେ ଟେଣ୍ଡର ପକାଇଥିବାବେଳେ ଏହାକୁ ବିରୋଧ କରି ଧାରଣା ଆରମ୍ଭ ହୋଇଥିବା ଜଣାଯାଇଛି। ଧାରଣାର ୧୩ ଦିନ ପରେ ଗୁରୁବାର ଏସ୍‌ଇ ସଞ୍ଜୀବ କୁମାର ସାମଲଙ୍କ ସହିତ ଠିକାଦାର ସଂଘ ବିଭିନ୍ନ ଆଲୋଚନା କରିଛି। ଏଥିରେ ଜିଲ୍ଲା ଠିକାଦାର ସଂଘ ସଭାପତି କୁମୁଦବନ୍ଧୁ ମହାପାତ୍ର, ସମ୍ପାଦକ ଅଜିତ୍ ଦାସ, ରାଜ୍ୟ ସଂଘ ଉପ ସଭାପତି ସଞ୍ଜୀବ ପରିଡ଼ା, ବ୍ଲକ୍ ସଂଘ ସଭାପତି ଲଳିତ ରାଉତ, ସମ୍ପାଦକ ଗିରିଶ ସାମଲ ଉପୁଜୁଥିବା ବିବାଦ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଶୁକ୍ରବାର ପରେ ଧାରଣାର ରୂପରେଖ ଚୂଡ଼ାନ୍ତ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବିଭିନ୍ନ ବ୍ଲକ୍‌ର ଠିକାଦାରଙ୍କ ସମେତ ବ୍ଲକ୍ ସଂଘ ସଦସ୍ୟ ନରନାରାୟଣ ପରିଡ଼ା, କେଦାର ମହାନ୍ତି, ମଦନ ଭାରତୀ, ବିଶ୍ୱକେତନ ସାମଲ, ବିଷ୍ଣୁ ମୋହନ ପଣ୍ଡା, ବିଶ୍ୱରଞ୍ଜନ ଦାସ, ନିହାର ମହାପାତ୍ର, ସତ୍ୟବ୍ରତ ପତି, ଜ୍ଞାନେନ୍ଦ୍ର ନାୟକ, ବସନ୍ତ ବେହେରା, ତପନ ସେଠୀ, ସ୍ମୃତି ରଞ୍ଜନ ଜେନା, ନାଗେଶ୍ୱର ବେହେରା, ମିଳନ ଜେନା ପ୍ରମୁଖ ଧାରଣାରେ ସାମିଲ୍ ହୋଇଛନ୍ତି।

### ଗୁଆମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

## ନାହାନ୍ତି ଡାକ୍ତର କି ଫାର୍ମାସିଷ୍ଟ; ୨ ଆମ୍ବୁଲାନ୍ସ ହାତଛଡ଼ା

ଦୋଳସାହି,୨।୭ (ସମିସ): ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଗୁଆମାଳ ପଞ୍ଚାୟତର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ବିଭାଗରେ ପଦ ପଦବୀ ଅଭାବ ଥିବା ଯୋଗୁଁ ସ୍ୱାସ୍ଥ୍ୟ ସେବାରେ ବ୍ୟାଘାତ ଘଟୁଛି। ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ୨ଟି ଆମ୍ବୁଲାନ୍ସ ହାତଛଡ଼ା କରିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗୁଆମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ବିଭାଗରେ ପଦ ପଦବୀ ଖାଲି ପଡ଼ିଥିବାବେଳେ ଦୈନିକ "ସକାଳ'ରେ ବାରମ୍ବାର ଖବର ପ୍ରକାଶିତ ପରେ ସମସ୍ତ ପଦ ପୂରଣ ସରକାରଙ୍କ ପକ୍ଷରୁ କରାଯାଇଥିଲା। ତେବେ ରାଜନୈତିକ ଆକ୍ରୋଶରୁ ଗତ ୫ମାସ ତଳେ ଡାକ୍ତର ପ୍ରଣବ ମହାନ୍ତିଙ୍କ ବିରୋଧରେ ଅଭିଯୋଗକୁ ନେଇ ଡାକ୍ତରଙ୍କୁ ଡେପୁଟେସନ କରାଯାଇଥିବା ଜଣାପଡ଼ିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଆଖପାଖ ୫ଟି ପଞ୍ଚାୟତର ରୋଗୀ ନିର୍ଭର କରୁଥିବା ବେଳେ ଡାକ୍ତରଙ୍କ ଡେପୁଟେସନ ପରେ ବିଭିନ୍ନ ପଦ ପଦବୀ ଖାଲି ହେବା ସହ ସ୍ୱାସ୍ଥ୍ୟ ସେବାରେ ବ୍ୟାଘାତ ସୃଷ୍ଟି ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଡାକ୍ତରଖାନାରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ଷ୍ଟାଫ୍ ନର୍ସ, ଜଣେ ଲେଡି ହେଲ୍‌ଥ ଭିଜିଟର ପଦ ଖାଲି ପଡ଼ିଥିବା ଜଣାଯାଇଛି।

## ବାସୁଦେବପୁର ଥାନାରେ ନିଶାମୁକ୍ତ ଓଡ଼ିଶା ଅଭିଯାନ

ବାସୁଦେବପୁର,୨।୭ (ସମିସ): ବାସୁଦେବପୁର ଥାନାର ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ନିଶାମୁକ୍ତ ଓଡ଼ିଶା ଅଭିଯାନ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମକୁ ଆଭାସୀରେ ଡିଜିପି ୱାଇ. ବି. ଖୁରାନିଆ ଶୁଭାରମ୍ଭ କରିଥିଲେ। ଓଡ଼ିଶାରେ ଅବାଧରେ ନିଶା କାରବାରକୁ ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କରାଯାଉଥିବା ନିଶା କାରବାରକୁ ବିରୋଧ କରି ବନ୍ଦ କରିବାରେ ସହଯୋଗ କରିବାକୁ ଶପଥପାଠ କରାଇଥିଲେ। ଏହି ସଭାରେ ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ବାସୁଦେବପୁର ଥାନାର ଇନ୍ସପେକ୍ଟର ନିରୋଜ ସାମଲ, ଏସ୍‌ଆଇ ଭାଗ୍ୟଜିତ୍ ନାୟକ, ପୌରପାଳିକାର ଉପାଧ୍ୟକ୍ଷ ଉତମ ବାରିକ, ଯୁବନେତା ଅଶୋକ କୁମାର ସାହୁ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ, ପ୍ରାକ୍ତନ ଅଧକ୍ଷ ଭାଗିରଥି ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।



### ଦୋବଲରେ ମଦ ଦୋକାନକୁ ମହିଳାଙ୍କ ତୀବ୍ର ବିରୋଧ

# ଶିକ୍ଷାନୁଷ୍ଠାନ ନିକଟରେ ଚାଲିଛି ବାର୍

ଦୋବଲ,୨।୭ (ସମିସ)

ଧାମନଗର ଥାନା ଅଞ୍ଚଳ ଦୋବଲ ନିକଟସ୍ଥ ମୁସ୍ତଫାପୁର ଘୋଡ଼ାଗଣ୍ଡ ନାଳ ପାଖରେ ଚାଲିଥିବା ମଦ ଦୋକାନକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ମଦ ଦୋକାନକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରା ନ ଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ମହିଳାମାନେ ଚେତାବନୀ ଦେଇଛନ୍ତି। ବିଶେଷକରି ମୁସଲମାନ ସମ୍ପ୍ରଦାୟର ମହିଳାମାନେ ନିଜ ଝିଅ ଓ ବୋହୂମାନଙ୍କ ସୁରକ୍ଷା ପାଇଁ ଏବେ ଏକାଠି ହୋଇ ଅଣ୍ଟା ଭିଡ଼ିଛନ୍ତି। ଚାନ୍ଦବାଲିରେ ଘଟିଥିବା ନାବାଳିକା ଦୁଷ୍କର୍ମ ଭଳି ଅଭାବନୀୟ ଘଟଣା ଏଠାରେ ମଧ୍ୟ ଘଟିପାରେ ବୋଲି ମହିଳାମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହି ଘଟଣାରେ ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି, ଯେଉଁ ମଦ ଦୋକାନ ସାମାଜିକ ଅସ୍ଥିରତା ସୃଷ୍ଟି କରୁଛି। ତା'ର ଲାଇସେନ୍ସ ମହାଶ୍ୱେତା ରାଉତ ନାମକ ଜଣେ ମହିଳାଙ୍କ ନାମରେ ରହିଛି। ମହିଳା ଜଣକ ନିଜ ଆଭିମୁଖ୍ୟ ଓ ସ୍ୱାର୍ଥ ପାଇଁ ଏହି ବ୍ୟବସାୟ ଚଳାଇଥିବା ବେଳେ ଅନ୍ୟପଟେ ସମାଜ ସୁଧାରିବା ପାଇଁ ଅନ୍ୟ ମହିଳାମାନେ ଅଣ୍ଟା ଭିଡ଼ିଛନ୍ତି। ଦୋବଲ-ଧାମନଗର ମୁଖ୍ୟ ରାସ୍ତାକଡ଼ରେ ଅବସ୍ଥିତ ଏହି ଦୋକାନଠାରୁ ମାତ୍ର ୨୦୦ ମିଟର ଦୂରରେ ଗୌରାଙ୍ଗ ସାହାଣୀ ଏମ୍‌ଇ ସ୍କୁଲ ଏବଂ ୫୦୦ ମିଟର ଦୂରରେ ଧାମନଗର ମହାବିଦ୍ୟାଳୟ ରହିଛି। ଦୈନନ୍ଦିନ ଶହଶହ ଛାତ୍ରଛାତ୍ରୀ ଓ ସାଧାରଣ ମହିଳା ଏହି ରାସ୍ତା ଦେଇ ଯାତାୟାତ କରୁଥିବାରୁ ସେମାନଙ୍କ ପ୍ରତି ବିପଦ ଆଶଙ୍କା ବହୁଗୁଣିତ ହୋଇପଡ଼ିଛି। ଆଉ ମାତ୍ର କେଇ ପାଦ ଦୂରରେ ମୁସ୍‌ଲିମ ବସ୍ତି। ୨୦୨୧ ମସିହାରୁ ଚାଲିଆସୁଥିବା ଏହି ମଦ ଦୋକାନଟି ଏବେ ଏକ 'ଅଘୋଷିତ ବାର୍‌'ରେ ପରିଣତ ହୋଇଛି।

ଚଳିତ ବର୍ଷ ଅନ୍ୟ କେହି ଆବେଦନ ନ କରିବାରୁ ପୂର୍ବତନ ମହିଳା ଟେଣ୍ଡରଧାରୀ ପୁଣି ଏହାର ନିଲାମ ନେଇଛନ୍ତି। ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ବ୍ୟବସାୟ କରୁଥିବାରୁ ପୁଲିସ ଓ ଅବକାରୀ ପ୍ରଶାସନ ସହିତ ମଦ ଦୋକାନୀଙ୍କ ସୁସମ୍ପର୍କ ବା ସଲାସୁତରାରେ ଗଢ଼ି ଉଠିଛି। ଯେଉଁଥିପାଇଁ ସେ ପ୍ରଶାସନ ଛତ୍ରଛାୟାରେ ସୁରୁଖୁରୁରେ ଏହି ବେଆଇନ କାରବାର କରୁଛନ୍ତି। ଦୋକାନ ସମ୍ମୁଖରେ ପୂର୍ବରୁ ୧୦ରୁ ଅଧିକ ଥର ବଡ଼ଧରଣର ଗଣ୍ଡଗୋଳ ହୋଇଥିଲେ ମଧ୍ୟ ପୁଲିସ ଓ ଦୋକାନୀଙ୍କ ଆପୋଷ ବୁଝାମଣାରେ ସବୁ ସମସ୍ୟାକୁ ଚାପି ଦିଆଯାଇଛି। ବର୍ତ୍ତମାନ ମଦ ଦୋକାନର ପଛପଟେ ଏକ ବିରାଟ ଅଞ୍ଚଳକୁ ସବୁଜ ପଲିଥିନ୍‌ରେ ଘେରାଇ ବେଆଇନ ଚାଖଣା ଦୋକାନ ସବୁ ଖୋଲାଯାଇଛି। ସାମ୍ନା ପଟୁ ମଦ କିଣି ପଛପଟେ ଶହଶହ ମଦୁଆ ଅବାଧରେ ମଦ ପିଉଛନ୍ତି। ଏସବୁ ଦେଖି ମଧ୍ୟ ପୁଲିସ ଓ ଅବକାରୀ ବିଭାଗ ସମ୍ପୂର୍ଣ୍ଣ ନିରବ ରହିବା ସେମାନଙ୍କ କାର୍ଯ୍ୟଶୈଳୀ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ସମ୍ପର୍କରେ ମହିଳାମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଯେଉଁ ଜିଲ୍ଲାପାଳ ପୂର୍ବରୁ ଆଖିରେ ଅନ୍ଧପୁଟୁଳି ବାନ୍ଧି ଏଭଳି ଜନଗହଳିପୂର୍ଣ୍ଣ ତଥା ଶିକ୍ଷାନୁଷ୍ଠାନ ସ୍ଥାନରେ ମଦ ଦୋକାନ ପାଇଁ ଲାଇସେନ୍ସ ଦେଇଥିଲେ, ସେ ଏବେ ମହିଳାଙ୍କ ଗୁହାରି ଶୁଣି ଏହାକୁ ବନ୍ଦ ବା ସ୍ଥାନାନ୍ତର କରିବେ କି ନାହିଁ, ସେ ନେଇ ଆନ୍ଦୋଳନକାରୀ ମହିଳାମାନଙ୍କ ମନରେ ପ୍ରବଳ ସନ୍ଦେହ ପ୍ରକାଶ ପାଇଛି।




**ପୁଲିସ ଓ ଅବକାରୀ ବିଭାଗ ସାଜିଛନ୍ତି ନିରବଦ୍ରଷ୍ଟା**

# ଆଡମୁଣ୍ଡା ଛକ–ନନ୍ଦିଗାଁ ପଞ୍ଚାୟତ ରାସ୍ତା ପାଲଟିଛି କୃତ୍ରିମ ପୋଖରୀ

ପୋଡ଼ାଗଡ଼, ୨।୭ (ସମିସ)



କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ ମାଲକାନଗିରି ପଞ୍ଚାୟତର ଆଡମୁଣ୍ଡା ଛକରୁ ନନ୍ଦିଗାଁ ପଞ୍ଚାୟତ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ, ଅଳ୍ପ ବର୍ଷା ହେଲେ ସେହି ଖାଲଗୁଡ଼ିକ ପାଣିରେ ଭର୍ତ୍ତି ହୋଇ କୃତ୍ରିମ ପୋଖରୀର ରୂପ ନେଉଛି। ଫଳରେ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ

## ଯାତାୟାତରେ ନାହିଁ ସୁରକ୍ଷା

ହେଉଛି ଏବଂ ପ୍ରତିଦିନ ଦୁର୍ଘଟଣାର ଆଶଙ୍କା ବଢ଼ୁଛି।

ଏହି ରାସ୍ତା ଦ୍ୱାରା ନନ୍ଦିଗାଁ ପଞ୍ଚାୟତର ଅନେକ ଗ୍ରାମବାସୀ ପ୍ରତିଦିନ ପଞ୍ଚାୟତ କାର୍ଯ୍ୟାଳୟ, ସ୍କୁଲ, ହସ୍ପିଟାଲ, ବଜାର ଏବଂ ବିଭିନ୍ନ ସରକାରୀ କାମ ପାଇଁ ଯାତାୟାତ କରିଥାନ୍ତି। କିନ୍ତୁ ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ ବହୁତ କଷ୍ଟକର ହୋଇପଡ଼ିଛି। ବର୍ଷା ସମୟରେ ଖାଲଗୁଡ଼ିକ ପାଣିରେ ଢାଙ୍କି ଯାଉଥିବାରୁ ଚାଳକମାନେ ଗାତର ଗଭୀରତା ଜାଣିପାରୁନାହାନ୍ତି, ଯାହା ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଅନେକ ସମ୍ଭାବନା ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୀର୍ଘ ଦିନ ଧରି ଏହି ରାସ୍ତାର ମରାମତି ପାଇଁ ପ୍ରଶାସନଙ୍କୁ ଜଣାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ। କେବଳ ଆଶ୍ୱାସନରେ ସୀମିତ ରହିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି।

ବିଶେଷକରି କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରଜା ପୂର୍କି ପ୍ରଥାପିକ ଚିକିତ୍ସାଳୟ ସହ ଆଦର୍ଶ ବିଦ୍ୟାଳୟ କିମ୍ବା କୋରାପୁଟ କଲେଜ ଦଶମନ୍ତପୁର ପୋଡ଼ାଗଡ କଲେଜ ଯିବା ପାଇଁ ଏହି ରାସ୍ତା ହିଁ ମୁଖ୍ୟରାସ୍ତା। ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଓ ରୋଗୀମାନେ ଏହି ରାସ୍ତାରେ ଯାତାୟାତ କରିବା ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜରୁରୀ ସମୟରେ ଆମ୍ବୁଲାନ୍ସ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହେଉଥିବାରୁ ଜନସାଧାରଣଙ୍କ ଚିନ୍ତା ବଢ଼ିଛି।

ସ୍ଥାନୀୟ ବାସିନ୍ଦାମାନେ ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ନିକଟରେ ଦାବି କରିଛନ୍ତି ଯେ ବର୍ଷା ଋତୁକୁ ଦୃଷ୍ଟିରେ ରଖି ଏହି ରାସ୍ତାର ତୁରନ୍ତ ମରାମତି କରାଯାଉ ଏବଂ ସ୍ଥାୟୀ ଭାବରେ ରାସ୍ତାର ଉନ୍ନତିକରଣ କାମ କରାଯାଉ; ନଚେତ୍ ଆଗାମୀ ଦିନରେ ବଡ଼ଧରଣର ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ଏବେ ଦେଖିବାର ବାକି ରହିଲା, ପ୍ରଶାସନ ଅଞ୍ଚଳବାସୀଙ୍କ ଦାବିକୁ କେବେ ଗୁରୁତ୍ୱର ନେଇକି ରାସ୍ତାର ମରାମତି କରି ସମସ୍ୟାର ସ୍ଥାୟୀ ସମାଧାନ କରୁଛି।

# ଅଧ୍ୟକ୍ଷ ଗୌରୀଶଙ୍କର ବେହେରାଙ୍କୁ ବିଦାୟ ସମ୍ବର୍ଦ୍ଧନା



ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମାସ୍ଥିତ ଡାରୱିନ୍ ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୌରୀଶଙ୍କର ବେହେରାଙ୍କ ଅବସର ଗ୍ରହଣ ଅବସରରେ ଏକ ଭବ୍ୟ ସଭାରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ସେ ଅଧ୍ୟାପକ ଓ ପ୍ରଶାସକ ଭାବେ କାର୍ଯ୍ୟ କରି ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସମ୍ବର୍ଦ୍ଧନା ସଭାରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ସ୍ଥାନୀୟ ତହସିଲଦାର ଉପସ୍ଥିତ ରହି ତାଙ୍କର ଶିକ୍ଷା କ୍ଷେତ୍ରରେ ଅବଦାନକୁ ସ୍ମରଣ କରିଥିଲେ। ଜିଲ୍ଲା ଅଧ୍ୟାପକ ଓ କର୍ମଚାରୀ ସଂଘର ଉପସଭାପତି ଭାବେ ମଧ୍ୟ ସେ ଦୀର୍ଘଦିନ ଧରି ସେବା ପ୍ରଦାନ କରିଆସୁଥିଲେ। ଏହି ଅବସରରେ ଶ୍ରୀ ବେହେରା ଭାବବିହ୍ୱଳ ହୋଇ ୧୯୯୪ ଅନୁଦାନ ନୀତି ଅନୁଯାୟୀ ଯୋଗ୍ୟ କର୍ମଚାରୀଙ୍କ ହକ୍ ପାଇଁ ଅବସର ପରେ ମଧ୍ୟ ନିଜର ପ୍ରଚେଷ୍ଟା ଜାରି ରଖିବେ ବୋଲି କହିଥିଲେ।

# ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ପାଇଁ ସହାୟତା କେନ୍ଦ୍ର

ବିଷମକଟକ, ୨।୭ (ସମିସ)




ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ)ର ଅଗ୍ରାଧିକାର ଭିତ୍ତିକ ଡ୍ରାଫ୍ଟ ତାଲିକାରୁ ବାଦ୍ ପଡ଼ିଥିବା ଗ୍ରାମାଞ୍ଚଳର ଯୋଗ୍ୟ ପରିବାରଙ୍କୁ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ବିଷମକଟକର ସ୍ଥାନୀୟ ଯୁବ ସଂଗଠନ ଆସୋସିଏସନ୍ ଫର୍ ସ୍ପୋର୍ଟସ୍ ଆଣ୍ଡ ଆଥଲେଟିକ୍ସ (ଆଫ୍ସା) ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ୍ ଠାରେ ଏକ ସାର୍ବଜନୀନ ସହାୟତା କେନ୍ଦ୍ର ଆୟୋଜିତ ହୋଇଯାଇଛି। ଏହି ସହାୟତା କେନ୍ଦ୍ର ମାଧ୍ୟମରେ ହିତାଧିକାରୀମାନଙ୍କ ଅଭିଯୋଗ ଓ ଦରଖାସ୍ତ ବ୍ଲକ ପ୍ରଶାସନ ନିକଟରେ ଦାଖଲ କରିବାରେ ସହଯୋଗ କରାଯାଉଥିବା ଜଣାପଡିଛି। ବିଷମକଟକ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ପିଏମ୍ ଆବାସ ଯୋଜନାର ଅଗ୍ରାଧିକାର ଭିତ୍ତିକ ଡ୍ରାଫ୍ଟ ତାଲିକା ପ୍ରକାଶ ପାଇବା ପରେ ଅନେକ ବାସିନ୍ଦା ଯୋଗ୍ୟତା ଥିବା ସତ୍ତ୍ୱେ ଅନେକ ପରିବାରଙ୍କ ନାମ ଏହି ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ସଚେତନତାର ଅଭାବ ଓ ସରକାରୀ ପ୍ରକ୍ରିୟା ସମ୍ପର୍କରେ ସଠିକ୍ ମାର୍ଗଦର୍ଶନ ନ ଥିବାରୁ ଅନେକ ଆବେଦନକାରୀଙ୍କ ପାଇଁ ଦରଖାସ୍ତ ପ୍ରସ୍ତୁତ କରିବା ଏବଂ ସରକାରୀ କାର୍ଯ୍ୟାଳୟ ରେ ଅଭିଯୋଗ ଦାଖଲ କରିବା କଷ୍ଟସାଧ ହୋଇପଡ଼ିଛି। ଏହି ସମସ୍ୟାକୁ ଦୂର କରିବା ପାଇଁ ଆଫ୍ସାର ସ୍ୱେଚ୍ଛାସେବୀମାନେ ଆବେଦନକାରୀଙ୍କ ଅଭିଯୋଗପତ୍ର ପୂରଣ, ଦରଖାସ୍ତ ପ୍ରସ୍ତୁତ, ଆବଶ୍ୟକ ଦସ୍ତାବିଜ ଯାଞ୍ଚ ଓ ପୁନଃବିଚାର ପାଇଁ ଆବେଦନ କରୁଥିବା ଯୋଗ୍ୟ ହିତାଧିକାରୀଙ୍କ ଏକ ତାଲିକା ପ୍ରସ୍ତୁତ କରିଛନ୍ତି। ସମସ୍ତ ଦରଖାସ୍ତକୁ ଏକତ୍ର କରି ବ୍ଲକ ପ୍ରଶାସନଙ୍କ ନିକଟରେ ଦାଖଲ କରିବାର ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି ଏହି ଯୁବକ ସଂଘ। ଏହି ସହାୟତା କେନ୍ଦ୍ର ପରିଚାଳନାରେ ସଙ୍ଘର ସଭାପତି ଏମ୍. ଦିଲୀପ କୁମାର, ଗଙ୍ଗାଧର ପାନିରାମ୍, ଶେଖ ଇଶାକ୍, କିନୁ କନ୍ଧପାଣି, ଯୋଗେଶ୍ୱର ପ୍ରଧାନ, ହିମାଂଶୁ ଶେଖର ଆଲଜିଙ୍ଗ, ସନ୍ତୋଷ ସାହୁ, ହିମାଂଶୁ ଶେଖର ପାତ୍ର, ତିରୁମୁଲା ରାଓ, ମନୋଜ ପ୍ରଧାନୀ, ଅତିଶ ପଟ୍ଟନାୟକ, ରାଜେଶ ଗୌଡ଼, ସାଗର ପୂଜାରୀ, ଦିଲୀପ ପଢିଆରୀ ପ୍ରମୁଖ ସହଯୋଗ କରିଥିଲେ।

# ବିକଶିତ ଭାରତ ଯୋଜନାର ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ

କୋଷାଗୁମୁଡା, ୨।୭ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିକଶିତ ଭାରତ ଜୀ-ରାମ-ଜୀ ଯୋଜନାର ଉଦ୍ଦେଶ୍ୟ ଓ କାର୍ଯ୍ୟପଦ୍ଧତି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ରୋଜଗାର ସୁଯୋଗ ବୃଦ୍ଧି, ସ୍ଥାୟୀ ସମ୍ପତ୍ତି ସୃଷ୍ଟି ଏବଂ ଗ୍ରାମୀଣ ବିକାଶକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରିଥିଲେ। ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ଆର୍ଥିକ ଉନ୍ନତି ସହ ଲୋକଙ୍କ ଜୀବନଯାପନରେ ସକାରାତ୍ମକ ପରିବର୍ତ୍ତନ ଆସିବ ବୋଲି ଆଶା ପ୍ରକାଶ କରାଯାଇଛି। କୋଷାଗୁମୁଡାରେ ବିକଶିତ ଭାରତ ଜୀ-ରାମ-ଜୀ ଯୋଜନାର ଶୁଭାରମ୍ଭ ସହିତ ଗ୍ରାମୀଣ ବିକାଶ ଓ ରୋଜଗାର କ୍ଷେତ୍ରରେ ଏକ ନୂଆ ଅଧ୍ୟାୟର ଆରମ୍ଭ ହୋଇଛି। ଆଗାମୀ ଦିନରେ ଏହି ଯୋଜନାର ସୁଫଳ ଅଧିକରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ ବୋଲି ପ୍ରଶାସନ ଆଶାବାଦୀ।



ଆଜିର ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ସର୍ବେଶ୍ୱରୀ ମାଝୀ, ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ନବରଙ୍ଗପୁର ସାଂସଦ ପ୍ରତିନିଧି ସୁରେଶ କୁମାର ପାତ୍ର, ଡାବୁଗାଁ ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ସିଂ, ନବରଙ୍ଗପୁର ବିଧାୟକ ପ୍ରତିନିଧି ଟଂଜିତ ପାଢ଼ୀ, ମୋତିଗାଁ ସମିତିସଭ୍ୟ ତ୍ରିଲଚନ ଧାକଡ଼, ମାଝୀ ଧନୁଆ ସମିତିସଭ୍ୟ ଯୁଗଧର ହରିଜନ ଏବଂ ସ୍ଥାନୀୟ ବିଡିଓ ଆଶିଷ ତ୍ରିପାଠୀ, ଜିପିଡିଓ ନନ୍ଦ ବାବୁ, ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କ୍ୟାମ୍ପ ପାଇଁ ପ୍ରସ୍ତୁତି



ପଡିଆ, ୨।୭ (ସମିସ): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ସମ୍ମିଳନୀ କକ୍ଷଠାରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ୨୦୨୬–୨୭ ପାଇଁ ଆୟୋଜିତ ହେବାକୁ ଥିବା କ୍ୟାମ୍ପକୁ ସଫଳ ଭାବେ ପରିଚାଳନା କରିବା ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ସମସ୍ତ ସୁପରଭାଇଜର, ବ୍ଲକ ରିସୋର୍ସ ଟିଚର, ଶିକ୍ଷା ବିଭାଗର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ ସମସ୍ତ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ। ଏହି ବୈଠକରେ ଆସନ୍ତା ୮ ଜୁଲାଇ ୨୦୨୬ରୁ ମାଟେରୁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପରସନପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା କ୍ଲଷ୍ଟରସ୍ତରୀୟ ବିବିଏସଏ କ୍ୟାମ୍ପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଇଛି। ଏହି କ୍ୟାମ୍ପରେ ମାଟେରୁ ଓ ନୀଳିଗୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଯୋଗ୍ୟ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସାମିଲ କରିବା, ପୂର୍ବ ପଞ୍ଜୀକରଣ, ସଚେତନତା ସୃଷ୍ଟି ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କ୍ୟାମ୍ପକୁ ସଫଳ କରିବା ଉପରେ ଆଲୋଚନା କରାଯାଇଛି। ବିଡିଓ ଶ୍ରୀ ମହାପାତ୍ର ସମସ୍ତ ସମ୍ପୃକ୍ତ ବିଭାଗକୁ ପରସ୍ପର ସମନ୍ୱୟ ରକ୍ଷା କରି ଯୋଗ୍ୟ ହିତାଧିକାରୀଙ୍କୁ କ୍ୟାମ୍ପରେ ଉପସ୍ଥିତ କରାଇବା ସହ ସରକାରଙ୍କ ଭିନ୍ନକ୍ଷମ କଲ୍ୟାଣମୂଳକ ଯୋଜନାର ସୁବିଧା ସେମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

# କୁଟୁଗାଁରେ ପୁନର୍ବାର ଡିଗ୍ରୀ କଲେଜ ନିର୍ମାଣ ଦାବି

କୋରାପୁଟ, ୨।୭ (ସମିସ): ସେମିଳିଗୁଡା ବ୍ଲକ ଦଳେଇଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କୁଟୁଗାଁ ଛକରେ ପୁନର୍ବାର ଡ଼ିଗ୍ରୀ କଲେଜ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗିଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ବୁଧବାର ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, କୁଟୁଗାଁ ଛକରେ କିଛି ବର୍ଷ ପୂର୍ବରୁ କୋଟି କୋଟି ଟଙ୍କା ଖର୍ଚ୍ଚ ଡ଼ିଗ୍ରୀ କଲେଜ ପାଇଁ କୋଠା ନିର୍ମାଣ କରି ଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଉକ୍ତ କୋଠାରେ ଶିକ୍ଷାଦାନ ଆରମ୍ଭ ହେବା ପୂର୍ବରୁ ଜଣାପଡିଥିଲା ଯେ ସେହି ଜମି ଦେଇ ଭାରତ ମାଳା ଏକ୍ସପ୍ରେସ ହାଇୱେ ଯିବ। ତେଣୁ ପରବର୍ତ୍ତୀ ସମୟରେ ଉକ୍ତ କୋଠାକୁ ସମ୍ପୂର୍ଣ୍ଣ ଭାବରେ ଭଙ୍ଗା ଯାଇଥିଲା। ନୂତନ ଜମି ଚିହ୍ନଟ କରି ଡ଼ିଗ୍ରୀ କଲେଜ ପାଇଁ ନୂଆ କୋଠା ନିର୍ମାଣ କରିବାକୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପୂର୍ତ୍ତ ବିଭାଗକୁ ୧୪ କୋଟି ଟଙ୍କା କ୍ଷତି ପୂରଣ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ତ୍ତ ବିଭାଗ ନୂତନ ଜମି ପାଇଁ ଜିଲ୍ଲାପାଳଙ୍କୁ ଚିଠି କରିବା ପରେ ରାଜସ୍ୱ ବିଭାଗ ନୂତନ ଡିଗ୍ରୀ କଲେଜ ନିର୍ମାଣ ପାଇଁ ପିତାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଚାରାଗାଁ ନିକଟରେ ୧୩ ଏକର ଜମି ଚିହ୍ନଟ କରିଛି। କିନ୍ତୁ ଗ୍ରାମବାସୀ ବର୍ତ୍ତମାନ ଚିହ୍ନଟ ଜମିକୁ ବିରୋଧ କରି କୁଟୁଗାଁ ଛକରେ ଥିବା ଅନ୍ୟ ସରକାରୀ ଜମିରେ ଡିଗ୍ରୀ କଲେଜ ପାଇଁ ନୂତନ କୋଠା ନିର୍ମାଣ କରିବା ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ କକରିଗୁଡ଼ା ଠାରେ ଥିବା ସରକାରୀ ଜମିରେ ଏକ ଘରୋଇ ସ୍କୁଲ ନିର୍ମାଣ କରାଯାଉଛି, ଯାହାକି ସମ୍ପୂର୍ଣ୍ଣ ବେଆଇନ। ବିନା ପଲ୍ଲୀସଭାରେ ସମ୍ପୃକ୍ତ ଘରୋଇ ଅନୁଷ୍ଠାନକୁ କିପରି ସରକାରୀ ଜମି ଦିଆଗଲା ବୋଲି ସ୍ଥାନୀୟ ସରପଞ୍ଚ ପ୍ରତିକ୍ରିୟା ଦେଇ ତୁରନ୍ତ ତାହା ବନ୍ଦ କରିବାକୁ ଦାବି କରିଛନ୍ତି।



■ ବିଶ୍ୱ ହାସ୍ୟ ଦିବସ

# 'ଆସ ହସିବା, ହସାଇବା' କାର୍ଯ୍ୟକ୍ରମ




ସେମିଳିଗୁଡ଼ା, ୨।୭ (ସମିସ): ସେମିଳିଗୁଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବିଶ୍ୱ ହାସ୍ୟ ଦିବସ ପାଳନ ଅବସରରେ "ଆସ ହସିବା, ହସାଇବା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଓଡ଼ିଆ ଦୂରଦର୍ଶନ କେନ୍ଦ୍ରର ହାସ୍ୟ ଅଭିନେତା ଦେବବ୍ରତ ଜେନା ଏବଂ ବିଶିଷ୍ଟ ବ୍ୟଙ୍ଗ କବି କୁଳମଣି ଦାଶ କାର୍ଯ୍ୟକ୍ରମରେ ନିଜର ନିଖୁଣ ଅଭିନୟ କରିଥିଲେ। ହାସ୍ୟ କବିତା ମାଧ୍ୟମରେ ଉପସ୍ଥିତ ସଭ୍ୟଙ୍କୁ ଖୁବ ହସାଇଥିଲେ। ଅନୁଷ୍ଠାନର ସଭାପତି ପ୍ରତାପଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଭୁବନେଶ୍ୱର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଇଶ୍ୱରଚନ୍ଦ୍ର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ନୀଳମଣି ନାୟକ ସହ ସମ୍ପାଦକ ନୀଳକଣ୍ଠ ଡୋଲିଆ, ବିଭାଗୀୟ ସମ୍ପାଦକ ସି. ଏଚ୍ ପ୍ରଦୀପ କୁମାର ପାତ୍ର, ଫକୀରଚନ୍ଦ୍ର ରାଉତ, ପ୍ରଶାନ୍ତଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ପାଣ୍ଡୁଚରଣ ସାହୁ, ଉପଦେଷ୍ଟା ବିଜୟକୁମାର ସାହୁ, ନୀଳକଣ୍ଠ ଧୀବର, ଦିଗାମ୍ବର ନାୟକ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଶରତଚନ୍ଦ୍ର ଷଡଙ୍ଗୀ, ଶ୍ରୀକାନ୍ତ ଦାଶ, ମୋହନ ରାଓ, ମୋହନ ସାହୁ, ସୁଶାନ୍ତ କୁମାର ସାହୁ, ଖଗେଶ୍ୱର ବାରିକ, ସୁରେନ୍ଦ୍ରନାଥ ବେହେରା, ଜୟରାମ ଗରଡା, ରାଧାଶ୍ୟାମ ଦାଶ, ରବି ବେହେରା, ପରମେଶ୍ୱର ତ୍ରିପାଠୀ, ଆନନ୍ଦ ମୌଳି ପଟନାୟକଙ୍କ ସମେତ ପାୟ ୮୦ରୁ ଅଧିକ ସଦସ୍ୟ ଉପଭୋଗ କରିଥିଲେ।

ରଥ ଯାତ୍ରା ପ୍ରସ୍ତୁତି

# ବ୍ୟୟ ଅଟକଳ ଓ ଖର୍ଚ୍ଚ ହେଉନି ସାର୍ବଜନୀନ



ନନ୍ଦପୁର, ୨।୭ (ସମିସ): ଚଳିତ ରଥ ଯାତ୍ରା ନେଇ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁର ତହସିଲ କାର୍ଯ୍ୟାଳୟର ସଭାଗୃହରେ ରଥଯାତ୍ରା ପ୍ରସ୍ତୁତି ବୈଠକରେ ତହସିଲଦାର ଦେବବ୍ରତ ମହାରଣା ଅଧକ୍ଷତା କରିଥିଲେ। ବିଡ଼ିଓ ଦୁର୍ଗାପ୍ରସାଦ ଦୋରା, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ଆଇଆଇସି ତ୍ରିନାଥ ତୋଟା ପାଡ଼ିଆ ଓ ଦେବୋତ୍ତର କମିଟିର ସଦସ୍ୟବୃନ୍ଦ ବରିଷ୍ଠ ନେତା ଗୋପାଳକୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ଗୋପାଳ ମାଟାମ, ଯୁଧିଷ୍ଠିର ଖରା, ରାଜସ୍ୱ ନିରୀକ୍ଷକ ମଧୁସୂଦନ ଖେମୁଣ୍ଡୁ, ଲୋକନାଥ ଚୌଧୁରୀ ସମସ୍ତେ ଅନ୍ୟାନ୍ୟ ସଦସ୍ୟବୃନ୍ଦ ବୈଠକରେ ରଥଯାତ୍ରା ଉପରେ ଆଲୋଚନା କରି ଚଳିତ ବର୍ଷ କିପରି ସଠିକ ପରିଚାଳନା କରାଯିବ ସେନେଇ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ, ଗତ ବର୍ଷ ନୂତନ ଭବ୍ୟ ରଥ ନିର୍ମାଣ ସହ ରଥଯାତ୍ରା ନିମନ୍ତେ ସଂଗୃହୀତ ଅର୍ଥର ବ୍ୟୟ ବରାଦ ତଥା ଖର୍ଚ୍ଚର ସାର୍ବଜନୀନ କରାଯାଇ ନଥିଲା କି ସେ ଉପରେ ମଧ୍ୟ ଆଲୋଚନାଟିଏ କରାଯାଇ ନଥିଲା। ସେପଟେ ନନ୍ଦପୁର ଐତିହ୍ୟସଂପନ୍ନ ରଥଯାତ୍ରାରେ ନିୟୋଜିତ ଗୌଡ, କମାର, କୁମ୍ଭାର, ବଡେଇଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ନନ୍ଦପୁର ଇତିହାସରେ ପ୍ରଥମ ଥର ନନ୍ଦପୁର ରଥଯାତ୍ରାର ବ୍ୟୟ ବରାଦ ସାର୍ବଜନୀନ ହୋଇ ପାରିଲାନାହିଁ; ଯାହାକୁ ନନ୍ଦପୁର ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ସେପଟେ ଚଳିତ ରଥ ଯାତ୍ରା ପ୍ରସ୍ତୁତି ବୈଠକର ସ୍ଥାନ ପରିବର୍ତ୍ତନ କରି ତହସିଲଦାରଙ୍କ କାର୍ଯ୍ୟାଳୟ ପରିସର ରଖାଯାଇ ସର୍ବସାଧାରଣ ତଥା ଗ୍ରାମବାସୀଙ୍କୁ ମଧ ଡକା ଯାଇ ନଥିବା ଅଭିଯୋଗ ହୋଇଛି। ସୀମିତ ଦେବୋତ୍ତର ସଦସ୍ୟଙ୍କୁ ନେଇ ଆୟୋଜିତ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବାରୁ ଚର୍ଚ୍ଚା ପରିସରକୁ ଆସିଛି।

## ଖାଲି ପଡ଼ିଛି ଏସଡ଼ା ୨ ଅଙ୍ଗନବାଡ଼ି

# ନୂତନ କର୍ମୀ ନିଯୁକ୍ତି ଦାବି

ବନ୍ଧୁଗାଁ, ୨।୭ (ସମିସ)

## ଦୁଇ ବର୍ଷ ଧରି ସରକାରୀ ସୁବିଧା ମିଳିନି; ସବୁ କାର୍ଯ୍ୟ ଠପ୍



ବନ୍ଧୁଗାଁ ବ୍ଲକ ବଡସରପଲ୍ଲୀ ପଞ୍ଚାୟତ ଏସଡା ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର-୨ର କର୍ମୀ ଦୁଇ ବର୍ଷ ଧରି ଅଙ୍ଗନୱାଡ଼ି କେନ୍ଦ୍ରରେ ରହୁ ନ ଥିବା ଗ୍ରାମବାସୀ ଅଭିଯୋଗ ହୋଇଛି। ଅଙ୍ଗନବାଡ଼ି କର୍ମୀ ଆରତୀ ଖୋରା ୨୦୨୪ରୁ ଉକ୍ତ କେନ୍ଦ୍ରରେ ରହୁ ନ ଥିଲେ। ସେ ୧୨୦ ଘରର ୫୦୭ ଜନସଂଖ୍ୟାକୁ ନେଇ ନିଜ କେନ୍ଦ୍ର ଚଳାଇ ଆସୁଥିଲେ। ଦିଦି ଥାଇ କେନ୍ଦ୍ର ଚଳାଇବା ସମୟରେ ଯେଉଁ ପ୍ରି ସ୍କୁଲ ପିଲା, ୬ ମାସରୁ ୩ ବର୍ଷ ପିଲା ଥିଲେ, ସେହି ପିଲାଙ୍କୁ ହିଁ ଏହି ଦୁଇ ବର୍ଷ ଧରି ଛତୁଆ ଯୋଗାଇବା ସହ ପ୍ରି ସ୍କୁଲ ପିଲାଙ୍କୁ ଗରମ ରନ୍ଧା ଖାଦ୍ୟ ଅଙ୍ଗନବାଡ଼ି କେନ୍ଦ୍ର-୧ରେ ଯୋଗାଇ ଦିଆଯାଉଛି। ଯେଉଁ ଦୁଇ ବର୍ଷ ଅଙ୍ଗନବାଡ଼ି କର୍ମୀ ରହୁ ନ ଥିଲେ ସେହି ସମୟରେ ଜନ୍ମିତ ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କ ନାମ ପଞ୍ଜୀକରଣ କରାଯାଇ ନ ଥିବାରୁ ପ୍ରାୟ ପ୍ରି ସ୍କୁଲର ୩୨ ଜଣ ଶିଶୁ ଓ ୬ ମାସରୁ ୩ ବର୍ଷର ୨୭ ଜଣ ଶିଶୁ ପୁଷ୍ଟିକର ଖାଦ୍ୟ ସହ ଛତୁଆ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ବର୍ତ୍ତମାନ ଅଙ୍ଗନବାଡ଼ି କେନ୍ଦ୍ର ୧ର କର୍ମୀ କୌଶଲ୍ୟା ସ୍ୱାଇଁ ଅଙ୍ଗନୱାଡ଼ି-୨ ଚାର୍ଜ ନେଇ ପ୍ରି ସ୍କୁଲ ୧୪ ଶିଶୁ, ୬ ମାସରୁ ୩ ବର୍ଷର ୬ ଶିଶୁ, ପ୍ରସୂତି ୨ ଓ ଗର୍ଭବତୀ ୩ ଜଣଙ୍କୁ ଅଙ୍ଗନବାଡ଼ି ହେଲପର ରାଧା ଓଡ଼ାଦିଙ୍କ ସହିତ ସମସ୍ତ ସୁବିଧା ଯୋଗାଇ ଦେଉଛନ୍ତି। ଏହିସବୁ ସମସ୍ୟାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିବା ସହ ସିଡିପିଓ ଗୀତାଞ୍ଜଳି ମହାରଣାଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଆଧାର କରି ସିଡ଼ିପିଓ କେନ୍ଦ୍ରକୁ ଯାଇ ତଦନ୍ତ କରି ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ରିପୋର୍ଟ ପ୍ରଦାନ କରିଥିବା ଜଣାଇଛନ୍ତି। ଏବେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲାହୋଇ ଖାତା, ଖେଳଣା ସାମଗ୍ରୀ, ଟେବୁଲ ଓ ଲୁଗାପଟା ପଡ଼ି ଉଇ ଚଢ଼ି ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି। ଗ୍ରାମର ୱାର୍ଡ ମେମ୍ବର ସାନ୍ଧିଆ କଣ୍ଡାତାମରା, ସିତୁରୁ ପିଡିକା, ସଦନା ଲିମାକା, ବିଶ୍ୱଜିତ କାଡ୍ରାକା, ମାଝୀ ଓଡ଼ାଦି, ପାଣ୍ଡୁ ପିଡିକା, ବିଶ୍ୱନାଥ ଦେବରପଲ୍ଲୀ, ରାମେୟା କାଡ୍ରାକା ପ୍ରମୁଖ ନୂତନ ଭାବେ ଅଙ୍ଗନବାଡ଼ି କର୍ମୀଙ୍କୁ ନିଯୁକ୍ତି ଦେବା ପାଇଁ ଅନୁରୋଧ କରିଛନ୍ତି।

## ହଟିଲା ପେଟ୍ରୋଲ, ଡିଜେଲ ବିକ୍ରି ଉପରେ ଅସ୍ଥାୟୀ କଟକଣା

# ଆଜିଠୁ ମାଛ ଧରିବାକୁ ସମୁଦ୍ରକୁ ଯିବେ ମତ୍ସ୍ୟଜୀବୀ

ପାରାଦୀପ, ୨।୭ (ସମିସ)

ପେଟ୍ରୋଲ ଓ ଡିଜେଲ ବିକ୍ରି ଉପରେ ଥିବା ଅସ୍ଥାୟୀ କଟକଣାଳ ହଟିବା ପରେ ଆସନ୍ତାକାଲି ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯିବେ। ଏନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାତି ପହିଲେ ଶହ ଶହ ବୋଟ ପାରାଦୀପ ମାଛଧରା ବନ୍ଦରରୁ ସମୁଦ୍ରକୁ ବହାରିଯିବେ ମାଛ ମାରିବା ପାଇଁ ମତ୍ସ୍ୟଜୀବୀ। ତେବେ ଏନେଇ ମାଛଧରା ବନ୍ଦର ଏବେ ଚଳଚଞ୍ଚଳ ହୋଇଉଠିଛି। ଜୁନ ୨୭, ୨୮ ଓ ୨୯ ତିନିଦିନ ଧରି ବିଶ୍ୱ କଲ୍ୟାଣ ବରୁଣ ଶାନ୍ତି ମହାଯଜ୍ଞ ସମ୍ପର୍ଣ୍ଣ ହୋଇଥିଲା। ତେବେ ବୋଟରେ ମତ୍ସ୍ୟଜୀବୀ ଡିଜେଲ, ବରଫ, ଗ୍ୟାସ ଓ ଅନାନ୍ୟ ସାମଗ୍ରୀ ମହଜୁତ ରଖି ସରିବା ପରେ ଆସନ୍ତାକାଲିଠାରୁ ସମୁଦ୍ରକୁ ବାହାରିଯିବେ। ଜୁଲାଇ ୧ ତାରିଖରୁ ପେଟ୍ରୋଲ ଓ ଡିଜେଲ ବିକ୍ରି ଉପରେ ସରକାର ଅସ୍ଥାୟୀ କଟକଣା ହଟାଇ ଥିବାରୁ ଡିଜେଲ ଦର ଏବେ ବୋଟ ମାଲିକଙ୍କ ପାଇଁ ୧୦୪ ଟଙ୍କାରେ ପହଞ୍ଚି ପାରିଛି। ତେବେ ଏହି ଡିଜେଲ ଦାମ ପୂର୍ବରୁ ୧୪୭ ଟଙ୍କା ଥିବାବେଳେ ବୋଟ୍‌ରେ ମାଛ ଧରିବା ପାଇଁ ସମୁଦ୍ରକୁ ଯିବା ସମ୍ଭବ ହେଉ ନ ଥିଲା। ଏହି ଦାମ ଖସିବା ପରେ ଜଣେ ବୋଟ ମାଲିକ ସମୁଦ୍ରକୁ ମାଛ ଧରିବା ପାଇଁ ବୋଟ ପଠାଇବା ସମ୍ଭବ ହୋଇପାରିଛି। ଶେଷରେ ୨୦୨୬ ଜୁନ୍ ୧୨ରେ ଜାରି କରାଯାଇଥିବା ମୋଟର ସ୍ପିରିଟ୍ ଓ ହାଇସ୍ପିଡ୍ ଡିଜେଲ୍ (ଖୁଚୁରା ଆଉଟଲେଟ୍ ମାଧ୍ୟମରେ ଯୋଗାଣର ଅସ୍ଥାୟୀ ନିୟନ୍ତ୍ରଣ) ଆଦେଶକୁ ପ୍ରତ୍ୟାହାର କରାଯାଇଛି। ଯାହା ଫଳରେ ପୁଣିଥରେ ଚଳଚଞ୍ଚଳ ହୋଇପଡିଛି ମାଛ ଧରା ବନ୍ଦର। ଦୀର୍ଘ ୧୭ ଦିନ ଧରି ବନ୍ଦ ରହିଥିବା ପାରାଦୀପ ମାଛ ଧରା ବନ୍ଦର ଆସନ୍ତାକାଲିଠାରୁ ଖୋଲିବ ବୋଲି ସଙ୍ଘର ସଭାପତି ଶ୍ରୀକାନ୍ତ ପରିଡା ଓ ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

ଡିଜେଲ ଦର ଅହେତୁକ ବୃଦ୍ଧି ହୋଇଥିବାରୁ ଜୁନ ୧୪ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମାଛ ଧରା ବନ୍ଦ ରଖିବା ନେଇ ସାମ୍ବାଦିକ ସମ୍ମିଳନୀ କରି ଘୋଷଣା କରିଥିଲେ ଓଙ୍କା ସଭାପତି। ଡିଜେର ଦର ଅହେତୁ ବୃଦ୍ଧି ହୋଇଥିବାରୁ ବନ୍ଦ ରହିଥିଲା। ଯେ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ନ ହୋଇଛି ବନ୍ଦ ରହିବ ପାରାଦୀପ ମାଛ ଧରା ବନ୍ଦର ବୋଲି ସଭାପତି କହିଥିଲେ। ତେବେ ଡିଜେଲ ରେଟ ଖସିବାରୁ ପୂର୍ବଭଳି ବୋଟଗୁଡିକ ମାଛଧରି ବାକୁ ଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଆଗକୁ ଏକ ବଡ ଧରଣର ଲଘୁଚାପ ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯିବା ପରେ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଆଉଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ଏଭଳି ଲଘୁଚାପ ମତ୍ସ୍ୟଜୀବୀଙ୍କ ପାଇଁ ନୂଆ ନୁହେଁ, ଏହି ଲଘୁଚାପ କେତେ ମତ୍ସ୍ୟଜୀବୀଙ୍କୁ ପ୍ରଭାବିତ କରିବ ତାହା ଦେଖିବାକୁ ବାକି ରହିଲା। ତେବେ ୧୭ ଦିନ ଧରି ବସି ରହିଥିବା ଏହି ମତ୍ସ୍ୟଜୀବୀ ଆଉ ବସି ରହିପାରିବେନାହିଁ। କାରଣ ୫୦ ହଜାର ମତ୍ସ୍ୟଜୀବୀ ପରିବାର ଏହି ଟ୍ରେଡ଼ ଉପରେ ନିର୍ଭର କରି ଚଳୁଛନ୍ତି। ଏଭଳି କଟକଣା ଯଦି ଲାଗି ରହେ ତେବେ ସେମାନଙ୍କ ପରିବାର କିଭଳି ଚଳିବ ବୋଲି ମତ୍ସ୍ୟଜୀବୀ ଓଲଟା ପ୍ରଶ୍ନ କରିଛନ୍ତି।

## 'ଦକ୍ଷତା, ଅନୁପାଳନ ଓ ସତର୍କତା ବିଦ୍ୟୁତ୍ ସୁରକ୍ଷା ସୁନିଶ୍ଚିତ କରିବାର ଉପଯୁକ୍ତ ମାଧ୍ୟମ'



ଜଗତସିଂହପୁର, ୨।୭ (ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ଦେଢଶରଦେଉଳି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସଂଘମିତ୍ରା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରକାଶ ଦାଶ, ମୁଖ୍ୟବକ୍ତା ଭାବେ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ସରିତା ଜେନା ଓ ସସ୍ମିତା ପଣ୍ଡା ଯୋଗଦେଇ ଏହି ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ବୈଦ୍ୟୁତିକ ଦୁର୍ଘଟଣା ବା ଆଘାତରୁ ରକ୍ଷା ପାଇବାର ସତର୍କମୂଳକ ପଦକ୍ଷେପ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଶ୍ରୀ ମହାନ୍ତି ବୈଦ୍ୟୁତିକ କାର୍ଯ୍ୟ ପରିଚାଳନା କରୁଥିବା ବ୍ୟକ୍ତି ଉପଯୁକ୍ତ ଦକ୍ଷତା ସମ୍ପନ୍ନ, ଆଇନ୍, ମାନଦଣ୍ଡ ଓ ନିରାପଦ କାର୍ଯ୍ୟ ପ୍ରକ୍ରିୟାକୁ ସଠିକ୍ ଭାବେ ଅନୁପାଳନ, ନିରନ୍ତର ସତର୍କତା, ମୂଲ୍ୟାଙ୍କନ ଓ ନିରାପଦ ଆଚରଣକୁ ପ୍ରୋସାହିତ କରିବା ଏକାନ୍ତ ବିଧେୟ ବୋଲି ବୁଝାଇବା ସହ ବୈଦ୍ୟୁତିକ ଦୁର୍ଘଟଣାରୁ ସୁରକ୍ଷା ନିମନ୍ତେ ୨୧ଟି ସୁବର୍ଣ୍ଣ ନିୟମ ପାଳନ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏ ଅବସରରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅତିଥିମାନେ ସମବେତ ଭାବେ ବୈଦ୍ୟୁତିକ ସୁରକ୍ଷା ଶପଥ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ହୋଇଥିବା ଲିଖିତ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଇନ୍‌ସାଫ ପକ୍ଷରୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ମାନସ ଗୋଛାୟତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଶୁଚିସ୍ମିତା ପରିମାଣିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟରେ ଚାରାରୋପଣ କରାଯାଇଥିଲା।

# କୁସୁପୁର ବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ




ଜଗତସିଂହପୁର,୨।୭ (ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅନ୍ତର୍ଗତ ତେନ୍ତୁଲିବେଲାରୀ କୁସୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ଶକ୍ତି ବିଭାଗ ଓ ପରିବେଶ ଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱରର ମିଳିତ ସହଯୋଗରେ ସପ୍ତମ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ର୍‌ୟାଲିରେ ନିକଟସ୍ଥ ଗ୍ରାମକୁ ଯାଇ ସ୍ଲୋଗାନ ଓ ପ୍ଲାକାର୍ଡ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇବା ସହ ବିଦ୍ୟୁତ୍ ସୁରକ୍ଷା ସମ୍ପର୍କିତ ଲିଫ୍‌ଲେଟ୍ ବାଣ୍ଟିଥିଲେ ଓ ଲିଖିତ କୁଇଜ୍ ପ୍ରତିଯୋଗିତାରେ ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ଲିପ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ଜଗତସିଂହପୁର ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ରୁଦ୍ରନାରାୟଣ ପାଣିଗ୍ରାହୀ, ସହକାରୀ ନିରୀକ୍ଷକ ଆୟାଶା ମହାନ୍ତି, ଶିଶିର ବେହେରା ଓ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ଆଲୋଚକ ଭାବେ ଯୋଗଦେଇ ବିଦ୍ୟୁତ୍ ଦୁର୍ଘଟଣାରୁ ସୁରକ୍ଷା ନିମନ୍ତେ ଉପଯୁକ୍ତ ରେଟିଂର ଆଇଏସ୍‌ଆଇ. ଚିହ୍ନିତ ତାର ଓ ଉପକରଣ ବ୍ୟବହାର କରିବା ସହିତ ବିଦ୍ୟୁତିକ କାର୍ଯ୍ୟ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର କରିବା ଓ ସମସ୍ତ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା କରିବା ନିମନ୍ତେ ଧ୍ୟାନ ଦେବାକୁ ଦର୍ଶାଇଥିବା ସହ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନେବାକ କହିଥିଲେ। ଏ ଅବସରରେ ସମବେତ ଭାବେ ବୈଦ୍ୟୁତିକ ସୁରକ୍ଷା ଶପଥ ଗ୍ରହଣ କରିଥିଲେ ଓ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ବରିଷ୍ଠ ଶିକ୍ଷକ କୈବଲ୍ୟ ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ କବିତା ମଞ୍ଜରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଅପରାହ୍ନରେ ଅନୁରୂପ କାର୍ଯ୍ୟକ୍ରମ ନାଉଗାଁ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଇଂ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ପୁରାତନ ବିଦ୍ୟାର୍ଥୀ ପରିଷଦର ସଭାପତି ତଥା ବିଶିଷ୍ଟ ସମାଜସେବୀ ପ୍ରତାପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଇଂ ମହାନ୍ତି, ପରିବେଶବିତ୍ ଶ୍ରୀ ମହାନ୍ତି, ଇଂ ବେହେରା ପ୍ରମୁଖ ଯୋଗଦେଇ ବିଦ୍ୟୁତ୍ ଦୁର୍ଘଟଣାଜନିତ ଅପମୃତ୍ୟୁରୁ ଉଭୟ ମଣିଷ ଓ ଜୀବଜନ୍ତୁଙ୍କୁ ଉପଯୁକ୍ତ ସୁରକ୍ଷାମୂଳକ ପଦକ୍ଷେପମାନ ଗ୍ରହଣ କରିବା ଓ ଶକ୍ତି ସଂରକ୍ଷଣ କରିବାର ଆବଶ୍ୟକତା ଓ ସର୍ବୋପରି ଏହି ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ଗୋପାଳ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜ୍ଞାନ ଶିକ୍ଷକ ପ୍ରଭାକର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ

ଜଗତସିଂହପୁର,୨।୭(ସମିସ): ଗତ ଜୁନ ୨୩ ତାରିଖରୁ ଆରମ୍ଭ ହୋଇଥିବା ଦିନଦୟାଲ ଉପାଧ୍ୟାୟ ଡିଜିଟାଲ ଲର୍ଣ୍ଣିଂ ପ୍ରଶିକ୍ଷଣ ସଫଳତାର ସହିତ ସମାପ୍ତ କରି ପ୍ରମାଣପତ୍ର ହାସଲ କରିବା ଯୋଜନାର ବୈଠକ ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ରାଜ୍ୟ ଟୋଲିର ସହ ପ୍ରଭାରୀ ଗୋପୀ ନାଥ ସାହୁ, ରାଜ୍ୟ ସମ୍ପାଦିକା ଡ. ପ୍ରୀତି ପ୍ରତିଭା ଭୋଳ ଓ ତପନ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ୪ ନିର୍ବାଚନ ମଣ୍ଡଳୀର ୨୯ ମଣ୍ଡଳରେ ୧୫ ହଜାର କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଆସନ୍ତା ୬ ଜୁଲାଇ ମଧ୍ୟରେ ଦିଆଯିବ ବୋଲି ଲକ୍ଷ ଧାର୍ଯ୍ୟ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନଗର ମଣ୍ଡଳ ସଭାପତି ରାଜେନ୍ଦ୍ର କୁମାର ବିଶୋଇ, ଜିଲ୍ଲା ସମ୍ପାଦକ ଚିତ୍ତ ରଞ୍ଜନ ପଣ୍ଡା, ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ଦାସ, ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ମହାନ୍ତି ସର୍ଜନ ସିଂହ, ଅନୁସୂଚିତ ଜନ ଜାତି ମୋର୍ଚ୍ଚା ସଭାପତି ସବିତା ପ୍ରଧାନ ,ସମସ୍ତ ମଣ୍ଡଳ ସଭାପତି, ମଣ୍ଡଳ ଟୋଲିର ସଦସ୍ୟ ଓ ସଦସ୍ୟା ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ଟୋଲୀର ସହ ସଂଯୋଜକ ରୂପକ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

## ବନ ବିଭାଗ ପକ୍ଷରୁ ବନ ମହୋତ୍ସବ

ତିର୍ତ୍ତୋଲ, ୨।୭(ସମିସ): ଜଗତସିଂହପୁର ବନାଞ୍ଚଳ ରାହାମା ସେକ୍ସନ ବନ ବିଭାଗ ପକ୍ଷରୁ ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ତାରତୋଲ ଓ ଓଳଗଦାଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବନପାଳ ବିରଞ୍ଚିନାରାୟଣ ଆପଟ, ବନରକ୍ଷୀ ଶୁଭଶ୍ରୀ ସାହୁ, ମାମାଲି ଗୁଡ଼ିଆ ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିବାବେଳେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଉମେଶ



ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାନଦୀ କୂଳରେ ୬୦୦୦ ଚାରା ଗ୍ରୀନ ମହାନଦୀ ମିଶନ ମାଧ୍ୟମରେ ଲଗାଯିବାର ବ୍ୟବସ୍ଥା କରାଯାଇଛି।

## ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

ଜଗତସିଂହପୁର,୨।୭ (ସମିସ): ଜଗତସିଂହପୁର ଜିଲ୍ଲାରେ ଭୋଟର ତାଲିକାକୁ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଘରକୁ ଘର ବୁଲି ସର୍ଭେ କରାଯାଇ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ପଦକ୍ଷେପ ନିଆଯାଇଛି। ମତଦାନ ପ୍ରକ୍ରିୟାକୁ ଅଧିକ ସୁବିଧାଜନକ କରିବା ପାଇଁ ପ୍ରଶାସନ ପକ୍ଷରୁ ବୁଥ୍ ସଂସ୍କାର କାର୍ଯ୍ୟ କରାଯାଇଛି। ବର୍ତ୍ତମାନର ୧୦୫୧ଟି ବୁଥ୍ ସଂଖ୍ୟାରେ ୧୭୫ଟି ନୂଆ ବୁଥ୍ ଯୋଗ କରାଯାଇ ମୋଟ ସଂଖ୍ୟା ୧,୨୨୬କୁ ବୃଦ୍ଧି କରାଯାଇଛି। ଜିଲ୍ଲାର ସମସ୍ତ ୪ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ନୂଆ ବୁଥ୍ ଯୋଗ କରାଯାଇଛି। ପାରାଦୀପ: ପୂର୍ବରୁ ୨୩୩ ଥିଲା, ଏବେ ୩୮ଟି ନୂଆ ବୁଥ୍ ମିଶି ମୋଟ ୨୭୧ ହୋଇଛି। ତିର୍ତ୍ତୋଲ: ପୂର୍ବରୁ ୨୬୬ ଥିଲା, ଏବେ ୨୩ଟି ନୂଆ ବୁଥ୍ ମିଶି ମୋଟ ୨୮୯ ହୋଇଛି। ବାଲିକୁଦା ଏରସମା: ପୂର୍ବରୁ ୩୧୨ ଥିଲା, ଏବେ ୫୯ଟି ନୂଆ ବୁଥ୍ ମିଶି ମୋଟ ୩୭୧ ହୋଇଛି। ଜଗତସିଂହପୁର: ପୂର୍ବରୁ ୨୪୦ ଥିଲା, ଏବେ ୫୫ଟି ନୂଆ ବୁଥ୍ ମିଶି ମୋଟ ୨୯୫ ହୋଇଛି। ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଅଧୀନରେ ଆସନ୍ତା ଜୁଲାଇ ୫, ୨୦୨୬ (ରବିବାର) ଦିନ ଚିଠା ଭୋଟର ତାଲିକା ପ୍ରକାଶ ପାଇବାକୁ ଯାଉଛି। ଭୋଟର ତାଲିକାକୁ ସଠିକ୍ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଏହି ଚିଠା ତାଲିକା ପ୍ରକାଶ ପାଇବା ପରେ ସାଧାରଣ ନାଗରିକଙ୍କ ଯାଞ୍ଚ ନିମନ୍ତେ ଏହା ଉପଲବ୍ଧ ହେବ। ଜିଲ୍ଲାର କୌଣସି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ୍ ନ ପଡ଼ନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଚିଠା ଭୋଟର ତାଲିକାର ଯାଞ୍ଚ ଓ ଦାବି, ଆପତ୍ତି ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଉଛି। ଚିଠା ଭୋଟର ତାଲିକା ପ୍ରକାଶ ପାଇବା ପରେ ଯଦି କୌଣସି ପ୍ରକାରର ଆପତ୍ତି, ଅଭିଯୋଗ କିମ୍ବା ସଂଶୋଧନ ଥାଏ, ତେବେ ଆସନ୍ତା ୫ରୁ ଅଗଷ୍ଟ ୪ ତାରିଖ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ଚଳିତ ମାସ ୫ ତାରିଖ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ନାଗରିକ ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ିପାରିବେ, ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଦେବା ପାଇଁ ଆପତ୍ତି କରିପାରିବେ ଓ ଫର୍ମ-୮ ମାଧ୍ୟମରେ ନାମ, ଠିକଣା କିମ୍ବା ଅନ୍ୟାନ୍ୟ ଯେକୌଣସି ପ୍ରକାରର ସଂଶୋଧନ କରିପାରିବେ। ଏହି ସମଗ୍ର ପ୍ରକ୍ରିୟାରେ ଦାଖଲ ହୋଇଥିବା ସମସ୍ତ ଦାବି ଓ ଆପତ୍ତିର ଶୁଣାଣି ଏବଂ ବିଚାର ଆସନ୍ତା ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ଶେଷ କରାଯିବ। ଜଗତସିଂହପୁର ଜିଲ୍ଲାର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଏହି ପ୍ରକ୍ରିୟାରେ ସହଯୋଗ କରି ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ସୂଚିତ କରାଯାଇଛି।

## ● ପାରାଦୀପ ରୋଟାରୀ କ୍ଲବ୍‌ର ଡାକ୍ତର ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ

## ସଭାପତି ଭାବେ ଅକ୍ଷୟ ସୂତାର ଓ ସମ୍ପାଦକ ଭାବେ କାଳୀପ୍ରସାଦ ମିଶ୍ରଙ୍କ ଦାୟିତ୍ୱଗ୍ରହଣ

ପାରାଦୀପ, ୨।୭ (ସମିସ): ରୋଟାରୀ କ୍ଲବ ପାରାଦୀପ ପକ୍ଷରୁ ଜାତୀୟ ଡାକ୍ତର ଦିବସ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ ପାଳିତ ହୋଇଯାଇଛି। କ୍ଲବ ପକ୍ଷରୁ ଆୟୋଜିତ




ସଭାରେ ପ୍ରଥମେ ୨୦୨୬-୨୭ ବର୍ଷ ପାଇଁ ନୂତନ ସଭାପତି ଭାବେ ଅକ୍ଷୟଚନ୍ଦ୍ର ସୂତାର ଓ ସମ୍ପାଦକ ଭାବେ କାଳୀପ୍ରସାଦ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପରେ ଉକ୍ତ ଦିବସକୁ ପାଳନ କରାଯାଇଥିଲା। ନୂତନ ସଭାପତି ଶ୍ରୀ ସୂତାର ଓ ସମ୍ପାଦକ ଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ଡକ୍ଟର ଦୁର୍ଗାପ୍ରସାଦ ସେଠୀ, ଡକ୍ଟର ପ୍ରଶାନ୍ତ କୁମାର ମହାପାତ୍ର, ଡକ୍ଟର ଆଲୋକ କୁମାର ଲେଙ୍କାଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଆଗାମୀ ବର୍ଷର ବିଭିନ୍ନ ସମାଜସେବା କାର୍ଯ୍ୟ କେବେ ଓ କିପରି କରାଯିବ ସେ ସମ୍ପର୍କରେ ଆଲୋଚନା ହେବ ସହ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଏ ଅବକାଶରେ କ୍ଲବର ଶେଷ ବର୍ଷର ସଭାପତି କ୍ୟାପଟେନ ସୁଶାନ୍ତ କୁମାର ବାଗ ଓ ସମ୍ପାଦକ ବିପ୍ଳବ କୁମାର ଜେନାଙ୍କ ନେତୃତ୍ୱରେ କ୍ଲବ ଦ୍ୱାରା ହୋଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯିବା ସହ ପ୍ରଶଂସା କରାଯାଇଥିଲା। ଉତ୍ସବରେ ଡକ୍ଟର କୈଳାସ ମହାରଣା, ନିରଞ୍ଜନ ଖୁଣ୍ଟିଆ, ଅକ୍ଷୟ ଚନ୍ଦ୍ର ମିଶ୍ର, ସୁଦର୍ଶନ ସ୍ୱାଇଁ, ଆଶୁତୋଷ ସ୍ୱାଇଁ, ହରିହର ଦାଶ, ଦୀପକ କୁମାର ଷଡ଼ଙ୍ଗୀ, ପ୍ରଦୀପ୍ତ ସାହୁ, ଅମରେଶ ନରେଶ ସାମନ୍ତ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ୨୦୨୬-୨୭ର ନୂତନ ସଭାପତି ରୋଟାରୀଆନ ଅକ୍ଷୟ ଚନ୍ଦ୍ର ସୂତାର ଦାଇତ୍ୱ ନେବା ସହ ଆଗାମୀ କାର୍ଯ୍ୟ କିପରି ସଫଳତାର ସହ କରାଯାଇପାରିବ, ସେଥିପାଇଁ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଛନ୍ତି।

## ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଭ୍ୟାନିଟ୍ ଝାମ୍ପିନେଲେ ଦୁର୍ବୃତ୍ତ

ବାଲିକୁଦା,୨।୭ (ସମିସ): ୫୫ନଂ ଜାତୀୟ ରାଜପଥରେ ପୁଣିଥରେ ଝାମ୍ପି ଗ୍ୟାଙ୍ଗ ସକ୍ରିୟ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଦିନ ଦ୍ୱିପ୍ରହରରେ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଭ୍ୟାନିଟ୍ ବ୍ୟାଗକୁ ଦୁଇ ଦୁର୍ବୃତ୍ତ ଝାମ୍ପି ନେଇ ଫେରାର ହୋଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କ ସୃଷ୍ଟି କରିଛି। ବାଲିକୁଦା ବ୍ଲକ ଇଛାପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବାସନ୍ତୀ ପରିଡା ଗୁରୁବାର ପ୍ରାୟ ଦିନ ୧୨ଟା ସମୟରେ ଘରୁ ସ୍କୁଟି ଯୋଗେ ଡେଙ୍ଗାପୋଲ ବଜାରକୁ ଯାଇ ଗାଡ଼ି ମରାମତି କରାଇଥିଲେ। ଫେରିବା ବେଳେ ସେ ମାଧୁରୀ ବଜାରର ଏକ ଡେଜରାତି ଦୋକାନରୁ କିଛି ସାମଗ୍ରୀ କିଣି ଜାତୀୟ ରାଜପଥ-୫୫ର ବାମପାର୍ଶ୍ୱରେ ରଖିଥିବା ସ୍କୁଟି ପାଖକୁ ଯାଉଥିଲେ। ସେ ସମୟରେ ଏକ ଧଳା ରଙ୍ଗର ଆପାଚି ବାଇକ୍‌ରେ ଆସିଥିବା ଦୁଇଜଣ ଯୁବକ ତାଙ୍କ ହାତରୁ ଭ୍ୟାନିଟ୍ ବ୍ୟାଗ ଝାମ୍ପି ନେଇ ବାଲିକୁଦା ଅଭିମୁଖେ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ପୂର୍ବରୁ ସେହି ସ୍ଥାନରେ ଧଳା ରଙ୍ଗର ଆପାଚି ସହ ଏକ କଳା ରଙ୍ଗର ପଲସର ବାଇକ୍‌ରେ ୪ ଜଣ ଅଜଣା ଯୁବକ ଦୀର୍ଘ ସମୟ ଧରି ସନ୍ଦେହଜନକ ଭାବେ ଠିଆ ହୋଇଥିଲେ। ଏହା ଏକ ସଂଗଠିତ ଝାମ୍ପି ଗ୍ୟାଙ୍ଗର କାର୍ଯ୍ୟ ହୋଇପାରେ ବୋଲି ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ବାସନ୍ତୀ ପରିଡା ବାଲିକୁଦା ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ଭ୍ୟାନିଟ୍ ବ୍ୟାଗରେ ୨ ହଜାର ଟଙ୍କା, ଏଟିଏମ କାର୍ଡ, ଆଧାର କାର୍ଡ, ପ୍ୟାନ୍ କାର୍ଡ, ଦୁଇଟି ବ୍ୟାଙ୍କ ପାସ୍‌ବୁକ, ଦୁଇଟି ଚେକ୍‌ବୁକ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିଲା। ଅଭିଯୋଗ ପାଇବା ପରେ ବାଲିକୁଦା ପୁଲିସ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଛି। ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ ସହ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଚାଲିଛି।

## ଭାନୁଦେବ ବିଶ୍ୱାଳଙ୍କୁ ନବଦିଶା ଲେଖକ ସମ୍ମାନ



ବାଲିକୁଦା,୨।୭ (ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ତିତିରା ପଞ୍ଚାୟତର କେଉଟପାଳ ଗ୍ରାମରେ ଜନ୍ମିତ ଓଡ଼ିଆ ଭାଷା ସାହିତ୍ୟର ଆଗଧାଡିର କବି ଭାନୁଦେବ ବିଶ୍ୱାଳଙ୍କୁ ନବଦିଶା ଶ୍ରେଷ୍ଠ ଲେଖକ ସମ୍ମାନ ପ୍ରଦାନ କରାଯାଇଛି। ଚଳିତ ବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ବିଜ୍ଞାନର ମୁଖପତ୍ର କାୟାକଳ୍ପ, ବାସନ୍ଦରା ତରଫରୁ ପୁସ୍ତକ ଲୋକାର୍ପଣ ସମାରୋହ କଟକସ୍ଥ ଟାଉନ ହଲଠାରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଶ୍ରୀ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ବିଶ୍ୱାଳଙ୍କ ଦ୍ୱାରା ବିଭିନ୍ନ ପୁସ୍ତକ ମଲ୍ଲି ମଲ୍ହାର, ମା ପରି ମା'ଟିଏ ଓ ବିଭିନ୍ନ କବିତା, ପ୍ରବନ୍ଧ ଲେଖି ସେ ବିଭିନ୍ନ ସ୍ଥାନରେ ପୁରସ୍କୃତ ହୋଇଛନ୍ତି। ଜ୍ୟୋତ୍ସ୍ନାରାଣୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଶାସନିକ ଅଧିକାରୀ ଗୋପବନ୍ଧୁ ମଲ୍ଲିକ, ଡକ୍ଟର ପ୍ରଭାତ ରଞ୍ଜନ ବେଉରିଆ, ଡକ୍ଟର ରେଖା ପଣ୍ଡା, ଡକ୍ଟର ସୁରେନ୍ଦ୍ର କହଁର ପ୍ରମୁଖ ଉପସ୍ଥିତ ରହି ଶ୍ରୀ ବିଶ୍ୱାଳଙ୍କୁ ତାଙ୍କର କୃତି ପାଇଁ ତାଙ୍କୁ ଚଳିତ ବର୍ଷର ନବଦିଶା ଶ୍ରେଷ୍ଠ ଲେଖକ ସମ୍ମାନରେ ସମ୍ମାନିତ କରିଥିଲେ। ଏ ନେଇ ଶ୍ରୀ ବିଶ୍ୱାଳଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଜଗତସିଂହପୁରରେ 'ଭିବି-ଜୀ ରାମ ଜୀ' ଯୋଜନାର ଶୁଭାରମ୍ଭ

ଜଗତସିଂହପୁର,୨।୭(ସମିସ): ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜନସମ୍ମିଳନୀ ଓ "ଭିବି-ଜି ରାମ ଜି' ଯୋଜନାର ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ବିଭୁପ୍ରସାଦ ତରାଇ ଯୋଗଦେଇ କହିଲେ, ସମଗ୍ର ଭାରତ ବର୍ଷରେ ଆଜି ଏହି ଯୋଜନାର ଶୁଭାରମ୍ଭ କରାଯାଇଛି।

ରାଜ୍ୟର ସମସ୍ତ ପଞ୍ଚାୟତରେ ଲାଗୁ ହେଉଥିବା ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଯୋଗ୍ୟ ଗ୍ରାମୀଣ ପରିବାରକୁ ପ୍ରତି ଆର୍ଥିକ ବର୍ଷରେ ୧୨୫ ଦିନର ଆଇନଗତ ମଜୁରିଭିତ୍ତିକ ନିଯୁକ୍ତିର ଗ୍ୟାରେଣ୍ଟି ପ୍ରଦାନ କରାଯିବା ସହ ଦୈନିକ ମଜୁରୀ ବାବଦକୁ ୩୦୦ ଟଙ୍କା ପ୍ରଦାନ କରାଯିବ। ବିକଶିତ ଭାରତ ଗଠନ ନିମନ୍ତେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଛି। ପଞ୍ଚାୟତ ସ୍ତରରେ ଯୋଜନାବଦ୍ଧ ଭାବେ କାର୍ଯ୍ୟଗୁଡିକୁ ଗ୍ରହଣ କଲେ ଗ୍ରାମାଞ୍ଚଳର ଉନ୍ନତି ହେବା ସହ ପଞ୍ଚାୟତର ଆର୍ଥିକ ବିକାଶ ହୋଇପାରିବ। ଜଳ ସୁରକ୍ଷା, ମୂଳ ଗ୍ରାମୀଣ ଭିତ୍ତିଭୂମିର ବିକାଶ, ଜୀବିକା ସମ୍ବନ୍ଧୀୟ ଭିତ୍ତିଭୂମି ସୃଷ୍ଟି ଓ ଚରମ ପାଣିପାଗ ବିପର୍ଯ୍ୟୟ ପ୍ରଶମନ ମାଧ୍ୟମରେ ସଶକ୍ତ ଓ ସମୃଦ୍ଧ ଗ୍ରାମ ଗଠନ କରିବା ଏହି ଯୋଜନାର ଲକ୍ଷ୍ୟ।



ସମସ୍ତଙ୍କର ସହଭାଗିତା ରହିଲେ ଏହି ଯୋଜନା ନିଶ୍ଚିତ ଫଳପ୍ରଦ ହୋଇପାରିବ। ସୁଦୃଢ ପଞ୍ଚାୟତ ଗଠନ ପାଇଁ ସୁଦୃଢ ଭିତ୍ତିଭୂମିର ଆବଶ୍ୟକତା ରହିଛି ବୋଲି ସାଂସଦ ଶ୍ରୀ ତରାଇ ପ୍ରକାଶ କରିଥିଲେ।ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ କହିଲେ ଭିବି ଜୀ ରାମଜୀ ଯୋଜନାରେ ୧୦୦ ଦିନର କାମ ପରିବର୍ତ୍ତେ ୧୨୫ ଦିନ କାମ ଯୋଗାଇ ଦିଆଯିବ। ଏହି ଯୋଜନାରେ ୩୧୮ଟି କାମକୁ ସାମିଲ କରାଯାଇଛି। ବିକଶିତ ପଞ୍ଚାୟତ ଯୋଜନାରେ ସମସ୍ତ ଯୋଜନାର ସମନ୍ୱୟ ରଖି କାର୍ଯ୍ୟ କଲେ ପଞ୍ଚାୟତର ଅର୍ଥନୈତିକ ବିକାଶ ହୋଇପାରିବ। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ ଯୋଗଦେଇ କହିଲେ, ଆଜି ହେଉଛି ଏକ ଐତିହାସିକ ଦିନ। ଆଜିଠାରୁ ପଞ୍ଚାୟତ ସ୍ତରରେ ଏହି ଯୋଜନାକୁ ଲାଗୁ କରାଯାଇ ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ସୁଦୃଢ଼ କରାଯାଇପାରିବ। ଗ୍ରାମସଭା ଦ୍ୱାରା ବିକଶିତ ପଞ୍ଚାୟତ ଯୋଜନା କାର୍ଯ୍ୟକାରୀ କରାଯାଇ ଗ୍ରାମାଞ୍ଚଳର ଲୋକଙ୍କ ଆର୍ଥିକ ବ୍ୟବସ୍ଥାକୁ ସଶକ୍ତ ଓ ସୁଦୃଢ କରାଯାଇପାରିବ। ଏହି ଯୋଜନାରେ ଠିକ୍ ସମୟରେ ଶ୍ରମିକଙ୍କୁ ମଜୁରୀ ପ୍ରଦାନ କରାଯିବା ସହ ବିଳମ୍ବ ପାଇଁ କ୍ଷତିପୂରଣ ବ୍ୟବସ୍ଥା ରହିଛି। ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ପ୍ରସ୍ତୁତି ଓ ଏହାର ସଫଳ ରୂପାୟନ କରାଯାଇପାରିବ।

ଏହି ଉତ୍ସବରେ ଅତିରିକ୍ତ ମୁଖ୍ୟ ବିକାଶ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଯୋଗଦେଇ କହିଲେ ଜୁଲାଇ ୧ ତାରିଖଠାରୁ ଏହି ଯୋଜନା ସାରା ଦେଶରେ ଆରମ୍ଭ ହୋଇ ଆଜି ତାହାର ଶୁଭାରମ୍ଭ କରାଯାଇଛି। ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଥିବା ଅସୁବିଧା ଏହି ଭିବି ଜୀ ରାମ ଜୀ ଯୋଜନାରେ ସଂଶୋଧନ କରାଯାଇଛି। ରାଜ୍ୟ ସରକାରଙ୍କ ୪୦ ପ୍ରତିଶତ ଓ କେନ୍ଦ୍ର ସରକାରଙ୍କ ୬୦ ପ୍ରତିଶତ ଅଂଶଧନରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ବେରୋଜଗାରୀ ଭତ୍ତା ପାଇଁ ଦୃଢ଼ ପଦକ୍ଷେପ ନିଆଯାଇପାରିବ। ଏହି ଉତ୍ସବକୁ ଜିଲ୍ଲା ସଂଯୋଜକ ମଧୁସ୍ମିତା ବିଶ୍ୱାଳ ପରିଚାଳନା କରିଥିଲେ। ଉତ୍ସବରେ ଭିବି ଜୀ ରାମ ଜୀର ଲୋକପାଳ ଶିବପ୍ରସାଦ ପତି ଉପସ୍ଥିତ ଥିଲେ। ଏ ଅବସରରେ ପୂର୍ବରୁ ୧୦୦ ଦିନର କାମ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା ଶ୍ରମିକଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏରସମା ବିଡିଓ ଦାଶରଥି ଜେନା ଏହି ଯୋଜନାରେ ନିଜର ଅଭିଜ୍ଞତା ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡେପୁଟି ସିଇଓ ମଧୁସ୍ମିତା ସାହୁ, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟସଭ୍ୟା, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।